# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଫେବୃୟାରୀ ୧୫/୨୦୨୦ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, February 15/2020 | ★★★★

୪୨ଶ ଭାଗ ୮୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ପଦ୍ମିନୀଙ୍କୁ ସ୍ୱର୍ଣ୍ଣ ପଦକ**

ଜାତୀୟ ଟିମ୍ ଚେସ୍ ଚାମ୍ପିୟନଶିପ୍‌ରେ ପେଟ୍ରୋଲିୟମ ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡ ପକ୍ଷରୁ ପ୍ରତିନିଧିତ୍ୱ କରି ସ୍ୱର୍ଣ୍ଣ ପଦକ ପାଇଛନ୍ତି ଅନ୍ତର୍ଜାତୀୟ ମାଷ୍ଟର ପଦ୍ମିନୀ ରାଉତ।

୧୯

୧୨

**ଭାଲେଣ୍ଟାଇନ୍ସ ଡେ'ରେ ସ୍ତ୍ରୀଙ୍କୁ ଭୁଲିଗଲେ ଆମୀର !**

ଭାଲେଣ୍ଟାଇନ୍ସ ଡେ'ରେ ଆମୀର ଖାନ୍ ବି-ଟାଉନ୍‌ର ଜଣେ ଅଭିନେତ୍ରୀଙ୍କ ପାଇଁ ଶାୟରି ମଧ ଲେଖିଛନ୍ତି। ଯାହାକୁ ନେଇ ନିଜ ପତ୍ନୀ କିରନ୍ ରାଓ ଖପ୍ପା ହୋଇପଡ଼ିଛନ୍ତି।



# ଦୋଷ ମାନିଲେ ଅନୁପ

**ମା, ଝିଅଙ୍କ ମୃତଦେହ ଉଦ୍ଧାର ଘଟଣା**

- ସୂଚନା ଦେଲେ ରାୟଗଡ଼ ଏସ୍‌ପି
- ବିବାହ ପାଇଁ ଜିଦ୍, ସମ୍ପତ୍ତି ଭାଗ ମାଗିବାରୁ ହତ୍ୟା
- ରାଜନୈତିକ ଫାଇଦା ଉଠାଇ ପୋଲିସକୁ ସହଯୋଗ କରୁ ନ ଥିଲେ
- ନାର୍କୋ, ଡିଏନଏ ଟେଷ୍ଟ ହେବ
- ଅନୁପଙ୍କୁ ରିମାଣ୍ଡରେ ଆଣିବ ପୋଲିସ
- ସହଯୋଗୀ ଡ୍ରାଇଭରଙ୍କୁ ଖୋଜୁଛି ପୋଲିସ



ପୋଲିସର ଖବରଦାତା ସମ୍ମିଳନୀରେ ଅଭିଯୁକ୍ତ ପୂର୍ବତନ ବିଧାୟକ ଅନୁପ ସାଏ (ମଝି)।

ଝାରସୁଗୁଡ଼ା ଅଫିସ,୧୪।୨

ଝାରସୁଗୁଡ଼ା ଜିଲା ବ୍ରଜରାଜନଗରର ପୂର୍ବତନ ବିଧାୟକ ଅନୁପ ସାଏ ଜଣେ ହତ୍ୟାକାରୀ। ଛତିଶଗଡ଼ ରାଜ୍ୟ ରାୟଗଡ ଜିଲା ଚକ୍ରଧରନଗର ଥାନା ଅଧୀନ ହମିରପୁର ଜଙ୍ଗଲ ରାସ୍ତାରେ ଘଟିଥିବା ଏକ ସୁପରିକଳ୍ପିତ ଡବଲ ମର୍ଡର ଘଟଣାରେ ସେ ହିଁ ମୁଖ୍ୟ ଅଭିଯୁକ୍ତ ବୋଲି ଛତିଶଗଡ଼ ପୋଲିସ କହିଛି। ପୋଲିସ ଆଗରେ ଅନୁପ ନିଜ ଦୋଷ ସ୍ୱୀକାର କରିଛନ୍ତି । ଏହି ହତ୍ୟା ଘଟଣାର ତଦନ୍ତ କରୁଥିବା ଚକ୍ରଧରନଗର ଥାନା ପୋଲିସ ବୁଧବାର ରାତିରେ ଅନୁପଙ୍କୁ ଉଠାଇ ନେଇଥିଲା। ଗୁରୁବାର ଦିନ ତମାମ ତାଙ୍କୁ ପଚରା ଉଚୁରା କରିବା ପରେ ସେ ନିଜ ଦୋଷ ସ୍ୱୀକାର କରିଥିଲେ । ପରେ ପୋଲିସ ତାଙ୍କୁ ଗିରଫ କରିଥିଲା। ଅନୁପ ଏହି ଚାଞ୍ଚଲ୍ୟକର ଡବଲମର୍ଡର ଘଟଣାର ରହସ୍ୟ ଖୋଲିଛନ୍ତି ବୋଲି ରାୟଗଡ ଜିଲା ଏସ୍‌ପି ସନ୍ତୋଷ ସିଂ ଏକ ଖବରଦାତା ସମ୍ମିଳନୀରେ ସ୍ପଷ୍ଟ କରିଛନ୍ତି।

ଏସ୍‌ପି ସିଂ କହିଛନ୍ତି, ୨୦୧୬ ମେ ୭ ତାରିଖରେ ଚକ୍ରଧରନଗର ଥାନା ଅଧୀନ ହମିରପୁର ଜଙ୍ଗଲ ରାସ୍ତାରେ ଜଣେ ମହିଳା ଓ ତାଙ୍କ ଶିଶୁ କନ୍ୟାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ପ୍ରାଥମିକ ତଦନ୍ତ ବେଳେ ଏହା ଦୁର୍ଘଟଣାଜନିତ ମୃତ୍ୟୁ ଭଳି ଲାଗୁଥିଲା। ହେଲେ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଇଥିଲା। ହତ୍ୟାକାରୀ ସେହି ମା'ଝିଅଙ୍କୁ କୌଣସି ଧାରୁଆ ଅସ୍ତ୍ରରେ ମାରି ପରେ ସେହି ଘଟଣାକୁ ଦୁର୍ଘଟଣାର ରୂପ ଦେବାକୁ ଚେଷ୍ଟା କରିଥିଲେ ବୋଲି ପୋଲିସ ଜାଣିବାକୁ ପାଇଥିଲା। ସେତେବେଳେ ଦୁଇ ମୃତଦେହର ପରିଚୟ ମିଳି ନ ଥିଲା। ଉଭୟ ମୃତଦେହ ଡିଏନଏ ଟେଷ୍ଟ କରାଯାଇଥିଲା। ଶେଷରେ ଏକ ହତ୍ୟା ମାମଲା (ନଂ.୧୫୮/୧୬)ରୁଜୁ କରି ଉଭୟ ମୃତଦେହର ଫଟୋକୁ ଓଡିଶା, ପଶ୍ଚିମବଙ୍ଗ, ବିହାର, ମହାରାଷ୍ଟ୍ର, ଉତ୍ତରପ୍ରଦେଶ ଓ ଝାଡ଼ଖଣ୍ଡ ରାଜ୍ୟର ବିଭିନ୍ନ ଥାନାକୁ ପଠାଯାଇଥିଲା। ଏହି ଘଟଣାର ତଦନ୍ତ କରିବା ପାଇଁ ଏକ ପୋଲିସ ଟିମ୍ ବି ଗଠନ କରାଯାଇଥିଲା । ପ୍ରାୟ ୧ ବର୍ଷ ପରେ ମୃତ ମା'ଝିଅଙ୍କ ପରିଚୟ ମିଳିଥିଲା। ଓଡିଶା ପୋଲିସରେ କାର୍ଯ୍ୟରତ ସରୋଜ ଦାଶ ନାମକ ଜଣେ କନ୍‌ଷ୍ଟେବଲ ସେହି ମା'ଝିଅଙ୍କ ପରିଚୟ ସମ୍ପର୍କିତ ତଥ୍ୟ ଦେଇଥିଲେ । ମହିଳା ଜଣକ ହେଲେ ଝାରସୁଗୁଡା ଜିଲା ବ୍ରଜରାଜନଗରର କଳ୍ପନା ଦାଶ(୩୨) ଓ ତାଙ୍କ ☞ପୃଷ୍ଠା–୪

# 'ଦୃଢ଼ ଇଚ୍ଛାଶକ୍ତିରେ ଚାଲିଛି ୫–ଟି, ମୋ ସରକାର'

**ରାଜ୍ୟପାଳଙ୍କ ଅଭିଭାଷଣରେ ବିକାଶର ଚିତ୍ର**

- ୨୦୨୪ ସୁଦ୍ଧା ଗ୍ରାମାଞ୍ଚଳର ସବୁ ପରିବାରକୁ ପାଇପ ଯୋଗେ ପାନୀୟ ଜଳ
- ୪୮ ଲକ୍ଷ ଲୋକଙ୍କୁ ସାମାଜିକ ସୁରକ୍ଷା ଭତ୍ତା
- ଆଗାମୀ ଦିନରେ ବଜେଟ ସମ୍ପୂର୍ଣ୍ଣ ଡିଜିଟାଲ ହେବ
- ନିର୍ମାଣ ହେବ ୯ ହଜାର କି.ମି. ଗ୍ରାମ୍ୟ ରାସ୍ତା
- ୨୦୨୩ରେ ଭୁବନେଶ୍ୱରରେ ପୁରୁଷ ହକି ବିଶ୍ୱକପ୍
- ନଭେମ୍ବର ୩୦ରୁ ଆରମ୍ଭ ହେବ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ
- ଆରମ୍ଭ ହେବ ଶାମୁକା ବେଳାଭୂମି ପ୍ରକଳ୍ପ



ବିଧାନସଭାରେ ଶୁକ୍ରବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଅଭିଭାଷଣ ପ୍ରଦାନ କରୁଛନ୍ତି।

ଭୁବନେଶ୍ୱର,୧୪।୨(ବ୍ୟୁରୋ)

ସ୍ୱଚ୍ଛ ଉପାୟରେ ଜନସାଧାରଣଙ୍କୁ ସେବା ଯୋଗାଇ ରାଜ୍ୟ ସରକାର ପ୍ରଶାସନିକ ବ୍ୟବସ୍ଥାରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିଛନ୍ତି। ପରାମର୍ଶଭିତ୍ତିକ ପ୍ରଶାସନ ହେଉଛି ବିକାଶ ଯାତ୍ରାର ମୂଳମନ୍ତ୍ର। ଜନସାଧାରଣଙ୍କ ମତାମତ ଆଧାରରେ କାମ କରିବା ☞ପୃଷ୍ଠା–୧୫

# ରାଜ୍ୟ ସରକାରୀ କର୍ମଚାରୀଙ୍କ ୫% ମହଙ୍ଗା ଭତ୍ତା ବୃଦ୍ଧି

- ୨୦୨୦ ଜାନୁୟାରୀରୁ ଲାଗୁ
- ୧୦ % ବକେୟା ପ୍ରଦାନ ନେଇ ହୋଇସାରିଛି ଘୋଷଣା

ଭୁବନେଶ୍ୱର,୧୪।୨(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ରାଜ୍ୟ ସରକାରୀ କର୍ମଚାରୀଙ୍କ ପାଇଁ ୫% ମହଙ୍ଗା ଭତ୍ତା(ଡିଏ) ମିଳିବା ନେଇ ଘୋଷଣା କରାଯାଇଛି। ଏହା ଚଳିତବର୍ଷ ଜାନୁୟାରୀ ପହିଲାରୁ ପିଛିଲାଭାବେ ଲାଗୁ ହେବ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ) ପକ୍ଷରୁ ☞ପୃଷ୍ଠା–୪

# ଗିଟାରିଷ୍ଟ ସୋନମ୍ ଶେର୍ପାଙ୍କ ପରଲୋକ

କୋଲକାତା,୧୪।୨




ଇଣ୍ଡିଆନ ରକ୍ ବ୍ୟାଣ୍ଡ 'ପରିକ୍ରମା'ର ମୁଖ୍ୟ ଗିଟାରିଷ୍ଟ ସୋନମ୍ ଶେର୍ପାଙ୍କର ଶୁକ୍ରବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କୁ ୪୮ ବର୍ଷ ହୋଇଥିଲା। ତାଙ୍କର ଅକାଳ ବିୟୋଗ ସୁବୀର ମଲିକଙ୍କ ଦ୍ୱାରା ପ୍ରତିଷ୍ଠିତ ରକ୍ ବ୍ୟାଣ୍ଡ ପାଇଁ ଅପୂରଣୀୟ କ୍ଷତି ପହଞ୍ଚାଇଛି। ମିଳିଥିବା ଖବର ଅନୁଯାୟୀ ଶେର୍ପା ଆଗାମୀ ଚଳଚ୍ଚିତ୍ର ପାଇଁ ମ୍ୟୁଜିକ ରେକର୍ଡ କରିବାକୁ ପଶ୍ଚିମବଙ୍ଗର କୁରସେଙ୍ଗ ସହରକୁ ଯାଇଥିବାବେଳେ ତାଙ୍କୁ ହୃଦ୍‌ଘାତ ହୋଇଥିଲା। ବଲିଉଡ୍ ପାଇଁ ସେ ଅନେକ ମ୍ୟୁଜିକ୍ କମ୍ପୋଜ୍ କରିଛନ୍ତି। ☞ପୃଷ୍ଠା–୪


# ଆଜିଠୁ ସିବିଏସ୍‌ଇ ପରୀକ୍ଷା

ଭୁବନେଶ୍ୱର, ୧୪।୨(ବ୍ୟୁରୋ)

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ ବା ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେଶନ (ସିବିଏସ୍‌ଇ) ଦ୍ୱାରା ପରିଚାଳିତ ଦଶମ ଓ ଦ୍ୱାଦଶ ପରୀକ୍ଷା ଶନିବାରଠାରୁ ଆରମ୍ଭ ହେବ। ଦଶମ ପରୀକ୍ଷା ମାର୍ଚ୍ଚ ୨୦ରେ ଏବଂ ଦ୍ୱାଦଶ ପରୀକ୍ଷା ମାର୍ଚ୍ଚ ୩୦ରେ ଶେଷ ହେବ। ପ୍ରତିଦିନ ପୂର୍ବାହ୍ନ ୧୦ଟା ୩୦ରୁ ପରୀକ୍ଷା ଆରମ୍ଭ ହୋଇ ଅପରାହ୍ନ ୧ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଚାଲିବ। ଛାତ୍ରୀଛାତ୍ର ପରୀକ୍ଷାକେନ୍ଦ୍ରରେ ପୂର୍ବାହ୍ନ ୯ଟା ୩୦ ସୁଦ୍ଧା ପହଞ୍ଚିବେ। ପୂର୍ବାହ୍ନ ୧୦ଟାରେ ଉତ୍ତରଖାତା ଓ ୧୦ଟା ୧୫ରେ ପ୍ରଶ୍ନପତ୍ର ଦିଆଯିବ। ପ୍ରଶ୍ନପତ୍ର ଭଲରେ ପଢ଼ିବା, କିପରି ଓ କେଉଁ ପ୍ରଶ୍ନକୁ ଆଗେ ଉତ୍ତର ଲେଖିବାକୁ ହେବ ସେଥିପାଇଁ ଛାତ୍ରୀଛାତ୍ରଙ୍କୁ ୧୫ମିନିଟ୍ ସମୟ ଦିଆଯିବ। ଏହାପରେ ୧୦ଟା ୩୦ରୁ ପରୀକ୍ଷା ଆରମ୍ଭ ହେବ। ଚଳିତବର୍ଷ ସାରା ଦେଶରେ ଦଶମରେ ପ୍ରାୟ ୧୮ଲକ୍ଷ ଓ ଦ୍ୱାଦଶରେ ୧୨ଲକ୍ଷ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ମେ' ପ୍ରଥମ ସପ୍ତାହରେ ପରୀକ୍ଷା ଫଳ ପ୍ରକାଶ ପାଇପାରେ।






**ମାଟ୍ରିକ ପରୀକ୍ଷା ସାଥୀ ଦେଖନ୍ତୁ**
ପୃଷ୍ଠା - ୮-୯


**ଆଜିର ସମ୍ପାଦକୀୟ**

ବିଦେଶ ତାଲିମ କମିବ

**ଆଜିର ମନ୍ତବ୍ୟ**

"ପଞ୍ଜାବର ଅମରିନ୍ଦର ସିଂ ସରକାର ଶିଖ୍ ସଙ୍ଗଠନକୁ ଦୁର୍ବଳ କରିବା ଲାଗି ଷଡ଼ଯନ୍ତ୍ର କରୁଛନ୍ତି।

-ସୁଖବୀର ସିଂ ବାଦଲ, ଶିରୋମଣି ଅକାଳୀ ଦଳ ଅଧ୍ୟକ୍ଷ

**କିଛି ତଥ୍ୟ**

ଜାନୁୟାରୀରେ ରପ୍ତାନି ୧.୬୬% ହ୍ରାସ ଘଟି ୨୫.୯୭ ବିଲିୟନ ଡଲାର ରହିଛି।

–ବାଣିଜ୍ୟ ମନ୍ତ୍ରଣାଳୟ


Venco66 CHICKEN — Taste the difference!

14.02.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 46 | 88 | 98 |
| CTC | 49 | 92 | 102 |
| DKL | 47 | 89 | 99 |
| BDK | 52 | 96 | 106 |
| BLS | 53 | 97 | 107 |
| ANG | 49 | 92 | 102 |
| BHM | 46 | 88 | 98 |

*Conditions Apply

Issued in the Interest of Consumers

**ସୁପ୍ରିମକୋର୍ଟରେ ବୋମା ଆତଙ୍କ**

ସୁପ୍ରିମକୋର୍ଟ ପରିସରରେ ଶୁକ୍ରବାର ଏକ ବ୍ୟାଗ୍ ମିଳିବା ପରେ ସେଥିରେ ବୋମା ଥିବା ନେଇ ଆତଙ୍କ ଖେଳିଯାଇଥିଲା। କୋର୍ଟ ନମ୍ବର ୪ ବାହାରେ ଭିଡ଼ ଜମିଥିବା ଦେଖିବା ପରେ ମୁତୟନ ଥିବା ସୁରକ୍ଷା କର୍ମୀମାନେ ତତ୍ପର ହୋଇଯାଇଥିଲେ। ବ୍ୟାଗ୍ ପଡ଼ିଥିବା ସ୍ଥାନକୁ ସେମାନେ ଘେରିଯାଇ ତଲାସି କରିଥିଲେ। ବ୍ୟାଗ୍‌କୁ ଖୋଲି ଦେଖିବା ପରେ ସେଥିରୁ ଏକ ପାୱାର ବ୍ୟାଙ୍କ ବାହାରିଥିଲା।

# ଏଯାଏ ମିଳିନି ପୁଲୱାମା ଉତ୍ତର

**ପୁଲ୍‌ୱାମା ଆକ୍ରମଣକୁ ବର୍ଷେ ପୂରିଛି। ହେଲେ ଏହି ମାମଲାର ତଦନ୍ତ ଭାର ମୁଣ୍ଡେଇଥିବା ଏନ୍‌ଆଇଏ ଏଯାଏ ଚାର୍ଜଶିଟ ଦାଖଲ କରିପାରିନାହିଁ। ଦେଶକୁ ସୁରକ୍ଷା ଦେଉଥିବା ଯବାନଙ୍କ ସୁରକ୍ଷାରେ କିପରି ଏତେ ବଡ଼ ତ୍ରୁଟି ହେଲା। କେଉଁଠୁ ଆସିଥିଲା ଆତ୍ମଘାତୀ ବିସ୍ଫୋରଣରେ ବ୍ୟବହୃତ ବିପୁଳ ପରିମାଣର ବିସ୍ଫୋରକ। ୪୦ରୁ ଊର୍ଦ୍ଧ୍ୱ ଯବାନଙ୍କ ଜୀବନ ଯିବା ପାଇଁ ଦାୟୀ କିଏ? ଏଭଳି ଅନେକ ପ୍ରଶ୍ନ ଦେଶବାସୀଙ୍କ ମନକୁ ଏବେ ମଧ୍ୟ ଆନ୍ଦୋଳିତ କରୁଛି, ଯାହାର ଉତ୍ତର ମିଳିନାହିଁ। ଏଥିଯୋଗୁ ଦେଶକୁ ସ୍ତବ୍ଧ କରିଦେଇଥିବା ଏହି ଆକ୍ରମଣର ବର୍ଷେ ପରେ ମଧ୍ୟ ଉଠିଛି ନାନା ପ୍ରଶ୍ନ ଓ ପ୍ରସଙ୍ଗ। କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କୁ ଘେରିବା ପାଇଁ ଏହି ପ୍ରଶ୍ନଗୁଡ଼ିକୁ ଅସ୍ତ୍ର ଭାବେ ଧରିନେଇଛନ୍ତି ବିରୋଧୀ। ବର୍ଷପୂର୍ତ୍ତି ଅବସରରେ ରାଜନୀତି ବି ସରଗରମ ହୋଇଛି।**

## ମୋଦିଙ୍କ ହାତ

ପୁଲଓ୍ୱାମା ଆକ୍ରମଣରେ ପାକିସ୍ତାନର ହାତ ନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଏହି ଆକ୍ରମଣ କରାଇଥିଲେ। ନିର୍ବାଚନରେ ଭୋଟ ହାତେଇବା ପାଇଁ ଏପରି କରାଯାଇଥିଲା।

-ଜିତନ୍‌ରାମ ମାଞ୍ଝି, ଏଚ୍‌ଏଏମ୍ ମୁଖ୍ୟ





## ରାହୁଲଙ୍କ ୩ ପ୍ରଶ୍ନ

୧. ପୁଲଓ୍ୱାମା ଆକ୍ରମଣରୁ କିଏ ସବୁଠୁ ବେଶି ଫାଇଦା ପାଇଲା?

୨. ଆକ୍ରମଣର ତଦନ୍ତରୁ କ'ଣ ସାମ୍ନାକୁ ଆସିଲା?

୩. ସୁରକ୍ଷାରେ ତ୍ରୁଟି ପାଇଁ ଭାଜପା ସରକାରରେ କାହାକୁ ଉତ୍ତରଦାୟୀ କରାଯାଇଛି?

## ସମ୍ବିତ୍‌ଙ୍କ ଜବାବ

ଏହା ଏକ ନୃଶଂସ ଆକ୍ରମଣ ଥିଲା ଏବଂ ଏହାକୁ ନେଇ ନୃଶଂସ ପ୍ରଶ୍ନ ଉଠାଯାଇଛି। ରାହୁଲ ଗାନ୍ଧୀ, ତୁମେ ଲାଭର ଊର୍ଦ୍ଧ୍ୱକୁ ଯାଇ କିଛି ପ୍ରଶ୍ନ କରିପାରିବ କି? ଗାନ୍ଧୀ ପରିବାର କେବଳ ଭୌତିକ ଦୃଷ୍ଟିକୋଣରୁ ଦୁର୍ନୀତିଗ୍ରସ୍ତ ନୁହନ୍ତି, ସେମାନଙ୍କ ଆତ୍ମା ବି ଭ୍ରଷ୍ଟାଚାରୀ।

- ସମ୍ବିତ୍ ପାତ୍ର, ଭାଜପା ମୁଖପତ୍ର



## ଏନ୍‌ଆଇଏ ହାତ ଖାଲି



ନୂଆଦିଲ୍ଲୀ,୧୪।୨

ଠିକ୍ ବର୍ଷକ ତଳେ ଅର୍ଥାତ୍ ୧୪ ଫେବୃୟାରୀ ୨୦୧୯ରେ ଜମ୍ମୁ-କଶ୍ମୀରସ୍ଥିତ ପୁଲଓ୍ୱାମା ଜିଲା ଲେଥ୍‌ପୋରାରେ ଘଟିଥିଲ ଆତ୍ମଘାତୀ ବିସ୍ଫୋରଣ। କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍‌ପିଏଫ୍) ଯବାନଙ୍କୁ ନେଇ ଯାଉଥିବା ବସ୍‌ଗୁଡ଼ିକୁ ଟାର୍ଗେଟ କରି ଏହା ଘଟାଯାଇଥିଲା। ଅପରାହ୍ନ ୩ଟା ୪୫ରେ ଆଦିଲ ଅହମଦ ଦର ନାମକ ଜଣେ ସ୍ୱଳ୍ପବୟସ୍କ ଏକ କାର୍‌ରେ ବିପୁଳ ପରିମାଣର ବିସ୍ଫୋରକ ନେଇ ସିଆର୍‌ପିଏଫ୍ ବସ୍‌କୁ ଦ୍ରୁତଗତିରେ ଧକ୍କା ଦେଇଥିଲେ। ଚାହୁଁ ଚାହୁଁ ସବୁକିଛି ବସ୍ ଛିନ୍‌ଛତ୍ର ହୋଇଯାଇଥିଲା। ଏଠିସେଠି ବିଛାଡ଼ି ହୋଇ ପଡ଼ିଥିଲା ୪୦ରୁ ଊର୍ଦ୍ଧ୍ୱ ଯବାନଙ୍କ ଖଣ୍ଡବିଖଣ୍ଡିତ ମୃତଦେହ। ରକ୍ତରଞ୍ଜିତ ହୋଇଯାଇଥିଲା ଜମ୍ମୁ-ଶ୍ରୀନଗର ଜାତୀୟ ରାଜପଥ। ଆତ୍ମଘାତୀ ବିସ୍ଫୋରଣ ଘଟାଇଥିବା କାକ୍‌ପୋରା ନିବାସୀ ୨୨ ବର୍ଷୀୟ ଆଦିଲ ମଧ୍ୟ ଏଥିରେ ନିହତ ହୋଇଥିଲେ। ଏହାର କିଛି ସମୟ ପରେ ପାକିସ୍ତାନର ଆତଙ୍କବାଦୀ ସଙ୍ଗଠନ ଜୈଶ୍-ଏ-ମହମ୍ମଦ (ଜେଇଏମ୍) ଏକ ଭିଡିଓ ଜାରି କରି ଆକ୍ରମଣ ଲାଗି ନିଜକୁ ଦାୟୀ କରିଥିଲା। ହେଲେ ଭାରତ ଆକ୍ରମଣ ପାଇଁ ପାକିସ୍ତାନକୁ ଦାୟୀ କରିଥିବାବେଳେ ଇସ୍‌ଲାମାବାଦ ନିଜ ସମ୍ପୃକ୍ତିକୁ ଖଣ୍ଡନ କରିଥିଲା। ଏହାର ଦୁଇଦିନ ପରେ ଭାରତ ପକ୍ଷରୁ ପାକିସ୍ତାନର ବାଲାକୋଟସ୍ଥିତ ଆତଙ୍କବାଦୀ ତାଲିମ କେନ୍ଦ୍ରରେ ଏୟାରଷ୍ଟ୍ରାଇକ୍ କରାଯାଇଥିଲା। ଏହି ଆକ୍ରମଣକୁ ଶୁକ୍ରବାର ୩୬୫ ଦିନ ପୂରିଛି। ହେଲେ ମାମଲାର ତଦନ୍ତ ଭାର ନେଇଥିବା ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଏନେଇ କୌଣସି ନିଷ୍କର୍ଷରେ ପହଞ୍ଚିପାରି ନାହିଁ। ଏଥିରେ ସମ୍ପୃକ୍ତ ଥିବା ୫ ସନ୍ଦିଗ୍ଧ ସମୟକ୍ରମେ ଭିନ୍ନ ଭିନ୍ନ ଏନ୍‌କାଉଣ୍ଟରରେ ନିହତ ହୋଇଥିବାରୁ ଆତଙ୍କବାଦ ନିରୋଧୀ ତଦନ୍ତକାରୀ ସଂସ୍ଥା ଚାର୍ଜଶିଟ ମଧ୍ୟ ଦାଖଲ କରିପାରିନାହିଁ। ଏନ୍‌ଆଇଏର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଏହା ଆମ ପାଇଁ ଏକ ଅନ୍ଧ ମାମଲା। ଅନେକ କଥା ଉଠୁଛି। କିନ୍ତୁ କୋର୍ଟରେ ପ୍ରମାଣ କରିବା ପାଇଁ ଆମ ପାଖରେ କୌଣସି ତଥ୍ୟ ନାହିଁ। ଆକ୍ରମଣର ଷଡ଼ଯନ୍ତ୍ରକାରୀ ବା

**■ଦାଖଲ ହୋଇନାହିଁ ଚାର୍ଜଶିଟ**

**■୫ ସନ୍ଦିଗ୍ଧ ଏନ୍‌କାଉଣ୍ଟରରେ ନିହତ ହୋଇଥିବାରୁ ଆଗେଇ ପାରୁନି ତଦନ୍ତ**

ମାଷ୍ଟରମାଇଣ୍ଡ କିଏ ତାହା ସ୍ପଷ୍ଟ କରିବା ନେଇ ମଧ୍ୟ ଆମ ହାତ ଖାଲି ଅଛି ବୋଲି ଅଧିକାରୀ ଜଣକ ସ୍ୱୀକାର କରିଛନ୍ତି।

ଆଦିଲ ଅହମ୍ମଦ ଦର ବ୍ୟବହାର କରିଥିବା କାର୍‌ରେ ଆମୋନିୟମ୍ ନାଇଟ୍ରେଟ୍, ନାଇଟ୍ରୋ ଗ୍ଲିସେରିନ୍ ଏବଂ ଆର୍‌ଡିଏକ୍ସ ଭଳି ବିଧ୍ୱଂସକ ବିସ୍ଫୋରକ ରହିଥିଲା। ଏଭଳି ବିସ୍ଫୋରକ କେବଳ ସେନାରେ ବ୍ୟବହାର ହେଉଥିବାରୁ ଆତଙ୍କବାଦୀଙ୍କ ହାତରେ ତାହା କିପରି ପଡ଼ିଲା ସ୍ପଷ୍ଟ ହୋଇନାହିଁ। ସେହିପରି ସେହି କାର୍‌ର ପ୍ରକୃତ ମାଲିକ କିଏ ତାହା ପ୍ରମାଣିତ କରିବା ହେଉଛି ଏନ୍‌ଆଇଏ ଆଗରେ ଆଉ ଏକ ବଡ଼ ଚ୍ୟାଲେଞ୍ଜ। କାର୍‌ର ଶେଷ ମାଲିକ ବିଜ୍‌ବେହରା ନିବାସୀ ସଜ୍ଜାଦ ଭଟ ବୋଲି ସେତେବେଳେ ସାମ୍ନାକୁ ଆସିଥିଲା। ସଜ୍ଜାଦ ଏହି ଆକ୍ରମଣ ପରେ ଉଭାନ ହୋଇଯାଇଥିଲେ। ଗତବର୍ଷ ଜୁନରେ ସୁରକ୍ଷା ବଳର ଏନ୍‌କାଉଣ୍ଟରରେ ସେ ନିହତ ହୋଇଥିଲେ। ସେହିପରି ମୁଦାସିର ଅହମଦ, କାରି ମୁଫ୍‌ତି ୟାସେର ଏବଂ କାମରାନ୍‌ଙ୍କ ନାମ ଷଡ଼ଯନ୍ତ୍ରକାରୀ ବୋଲି ସାମ୍ନାକୁ ଆସିଥିଲା। ଏହି ୩ ଜଣ ମଧ୍ୟ ଭିନ୍ନ ଭିନ୍ନ ଏନ୍‌କାଉଣ୍ଟରରେ ନିହତ ହୋଇଥିଲେ।

## 'ଫିଲ୍ମ ଶୁଟିଂ କରୁଥିଲେ ମୋଦି'

**ଚଣ୍ଡିଗଡ଼, ୧୪।୨:** ପୁଲଓ୍ୱାମାରେ ଶହୀଦ ହୋଇଥିବା ୪୦ ସିଆର୍‌ପିଏଫ୍ ଯବାନଙ୍କ ବଳିଦାନକୁ ଆମେ ସାଲ୍ୟୁଟ୍ କରୁଛୁ। ଆକ୍ରମଣର ବର୍ଷେ ପରେ ବି ଅନେକ ପ୍ରଶ୍ନ ଅନୁତ୍ତରିତ ହୋଇ ରହିଛି ବୋଲି କଂଗ୍ରେସ ମୁଖପାତ୍ର ରଣଦୀପ ସୁର୍ଜେଓ୍ୱାଲ କହିଛନ୍ତି। ଏକ ଖବରଦାତା ସମ୍ମିଳନୀରେ ସେ ପ୍ରଶ୍ନ କରିଛନ୍ତି, ଆର୍‌ଡିଏକ୍ସ ଏବଂ ଆଇଇଡି ବୋଝେଇ କାର୍ କିପରି ଭାବେ ସୁରକ୍ଷା ଗାଡ଼ିକୁ ଆକ୍ରମଣ କରିପାରିଥିଲା? ଜମ୍ମୁ-କଶ୍ମୀରର ନିଲମ୍ବିତ ଡିଏସ୍‌ପି ଦାବିନ୍ଦର ସିଂଙ୍କ ଏହି ଆକ୍ରମଣରେ କି ଭୂମିକା ଥିଲା। ସେ ଆତଙ୍କବାଦୀମାନଙ୍କୁ ସାହାଯ୍ୟ କରିଥିଲେ କି ବୋଲି ସୁର୍ଜେଓ୍ୱାଲା ପ୍ରଶ୍ନ କରିଛନ୍ତି। ଏହାସହ ସେ କହିଛନ୍ତି, ପୁଲଓ୍ୱାମା ଆକ୍ରମଣ ଘଟିଥିବା ଜାଣିସୁଦ୍ଧା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜିମ୍ କର୍ବେଟ ନ୍ୟାଶନାଲ



ପାର୍କରେ ଫିଲ୍ମ ଶୁଟିଂ କରୁଥିଲେ। ସେ କ୍ୟାମେରା ସାମ୍ନାରେ ଚା ପିଇ ପକୋଡ଼ା ଖାଇ ନୌକାବିହାର କରୁଥିଲେ। ସ୍ୱରାଷ୍ଟ୍ରମନ୍ତ୍ରୀ ସାମ୍ନାକୁ ଆସି ଏହି ଅନୁତ୍ତରିତ ପ୍ରଶ୍ନଗୁଡ଼ିକର ଉତ୍ତର ଦେଲେ ୪୦ ଶହୀଦଙ୍କ ପ୍ରତି ଉପଯୁକ୍ତ ଶ୍ରଦ୍ଧାଞ୍ଜଳି ହେବ।



## ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

ଜମ୍ମୁ-କଶ୍ମୀରର ପୁଲଓ୍ୱାମା ଜିଲାସ୍ଥିତ ଲେଥ୍‌ପୋରାର ଆକ୍ରମଣସ୍ଥଳରେ ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ଏକ ସ୍ତମ୍ଭ ପ୍ରତିଷ୍ଠା କରାଯାଇଛି। ଶହୀଦ ହୋଇଥିବା ସମସ୍ତ ୪୦ ଯବାନଙ୍କ ନାମ ଓ ଫଟୋ ଏହି ସ୍ମାରକୀରେ ରହିଛି। ସିଆର୍‌ପିଏଫ୍‌ର ବରିଷ୍ଠ ଅଧିକାରୀମାନେ ଶୁକ୍ରବାର ଶହୀଦ ସ୍ତମ୍ଭରେ ପୁଷ୍ପ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଦେଇଛନ୍ତି।

[ଇତିହାସର ଆଇନାରେ]

### ଫେବୃୟାରୀ ୧୫ର ପ୍ରମୁଖ ଘଟଣା

୧୯୬୧ ଫେବୃୟାରୀ ୧୫ରେ ନ୍ୟୁୟର୍କରୁ ବେଲଜିୟମ୍‌ର ବ୍ରସେଲ୍ସ ଯାଉଥିବା ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହେବାରୁ ସେଥିରେ ଥିବା ୭୧ ଯାତ୍ରୀ ପ୍ରାଣ ହରାଇଥିଲେ।

୨୦୧୨ ଫେବୃୟାରୀ ୧୫ରେ ହଣ୍ଡୁରାସର କୋମାୟାଗୁଆ ସହରସ୍ଥିତ ଏକ ଜେଲରେ ଅଗ୍ନିକାଣ୍ଡ ଘଟିବାରୁ ୩୬୦ ଲୋକ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ।

## ଶପଥଗ୍ରହଣ ଉତ୍ସବକୁ ମୋଦିଙ୍କୁ ଆମନ୍ତ୍ରଣ କଲେ କେଜ୍‌ରିୱାଲ

**ନୂଆଦିଲ୍ଲୀ,୧୪।୨ :** ଦିଲ୍ଲୀ ନିର୍ବାଚନରେ ଏଏପିର ବିପୁଳ ବିଜୟ ପରେ ଆଗାମୀ ୧୬ରେ କେଜ୍‌ରିୱାଲ ମୁଖ୍ୟମନ୍ତ୍ରୀ ଭାବେ ଶପଥଗ୍ରହଣ କରିବେ। ଏଥିଲାଗି ରାମଲୀଳା ମଇଦାନରେ ପ୍ରସ୍ତୁତି ଜୋର୍ ଧରିବାରେ ଲାଗିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଏହି ଉତ୍ସବରେ ଯୋଗଦେବା ଲାଗି କେଜ୍‌ରିୱାଲ ଆମନ୍ତ୍ରଣ କରିଛନ୍ତି। ଏଥିସହ ନବନିର୍ବାଚିତ ଭାଜପାର ୮ ବିଧାୟକ, ୭ ଲୋକ ସଭା ଏମ୍‌ପିଙ୍କୁ ମଧ୍ୟ ଶପଥଗ୍ରହଣ ଉତ୍ସବରେ ଯୋଗଦେବା ଲାଗି କେଜ୍‌ରିୱାଲ ଆମନ୍ତ୍ରଣ କରିଛନ୍ତି। ୧୬ରେ ମୋଦି ନିଜ ନିର୍ବାଚନମଣ୍ଡଳୀ ବାରାଣସୀକୁ ଯାଇ ଏକାଧିକ ପ୍ରକଳ୍ପ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ତେଣୁ କେଜ୍‌ରିୱାଲଙ୍କ ଶପଥଗ୍ରହଣ ଉତ୍ସବରେ ଯୋଗଦେବା ଆଶା କ୍ଷୀଣ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ଅନ୍ୟ କୌଣସି ରାଜ୍ୟର ମୁଖ୍ୟମନ୍ତ୍ରୀ କିମ୍ବା ରାଜନେତାଙ୍କୁ ଏହି ଉତ୍ସବରେ ଯୋଗଦେବା ଲାଗି ଆମନ୍ତ୍ରଣ କରାଯାଇ ନ ଥିବା ଏଏପି ନେତା ଗୋପାଳ ରାୟ ପ୍ରକାଶ କରିଛନ୍ତି। ଦିଲ୍ଲୀ କ୍ୟାବିନେଟରେ କୌଣସି ନୂଆ ମୁହଁକୁ ନିଆଯିବ ନାହିଁ ବୋଲି କୁହାଯାଇଥିଲେ ହେଁ ଆତୀଶି ଓ ରାଘବ ଚଢାଙ୍କୁ ମନ୍ତ୍ରିମଣ୍ଡଳରେ ସ୍ଥାନ ମିଳିବାର ସମ୍ଭାବନା ରହିଛି।

## ୬୮ ଛାତ୍ରୀଙ୍କ ଅନ୍ତଃବସ୍ତ୍ର କାଢ଼ି ଯାଞ୍ଚ କଲେ

**ଭୁଜ୍,୧୪।୨ :** ଗୁଜରାଟର ଭୁଜ୍‌ସ୍ଥିତ ଶ୍ରୀ ସହଜାନନ୍ଦ ବାଳିକା କଲେଜରେ ୬୮ଜଣ ଛାତ୍ରୀଙ୍କୁ ଧର୍ମ ନାମରେ ଲଜ୍ଜାକର ପରିସ୍ଥିତିର ସାମ୍ନା କରିବାକୁ ପଡ଼ିଛି। ସେମାନଙ୍କ ଅନ୍ତଃବସ୍ତ୍ର ବଳପୂର୍ବକ କାଢ଼ି କଲେଜ କର୍ତ୍ତୃପକ୍ଷ ମାସିକ ଋତୁସ୍ରାବ ହୋଇଛି କି ନାହିଁ ପରୀକ୍ଷା କରି ଦେଖିଥିଲେ। ଋତୁସ୍ରାବ ନେଇ ହଷ୍ଟେଲ ମୁଖ୍ୟ ଧାର୍ମିକ ରୀତିନୀତିକୁ ଉଲ୍ଲଂଘନ କରାଯାଇଥିବା କଲେଜ ଅଧ୍ୟକ୍ଷଙ୍କ ଆଗରେ ଅଭିଯୋଗ କରିବା ପରେ ଜଣକ ପରେ ଜଣେ ଛାତ୍ରୀଙ୍କୁ ଅନ୍ତଃବସ୍ତ୍ର କାଢ଼ି ପରୀକ୍ଷା କରାଯାଇଥିଲା। ବଡ଼ ଆଶ୍ଚର୍ଯ୍ୟଜନକ ଭାବେ ଏନେଇ ଥାନାରେ କୌଣସି ଅଭିଯୋଗ କରାଯାଇ ନ ଥିବାବେଳେ ଏକ କମିଟି ଗଠନ କରାଯାଇ ଏହାର ତଦନ୍ତ କରାଯାଉଥିବା ଜଣାପଡ଼ିଛି। କଲେଜଟି କ୍ରାନ୍ତିଗୁରୁ ଶ୍ୟାମ୍‌ଜୀ କ୍ରିଷ୍ଣ ବର୍ମା କଚ୍ଛ ବିଶ୍ୱବିଦ୍ୟାଳୟ ଅଧୀନରେ ରହିଛି।

୨୦୧୨ରେ ଗଠନ କରାଯାଇଥିବା ଏହି କଲେଜ ସ୍ୱାମୀ ନାରାୟଣ ମନ୍ଦିର ଅନୁଗାମୀଙ୍କ ଦ୍ୱାରା ଚାଲିଆସିଛି। ମାସିକ ଋତୁସ୍ରାବ ହୋଇଥିବା ବାଳିକା ଓ ମହିଳାମାନଙ୍କୁ ମନ୍ଦିର




### ଧର୍ମ ନାମରେ ବ୍ୟଭିଚାର

କିମ୍ବା ରୋଷଘର ଭିତରକୁ ପ୍ରବେଶ ନିଷେଧ କରାଯାଇଛି। ଏମିତିକି, ଏହା ଭିତରେ କଲେଜ କର୍ମଚାରୀଙ୍କୁ କୌଣସି ପ୍ରକାର ମିଳାମିଶା ଓ ସହବାସ ଲାଗି ବାରଣ କରାଯାଇଛି। ହେଲେ କଲେଜ କର୍ତ୍ତୃପକ୍ଷ ମଝିରେ ମଝିରେ ଶ୍ରେଣୀରୁ ଛାତ୍ରୀଙ୍କୁ ଜୋର୍ ଜବରଦସ୍ତ ଆଣି ଧାଡ଼ିରେ ଠିଆ କରିବା ସହ ଜଣକ ପରେ ଜଣକୁ ଏକ କୋଠରିକୁ ନେଇ ସେମାନଙ୍କ ଅନ୍ତଃବସ୍ତ୍ର କାଢ଼ି ଏଭଳି ଦେଖିଥାନ୍ତି। କଲେଜ ଅଧ୍ୟକ୍ଷ ଛାତ୍ରୀଙ୍କୁ ଖରାପ ବ୍ୟବହାର ଦେଖାନ୍ତି ବୋଲି କେତେକ ଛାତ୍ରୀ ଅଭିଯୋଗ କରିଛନ୍ତି। ହଷ୍ଟେଲ ଆଚାର୍ଯ୍ୟ, ଟ୍ରଷ୍ଟି ସଦସ୍ୟମାନେ ମଧ୍ୟ କଲେଜ ଛାତ୍ରୀଙ୍କୁ ଦୁର୍ବ୍ୟବହାର ଦେଖାଇଥାନ୍ତି। ମାସିକ ଋତୁସ୍ରାବ ହେଲେ ଛାତ୍ରୀଙ୍କୁ ଏଠାରେ ବିଭିନ୍ନ ପ୍ରକାର ନିର୍ଯାତନା ଦିଆଯାଇଥାଏ। ମୁହଁ ଖୋଲିଲେ କିମ୍ବା ଥାନାରେ ଅଭିଯୋଗ କଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ କଲେଜରୁ ବିଦା କରାଯିବ ବୋଲି ବିଶ୍ୱବିଦ୍ୟାଳୟର କାର୍ଯ୍ୟନିର୍ବାହୀ ସଦସ୍ୟ ପ୍ରବୀଣ ପିଣ୍ଡୋରିଆ ଧମକ ଦେଉଥିବା ଛାତ୍ରୀମାନେ ଅଭିଯୋଗ କରିଛନ୍ତି। ଏମିତି କିଛି କଲେଜରେ ହେଉନାହିଁ ବୋଲି ସେ ଛାତ୍ରୀଙ୍କଠାରୁ ଲିଖିତ ଭାବେ ଦସ୍ତଖତ ନେଇଥିବା ଅଭିଯୋଗ କରାଯାଇଛି। ଏହି ଲଜ୍ଜାକର ଘଟଣା ଲୋକଲୋଚନକୁ ଆସିବା ପରେ ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଶ୍ୱବିଦ୍ୟାଳୟର ବରିଷ୍ଠ ଅଧିକାରୀ ଦର୍ଶନ ଢୋଲକିୟା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଏହି ଘଟଣା ଲୋକଲୋଚନକୁ ଆସିବା ପରେ ବିଭିନ୍ନ ମହିଳା ସଙ୍ଗଠନ ପକ୍ଷରୁ କଲେଜ କର୍ତ୍ତୃପକ୍ଷଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି।




## ୧୦ ଯୁଗ୍ମ ସଚିବଙ୍କୁ ଅତିରିକ୍ତ ସଚିବ ପାହ୍ୟାକୁ ପଦୋନ୍ନତି

**ଭୁବନେଶ୍ୱର,୧୪।୨(ବ୍ୟୁରୋ):** ରାଜ୍ୟ ସରକାର ଶୁକ୍ରବାର ୧୦ଜଣ ଯୁଗ୍ମ ସଚିବ କ୍ୟାଡର ଅଧିକାରୀଙ୍କୁ ଅତିରିକ୍ତ ସଚିବ ପାହ୍ୟାକୁ ପଦୋନ୍ନତି ଦେଇଛନ୍ତି। କିନ୍ତୁ ଉକ୍ତ ଅଧିକାରୀମାନେ ପୂର୍ବଭଳି ଯେଉଁ ପଦବୀରେ ଥିଲେ ବର୍ତ୍ତମାନ ସେହି ଦାୟିତ୍ୱ ତୁଲାଇବେ। ପରବର୍ତ୍ତୀ ନିର୍ଦ୍ଦେଶ ନ ମିଳିବା ପର୍ଯ୍ୟନ୍ତ ସେମାନଙ୍କୁ ପୂର୍ବଭଳି ନିଜ ଦାୟିତ୍ୱ ନିର୍ବାହ କରିବା ପାଇଁ କୁହାଯାଇଛି। ପୁରୀ ମ୍ୟୁନିସିପାଲିଟିର କାର୍ଯ୍ୟନିର୍ବାହୀ ଅଧିକାରୀ(ଇଓ), ଗୃହ ଓ ନଗର ଉନ୍ନୟନ ବିଭାଗର ଯୁଗ୍ମ ସଚିବ ପାହ୍ୟାରେ ଥିବା କଲ୍ୟାଣ କୁମାର ରଥ, ସୁନ୍ଦରଗଡ଼ ଜିଲାର ଏଡିଏମ୍, ଗୃହ(ନିର୍ବାଚନ) ବିଭାଗର ସିଇଓ(କାର୍ଯ୍ୟ ନିର୍ବାହୀ) ଭବାନୀ ପ୍ରସାଦ ରାଏ, ସ୍କୁଲ ଓ ଗଣଶିକ୍ଷା ବିଭାଗର ଯୁଗ୍ମ ସଚିବ ସୁଭଶ୍ରୀ ନନ୍ଦ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ଶ୍ୟାମାଳି ମହାପାତ୍ର, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଯୁଗ୍ମ ସଚିବ ମହେଶ୍ୱର ପାଣିଗ୍ରାହୀ, ଖଣି ଓ ଇସ୍ପାତ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ କାଳିପ୍ରସନ୍ନ ମହାପାତ୍ର, ଅନୁଗୋଳ ପିଡି, ଡିଆର୍‌ଡିଏ ଅତୁଲ୍ୟ କୁମାର ଚମ୍ପତିରାୟଙ୍କୁ ପଦୋନ୍ନତି ମିଳିଛି। ଏହି ଅଧିକାରୀମାନେ ବର୍ତ୍ତମାନ ଯୁଗ୍ମ ସଚିବରୁ ଅତିରିକ୍ତ ସଚିବ ପାହ୍ୟାକୁ ପଦୋନ୍ନତି ପାଇଛନ୍ତି।




# ବିଧାନସଭାରେ ଶୋକ

**ଭୁବନେଶ୍ୱର, ୧୪।୨ (ବ୍ୟୁରୋ):** ୮ ଜଣ ପୂର୍ବତନ ମନ୍ତ୍ରୀ, ବିଧାନସଭାର ପୂର୍ବତନ ସଦସ୍ୟଙ୍କ ବିୟୋଗରେ ଶୁକ୍ରବାର ଗୃହରେ ଶୋକ ପ୍ରସ୍ତାବ ଆଗତ କରାଯାଇଥିଲା। ରାଜ୍ୟପାଳଙ୍କ ଅଭିଭାଷଣ ପରେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଶୋକ ପ୍ରସ୍ତାବ ଆଗତ କରିବାକୁ କହିଥିଲେ। ମୁଖ୍ୟମନ୍ତ୍ରୀ ପୂର୍ବତନ ମନ୍ତ୍ରୀ ଭାଗବତ ପ୍ରସାଦ ମହାନ୍ତି, ଜଗନ୍ନାଥ ରାଉତ, ପୂର୍ବତନ ସଦସ୍ୟ ସଚ୍ଚିଦାନନ୍ଦ ଦେଓ, ଭାଗୀରଥି ଦାସ, ରାଧାଗୋବିନ୍ଦ ସାହୁ, ଦୈତାରୀ ବେହେରା, ନାକା ଲଛମାୟା ଏବଂ ଗୌରହରି ନାଏକଙ୍କ ବିୟୋଗରେ ଶୋକ ପ୍ରସ୍ତାବ ଆଗତ ସହ ପରଲୋକଗତ ସଦସ୍ୟମାନଙ୍କର ଜୀବନୀ ବିଷୟରେ ସୂଚନା ଦେଇଥିଲେ। ସ୍ୱର୍ଗତ ସଦସ୍ୟମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ମୁଖ୍ୟମନ୍ତ୍ରୀ ଗୃହ ମାଧ୍ୟମରେ ସମବେଦନା ଜଣାଇଥିଲେ। ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ, କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଏବଂ ସିପିଆଇ(ଏମ୍) ନେତା ଲକ୍ଷ୍ମଣ ମୁଣ୍ଡା ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଗତ ଶୋକ ପ୍ରସ୍ତାବକୁ ସମର୍ଥନ କରିବା ସହ ସ୍ୱର୍ଗତ ସଦସ୍ୟମାନଙ୍କର ସ୍ମୃତି ଚାରଣ କରିଥିଲେ। ପରଲୋକଗତ ସଦସ୍ୟମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ନିଜ ଦଳର ସମବେଦନା ବାଚସ୍ପତିଙ୍କ ଜରିଆରେ ଜଣାଇଥିଲେ। ସେହି ପରଲୋକଗତ ସଦସ୍ୟମାନଙ୍କ ସ୍ମୃତିରେ ୧ ମିନିଟ ନୀରବ ପ୍ରାର୍ଥନା ସହ ଗୃହରେ ଶୋକ ପ୍ରସ୍ତାବ ୨୦ ମିନିଟ୍ ଧରି ଆଲୋଚନା ହୋଇଥିଲା।




# ପଛୁଆ ବର୍ଗଙ୍କ ପାଇଁ ଅଧିକ ଆରକ୍ଷଣ ଦାବି କଲା ଭାଜପା

## ଚଳିତ ଅଧିବେଶନରେ ଲାଗୁ ନ ହେଲେ ୨୫ରୁ ଓବିସି ଜାଗରଣ ଅଭିଯାନ

**ଭୁବନେଶ୍ୱର,୧୪।୨(ବ୍ୟୁରୋ):** ମଣ୍ଡଳ କମିଶନଙ୍କ ସୁପାରିସ ଏବଂ ସୁପ୍ରିମକୋର୍ଟଙ୍କ ଅନୁମୋଦନ ପରେ ପଛୁଆ ବର୍ଗକୁ ସରକାରୀ ଚାକିରି, ଉଚ୍ଚ ଶିକ୍ଷାନୁଷ୍ଠାନରେ ନାମଲେଖା ଏବଂ ପଞ୍ଚାୟତ ଓ ମ୍ୟୁନିସିପାଲିଟି ନିର୍ବାଚନରେ ୨୭ ପ୍ରତିଶତ ସଂରକ୍ଷଣ ସୁବିଧା ରଖାଯାଇଛି । ଦେଶର ଅନେକ ରାଜ୍ୟରେ ଏହି ସଂରକ୍ଷଣ ବ୍ୟବସ୍ଥା ଲାଗୁ ହେଉଛି । କିନ୍ତୁ ଓଡିଶା ସରକାର ପଛୁଆବର୍ଗଙ୍କ ପାଇଁ ଆରକ୍ଷଣ ବ୍ୟବସ୍ଥା ଲାଗୁ ନ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଭାଜପା ନେତା ଐର ଖାରବେଳ ସ୍ୱାଇଁ କହିଛନ୍ତି । ଚଳିତ ବିଧାନସଭାରେ ପଛୁଆବର୍ଗଙ୍କ ପାଇଁ ଆରକ୍ଷଣ ବ୍ୟବସ୍ଥା ନ କଲେ ୨୫ରୁ ସାରା ରାଜ୍ୟରେ 'ଓବିସି ଜାଗରଣ ଅଭିଯାନ' କାର୍ଯ୍ୟକ୍ରମ ଚାଲିବ ବୋଲି ଓବିସି ମୋର୍ଚ୍ଚା ସଭାପତି କୃଷ୍ଣଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି ।

ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଶୁକ୍ରବାର ଖାରବେଳ କହିଛନ୍ତି ଯେ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ସବୁ ଆରକ୍ଷଣ ୫୦ପ୍ରତିଶତରୁ ଅଧିକା ରହିବା କଥା ନୁହେଁ । ସ୍ୱାଧୀନତା ପରଠାରୁ ଓଡ଼ିଶାରେ ଅନୁସୂଚିତ ଜାତି ଓ ଜନଜାତିଙ୍କୁ ସେମାନଙ୍କର ଜନସଂଖ୍ୟା ଅନୁସାରେ ରାଜ୍ୟରେ ୩୮.୭୫ ଭାଗ ଆରକ୍ଷଣ ଦିଆଯାଇଛି । ସମ୍ବିଧାନ ଅନୁଯାୟୀ ଅନୁସୂଚିତ ଜାତି ଓ ଜନଜାତିଙ୍କୁ ୨୨.୫ ପ୍ରତିଶତ ସଂରକ୍ଷଣ ଦିଆଯିବ । ଆଦିବାସୀଙ୍କୁ ୧୫ ଓ ଦଳିତଙ୍କୁ ୭.୫ ପ୍ରତିଶତ ସଂରକ୍ଷଣ ଦିଆଯିବ । କିନ୍ତୁ ଓଡ଼ିଶାରେ ଏହି ସଂଖ୍ୟା ଅଧିକା ଦେଖାଇ ମୂଳରୁ ରାଜ୍ୟ ସରକାର ୩୮.୭୫ ପ୍ରତିଶତ ଆରକ୍ଷଣ ଦେଉଛନ୍ତି । ଯେତେବେଳେ ଅନୁସୂଚିତ ଜାତି ଓ ଜନଜାତିଙ୍କୁ ୩୮.୭୫ ପ୍ରତିଶତ ଆରକ୍ଷଣ ଦିଆଯାଉଥିଲା, ସେତେବେଳେ ପଛୁଆ ବର୍ଗଙ୍କୁ ୨୭ ପ୍ରତିଶତ ଆରକ୍ଷଣ ଦେବାର ବ୍ୟବସ୍ଥା ନ ଥିଲା । ଏହି ଦୁଇଟିଯାକ ମିଶାଇଲେ ୬୫ ପ୍ରତିଶତରୁ ଅଧିକ ହେଉଛି। ୩ଦିନ ତଳେ ରାଷ୍ଟ୍ରୀୟ ପଛୁଆ ବର୍ଗ ଆୟୋଗ ଓଡ଼ିଶା ଗସ୍ତରେ ଆସିଥିଲେ । ଭାଜପା ଆୟୋଗକୁ ସମସ୍ତ ଘଟଣା ଜଣାଇବା ପରେ ରାତାରାତି ପଛୁଆ ବର୍ଗ କମିଶନ ଅଧ୍ୟକ୍ଷ ଘୋଷଣା କରାଯାଇଛି। ପୂର୍ବ କମିଶନ ଅଧ୍ୟକ୍ଷଙ୍କ ମୃତ୍ୟୁ ପରେ ୪ ବର୍ଷ ଧରି ଏହି ପଦବୀ ଖାଲି ଥିଲା । ପଛୁଆବର୍ଗ ଅଧ୍ୟକ୍ଷ ନିଯୁକ୍ତି ନେଇ ପୂର୍ବରୁ ଅନେକ ଥର ଦାବି କରାଯାଇଥିଲେ ମଧ୍ୟ ସରକାର ଶୁଣି ନ ଥିଲେ ।

ଭାଜପାର ଏପରି ଅଭିଯୋଗ ଉପରେ ପ୍ରତିକ୍ରିୟା ରଖି ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି ପଛୁଆବର୍ଗଙ୍କ ଉପରେ ସେମାନଙ୍କ ମନ୍ତବ୍ୟକୁ ନିନ୍ଦା କରିଛନ୍ତି। ଏହି ବର୍ଗର ଲୋକଙ୍କ ବିକାଶ ଲାଗି ଭାଜପା ନେତାଙ୍କ ପ୍ରତିବଦ୍ଧତା ଥିଲେ ୨୦୧୧ରେ ହୋଇଥିବା ଜାତିଭିତ୍ତିକ ଗଣନାର ପରିସଂଖ୍ୟାନ ପ୍ରକାଶ କରିବା ପାଇଁ ସେ ଦାବି କରିଥାଆନ୍ତେ। ଲେନିନ୍ ଆହୁରି କହିଛନ୍ତି ଯେ, କେନ୍ଦ୍ର ସରକାର ୨୦୧୧ର ଜାତିଭିତ୍ତିକ ପରିସଂଖ୍ୟାନ ରିପୋର୍ଟ ପ୍ରକାଶ କଲେ ଓଡ଼ିଶା ସରକାର ସେହି ଆଧାରରେ ଏହି ବର୍ଗଙ୍କୁ ୫୦ ପ୍ରତିଶତରୁ ଅଧିକ ସଂରକ୍ଷଣ ପ୍ରଦାନ କରିବେ ବୋଲି ଲେନିନ୍ କହିଛନ୍ତି ।

# ରାଜ୍ୟପାଳଙ୍କ ଅଭିଭାଷଣକୁ କଂଗ୍ରେସର ବର୍ଜନ

**ଭୁବନେଶ୍ୱର,୧୪।୨(ବ୍ୟୁରୋ):** ରାଜ୍ୟପାଳଙ୍କ ଅଭିଭାଷଣକୁ କଂଗ୍ରେସ ପ୍ରତ୍ୟାଖ୍ୟାନ କରିଛି। ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ଦେଶବନ୍ଦନା ପରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ସରକାରଙ୍କ ବିକାଶର ଚିତ୍ର ବିଧାନସଭାରେ ଉପସ୍ଥାପନ କରିଥିଲେ। ଏହି ସମୟରେ କଂଗ୍ରେସ ଦଳ ନେତା ନରସିଂହ ମିଶ୍ର ରାଜ୍ୟପାଳଙ୍କ ଅଭିଭାଷଣରେ କିଛି ନୂତନତ୍ୱ ନାହିଁ। ଚାଷୀ, ବେକାରି, ଆଇନ ଶୃଙ୍ଖଳା କଥା କିଛି ଉଲ୍ଲେଖ ନ ଥିବାରୁ ସେ ଏହାକୁ ବର୍ଜନ କରୁଛନ୍ତି କହି ଗୃହ ବାହାରକୁ ଚାଲିଯାଇଥିଲେ। ତାଙ୍କ ସହ କଂଗ୍ରେସର ଅନ୍ୟ ସଭ୍ୟମାନେ ମଧ୍ୟ ଚାଲିଯାଇଥିଲେ। ରାଜ୍ୟପାଳଙ୍କ ଅଭିଭାଷଣ ପରେ କଂଗ୍ରେସ ସଭ୍ୟମାନେ ଗୃହ କାର୍ଯ୍ୟରେ ଯୋଗ ଦେଇଥିଲେ। ବିଧାନସଭା ବାହାରେ ନରସିଂହ କହିଥିଲେ ଯେ, ରାଜ୍ୟପାଳଙ୍କ ପଦବୀକୁ ଆମେ ସମ୍ମାନ ଦେଉଛୁ। ସମ୍ବିଧାନ ଅନୁସାରେ ରାଜ୍ୟ ମନ୍ତ୍ରିମଣ୍ଡଳ ଅନୁମୋଦନ କରିଥିବା ବକ୍ତବ୍ୟକୁ ରାଜ୍ୟପାଳ ପାଠ କରନ୍ତି। ତେବେ ଏହି ଅଭିଭାଷଣରେ କୃଷକ, ଧାନକିଣା, ଦୁର୍ନୀତି, ଚାଷୀଙ୍କୁ କିପରି ଶୋଷଣ ମୁକ୍ତ କରାଯିବ ସେ ନେଇ କିଛି ଉଲ୍ଲେଖ କରାଯାଇ ନାହିଁ। ଉପରୁ ତଳ ଯାଏ ଦୁର୍ନୀତି ବୁଡି ରହିଛି। ବେକାରି କିମ୍ବା ଦାଦନ ଶ୍ରମିକ ସମସ୍ୟା ମୁକାବିଲା ନେଇ କିଛି ଉଲ୍ଲେଖ ନାହିଁ। ଏହାକୁ ବିରୋଧ କରି କଂଗ୍ରେସ ଦଳ କକ୍ଷ ତ୍ୟାଗ କରିଥିଲା ବୋଲି ନରସିଂହ କହିଥିଲେ।

# 'ମନୋଜ ଦେଶ ପାଇଁ ଗର୍ବ ଓ ଗୌରବ'


ଶହୀଦ ମନୋଜ ବେହେରାଙ୍କ ପ୍ରତିମୂର୍ତ୍ତି ନିକଟରେ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଓ ସିଆରପିଏଫ ଡିଆଇଜି।

**ନିମାପଡ଼ା,୧୪।୨(ଡି.ଏନ୍.ଏ.)**

ଜମ୍ମୁ-କଶ୍ମୀରର ପୁଲୱାମା ଜିଲାର ଲେଥିପୋରାରେ ୨୦୧୯ ଫେବୃୟାରୀ ୧୪ରେ ଆତଙ୍କବାଦୀଙ୍କ ଆକ୍ରମଣରେ ଶହୀଦ ହୋଇଥିବା ଓଡ଼ିଆ ଯବାନ ମନୋଜ ବେହେରା ଆମ ଦେଶ ପାଇଁ ଗର୍ବ ଓ ଗୌରବ ବୋଲି ଶୁକ୍ରବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି। ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଶହୀଦ ମନୋଜ ବେହେରାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଦାଶ ଏହା କହିଛନ୍ତି। ଆଜିର ଛାତ୍ର ଓ ଯୁବ ସମାଜ ମନୋଜଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କଲେ ରାଜ୍ୟ ଓ ଦେଶର ସ୍ୱାଭିମାନ ବଜାୟ ରହିବ। ଛାତ୍ର ଓ ଯୁବ ସମାଜ ଆଗେଇ ଆସି ନିଷ୍ଠାର ସହ ଦେଶ ମାତୃକାର ସେବା କରିବାକୁ ସଙ୍କଳ୍ପବଦ୍ଧ ହେବା ଆବଶ୍ୟକ ବୋଲି ମନ୍ତ୍ରୀ ଦାଶ କହିଥିଲେ। ଏହି ସମାରୋହରେ ସମ୍ମାନିତ ଅତିଥିଭାବେ ସିଆରପିଏଫ୍ ଡିଆଇଜି ରାମ ଚରିତ୍ର, କଲେଜ ଅଧ୍ୟକ୍ଷ ରାଜକିଶୋର ରଥ, ପ୍ରଶାସନିକ ଅଧିକାରୀ ରାଜକିଶୋର ସାବୁତ, ଅଧ୍ୟାପକ ସୁବ୍ରତ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଶହୀଦ ମନୋଜ ନିମାପଡ଼ା କଲେଜର ଛାତ୍ର ଓ ଏନ୍‌ସିସିର କ୍ୟାଡେଟ ଥିଲେ। ଅତିଥିଙ୍କ ସମେତ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀମାନେ ଶହୀଦ ମନୋଜଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ନିମାପଡ଼ାର ବିଭିନ୍ନ ସ୍କୁଲ, କଲେଜର ଏନ୍‌ସିସି କ୍ୟାଡେଟ ଓ ଛାତ୍ରୀଛାତ୍ର ଏକ ଶୋଭାଯାତ୍ରାରେ ବାହାରି ଶହୀଦ ମନୋଜ ବେହେରା ଅମର ରହେ ବୋଲି ସ୍ଲୋଗାନ ଦେଇଥିଲେ।

# ଶହୀଦ ପ୍ରସନ୍ନ ସାହୁଙ୍କ ପ୍ରତିମୂର୍ତ୍ତି ଅନାବରଣ

**ନାଉଗାଁ, ୧୪।୨ (ସ୍ୱ.ପ୍ର.):** ଜମ୍ମୁ-କଶ୍ମୀରର ପୁଲୱାମାଠାରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ନାଉଗାଁ ବ୍ଲକର ପ୍ରସନ୍ନ ସାହୁଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶୁକ୍ରବାର ଶିଖର ପଞ୍ଚାୟତ ପାରିଶିଖର ଗ୍ରାମରେ ପାଳିତ ହୋଇଯାଇଛି। ଏହି ଅବସରରେ ଦେବୀ ନଦୀ ପଠାରେ ନିର୍ମିତ ଶହୀଦ ପ୍ରସନ୍ନଙ୍କ ପ୍ରତିମୂର୍ତ୍ତିଙ୍କୁ ଜଗତ୍‌ସିଂହପୁର ଏମ୍‌ପି ଡା. ରାଜଶ୍ରୀ ମଲ୍ଲିକ ଉନ୍ମୋଚନ କରିଥିଲେ। ଏହି ପରିପ୍ରେକ୍ଷୀରେ ଆୟୋଜିତ ସ୍ମୃତିସଭାରେ ଏମ୍‌ପି ଡା. ମଲ୍ଲିକଙ୍କ ସମେତ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଶହୀଦ ପ୍ରସନ୍ନ ପାଠ ପଢୁଥିବା ଗାଁ ସ୍କୁଲକୁ ତାଙ୍କ ନାମରେ ନାମିତ କରାଯିବା ସହିତ ତାକୁ ଏକ ଆଦର୍ଶ ବିଦ୍ୟାଳୟ ଭାବେ ଗଢ଼ିବା ଓ ଉଦ୍ୟାନ ଉନ୍ନତୀକରଣ ପାଇଁ ଅନୁଦାନ ଆସିଲେ କାର୍ଯ୍ୟ ତ୍ୱରାନ୍ୱିତ କରାଯିବ ବୋଲି ଜିଲାପାଳ ମହାପାତ୍ର ସ୍ମୃତିସଭାରେ ପ୍ରତିଶ୍ରୁତି ଦେଇଥିଲେ।



ଶହୀଦ ପ୍ରସନ୍ନ ସାହୁଙ୍କ ପ୍ରତିମୂର୍ତ୍ତି ଅନାବରଣ ଅବସରରେ ଅତିଥିମାନେ।

## ଶହୀଦଙ୍କ ଗାଁରେ ପ୍ରତିମୂର୍ତ୍ତି ଅନାବରଣ

**ନିଆଳି, ୧୪।୨ (ଡି.ଏନ୍.ଏ.):** ପୁଲୱାମା ଆକ୍ରମଣରେ କଟକ ଜିଲା ନିଆଳି ବ୍ଲକ ଅନ୍ତର୍ଗତ ରତନପୁର ବାସିନ୍ଦା ସିଆର୍‌ପିଏଫ୍ ଯବାନ ମନୋଜ ବେହେରା ଶହୀଦ ହୋଇଥିଲେ। ଶୁକ୍ରବାର ମନୋଜଙ୍କ ବାସଭବନ ଓ ଶ୍ମଶାନ ଘାଟରେ ତାଙ୍କର ଦୁଇଟି ପ୍ରତିମୂର୍ତ୍ତି ଅନାବରଣ ହୋଇଯାଇଛି। ସିଆରପିଏଫ୍ ଡିଆଇଜି ରାମ ଚରିତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ବାସଭବନରେ ନିର୍ମିତ ଶହୀଦ ମନୋଜଙ୍କ ପ୍ରତିମୂର୍ତ୍ତିକୁ ଅନାବରଣ କରିଥିଲେ। ଏହା ସହ ମନୋଜଙ୍କ ବାପା ଜିତେନ୍ଦ୍ର ବେହେରା ଓ ମା' ସାବିତ୍ରୀ ବେହେରାଙ୍କୁ ଶାନ୍ତ୍ୱନା ଦେଇଥିଲେ। ସ୍ଥାନୀୟ ସରପଞ୍ଚ ଅଭିନା ସାହୁ, ଜଟାଧାରୀ ସ୍ୱାଇଁ, କେଦାରନାଥ ସାହୁ, ନିଆଳି ଥାନା ଆଇଆଇସି ବିଜୟ କୁମାର ମଲ୍ଲିକଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ। ସେହିପରି ଶ୍ମଶାନ ଘାଟରେ ନିର୍ମିତ ହୋଇଥିବା ଶହୀଦ ମନୋଜଙ୍କ ପ୍ରତିମୂର୍ତ୍ତିକୁ ବିଧାୟକ ପ୍ରଫେସର ଡା.ପ୍ରମୋଦ କୁମାର ମଲ୍ଲିକ ଅନାବରଣ କରିଥିଲେ। ଏଥିରେ ଆମ୍ବାର ଅଧ୍ୟକ୍ଷ ଆଦିତ୍ୟ ପାଣି, ଶିକ୍ଷାବିତ୍ ପ୍ରଦୀପ ଦାସ, ସରପଞ୍ଚ ରବୀନ୍ଦ୍ର ନାୟକ ଯୋଗଦେଇଥିଲେ।



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଆଦି
ପରିବାରବର୍ଗ


ଆୟୁଷ
ପରିବାରବର୍ଗ


ମଧୁସୂଦନ
ପରିବାରବର୍ଗ


ଶିବାଂଶ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଦୋଷ ମାନିଲେ ...

ଝିଅ ବବ୍‌ଲି(୧୩)। ଘଟଣା ସ୍ଥଳରୁ ମହିଳାଙ୍କ ମୋବାଇଲ ମିଳି ନ ଥିଲା। ପରେ ତାଙ୍କ ମୋବାଇଲ ନମ୍ବର ଆଣିବା ପରେ କଲ୍ ଡିଟେଲ୍ସ ଅଣାଯାଇଥିଲା। ସେଥିରୁ ପୂର୍ବତନ ବିଧାୟକ ଅନୁପ ସାଏଙ୍କ ସହିତ ତାଙ୍କର ଲିଙ୍କ୍ ଥିବା ଜଣାପଡିଥିଲା। ଏହି ତଥ୍ୟ ପାଇବା ପରେ ଛତିଶଗଡ଼ ପୋଲିସ ବିଭିନ୍ନ ସମୟରେ ଅନୁପଙ୍କୁ ନୋଟିସ ପଠାଇବା ସହିତ ଫୋନ କରି ପୋଲିସକୁ ସହଯୋଗ କରିବାକୁ କହିଥିଲା। ହେଲେ ସେ ରାଜନୈତିକ ପଦବୀରେ ଥିବାରୁ ଏହାର ଫାଇଦା ଉଠାଇ ଚାଲୁଥିଲେ। ପରେ ପୋଲିସ ସମସ୍ତ ତଥ୍ୟ, ପ୍ରମାଣ ଯୋଗାଡ କରିବା ପରେ ଗତ ୬ ମାସ ଧରି ତାଙ୍କ ଉପରେ ନଜର ରଖିଥିଲା। । ମାସକୁ ପ୍ରାୟ ୨୦ ଦିନ ଅନୁପଙ୍କ ପିଛା କରୁଥିଲା ପୋଲିସର ଏକ ସ୍ୱତନ୍ତ୍ର ଟିମ। ଶେଷରେ ଗତ ବୁଧବାର ରାତିରେ ତାଙ୍କୁ ଉଠାଇ ଆଣିଥିଲା ପୋଲିସ।

### ୨୦୧୧ରୁ କଳ୍ପନାଙ୍କ ସହ ସମ୍ପର୍କ

୨୦୧୧ରେ କଳ୍ପନାଙ୍କ ସହିତ ତାଙ୍କ ସ୍ୱାମୀ ସୁନୀଲ ଶ୍ରୀବାସ୍ତବଙ୍କ ବିବାହ ବିଚ୍ଛେଦ ହୋଇଥିଲା। ଏହାପରେ କଳ୍ପନାଙ୍କ ସହିତ ଅନୁପଙ୍କ ସମ୍ପର୍କ ବଢ଼ିଥିଲା। ସେହିବର୍ଷ ଅନୁପ ଭୁବନେଶ୍ୱର ସୁନ୍ଦରପଦାରେ ଏକ ୩ ମହଲାର ଫ୍ଲାଟ୍ ତିଆରି କରି କଳ୍ପନାଙ୍କୁ ସେଠାରେ ରଖିଥିଲେ। ଉଭୟେ ସେଠାରେ ସ୍ୱାମୀସ୍ତ୍ରୀ ଭାବେ ରହୁଥିଲେ। ଭୁବନେଶ୍ୱରର ଏକ ଘରୋଇ ସ୍କୁଲରେ ବବ୍‌ଲିଙ୍କ ଆଡମିଶନ ବେଳେ ଅନୁପ ଓ କଳ୍ପନା ଅଭିଭାବକ ଭାବେ ନିଜକୁ ଦର୍ଶାଇଥିଲେ। ବିଭିନ୍ନ ସମୟରେ ଅନୁପ ଓ କଳ୍ପନା ଦିଲ୍ଲୀ, ବିଶାଖାପଟନାମ୍, ହାଇଦ୍ରାବାଦ ଓ ଗୋଆ ଆଦି ବୁଲାବୁଲି କରିବାକୁ ଯାଉଥିଲେ। ପରେ କଳ୍ପନା କଟକରେ ଆଇନଜୀବୀ ଭାବେ କାମ କରିବା ଆରମ୍ଭ କରିଥିଲେ। ଏମିତି ଦୀର୍ଘଦିନ ଧରି ଏକା ସଙ୍ଗେ ରହିବାରୁ କଳ୍ପନା ସ୍ତ୍ରୀର ମର୍ଯ୍ୟାଦା ଦାବି କରିବା ସହିତ ସମ୍ପତ୍ତିର ଭାଗ ମାଗିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଅଧିକାଂଶ ସମୟରେ ପାଟିତୁଣ୍ଡ ହେଉଥିଲା। ଅନ୍ୟପକ୍ଷେ କଳ୍ପନା କିଛି କାମରେ ବିଳାସପୁର ଯାଉଥିଲେ। ଏହାକୁ ନେଇ ଅନୁପଙ୍କ ସନ୍ଦେହ ବଢ଼ିଥିଲା। କଳ୍ପନା ଆଉ କାହା ସହ ସମ୍ପର୍କ ରଖୁଥିବା ଅନୁପ ସନ୍ଦେହ କରିଥିଲେ। ଏହାପରେ କଳ୍ପନାଙ୍କୁ ରାସ୍ତାରୁ ହଟାଇବାକୁ ଅନୁପ ଯୋଜନା କରିଥିଲେ।

### ବିବାହ ଆଳରେ ହତ୍ୟା

ଯୋଜନା ମୁତାବକ ରାୟଗଡ ଯାଇ ଏକ ମନ୍ଦିରରେ ବିବାହ କରିବାକୁ କଳ୍ପନାଙ୍କୁ ରାଜି କରାଇଥିଲେ ଅନୁପ। ଓଡିଶାରେ ବାହାଘର ହେଲେ ଲୋକେ ଜାଣିବେ ଓ ତାଙ୍କ ରାଜନୈତିକ ଭବିଷ୍ୟତ ନଷ୍ଟ ହୋଇଯିବ କଳ୍ପନାଙ୍କୁ ସେ ଖୁବ୍ ଚତୁରତାର ସହ ବୁଝାଇ ଦେଇଥିଲେ। କଳ୍ପନା ରାଜି ହେବା ପରେ ଅନୁପ ଏଥିପାଇଁ ସମସ୍ତ ଯୋଜନା ପ୍ରସ୍ତୁତ କରିଥିଲେ । ସେଦିନ ଥିଲା ୨୦୧୬ ମେ ୫ ତାରିଖ । ପ୍ରଥମେ କଳ୍ପନା ଓ ବବ୍‌ଲିଙ୍କୁ ଏକ ଗାଡିରେ ଝାରସୁଗୁଡା ପଠାଇଦେଇଥିଲେ ଅନୁପ। ପରେ ସେ ଅନ୍ୟ ଏକ ଗାଡ଼ିରେ ପିଛା କରି ଝାରସୁଗୁଡା ଆସିଥିଲେ। ଝାରସୁଗୁଡ଼ାର ଏକ ହୋଟେଲରେ କଳ୍ପନା ଓ ବବ୍‌ଲିଙ୍କୁ ରହିବାର ବ୍ୟବସ୍ଥା କରି ଅନୁପ ବ୍ରଜରାଜନଗରସ୍ଥିତ ଘରକୁ ଫେରିଯାଇଥିଲେ। ତା'ପର ଦିନ ଅର୍ଥାତ୍ ୬ ତାରିଖ ରାତି ପ୍ରାୟ ୯ ଟାରେ ଅନୁପ ସେମାନଙ୍କୁ ନେଇ ନିଜ ଗାଡିରେ ଡ୍ରାଇଭର ବର୍ମନ ଟପ୍ପୋଙ୍କ ସହିତ ରାୟଗଡ ଅଭିମୁଖେ ବାହାରିଥିଲେ। ରାତିର ଅନ୍ଧକାର ଓ ଜଙ୍ଗଲ ରାସ୍ତାରେ ଅନୁପଙ୍କ ଗାଡ଼ି ଦ୍ରୁତଗତିରେ ଚାଲୁଥିଲା। ଏହି ସୁଯୋଗକୁ ହାତଛଡ଼ା କରି ନ ଥିଲେ ଅନୁପ। ଗାଡିରେ ଥିବା ଏକ ଲୁହା ରଡରେ କଳ୍ପନା ଓ ବବ୍‌ଲିଙ୍କ ମୁଣ୍ଡକୁ ପିଟି ଚାଲିଥିଲେ ସେ । ଅନ୍ଧକାର ଓ ନିସ୍ତବ୍ଧ ଜଙ୍ଗଲ ଭିତରେ କଳ୍ପନା ଓ ବବ୍‌ଲିଙ୍କ କରୁଣ ଚିତ୍କାର ଆସ୍ତେ ଆସ୍ତେ କମି ଆସିଥିଲା । ଶେଷରେ ଉଭୟଙ୍କ ଶରୀର ନିସ୍ତେଜ ହୋଇପଡିବା ପରେ ସେମାନଙ୍କୁ ରାସ୍ତା ଉପରେ ପକାଇ ତାଙ୍କ ଉପରେ ଗାଡି ଚଢ଼ାଇବାକୁ ଉଦ୍ୟମ କରିଥିଲେ ଅନୁପଙ୍କ ଗାଡ଼ି ଚାଳକ। ହେଲେ ସେହି ରାସ୍ତାରେ ଅନ୍ୟ ଗାଡି ଚଳାଚଳ କରୁଥିବାରୁ ଠିକ ଭାବେ ଗାଡି ଚଢ଼ାଇ ନ ପାରି ସେଠାରୁ ଖସିଯାଇଥିଲେ ଅନୁପ ଓ ଡ୍ରାଇଭର ଟପ୍ପୋ।

### ୬ରାଜ୍ୟର ୭ ଶହ ଲୋକଙ୍କୁ ପଚରାଉଚୁରା

ଏସ୍‌ପି ସିଂ ଆହୁରି କହିଛନ୍ତି, ଏହି ହତ୍ୟାକାଣ୍ଡରେ ବ୍ୟବହୃତ ଲୁହା ରଡ ମିଳିନାହିଁ । ଡ୍ରାଇଭର ବର୍ମନ ଟପ୍ପୋଙ୍କୁ ପୋଲିସ ଖୋଜିବା ଆରମ୍ଭ କରିଛି। ଶୁକ୍ରବାର ଅନୁପଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ମାମଲାରେ ଅଧିକ ତଥ୍ୟ ପାଇଁ ଅନୁପଙ୍କୁ ଡିଏନଏ ଟେଷ୍ଟ କରାଯିବ। ନାର୍କୋ ଟେଷ୍ଟ ଓ ରିମାଣ୍ଡରେ ଅଣାଯିବା ପାଇଁ କୋର୍ଟରେ ଆବେଦନ କରାଯିବ। ଅନୁପ ୨ଟି ମୋବାଇଲ ବ୍ୟବହାର କରୁଥିଲେ। ଗୋଟିଏ ମୋବାଇଲରେ କେବଳ କଳ୍ପନାଙ୍କ ସହିତ କଥା ହେଉଥିଲେ। ଏହି ହତ୍ୟାକାଣ୍ଡର ଖିଅ ପାଇବା ପାଇଁ ପୋଲିସ ୬ ରାଜ୍ୟର ପ୍ରାୟ ୭ ଶହ ଲୋକଙ୍କୁ ପଚରା ଉଚୁରା କରିଥିଲା ବୋଲି ଏସ୍‌ପି କହିଛନ୍ତି । ଅନୁପ ଦୀର୍ଘ ବର୍ଷ କଳ୍ପନାଙ୍କ ସହିତ ସ୍ୱାମୀ ସ୍ତ୍ରୀ ଭାବେ ରହିଥିଲେ । ସେ ନିଖୋଜ ହେବା ପରେ ବି ଅନୁପ ଥାନାରେ କୌଣସି ଅଭିଯୋଗ କରି ନ ଥିଲେ । ଯାହା ପୋଲିସର ସନ୍ଦେହକୁ ଆହୁରି ଦୃଢ଼ୀଭୂତ କରିଥିଲା। ଏହି ଘଟଣାରେ ଅନ୍ୟ କେତେଜଣ ସମ୍ପୃକ୍ତ ଥିବା ପୋଲିସ ସନ୍ଦେହ କରୁଛି ବୋଲି ଏସ୍‌ପି କହିଛନ୍ତି।

### ଦୋଷୀଙ୍କୁ ଫାଶୀଦଣ୍ଡରେ ଦଣ୍ଡିତ କରାଯାଉ

ଅନ୍ୟପକ୍ଷେ କଳ୍ପନାଙ୍କ ସ୍ୱାମୀ ତଥା ଝାରସୁଗୁଡ଼ା ବାସିନ୍ଦା ସୁନୀଲ ଶ୍ରୀବାସ୍ତବ ଗଣମାଧ୍ୟମକୁ କହିଛନ୍ତି, କଳ୍ପନା ଜଣେ ଉଚ୍ଚ ଅଭିଳାଷୀ ମହିଳା ଥିଲେ । ଏହି ଅଭିଳାଷ ଓ ବଡ ହେବାର ସ୍ୱପ୍ନ ତାଙ୍କ ଜୀବନ ନେଲା। ତେବେ ଝିଅ ବବ୍‌ଲିର କିଛି ଭୁଲ ନ ଥିଲା। ନିଷ୍ପାପ ଶିଶୁକୁ ନିର୍ମମ ଭାବେ ହତ୍ୟା କରିଥିବା ଅନୁପଙ୍କୁ ଦଣ୍ଡ ସ୍ୱରୂପ ଫାଶୀ ଦିଆଯାଉ ବୋଲି ସେ ଦାବି କରିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ରାଜ୍ୟ ସରକାରୀ...

ଶୁକ୍ରବାର ଏହି ସୂଚନା ଦିଆଯାଇଛି। ଏଥି ସହିତ ଅର୍ଥ ବିଭାଗ ପକ୍ଷରୁ ବିଜ୍ଞପ୍ତି ମଧ୍ୟ ପ୍ରକାଶ ପାଇଛି। ଏହି ଘୋଷଣାର ଗୋଟିଏ ଦିନ ପୂର୍ବରୁ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ପୂର୍ବ ବକେୟା ଦରମାରୁ ୧୦ ପ୍ରତିଶତ ଦେବାକୁ ଘୋଷଣା କରିସାରିଛନ୍ତି। ଅର୍ଥାତ୍ ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟରତ କର୍ମଚାରୀ ୧୦ ପ୍ରତିଶତ ବକେୟା ରାଶି ସହ ୫ ପ୍ରତିଶତ ମହଙ୍ଗା ଭତ୍ତା ପାଇବେ। ଏହାକୁ ରାଜ୍ୟ ସରକାରୀ କର୍ମଚାରୀଙ୍କ ମହଲରେ ସ୍ୱାଗତ କରାଯାଇଛି। ହେଲେ ଅଧିକାଂଶ କର୍ମଚାରୀ ବଳକା ୫୦ ପ୍ରତିଶତ ବକେୟା ଦରମା ଏବଂ ଗତବର୍ଷ ଜୁଲାଇରୁ ମହଙ୍ଗା ଭତ୍ତା ମିଳୁ ବୋଲି ମତ ରଖିଛନ୍ତି। ରାଜ୍ୟ ସରକାରୀ କର୍ମଚାରୀ ବର୍ତ୍ତମାନ ୧୨ ପ୍ରତିଶତ ମହଙ୍ଗା ଭତ୍ତା ପାଉଛନ୍ତି। ଏବେ ଘୋଷିତ ୫ ପ୍ରତିଶତ ମିଶାଇଲେ ଏହା ୧୭ ପ୍ରତିଶତକୁ ବୃଦ୍ଧି ପାଇଛି। ହେଲେ ଗତବର୍ଷ ଜୁଲାଇ ପହିଲାରୁ ଏହି ମହଙ୍ଗା ଭତ୍ତା ପାଇବା କଥା। ତେଣୁ ଏହି ୬ ମାସର ଡିଏ କେବେ ମିଳିବ ବୋଲି କର୍ମଚାରୀ ଏବଂ ପେନସନ୍‌ଭୋଗୀ ମହଲରେ ଆଲୋଚନା ହେଉଛି। ଅପରପକ୍ଷରେ କେନ୍ଦ୍ର ସରକାରଙ୍କ କର୍ମଚାରୀ ଗତ ଜୁଲାଇରୁ ଏହି ୫ ପ୍ରତିଶତ ବର୍ଦ୍ଧିତ ମହଙ୍ଗା ଭତ୍ତା ପାଇ ଆସୁଛନ୍ତି। ରାଜ୍ୟରେ ଏହି ସମସ୍ୟାର ସମାଧାନ ପାଇଁ କେତେକ କର୍ମଚାରୀ ଗଠନଧର୍ମୀ ପ୍ରସ୍ତାବ ମଧ୍ୟ ରଖିଛନ୍ତି। ଅବଶିଷ୍ଟ ୫୦ ପ୍ରତିଶତ ବକେୟା ଦରମା ଏବଂ ବକେୟା ୬ ବର୍ଷର ମହଙ୍ଗା ଭତ୍ତାର ଅର୍ଥରାଶି କର୍ମଚାରୀମାନଙ୍କ ଜିପିଏଫ୍ ଆକାଉଣ୍ଟକୁ ଟ୍ରାନ୍ସଫର କରିବାକୁ ପ୍ରସ୍ତାବ ରଖିଛନ୍ତି। ଏହାଦ୍ୱାରା କର୍ମଚାରୀମାନେ ନଗଦ ଅର୍ଥ ନ ପାଇଲେ ମଧ୍ୟ , ଏହି ଜମା ଅର୍ଥ ରାଶି ଉପରେ ସୁଧ ପାଇ ପାରିବେ ବୋଲି କେତେକ ମତ ରଖିଛନ୍ତି। ସରକାର ଯଦି ଏସବୁ ବିଚାର କରି ଉଚିତ ପଦକ୍ଷେପ ନିଅନ୍ତି, ତେବେ ରାଜ୍ୟର ପ୍ରାୟ ୪.୫ ଲକ୍ଷ ସରକାରୀ କର୍ମଚାରୀ ଏବଂ ୩.୫ ଲକ୍ଷ ପେନ୍‌ସନ ଭୋଗୀ ଉପକୃତ ହୋଇପାରିବେ। ଏଥିପାଇଁ ବାର୍ଷିକ ୬୦୦ କୋଟି ଟଙ୍କାର ଅନୁଦାନ ଆବଶ୍ୟକ ହେବ ବୋଲି ପୂର୍ବାନୁମାନ କରାଯାଇଛି।

### ଗିଟାରିଷ୍ଟ ସୋନମ୍ ...

ସେ ଦିଲ୍ଲୀରେ ଏକ ସଙ୍ଗୀତ ବିଦ୍ୟାଳୟ ଚଳାଉଥିଲେ। ତାଙ୍କ ପରଲୋକରେ ସଙ୍ଗୀତ ଓ ବଲିଉଡ୍ ଚିତ୍ରଜଗତର ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ଶେର୍ପାଙ୍କ ଅକାଳ ବିୟୋଗରେ ମର୍ମାହତ ବୋଲି ଫାର୍‌ହାନ ଅଖତର ତାଙ୍କ ଶୋକବାର୍ତ୍ତାରେ ଲେଖିଛନ୍ତି। ସେହିପରି ସଙ୍ଗୀତକାର ଏହସାନ୍ ଶୋକବାର୍ତ୍ତାରେ କହିଛନ୍ତି, ରକ୍ ବ୍ୟାଣ୍ଡ୍ ଗିଟାରିଷ୍ଟ ଶେର୍ପାଙ୍କ କାର୍ଯ୍ୟ ସ୍ମରଣୀୟ ହୋଇ ରହିବ। ୧୯୭୧ ଅକ୍ଟୋବର ୮ରେ ପଶ୍ଚିମବଙ୍ଗର କାଲିମ୍‌ପଙ୍ଗ୍‌ରେ ଜନ୍ମିତ ଶେର୍ପା ୯ ବର୍ଷ ବୟସରୁ ଗିଟାର ବଜାଇବା ଆରମ୍ଭ କରିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର ବିବାଦୀୟ ପରିସ୍ଥିତିରେ ବନ୍ଧୁମାନଙ୍କ ସହାୟତାରେ ପରିସ୍ଥିତିକୁ ହାଲ୍‌କା କରିବାରେ ସମର୍ଥ ହେବେ । ଶିଳ୍ପ, ବ୍ୟବସାୟ ଓ ବାଣିଜ୍ୟରେ ପୂର୍ବରୁ ଲାଗିରହିଥିବା ସମସ୍ୟା ସକାଶେ ଚିନ୍ତା କରିବାକୁ ପଡ଼ିପାରେ । ଅତି ଭଲ ପାଉଥିବା ବନ୍ଧୁଟି ପ୍ରତି ନିର୍ଦ୍ଦୟ ହୁଅନ୍ତୁ ନାହିଁ , ବରଂ କିଛି ସାହାଯ୍ୟ କରନ୍ତୁ ଭଲ ହେବ ।

**ବୃଷ** ସକାଳୁ ସକାଳୁ କିଛି ଘରର କଥା, ମତ ମତାନ୍ତର, ଦୂରଯାତ୍ରା ଓ ବନ୍ଧୁବର୍ଗଙ୍କ ବିଷୟରେ ଚିନ୍ତା କରିବେ। କିନ୍ତୁ କର୍ମକ୍ଷେତ୍ରରେ ସ୍ନେହ,ସହାନୁଭୂତି ଯୋଗୁ ସମସ୍ୟା ଓ ଦୁଃଖକୁ କିଛିକ୍ଷଣ ପାଇଁ ଭୁଲିଯାଇପାରନ୍ତି। ମନ ଭିତରେ ଘାରିହେଉଥିବା ଘଟଣାଗୁଡ଼ିକ ସମାଧାନ ସକାଶେ ପରିବାରରୁ ପୂର୍ଣ୍ଣ ସମର୍ଥନ ପାଇବେ ନାହିଁ।

**ମିଥୁନ** ହାତକୁ ନେଇଥିବା କାମ ସବୁ ଠିକ୍ ହୋଇଯିବ ଏବଂ ପାରିବାରିକ ଜୀବନ ସୁଖ ସନ୍ତୋଷରେ କାଟିବ। ସୁନ୍ଦର କଥା ଓ ସରଳ ବ୍ୟବହାର ହେତୁ ବହୁ ବିପଦରୁ ରକ୍ଷା ପାଇବେ। ବାଣିଜ୍ୟ,ବ୍ୟବସାୟରେ ସାଧାରଣ ସମସ୍ୟା ଦେଖାଦେଇପାରେ। କର୍ମକ୍ଷେତ୍ରରେ ମାନସିକ ଦ୍ୱନ୍ଦ୍ୱ ହେତୁ ନିଷ୍ପତ୍ତି ନେବାରେ ବିଳମ୍ବିତ କରାଇବ।

**କର୍କଟ** ପୂର୍ବାପେକ୍ଷା ଆପଣଙ୍କ ପରିସ୍ଥିତି କିଛି ମନ୍ଦହେବ ନାହିଁ ତଥାପି ଅଧିକ ଆଶା କରି ନ ପାଇବା କାରଣରୁ ମନ ଅଶାନ୍ତ ରହିବ। ପାରିବାରିକ ଜୀବନରେ ଉତ୍‌ଥାନ ପତନ ଲାଗି ରହିବା ହେତୁ ସାମୟିକ ଚିନ୍ତିତ ରହିପାରନ୍ତି। ସହକର୍ମୀ ସହଯୋଗର ହାତ ବଢ଼ାଇବେ ଓ ସାହାଯ୍ୟ କରିବାକୁ ଆଗେଇ ଆସିପାରନ୍ତି। ଭୁଲ୍ ବୁଝାମଣା ହେତୁ ଅଫିସରେ ସମସ୍ୟା ବଢ଼ିପାରେ।

**ସିଂହ** କର୍ମକ୍ଷେତ୍ରରେ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିବ ଓ କାମକୁ ମନ୍ଥର କରିପାରେ। ରାଜନୀତି, ଆନୁଷ୍ଠାନିକ କାମ, ସଭାସମିତି, ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ । କଳା, ସାହିତ୍ୟ, ସାମ୍ବାଦିକତା, ବନ୍ଧୁଙ୍କୁ ଦେଖା କରିବା ପ୍ରଭୃତି ସକାଶେ କୌଣସି ଅସୁବିଧା ହେବନି।

**କନ୍ୟା** ପାରିବାରିକ ବିଷମତାକୁ ନେଇ ଆପଣ ଯେତିକି ଯେତିକି ଭାବୁଥିବେ ସେତିକି ମନଟା ବିଷାଦିତ ରହିବ। ଏଣେ କର୍ମକ୍ଷେତ୍ରରେ ବିଭିନ୍ନ ପ୍ରକାର ପ୍ରତିବନ୍ଧକ ହେତୁ କାମ ଗୁଡ଼ିକ ବିଶୃଙ୍ଖଳିତ ହୋଇଯିବ। ଆଜି ସକାଳୁ କିଛି ନୂତନ ଖବର ପାଇବାର ସୁଯୋଗ ଜୁଟିବା ସୂଚନା ରହିଛି। ଆଇନ ଅଦାଲତ, ପ୍ରଶାସନ ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ।

**ତୁଳା** ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିବା ସହ ଅଭିଳଷିତ କାମ କରିପାରିବେ ନାହିଁ। ଗତକାଲିର ଯୋଜନା ଠିକ୍ ଭାବରେ ସମ୍ପନ୍ନ କରିବା ପାଇଁ ବହୁପ୍ରକାର ଚେଷ୍ଟା କରିପାରନ୍ତି। ଯେତେ ଭଲ କାମ କଲେ ମଧ୍ୟ ଟିକିଏ ଟିକିଏ କଥାରେ ଚିହ୍ନାପଡ଼ି ସମାଲୋଚିତ ହେବେ।

**ବିଛା** ସବୁ ସୁବିଧା ଥିଲେ ମଧ୍ୟ କୌଣସି କାମରେ ପୂର୍ଣ୍ଣ ସନ୍ତୋଷ ମିଳିବ ନାହିଁ, ସବୁ କାମ ଦରଖଣ୍ଡିଆ ରହିଯିବ। ଆପଣଙ୍କ ଚେଷ୍ଟା ସଫଳ ହେବାରେ ଜଣେ ପୁରାତନ ବନ୍ଧୁ ସାହାଯ୍ୟ କରିବେ । ପୂର୍ବ ସ୍ଥିରୀକୃତ କାର୍ଯ୍ୟ ସକାଶେ ଘରେ ବନ୍ଧୁମିଳନ ଓ ଖୁସିର ଆସର ଜମିପାରେ । କିଛି ଅଘଟଣ ଆଶଙ୍କାକରି ଅନୁରାଧା ନକ୍ଷତ୍ରର ମନ ବିବ୍ରତ ରହିପାରେ।

**ଧନୁ** ଆଜି ସାଧାରଣ କଥାରେ ଆକସ୍ମିକ କଳହ କିମ୍ବା ପକେଟମାର ଅଥବା ଚୋରି ଜନିତ ଧନହାନିର ସୂଚନା ରହିଛି। କିନ୍ତୁ ନିଜର ଦୃଢ଼ତା ହେତୁ କର୍ମକ୍ଷେତ୍ରରେ ଆଶାନୁରୂପକ ସଫଳତା ହାସଲ କରିବେ। ପୂର୍ବାଷାଢ଼ା ନକ୍ଷତ୍ରର କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ । ସୁଯୋଗ ପାଇଲେ ମଧ୍ୟ ସଦୁପଯୋଗ କରିପାରିବେନି।

**ମକର** ଆଜିର ଯାତ୍ରା ଶୁଭପ୍ରଦ ହେବ ଏବଂ କାମଗୁଡ଼ିକ ମଧ୍ୟ ଆଶାନୁରୂପ ହେବା କାରଣରୁ ମନ ଖୁସିହୋଇଯିବ। କିନ୍ତୁ ଆଗନ୍ତୁକ ବନ୍ଧୁଙ୍କ ଆଗମନରେ ଯେତିକି ଖୁସି ହେବେ ତା'ଠାରୁ ତାଙ୍କର ମତିଗତି ଓ କାର୍ଯ୍ୟକଳାପରେ ସେତିକି ଅସନ୍ତୁଷ୍ଟ ହେବେ। ଶିଳ୍ପ, ବାଣିଜ୍ୟ ଓ କଳା କାରିଗରି, ପରିବହନରେ ପ୍ରତିବନ୍ଧକର ସାମ୍ନା କରିବାକୁ ପଡ଼ିପାରେ।

**କୁମ୍ଭ** ଆଜିର ଆବଶ୍ୟକତା ପୂରଣ ସକାଶେ ପରିସ୍ଥିତିରେ ପଡ଼ି ଧାରକରଜ କରିବାକୁ ବାଧ୍ୟ ହେବେ। ଅଫିସରେ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ପାରିବାରିକ କ୍ଷେତ୍ରରେ ଛୋଟ ଛୋଟ କଥାରେ ବେଶି ରାଗନ୍ତୁ ନାହିଁ। ଧନିଷ୍ଠା ନକ୍ଷତ୍ର ସକାଶେ ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜି ବୁଲିବେ।

**ମୀନ** ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ବନ୍ଧୁଙ୍କ ନିକଟରୁ ପାଇପାରନ୍ତି। ବ୍ୟବସାୟ, ପରିବହନ, ସଭାସମିତି ଓ କଚେରି ମାମଲା କ୍ଷେତ୍ରରୁ ଶୁଭଫଳ ପାଇବେ। ପରିବାର ଭିତରେ ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟିହେବା ଆଶଙ୍କା ରହିଛି। ରେବତୀ ନକ୍ଷତ୍ର ସ୍ୱାଭାବିକ ଭାବରେ ଦିନଟି କଟାଇବାର ସୌଭାଗ୍ୟ ଲାଭ କରିବେ।

ଆଜି ଫାଲ୍‌ଗୁନ କୃଷ୍ଣ ସପ୍ତମୀ ଶନିବାର, ଫେବୃୟାରୀ ୧୫ ତାରିଖ, ରାଶି ନକ୍ଷତ୍ର-ସକାଳ ଘ୭।୧୧ମି. ପରେ ବିଶାଖା/ତୁଳା, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ୧୦।୦୭ମି. ଗତେ ଘ୧।୦୯ମି. ମଧ୍ୟେ ଅମୃତବେଳା । ସକାଳ ଘ୭।୪୫ମି. ଗତେ ଘ୯।୧୦ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୦।୩୫ମି. ଗତେ ଘ୧୨।୦୦ମି. ମଧ୍ୟେ ରାହୁକାଳ।



# classifieds Everyday
0674-2580101, 2549302




**SALE**

9000K.M run March 2019 Maruti Ignis Alfa blue colour. 9437284700. D-16720




**SALE**

Plot sale Banguary (Hanspal) 1300/- per sqft. construction 450/- and 850/- per sqft. Contact: 8018961216. D-16371

ଭୁବନେଶ୍ୱର ହଂସପାଳଛକଠାରୁ 4k.m ଦୂରତାରେ 30' ପିଚୁରୋଡ଼କୁ ଲାଗି ଘରବାରି ପାଚେରି ପ୍ଲଟ ବେଣ୍ଣୁପୁର ପେଟ୍ରୋଲ ପମ୍ପ ପାଖରେ @ 10,80,000/-, 9437033320. D-68479

Khordha Malipada NH ପାଖରେ 2000sqft. boundary ସହିତ ନିଜସ୍ୱ plot ବିକ୍ରିହେବ। 8480619769. D-68788

ଭୁବନେଶ୍ୱର New Rly. Station 1200sqft. @ 5,80,000/- yellowzone plot ମିଳୁଛି। 6371406921. D-16644

Flats for sale at DHPL Crystal Raghunathpur. Contact: 9937059891, 8908292617. D-16586

ଭୁବନେଶ୍ୱର Gudiapokhari ଏବଂ KEC ଠାରେ ଅଗ୍ରୀମ Boundarywall, 30ft road ଏବଂ ବାସୋପଯୋଗୀ plot ଦିଆଯାଉଅଛି sqft. 650/- 7008045582, 9692003948. D-16692

ମଙ୍ଗୁଳି ଛକ ଶାଳଗାଁ ଷ୍ଟେସନ୍ ପାଖରେ 1200sqft. 5,50,000. Contact: 8908492594. D-16256

2/3BHK ready to move premium duplex and flats at DHPL Sahoo Residency near Mancheswar Railway Station. Contact: 9937059891, 8908292617. D-16587

Buy 1/2/3BHK luxury flats at Bhubaneswar near SUM Hospital Gothapatna with many amenities. 9078263828. D-16530

ଭୁବନେଶ୍ୱର କଟଣୀଗେଟ୍‌ଠାରେ sqft-185/-, SC plot sqft-120/-, ନଖରା SC plot sqft-390/- IIT ଅରଗୁଳ sqft-120/-, immediate possession/registration, 8144706560, 7750909843. D-68488

3BHK Duplex 35,00,000/- finishing Hanspal (Bank finance available)- 9348633789, 8093465134. D-68663

Never before offer: Free 200sqft. land fully developed residential plots at Reasionable Price near Gudiapokhari (Pamasara road). Purchase 1200sqft. plot, get 200sqft. Free. Offer valid upto 29th February- 8917527308, 9437030095 (T&C apply). D-68659

Gharabari plots eastfacing boundary walls Tankapani Road Saimandir Sqft. 1600/- 7735738102. D-16716

3BHK Duplex 35,00,000/- finishing Hanspal, Gharabari plot Bhingarpur- 8093465134, 9668194157. D-68665

2800sqft. boundary wall gharabari plot sale near NH-5 C.V. Raman Engg. College, Bhubaneswar. 9437110746. D-68491

30'road boundary, gharabari fully developed plot Gudiapokhari (KEC) 9937166932. D-68585

ଭୁବନେଶ୍ୱର ବାଲକାଟି ବଜାରରୁ 2km sqft.-550/-, (ଘରବାରି) କଟଣୀଗେଟ୍‌ଠାରେ sqft.-200/-, କଟକ ତ୍ରିଶୁଳିଆରୁ 4km sqft.-300/- ପ୍ଲଟ୍ ମିଳୁଅଛି। 7978939440, 9178004547. D-68489

3BHK duplex for sale at Gothapatna, Bhubaneswar 3km. from SUM Hospital 8917665342, 9861444497. D-68584

4000 Sqft. GA plot immediately sale at Surya Nagar Bhubaneswar, only buyer contact Deepak- 9937329999. D-68066

4/5 BHK Duplex at Balianta. Construction - 2200 @ 60Lakhs/ 2600 @ 70Lakhs. Finance by LIC. Mplanets: 9938219397, 9861022055. D-16718

Gharabari 8 guntha along with building for sale at Boniamal, Kendrapara. Contact: 9437048845. D-16722




Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech – 9040008777. D-16719




Space available at IRC Village first floor main road facing near Vishal Megha Mart suitable for office/ Clinic- 9090901043. D-68067

2500 Sqft. godown space, 200 meters from platform No-6. 9437026400. D-16667




Hindustan Packers & Movers shifting of household goods, office & bike (all over India). 9437045552, 9937288024. D-16608




Kasturi massage club, fully relaxed by expert lady, home service: 9178845612. D-68779

Ayurvedic full body massage ladies and gents. Contact: 9861064981. D-68789

Newly open SPA Station 3rd floor, Big Bazar, Nayapalli. 7655024727, 8118079281. D-68783

Completely stress management therapy, visit us our clinic. Contact: 7852986810. D-68582

Refresh your mind and soul with best therapy at Orchid Salon/Spa. 9937287222. D-68786

Full body herbal massage with refreshment expert therapist. 7381239385, 06742540855. D-69000

Experience full body massage with us (expert). Call: 7377048581, 06742597822. D-69201

Herbal full body massage by smart / expert therapist. Contact: 8338067247. D-69202

Experience winter therapeutic Abhyanga massage feeling refreshing energetic: Appointment- 9668374480. D-69203

Body massage @ 1099 at mystic Unisex Salon and Spa. 9556978408. D-69206

Rejuvenate and Ayurvedic full body massage by smart therapist. 9114402304. D-69204

Newly open full body massage by ladies, gents therapist. 8018656899 D-60870

Ayurvedic refreshment massage therapy refresh mind and body. Appointment: 7894855541. D-68583

Ayurvedic full body massage by ladies, gents therapist. 7008773793 D-60871

Elite Unisex Salon- A complete family Spa. Male to male and female to female- 7326977966. D-69207

Sai herbal spa refresh your body with smart, expert therapist. 7608062524. D-69205

Ayurvedic full body massage ladies/gents smart experts therapist:- 8480939300. D-68790

Ayurvedic full body massage ladies & gents smart therapist, 9668814589. D-68784




Gharka khana/ Caterer, North Indian Lunch & Dinner, weekly 3days nonveg with home/ office delivery @ 3500/- per month. Pokhariput, Bhubaneswar. Contact: 9668732935. D-67291

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in




### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ)
ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ କବି କୁଳମଣି ସାମଲଙ୍କ ମୃତ୍ୟୁ



**ଚଣ୍ଡିଖୋଲ,୧୪।୨(ଡିଏନଏ):** ବଡ଼ଚଣା ବ୍ଲକ ବାଲିଚନ୍ଦ୍ରପୁର ଥାନା ଅଧୀନ ଚାରିନଙ୍ଗଳ ପଞ୍ଚାୟତ ବାହାଦୁରନଗର ଗ୍ରାମର କବି କୁଳମଣି ସାମଲ (୮୦)ଙ୍କର ଶୁକ୍ରବାର ସକାଳେ ଏକ ଟ୍ରକ ଧକ୍କାରେ ମୃତ୍ୟୁ ଘଟିଛି। ସେ ୫୩ନଂ ଜାତୀୟ ରାଜପଥ ଦେଇ ବାଲିଚନ୍ଦ୍ରପୁର ଛକ ନିକଟରେ ରାସ୍ତା ଅତିକ୍ରମ କରୁଥିବାବେଳେ ପଛପଟୁ ଏକ ଟ୍ରକ (ଓଡି୦୪ଏନ୪୬୭୨) ଦ୍ରୁତଗତିରେ ଆସି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ଘଟାଇ ଟ୍ରକ ଚାଳକ ଫେରାର ହୋଇଯାଇଥିବାବେଳେ ବାଲିଚନ୍ଦ୍ରପୁର ପୋଲିସ ଶ୍ରୀରାମପୁର ଟୋଲ୍‌ଗେଟ ନିକଟରୁ ଟ୍ରକଟିକୁ ଜବତ କରିଥିଲା। ସ୍ୱର୍ଗତ ସାମଲ ଜଣେ କବି, ନାଟ୍ୟ ନିର୍ଦ୍ଦେଶକ ଓ ଲେଖକଭାବେ ବେଶ୍ ପରିଚିତ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ବହୁ ବ୍ୟକ୍ତି ତାଙ୍କ ମରଶରୀର ନିକଟରେ ପହଞ୍ଚି ଶେଷଦର୍ଶନ କରିଥିଲେ। ତାଙ୍କ ମୃତଦେହକୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଯିବା ପରେ ବାଲିଚନ୍ଦ୍ରପୁରରୁ ଶୋକାକୁଳ ପରିବେଶରେ ଶୋଭାଯାତ୍ରା କରାଯାଇ ନିଜ ଗ୍ରାମ ବାହାଦୁର ନଗରକୁ ନିଆଯାଇଥିଲା। ସେଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ବାଲିଚନ୍ଦ୍ରପୁର ପୋଲିସ ଏକ ମାମଲା (ନଂ. ୩୩) ରୁଜୁ କରି ଟ୍ରକଟିକୁ ଜବତ କରିଛି।

# ଅନ୍ୟ କୋର୍ଟକୁ ମାମଲା ସ୍ଥାନାନ୍ତର ନିଷ୍ପତ୍ତି

**ସମ୍ବଲପୁର,୧୪।୨(ବ୍ୟୁରୋ)**

ପଶ୍ଚିମ ଓଡିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ଚାଲି ଆସୁଥିବା ଆନ୍ଦୋଳନର ସମାଧାନ ହୋଇପାରୁନାହିଁ । ହେଲେ ରାଜ୍ୟ ସରକାର କୋର୍ଟରେ ଗଡୁଥିବା ମାମଲାଗୁଡିକ ଅନ୍ୟ କୋର୍ଟକୁ ସ୍ଥାନାନ୍ତର କରିବା ପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି । ସମ୍ବଲପୁର ଜିଲାର ସମ୍ବଲପୁର ସମେତ କୁଚିଣ୍ଡା, ରେଢାଖୋଲ କୋର୍ଟର ମାମଲାଗୁଡିକ ଆବଶ୍ୟକ ହେଲେ ବରଗଡ କୋର୍ଟକୁ ସ୍ଥାନାନ୍ତରିତ ହେବ। ସେହିପରି ଦେବଗଡ଼ ଜିଲାର ମାମଲା କେନ୍ଦୁଝର କୋର୍ଟକୁ, ଝାରସୁଗୁଡ଼ା ଜିଲାର ମାମଲା ସୁନ୍ଦରଗଡ଼ କୋର୍ଟକୁ, ବଲାଙ୍ଗୀର କୋର୍ଟର ମାମଲା ଟିଟିଲାଗଡ଼ ଓ ସଇଁତଲା କୋର୍ଟକୁ ସ୍ଥାନାନ୍ତର କରାଯିବାକୁ ରାଜ୍ୟ ସରକାରଙ୍କ ଆଇନ ବିଭାଗ ନିର୍ଦ୍ଦେଶ ଜାରି କରିଛନ୍ତି ।

ଏହାକୁ ସମ୍ବଲପୁର ଓକିଲ ସଂଘ ନାପସନ୍ଦ କରିଛି । ଏଭଳି ଘୋଷଣା ଆଇନଗତ ସଙ୍ଗତ ନୁହେଁ । ସରକାର ଭୟରେ ନିଜକୁ ବଞ୍ଚାଇବା ପାଇଁ ଏଭଳି ନିଷ୍ପତ୍ତି ନେଇଛନ୍ତି । ପୂର୍ବରୁ ପ୍ରତିଶ୍ରୁତି ଦେଇ ଠକି ଚାଲୁଥିଲେ ରାଜ୍ୟ ସରକାରଙ୍କ ଅଭିମୁଖ୍ୟ ଜଣାପଡିଯାଇଛି ବୋଲି ଜିଲା ଓକିଲ ସଂଘ କ୍ରିୟାନୁଷ୍ଠାନ କମିଟି ଅଧ୍ୟକ୍ଷ ପ୍ରଦୀପ ବହିଦାର କହିଛନ୍ତି। କୌଣସି ମାମଲାକୁ ବାଧ୍ୟତାମୂଳକ ଅନ୍ୟ କୋର୍ଟକୁ ନିଆଯାଇ ପାରିବନାହିଁ। ଓକିଲଙ୍କୁ କେବଳ ଭୟଭୀତ କରି ମାନସିକ ଭାବେ ଦୁର୍ବଳ କରିବାକୁ ସରକାର ଏଭଳି ହୀନ ପ୍ରୟାସ କରିଛନ୍ତି। ହେଲେ ଆଉ ପଛକୁ ଫେରିବାର ନାହିଁ । ସରକାର ଜନମଙ୍ଗଳକାରୀ ନିଷ୍ପତ୍ତି ନେଇନାହାନ୍ତି । ଆମେ ସବୁ ସମସ୍ୟାର ସାମ୍ନା କରିବାକୁ ପ୍ରସ୍ତୁତ ରହିଛୁ ବୋଲି ସେ କହିଛନ୍ତି। ଅନ୍ୟପଟେ ଜିଲା ସଭାପତି ବିଜିତେନ୍ଦ୍ରିୟ ପ୍ରଧାନ, ସୁରେଶ୍ୱର ମିଶ୍ର, ବିକାଶ ପ୍ରଧାନ, ଦୁଷ୍ମନ୍ତ ନାଏକଙ୍କ ସମେତ ସୁପ୍ରିମ୍‌କୋର୍ଟ ଓକିଲ ରେଣୁକା ସାହୁ, ସାଗର ପ୍ରଧାନ ଦିଲ୍ଲୀରେ ସୁପ୍ରିମକୋର୍ଟ ବାର୍ ସଭାପତି ଓ ସଦସ୍ୟଙ୍କ ସହିତ ଆଲୋଚନା କରିଛନ୍ତି । ଏ ସମ୍ପର୍କରେ ସୂଚନା ଦେଇ ସଭାପତି ପ୍ରଧାନ କହିଛନ୍ତି ଯେ, ସୁପ୍ରିମକୋର୍ଟ ବାର୍ ସଦସ୍ୟମାନେ ମଧ୍ୟ ଆନ୍ଦୋଳନକୁ ସମର୍ଥନ କରିଛନ୍ତି। ରାଜ୍ୟ ସରକାର ନେଇଥିବା ଏଭଳି ନିଷ୍ପତ୍ତି ବିରୋଧରେ ଯାହା ପଦକ୍ଷେପ ଗ୍ରହଣ ନିଆଯିବ ସେମାନେ ସମର୍ଥନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ତେବେ ଫେବୃୟାରୀ ୧୭ ତାରିଖ ସୁପ୍ରିମକୋର୍ଟ ବାର୍ ସଦସ୍ୟମାନେ ସର୍ବୋଚ୍ଚ ଅଦାଲତରେ ଏହାକୁ ନେଇ ଆବେଦନ ମଧ୍ୟ କରିବାର ରହିଛି ବୋଲି ସଭାପତି ପ୍ରଧାନ କହିଛନ୍ତି।



ଦିଲ୍ଲୀରେ ସୁପ୍ରିମକୋର୍ଟର ବାର୍ ସଦସ୍ୟଙ୍କ ସହ ପଶ୍ଚିମ ଓଡିଶାରୁ ଯାଇଥିବା ଓକିଲମାନେ ଆଲୋଚନା କରୁଛନ୍ତି ।

- ଓକିଲଙ୍କୁ ଡରାଇବାକୁ ଚକ୍ରାନ୍ତ
- ସମ୍ବଲପୁର ଓକିଲ ସଂଘର ନାପସନ୍ଦ
- ସୁପ୍ରିମକୋର୍ଟ ବାର୍ ଆସୋସିଏଶନ କର୍ମକର୍ତ୍ତାଙ୍କ ସହ ଆଲୋଚନା
- ୧୭ରେ ସୁପ୍ରିମକୋର୍ଟରେ ଆବେଦନ ହେବ




# ବସ୍ତାନି ବୋଝ ଯାଞ୍ଚ ରିପୋର୍ଟ ଦାଖଲ କର

**ଭୁବନେଶ୍ୱର, ୧୪।୨ (ବ୍ୟୁରୋ)**

ସ୍କୁଲ ବସ୍ତାନି ବୋଝ ଯାଞ୍ଚ ରିପୋର୍ଟ ଦାଖଲ କରିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ଜିଲାପାଳଙ୍କୁ ଚିଠି ହୋଇଛି। ଆସନ୍ତା ୨୦ତାରିଖ ସୁଦ୍ଧା ନିଜ ନିଜ ଜିଲାର ରିପୋର୍ଟ ଦେବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କେନ୍ଦ୍ର ମାନବସମ୍ବଳ ବିକାଶ ମନ୍ତ୍ରଣାଳୟର ସ୍କୁଲ ବସ୍ତାନି ବୋଝ ଗାଇଡ୍‌ଲାଇନ୍ ଅନୁପାଳନ ହେଉଛି କି ନାହିଁ ସେ ନେଇ ଜିଲାପାଳମାନେ ରିପୋର୍ଟ ଦେବେ। ପୂର୍ବରୁ ବିଭାଗ ପକ୍ଷରୁ ଦୁଇଥର ଚିଠି ହୋଇଥିଲେ ମଧ୍ୟ କି ପଦକ୍ଷେପ ନିଆଯାଇଛି ସେ ନେଇ ରିପୋର୍ଟ ଦାଖଲ କରାଯାଇନାହିଁ। ଜିଲାସ୍ତରରୁ ଘରୋଇ ଇଂଲିଶ ମିଡିୟମ ସ୍କୁଲ ସମେତ ସମସ୍ତ ବିଦ୍ୟାଳୟ ଗସ୍ତ କରି ବସ୍ତାନି ଓଜନ ଯାଞ୍ଚ କରି ରିପୋର୍ଟ ଦାଖଲ କରିବା ପାଇଁ ନିର୍ଦ୍ଦେଶ ରହିଛି। ଅନ୍ୟପକ୍ଷରେ ଓଡ଼ିଶା ଅଭିଭାବକ ମହାସଂଘ ଏ ନେଇ ପୂର୍ବରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିକଟରେ ଫେରାଦ ହୋଇଥିଲା। ଏଥିସହ ଏନ୍‌ସିଇଆର୍‌ଟି ବହି ଲାଗୁ କରିବାକୁ ମହାସଂଘ ଦାବି କରିଛି। ଯଦି ତୁରନ୍ତ ଏହାକୁ ଖୋର୍ଦ୍ଧାରେ ଜିଲା ଶିକ୍ଷାଧିକାରୀ ଲାଗୁ ନ କରନ୍ତି ତେବେ ମହାସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ଏ ନେଇ ଆସନ୍ତା ୨୭ ତାରିଖରେ ଖୋର୍ଦ୍ଧା ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ମହାସଂଘ ପକ୍ଷରୁ କୁହାଯାଇଛି।

# 'ପ୍ରଲୋଭନ ଛାଡ଼ି ସ୍ୱଳ୍ପ ସଞ୍ଚୟ ଯୋଜନାର ଲାଭ ଉଠାଅ'


**ଭୁବନେଶ୍ୱର,୧୪।୨(ବ୍ୟୁରୋ):** ବର୍ତ୍ତମାନ ସ୍ୱଳ୍ପ ସଞ୍ଚୟ ଆନ୍ଦୋଳନରେ ସମାଜର ପ୍ରତ୍ୟେକ ବର୍ଗ ନିଜକୁ ସାମିଲ କରିବା ଆବଶ୍ୟକ। ସୁରକ୍ଷିତ ଏବଂ ସରଳ ଉପାୟରେ ବ୍ୟକ୍ତିଗତ ଆର୍ଥିକ ପରିଚାଳନା ମାଧ୍ୟମରେ ପ୍ରତ୍ୟେକ ବ୍ୟକ୍ତି ଆର୍ଥିକ ସ୍ଥିତି ସୁଦୃଢ଼ କରିବା ଦରକାର। ଲୋକସେବା ଭବନସ୍ଥିତ ନିଜ କାର୍ଯ୍ୟାଳୟଠାରେ ଶୁକ୍ରବାର ଅନୁଷ୍ଠିତ ଓଡ଼ିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା 'ଏ ପି' ସିରିଜ୍‌ର ପୁରସ୍କାର ବିତରଣ ଅବସରରେ ଅର୍ଥ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଏହା କହିଛନ୍ତି। ବିଜୟୀମାନଙ୍କୁ ପୁରସ୍କାର ରାଶି ପ୍ରଦାନ କରି ସେ କହିଛନ୍ତି ଯେ, ଏହି ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା ଆମ ରାଜ୍ୟର ଜମାକାରୀଙ୍କ ମଧ୍ୟରେ ବିଶେଷ ଆଦୃତ ହୋଇପାରିଛି। ଅନାବଶ୍ୟକ ଖର୍ଚ୍ଚରୁ ଦୂରେଇ ରହିବା, ମିତବ୍ୟୟିତା ଅବଲମ୍ବନ ସହ ଜନସାଧାରଣଙ୍କ ମଧ୍ୟରେ ସଞ୍ଚୟ ମନୋବୃତ୍ତି ଜାଗ୍ରତ କରିବା ପାଇଁ ଏହି ଯୋଜନା ବେଶ୍ ଫଳପ୍ରଦ ପ୍ରମାଣିତ ହୋଇଛି। ଜନସାଧାରଣ ଅଯଥା ପ୍ରଲୋଭନର ବଶବର୍ତ୍ତୀ ନ ହୋଇ ଏଭଳି ସୁରକ୍ଷିତ ସଞ୍ଚୟ ଯୋଜନାର ଲାଭ ଉଠାଇବାକୁ ସେ ପରାମର୍ଶ ଦେଇଥିଲେ । ଅନୁଗୋଳର ରାଜେଶ ଗୁପ୍ତାଙ୍କୁ ପ୍ରଥମ, ରାଉରକେଲାର ଅଜେୟ ମହାପାତ୍ର ଏବଂ ଶିବାନୀ ମହାପାତ୍ରଙ୍କୁ ଦ୍ୱିତୀୟ, ଦୁଇଜଣଙ୍କୁ ତୃତୀୟ ଏବଂ ଚରିଜଣଙ୍କୁ ଚତୁର୍ଥ ପୁରସ୍କାର ପ୍ରଦାନ କରାଯାଇଛି। ଏହି ଯୋଜନାରେ ପ୍ରଥମ, ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ଶ୍ରେଷ୍ଠ ପୁରସ୍କାର ରାଶି ଯଥାକ୍ରମେ ୫ ଲକ୍ଷ, ୩ ଲକ୍ଷ, ୧ ଲକ୍ଷ ଏବଂ ୫୦ ହଜାର ଟଙ୍କା ରହିଛି । ପୁରସ୍କାର ରାଶିର ୩୦ ପ୍ରତିଶତ ଆୟକର ବାବଦକୁ କାଟି ବଳକା ରାଶି ପୁରସ୍କାର ବିଜୟୀଙ୍କୁ ପ୍ରଦାନ କରାଯାଇଛି।

**'ଏ ପି' ସିରିଜ୍‌ର ପୁରସ୍କାର ବିତରଣ ଉତ୍ସବ**

## ଭଞ୍ଜନଗରରେ କରୋନା ଭୟ

# ପରୀକ୍ଷା କରାଇବାକୁ କଟକ ଗଲେ ଡାକ୍ତରୀ ଛାତ୍ର

**ଭଞ୍ଜନଗର,୧୪।୨(ଡି.ଏନ.ଏ):** ଗଞ୍ଜାମ ଜିଲା ଭଞ୍ଜନଗର ସହରରେ କରୋନା ଭୂତାଣୁ ଭୟ ଦେଖାଦେଇଛି। ଗତ ଜାନୁୟାରୀ ୧୪ରେ ଚାଇନାରୁ ଫେରିଥିବା ଜଣେ ଡାକ୍ତରୀ ଛାତ୍ରଙ୍କୁ କରୋନା ଭୂତାଣୁ ସଂକ୍ରମଣ କରିଥାଇପାରେ ବୋଲି ସନ୍ଦେହ କରାଯାଉଛି। ପ୍ରଶାସନ ପକ୍ଷରୁ ସମ୍ପୃକ୍ତ ଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ନିମନ୍ତେ ଶୁକ୍ରବାର ରାତି ପ୍ରାୟ ୯ଟାରେ କଟକ ବଡ଼ ମେଡିକାଲକୁ ପଠାଯାଇଛି। ଏହି ଘଟଣା ଜଣାପଡ଼ିବା ପରେ ଅଞ୍ଚଳବାସୀ ଆତଙ୍କିତ ହୋଇଛନ୍ତି। ଅନ୍ୟପକ୍ଷରେ ଲୋକେ ଭୟଭୀତ ନ ହେବାକୁ ପ୍ରଶାସନ ପକ୍ଷରୁ କୁହାଯାଇଛି। ସେପଟେ ଭଞ୍ଜନଗର ବୁଲିବାକୁ ଆସିଥିବା ଦୁଇ ବିଦେଶୀ ପର୍ଯ୍ୟଟକଙ୍କ ପାସ୍‌ପୋର୍ଟ ମଧ୍ୟ ପୋଲିସ ଯାଞ୍ଚ କରିଛି। ସେମାନେ ଆମେରିକାର ବୋଲି ଜଣାପଡ଼ିଛି। ଚାଇନାରେ ଡାକ୍ତରୀ ପାଠ ପଢୁଥିବା ଭଞ୍ଜନଗରର ଛାତ୍ରଜଣକ ନିଜ ଗ୍ରାମକୁ ଫେରିବାର ମାସେ ବିତିଲାଣି। କରୋନା ଭୂତାଣୁ ସଂକ୍ରମଣ ନେଇ ତାଙ୍କଠାରେ କୌଣସି ଲକ୍ଷଣ ଦେଖାଯାଇ ନ ଥିଲା। ମାତ୍ର ଶୁକ୍ରବାର ସନ୍ଧ୍ୟାରେ କେତେଜଣ ଲୋକ ସମ୍ପୃକ୍ତ ଛାତ୍ରଙ୍କୁ ନେଇ ଭୟଭୀତ ହୋଇ ତାଙ୍କ ସମ୍ପର୍କରେ ସ୍ଥାନୀୟ ପୋଲିସ ପ୍ରଶାସନକୁ ଜଣାଇଥିଲେ। ରାତି ପ୍ରାୟ ସାଢ଼େ ୮ଟାରେ ତାଙ୍କୁ ଭଞ୍ଜନଗର ଡାକ୍ତରଖାନାକୁ ଆଣି ପ୍ରାଥମିକ ଚିକତ୍ସା କରାଯାଇଥିଲା। ତେବେ ଏଠାରେ କୌଣସି ବ୍ୟବସ୍ଥା ନଥିବା ଯୋଗୁ କଟକ ବଡ଼ ମେଡିକାଲକୁ ପଠାଇ ଦିଆଯାଇଛି। ବିଦେଶରୁ ଯେଉଁମାନେ ଗତ କିଛିଦିନ ମଧ୍ୟରେ ଆସିଛନ୍ତି, ସେମାନେ ନିଜ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେବାକୁ ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି।









ତୁମ ଆଧାରର ଗୋଟିଏ ପାଖରେ ବା ଗୋଟାଏ ଅଂଶରେ ଯଦି ତୁମେ ସତ୍ୟ ଆଡକୁ ନିଜକୁ ଖୋଲିଧର – ଅନ୍ୟଦିଗରେ ସର୍ବଦା ହିଁ ବିରୋଧୀ ଶକ୍ତି (ସଇତାନି ଶକ୍ତି) ନିମିତ୍ତ ଦ୍ୱାର ଖୋଲା ରଖ– ତେବେ ଭଗବତୀ କରୁଣା ତୁମ ସହିତ ସ୍ଥାୟୀ ହୋଇ ରହିବ ବୋଲି ଆଶା କରିବା ବୃଥା।
–ଶ୍ରୀଅରବିନ୍ଦ



# ବିଦେଶ ତାଲିମ କମିବ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଡୋମେଷ୍ଟିକ ଫଣ୍ଡିଂ ଅଫ୍ ଫରେନ୍ ଟ୍ରେନିଂ (ଡିଏଫ୍ଏଫ୍ଟି) ନୀତି ଅଧୀନରେ ପ୍ରଶାସକମାନଙ୍କୁ ବିଦେଶକୁ ପଠାଇ ପ୍ରଶିକ୍ଷଣ ଦେବାରେ ବ୍ୟୟ ବୃଦ୍ଧି ହେଉଥିବା ଯୋଗୁ ମୋଦି ସରକାର ଏହାକୁ କମାଇବାର ସମ୍ଭାବନା ଦେଖାଦେଇଛି। ୨୦୧୮–୧୯ରେ ସରକାର ୩୩୨ ଜଣ ବାବୁଙ୍କୁ ପ୍ରଶିକ୍ଷଣ ଦେବାରେ ଖର୍ଚ୍ଚ କରିଛନ୍ତି ୬୦ କୋଟି। ଏହା କାର୍ମିକ ଓ ପ୍ରଶିକ୍ଷଣ ବିଭାଗ (ଡିଓପିଟି)ର ବାର୍ଷିକ ପ୍ରଶିକ୍ଷଣ ବଜେଟର ଅଧାରୁ ଅଧିକ। ଏହି ନୀତିରେ ବାବୁମାନେ କେମ୍ବ୍ରିଜ, ହାର୍ଭାର୍ଡ ଓ ଅନ୍ୟ ଶୀର୍ଷ ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟକୁ ଦୀର୍ଘ ଓ ସ୍ୱଳ୍ପମିଆଦୀ କୋର୍ସ ପାଇଁ ସରକାରୀ ଖର୍ଚ୍ଚରେ ଯାଇଥାନ୍ତି। ଏବେ ଡିଓପିଟି ସମସ୍ତ କ୍ୟାଡର କର୍ତ୍ତୃପକ୍ଷଙ୍କୁ ଲେଖିଛନ୍ତି ଯେ, ଡିଏଫ୍ଏଫ୍ଟି ନୀତିକୁ ପରିବର୍ତ୍ତନ କରାଯିବା ସହ ଖ୍ୟାତନାମା ବିଦେଶୀ ପ୍ରଶିକ୍ଷକଙ୍କୁ ଭାରତକୁ ଆଣି ସମନ୍ୱିତ ପ୍ରଶିକ୍ଷଣ ଦିଆଯିବ। ଭିଡିଓ କନ୍ଫରେନ୍ସିଂ ମାଧ୍ୟମରେ ପ୍ରଶିକ୍ଷଣ ଦେବା ସହ ପ୍ରଶିକ୍ଷଣ ଲାଗି ବିଦେଶକୁ ଅଳ୍ପ କେତେଜଣ ବାବୁଙ୍କୁ ପଠାଇ ପରେ ସେମାନଙ୍କୁ ଭାରତରେ ଅନ୍ୟ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ଦେବା କାମରେ ଲଗାଯିବ। ମୋଦି ସରକାରଙ୍କ ଏହି ପଦକ୍ଷେପରୁ ସ୍ପଷ୍ଟ ଜଣାପଡୁଛି ଯେ ସରକାର ଏବେ ପୂରା ଖର୍ଚ୍ଚକାଟ ନୀତି ଅବଲମ୍ବନ କରୁଛନ୍ତି।

## ସେବି ମୁଖ୍ୟ

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି)ର ପରବର୍ତ୍ତୀ ମୁଖ୍ୟ ପଦ ପାଇଁ ଦରଖାସ୍ତ ଆହ୍ୱାନ କରିବା ଦ୍ୱାରା ଅଜୟ ତ୍ୟାଗୀଙ୍କ କାର୍ଯ୍ୟକାଳ ଆଉ ଦୁଇବର୍ଷ ବୃଦ୍ଧି କରାଯାଇପାରେ ବୋଲି ସୃଷ୍ଟି ହୋଇଥିବା ଗୁଜବର ଅନ୍ତ ଘଟିଛି। ତ୍ୟାଗୀଙ୍କ ତିନିବର୍ଷିଆ କାର୍ଯ୍ୟକାଳ ଏହି ମାସରେ ଶେଷ ହେଉଛି। ହିମାଚଳପ୍ରଦେଶ କ୍ୟାଡର ୧୯୮୪ ବ୍ୟାଚ୍ ଆଇଏଏସ୍ ଅଧିକାରୀ ତ୍ୟାଗୀଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯାଇପାରେ ବୋଲି ଅନେକେ ମନେକରୁଥିଲେ। ତାଙ୍କ ପୂର୍ବରୁ ୟୁ.କେ. ସିହ୍ନାଙ୍କ କାର୍ଯ୍ୟକାଳ ତିନିବର୍ଷ ବୃଦ୍ଧି କରାଯାଇଥିଲା, ଯାହାଦ୍ୱାରା ସବୁଠୁ ଦୀର୍ଘଦିନ ରହିବାରେ ସେ ଦ୍ୱିତୀୟ ସେବି ମୁଖ୍ୟ ହୋଇପାରିଥିଲେ। ୨୦୧୭ରେ ତ୍ୟାଗୀଙ୍କୁ ନିଯୁକ୍ତି ଦେବାବେଳେ ସରକାର ଦୁଇଥର ବିଜ୍ଞପ୍ତି ଜାରି କରିଥିଲେ। ଆଗରୁ ତ୍ୟାଗୀ ଅର୍ଥନୈତିକ ବ୍ୟାପାର ବିଭାଗର ଯୁଗ୍ମସଚିବ ଥିଲେ ଓ ପରେ ତାଙ୍କୁ ସେବି ମୁଖ୍ୟ ଭାବେ ନିଯୁକ୍ତି ଦିଆଯାଇଥିଲା। ପ୍ରଥମ ବିଜ୍ଞପ୍ତିରେ ତାଙ୍କର କାର୍ଯ୍ୟକାଳ ସର୍ବାଧିକ ୫ ବର୍ଷ ହେବ ବା ସେ ୬୫ ବର୍ଷ ବୟସ ପର୍ଯ୍ୟନ୍ତ ରହିବେ– ଏହି ଦୁଇଟିରୁ ଯେଉଁଟି ପ୍ରଥମେ ପଡିବ ତାହା କାର୍ଯ୍ୟକାରୀ ହେବାର ନିୟମ ରହିଥିଲା। ପରେ ତ୍ୟାଗୀଙ୍କ ନିଯୁକ୍ତି ଅବଧିକୁ କମାଇ ତିନିବର୍ଷ କରି ଆଉ ଗୋଟିଏ ବିଜ୍ଞପ୍ତି ଜାରି କରାଯାଇଥିଲା। ପ୍ରାପ୍ତ ସୂତ୍ରରୁ ପ୍ରକାଶ୍ୟ ଯେ, ତ୍ୟାଗୀଙ୍କ ଅବସର ବୟସ ହୋଇ ନ ଥିବାରୁ ସେ ପୁଣି ଏହି ପଦ ପାଇଁ ଦରଖାସ୍ତ କରିପାରନ୍ତି। କିନ୍ତୁ ଯଦି ତାଙ୍କୁ ପୁଣି ନିଯୁକ୍ତି ମିଳେ ତେବେ ଏହାକୁ ତାଙ୍କର କାର୍ଯ୍ୟକାଳ ବୃଦ୍ଧି ବଦଳରେ ନୂତନ ନିଯୁକ୍ତି ଭାବେ ଗଣାଯିବ।

## ଜମ୍ମୁ–କାଶ୍ମୀର ପୋଲିସ କ୍ଷୁବ୍ଧ

ନିକଟରେ ଜମ୍ମୁ–କଶ୍ମୀର ଲ୍ୟୁଟ୍‌ନାଣ୍ଟ ଗଭର୍ନର ଜି.ସି. ମୁର୍ମୁଙ୍କ ନୂଆ ପରାମର୍ଶଦାତା ଭାବେ ନିଯୁକ୍ତି ପାଇଥିବା ଆର୍.ଆର୍. ଭଟ୍ଟନାଗରଙ୍କୁ ସୁରକ୍ଷା ସମ୍ବନ୍ଧିତ ସବୁ କ୍ଷମତା ଦିଆଯିବା ନିଷ୍ପତ୍ତିକୁ ନେଇ ସେଠାକାର ପୋଲିସ ବାବୁମାନେ ମର୍ମାହତ ହୋଇଛନ୍ତି। ଥାନା ଅଧିକାରୀ (ଏସ୍ଏଚ୍ଓ)ଙ୍କ ବଦଳିଠାରୁ ଆରମ୍ଭ କରି ଅର୍ଦ୍ଧସାମରିକ ବଳ ଓ ରାଜ୍ୟ ସୁରକ୍ଷା ବଳର ସଶସ୍ତ୍ର ବାହିନୀରେ ନିଯୁକ୍ତି ପର୍ଯ୍ୟନ୍ତ ସମସ୍ତ କ୍ଷମତା ଭଟ୍ଟନାଗରଙ୍କୁ ଦିଆଯିବାରୁ ଏଭଳି ଅସନ୍ତୋଷ ପ୍ରକାଶ ପାଇଛି। ଭଟ୍ଟନାଗର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ବରିଷ୍ଠ ସୁରକ୍ଷା ପରାମର୍ଶଦାତା କେ. ବିଜୟ କୁମାରଙ୍କ ପରାମର୍ଶ ନେଇ କାର୍ଯ୍ୟ କରିବେ। ଅର୍ଥାତ୍ ବାସ୍ତବ କ୍ଷମତା କୁମାରଙ୍କ ପାଖରେ ରହିବ। କୌତୂହଳର ବିଷୟ ହେଉଛି, ୧୯୭୫ ବ୍ୟାଚ୍‌ର ତାମିଲନାଡୁ କ୍ୟାଡର ଆଇପିଏସ୍ ଅଧିକାରୀ କୁମାର ଡେପୁଟେଶନରେ ଦିଲ୍ଲୀ ପଳାଇଥିଲେ କାରଣ ତାଙ୍କଠାରୁ ୧୦ ବର୍ଷ କନିଷ୍ଠ ମୁର୍ମୁଙ୍କ ଅଧୀନରେ କାର୍ଯ୍ୟ କରିବା ଲାଗି ସେ ଚାହୁଁ ନ ଥିଲେ। ଭଟ୍ଟନାଗର ହେଉଛନ୍ତି ସିଆର୍‌ପିଏଫ୍‌ର ପୂର୍ବତନ ମହାନିର୍ଦ୍ଦେଶକ କିନ୍ତୁ ତାଙ୍କର ଜମ୍ମୁ–କଶ୍ମୀରରେ କାର୍ଯ୍ୟ କରିବାର ଅଭିଜ୍ଞତା ନାହିଁ। ବହୁ ବରିଷ୍ଠ ପୋଲିସ ଅଧିକାରୀ କୁହନ୍ତି ଯେ, ସିଆର୍‌ପିଏଫ୍‌ର ନେତୃତ୍ୱ ନେଇଥିବା ସତ୍ତ୍ୱେ ତାଙ୍କର ଏହି କେନ୍ଦ୍ରଶାସିତ ଅଞ୍ଚଳରେ କୌଣସି ସନ୍ତ୍ରାସବାଦ–ବିରୋଧୀ ଅଭିଯାନର ଅଭିଜ୍ଞତା ନାହିଁ। ପୁନଶ୍ଚ ୩୭୦ ଧାରା ଉଚ୍ଛେଦ ହେବା ପରେ ଦକ୍ଷ ବରିଷ୍ଠ ପୋଲିସ ଅଧିକାରୀମାନଙ୍କ ଅଭାବ ହେତୁ ସରକାର କୁମାରଙ୍କୁ ସବୁ କ୍ଷମତା ଦେବାର ନିଷ୍ପତ୍ତି ନେଇଥିବା ବିଶ୍ୱାସ କରାଯାଉଛି। କେନ୍ଦ୍ର ସରକାର ଜମ୍ମୁ–କଶ୍ମୀରର ସୁରକ୍ଷା ଦାୟିତ୍ୱ ନିଜ ହାତରେ ରଖିବାକୁ ଚାହୁଁଥିବାରୁ ଏଭଳି ନିଷ୍ପତ୍ତି ନେଇଥିବା ମଧ୍ୟ ଆଉ ଏକ କାରଣ ହୋଇପାରେ।

Email: dilipcherian@gmail.com

## ଚିରନ୍ତନୀ

ତୋ ତୀରେ ସେ କେଉଁ ପକ୍ଷୀ ଗାଏ ଲୋ ପ୍ରଭାତୀ,
କି ଆଲୋକେ ଲାଜେ ତୋର ଛନ ଛନ ଛାତି ?
ମୋହରି ସେହି ବିହଙ୍ଗ
ଚିର ସଙ୍ଗୀତର ସଙ୍ଗ,
ମୋହରି ଆଲୋକ ସେ ତ ମନଭୁଲା ଜାତି।
(ଚିତ୍ରୋତ୍ପଳା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | A | | | | | 7 | | D | | 6 | | |
| | | D | | | | | B | | E | 2 | | | | |
| | | | | | 5 | | | | A | | C | 2 | E | B |
| | | 1 | | 9 | | A | E | | 7 | | | C | | |
| | 3 | | 6 | | | | | | 0 | | 8 | | 9 | D |
| | | 6 | | | 3 | | | | | | D | | C | E |
| | | 7 | | E | | 2 | | | C | | 6 | | 8 | 4 |
| | D | 9 | 5 | B | 7 | | | 8 | | | | 3 | | |
| | | | 1 | | | 4 | | 0 | | | | | | 9 |
| | | | | | 0 | 5 | | C | 2 | | 3 | | | |
| | 2 | | | | | | | | | 3 | 1 | E | | |
| | | | | C | | 9 | | | B | | | D | 4 | |
| | 7 | | B | | | | | | 9 | | 0 | | 5 | 8 |
| | 4 | | | | | 1 | | | D | | E | | 3 | |
| | | | D | 2 | A | | | 3 | | | | B | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | 5 | 4 | 9 | 1 | 2 | A | D | 0 | 6 | E | 7 | B | 8 | C |
| E | 7 | 0 | D | B | 6 | 8 | 4 | 5 | 3 | C | 2 | A | 9 | 1 |
| 2 | C | 6 | A | 3 | 5 | E | B | 9 | 8 | 1 | 4 | 7 | 0 | D |
| B | 1 | D | 8 | 7 | 4 | 6 | 2 | C | 9 | A | 0 | E | 3 | 5 |
| 9 | A | 8 | 0 | C | E | 3 | 1 | 7 | 5 | D | B | 4 | 6 | 2 |
| 0 | 4 | 1 | 6 | 5 | 3 | 9 | C | A | B | 7 | D | 8 | 2 | E |
| C | 9 | B | E | D | 8 | 4 | 7 | 6 | 1 | 2 | 5 | 3 | A | 0 |
| 5 | D | 2 | 7 | A | 0 | 1 | E | 8 | 4 | 3 | C | 6 | B | 9 |
| A | 6 | 7 | 1 | 2 | B | D | 0 | 3 | E | 9 | 8 | C | 5 | 4 |
| 8 | 3 | E | 4 | 9 | C | B | 5 | 2 | 0 | 6 | A | 1 | D | 7 |
| 7 | B | C | 2 | 6 | 9 | 0 | 3 | 4 | D | 8 | 1 | 5 | E | A |
| D | 2 | 5 | B | 0 | 7 | C | 8 | E | A | 4 | 3 | 9 | 1 | 6 |
| 1 | E | 9 | C | 8 | D | 7 | A | B | 2 | 5 | 6 | 0 | 4 | 3 |
| 4 | 0 | 3 | 5 | E | A | 2 | 6 | 1 | 7 | B | 9 | D | C | 8 |
| 6 | 8 | A | 3 | 4 | 1 | 5 | 9 | D | C | 0 | E | 2 | 7 | B |

ଗତକାଲିର ଉତ୍ତର

# ପିଲାଙ୍କୁ ଅବୋଧ ବୁଢ଼ାଙ୍କ ଭାଷା



ଇଂ. ହାଡ଼ିବନ୍ଧୁ ଖଣ୍ଡୁଆଳ

ବେଳେ ବେଳେ ଆମେ ଶୁଣିବା ପୁରୁଖା ଲୋକମାନେ ଏହିପରି କଥାବାର୍ତ୍ତା ହେଉଥିବେ– ଆଗେ ଶସ୍ତା ଯୁଗ ଥିଲା। ଭରଣେ ଧାନ ବିକିଲେ ଭରିଏ ସୁନା କିଣି ହେଉଥିଲା। ଏସନ ପାଳକ ଏପରି ହେଲା ଲଘୁଧାନ ଅମଳ ୮ ଅଣା ମାଡ଼ ଖାଇଗଲା ଓ ଝିଅ ପାଇଁ ରତିଏ ସୁନା କିଣି ପାରିଲିନି। ଜଗନ୍ନାଥଙ୍କ ରତ୍ନଭଣ୍ଡାରରେ ମହଣ ମହଣ ସୁନା ଅଛି। ଆମେ ବିନା ରାସାୟନିକ ସାରରେ ଉତ୍ପାଦିତ ଶସ୍ୟ ଓ ପନିପରିବା ଖାଇ ଦେହରେ ଏତେ ତାକତ ଥିଲା ଯେ ଆମ ଘରଠାରୁ ଶ୍ରୀମନ୍ଦିର ୮ କୋଶ ବାଟ ହେଲେ ମଧ୍ୟ ମୁଁ ଝିଟ୍‌ଝିଟିଆରୁ ଘରୁ ବାହାରି ପୁରୀରେ ଦିପହର ଆଗରୁ ପହଞ୍ଚି, ସେଠାରେ ଜଗନ୍ନାଥ ଦର୍ଶନ ସାରି ଖରାବେଳେ ବାହାରି ଗୋଧୂଳି ବେଳକୁ ଗାଁରେ ପହଞ୍ଚୁଥିଲି। ସେମାନେ କଥା ହେଉଥିବା ଭରଣେ, ଭରିଏ, ୮ ଅଣା, ମହଣ, କୋଶ, ଝିଟ୍‌ଝିଟିଆ, ଦିପହର, ଖରାବେଳ, ଗୋଧୂଳି ଇତ୍ୟାଦି ଶବ୍ଦ ଏବର ଯୁବପିଢ଼ିକୁ ଅବୋଧ ହେବ। ଏ ପ୍ରକାର ଓଜନ ମାପ ପ୍ରଣାଳୀ ୧୯୭୦ ଦଶକ ପର୍ଯ୍ୟନ୍ତ ପ୍ରଚଳିତ ଥିଲା। ଏ ଓଜନ ମାପ ପ୍ରଣାଳୀକୁ କୁହାଯାଉଥିଲା ଫୁଟ୍–ପାଉଣ୍ଡ–ସେକେଣ୍ଡ ବା ଏଫ୍‌ପିଏସ୍ ମାପ ପ୍ରଣାଳୀ। ଏବେ ଯେଉଁ ମାପ ପ୍ରଣାଳୀରେ କାରବାର ଚାଲିଛି, ତାକୁ କୁହାଯାଉଛି, ମିଟର–କିଲୋଗ୍ରାମ୍–ସେକେଣ୍ଡ ବା ଏମ୍‌କେଏସ୍ ମାପ ପ୍ରଣାଳୀ ବା ମେଟ୍ରିକ ପ୍ରଣାଳୀ।

ପୂର୍ବେ ଏଫ୍‌ପିଏସ୍ ପ୍ରଣାଳୀରେ ଦୈର୍ଘ୍ୟ ବା ଦୂରତା ମାପର ଏକକ ଥିଲା ଫୁଟ। ଦୂରତା ମପା ଯାଉଥିଲା ଫୁଟର ଗୁଣିତକ ଗଜ, ମାଇଲରେ। ଯେପରି ୩ ଫୁଟରେ ହେଉଥିଲା ଏକ ଗଜ ଓ ୧୭୬୦ ଗଜରେ ହେଉଥିଲା ଏକ ମାଇଲ। କମ୍ ଦୈର୍ଘ୍ୟ ମପାଯାଉଥିଲା ଫୁଟର ଭଗ୍ନାଂଶରେ, ଯେପରି ଫୁଟକର ୧୨ ଭାଗରୁ ଭାଗେ ଏକ ଇଞ୍ଚ। ଛୋଟ ଦୈର୍ଘ୍ୟ ମପାଯାଉଥିଲା ୬ ଫୁଟିଆ ଫିତାରେ ବା ଫୁଟିକିଆ ସ୍କେଲରେ। ବଡ଼ ଦୈର୍ଘ୍ୟ ମପାଯାଉଥିଲା ଚେନ୍‌ରେ। ଏ ଚେନ୍‌କୁ କୁହାଯାଏ ଗଣ୍ଟର ଚେନ୍ ବା ଜମିବାଡ଼ି ମାପ ଚେନ୍। ଏ ଚେନ୍‌ର ଲମ୍ବ ୬୬ ଫୁଟ୍ ଓ ଏଥିରେ ଥିଲା ୧୦୦ଟି କଡ଼ି। ୮୦ ଚେନ୍‌ରେ ହୁଏ ଏକ ମାଇଲ। ଦେଢ଼ ମାଇଲକୁ କୁହାଯାଉଥିଲା ଏକ କୋଶ। ହାଟ ବଜାରରେ ଗାମୁଛା, ଧୋତି, ଶାଢ଼ି ଇତ୍ୟାଦି ଲୋକେ ମାପୁଥିଲେ ହାତ କହୁଣିରେ, ଯେପରି ଚାରିହାତି ଗାମୁଛା, ଛଅହାତି ଧୋତି, ୧୦ ହାତି ଶାଢ଼ି ଇତ୍ୟାଦି। ଦେଢ଼ ଫୁଟ୍‌ରେ ଏକ ହାତ ଧରୁଥିଲେ। ଦୁଇ ଚାଖଣ୍ଡରେ ଏକ ହାତ ହୁଏ। ଜଣେ ମଣିଷର ଉଚ୍ଚତା ତା' ହାତରେ ଚଉଦ ପା ଅର୍ଥାତ୍ ସାଢ଼େ ତିନି ହାତ ବା ତିନି ହାତ ଏକ ଚାଖଣ୍ଡ। ଜଳାଶୟରେ ଜଳର ଗଭୀରତା ପ୍ରକାଶ କରିବାକୁ କହୁଥିଲେ– ଆଣ୍ଠୁଏ, ଜଙ୍ଘେ, ଅଣ୍ଟାଏ, ଛାତିଏ, ପୁରୁଷେ ବା କାତେ ପାଣି, ନଈରେ ଡଙ୍ଗା ଚଳାଯାଏ ବାଉଁଶ କାତରେ ଓ କାତର ଲମ୍ବ ପ୍ରାୟ ୧୨ ଫୁଟ୍।

ଜମିବାଡ଼ିର ଦୈର୍ଘ୍ୟ, ପ୍ରସ୍ଥ ମପାଯାଉଥିଲା ୬୬ ଫୁଟିଆ ଚେନ୍‌ରେ। କ୍ଷେତ୍ରଫଳ ପ୍ରକାଶ କରାଯାଏ ଏକର, ଗୁଣ୍ଠ, ବିଶ୍ୱା ଓ ଡିସିମିଲରେ। ଏକ ଏକର ୨୫ ଗୁଣ୍ଠ, ଗୁଣ୍ଠକ ୧୬ ବିଶ୍ୱା। ଏକ ଏକର ୧୦୦ ଡିସିମିଲ ଓ କେଉଁଠି କେଉଁଠି ହଜାରେ ଡିସିମିଲ ଧରୁଥିଲେ। ୧୦ ଚେନ୍ ଲମ୍ବ ଓ ଏକ ଚେନ୍ ପ୍ରସ୍ଥ ଜମିର କ୍ଷେତ୍ରଫଳ ଏକ ଏକର ହୁଏ। ଖୋଳାଯାଇଥିବା ମାଟି, ବାଲି ବା ଟ୍ରକ ଡାଲାର ଆୟତନ ମପାଯାଉଥିଲା ସିଏଫ୍ଟି ବା ଘନଫୁଟ୍‌ରେ। ଖଣିଜତୈଳ, ଜଳ, କ୍ଷୀର ମପାଯାଉଥିଲା ଗ୍ୟାଲେନରେ। ଦଶ ପାଉଣ୍ଡ ଓଜନ ଜଳର ପରିମାଣକୁ କୁହାଯାଉଥିଲା ଏକ ଗ୍ୟାଲେନ। ସେତେବେଳେ ବୈଜ୍ଞାନିକ ଓ ବୈଷୟିକ ଶିକ୍ଷା କ୍ଷେତ୍ରରେ ଓଜନର ଏକକ ଥିଲା ପାଉଣ୍ଡ। ହଜାରେ ପାଉଣ୍ଡ ଓଜନକୁ କୁହାଯାଉଥିଲା ଏକ ଟନ୍। ହାଟ ବଜାରରେ ଖାଇବା ତେଲ, ଘିଅ, କ୍ଷୀର ଇତ୍ୟାଦି ତରଳ ପଦାର୍ଥକୁ ଏକ ବାଉଁଶ ନଳା ବା ଟିଣ ପଳାରେ ମାପ କରାଯାଉଥିଲା। ଏକ ସେର ଓଜନ ପାଣି ଧରୁଥିବା ନଳାକୁ ଏକ ସେରିଆ ନଳା କୁହାଯାଉଥିଲା। ଏକ ସେରିଆର ଅଧାକୁ ଅଧସେରିଆ, ଏକ ସେରିଆର ଏକ ଚତୁର୍ଥାଂଶକୁ ପାଆକିଆ ଓ ଏକ ସେରିଆର ୧୬ ଭାଗରୁ ଏକ ଭାଗକୁ ଛଟାଙ୍କିଆ ନଳା କୁହାଯାଉଥିଲା।

ନିକିତି ଓ ବଟକରାରେ କାରବାର ହେଉଥିବା ପଦାର୍ଥ ହେଲା ଚାଉଳ, ଡାଲି, ମସଲା, ପରି ଯାବତୀୟ ତେଜରାତି ପଦାର୍ଥ, ମିଠା ଜିନିଷ, ପନିପରିବା, ମାଛଶୁଖୁଆ, ଫଳମୂଳ ଇତ୍ୟାଦି। ବ୍ୟବହାର ହେଉଥିବା ବଟକରା ଥିଲା ସେର, ଅଧସେର, ପାଆ, ଛଟାଙ୍କି ଓ ତୋଳା। ସେତେବେଳେ ପ୍ରଚଳିତ ବଡ଼ ଏକଟଙ୍କିଆ ମୁଦ୍ରା ଓଜନକୁ କୁହାଯାଉଥିଲା ଏକ ତୋଳା ବା ଏକ ଭରି। ୧୦୫ ତୋଳା ଓଜନକୁ କୁହାଯାଉଥିଲା ଏକ ସେର। ଦେଢ଼ସେର ଓଜନକୁ କୁହାଯାଉଥିଲା ଏକ ବିଶା। ବଡ଼ ମାଛ ଶୁଖୁଆ, ଖମ୍ବଆଳୁ, ସାରୁ, କଖାରୁ ଇତ୍ୟାଦିକୁ ମପା ଯାଉଥିଲା ବିଶାରେ। ବଡ଼ ବଡ଼ ଭୋଜି ପାଇଁ ବା ବନ୍ଧୁବାନ୍ଧବଙ୍କ ଘରକୁ ପଠାଯାଉଥିବା ପରିବା ମପାଯାଉଥିଲା ଅଙ୍ଗାରେ। ପାଖାପାଖି ୧୦ ସେର ଓଜନର ପରିବା ଧରୁଥିବା ଟୋକେଇକୁ କୁହାଯାଉଥିଲା ଅଙ୍ଗାକିଆ ଟୋକେଇ। ଦୁଇ ଅଙ୍ଗାରେ ହୁଏ ଏକ ଭାର। ୪୦ ସେରରେ ହୁଏ ଏକ ମହଣ। କୋଇଲା, ଜାଳେଣି କାଠ, ଚାଉଳ ବସ୍ତା, ଲୁହାଛଡ଼, କଡ଼ି, ବର୍ଗା ଇତ୍ୟାଦି ଓଜନିଆ ପଦାର୍ଥକୁ ମପାଯାଉଥିଲା ମହଣରେ। ସୁନା, ରୁପା ପରି ଦାମିକା ଧାତୁ ବା ଗହଣା ଓଜନ ହେଉଥିଲା ଭରି (ତୋଳା), ରତି, ଧାନରେ। ଭରିକର ଏକ ଅଷ୍ଟମାଂଶ ହେଉଥିଲା ଏକ ରତି ଓ ରତିକର ଏକ ଚତୁର୍ଥାଂଶ ହେଉଥିଲା ଏକ ଧାନ। ଜଳରେ କ୍ଷୁଦ୍ରାତିକ୍ଷୁଦ୍ର ପଦାର୍ଥ ଓ ବାଷ୍ପ ଦ୍ରବୀଭୂତ ହୋଇଥାଏ। ତାକୁ ମପା ଯାଉଥିଲା ପିପିଏମ୍ (ପାର୍ଟସ ପର୍ ମିଲିୟନ)ରେ। ଯଦି କୁହାଯାଉଥିଲା ଜଳରେ ଅମ୍ଳଜାନ ଭାଗ ୮ ପିପିଏମ୍, ତେବେ ବୁଝିବାକୁ ହେଉଥିଲା ଜଳର ଏକ ନିୟୁତ ଭାଗରୁ ୮ ଭାଗ ହେଉଛି ଅମ୍ଳଜାନ। କୁହାଯାଏ ପାନୀୟଜଳରେ ଦେଢ଼ ପିପିଏମ୍‌ରୁ ଅଧିକ ଭାଗ ଫ୍ଲୋରାଇଡ ପଦାର୍ଥ ଥିଲେ, ସେ ଜଳ ପାନ କଲେ ଗଳଗଣ୍ଡ ରୋଗ ଧରେ।

ଅମଳ ଧାନ ମପାଯାଉଥିଲା ଭରଣ ଓ ଗୌଣୀରେ। ବେତରେ ତିଆରି ଗୌଣୀରେ ଧରୁଥିଲା ୪ ସେର ଓଜନର ଧାନ। ୮୦ ଗୌଣୀ ଧାନରେ ହେଉଥିଲା ଏକ ଭରଣ। ଧାନ, ଚାଉଳ, ଚୁଡ଼ା, ମୁଢ଼ି ଇତ୍ୟାଦି ମପାଯାଉଥିଲା ବେତ ତିଆରି ମାଉଣୀରେ। ଏକ ମାଉଣୀ ଚାଉଳର ଓଜନ ଥିଲା ଏକ ସେର। ଗ୍ରାମଗୁଡ଼ିକରେ ଚାଉଳ, ମୁଗ, ବିରି, ମୁଢ଼ି, ଚୁଡା ଇତ୍ୟାଦି ବିକ୍ରି ଖର୍ଦ୍ଦି ହେଉଥିଲା ବିଶେଷକରି କାଠ ତିଆରି ଅଢ଼ାରେ। ଏକ ଅଢ଼ା ଚାଉଳର ଓଜନ ଥିଲା ୪ ଛଟାଙ୍କି। ଦେଶୀ ଆମ୍ବ ବିକ୍ରି ହେଉଥିଲା ପଣରେ। ୮୦ଟା ଆମ୍ବକୁ କୁହାଯାଉଥିଲା ଏକ ପଣ ଆମ୍ବ। ୪ଟା ଆମ୍ବକୁ କୁହାଯାଉଥିଲା ଏକ ଗଣ୍ଡା ବା ଏକ ପୁଞ୍ଜା ଆମ୍ବ। ପର୍ବପର୍ବାଣିରେ ଯୋଗୀ, ଭିକାରି, ଚାକରବାକର ଗୃହସ୍ଥଙ୍କ ଘରକୁ ଯାଇ ମାଗନ୍ତି ପୁଞ୍ଜାଏ ମଣ୍ଡାପିଠା। କଦଳୀ, ଅଣ୍ଡା ଇତ୍ୟାଦି ବିକ୍ରି ହେଉଥିଲା ଡଜନରେ। ୧୨ଟାକୁ କୁହାଯାଏ ଡଜନେ। ପାନପତ୍ର ବିକ୍ରି ହୁଏ କଡ଼ା ଓ ଯୋଡ଼ାରେ। ଏକକଡ଼ା ପାନ କହିଲେ ୨୫ ଯୋଡ଼ା ବା ୫୦ଟା ପାନପତ୍ର।

ଜଳାଶୟର ଜଳ ଧାରଣ କ୍ଷମତା ପ୍ରକାଶ କରାଯାଉଥିଲା ଏକର–ଫୁଟରେ। ୫ ଏକର ଜଳାଶୟରେ ୨ ଫୁଟ ଗଭୀରର ଜଳ ଥିଲେ, ସେ ଜଳାଶୟର କ୍ଷମତା ୫x୨=୧୦ ଏକର ଫୁଟ। ନଦୀରେ ବା ପୋଲ ଫୁକାରରେ ବା ନଦୀବନ୍ଧ ଗେଟ୍‌ରେ ପ୍ରବାହିତ ଜଳକୁ ମପାଯାଉଥିଲା କ୍ୟୁସେକରେ, ଯାହାର ଅର୍ଥ ସେକେଣ୍ଡକୁ କେତେ ଘନଫୁଟ ଜଳ ପ୍ରବାହିତ ହେଉଛି। ଭାରି ପଦାର୍ଥ ଉଠାଇବାକୁ ବଳ ମପାଯାଉଥିଲା ପାଉଣ୍ଡରେ। ଗାଁ ଗଣ୍ଡାରେ ପାଉଣ୍ଡ ଜାଗାରେ ସେର ଓ ବିଶା ବ୍ୟବହାର ହୁଏ। ରାମାୟଣରେ ବର୍ଣ୍ଣିତ ଅଛି– ହନୁମାନ ଲଙ୍କାଗଡ଼ର କାଳୀଠାକୁରାଣୀଙ୍କ ପିଠିରେ ବିଶାବଳି (ଏକ ବିଶା ଓଜନ) ବିଧା ମାରିଥିଲେ।

ପ୍ରେସର ବା ଚାପ ମପାଯାଉଥିଲା ପାଉଣ୍ଡ/ବର୍ଗଇଞ୍ଚରେ। ପୃଥିବୀପୃଷ୍ଠରେ ବାୟୁମଣ୍ଡଳୀୟ ଚାପ ବର୍ଗଇଞ୍ଚକୁ ୧୪.୭ ପାଉଣ୍ଡ କୁହାଯାଉଥିଲା। ବାୟୁର ଚାପକୁ ମଧ୍ୟ ଇଞ୍ଚ ଓ ଫୁଟରେ ପ୍ରକାଶ କରାଯାଉଥିଲା। ବାୟୁମଣ୍ଡଳୀୟ ଚାପ ହେଉଥିଲା ୩୦ ଇଞ୍ଚ ପାରଦ ବା ୩୪ ଫୁଟ ଜଳ। ଅର୍ଥାତ୍ ଏକ ଜଳାଶୟରେ ଆମେ ନଳୀଟିଏ ରଖି ୪୦ ଫୁଟ ଉପରୁ ଶୋଷିଲେ ନଳୀରେ ଜଳ ମାତ୍ର ୩୪ ଫୁଟ ଉପରକୁ ଉଠିବ, ତା'ଠାରୁ ଅଧିକ ଉଚ୍ଚ ଉଠିବନି। ଏପରି ପାଣିପମ୍ପ ଉଦ୍ଭାବନ ହୋଇପାରିବ ନାହିଁ ଯେ ୩୪ ଫୁଟରୁ ଅଧିକ ତଳୁ ପାଣି ଉଠାଇପାରିବ। କିନ୍ତୁ ପମ୍ପଟିଏ ଶହ ଶହ ଫୁଟ ଉପରକୁ ପାଣି ଠେଲି ଫିଙ୍ଗିଦେବ।

ପୂର୍ବେ କିଣାବିକାରେ ଯେଉଁ ମୁଦ୍ରା ପ୍ରଚଳନ ଥିଲା, ସେଗୁଡିକ ଥିଲା ଟଙ୍କା, ଅଧୁଲି, ସିଉକି, ଦୋଅଣି, ଅଣି ବା ଅଣା, ପଇସା, ଅଧଲା ଓ ପାହୁଲା, ଟଙ୍କାର ଅଧାକୁ ଅଧୁଲି, ଅଧୁଲିର ଅଧାକୁ ସିଉକି, ସିଉକିର ଅଧାକୁ ଦୋଅଣି, ଦୋଅଣି ଅଧାକୁ ଏକ ଅଣି ବା ଏକ ଅଣା କୁହାଯାଉଥିଲା। ଏକ ଅଣାକୁ ଚାଲି ପଇସା, ଏକ ପଇସାକୁ ଦୁଇ ଅଧଲା ଓ ଏକ ପଇସାକୁ ତିନି ପାହୁଲା ହେଉଥିଲା। ଏକ ଟଙ୍କାକ ୧୬ ଅଣାର ବ୍ୟବହାର ଏତେ ବହୁଳ ଥିଲା ଯେ ସେତେବେଳେ ପ୍ରତିଶତ ବା ଶତକଡା ବଦଳରେ ଲୋକେ ଅଣାରେ କହୁଥିଲେ। ଯଦି ଫସଲ ହାନି ୫୦ ପ୍ରତିଶତ ହେଉଥିଲା, ଲୋକେ କହୁଥିଲେ ୮ ଅଣା ଫସଲ ମାଡ଼ ଖାଇଗଲା। ଏକ ଟଙ୍କା ୧୬ ଅଣା ପରି ଏକ ସେର ୧୬ ଛଟାଙ୍କି। ବିକ୍ରି ଖର୍ଦ୍ଦି ସମୟରେ ୧୬ର ଗୁଣିତକ ଓ ଗୁଣନୀୟକର ବହୁଳ ବ୍ୟବହାର ହେଉଥିଲା। ଓଜନ ପରି ସଉଦା କିଣାବିକାରେ ଚଟାପଟ ହିସାବ ପାଇଁ ପଣିକିଆରେ ଘୋଷା ଯାଉଥିଲା କାହାଣପଣ। ୧୬ ପଣରେ ହୁଏ ଏକ କାହାଣ। ପଣିକିଆରେ ବୋଲା ଯାଉଥିଲା, ଛଅ ଚଉ ଚବିଶ ପଣ = କାହାଣେ ଆଠପଣ। କାହାଣେ ଆଠପଣ ଲେଖାଯାଉଥିଲା ଏହିପରି– ୧୲, ୨୪ ଅଣା ମଧ୍ୟ ଲେଖାଯାଉଥିଲା ସେହିପରି– ଟ୧୲।

କୋଟିତୀର୍ଥ, ଭୁବନେଶ୍ୱର, ମୋ–୭୦୦୮୮୪୬୨୭୨

# ସେଦିନ ଶୌଚାଳୟରେ



ଅଞ୍ଜନ ଚାନ୍ଦ

ନାଟୁବାବୁଙ୍କୁ ଅଦ୍ଭୁତରୋଗ। ବେଳେବେଳେ ଶୋଇଯିବେ ଯେ ଆଉ ଉଠିବେ ନାହିଁ। ଦିନେ ସେମିତି ଶୋଇଲେ। ଯେତେ ଯାହା କଲେ ଉଠିଲେ ନାହିଁ। ଡାକ୍ତର ଆସି ପରୀକ୍ଷା କଲେ। କହିଲେ, ସେ ଆଉ ନାହାନ୍ତି। ତାଙ୍କ ସ୍ତ୍ରୀ ବିକଳ ସ୍ୱରରେ କାନ୍ଦିଉଠିଲେ। କାନ୍ଦ ଶୁଣି ହଠାତ୍ ନାଟୁବାବୁଙ୍କ ଚେତା ଫେରିଆସିଲା। କହିଲେ– ତୁମେ କାନ୍ଦୁଛ କାହିଁକି? ମୁଁ ତ ବଞ୍ଚିଛି। ସ୍ତ୍ରୀ ଚମକି ପଡ଼ିଲେ। ଆଶ୍ଚର୍ଯ୍ୟରେ କହିଲେ– ତୁମେ କ'ଣ ଡାକ୍ତରଙ୍କଠାରୁ ବେଶି ଜାଣିଛ ?

ଏହାପର ଘଟଣାଟି ଅଧିକ ବିସ୍ମୟକର। ସେଥର ଡାକ୍ତରବାବୁ ଆଉ ରିସ୍କ୍ ନେଲେନାହିଁ। କ୍ଲିନିକ୍‌କୁ ନେଇ ଗୋଟିଏ ଦିନ ରଖିଲେ। ଯେତେ ଯନ୍ତ୍ରପାତି ଥିଲା ସବୁଥିରେ ପରୀକ୍ଷା କଲେ। ଶେଷରେ ନିଃସନ୍ଦେହରେ କହିଲେ– ତାଙ୍କ ଆତ୍ମା ଆରପୁରରେ ପହଞ୍ଚିସାରିଛି। ସ୍ତ୍ରୀ ପୁଣି କାନ୍ଦିଲେ। ତାଙ୍କ ଛାତି ଉପରେ ଡୋ ଡୋ ମୁଣ୍ଡ ବାଡ଼େଇଲେ। ସେଇ ଆଘାତରେ ନିଶ୍ଚଳ ହୋଇପଡ଼ିଥିବା ହୃତ୍‌ପିଣ୍ଡ ପୁଣି ଦୁକ୍‌ଦୁକ୍ କରି ଉଠିଲା। ଡାକ୍ତର କହିଲେ– କୁଦ୍‌ରତ୍ କା କରିସ୍ମା। ସେପୁରକୁ ଯାଇ ଫେରିଆସିବା କାହାର ଭାଗ୍ୟରେ ଥାଏ ?

ଡାକ୍ତରବାବୁଙ୍କ କଥା ସତ ଥିଲା। ସେଥର ନାଟୁବାବୁ ଯମପୁରରେ ପହଞ୍ଚି ଯାଇଥିଲେ। କିଛି ସମୟ ଏଣେତେଣେ ବୁଲିଥିଲେ। ଦେଖିଲେ କାନ୍ଥରେ ଅସଂଖ୍ୟ ଘଣ୍ଟା ଲାଗିଛି। ସବୁ ଘଣ୍ଟାରେ ଗୋଟେ ଗୋଟେ ଦେଶର ନାଁ ଲେଖାଯାଇଛି। ସେଗୁଡ଼ିକ ବି ଠିକ୍ ଚାଲୁନାହିଁ। କେଉଁଟା ଜୋର୍ ଚାଲୁଛି ତ କେଉଁଟା ଧୀରେ। ଏଠାରେ କ'ଣ କେହି ଘଣ୍ଟା ମେକାନିକ୍ ନାହାନ୍ତି ? ଯମରାଜଙ୍କୁ ଦେଖାକରି ସେ ପଚାରିଲେ। ଯମରାଜ କହିଲେ– ସେଗୁଡ଼ିକ ସମୟଘଣ୍ଟା ନୁହେଁ, ମିଛଘଣ୍ଟା। ଯେଉଁ ଦେଶରେ ମିଛ ଯେତେ ଅଧିକ ସେ ଦେଶର ଘଣ୍ଟା ସେତେ ବେଗରେ ଚାଲିଛି। ନାଟୁବାବୁ ପଚାରିଲେ– ଭାରତର ଘଣ୍ଟା ତ କେଣେ ଦେଖିବାକୁ ପାଇଲିନାହିଁ? ଯମରାଜ କହିଲେ– ମୋ ମୁଣ୍ଡ ଉପରେ ଏଇ ଯେଉଁ ପଙ୍ଖାଟି ବୁଲୁଛି ସେଇଟା ଆଉ କ'ଣ କି? ଭାରତରେ ମୋବାଇଲର ପ୍ରଚଳନ ଦିନରୁ ଏଇଟା ବଢ଼ିଆ ବୁଲୁଛି।

ନାଟୁବାବୁଙ୍କୁ ନେଇ ଏଇ ଯେଉଁ କଥା ତାହା ସତ କି ମିଛ ମୋତେ ଜଣାନାହିଁ କିନ୍ତୁ ମୋବାଇଲ ଆସିବା ଦିନରୁ ଦେଶରେ ମିଛ ବଢ଼ିଛି କଥାଟି ନିରାଟ ସତ। କେଜାଣି କେଉଁ ମହାପୁରୁଷ ଏହାର ନାଁ ଦେଇଛନ୍ତି 'ମିଛକୁହା ଯନ୍ତ୍ର'। ଯନ୍ତ୍ରଟି ଯେବେ ବଜାରକୁ ଆସିଲା ବିଜ୍ଞାପନରେ ଦେଖାଇଲା ଜଣେ ସେଲୁନରେ ଖିଅର ହେଉଛି। ସେତେବେଳେ ତା' ପାଖକୁ ଆସୁଥିବା ଫୋନ୍‌ରେ ସେ କହୁଛି– ମୁଁ ଜରୁରୀ ମିଟିଂରେ ଅଛି। ସେଦିନରୁ 'ଆପଣ କେଉଁଠି ଅଛନ୍ତି?' ପ୍ରଶ୍ନର ଉତ୍ତରରେ ଶହେରୁ ନବେ ଜଣ ମିଛ କହୁଛନ୍ତି। ଫୋନ୍‌ରେ ମିଛ କହିବାରେ ଏମିତି ଅଭ୍ୟସ୍ତ ହୋଇଯାଇଛନ୍ତି ଯେ, ମୋ ସାଙ୍ଗ ରାଧୁ ଦିନେ ତା' ଘରର ଲ୍ୟାଣ୍ଡଫୋନ୍ ଧରି କହିଲା– ମୁଁ ଆଜି ଭୁବନେଶ୍ୱରରେ ଅଛି।

ସର୍ବେକ୍ଷଣରୁ ଜଣାଯାଇଛି ଆମ ଦେଶରେ ମୋବାଇଲର ପ୍ରଚଳନ ସବୁଠାରୁ ବେଶି। ପାଖରେ ଆଉ କିଛି ଥାଉ କି ନ ଥାଉ ମୋବାଇଲ ନ ଥିଲେ ଦଶଦିଗ ଅନ୍ଧାର। କ୍ୟାମେରା ଓ ଇଣ୍ଟରନେଟ୍ ଲାଗିବା ଦିନରୁ ଲୋକଙ୍କ ଆକର୍ଷଣ ପ୍ରବଳ ଗଢ଼ିଛି। ଗାଁ ଓ ବସ୍ତିରେ ଆଜି ବି ଅନେକ ଲୋକ ଅଛନ୍ତି ସକାଳେ ଲୋଟା ଧରି ବୁଦାମୂଳକୁ ଯାଆନ୍ତି। ସେତେବେଳେ ବି ସେମାନେ ହାତରେ ମୋବାଇଲ ଧରିଥାଆନ୍ତି ଏବଂ ଦିନେ ଆଶ୍ଚର୍ଯ୍ୟ ହୋଇ ମୁଁ ଦେଖିଲି ବୁଦାପଛରୁ ହାତଟେକି ଜଣେ ସେଲ୍‌ଫି ନେଉଛି।

ମୋବାଇଲ ବିଷୟରେ ଛୋଟ ପିଲାମାନେ ଓଳିଆରୁ ଗଜା। ହାତରେ ଖଡ଼ି ଧରିବା ଆଗରୁ ମୋବାଇଲରେ ଟିପ ମାରି କେତେ କ'ଣ କରିଦିଅନ୍ତି। ପଣ୍ଡିତ ମହାଶୟ କୁହନ୍ତି– ସେମାନେ ସବୁ ଅଭିମନ୍ୟୁ। ଆଜିକାଲି ମାଆମାନେ ଗର୍ଭବତୀ ହେବାମାତ୍ରେ ଡାକ୍ତରଙ୍କ ପାଖକୁ ଯାଆନ୍ତି। ଡାକ୍ତର ମହାଶୟ କୁହନ୍ତି– ଔଷଧ ଖାଅ, ବିଶ୍ରାମ କର। ମାଆମାନେ ବିଶ୍ରାମ କରନ୍ତି। କାମ ନ ଥିବାରୁ ଟିଭି ଦେଖନ୍ତି। ମୋବାଇଲ ଚିପନ୍ତି। ପେଟ ଭିତରେ ଥିବା ପିଲା ସେଇଦିନରୁ ସେ ଦୁଇଟି ଜିନିଷ ବିଷୟରେ ଜ୍ଞାନ ପାଇଯାଆନ୍ତି ଏବଂ ଜନ୍ମହେବା ବେଳକୁ ଦଶମାସର ଅଭିଜ୍ଞତା ନେଇ ବାହାରନ୍ତି।

ଆଗରୁ କୁହାଯାଉଥିଲା କଥା କମ୍ କାମ ବେଶି। ଏବେ ସେଇଟା ଓଲଟି ଯାଇଛି। କାମ କମ୍ କଥା ବେଶି। ପଣ୍ଡିତେ କୁହନ୍ତି, ଏଇଟା ବି ମୋବାଇଲର ଅବଦାନ। ସେଥିରେ ଏବେ ମାଗଣା ଟକ୍‌ଟାଇମ୍ ମିଳୁଛି।

ମୋବାଇଲର ଯେତେ ଗୁଣଗ୍ରାମ, ଦେଶ ଦୁନିଆକୁ ସେ ଯେମିତି ନିଜ ଇଚ୍ଛାରେ ଚଳାଇ ନେଉଛି, ସବୁକଥା ଲେଖିବସିଲେ ଗ୍ରନ୍ଥଟିଏ ହେବ। ମୋବାଇଲକୁ ନେଇ କାହାର କେତେ କ'ଣ ଅନୁଭୂତି। ମୋ ଅନୁଭୂତିରୁ କଥାଟିଏ ଶୁଣନ୍ତୁ।

ଘଟଣାଟି ଷ୍ଟେଶନ ପାଖରେ ଥିବା ଗୋଟେ ବେସରକାରୀ ଶୌଚାଳୟରେ ଘଟିଥିଲା। ଆଜ୍‌ବେଷ୍ଟସ୍ ଛାଉଣି ଧାଡ଼ିଏ ଘର। ତା' ଭିତରେ ଟିଣକବାଟ ଲାଗିଥିବା କେତୋଟି ଦୁଇଫୁଟିଆ ପାଇଖାନା। ମଝିରେ ତିନିଇଞ୍ଚିଆ ପତଳା କାନ୍ଥ। ସେଇଥିରୁ ଗୋଟିକରେ ମୁଁ ବସିଛି। ହଠାତ୍ ସେପାଖ ପାଇଖାନାରୁ ଶୁଭିଲା– ଆଉ କ'ଣ ଖବର? ମୁଁ କହିଲି– ଭଲ। –କାମ ଠିକ୍ ଚାଲିଛି। – ନା, ଟିକେ କଠିନ ଦୋଷ ଅଛି। –ମୁଁ ଯିବି କି? –ଆପଣ ଆସିଲେ କ'ଣ ତରଳିଯିବ ? ସେପଟ ଲୋକଟି ହଠାତ୍ ବଡ଼ପାଟିରେ କହିଲା– ତୁ ଟିକେ ଫୋନ୍‌ଟା ରଖିଲୁ। ସେପଟେ କିଏ ଗୋଟେ ବସି ମୋର ସବୁକଥାରେ ଜବାବ ଦେଉଛି। ଯାଉଛି ତା' ହରି ଛଡ଼ାଇଦେବି।

ବିକାଶ ନଗର, ଅଙ୍ଗାରଗଡ଼ିଆ, ବାଲେଶ୍ୱର,
ମୋ– ୯୪୩୭୨୯୬୮୬୪

## ଏଇ ଭାରତରେ

ହେଲ୍‌ମେଟ ପିନ୍ଧି ବୁଲେଟ ଚଢି ଉଦୟପୁର ସହରରେ ସ୍ୱଚ୍ଛତା ପାଇଁ ଲୋକଙ୍କୁ ସଚେତନ କରୁଥିବା ଝିଅ ଜଣଙ୍କୁ ଦେଖିଲେ ଜାଣିବେ ଯେ ସେ ହେଉଛନ୍ତି ଡ. ମୋନିକା ଜୈନ। ରାଜସ୍ଥାନର ଉଦୟପୁର ସହରର ୨୭ ନମ୍ବର ୱାର୍ଡର କାଉନ୍‌ସିଲର ମୋନିକା ଏବେ ସ୍ୱଚ୍ଛତାର ରୋଲ୍ ମଡେଲ ପାଲଟିଯାଇଛନ୍ତି। ବୁଲେଟ୍‌ବାଲି କାଉନ୍‌ସିଲର ଭାବେ ଜଣାଶୁଣା ମୋନିକା ଘର ଘର ବୁଲି ହଜାର ହଜାର ଲୋକଙ୍କୁ ସଚେତନ କରିବା ସହ ପ୍ରତିଦିନ ସହରକୁ ସ୍ୱଚ୍ଛ ରଖିବା ଲାଗି ଲୋକମାନଙ୍କୁ ଶପଥ କରାଉଛନ୍ତି। ଆଇନ୍‌ରେ ଡିଗ୍ରୀ ହାସଲ ପରେ ପିଏଚ୍‌ଡି କରିଥିବା ମୋନିକା ତାଙ୍କ ସହଯୋଗୀଙ୍କ ସହ କେବଳ ତାଙ୍କ ୱାର୍ଡ ନୁହେଁ ଉଦୟପୁର ସହରର ସ୍ୱଚ୍ଛତା ଲାଗି ସକ୍ରିୟ ଅଭିଯାନ ଚଳାଇଛନ୍ତି। ଲୋକମାନେ ବି ତାଙ୍କର ଏହି ଅଭିଯାନରେ ଯୋଡି ହେଉଛନ୍ତି। କେବଳ ଏତିକି ନୁହେଁ ସହରର ଛୋଟବଡ ଦୋକାନକୁ ତାଙ୍କ ଅଭିଯାନରେ ସାମିଲ କରୁଛନ୍ତି। ଏହି ଅଭିଯାନର ପ୍ରଭାବ ଏମିତି ପଡିଛି ଯେ, ୨୭ ନମ୍ବର ୱାର୍ଡରେ ଠେଲା ଗାଡିଠାରୁ ଆରମ୍ଭ କରି ଛୋଟ ବଡ଼ ଦୋକାନ ସମସ୍ତେ ଡଷ୍ଟବିନ ରଖିଛନ୍ତି। ଡ. ମୋନିକାଙ୍କ ସ୍ୱଚ୍ଛତା ଅଭିଯାନରେ ଆଖପାଖର ସରକାରୀ ଓ ବେସରକାରୀ ସଂସ୍ଥାଗୁଡିକ ସଫେଇ କାର୍ଯ୍ୟରେ ଲାଗିଯାଇଛନ୍ତି। ଉଦୟପୁର ପରେ ଇନ୍ଦୋରକୁ ସ୍ୱଚ୍ଛ ରଖିବାକୁ ଲକ୍ଷ୍ୟ ରଖିଛନ୍ତି ମୋନିକା ।

## ୨୫ ବର୍ଷ ତଳର ଧରିତ୍ରୀ

**୧୫ ଫେବୃୟାରୀ ୧୯୯୫**

- ଜାପାନର ଅର୍ଥନୈତିକ ବଜାରରେ ବିଦେଶୀ କମ୍ପାନୀମାନଙ୍କୁ ସୁବିଧା ଦେବା ନିମନ୍ତେ ଜାପାନ ଆମେରିକା ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ।
- ଚଳିତବର୍ଷ ଜୁଲାଇ–୧୭ ତାରିଖ ପର୍ଯ୍ୟନ୍ତ ଜମ୍ମୁ–କଶ୍ମୀରରେ ରାଷ୍ଟ୍ରପତି ଶାସନର ମିଆଦ ବୃଦ୍ଧି ପ୍ରସ୍ତାବ ପାର୍ଲାମେଣ୍ଟରେ ସର୍ବସମ୍ମତିକ୍ରମେ ଅନୁମୋଦନ ଲାଭ କରିଛି।
- କେରଳର କେ. କରୁଣାକରନଙ୍କ ନେତୃତ୍ୱାଧୀନ ୪୩ ମାସର ମିଳିତ ଗଣତାନ୍ତ୍ରିକ ସାମ୍ମୁଖ୍ୟ ସରକାର ବିରୁଦ୍ଧରେ ବିରୋଧୀ ଦଳ ପକ୍ଷରୁ ଆଗତ ଅନାସ୍ଥା ପ୍ରସ୍ତାବ କାଟ ଖାଇଯାଇଛି।

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ରତ୍ୟେକ ଅଫିସ୍‌ରେ ହେଲ୍ପ ଡେସ୍କ ରହୁ

ମହାଶୟ,

ଅନେକ ଦିନରୁ ପିସି ଚାଲିଥିଲା। ହଠାତ୍ ଦିନେ ମୁଖ୍ୟମନ୍ତ୍ରୀ କହି ପକାଇଲେ ଏଣିକି ପିସି ବନ୍ଦ। ସେହି ଦିନଠାରୁ ଲୋକଙ୍କ ଉପରେ ପିସିର ଚାପ ବଢ଼ିଗଲା। ଭିଜିଲାନ୍ସକୁ ଡରି ବାବୁମାନେ ଦଲାଲଙ୍କୁ ପାଳି ପୋଷି ରଖିଲେ। ଫଳରେ ଦାତା ବା ଗ୍ରହୀତା କେତେ ନେଲେ ବା ଦେଲେ କେହି କିଛି ଜାଣିଲେ ନାହିଁ ବରଂ ଦଲାଲମାନଙ୍କର ହାତ ଚିକ୍କଣ ହେଲା। ବିଭିନ୍ନ ଦପ୍ତରରେ ଦଲାଲମାନେ ଆସନ ଜମାଇ ଦେଲେ। ବିନା ଦଲାଲରେ କୌଣସି ସ୍ଥାନରେ କିଛି କାମ ହେଲାନାହିଁ। ସରକାର ଦିନେ ହଠାତ୍ ଘୋଷଣା କଲେ ଦପ୍ତରଗୁଡ଼ିକୁ ଦଲାଲମୁକ୍ତ କରାଯିବ। ଅନେକ ଦଲାଲଙ୍କୁ ଆର୍‌ଟିଓ ଅଫିସ ଏବଂ ହସ୍ପିଟାଲରୁ ଧରାଗଲା। ଲୋକେ ଏବେ କାମ କରାଇବା ପାଇଁ ଅସୁବିଧା ଭୋଗୁଛନ୍ତି। ତେଣୁ ସେମାନଙ୍କ ପାଇଁ ପ୍ରତ୍ୟେକ ଅଫିସରେ ହେଲ୍ପ ଡେସ୍କର ବ୍ୟବସ୍ଥା କରାଯାଉ।

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

### ମିଲର ମାଲାମାଲ, ଚାଷୀ ବେହାଲ

ମୁଣ୍ଡର ଝାଳ ତୁଣ୍ଡରେ ମାରି ଚାଷୀ ସମସ୍ତଙ୍କୁ ଆହାର ଯୋଗାଉଥିଲେ ମଧ୍ୟ ସେମାନଙ୍କ ଦୁଃଖ କେହି ବୁଝୁନାହାନ୍ତି। ସରକାରୀ ନିୟମ ଅନୁସାରେ ମଣ୍ଡିରେ ଧାନ ଦେଇ ପାରୁନାହାନ୍ତି ଚାଷୀ। କାରଣ ଚାଷୀମାନେ ଠିକ୍ ସମୟରେ ଟୋକନ ପାଇ ପାରୁନାହାନ୍ତି। ଫଳରେ ବିଲରେ ଧାନବସ୍ତା ହୋଇ ପଡି ରହୁଛି ଦିନ ଦିନ ଧରି। ଏଣେ ବର୍ଷା ଦାଉ ସାଧୁଛି। ବିଲରେ ଓ ମଣ୍ଡିରେ ଧାନ ଓଦା ହେଉଛି। ମଣ୍ଡିରେ ଧାନକୁ ଘୋଡାଇବା ପାଇଁ ପାଲର ବ୍ୟବସ୍ଥା ନାହିଁ। ସୋସାଇଟିରେ ଧାନ ରଖିବାକୁ ମଧ୍ୟ ଜାଗା ନାହିଁ। ତେଣୁ ଚାଷୀ ବାଧ୍ୟ ହୋଇ ବାହାର ବେପାରୀଙ୍କୁ ଧାନ ବିକୁଛନ୍ତି। ଏହାର ଫାଇଦା ଉଠାଉଛନ୍ତି ମିଲରମାନେ। ସେମାନେ କୁଇଣ୍ଟାଲରେ ୪/୫ କିଲୋ ଧାନ ଅଧିକ ନେଉଛନ୍ତି, ସରକାରୀ ରେଟ୍‌ଠାରୁ ୪୦୦/୫୦୦ ଟଙ୍କା କମ୍‌ରେ କିଣୁଛନ୍ତି ଓ ଓଜନରେ ମଧ୍ୟ ଠକୁଛନ୍ତି। ଏହି ଧାନକୁ ମିଲରମାନେ ପଡ଼ୋଶୀ ରାଜ୍ୟକୁ ଚାଲାଣ କରୁଛନ୍ତି। ଫଳରେ ମିଲରମାନେ ମାଲାମାଲ ହେଉଥିବା ବେଳେ ବିଚରା ଚାଷୀମାନେ ତଳିତଳାନ୍ତ ହେଉଛନ୍ତି। ତେଣୁ ସରକାର ଚାଷୀଙ୍କୁ ଶୀଘ୍ର ଟୋକନ ଦିଅନ୍ତୁ, ମଣ୍ଡିରେ ଚାଷୀଙ୍କ ସବୁ ଧାନ କିଣିବା ପାଇଁ ସମୟସୀମା ବଢାଇ ଦିଆଯାଉ ଓ ମିଲରମାନଙ୍କ ଉପରେ ଅଙ୍କୁଶ ଲଗାଯାଉ।

ଭଗବାନ ଦାସ, ହରିନିବାସ, ନାରାୟଣପୁର, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ


### ଶହୀଦ ଦିବସ ପାଳିତ

ବାଲିଆ, ୧୪।୨: ପୁଲୱାମା ଆକ୍ରମଣରେ ଶହୀଦ ହୋଇଥିବା ଭାରତୀୟ ବୀର ଜବାନଙ୍କ ଉଦ୍ଦେଶ୍ୟରେ ବିରିଡି ବ୍ଲକ ଅଧୀନ ବାଲିଆ ଗୋପୀନାଥପୁରଠାରେ ଶହୀଦ ଦିବସ ପାଳିତ ହୋଇଯାଇଛି। ଉତ୍କଳ ଗୌରବ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଜଗନ୍ନାଥ ସଂସ୍କୃତି କଥା ପ୍ରଚାରକ ବାବା ଦିବାକର ଦାସଙ୍କ ପୌରହିତ୍ୟ କରିଥିଲେ। ଏହି ଅବସରରେ ଶହୀଦଙ୍କ ଉଦ୍ଦେଶ୍ୟରେ ପ୍ରଦୀପ ପ୍ରଜ୍ୱଳନ କରାଯିବା ସହ ୨ ମିନିଟ ନିରବ ପାର୍ଥନା କରାଯାଇଥିଲା। ବୀର ଜବାନମାନଙ୍କ ଦେଶପ୍ରେମ ଓ ଦେଶଭକ୍ତି ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି ବାବା ଦାସ କହିଥିଲେ।

### ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ

ବିରିଡି, ୧୪।୨ (ଡି.ଏନ.ଏ): ବିରିଡ଼ି ବ୍ଲକ ଅଧୀନ ଅଳମା ହାଇସ୍କୁଲ ଛକ ବାଲିଆଠାରେ ଥିବା ଗାୟତ୍ରୀ ପ୍ରଜ୍ଞାପୀଠ ଠାରେ ୧୦ମ ବାର୍ଷିକ ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଗାୟତ୍ରୀ ପରିବାର ପକ୍ଷରୁ ଆୟୋଜିତ ମହାଯଜ୍ଞରେ ରବିବାର ମହାପୂର୍ଣ୍ଣାହୁତି ପ୍ରଦାନ କରାଯିବ। ଏହି ଉପଲକ୍ଷେ ଶୁକ୍ରବାର ସ୍ଥାନୀୟ ମହିଳାମାନେ ଶଢେଇ ଶାସନ ପଞ୍ଚାୟତ ପୁଷ୍କରିଣୀରୁ ଜଳଆଣି ଯଜ୍ଞବେଦୀରେ କଳସସ୍ଥାପନ କରିଥିଲେ। ଶନିବାର ମଙ୍ଗଳଆଳତୀ, ଗାୟତ୍ରୀ ଅଖଣ୍ଡଦୀପ, ଗାୟତ୍ରୀ ଯଜ୍ଞ ଆରମ୍ଭ ଓ ବିଭିନ୍ନ ସଂସ୍କାର, ଗାୟତ୍ରୀ ଚଳିସା ପାଠ, ଯୁଗ ସଙ୍ଗୀତ, ପ୍ରବଚନ ଦୀପ ମହାଯଜ୍ଞ ଓ ରବିବାର ପୂର୍ଣ୍ଣାହୁତି ପ୍ରଦାନ କରାଯିବ।

# ପ୍ରଶଂସାରେ ୩, ଲଜ୍ଜା ଫଳକରେ ୨ ଅଧିକାରୀ



ସମୀକ୍ଷା ବୈଠକରେ ଜିଲାପାଳଙ୍କ ସମେତ ଉପସ୍ଥିତ ଅନ୍ୟ ଅଧିକାରୀମାନେ ।

- ପ୍ରଶଂସା ଫଳକରେ ଯାଜପୁର, ରସୁଲପୁର, ସୁକିନ୍ଦା ବିଡିଓ
- ଲଜ୍ଜା ଫଳକରେ ୬ ଥର ରହିଲେ ବିଭାଗୀୟ ପ୍ରୋସିଡିଂ

ଯାଜପୁର ଅଫିସ,୧୪।୨

ଫେବୃୟାରୀ ମାସର ୱାଲ ଅଫ ଫେବ ବା ପ୍ରଶଂସା ଫଳକରେ ଉଲ୍ଲେଖନୀୟ ସଫଳତା ପାଇଁ ଯାଜପୁର ଜିଲାର ସଦର ବିଡିଓ ସୌରଭ ଚକ୍ରବର୍ତ୍ତୀ, ରସୁଲପୁର ବିଡିଓ ଉମାକାନ୍ତ ପରିଡା, ସୁକିନ୍ଦା ବିଡିଓ ବିଶ୍ୱଜିତ୍ ଦାସଙ୍କ ଫଟୋ ସ୍ଥାନୀତ କରାଯାଇଛି। ସେହିପରି ଦାୟିତ୍ୱରେ ନୈରାଶ୍ୟଜନକ ପ୍ରଦର୍ଶନ ପାଇଁ ଯାଜପୁର ବ୍ଲକ ଭୁଇଁପୁର ଓ ବିଚିତ୍ରପୁର ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ କୀର୍ତ୍ତନ ମଲ୍ଲିକ ଓ ଦଶରଥପୁର ବ୍ଲକ କନିକାପଡା ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀ ରଶ୍ମିତା ବେହେରାଙ୍କ ନାମ ସହ ଫଟୋଗ୍ରାମ ୱାଲ ଅଫ୍ ସେମ ବା ଲଜ୍ୟା ଫଳକରେ ସ୍ଥାନୀତ ହୋଇଛି। ଦୁଇଥର ଯଦି ଲଜ୍ୟା ଫଳକରେ ଜଣେ ଅଧିକାରୀ ବା କର୍ମଚାରୀଙ୍କ ନାମ ରହିବ ତେବେ ତାଙ୍କୁ କାରଣ ଦର୍ଶାଅ ନୋଟିସ ଏବଂ ୬ ଥର ରହିଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ରଞ୍ଜନ କୁମାର ଦାସ ସ୍ପଷ୍ଟ କରିଛନ୍ତି। ଆବଶ୍ୟକ ହେଲେ ୫-ଟି ଆଧାରରେ ସେମାନଙ୍କୁ ଚାକିରିରୁ ବାଧ୍ୟତାମୂଳକ ଅବସର ଦିଆଯାଇପାରେ। ସାଧାରଣ ଲୋକଙ୍କ ଅର୍ଥରୁ ଦରମା ପାଉଥିବା କର୍ମଚାରୀ ବା ଅଧିକାରୀ ଯଦି ସନ୍ତୋଷଜନକଭାବେ କାର୍ଯ୍ୟ ନ କରୁଛନ୍ତି ତେବେ ସେହି ପଦରେ ରହିବାର ଅଧିକାର ସେ ହରାଇବେ ବୋଲି ଜିଲାପାଳ ସତର୍କ କରାଇ ଦେଇଛନ୍ତି। ଶୁକ୍ରବାର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ ଗୃହରେ ପଞ୍ଚାୟତିରାଜ ବିଭାଗ ଅଧୀନରେ କାର୍ଯ୍ୟକାରୀ ହେଉଥିବା ବିବିଧ ଯୋଜନାର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ଜିଲାପାଳ ଦାସ ଆହୁରି କହିଥିଲେ ଯେ, ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଅବହେଳା ଓ ବିଳମ୍ବ ଗ୍ରହଣୀୟ ନୁହେଁ। ଏହାଦ୍ୱାରା ସରକାରୀ ଅର୍ଥର ଅପଚୟ ସହ ପ୍ରକଳ୍ପଟି ହିତାଧିକାରୀର ଉପକାରରେ ଆସିପାରୁ ନାହିଁ। ରାଜ୍ୟ ସରକାର ୫ଟି ଓ ମୋ ସରକାର ବ୍ୟବସ୍ଥା ଲାଗୁ କରିବା ପରେ ଆଉ କୌଣସି କାମ ବିଳମ୍ବ ହେବା ଗ୍ରହଣୀୟ ନୁହେଁ। ତେଣୁ ପ୍ରତ୍ୟେକ ଅଧିକାରୀ, କର୍ମଚାରୀ ନିଜ ଦାୟିତ୍ୱ ପ୍ରତି ଅଧିକ ସଚେତନ ଓ ସମ୍ବେଦନଶୀଳ ହୋଇ ଉତ୍ତରଦାୟୀ ଭାବେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଜିଲାରେ ଆବାସ ଯୋଜନା ନିର୍ମାଣରେ ଉନ୍ନତି ଉତ୍ସାହଜନକ। ତେବେ ଶୌଚାଳୟ ନିର୍ମାଣକୁ ଅଧିକ ତ୍ୱରିତ କରିବା ଓ ପାନୀୟ ଜଳର ସମସ୍ୟାକୁ ଦୃଷ୍ଟିରେ ରଖି ପାନୀୟ ଜଳ ପ୍ରକଳ୍ପ ନିର୍ମାଣକୁ ପୂର୍ଣ୍ଣାଙ୍ଗ କରିବାକୁ ସେ ପରାମର୍ଶ ଦେଇଥିଲେ। ଲଗାତରଭାବେ କାର୍ଯ୍ୟର ସମୀକ୍ଷା କରିବା ସହ ଯଦି କାର୍ଯ୍ୟରେ ଉନ୍ନତି ପରିଲକ୍ଷିତ ହେଉନାହିଁ ତେବେ ସମ୍ପୃକ୍ତ କର୍ମଚାରୀ ବା ଯନ୍ତ୍ରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳ ଦାସ ପ୍ରକଳ୍ପ ନିର୍ଦ୍ଦେଶକ ଓ ବିଡିଓମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ଫାଇନାଲରେ ପ୍ରବେଶ କଲା ନିମପୁର ଟିମ୍

## ଯୁଗଜ୍ୟୋତି କ୍ରିକେଟ ଟୁର୍ନାମେଣ୍ଟ ୨ୟ ସେମି ଫାଇନାଲ




ଅତିଥିଙ୍କ ଗହଣରେ ଖେଳାଳି ଓ ଅନ୍ୟମାନେ ।

ଜଗତ୍‌ସିଂହପୁର ଅଫିସ, ୧୪।୨

ନବାପାଟଣାରେ ଚାଲିଥିବା ଯୁଗଜ୍ୟୋତି କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୋଲାର କ୍ରିକେଟ କ୍ଲବ ଓ ହିନ୍ଦୁସ୍ତାନ ସ୍ପୋର୍ଟିଂ କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ପ୍ରଥମେ ସୋଲାର ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଏହି ଦଳ ନିର୍ଦ୍ଧାରିତ ୩୦ ଓଭର ମଧ୍ୟରୁ ୨୮.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୨୮ ରନ୍ ସଂଗ୍ରହ କରିଥିଲା। ଜବାବରେ ହିନ୍ଦୁସ୍ତାନ ସ୍ପୋର୍ଟିଂ ୨୩.୧ ଓଭରରେ ସମସ୍ତ ଉଇକେଟ୍ ହରାଇ ମାତ୍ର ୮୫ ରନ୍ ସଂଗ୍ରହ କରିବାକୁ ସମର୍ଥ ହୋଇଥିଲା। ଏହି ମ୍ୟାଚ୍‌ରେ ସୋଲାର ଟିମ୍ ବିଜୟୀ ହୋଇ ଫାଇନାଲ୍‌ରେ ପ୍ରବେଶ କରିଛି। ମ୍ୟାଚ୍‌ରେ ହିନ୍ଦୁସ୍ତାନର ମିଳନ ଓଝା ୫.୫ ଓଭର ବୋଲିଂ କରି ୨୬ ରନ୍ ଦେଇ ୪ ୱିକେଟ୍ ନେଇଥିଲେ । ସୋଲାରର ସୁନିଲ ବେହେରା ୪୯ ବଲ୍‌ରେ ସର୍ବାଧିକ ୪୦ ରନ୍ କରିଥିବା ବେଳେ ପି. ଶରତ ଚନ୍ଦ୍ର ପରିଡ଼ା ୬ ଓଭର ବୋଲିଂ କରି ୧୫ ରନ୍ ବିନିମୟରେ ୨ଟି ୱିକେଟ୍ ଅକ୍ତିଆର କରିଥିଲେ। ପରିଡ଼ାଙ୍କ ବୋଲିଂ ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ନିଭାଇ ଥିବାରୁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା।

# ଅନ୍ତ୍ୟୋଦୟ ହାଇସ୍କୁଲ ପୁରାତନ ଛାତ୍ରୀଛାତ୍ର ବନ୍ଧୁମିଳନ

ରଘୁନାଥପୁର, ୧୪। ୨ (ଡି.ଏନ.ଏ.)

ରଘୁନାଥପୁର ବ୍ଲକ ପୁରୁଣାବସନ୍ତ ପଞ୍ଚାୟତ ଦେଉଳିସାହିସ୍ଥିତ ଅନ୍ତ୍ୟୋଦୟ ହାଇସ୍କୁଲ ୨୦୦୩ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ସ୍ଥାନୀୟ ଧଳତଙ୍ଗଗଡ଼ ସଂରକ୍ଷିତ ଜଙ୍ଗଲରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ରାଜେନ୍ଦ୍ର ପାତ୍ର ଓ ଦେବାଶିଷ ଦାସଙ୍କ ପରିଚାଳନାରେ ଆୟୋଜିତ ବନ୍ଧୁମିଳନରେ ଛାତ୍ରୀଛାତ୍ରମାନେ ପରସ୍ପର ଅନୁଭୂତି ରଖିଥିଲେ। ଏହାଛଡା ସାମାଜିକ ଦାୟିତ୍ୱ ଓ କର୍ତ୍ତବ୍ୟ ପ୍ରତି ଯୁବପିଢ଼ିମାନେ ଯତ୍ନବାନ ହେବାକୁ ନିଷ୍ପତ୍ତି ନେଇଥିଲେ। ଏହି ଅବସରରେ ସ୍ଥାନୀୟ ଜଙ୍ଗଲର ସୁରକ୍ଷା ଓ ନୂତନ ବନୀକରଣ ସମ୍ପର୍କରେ ପ୍ରଦୀପ ଜେନା ମତ ଉପସ୍ଥାପନା କରିଥିଲେ। ପରେ ସମସ୍ତେ ମିଳିମିଶି ସହଯୋଗର ହାତ ବଢାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏଥିରେ ଅମରେନ୍ଦ୍ର ବେହେରା, ତପନ କୁମାର ସାହୁ, ଚନ୍ଦ୍ରଶେଖର ସାହୁ, ସାରଦା ପ୍ରସାଦ ନାୟକ, ଜିତେନ୍ଦ୍ର ପାତ୍ର, ଧନଞ୍ଜୟ ଦ୍ୱିବେଦୀଙ୍କ ସମେତ ବହୁ ପୁରାତନ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ଆଦିକବି ସାରଳା ଦାସ କଲେଜରେ ଓଡ଼ିଆ ଭାଷା ସାହିତ୍ୟ ପାଠଚକ୍ର

# ‘ବାସ୍ତବ ଜୀବନର ଇସ୍ତାହାର ହିଁ ନାଟକ’

ତିର୍ତ୍ତୋଲ, ୧୪।୨ (ଡି.ଏନ୍.ଏ.)

ଆଧୁନିକ ମଣିଷର ବାସ୍ତବ ଜୀବନର ଇସ୍ତାହାର ହିଁ ନାଟକ। ସ୍ୱାଧୀନତା ପରବର୍ତ୍ତୀ ସମୟରେ ମଣିଷର ନୂତନ ଦିଗ ଓ ଦିଗନ୍ତ ଯଥାର୍ଥ ଉନ୍ମୋଚିତ ହୋଇଛି। ଆଧୁନିକ ଓଡ଼ିଆ ନାଟକ ମଣିଷ ଜୀବନର ବାସ୍ତବ କଥା କହିଥାଏ ବୋଲି ତିର୍ତ୍ତୋଲସ୍ଥିତ ଆଦିକବି ସାରଳା ଦାସ ମହାବିଦ୍ୟାଳୟରେ ଆୟୋଜିତ ପାଠଚକ୍ରରେ ମତପ୍ରକାଶ ପାଇଛି। ଓଡ଼ିଆ ଭାଷା ସାହିତ୍ୟ ବିଭାଗ ଆନୁକୂଲ୍ୟରେ ଆୟୋଜିତ ପାଠଚକ୍ରରେ ବିଭାଗୀୟ ମୁଖ୍ୟ ସୁରଞ୍ଜନ ଲେଙ୍କା ପୌରୋହିତ୍ୟ କରିଥିଲେ। ଅଧ୍ୟକ୍ଷ ଜ୍ଞାନଜ କୁମାର ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ନୂତନ ଜ୍ଞାନ ଅନ୍ୱେଷଣରେ ବ୍ରତି ହେବା ଲାଗି ଛାତ୍ରୀଛାତ୍ରଙ୍କୁ ପ୍ରେରଣା ଦେଇଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରାଧ୍ୟାପିକା ସଂଘମିତ୍ରା ମିଶ୍ର ବିଷୟ ବିଶେଷଜ୍ଞ ଭାବେ ଯୋଗଦେଇ ସ୍ୱାଧୀନତା ପରବର୍ତ୍ତୀ ଓଡିଆ ନାଟକର ରୂପରେଖ ଓ ଅନ୍ତଃସ୍ୱର ସମ୍ପର୍କରେ ଆଲୋଚନା କରିଥିଲେ। ସ୍ତମ୍ଭକାର ପ୍ର. ହିମାଂଶୁ ଶେଖର ଆଚାର୍ଯ୍ୟ ମୁଖ୍ୟବକ୍ତା ଭାବେ ଯୋଗଦେଇ ଓଡିଆ ନାଟକର ସାମ୍ପ୍ରତିକ ଗତି ଓ ପ୍ରକୃତି ସମ୍ପର୍କରେ ଆଲୋଚନା କରିଥିଲେ। ଅବସରପ୍ରାପ୍ତ ପ୍ରାଧ୍ୟାପିକା ବିଷ୍ଣୁପ୍ରିୟା ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଛାତ୍ରୀ ମୋନାଲିସା ସାହୁ ଭିତ୍ତିପ୍ରବନ୍ଧ ପାଠ କରିଥିଲେ। ଅଧ୍ୟାପକ ଅଶୋକ କୁମାର ରାଉତ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀ ଶୁଭଲକ୍ଷ୍ମୀ ଖଟୁଆ, ଗାୟତ୍ରୀ ବେହେରା, ଲୋପାମୁଦ୍ରା ସ୍ୱାଇଁ, ମନସ୍ୱିନୀ ଆଚାର୍ଯ୍ୟ, ପ୍ରିୟଦର୍ଶିନୀ ପରିଜା, ବୈଶାଖୀ ଦାସ ପ୍ରମୁଖ ସ୍ୱାଗତ ସଂଗୀତ ଗାନ କରିଥିଲେ। ଅଧ୍ୟାପକ ରତ୍ନପଦ ମହାନ୍ତି ଓ ଅଧ୍ୟାପକ ସୁମନ୍ତ କୁମାର ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଧ୍ୟାପିକା ସାଗରିକା ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ଆଦିକବି ସାରଳା ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏଥିରେ ପରଲୋକଗତ ବିପ୍ଳବୀ କବି ରବି ସିଂଙ୍କ ସ୍ମୃତି ଉଦ୍ଦେଶ୍ୟରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।




ଆଲୋଚନାଚକ୍ରରେ ଅଧ୍ୟାପିକା ଓ ଅଧ୍ୟାପକମାନେ ।

# ଇଣ୍ଡିପେଣ୍ଡେନ୍ସ କ୍ରିକେଟ୍ କପ୍, ଫାଇନାଲରେ ଖୋସାଲପୁର

ରସୁଲପୁର,୧୪।୨(ଡିଏନଏ)

ରସୁଲପୁର ବ୍ଲକ ଖୋସାଲପୁର ଗ୍ରାମରେ ଅନୁଷ୍ଠିତ କ୍ରିକେଟ ଟୁର୍ନାମେଣ୍ଟର ୧୮ତମ ବାର୍ଷିକୀ ଇଣ୍ଡିପେଣ୍ଡେନ୍ସ କପ୍-୨୦୨୦ର ପ୍ରଥମ ସେମି ଫାଇନାଲ ମ୍ୟାଚ୍ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍‌ରେ ତୁଳସୀପୁର-କଟକକୁ ପରାସ୍ତ କରି ଘରୋଇ ଦଳ ପ୍ରଥମ ଟିମ୍ ଭାବରେ ଫାଇନାଲରେ ପ୍ରବେଶ କରିଛି। ତୁଳସୀପୁର ଟସ୍ ଜିଣି ପ୍ରଥମେ ବ୍ୟାଟିଂ ନିଷ୍ପତି ନେଇଥିଲା। ଏହି ଦଳ ନିର୍ଦ୍ଧାରିତ ୨୦ ଓଭର ସରିବାକୁ ୨.୩ ଓଭର ବାକି ଥାଇ ସମସ୍ତ ୱିକେଟ ହରାଇଥିଲା। ସେତେବେଳେ ଦଳୀୟ ସ୍କୋର ୧୨୦ରନ୍ ଥିଲା। ୧୨୧ ରନ୍ ବିଜୟ ଲକ୍ଷ୍ୟ ନେଇ ଘରୋଇ ଖୋସାଲପୁର ଦଳ ବ୍ୟାଟିଂ କରିବାକୁ ପଡିଆକୁ ଓହ୍ଲାଇ ଥିଲା। ଦଳର ଓପନିଂ ଯୋଡି ଉନ୍ନତ ଖେଳ ପ୍ରଦର୍ଶନ କରି ଦଳକୁ ଜିତାଇବାର ବାଟ ଫିଟାଇଥିଲେ। ଦଳ ପକ୍ଷରୁ ମାତ୍ର ୩ଟି ୱିକେଟ ପତନ ଘଟି ବିଜୟ ହାସଲ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ସ୍ମିତିରଞ୍ଜନ ସାହୁଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା। ବସ୍ତ୍ର ପ୍ରତିଷ୍ଠାନ କଳା ନିକେତନ ପକ୍ଷରୁ ଖେଳାଳିଙ୍କୁ ପୁରସ୍କୃତ କରାଯାଇଥିଲା।

# ‘ନୀଳାଚଳ ଇସ୍ପାତ ଘରୋଇକରଣ ନିଷ୍ପତ୍ତି ଦୁର୍ଭାଗ୍ୟପୂର୍ଣ୍ଣ’




ଗଣଧାରଣାରେ ଉପସ୍ଥିତ ଥିବା ଅତିଥିମାନେ ।

ଡୁବୁରୀ,୧୪।୨(ଡିଏନଏ)

କଳିଙ୍ଗନଗର ଶିଳ୍ପାଞ୍ଚଳର ଏକମାତ୍ର ରାଷ୍ଟ୍ରାୟତ ଉଦ୍ୟୋଗ ନୀଳାଚଳ ଇସ୍ପାତ କାରଖାନାରୁ କେନ୍ଦ୍ର ସରକାର ପୁଞ୍ଜି ପ୍ରତ୍ୟାହାର କରି ଘରୋଇକରଣ କରିବାକୁ ନେଇଥିବା ନିଷ୍ପତ୍ତି ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ନୀଳାଚଳ ବଞ୍ଚାଓ ମିଳିତ ମଞ୍ଚ ଆହ୍ୱାନରେ ଚାଲିଥିବା ଗଣଧାରଣାରେ ଯୋଗଦେବା ଅବସରରେ ମତବ୍ୟକ୍ତ କରିଛନ୍ତି। ୩୫ଦିନ ଧରି ଚାଲିଥିବା ଏହି ଧାରଣାରେ ଯୋଗଦେଇ ନିଜସ୍ୱ ଖଣି ଥିବା ଏହି ଇସ୍ପାତ କାରଖାନା ବାର୍ଷିକ ୧୦ହଜାର ଟନ କ୍ଷମତା ରଖିଥିବା ଶିଳ୍ପସଂସ୍ଥାକୁ ଅତି ତରବତିଆଭାବେ ଘରୋଇ କରଣ କରିବା ନିସ୍ପତ୍ତି ଆଦୌ ଗ୍ରହଣୀୟ ନୁହେଁ ବୋଲି ସେ କହିଥିଲେ। ଏହାକୁ ଏକ ଜାତୀୟ ପ୍ରସଂଗ କରି ଦୁର୍ବାର ଆନ୍ଦୋଳନ କରିବାକୁ ସେ ଆହ୍ୱାନ ଦେଇଥିଲେ। ବାବୁଲି ପୂର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସାମାଜିକ ନ୍ୟାୟ ଅଭିଯାନର ସଭାପତି ଅଖିଳ ମଲ୍ଲିକ, କଳିଙ୍ଗନଗର ବିକାଶ ମଞ୍ଚ ସଭାପତି ସୁବାସ ବଳ, ଯାଜପୁର ବାର ଆସୋସିଏଶନ ସଭାପତି ରବୀନ୍ଦ୍ର ନାୟକ, ରଞ୍ଜିତ ରାଜ, ବିଦ୍ୟାଧର ମହାନ୍ତି, ଗୋବରଘାଟି ସରପଞ୍ଚ ସ୍ୱର୍ଣ୍ଣଲତା ବାନରା, ପ୍ରଫୁଲ୍ଲ ନାୟକ, ବିଜୟ କୁମାର ହନହଗା, ମହିରାମ ପୂର୍ତ୍ତି, ମନୋରଞ୍ଜନ ମହାନ୍ତ, ଦେବେନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

1 NATION TAX MARKET

TENDER CALL NOTICE

GST & Central Excise Division, Bhubaneswar-II Division invited sealed tender for hiring new office premises at Puri for Puri Range-I & II Office. The detailed advertisement is available on **http://www.cbec.gov.in/htdocs-cbec/tender-idx.** Eligible parties interested to participate may submit the duly filled in tender by **15:00** Hrs. on **16.03.2020** to the Assistant Commissioner, GST & CX, Bhubaneswar-II Division, Plot-258, District Centre, Chandrasekharpur, Bhubaneswar-751016.

Sd/-
Assistant Commissioner
GST & CX, Bhubaneswar-II Division, Bhubaneswar

ଭାରତୀୟ ରିଜର୍ଭ ବ୍ୟାଙ୍କ୍
RESERVE BANK OF INDIA
www.rbi.org.in

୨ ବର୍ଷୀୟ ରାଜ୍ୟ ସରକାର ପ୍ରତିଭୂତି ନିଲାମୀ

ଓଡ଼ିଶା ରାଜ୍ୟ ସରକାରଙ୍କ ସର୍ବମୋଟ ₹ ୧୦୦୦.୦୦ କୋଟି ଟଙ୍କା (ଅଙ୍କିତ ମୂଲ୍ୟ)ର ପ୍ରତିଭୂତି ନିଲାମ ପ୍ରକ୍ରିୟାରେ ବିକ୍ରିକରିବାର ପ୍ରସ୍ତାବ କରିଅଛନ୍ତି। ଏକାଧିକ ମୂଲ୍ୟ ଫର୍ମାଟ୍ ଅନ୍ତର୍ଗତ ପ୍ରତିଫଳ (*yield*) ଏହି ନିଲାମ ଭାରତୀୟ ରିଜର୍ଭ ବ୍ୟାଙ୍କ୍‌ର କୋର୍ ବ୍ୟାଙ୍କିଙ୍ଗ୍ ସମାଧାନ (ଇ-କୁବେର) ମାଧ୍ୟମରେ ୧୭ ଫେବୃୟାରୀ ୨୦୨୦ (ସୋମବାର) ଦିନ ଆୟୋଜନ କରାଯିବ। ଏ ସମ୍ପର୍କିତ ଅଧିକ ସୂଚନା ପାଇଁ, ଭାରତୀୟ ରିଜର୍ଭ ବ୍ୟାଙ୍କ୍‌ର ୱେବସାଇଟ୍ (**www.rbi.org.in**) ୧୩ ଫେବୃୟାରୀ ୨୦୨୦ (ଗୁରୁବାର) (ଶୁକ୍ରବାର)ରେ ପ୍ରକାଶିତ ଆର୍‌ବିଆଇ ପ୍ରେସ ବିଜ୍ଞପ୍ତି ଦେଖନ୍ତୁ।

"ଇ-ମେଲ୍/ଏସ୍.ଏମ୍.ଏସ୍./ଟେଲିଫୋନ୍ ମାଧ୍ୟମରେ ଅର୍ଥ ପ୍ରାପ୍ତିର ପ୍ରସ୍ତାବ ପାଇଁ ଠକାମୀରେ ପଡନ୍ତୁ ନାହିଁ"

SAMBALPUR UNIVERSITY
Jyoti Vihar, Burla-768019, Sambalpur (Odisha) www.suniv.ac.in

Advertisement For Teaching Posts

Applications in prescribed format are invited from the eligible candidates for the posts of **Assistant Professors, Associate Professors and Professors** in different subjects of Sambalpur University, Jyoti Vihar, Burla, Sambalpur, Odisha. **The last date for submission of application is 16.03.2020.** The candidates are requested to visit the University Website **www.suniv.ac.in** for post-wise Advertisement No., qualifications and other terms and conditions.

**Sd/- Registrar**

THE KHORDHA CENTRAL CO-OPERATIVE BANK LTD., KHORDHA
Tel.: 06755-220203, 220209, Fax: 06755-220927
Website: www.khordhaccbank.com
Email ID: khordhaccbank@gmail.com

STATUTORY AUDITOR'S REPORT

We have audited the attached Balance Sheet of **The Khordha Central Co-operative Bank Ltd., Khordha** as at 31st March, 2019, the Profit and Loss Account of the Bank annexed thereto for the year ended on that date which incorporated the returns of Head Office and 18 branches (eighteen) audited by us. These financial statements are the responsibility of the Bank's Management. Our responsibility is to express an opinion on these financial statements based on our audit.

1. We conducted our audit in accordance with the auditing standards generally accepted in India. Those standards require that we plan and perform the audit to obtain reasonable assurance about whether the financial statements are free from material misstatements. An audit includes examining, on a test basis, evidence supporting the amounts and disclousers in the financial statements. An audit also includes assessing the accounting principles used and significant estiamtes made by management, as well as evaluating the overall financial statement presentation. We believe that our audit provides a reasonable basis for our opinion.
2. The Balance Sheet and Profit & Loss Account have been drawn up as per the prescribed format and are in accordance with the terms of the MOU (Clause - 9.20) signed by the State Government with Govt. of India and NABARD and the reforms made in Odisha State Co-operative Societies Act and subject to the limitation of disclosure required therein, notes on account and accounting policies forming part of the accounts as on 31st March 2019.
3. We report that:
   a) The software of the Bank needs to be upgraded immediately to comply with IRAC Norms, IT Act and GST Act, CBS System should be developed in such a way that all returns can be taken from system directly.
   b) Provision on advances is made at a much higher rate than prescribed, which results in under-statement of income.
   c) KYC not done properly. Multiple IDs for same person found in all branches. Many a times such multiple IDs are more than 20 times. Merging of IDs to be done on priority basis. In our opinion Aadhaar number should be made mandatory for all account holder by which multiple IDs issue may be resolved.
   d) Steps should be taken to eliminate old outstanding entries pending in Sundry Creditor, Sundry Debtors and Suspense Account.
   e) Most of the Fixed Assets have been classified as "Furniture & Fixtures" in Balance Sheet. Fixed assets need to be classified under appropriate heads.
   f) No provision has been made in respect of Deferred taxes.
   g) Other observations are reported in Annexure to Auditors' Report, which forms part of this main report.
4. Subject to the foregoing, in our opinion and to the best of our information and according to the explanations given to us we report that:
   a) We have obtained all the information and explanations, which to the best of our knowledge and belief were necessary for the purposes of our audit and found them satisfactory.
   b) The transaction of the bank that has come to our notice is within the powers of the bank.
   c) The report on accounts of the brances audited by us has been dealt with in preparing our report in the manner considered necessary by us.
   d) The returns received from the Head Office and the branches of the Bank have been found adequate for the purpsoes of our audit.
   e) The Balance Sheet read with notes on accounts is a full and fair Balance Sheet containing the necessary particulars and is properly drawn-up as to exhibit a true and fair view of the state of affairs of the bank as on 31st March 2019, and
   f) The Profit & Loss Account read with notes on accounts shows true balance of the profit of the bank for the year ended 31st March, 2019.

**For Rabindra K. Goenka & Co.**
**Chartered Accountants**
**Firm Regn. No. 322191E**

**CA. Rabindra Kumar Goenka, FCA**
**Membership No. 055936**
**UDIN: 19055936AAAAAJ5155**
**Place: Khordha**
**Date: 16.08.2019**

**N.B.:** The Bank has already published the balance sheet, profit and loss account for the financial year 2018-19 on Dt.06.11.2019 in Odia Newspaper "Dharitri" in pursuance to section 29 of BR Act. 1949 (AACS) and rule the auditor's report is published.

ପୂର୍ବ ତଟ ରେଳପଥ

ପୂର୍ଣ୍ଣକାଳୀନ ଚୁକ୍ତିଭିତ୍ତିକ ମେଡ଼ିକାଲ ପ୍ରାକ୍ଟିସନର(CMP) ନିମନ୍ତେ ୱାକ୍-ଇନ୍-ଇଣ୍ଟରଭ୍ୟୁ

ନିଯୁକ୍ତି ସୂଚନା ସଂ. 01/2020-CMP, ତା.10.02.2020

ପୂର୍ବ ତଟ ରେଳପଥ, ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ପୂର୍ଣ୍ଣକାଳୀନ ଠିକା ଭିତ୍ତିରେ **ଚୁକ୍ତିଭିତ୍ତିକ ମେଡିକାଲ ପ୍ରାକ୍ଟିସନର(CMP)**ଙ୍କ ନିଯୁକ୍ତି।

**ମୋଟ ଖାଲି ପଦବୀ : ମୋଟ୍-04 :** (ବ୍ରହ୍ମପୁର, ପୁରୀ, କଟକ, ଅନୁଗୋଳ ହେଲ୍‌ଥ ୟୁନିଟ୍, ପ୍ରତ୍ୟେକ ନିମନ୍ତେ 01 ଗୋଟି)। ଖାଲି ପଦବୀଗୁଡ଼ିକ ଅନାରକ୍ଷିତ-02, ଅନ୍ୟ ପଛୁଆ ବର୍ଗ-01 ଏବଂ ଅନୁସୂଚିତ ଜାତି-01 ଭାବେ ପୂରଣ କରାଯିବ।

**ଶିକ୍ଷାଗତ ଯୋଗ୍ୟତା/ଉପଯୁକ୍ତତା :** ପ୍ରାର୍ଥୀ ଭାରତୀୟ ଚିକିତ୍ସା ପରିଷଦ(Indian Medical Council) ଦ୍ୱାରା ସ୍ୱୀକୃତ ସର୍ବନିମ୍ନ MBBS ଡିଗ୍ରୀ ପ୍ରାପ୍ତ କରିଥିବା ଆବଶ୍ୟକ ଏବଂ ଏଥି ସହିତ ସେ ଭାରତୀୟ ଚିକିତ୍ସା ପରିଷଦରେ ନାମ ପଂଜୀକରଣ କରିଥିବେ କିମ୍ବା ଏକ ବର୍ଷ ବାଧ୍ୟତାମୂଳକ, ରୋଟାଟରୀ ଇଣ୍ଟର୍ଣ୍ଣସିପ୍ (Rotatory Internship)ସମାପ୍ତ ପରେ ଯେକୌଣସି ରାଜ୍ୟ ଚିକିତ୍ସା ପରିଷଦରୁ ବୈଧ ରେଜିଷ୍ଟ୍ରେସନ ପ୍ରମାଣ ପତ୍ର ପାଇଥିବେ। ଅନ୍ୟ କୌଣସି ପ୍ରମାଣପତ୍ର ଗ୍ରହଣ କରାଯିବ ନାହିଁ। ଉଚ୍ଚତର ଯୋଗ୍ୟତା (ଯଦି ଥାଏ) କୁ ଅଗ୍ରାଧିକାର ଦିଆଯିବ।

**ବୟସସୀମା :** (i)ତା.01.01.2020ରିଖ ସୁଦ୍ଧା 53 ବର୍ଷରୁ ଅଧିକ ବୟସ ହୋଇନଥିବ। ଅନ୍ୟ ପକ୍ଷରେ ଅନୁସୂଚୀତ ଜାତି (SC)ଏବଂ ଅନୁସୂଚୀତ ଜାନଜାତି(ST)ପ୍ରାର୍ଥୀଙ୍କ ପାଇଁ 5 ବର୍ଷ ଏବଂ ଅନ୍ୟ ପଛୁଆ ବର୍ଗ(OBC) ପ୍ରାର୍ଥୀଙ୍କ ପାଇଁ 3 ବର୍ଷ ପର୍ଯ୍ୟନ୍ତ ବୟସ ସୀମା କୋହଳ କରାଯିବ। (ii) ତା.01.01.2020ରିଖ ସୁଦ୍ଧା ଅବସରପ୍ରାପ୍ତ ରେଳବାଇ ଡାକ୍ତର ଏବଂ ଅବସରପ୍ରାପ୍ତ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାରଙ୍କ ଡାକ୍ତରଙ୍କ ବୟସ ସୀମା 65 ବର୍ଷ ହୋଇଥିବା ଆବଶ୍ୟକ।

**ପାରିଶ୍ରମିକ :** ପୂର୍ଣ୍ଣକାଳୀନ ଜେନେରାଲ ଡ୍ୟୁଟି ମେଡ଼ିକାଲ ଅଫିସର-(GDMO) ମାନଙ୍କ ପାଇଁ ମାସିକ ପାରିଶ୍ରମିକ ଟ.75,000/-(HRA ଏବଂ ପରିବହନ ଭତ୍ତା ସହିତ)।

**"ୱାକ୍-ଇନ୍ ଇଣ୍ଟରଭ୍ୟୁ" ସ୍ଥାନ, ତାରିଖ ଓ ସମୟ :**

| "ୱାକ୍-ଇନ୍ ଇଣ୍ଟରଭ୍ୟୁ" ସ୍ଥାନ | ତାରିଖ, ରିପୋର୍ଟ କରିବା ସମୟ ଏବଂ "ୱାକ୍-ଇନ୍ ଇଣ୍ଟରଭ୍ୟୁ" ସମୟ |
|---|---|
| ମଣ୍ଡଳ ରେଳବାଇ ଚିକିତ୍ସାଳୟ, ଖୋର୍ଦ୍ଧା ରୋଡ଼ | ତା.06.03.2020ରିଖ 1100 ଘଟିକା |

ସାକ୍ଷାତକାର ଦିବସ ଏକ ଦିନରୁ ଅଧିକ ହୋଇପାରେ ଏବଂ ସେଭଳି ପରିସ୍ଥିତିରେ କୌଣସି ପ୍ରକାର ଯାତ୍ରା ଭତ୍ତା/ଦୈନିକ ଭତ୍ତା/ବାସସ୍ଥାନ ପ୍ରଦାନ କରାଯିବ ନାହିଁ।


ଦରଖାସ୍ତ ଫର୍ମାଟ୍ ଓ ଅନ୍ୟାନ୍ୟ ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ଦୟାକରି ୱେବ୍‌ସାଇଟ୍ **www.eastcoastrail.indianrailways.gov.in** ଅବଲୋକନ କରନ୍ତୁ।

PR-708/K/19-20
ମଣ୍ଡଳ ରେଳ ପ୍ରବନ୍ଧକ(କାର୍ମିକ), ଖୋର୍ଦ୍ଧା ରୋଡ଼

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୫ ଫେବୃୟାରୀ, ୨୦୨୦

# ମାଟ୍ରିକ ପରୀକ୍ଷା ସାଥୀ





## ଗଣିତ (MATHEMATICS)

ସମୟ : 2.30 Hrs ପୂର୍ଣ୍ଣସଂଖ୍ୟା : 100

ନିର୍ଦ୍ଦେଶ ଅନୁଯାୟୀ ଉତ୍ତର ଲେଖ ।
ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟାଙ୍କ ଦକ୍ଷିଣ ପାର୍ଶ୍ୱରେ ଦିଆଯାଇଛି ।
ସମସ୍ତ ପ୍ରଶ୍ନ ବାଧ୍ୟତାମୂଳକ ।

### PART - I (OBJECTIVE)

#### ବୀଜଗଣିତ

**1. ଶୂନ୍ୟସ୍ଥାନ ପୂରଣ କର ।** [1×5=5

(a) $\begin{vmatrix} x & y \\ 3 & 5 \end{vmatrix} = 4$ ହେଲେ, 'x'ର ମାନ — ହେବ ।

(b) $x^2 + x - 6 = 0$ ଦ୍ୱିଘାତ ସମୀକରଣର ମୂଳଦ୍ୱୟର ଅନ୍ତର — ।

(c) 4, 7, 10, 13,..... ଅନୁକ୍ରମର $t_{10}$ = — ।

(d) ଗୋଟିଏ ଲୁଡୁଗୋଟିକୁ ଥରେ ଗଡ଼ାଇଲେ 'ଫଳ 3 ବା ତା' ଠାରୁ କମ୍ ହେବାର ସମ୍ଭାବ୍ୟତା — ।

(e) $P(A) = \frac{3}{10}$ ହେଲେ $P(A')$ = — ।

**2. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ପ୍ରଦାନ କର ।** [1×5=5

(a) 't' ର କେଉଁ ମାନ ପାଇଁ $tx + 3y = 0$ ଓ $3x + 6y = 0$ ସହ ସମୀକରଣ ଦ୍ୱୟର ଅସଂଖ୍ୟ ସମାଧାନ ରହିବ ?

(b) $4x^2 - 4x + 1 = 0$ ଦ୍ୱିଘାତ ସମୀକରଣର ପ୍ରଭେଦକ କେତେ ?

(c) $1^3 + 2^3 + 3^3 + ....... + 10^3$ ର ମାନ କେତେ ?

(d) ଗୋଟିଏ ଲୁଡୁଗୋଟିକୁ ଥରେ ଗଡ଼ାଇଲେ ଫଳ 3 ରୁ କମ୍ ଆସିବାର ସମ୍ଭାବ୍ୟତା କେତେ ?

(e) A(2, 0), B(2, –1) ଓ C(2, 3) ହେଲେ Δ ABC ର କ୍ଷେତ୍ରଫଳ କେତେ ?

**3. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ପ୍ରଦାନ କର ।** [1×5=5

(a) $152x - 378y = -74$ ଏବଂ $-378x + 152y = -60y$ ସମୀକରଣ ଦ୍ୱୟରୁ 'x' ର ମାନ କେତେ ?

(b) $x^2 - 8x + 16P = 0$ ସମୀକରଣର ମୂଳଦ୍ୱୟ α ଓ β ହେଲେ $\frac{\alpha\beta}{\alpha+\beta}$ ର ମାନ କେତେ ?

(c) ଗୋଟିଏ A.P.ର $t_n = 2n - 1$ ହେଲେ A.P.ର ସାଧାରଣ ଅନ୍ତର କେତେ ?

(d) M ମାଧ୍ୟମାନ ବିଶିଷ୍ଟ 20ଟି ଲବ୍ଧାଙ୍କ ପ୍ରତ୍ୟେକକୁ 2 ବଢ଼ାଇଦେଲେ ଲବ୍ଧାଙ୍କମାନଙ୍କର ମାଧ୍ୟମାନ କେତେ ହେବ ?

(e) ସମତଳରେ ମୂଳବିନ୍ଦୁଠାରୁ A(5, 12) ର ଦୂରତା କେତେ ?

**4. 'କ' ସ୍ତମ୍ଭ ସହ 'ଖ' ସ୍ତମ୍ଭ ମିଳାଅ ।** [1×5=5

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| (a) x + y = 9 ଏବଂ x = 2y ହେଲେ 'x' ର ମାନ = | (a) 7 |
| (b) $3x^2 - x - 2 = 0$ର ପ୍ରଭେଦକ = | (b) 6.5 |
| (c) ଗୋଟିଏ A.P.ର ପ୍ରଥମ ପଦ = –3 ଓ ସାଧାରଣ ଅନ୍ତର = 1 ହେଲେ ପଞ୍ଚମ ପଦ = | (c) 0.75 |
| (d) 7, 9, 4, 5, 6, 8 ର ମଧ୍ୟମା = — | (d) 6 |
| (e) ଗୋଟିଏ ମୁଦ୍ରାକୁ ଦୁଇଥର ଟସ୍ କଲେ ଅତିକମ୍‌ରେ ଗୋଟିଏ T ଆସିବା ଘଟଣାର ସମ୍ଭାବ୍ୟତା = | (e) 25 |
| | (f) 1 |

**5. ନିମ୍ନସ୍ଥ ଉକ୍ତିଗୁଡ଼ିକ ମଧ୍ୟରୁ କେଉଁଗୁଡ଼ିକ ଭୁଲ୍ ଉକ୍ତି (✗) ଏବଂ କେଉଁଗୁଡ଼ିକ ଠିକ୍ ଉକ୍ତି (✓) ଦର୍ଶାଅ ।** [1×5=5

(a) $x + 2y - 4 = 0$ ଓ $2x + 4y - 8 = 0$ ସମୀକରଣ ଦ୍ୱୟର କୌଣସି ସମାଧାନ ନାହିଁ ।

(b) $cx^2 - bx - a = 0$ ଦ୍ୱିଘାତ ସମୀକରଣର ପ୍ରଭେଦକ $= \sqrt{b^2 + 4ac}$ ।

(c) A(0, 4) ଓ B(2, 2) ବିନ୍ଦୁଦ୍ୱୟ ସମତଳରେ ମୂଳବିନ୍ଦୁଠାରୁ ସମଦୂରବର୍ତ୍ତୀ ।

(d) ଗୋଟିଏ ଲୁଡୁଗୋଟିକୁ ଥରେ ଗଡ଼ାଇଲେ 'ଯୁଗ୍ମ ମୌଳିକ ସଂଖ୍ୟା' ଦୃଶ୍ୟମାନ ହେବା ଘଟଣାର ସମ୍ଭାବ୍ୟତା $\frac{1}{6}$ ହେବ ।

(e) ପ୍ରଥମ ଦଶଗୋଟି ଗଣନସଂଖ୍ୟାର ମାଧ୍ୟମାନ 6 ।


#### ଜ୍ୟାମିତି

**6. ଶୂନ୍ୟସ୍ଥାନ ପୂରଣ କର ।** [1×5=5

(a) Δ DEF ~ Δ PQR । DE = 3 ସେ.ମି., EF = 4 ସେ.ମି. ଓ PQ = 9 ସେ.ମି. ହେଲେ QR = — ସେ.ମି. ।

(b) ବୃତ୍ତର କେନ୍ଦ୍ର O ଏବଂ ଏହାର ବହିଃସ୍ଥ ଏକ ବିନ୍ଦୁ P । $\overrightarrow{PT}$ ବୃତ୍ତ ପ୍ରତି ଅଙ୍କିତ ସର୍ଶକ । PT = 40 ସେ.ମି., OP = 41 ସେ.ମି. ହେଲେ OT = — ସେ.ମି. ।

(c) PQR ବୃତ୍ତର O କେନ୍ଦ୍ର । m$\overparen{PRQ}$ = 230° ହେଲେ, m∠PXQ = — ।





(d) Δ PQR ରେ tan (R + P) = 1 ହେଲେ m∠Q = — ।

(e) ଦୁଇଟି ଏକ-କେନ୍ଦ୍ରିକ ବୃତ୍ତର ପରିଧି 88 ମିଟର ଓ 132 ମିଟର । ସୃଷ୍ଟି ହେଉଥିବା ବଳୟର ପ୍ରସ୍ଥ = — ମିଟର ।


**7. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ପ୍ରଦାନ କର ।** [1×5=5

(a) Δ DEF ରେ ∠E ର ସମଦ୍ୱିଖଣ୍ଡକ $\overline{DF}$ କୁ P ବିନ୍ଦୁରେ ଛେଦ କରେ । DE = 12 ସେ.ମି. ଓ EF = 9 ସେ.ମି. ହେଲେ DP : DF କେତେ ?

(b) ପାର୍ଶ୍ୱସ୍ଥ ଚିତ୍ରରେ 'O' ବୃତ୍ତର କେନ୍ଦ୍ର । ଏହାର ବହିଃସ୍ଥ Q ବିନ୍ଦୁରୁ ବୃତ୍ତ ପ୍ରତି $\overleftrightarrow{PQ}$ ସର୍ଶକ । ବୃତ୍ତର ବ୍ୟାସାର୍ଦ୍ଧ OP = 5 ସେ.ମି., OQ = 12 ସେ.ମି. ହେଲେ PQ କେତେ ସେ.ମି. ?




(c) ଦତ୍ତ ଚିତ୍ରରେ $\overrightarrow{TA}$, ABC ବୃତ୍ତପ୍ରତି A ବିନ୍ଦୁରେ ଏକ ସର୍ଶକ, m∠TAB = 60° ଓ m∠ABC = 40° ହେଲେ m∠BAC କେତେ ?




(d) sin (30° + A) – sin (30° – A) ର ମାନ କେତେ ?

(e) କୋନ୍‌ର ଭୂମିର ବ୍ୟାସାର୍ଦ୍ଧ 8 ସେ.ମି. ଓ ଉଚ୍ଚତା 6 ସେ.ମି. ହେଲେ କୋନ୍‌ର ଆୟତନ କେତେ ଘନ ସେ.ମି. ?


**8. ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ପ୍ରଦାନ କର ।** [1×5=5

(a) A + B + C = 90° ହେଲେ sin (A + B) ର ମାନ କେତେ ?


(b) ଦୁଇଟି ଏକକେନ୍ଦ୍ରିକ ବୃତ୍ତର ଅନ୍ତର 264 ସେ.ମି. ହେଲେ, ସଂପୃକ୍ତ ବଳୟର ପ୍ରସ୍ଥ କେତେ ସେ.ମି. ?

(c) ଦୁଇଟି ବହିଃସ୍ପର୍ଶୀ ବୃତ୍ତର ତିର୍ଯ୍ୟକ୍ ସାଧାରଣ ସର୍ଶକ ସଂଖ୍ୟା କେତେ ?

(d) ଦତ୍ତ ଚିତ୍ରରେ ABC ବୃତ୍ତର କେନ୍ଦ୍ର O । B ବିନ୍ଦୁର ବୃତ୍ତପ୍ରତି ଅଙ୍କିତ ସର୍ଶକ ଦ୍ୱୟର ଛେଦବିନ୍ଦୁ A ଓ C । ଯଦି m∠BAC = 85° ହୁଏ, ତେବେ m $\overparen{AXC}$ କେତେ ?




(e) Δ PQR ରେ $\overline{MN} \parallel \overline{PQ}$, PM : PR = 2 : 5 ଏବଂ QN = 4 ସେ.ମି. ହେଲେ, NR କେତେ ସେ.ମି. ?




**9. 'କ' ସ୍ତମ୍ଭ ସହ 'ଖ' ସ୍ତମ୍ଭ ମିଳାଅ ।** [1×5=5

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| (a) sin 15° + cos 105° ର ମାନ କେତେ ? | (a) 0.5 |
| (b) ଦୁଇଟି ଅନ୍ତଃସ୍ପର୍ଶୀ ବୃତ୍ତର ବ୍ୟାସ 4 ସେ.ମି. ଓ 3 ସେ.ମି. ହେଲେ କେନ୍ଦ୍ରଦ୍ୱୟ ମଧ୍ୟରେ ଦୂରତା କେତେ ସେ.ମି. ? | (b) 10 |
| (c) ଗୋଟିଏ ବୃତ୍ତର ଏକ ଚାପର ଦୈର୍ଘ୍ୟ, ଏହାର ବ୍ୟାସାର୍ଦ୍ଧ ସହ ସମାନ । ଏହି ଚାପର ଡିଗ୍ରୀ ପରିମାପ ରେଡ଼ିଆନ୍ ମାପରେ କେତେ ? | (c) 0 |
| (d) Δ ABC ରେ m∠B = 90° । $\overline{BD} \perp \overline{AC}$ । CD = 9 ସେ.ମି. ଓ AD = 7 ସେ.ମି. ହେଲେ BC କେତେ ସେ.ମି. ? | (d) 3 |
| (e) ଗୋଟିଏ ଗୋଲକର ଆୟତନ ଯେତିକି ଘନମିଟର, ଏହାର ସମଗ୍ର ପୃଷ୍ଠତଳର କ୍ଷେତ୍ରଫଳ ସେତିକି ବର୍ଗମିଟର ହେଲେ ଗୋଲକର ବ୍ୟାସାର୍ଦ୍ଧ କେତେ ମିଟର ? | (e) 1 |
| | (f) 12 |

**10. ଠିକ୍ ଉକ୍ତି ପାଇଁ '✓' ଚିହ୍ନ ଏବଂ ଭୁଲ୍ ଉକ୍ତି ପାଇଁ '✗' ଚିହ୍ନ ଦେଇ ଉକ୍ତିଗୁଡ଼ିକୁ ଚିହ୍ନଟ କର ।** [1×5=5

(a) ଗୋଟିଏ ବୃତ୍ତର ଏକ ଚାପର ଡିଗ୍ରୀ ପରିମାପ 90° ହେଲେ, ସଂପୃକ୍ତ ଜ୍ୟା ଓ ବ୍ୟାସାର୍ଦ୍ଧର ଅନୁପାତ $1 : \sqrt{2}$ ହେବ ।

(b) ଏକ ବୃତ୍ତର କେନ୍ଦ୍ର O । P ବୃତ୍ତର ବହିଃସ୍ଥ ଏକ ବିନ୍ଦୁ । $\overline{PT}$ ଉକ୍ତ ବୃତ୍ତର ଏକ ସର୍ଶକ ଖଣ୍ଡ ହେଲେ m∠OTP = 90° ।

(c) ଏକ ରେଖାଖଣ୍ଡ ସର୍ବାଧିକ ଦୁଇଟି ବୃତ୍ତର ଜ୍ୟା ହୋଇପାରିବ ।

(d) $\tan\theta = \frac{3}{4}$ ହେଲେ $\sin\theta = \frac{4}{5}$ ହେବ ।

(e) Δ ABC ରେ m∠B = 90° ଏବଂ $\overline{BD} \perp \overline{AC}$ ହେଲେ $BD^2$ = AD.DC ହେବ ।

### PART - II (SUBJECTIVE)

**11.(i)** ପୂର୍ଣ୍ଣବର୍ଗରେ ପରିଣତ କରି ସମାଧାନ କର । [5
$2x^2 - 9x + 4 = 0$

**କିମ୍ବା,** ଯଦି $5x^2 - 3x - 2 = 0$ ସମୀକରଣର ମୂଳଦ୍ୱୟ α ଓ β ହୁଏ, ତେବେ ପ୍ରମାଣ କରଯେ, $\alpha^3 + \beta^3 = \frac{117}{125}$

**(ii)** 80 ଜଣ ପିଲା ଗଣିତରେ ରଖିଥିବା ନମ୍ବରକୁ ନିମ୍ନ ସାରଣୀରେ ଦିଆଯାଇଛି । ପିଲାମାନେ ରଖିଥିବା ନମ୍ବରର ମାଧ୍ୟମାନ ନିର୍ଣ୍ଣୟ କର । [5

| ନମ୍ବର | 10ରୁ କମ୍ | 20ରୁ କମ୍ | 30ରୁ କମ୍ | 40ରୁ କମ୍ | 50ରୁ କମ୍ | 60ରୁ କମ୍ |
|---|---|---|---|---|---|---|
| ଛାତ୍ରସଂଖ୍ୟା | 3 | 12 | 27 | 57 | 75 | 80 |

**କିମ୍ବା,** ନିମ୍ନସ୍ଥ ସାରଣୀ ଅନ୍ତର୍ଭୁକ୍ତ ତଥ୍ୟାବଳୀର ମଧ୍ୟମା ନିର୍ଣ୍ଣୟ କର ।

| ସଂଭାଗ (C.I) | 1-10 | 10-20 | 20-30 | 30-40 | 40-50 | 50-60 |
|---|---|---|---|---|---|---|
| ବାରମ୍ବାରତା(f) | 5 | 12 | 22 | 18 | 10 | 6 |

**12.(i)** 1 + (1 + 3) + (1 + 3 + 5) + (1 + 3 + 5 + 7) +..... ଶ୍ରେଣୀର n ସଂଖ୍ୟକ ପଦ ପର୍ଯ୍ୟନ୍ତ ଯୋଗଫଳ ନିର୍ଣ୍ଣୟ କର । [4

**କିମ୍ବା,** ଗୋଟିଏ A.P. ର ଥିବା ଚାରିଗୋଟି ପଦ ନିର୍ଣ୍ଣୟ କର, ଯାହାର ଯୋଗଫଳ 2 ଏବଂ ଆଦ୍ୟ ଓ ପ୍ରାନ୍ତ ପଦଦ୍ୱୟର ଗୁଣଫଳ ମଧ୍ୟକଦ୍ୱୟର ଗୁଣଫଳର 10 ଗୁଣସହ ସମାନ ।

**(ii)** ବଜ୍ରଗୁଣନ ପଦ୍ଧତିରେ ସମାଧାନ କର : [4
$3x - 4y + 1 = 0$ ଓ $5x + 2y - 7 = 0$

**କିମ୍ବା,** ଦୁଇଟି ସଂଖ୍ୟାର ଯୋଗଫଳ 15 ଓ ସେମାନଙ୍କ ବ୍ୟୁତ୍କ୍ରମର ଯୋଗଫଳ $\frac{3}{10}$ ହେଲେ ସଂଖ୍ୟାଦ୍ୱୟ ନିରୂପଣ କର ।

**(iii)** ଗୋଟିଏ ଲୁଡୁଗୋଟିକୁ ଥରେ ଗଡ଼ାଇବାରୁ "ଫଳ ଯୁଗ୍ମ କିମ୍ବା ଫଳ ≥ 3' ଘଟଣାଟିର ସମ୍ଭାବ୍ୟତା ନିରୂପଣ କର । [4

**କିମ୍ବା,** (x, y), (3,4) ଓ (–5, –6) ବିନ୍ଦୁତ୍ରୟ ଏକରେଖୀୟ ହେଲେ ପ୍ରମାଣ କର ଯେ 5x – 4y +1 =0

**13.(i)** ଗୋଟିଏ ବୃତ୍ତରେ ଦୁଇଟି ସର୍ବସମ ଜ୍ୟା ବୃତ୍ତର କେନ୍ଦ୍ରଠାରେ ଯେଉଁ କୋଣ ଉତ୍ପନ୍ନ କରନ୍ତି ସେମାନେ ସର୍ବସମ । ପ୍ରମାଣ କର । [5


**କିମ୍ବା,** ଏକ ବୃତ୍ତର କୌଣସି ଗୋଟିଏ ବିନ୍ଦୁ P ଦେଇ ବୃତ୍ତ ପ୍ରତି ଏକ ସର୍ଶକ ଖଣ୍ଡ $\overline{PT}$ ଏବଂ ଏକ ଛେଦକ $\overleftrightarrow{PAB}$ ଅଙ୍କିତ ହେଲେ $PA \times PB = PT^2$ । ପ୍ରମାଣ କର ।

**(ii)** 8.3 ସେ.ମି. ବ୍ୟାସ ବିଶିଷ୍ଟ ଏକ ବୃତ୍ତ ଅଙ୍କନ କର । ଏଥିରେ ABC ସମଦ୍ୱିବାହୁ ତ୍ରିଭୁଜ ଅନ୍ତର୍ଲିଖନ କର ଯେପରି BC = 6.5 ସେ.ମି. ଏବଂ AB = AC ହେବ । [5

**କିମ୍ବା,** 3 ସେ.ମି. ବ୍ୟାସାର୍ଦ୍ଧ ବିଶିଷ୍ଟ ଏକ ବୃତ୍ତ ଅଙ୍କନ କର । ଏହାର ଏକ ବହିଃସ୍ଥ ବିନ୍ଦୁ P ରୁ $\overline{PA}$ ଓ $\overline{PB}$ ଦୁଇଟି ସର୍ଶକଖଣ୍ଡ ଅଙ୍କନ କର ଯେପରିକି $m\angle APB = 60^0$ ହେବ ।

**14.(i)** ଏକ ଟ୍ରାପିଜିୟମ୍‌ର ଅସମାନ୍ତର ବାହୁଦ୍ୱୟ ସର୍ବସମ ହେଲେ ପ୍ରମାଣ କର ଯେ, ଟ୍ରାପିଜିୟମ୍‌ଟି ବୃତ୍ତାନ୍ତର୍ଲିଖିତ ହେବ । [5

**କିମ୍ବା,** ଦୁଇଟି ବହିଃସ୍ପର୍ଶୀ ବୃତ୍ତ $S_1$ ଓ $S_2$ ର ସ୍ପର୍ଶବିନ୍ଦୁ P । ବୃତ୍ତଦ୍ୱୟର ଏକ ସରଳ ସାଧାରଣ ସର୍ଶକ $S_1$ ଓ $S_2$ ବୃତ୍ତକୁ ଯଥାକ୍ରମେ A ଓ B ବିନ୍ଦୁରେ ସର୍ଶ କରେ । P ବିନ୍ଦୁ ଦେଇ ଅଙ୍କିତ ସାଧାରଣ ସର୍ଶକ $\overleftrightarrow{AB}$ କୁ C ବିନ୍ଦୁରେ ଛେଦ କରେ ।




ପ୍ରମାଣ କର ଯେ, m∠APB = 90° ।

**(ii)** ପ୍ରମାଣ କର : [5
(1 + tan 15°)(1 + tan 30°) = 2

**କିମ୍ବା,** ସୂର୍ଯ୍ୟର କୌଣିକ ଉନ୍ନତିର ପରିମାଣ 60° ବେଳେ ଏକ ଗଛର ଛାୟାର ଦୈର୍ଘ୍ୟ 15 ମିଟର ଥିଲା । ସୂର୍ଯ୍ୟଙ୍କ କୌଣିକ ଉନ୍ନତିର ପରିମାଣ 30° ବେଳେ ଗଛର ଛାୟାର ଦୈର୍ଘ୍ୟ କେତେ ମିଟର ହେବ ?

**15.(i)** ଖଣ୍ଡେ ତାରକୁ ସମବାହୁ ତ୍ରିଭୁଜାକୃତି କଲେ ତ୍ରିଭୁଜର କ୍ଷେତ୍ରଫଳ $1936\sqrt{3}$ ବ.ମି. ହୁଏ । ଉକ୍ତ ତ୍ରିଭୁଜର ପରିସୀମା ସହ ସମାନ ପରିଧି ଥିବା ବୃତ୍ତଟିର ବ୍ୟାସ ନିର୍ଣ୍ଣୟ କର । [4

**କିମ୍ବା,** ଏକ ବୃତ୍ତକଳାର କ୍ଷେତ୍ରଫଳ 231 ବର୍ଗସେ.ମି. । ବୃତ୍ତଟିର ବ୍ୟାସାର୍ଦ୍ଧ 21 ସେ.ମି. ହେଲେ ବୃତ୍ତକଳାର ଚାପର ଡିଗ୍ରୀ ପରିମାପ ନିର୍ଣ୍ଣୟ କର ।

**(ii)** ଏକ ଲୁହାନଳର ଦୈର୍ଘ୍ୟ 84 ସେ.ମି. ଓ ମୋଟେଇ 2 ସେ.ମି. । ଭୂମିର ବହିର୍ବ୍ୟାସାର୍ଦ୍ଧ 8 ସେ.ମି. ହେଲେ ସମଗ୍ର ପୃଷ୍ଠତଳର କ୍ଷେତ୍ରଫଳ ନିରୂପଣ କର । [4

**କିମ୍ବା,** ଏକ ନିବୃ କୋନ୍‌ର ଭୂମିର ବ୍ୟାସ 6 ସେ.ମି. ଓ ଉଚ୍ଚତା 8 ସେ.ମି. । ଏହାକୁ ଆଂଶିକ ଜଳପୂର୍ଣ୍ଣ ଏକ ସିଲିଣ୍ଡର ଆକାରର ପାତ୍ର ମଧ୍ୟରେ ସମ୍ପୂର୍ଣ୍ଣ ଭାବେ ବୁଡ଼ାଇ ଦିଆଗଲା । ସିଲିଣ୍ଡରର ଭିତରର ବ୍ୟାସ 8 ସେ.ମି. ହେଲେ ସେଥିରେ ଥିବା ଜଳସ୍ତର କେତେ ବୃଦ୍ଧି ପାଇବ ?

### ANSWERS Part - I (Objective)

1. (a) 2 (b) 5 (c) 31 (d) $\frac{1}{2}$ (e) $\frac{7}{10}$
2. (a) ±3 (b) 0 (c) 3025 (d) $\frac{1}{3}$ (e) 0 ବର୍ଗ ଏକକ
3. (a) 2 (b) 2P (c) 2 (d) M+2 (e) 13 ଏକକ
4. (a) - (d), (b) - (e), (c) - (f), (d) - (b), (e) - (c)
5. (a) ✓ (b) ✗ (c) ✗ (d) ✓ (e) ✗
6. (a) 12 (b) 9 (c) 115° (d) 135° (e) 7
7. (a) 4 : 7 (b) 13 (c) 80° (d) $\sqrt{3}\sin A$ (e) 128
8. (a) cos C (b) 42 (c) 1 (d) 95° (e) 6 ସେ.ମି.
9. (a) - (c), (b) - (a), (c) - (e), (d) - (f), (e) - (d)
10. (a) ✓ (b) ✓ (c) ✗ (d) ✗ (e) ✓

### ANSWERS Part - II (Subjective)

**11.(i)** $2x^2 - 9x + 4 = 0$

$\Rightarrow x^2 - \frac{9}{2}x + 2 = 0$

$\Rightarrow (x)^2 - 2 . x\ \frac{9}{4} + \left(\frac{9}{4}\right)^2 = -2 + \left(\frac{9}{4}\right)^2$

$\Rightarrow \left(x - \frac{9}{4}\right)^2 = -2 + \frac{81}{16}$

$\Rightarrow \left(x - \frac{9}{4}\right)^2 = \frac{49}{16}$

$\Rightarrow x - \frac{9}{4} = \pm\frac{7}{4}$

$\Rightarrow x = \frac{9}{4} + \frac{7}{4}$ ଅଥବା $x = \frac{9}{4} - \frac{7}{4}$

$\Rightarrow x = 4$ ଓ $\frac{1}{2}$

**କିମ୍ବା,** $5x^2 - 3x - 2 = 0$

$\alpha + \beta = \frac{3}{5}$

$\alpha\beta = -\frac{2}{5}$

$\alpha^3 + \beta^3 = (\alpha + \beta)^3 - 3\alpha\beta(\alpha + \beta)$

$= \left(\frac{3}{5}\right)^3 - 3\left(-\frac{2}{5}\right)\left(\frac{3}{5}\right)$

$= \frac{27}{125} + \frac{18}{25} = \frac{117}{225}$

**(ii)** ଦତ୍ତ ସଂଭାଗଗୁଡ଼ିକର ରାଶିକୃତ ବାରମ୍ବାରତାରୁ ପ୍ରତ୍ୟେକର ଅନୁରୂପ ବାରମ୍ବାରତାକୁ ନିର୍ଣ୍ଣୟ କରି ସଂଭାଗଗୁଡ଼ିକୁ ଲେଖିଲେ ପାଇବା ।

| ସଂଭାଗ | ବାରମ୍ବାରତା (f) | ସଂଭାଗର ମଧ୍ୟବିନ୍ଦୁ (x) | fx |
|---|---|---|---|
| 0-10 | 3 | 5 | 15 |
| 10-20 | 9 | 15 | 135 |
| 20-30 | 15 | 25 | 375 |
| 30-40 | 30 | 35 | 1050 |
| 40-50 | 18 | 45 | 810 |
| 50-60 | 5 | 55 | 275 |
| | Σf = 80 | | Σfx = 2660 |

ମାଧ୍ୟମାନ $= \frac{\Sigma fx}{\Sigma f} = \frac{2660}{80} = 33.25$

∴ ଦତ୍ତ ତଥ୍ୟାବଳୀର ମାଧ୍ୟମାନ = 33.25

**କିମ୍ବା,**

| ସଂଭାଗ (x) | 0-10 | 10-20 | 20-30 | 30-40 | 40-50 | 50-60 |
|---|---|---|---|---|---|---|
| ବାରମ୍ବାରତା (f) | 5 | 12 | 22 | 18 | 10 | 6 |
| ରାଶିକୃତ ବାରମ୍ବାରତା (c.f.) | 5 | 17 | 39 | 57 | 67 | 73 |

∴ ମଧ୍ୟମ ସ୍ଥାନ $m = \frac{73+1}{2} = 37$

m ଠାରୁ ଠିକ୍ ବୃହତ୍ତର ରାଶିକୃତ ବାରମ୍ବାରତା = 39

∴ ମଧ୍ୟମା ସଂଭାଗ (20 – 30)

ଯେଉଁଠାରେ $l_1 = 20, l_2 = 30$

$\Rightarrow i = l_2 - l_1 = 30 - 20 = 10$

ମଧ୍ୟମା ସଂଭାଗର ବାରମ୍ବାରତା = f = 22

ମଧ୍ୟମା ସଂଭାଗର ଠିକ୍ ପୂର୍ବବର୍ତ୍ତୀ ସଂଭାଗର ରାଶିକୃତ ବାରମ୍ବାରତା = c = 17

ମଧ୍ୟମା $= l_1 + \frac{m - c}{f} \times i$

$= 20 + \frac{37 - 17}{22} \times 10 = 20 + \frac{20 \times 10}{22}$

= 20 + 9.1 = 29.1 (ପ୍ରାୟ)

**12.(i)** 1 + (1 + 3) + (1 + 3 + 5) + .....ର n ତମ ପଦ = 1 + 3 + 5 + ......... n ତମ ପଦ ପର୍ଯ୍ୟନ୍ତ

$= \frac{n}{2}[2 \times 1 + (n-1)2] = \frac{n}{2}[2 + 2n - 2] = n^2$

∴ $t_n = n^2$

$S_n = \Sigma t_n = \Sigma n^2 = \frac{n(n+1)(2n+1)}{6}$

**କିମ୍ବା,** ମନେକର A.P. ରେ ଥିବା ଚାରିଗୋଟି ସଂଖ୍ୟା a – 3d, a – d, a + d, a + 3d

ପ୍ରଶ୍ନାନୁସାରେ,

a – 3d + a – d + a + d + a + 3d = 2

$\Rightarrow 4a = 2 \Rightarrow a = \frac{1}{2}$

ପୁନଶ୍ଚ (a – 3d) (a + 3d) = 10 (a –d) (a + d)

$\Rightarrow a^2 - 9d^2 = 10(a^2 - d^2)$

$\Rightarrow a^2 - 9d^2 = 10a^2 - 10d^2$

$\Rightarrow 10d^2 - 9d^2 = 10a^2 - a^2 \Rightarrow d^2 = 9a^2$

$\Rightarrow d^2 = 9 \times \left(\frac{1}{2}\right)^2 \Rightarrow d^2 = \frac{9}{4} \Rightarrow d = \pm\frac{3}{2}$

$a = \frac{1}{2}$ ଏବଂ $d = \frac{3}{2}$ ନେଇ ସଂଖ୍ୟାମାନେ ନିର୍ଣ୍ଣୟ କଲେ –4, –1, 2, 5 ହେବ ।

$a = \frac{1}{2}$ ଏବଂ $d = -\frac{3}{2}$ ନେଇ ସଂଖ୍ୟାମାନେ ନିର୍ଣ୍ଣୟ କଲେ 5, 2, –1, –4 ହେବ ।

**(ii)** 3x – 4y + 1 = 0 ......(1)
5x + 2y – 7 = 0 ......(2)

ଏଠାରେ, $a_1 = 3, b_1 = -4$ ଓ $c_1 = 1$,
ଏବଂ $a_2 = 5, b_2 = 2$ ଓ $c_2 = -7$

ପୁନଶ୍ଚ $\frac{a_1}{a_2} = \frac{3}{5}$, $\frac{b_1}{b_2} = \frac{-4}{2} = 2 \Rightarrow \frac{a_1}{a_2} \neq \frac{b_1}{b_2}$

∴ ସହ ସମୀକରଣଦ୍ୱୟର ଅନନ୍ୟ ସମାଧାନ ରହିବ ।

ବଜ୍ରଗୁଣନ ସୂତ୍ରର ପ୍ରୟୋଗରେ

$\frac{x}{b_1c_2 - b_2c_1} = \frac{y}{c_1a_2 - c_2a_1} = \frac{1}{a_1b_2 - a_2b_1}$

$\Rightarrow \frac{x}{(-4)(-7) - (2)(1)} = \frac{y}{(1)(5) - (-7)(3)} = \frac{1}{(3)(2) - (5)(-4)}$

$\Rightarrow \frac{x}{28 - 2} = \frac{y}{5 + 21} = \frac{1}{6 + 20}$

$\Rightarrow \frac{x}{26} = \frac{y}{26} = \frac{1}{26}$

$\Rightarrow x = \frac{26}{26} = 1, \quad y = \frac{26}{26} = 1$

∴ ସମାଧାନ (1, 1)

**କିମ୍ବା,** ମନେକର ସଂଖ୍ୟାଦ୍ୱୟ x ଓ y ।

ପ୍ରଶ୍ନାନୁଯାୟୀ x + y = 15 .....(1) ଏବଂ

$\frac{1}{x} + \frac{1}{y} = \frac{3}{10}$ .....(2)

$\frac{1}{x} + \frac{1}{y} = \frac{3}{10} \Rightarrow \frac{x+y}{xy} = \frac{3}{10}$

$\Rightarrow \frac{15}{xy} = \frac{3}{10}$ (∵ x + y = 15)

$\Rightarrow 3xy = 150 \Rightarrow xy = 50$

ମାତ୍ର $x - y = \pm\sqrt{(x+y)^2 - 4xy} = \pm\sqrt{15^2 - 4 \times 50}$

$= \pm\sqrt{225 - 200} = \pm\sqrt{25} = \pm 5$

$\Rightarrow x - y = 5$ .....(3); $x - y = -5$ .......(4)

(1) ଓ (3) କୁ ଯୋଗକଲେ x+y+x – y = 15+5=20

$\Rightarrow 2x = 20 \Rightarrow x = 10$

x ର ମାନ (1) ରେ ସ୍ଥାପନ କଲେ 10+y=15

$\Rightarrow$ y=5

ପୁନଶ୍ଚ (1) ଓ (4) କୁ ଯୋଗକଲେ x+y+x – y =15 – 5=10 ⇒ 2x = 10 ⇒ x = 5

x ର ମାନ (1) ରେ ସ୍ଥାପନ କଲେ 5+y=15

$\Rightarrow$ y=10

⇒ ସଂଖ୍ୟାଦ୍ୱୟ 10 ଓ 5 ଏବଂ 5 ଓ 10

∴ ନିର୍ଣ୍ଣେୟ ସଂଖ୍ୟାଦ୍ୱୟ 10 ଓ 5 ।

ବି.ଦ୍ର.: ମନେକର ସଂଖ୍ୟାଦ୍ୱୟ x ଓ 15 – x ।

ପ୍ରଶ୍ନାନୁସାରେ, $\frac{1}{x} + \frac{1}{15 - x} = \frac{3}{10}$

$\Rightarrow 45x - 3x^2 = 150 \Rightarrow x^2 - 15x + 50 = 0$

ସମୀକରଣର ସମାଧାନରୁ ସଂଖ୍ୟା ଦ୍ୱୟ ସ୍ଥିର କରିହେବ ।

**(iii)** ଗୋଟିଏ ଲୁଡୁଗୋଟିକୁ ଥରେ ଗଡ଼ାଇଲେ Sample Space S = {1, 2, 3, 4, 5, 6} ଏବଂ |S| = 6

'ଫଳ 5' ଘଟଣାଟି $E_1$ ହେଲେ, $E_1 = \{5\}$ ଏବଂ $|E_1| = 1$

{'ଫଳ ଏକ ଅଯୁଗ୍ମ ସଂଖ୍ୟା'} $E_2$ ହେଲେ $E_2 = \{1, 3, 5\}$ ଏବଂ $|E_2| = 3$

ଏଠାରେ $E_1$ ଏବଂ $E_2$ ଘଟଣାଦ୍ୱୟ ବହିର୍ଭୁକ୍ତ ନୁହଁନ୍ତି । କାରଣ $E_1 \cap E_2 = \{5\}$ ଏବଂ $|E_1 \cap E_2| = 1$

'ଫଳ 5' କିମ୍ବା 'ଫଳ ଏକ ଅଯୁଗ୍ମ ସଂଖ୍ୟା' ଘଟଣା $= E_1 \cup E_2$

∴ $P(E_1 \cup E_2) = P(E_1) + P(E_2) - P(E_1 \cap E_2)$

$\Rightarrow \frac{|E_1|}{|S|} + \frac{|E_2|}{|S|} - \frac{|E_1 \cap E_2|}{|S|}$

$= \frac{1}{6} + \frac{3}{6} - \frac{1}{6} = \frac{3}{6}$ ବା $\frac{1}{2}$

**କିମ୍ବା,** A(x, y), B(3, 4) ଓ C(–5, – 6) ବିନ୍ଦୁତ୍ରୟ ଏକରେଖୀୟ ହେଲେ A, B ଓ C ଶୀର୍ଷବିନ୍ଦୁବିଶିଷ୍ଟ ତ୍ରିଭୁଜର କ୍ଷେତ୍ରଫଳ 0 ହେବ ।

ମନେକର $(x_1, y_1) = (x, y)$, $(x_2, y_2) = (3, 4)$ ଏବଂ $(x_3, y_3) = (-5, -6)$

∴ Δ ABC ର କ୍ଷେତ୍ରଫଳ =

$\frac{1}{2}|\ x_1(y_2 - y_3) + x_2(y_3 - y_1) + x_3(y_1 - y_2)\ |$


∴ $\frac{1}{2}|\ x(4 + 6) + 3(-6 - y) - 5(y - 4)\ | = 0$

$\Rightarrow 10x - 18 - 3y - 5y + 20 = 0$

$\Rightarrow 10x - 8y + 2 = 0 \Rightarrow 5x - 4y + 1 = 0$

(ପ୍ରମାଣିତ)

**13.(i) ଦତ୍ତ :** S ବୃତ୍ତରେ O କେନ୍ଦ୍ର ଏବଂ $\overline{AB}$ ଓ $\overline{CD}$ ଦୁଇଟି ସର୍ବସମ ଜ୍ୟା । $\overline{AB}$ ଓ $\overline{CD}$ କେନ୍ଦ୍ରଠାରେ ଯଥାକ୍ରମେ ∠AOB ଏବଂ ∠COD ଉତ୍ପନ୍ନ କରନ୍ତି ।




**ପ୍ରାମାଣ୍ୟ :** ∠AOB ≅ ∠COD

**ପ୍ରମାଣ :** Δ AOB ଏବଂ Δ OCD ମଧ୍ୟରେ

OA = OC, OB = OD (ଏକା ବୃତ୍ତର ବ୍ୟାସାର୍ଦ୍ଧ)


AB = CD (ଦତ୍ତ)

∴ Δ OAB ≅ Δ OCD (ବାହୁ-ବାହୁ-ବାହୁ)

⇒ ∠AOB ≅ ∠COD (ପ୍ରମାଣିତ)

**କିମ୍ବା, ଦତ୍ତ :** TBA ବୃତ୍ତର କେନ୍ଦ୍ର O ଏବଂ P ବୃତ୍ତର ବହିଃସ୍ଥ ଏକ ବିନ୍ଦୁ । P ବିନ୍ଦୁ ଦେଇ ଅଙ୍କିତ ଛେଦକ, ବୃତ୍ତକୁ A ଓ B ବିନ୍ଦୁରେ ଛେଦ କରେ ଏବଂ $\overleftrightarrow{PT}$ ସର୍ଶକ, ବୃତ୍ତକୁ T ବିନ୍ଦୁରେ ସ୍ପର୍ଶ କରେ ।

**ପ୍ରାମାଣ୍ୟ :** $PA \times PB = PT^2$




**ଅଙ୍କନ :** $\overline{TA}$ ଓ $\overline{TB}$ ଅଙ୍କନ କରାଯାଉ ।

**ପ୍ରମାଣ :** TAB ବୃତ୍ତର T ବିନ୍ଦୁରେ $\overleftrightarrow{PT}$ ସର୍ଶକ ଏବଂ $\overline{TA}$ ହେଉଛି ଏକ ସର୍ଶବିନ୍ଦୁଗାମୀ ଜ୍ୟା ।

∴ m∠PTA = m∠TBA (ପ୍ରମେୟ - 3.2)

ΔPTA ଏବଂ ΔPBT ମଧ୍ୟରେ

m∠TPA = m∠TPB (ସାଧାରଣ କୋଣ) ଏବଂ


m∠PTA = m∠TBP

∴ ΔPTA ~ ΔPBT (କୋ-କୋ ସାଦୃଶ୍ୟ)

$\Rightarrow \frac{PA}{PT} = \frac{PT}{PB} = \frac{AT}{BT} \Rightarrow \frac{PA}{PT} = \frac{PT}{PB}$

$\Rightarrow PA \times PB = PT^2$ (ପ୍ରମାଣିତ)

**(ii)**





$\overline{MN}$ ବ୍ୟାସ ନେଇ ଏକ ବୃତ୍ତ ଅଙ୍କନ କର ।

6.5 ସେ.ମି. ଦୈର୍ଘ୍ୟ ଏକ ଜ୍ୟା $\overline{BC}$ ।

$\overline{BC}$ ର ସମଦ୍ୱିଖଣ୍ଡକ ଲମ୍ବ A ବୃତ୍ତକୁ ବିନ୍ଦୁରେ ସର୍ଶ କର । ABC ଆବଶ୍ୟକୀୟ ତ୍ରିଭୁଜ ।

**କିମ୍ବା,**




3 ସେ.ମି. ବ୍ୟାସାର୍ଦ୍ଧ ବିଶିଷ୍ଟ ବୃତ୍ତ ଅଙ୍କନ କର ।


$\overline{OM}$ ଓ $\overline{ON}$ ବ୍ୟାସାର୍ଦ୍ଧ ଦ୍ୱୟ ଅଙ୍କନ କର ଯେପରିକି $m\angle MON = 120^0$ ।

M ଓ N ବିନ୍ଦୁରେ ଯଥାକ୍ରମେ $\overline{OM}$ ଓ $\overline{ON}$ ପ୍ରତି $\overleftrightarrow{MP}$ ଓ $\overleftrightarrow{NP}$ ଲମ୍ବ ଅଙ୍କନ କରି P ବିନ୍ଦୁ ସ୍ଥିର କର ।

(ଅବଶିଷ୍ଟାଂଶ ପରବର୍ତ୍ତୀ ପୃଷ୍ଠାରେ.....)

## ଭିତରକନିକା ମହୋତ୍ସବର କେତେକ ଝଲକ









# ଭିତରକନିକା ବିଭବକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ମହୋତ୍ସବ ଏକ ପ୍ରୟୋଗଶାଳା-ମନ୍ତ୍ରୀ

ରାଜନଗର,୧୪।୨(ଡି.ଏନ.ଏ.)

### ଭିତରକନିକା ମହୋତ୍ସବ ଉଦ୍‌ଘାଟିତ



ମହୋତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକର ନଳିତାପାଟିଆଠାରେ ଶୁକ୍ରବାର ସନ୍ଧ୍ୟାରେ ବହୁ ପ୍ରତୀକ୍ଷିତ ଭିତରକନିକା ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି । ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ଆୟୋଜିତ ଏହି ମହୋତ୍ସବକୁ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଉଦ୍‌ଘାଟନ କରି ପର୍ଯ୍ୟଟନ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବା ଭିତରକନିକାର ବିଭବକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ଏହି ମହୋତ୍ସବ ଏକ ପ୍ରୟୋଗଶାଳା ବୋଲି ମତବ୍ୟକ୍ତ କରିଥିଲେ । ସେ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଭିତରକନିକା କେବଳ ରାଜନଗର ନୁହେଁ ,ସାରା ବିଶ୍ୱର ପର୍ଯ୍ୟଟନ କ୍ଷେତ୍ରରେ ପ୍ରାକୃତିକ ବିଭବ ପାଇଁ ସୁପରିଚିତ। ଏହାର ଜୈବ ବିବିଧତା, ବିରଳ ଜୀବଜନ୍ତୁ , ହେନ୍ତାଳ ବଣ, ଆର୍ଦ୍ରଭୂମି, ବିଦେଶାଗତ ପକ୍ଷୀ, ଗହୀରମଥାକୁ ଆସୁଥିବା ଅଲିଭରିଡଲେ କଇଁଛଙ୍କ ସୁରକ୍ଷା ଆମର ସଂକଳ୍ପ ହେବା ଉଚିତ । ଏହାଛଡା ଭିତରକନିକା ପରିଭ୍ରମଣରେ ଆସୁଥିବା ଦେଶ ବିଦେଶର ପର୍ଯ୍ୟଟକମାନଙ୍କୁ ଆମେ ଅତିଥି ଭାବେ ସମ୍ମାନ ପ୍ରଦର୍ଶନ କଲେ ଆଗାମୀ ଦିନରେ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇବ ବୋଲି କହିଥିଲେ। ମହୋତ୍ସବ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ସ୍ଥାନୀୟ ଅଞ୍ଚଳର ଅର୍ଥନୈତିକ ବିକାଶ ଲାଗି ଖୁବଶୀଘ୍ର ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରିବାକୁ ଯାଉଥିବା କହିଥିଲେ। ଏହାଛଡା ଭିତରକନିକାରେ ୱାଟର ପାର୍କ ସ୍ଥାପନ ପାଇଁ କେନ୍ଦ୍ର ପର୍ଯ୍ୟଟନ ବିଭାଗ ସହିତ ଏକ ଚୁକ୍ତିନାମା ଖୁବ ନିକଟରେ କରାଯିବାର କାର୍ଯ୍ୟକ୍ରମ ରହିଛି ବୋଲି ମନ୍ତ୍ରୀ ପାଣିଗ୍ରାହୀ ସୂଚନା ଦେଇଥିଲେ। ମହୋତ୍ସବରେ ନିମନ୍ତ୍ରିତ ଅତିଥି ଭାବେ କେନ୍ଦ୍ରାପଡା ଏମପି ଅନୁଭବ ମହାନ୍ତି ଯୋଗଦେଇ କହିଥିଲେ ଯେ, ଭିତରକନିକା ପାଇଁ କେନ୍ଦ୍ରାପଡା ବିଶେଷ କରି ରାଜନଗର ସମଗ୍ର ବିଶ୍ୱରେ ସ୍ୱତନ୍ତ୍ର ପରିଚିତି ଲାଭ କରିଛି। ମହୋତ୍ସବ ମାଧ୍ୟମରେ ଏ ଅଞ୍ଚଳର ଅର୍ଥନୈତିକ ବିକାଶ ପାଇଁ ପାର୍ଲାମେଣ୍ଟରେ ଦାବି ଉପସ୍ଥାପନ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମରେ ଭିତରକନିକାର ଇକୋ ଡେଭଲପମେଣ୍ଟ କରାଯିବ।

ସମ୍ମାନିତ ଅତିଥି ଭାବେ ଆଳି ବିଧାୟକ ପ୍ରତାପ କେଶରୀ ଦେବ, ମହାକାଳପଡା ବିଧାୟକ ଅତନୁ ସବ୍ୟସାଚୀ ନାୟକ ଯୋଗଦେଇ ସର୍ବପ୍ରଥମ କରି ଭିତରକନିକା ମହୋତ୍ସବ ହେଉଥିବାରୁ ପର୍ଯ୍ୟଟନ କ୍ଷେତ୍ରରେ ନୂତନ ସୂର୍ଯ୍ୟ ଉଦୟ ହେବ ବୋଲି କହିଥିଲେ। ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗଦେଇ ମହୋତ୍ସବ ସରକାରଙ୍କ ଏକ ସଫଳ ପ୍ରୟାସ ବୋଲି ମତବ୍ୟକ୍ତ କରିଥିଲେ। ଭିତରକନିକା ମହୋତ୍ସବର ଆବାହକ ତଥା କେନ୍ଦ୍ରାପଡା ଜିଲାପାଳ ସମର୍ଥ ବର୍ମା ସ୍ୱାଗତ ଅଭିଭାଷଣ ରଖିଥିଲେ। ଏହି ମହୋତ୍ସବରେ ଉପସ୍ଥାପିକା ସୁଲଗ୍ନା ରାଉତ ସଂଯୋଜନା କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ପର୍ଯ୍ୟଟନ ମନ୍ତ୍ରୀ ପାଣିଗ୍ରାହୀ ମହୋତ୍ସବର ସ୍ମରଣିକାକୁ ଉନ୍ମୋଚନ କରିଥିଲେ। ବଉଳାକୁମ୍ଭୀର ଗବେଷକ ବୈଜ୍ଞାନିକ ଡ. ସୁଧାକର କରଙ୍କୁ ତାଙ୍କ ସାମଗ୍ରିକ କୃତି ପାଇଁ ଭିତରକନିକା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହାଛଡା ସ୍ମରଣିକା ସଂପାଦନା କ୍ଷେତ୍ରରେ ସହଯୋଗ ପାଇଁ ଗାଳ୍ପିକ ପ୍ରାଧ୍ୟାପକ ଅତୁଳ ବଳଙ୍କ ସମେତ ସଂପାଦନାମଣ୍ଡଳୀର ସଦସ୍ୟମାନଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ଏହି ମହୋତ୍ସବ ଉଦ୍‌ଘାଟନ ପୂର୍ବରୁ ପୁଲୱାମାରେ ସହୀଦ ହୋଇଥିବା ବୀର ଜବାନମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। କେନ୍ଦ୍ରାପଡାର ଭାବଗ୍ରାହୀ କଳା ନିକେତନ, ରୟାଲ ଡ୍ୟାନ୍ସ ଏକାଡେମୀର ଶିଳ୍ପୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ଉପସ୍ଥିତ ଦର୍ଶକମାନଙ୍କୁ ବିମୋହିତ କରିଥିଲେ। ଏହି ମହୋତ୍ସବରେ ଜିଲାର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ଓ ଓରମାସ ପକ୍ଷରୁ ଷ୍ଟଲ ମାନ ଖୋଲାଯାଇଛି। ଭିତରକନିକା ସମ୍ବଳିତ ଫଟୋଚିତ୍ର ସ୍ଥାନ ପାଇଛି। ଭିତରକନିକାର ପ୍ରଚାର ଓ ପ୍ରସାର ଉଦ୍ଦେଶ୍ୟରେ ଏହି ତିନିଦିନିଆ ମହୋତ୍ସବ ଆରମ୍ଭ ହୋଇଛି। କେନ୍ଦ୍ରାପଡା ଜିଲାର ବିଭିନ୍ନ ଅଞ୍ଚଳର ପର୍ଯ୍ୟଟକ, ପରିବେଶବିତ୍ ଏବଂ ରାଜନୈତିକ ବ୍ୟକ୍ତି ବିଶେଷଙ୍କ ସମେତ ସାଧାରଣ ଲୋକ ଉପସ୍ଥିତ ରହିଥିଲେ।

## ବ୍ଲକସ୍ତରୀୟ ମତ୍ସ୍ୟ ପ୍ରଶିକ୍ଷଣ ଶିବିର

ପାଟକୁରା, ୧୪।୨ (ଡ଼ି.ଏନ୍.ଏ.)

ଶୁକ୍ରବାର ଗରଦପୁର ବ୍ଲକ ଆତ୍ମା ସମ୍ମିଳନୀ କକ୍ଷରେ ବ୍ଲକସ୍ତରୀୟ ୨ ଦିନିଆ ମତ୍ସ୍ୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି । ମିଶନ ଶକ୍ତି ଓ ୱାଲ୍ଡ ଫିସ୍ ସହଯୋଗରେ ଆୟୋଜିତ ଏହି ଶିବିରରେ ଜିଲା ମତ୍ସ୍ୟ ଅଧିକାରିଣୀ ମମତା ମହାପାତ୍ର , ଅତିରିକ୍ତ ଜିଲା ମତ୍ସ୍ୟ ଅଧିକାରୀ ଦିଲୀପ ମହାନ୍ତି ଓ ୱାଲ୍ଡ ଫିସ୍‌ର ପରିଚାଳକ ସୌରଭ ବିଶ୍ୱାଳ, ସହାକାରୀ କୃଷି ଅଧିକାରୀ ପ୍ରିୟବ୍ରତ ଜେନା, ମିଶନ ଶକ୍ତି ସଂଯୋଜକ ମହେନ୍ଦ୍ର ସ୍ୱାଇଁ, କନିଷ୍ଠ ମତ୍ସ୍ୟ ଅଧିକାରୀ ଶଙ୍କର୍ଷଣ ପଣ୍ଡା ଉପସ୍ଥିତ ରହି ମତ୍ସ୍ୟ ଚାଷ କରୁଥିବା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ । ବିଶେଷ କରି ଗ୍ରାମ ପଞ୍ଚାୟତ ପୋଖରୀରେ ମାଛ ଚାଷର ପଦ୍ଧତି, ଜଳ ଓ ଖାଦ୍ୟ ପରିଚାଳନା, ରୋଗ ଓ ପୋକର ନିରାକରଣ ଉପରେ ପ୍ରଶିକ୍ଷଣ ଦେଇଥିଲେ । ଏହାଛଡା ମହୁରାଳୀ ମାଛ ଚାଷ ଓ ତାହାର ଉପକାରିତା ସମ୍ପର୍କରେ ବୁଝାଇଥିଲେ । ବ୍ଲକର ୫୨ଟି ସ୍ୱୟଂ ସହାୟିକା ଗୋଷ୍ଠୀ ୫୨ ପୋଖରୀ ବିଭିନ୍ନ ଗ୍ରାମ ପଞ୍ଚାୟତରୁ ନିଲାମ ନେଇ ସେଥିରେ ମାଛ ଚାଷ କରୁଛନ୍ତି । ସେମାନେ ଠିକ ଭାବରେ ମାଛ ଚାଷ କଲେ ସେମାନଙ୍କର ପରିବାରକୁ ଭରଣପୋଷଣ କରିପାରିବେ ବୋଲି ମତ୍ସ୍ୟ ଅଧିକାରିଣୀ ବୁଝାଇଥିଲେ । ଶିବିରରେ ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀର ୫୦ ଜଣ ହିତାଧିକାରିଣୀ ପ୍ରଶିକ୍ଷଣ ନେଇଥିଲେ ।

## ମହୋତ୍ସବର ଏପାଖ ସେପାଖ

### ମନ ମୋହୁଛି ବାଲୁକା ଚିତ୍ରକଳା

ରାଜନଗର,୧୪।୨(ଡି.ଏନ.ଏ.): ରାଜନଗର ବ୍ଲକର ନଳିତାପାଟିଆଠାରେ ତିନିଦିନିଆ ଭିତରକନିକା ମହୋତ୍ସବ ଆରମ୍ଭ ହୋଇଛି । ଏହି ଅବସରରେ ପ୍ରବେଶ ପଥରେ ଭିତରକନିକା ଉପରେ ବାଲୁକା ଚିତ୍ରକଳା କରାଯାଇଛି। ବିଭିନ୍ନ ବୃକ୍ଷଲତା ସହିତ ବଉଳାକୁମ୍ଭୀର ଓ ଗହୀରମଥାର ଅଲିଭରିଡଲେ ଏଥିରେ ସ୍ଥାନ ପାଇଛି। ଏହାକୁ ଦେଖିବାକୁ ଲୋକଙ୍କ ଭିଡ ଜମିଛି। ଏହି ବାଲୁକା କଳାକୃତିକୁ ରାଜକନିକା ବ୍ଲକ କଣ୍ଡିଆ ଗ୍ରାମର ପରେଶ କୁମାର ବେହେରା, ବିଶ୍ୱଜିତ ବେହେରା, ଦେବାଶିଷ ବେହେରା ନିର୍ମାଣ କରିଛନ୍ତି ।

### ଶ୍ରୀକାନ୍ତଙ୍କ କାନ୍‌ଭାସରେ ପରିବେଶ ସଚେତନତା ବାର୍ତ୍ତା

ଭିତରକନିକା ମହୋତ୍ସବ ପରିସରରେ ପଟ୍ଟାମୁଣ୍ଡାଇ ବ୍ଲକ ସଂସାରଫଳ ଗ୍ରାମର ଚିତ୍ରଶିଳ୍ପୀ ଶ୍ରୀକାନ୍ତ ଦାସ ନିଜ କାନ୍‌ଭାସରେ ଭିତରକନିକା ଉପରେ ଆଙ୍କିଥିବା ଚିତ୍ରଗୁଡିକ ଅତିଥି, ପରିବେଶବିତ୍‌ମାନଙ୍କୁ ଆକର୍ଷିତ କରୁଛି। ଏହାଛଡା ସେ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ପରିବେଶର ବାର୍ତ୍ତା ବାଣ୍ଟିଛନ୍ତି ।

### ବନ ବିଭାଗର ପ୍ରକୃତି ଶିବିର

ରାଜନଗର ବନବିଭାଗ ପକ୍ଷରୁ ମହୋତ୍ସବ ସ୍ଥଳରେ ଏକ ଷ୍ଟଲ ଖୋଲାଯାଇଛି। ଏହି ଷ୍ଟଲରେ ଭିତରକନିକାରେ ଥିବା ରଙ୍ଗ ବେରଙ୍ଗର ପକ୍ଷୀ, ବଉଳାକୁମ୍ଭୀର, ଧଳାକୁମ୍ଭୀର ଗୋରୀ, ଅଲିଭରିଡଲେ ଓ ବିଭିନ୍ନ ପ୍ରକାର ପଶୁପକ୍ଷୀଙ୍କ ଫଟୋଚିତ୍ର ରଖାଯାଇଛି। ଏଥିସହିତ ୬୪ ପ୍ରକାରର ବିରଳ ଲୁଣାଜଙ୍ଗଲ ସଂପର୍କିତ ଫଟୋଚିତ୍ର ପ୍ରଦର୍ଶିତ କରାଯାଉଛି। ଏହାଛଡା ବନବିଭାଗ ପକ୍ଷରୁ ଅନ୍ୟ ଏକ ଷ୍ଟଲ ଖୋଲାଯାଇ ପ୍ଲାଷ୍ଟିକ ବ୍ୟବହାର ନ କରିବାକୁ ସଚେତନ କରାଯାଉଛି। ପ୍ଲାଷ୍ଟିକ ବଦଳରେ କାଗଜରେ ତିଆରି ବ୍ୟାଗ ଲୋକଙ୍କୁ ପ୍ରଦାନ କରାଯାଉଛି।

### ଗାଁ ମାଟିର ଝିଅ ମହିମାଙ୍କ କରିସ୍ମା

ଆଜି ପ୍ରଥମ ଦିନରେ ମହୋତ୍ସବରେ ଚାଲ ଟିକେ ଦୁଷ୍ଟ ହେବା ଚଳଚ୍ଚିତ୍ରର ଅଭିନେତ୍ରୀ ମହିମା ଦାଶ, ଅଭିନେତ୍ରୀ ସୂର୍ଯ୍ୟମୟୀ ମଞ୍ଚରେ ନୃତ୍ୟ ପରିବେଷଣ କରି ଦର୍ଶକଙ୍କ ମନ ମୋହିଥିଲେ। କଣ୍ଠଶିଳ୍ପୀ ଦୀପ୍ତିରେଖା ପାଢୀ, ଆଶୁତୋଷ ମହାନ୍ତି ପ୍ରମୁଖ ବିଭିନ୍ନ ଗୀତ ପରିବେଷଣ କରିଥିଲେ। ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳ ପଞ୍ଚାୟତର ଝିଅ ମହିମା ଜଣେ ସଫଳ ଅଭିନେତ୍ରୀ।

### ଜିଲାପାଳଙ୍କ ସମ୍ବୋଧନକୁ ନେଇ ଆଲୋଚନା

ଭିତରକନିକା ମହୋତ୍ସବର ଆବାହକ ଜିଲାପାଳ ସମର୍ଥ ବର୍ମା ଅତିଥିମାନଙ୍କ ପରିଚୟ ଦେବା ବେଳେ ପୂର୍ବତନ ମନ୍ତ୍ରୀ ତଥା ମହାକାଳପଡା ବିଧାୟକ ଅତନୁ ସବ୍ୟସାଚୀ ନାୟକଙ୍କ ନାମକୁ ଭୁଲ କ୍ରମେ ଅତନୁ ଦାସ ବୋଲି ସମ୍ବୋଧନ କଲା ବେଳେ ଏହାକୁ ନେଇ କିଛି ସମୟ ପାଇଁ ଚାପା ଗୁଞ୍ଜରଣ ସୃଷ୍ଟି ହୋଇଥିଲା।

ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ...

## ଗଣିତ (MATHEMATICS)


**14.(i) ଦତ୍ତ:** ABCD ଏକ ଟ୍ରାପିଜିୟମ୍ ।

$\overline{AD} \parallel \overline{BC}$ ଏବଂ $\overline{AB} \cong \overline{CD}$ ।

**ପ୍ରାମାଣ୍ୟ:** ABCD ବୃତ୍ତାନ୍ତର୍ଲିଖିତ ଟ୍ରାପିଜିୟମ୍ ।

**ଅଙ୍କନ:** $\overline{DM} \parallel \overline{AB}$ ଅଙ୍କନ କର ।

$\overline{DM}$, $\overline{BC}$ କୁ M ବିନ୍ଦୁରେ ଛେଦକରୁ ।



**ପ୍ରମାଣ:** ADMB ଏକ ସାମାନ୍ତରିକ ଚିତ୍ର ।

($\because \overline{AD} \parallel \overline{BM}$ ଏବଂ $\overline{DM} \parallel \overline{AB}$)

$\Rightarrow \overline{AB} \cong \overline{DM}$, କିନ୍ତୁ ଦତ୍ତ ଅଛି $\overline{AB} \cong \overline{DC}$

$\Rightarrow \overline{DM} \cong \overline{DC} \Rightarrow m\angle DMC = m\angle DCM$

କିନ୍ତୁ $\overline{AB} \parallel \overline{DM}$, $\overline{BC}$ ଛେଦକ ।

$\Rightarrow m\angle ABM = m\angle DCM$

$\Rightarrow m\angle ABC = m\angle DCB$

ପୁନଶ୍ଚ $\overline{AD} \parallel \overline{BC}$

$\Rightarrow m\angle DAB + m\angle ABC = 180^0$


$\Rightarrow m\angle DAB + m\angle DCB = 180^0$

($\because m\angle ABC = m\angle DCB$)

$\Rightarrow$ ABCD ବୃତ୍ତାନ୍ତର୍ଲିଖିତ ହେବ । **(ପ୍ରମାଣିତ)**

**କିମ୍ବା, ଦତ୍ତ:** ଦୁଇଟି ବୃତ୍ତ ପରସ୍ପରକୁ P ବିନ୍ଦୁରେ ସ୍ପର୍ଶ କରନ୍ତି । ସାଧାରଣ ସ୍ପର୍ଶକ $\overleftrightarrow{AB}$ ବୃତ୍ତଦ୍ୱୟକୁ A ଓ B ବିନ୍ଦୁରେ ସ୍ପର୍ଶକରେ । P ବିନ୍ଦୁଗାମୀ ସ୍ପର୍ଶକ $\overleftrightarrow{AB}$ କୁ C ବିନ୍ଦୁରେ ଛେଦ କରୁଛି ।

**ପ୍ରାମାଣ୍ୟ:** $m\angle APB = 90^0$ ।



**ପ୍ରମାଣ :** ବହିଃସ୍ଥ ବିନ୍ଦୁରୁ ଅଙ୍କିତ ସ୍ପର୍ଶକଖଣ୍ଡ ଦ୍ୱୟର ଦୈର୍ଘ୍ୟ ସମାନ ।

ଅର୍ଥାତ୍ CA = CD ।

ସେହିପରି ଅନ୍ୟ ବୃତ୍ତରେ CP = CB

$\therefore$ CA = CB ...(i)

$\because CA = CP \Rightarrow m\angle CAP = m\angle CPA$

ଏବଂ $\because CP = CB \Rightarrow m\angle CBP = m\angle CPB$

$\therefore m\angle CAP + m\angle CBP = m\angle CPA + m\angle CPB$

$\Rightarrow m\angle CAP + m\angle CBP = m\angle APB$

$\Rightarrow m\angle CAP + m\angle CBP + m\angle APB = 2m\angle APB$

$\Rightarrow 180^0 = 2m\angle APB$

$\Rightarrow m\angle APB = 90^0$ ....(ii) **(ପ୍ରମାଣିତ)**

**(ii)** $(1 + \tan 15^0)(1 + \tan 30^0) = 2$

ଆମେ ଜାଣିଛେ, $15^0 + 30^0 = 45^0$

$\Rightarrow \tan(15^0 + 30^0) = \tan 45^0$

$\Rightarrow \dfrac{\tan 15^0 + \tan 30^0}{1 - \tan 15^0 . \tan 30^0} = 1$

$\Rightarrow \tan 15^0 + \tan 30^0 = 1 - \tan 15^0 . \tan 30^0$

$\Rightarrow \tan 15^0 + \tan 30^0 + \tan 15^0 . \tan 30^0 = 1$


$\Rightarrow 1 + \tan 15^0 + \tan 30^0 + \tan 15^0 . \tan 30^0 = 2$

$\Rightarrow 1(1 + \tan 15^0) + \tan 30^0 (1 + \tan 15^0) = 2$

$\Rightarrow 1(1 + \tan 15^0)\ (1 + \tan 30^0) = 2$

**(ପ୍ରମାଣିତ)**

**କିମ୍ବା,**



AB = ଗଛର ଉଚ୍ଚତା

$m\angle ACB = 60°$ ଏବଂ $m\angle ADB = 30°$

AB ଗଛର ଛାଇର ଦୈର୍ଘ୍ୟ 15 ମିଟର ।

ଅର୍ଥାତ୍ CB = 15 ମିଟର ।

$\Delta$ ADC ରେ $m\angle DAC = 60° - 30° = 30°$

$\Rightarrow AC = DC$

ମନେକର CD = AC = x ମିଟର ।

$\Delta$ ACB ରେ $\cos 60° = \dfrac{BC}{AC} \Rightarrow \dfrac{1}{2} = \dfrac{15}{x}$

$\Rightarrow$ x = 30 ମିଟର ।

$\therefore$ ସୂର୍ଯ୍ୟର କୌଣିକ ଉନ୍ନତି 30° ବେଳେ ଗଛର ଛାଇର ଦୈର୍ଘ୍ୟ = BD

= BC + CD = 15 + 30 = 45 ମିଟର ।

**15.(i)** ସମବାହୁ ତ୍ରିଭୁଜର କ୍ଷେତ୍ରଫଳ = $1936\sqrt{3}$ ବର୍ଗ ମି.

$\Rightarrow \dfrac{\sqrt{3}}{4}$ x (ବାହୁର ଦୈର୍ଘ୍ୟ)$^2$ = $1936\sqrt{3}$

$\Rightarrow$ (ବାହୁର ଦୈର୍ଘ୍ୟ)$^2$ = $\dfrac{1936\sqrt{3} \times 4}{\sqrt{3}}$

$\Rightarrow$ ବାହୁର ଦୈର୍ଘ୍ୟ = $\sqrt{1936 \times 4}$ = 88 ମି. ।

$\therefore$ ସମବାହୁ ତ୍ରିଭୁଜର ବାହୁର ଦୈର୍ଘ୍ୟ 88 ମି. ।

ସମବାହୁ ତ୍ରିଭୁଜର ପରିସୀମା = (3 x 88) ମି.

= 264 ମି. = ବୃତ୍ତର ପରିଧି

ଯଦି ବୃତ୍ତର ବ୍ୟାସାର୍ଦ୍ଧ r ମି. ହୁଏ ତେବେ ପରିଧି = $2\pi r$ ମି. ହେବ ।

ପ୍ରଶ୍ନାନୁସାରେ,

$2\pi r = 264 \Rightarrow 2 \times \dfrac{22}{7} \times r = 264$

$\Rightarrow r = 264 \times \dfrac{7}{2 \times 22} = 42$ ମି.

$\therefore$ ବୃତ୍ତର ବ୍ୟାସ= 2r = 2 x 42 = 84 ମି.

**କିମ୍ବା,** ମନେକର ବୃତ୍ତକଳାର ବ୍ୟାସାର୍ଦ୍ଧ = r ମି.

ବୃତ୍ତକଳାର ଚାପର ଦୈର୍ଘ୍ୟ(L) = 22 ମି.

$\therefore$ ବୃତ୍ତକଳାର କ୍ଷେତ୍ରଫଳ = $\dfrac{1}{2} \times Lr$.

$\Rightarrow 231 = \dfrac{1}{2} \times 22 \times r$

$\Rightarrow r = \dfrac{231 \times 2}{22} = 21$ ମି.

ମନେକର ବୃତ୍ତକଳାର ଚାପର ଡିଗ୍ରୀ ପରିମାପ = $\theta^0$

ଚାପର ଦୈର୍ଘ୍ୟ (L) = $\dfrac{\theta}{180^0} \times \pi r$

$\Rightarrow 22 = \dfrac{\theta}{180^0} \times \dfrac{22}{7} \times 21$

$\Rightarrow \theta = \dfrac{22 \times 180 \times 7}{22 \times 21} = 60$

$\therefore$ ବୃତ୍ତକଳାର ଚାପର ଡିଗ୍ରୀ ପରିମାପ $60^0$ ।

**(ii)** ଲୁହାନଳର ଦୈର୍ଘ୍ୟ ଅର୍ଥାତ୍ ଫମ୍ପା ସିଲିଣ୍ଡରର ଉଚ୍ଚତା (h) = 84 ସେ.ମି., ଲୁହାନଳର ଅନ୍ତଃବ୍ୟାସାର୍ଦ୍ଧ ଓ ବହିଃବ୍ୟାସାର୍ଦ୍ଧ ଯଥାକ୍ରମେ r ସେ.ମି. ଓ R ସେ.ମି. ହେଲେ,

ଲୁହାନଳର ବେଧ (t) = R – r = 2 ସେ.ମି.

$\Rightarrow 8 - r = 2 \Rightarrow r = 6$ ସେ.ମି.

[$\because$ R = 8 ସେ.ମି.(ଦତ୍ତ)]

ସମଗ୍ର ପୃଷ୍ଠତଳର କ୍ଷେତ୍ରଫଳ = $2\pi (R + r)(h + t)$

$= 2 \times \dfrac{22}{7} \times (8+6)(84+2)$ ବ.ମି.

$= 2 \times \dfrac{22}{7} \times 14 \times 86 = 7568$ ବ.ସେ.ମି.

$\therefore$ ଲୁହାନଳର ସମଗ୍ର ପୃଷ୍ଠତଳର କ୍ଷେତ୍ରଫଳ 7568 ବ.ସେ.ମି.

**କିମ୍ବା,** କୋନ୍‌ଟିର ଭୂମିର ବ୍ୟାସ = 6 ସେ.ମି.

$\therefore$ ଏହାର ବ୍ୟାସାର୍ଦ୍ଧ r=3 ସେ.ମି.ଏବଂ ଉଚ୍ଚତା h = 8 ସେ.ମି.

$\therefore$ କୋନ୍‌ଟିର ଆୟତନ = $\dfrac{1}{3}\pi r^2 h$

$= \dfrac{1}{3} \times \pi \times (3)^2 \times 8 = 24\pi$ ଘ.ସେ.ମି

ସିଲିଣ୍ଡର ଆକାର ବିଶିଷ୍ଟ ପାତ୍ରର ଭୂମିର ବ୍ୟାସ 8 ସେ.ମି. ।

$\therefore$ ପାତ୍ରର ଭୂମିର ବ୍ୟାସାର୍ଦ୍ଧ $r_1 = 4$ ସେ.ମି.

ମନେକର ସିଲିଣ୍ଡରରେ ଥିବା ଜଳ ମଧ୍ୟରେ କୋନ୍‌ଟି ବୁଡ଼ିବା ପରେ ସେଥିରେ ଜଳସ୍ତର x ସେ.ମି. ଉପରକୁ ଉଠିଯିବ ।

$\therefore$ ବୃଦ୍ଧି ପାଉଥିବା ଜଳର ଆୟତନ = $\pi(4)^2.x$

= $16\pi x$ ଘ.ସେ.ମି.

କିନ୍ତୁ ବୃଦ୍ଧି ପାଇଥିବା ଜଳର ଆୟତନ= କୋନ୍‌ଟିର ଆୟତନ

$\therefore \pi(4^2)x = 24\pi \Rightarrow x = \dfrac{24}{16} = \dfrac{3}{2} = 1.5$ ସେ.ମି.

$\therefore$ ପାତ୍ରଟିରେ ଜଳସ୍ତର 1.5 ସେ.ମି. ଉପରକୁ ଉଠିବ । (ଉ)



ଯେତେବେଳେ ଜଣେ ଭୁଲ୍ କରି ବସେ ଲୋକେ ତାକୁ ଥଟ୍ଟା କରନ୍ତି, କିନ୍ତୁ ଯେତେବେଳେ ସେ ନିଜ ଭୁଲ୍ ବୁଝି କ୍ଷମା ମାଗେ, ସେତେବେଳେ ସେଇ ଲୋକ ତାକୁ ଆଦର କରନ୍ତି। -ମାର୍ଟିନ୍ ଲୁଥର



# କ୍ଷତିଗ୍ରସ୍ତଙ୍କ ଉପରେ ବଳପ୍ରୟୋଗ, ୧୪୪ ଧାରା ଲାଗୁ

ଯାଜପୁର ଅଫିସ,୧୪।୨

କଳିଙ୍ଗନଗରରେ ପ୍ରତିଷ୍ଠିତ ଇମାମି ସିମେଣ୍ଟ କାରଖାନାରେ ଜମି ହରାଇଥିବା ଲୋକଙ୍କ ବିଭିନ୍ନ ସମସ୍ୟା ସମାଧାନ ନ ହେବାରୁ ବ୍ୟାପକ ଅଶାନ୍ତି ଦେଖାଦେଇଛି। ଏପରିକି ଜମିହରା ପରିବାରମାନେ ନିଜ ଅଧିକାର ପାଇଁ ଆନ୍ଦୋଳନ କରୁଥିବାବେଳେ ମଙ୍ଗଳବାର ପୋଲିସ ସେମାନଙ୍କୁ ଗିରଫ କରି ଛାଡି ଦେଇଛି। ଏପରିକି ଭବିଷ୍ୟତରେ କ୍ଷତିଗ୍ରସ୍ତ ପରିବାରବର୍ଗଙ୍କ ଆନ୍ଦୋଳନ ଉପରେ ଅଙ୍କୁଶ ଲଗାଇବାକୁ ଯାଇ କମ୍ପାନୀ ଫାଟକ ସମ୍ମୁଖରେ ପ୍ରଶାସନ ପକ୍ଷରୁ ବୁଧବାର ବଳପ୍ରୟୋଗ ପୂର୍ବକ ୧୪୪ ଧାରା ଲାଗୁ କରାଯାଇଛି। ଏହା ମାନବାଧିକାରକୁ କ୍ଷୁର୍ଣ୍ଣ କରୁଛି ବୋଲି ମତପ୍ରକାଶ ପାଉଛି। ତେବେ ଆସନ୍ତା ସୋମବାର ସୁଦ୍ଧା ସମସ୍ୟାର ସମାଧାନ କରା ନ ଗଲେ ବୁଧବାର ଅର୍ଥାତ ୧୯।୨।୨୦୨୦ରୁ ଅନିର୍ଦ୍ଦିଷ୍ଟ ପାଇଁ ଦୁର୍ବାର ଆନ୍ଦୋଳନ ହେବ ବୋଲି ଜମିହରା ପରିବାର ଚେତାବନୀ ଦେଇଛନ୍ତି। ଇମାମି ସିମେଣ୍ଟ ଉତ୍ପାଦନକ୍ଷମ ହୋଇସାରିଛି। ତଥାପି ଜମିହରାଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ କ୍ଷେତ୍ରରେ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଇ ନାହିଁ। ଦିନମଜୁରିଆଭାବେ କିଛି ଲୋକ ନିୟୋଜିତ ହୋଇ ସମ୍ପୂର୍ଣ୍ଣ ଅନିଶ୍ଚିତତା ମଧ୍ୟରେ କାଳ କାଟୁଛନ୍ତି। କୌଣସି ଚାକିରି ସର୍ତ୍ତାବଳୀ ଅବା ସ୍ଥାୟୀତ୍ୱ ନ ଥିବାବେଳେ ଠିକାଦାର ଅଧୀନରେ ରହି କେବଳ କମ୍ପାନୀ ଉପରେ ଭରସା ରଖି ଚଳୁଛନ୍ତି। ମାତ୍ର ଏମାନଙ୍କୁ ସ୍ଥାୟୀ କରିବା ଭଳି ମନୋଭାବ ସୁଦ୍ଧା କମ୍ପାନୀ ପୋଷଣ କରୁନାହିଁ। ଜମିହରାଙ୍କୁ ସମ୍ପୂର୍ଣ୍ଣ ଉପେକ୍ଷା କରାଯାଉଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ସେହିପରି ପାରିପାର୍ଶ୍ୱିକ ଅଞ୍ଚଳର ଉନ୍ନୟନ କ୍ଷେତ୍ରରେ ମଧ୍ୟ ଆଶାନୁରୂପକ ପଦକ୍ଷେପ ନିଆଯାଇ ନାହିଁ। ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଆଦି ବ୍ୟବସ୍ଥା କ୍ଷେତ୍ରରେ କମ୍ପାନୀ ଯେତିକି ପଦକ୍ଷେପ ନେଇଛି ସେଥିରେ ସ୍ଥାନୀୟ ଅଞ୍ଚଳବାସୀ ଆଦୌ ସନ୍ତୁଷ୍ଟ ନୁହନ୍ତି। ଯାନବାହନ ଚଳାଚଳ ସାଙ୍ଗକୁ ସିମେଣ୍ଟ ଗୁଣ୍ଡ ଓ ଧୂଆଁଜନିତ ପ୍ରଦୂଷଣରେ ଲୋକେ ଅତିଷ୍ଠ ହେବାର ସମ୍ଭାବନା ସୃଷ୍ଟି କରିଛି। ଜମି କ୍ଷତିପୂରଣ ହାରକୁ ନେଇ ମଧ୍ୟ ଅସନ୍ତୋଷ ଲାଗି ରହିଛି। ପ୍ରକଳ୍ପ ଜନଶୁଣାଣି ସମୟରେ ଏସବୁ ସମସ୍ୟା ଲୋକେ ଉପସ୍ଥାପନ କରିଥିଲେ ହେଁ ସେ ସବୁର ପ୍ରତିଶ୍ରୁତି ପରେ ବି ସମାଧାନ ହୋଇନାହିଁ। ଜିଲା ପ୍ରଶାସନ ଓ ରାଜନୈତିକ ନେତୃବର୍ଗ ଜନ ପ୍ରତିନିଧି ମଧ୍ୟ ଲୋକଙ୍କ ସମସ୍ୟାକୁ ଅଣଦେଖା କରି ଚାଲିଛନ୍ତି। ପ୍ରକଳ୍ପ ପ୍ରତିଷ୍ଠା ପୂର୍ବରୁ ଗ୍ରାମବାସୀଙ୍କ ସହ କମ୍ପାନୀ କର୍ତ୍ତୃପକ୍ଷ କରିଥିବା ଚୁକ୍ତିନାମା ଅନୁଯାୟୀ କାର୍ଯ୍ୟ କରା ନ ଯାଇ ନିଯୁକ୍ତି ପାରିପାର୍ଶ୍ୱିକ ଅଞ୍ଚଳର ବିକାଶକୁ ସମ୍ପୂର୍ଣ୍ଣ ଉପେକ୍ଷା କରାଯାଇ ଚୁକ୍ତିନାମାର ଖୋଲା ଉଲ୍ଲଂଘନ କରାଯାଇଥିବା ଅଭିଯୋଗ ହୋଇଛି। କମ୍ପାନୀ କର୍ତ୍ତୃପକ୍ଷ ଗ୍ରାମବାସୀ ତଥା ଜମିହରାଙ୍କ ସମସ୍ୟା ସମାଧାନ ପାଇଁ ଯଥା ସମ୍ଭବ ପଦକ୍ଷେପ ନିଆଯାଉଥିବା କହି ଆସିଛନ୍ତି। ହେଲେ ସମୟ ଗଡିବା ସାଙ୍ଗକୁ ସମସ୍ୟା ମଧ୍ୟ ବଢି ଚାଲିଛି। ଶିଳ୍ପାୟନର ଉପଯୋଗିତା ନେଇ ଯୁକ୍ତି ବାଢିବାରେ ରାଜ୍ୟ ସରକାରଙ୍କ ସତଚେଷ୍ଟା ସତ୍ତ୍ୱେ ଇମାମି ସିମେଣ୍ଟ କର୍ତ୍ତୃପକ୍ଷଙ୍କ ଏଭଳି ମନୋଭାବ ସାଧାରଣରେ ଆଶାନୁରୂପ ଅନୁକୂଳ ମତ ପ୍ରକାଶ ପାଉନାହିଁ। କ୍ଷତିଗ୍ରସ୍ତ ପରିବାରଙ୍କୁ ଶିଳ୍ପାୟନ ଦ୍ୱାରା ଲାଭାନ୍ୱିତ କରିବା ପାଇଁ ରାଜ୍ୟ ସରକାରଙ୍କ ଘୋଷିତ ଥଇଥାନ ନୀତି ଓ ପାରିପାର୍ଶ୍ୱିକ ଉନ୍ନୟନକୁ ଠିକ୍ ଭାବେ କାର୍ଯ୍ୟକାରୀ କରିବା ପରିବର୍ତ୍ତେ ଶିଳ୍ପ କାରଖାନାର ସ୍ୱାର୍ଥକୁ ଅଧିକ ଧ୍ୟାନ ଦେବା ଶିଳ୍ପାୟନ ପ୍ରତି ପ୍ରତିକୂଳ ମତର ମୁଖ୍ୟ କାରଣ ହୋଇଛି। ୨୦୧୭ରେ କଳିଙ୍ଗନଗରରେ ଇମାମି ସିମେଣ୍ଟ କାରଖାନା ଗଢି ଉଠିଥିଲା। ବର୍ଷକୁ ୨.୦ ମିଲିୟନ ଟନ ସିମେଣ୍ଟ ଉତ୍ପାଦନ କରିବାକୁ ଏହି କାରଖାନା ଲକ୍ଷ୍ୟ ରଖିଥିଲା। ପ୍ରକଳ୍ପରେ ସମୁଦାୟ ୪୦୧ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଥିଲା। ପ୍ରକଳ୍ପ ପାଇଁ ସମୁଦାୟ ୭୦.୫୦ ଏକର ଜମି ସରକାରଙ୍କଠାରୁ ଲିଜ ସୂତ୍ରରେ ନିଆଯାଇଛି। ଏଥିରେ ଜମି ହରାଇଥିବା କ୍ଷତିଗ୍ରସ୍ତ ପରିବାର ନିଯୁକ୍ତି ଆଶାରୁ ବଞ୍ଚିତ ହୋଇଛନ୍ତି। ଏହିସବୁ ଦାବି ନେଇ ଆନ୍ଦୋଳନ, ଅନଶନ ଆଦି ବିକ୍ଷୋଭ ପ୍ରଦର୍ଶନ କରୁଥିବାବେଳେ ପ୍ରଶାସନ ଅଙ୍କୁଶ ଲଗାଇବା ଯଥାର୍ଥ ନୁହେଁ ବୋଲି ମତପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ଇମାମି ସିମେଣ୍ଟର ବାହ୍ୟ ସମ୍ପର୍କ ଅଧିକାରୀ ପ୍ରଭାସ କୁମାର ସିଂଙ୍କୁ ପଚାରିବାରେ, ଫାଟକ ସମ୍ମୁଖରେ ଶାନ୍ତିଶୃଙ୍ଖଳା ରକ୍ଷା କରିବାକୁ ପ୍ରଶାସନ ୧୪୪ ଧାରା ଜାରି କରିଛି। ପ୍ରଶାସନର ନିଷ୍ପତ୍ତି ଅନୁସାରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

### ଇମାମି ସିମେଣ୍ଟରେ ସ୍ଥାନୀୟ ନିଯୁକ୍ତିକୁ ନେଇ ଉତ୍ତେଜନା



- ନିଯୁକ୍ତି ଆଶାରୁ ବଞ୍ଚିତ କ୍ଷତିଗ୍ରସ୍ତ ପରିବାର
- ସୋମବାର ବୈଠକରେ ସମାଧାନ ନ ହେଲେ ଆନ୍ଦୋଳନ

## ସଂକ୍ଷେପରେ

### ବରୀ ବ୍ଲକ କାର୍ଯ୍ୟାଳୟରେ ମୋ ସରକାର କାର୍ଯ୍ୟକ୍ରମ

**ବରୀ,୧୪।୨(ସ୍ୱ.ପ୍ର):** ବରୀ ବ୍ଲକ ପରିସରରେ ଶୁକ୍ରବାର ମୋ ସରକାର କାର୍ଯ୍ୟକାରୀ ହୋଇଛି। ମୋ ସରକାରଙ୍କୁ ଟୋଲ ଫି ନମ୍ବରରେ ୧୦ ଜଣରୁ ଊର୍ଦ୍ଧ୍ୱ ବିଭିନ୍ନ ସମସ୍ୟା ନେଇ ଅଭିଯୋଗ କରିଥିବା ଜଣାପଡିଛି। ଏହି ଅଭିଯୋଗକାରୀଙ୍କ ନାମ ମୋ ସରକାରଙ୍କ ଖାତାରେ ପଞ୍ଜୀକୃତ କରାଯାଇଥିବା ଜଣାପଡିଛି। ମୋ ସରକାର କାର୍ଯ୍ୟ ତ୍ୱରାନ୍ୱିତ ହେଲେ ବରୀ ବ୍ଲକର ବିଭିନ୍ନ ସମସ୍ୟା ଦୂର ହେବ ବୋଲି ମତ ପ୍ରକାଶ ପାଇଛି। ଏହାର ନୋଡାଲ ଅଫିସର ଲକ୍ଷ୍ମୀକାନ୍ତ ମହାରଣା ରହିଥିବା ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

### ଯୁବ ସଂଗଠନ ସକ୍ରିୟ ପାଇଁ ସଚେତନତା କର୍ମଶାଳା

**ବରୀ,୧୪।୨(ସ୍ୱ.ପ୍ର):** ବରୀ ବ୍ଲକ ସଭାଗୃହରେ ଶୁକ୍ରବାର ଯୁବ ସଂଗଠନ ସକ୍ରିୟ ପାଇଁ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହାକୁ ଆନୁଷ୍ଠାନିକଭାବେ ବରୀ ବ୍ଲକ ଅଧକ୍ଷା ସୁବାସିନୀ ନାଥଶର୍ମା ଉଦ୍‌ଘାଟନ କରିଥିଲେ। ଏହି କର୍ମଶାଳା ନେହେରୁ ଯୁବକେନ୍ଦ୍ର ଅନୁକୂଲ୍ୟରେ ଆୟୋଜକ ଉତ୍କଳ ସାଇନ୍ସ କ୍ଲବ ପକ୍ଷରୁ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ରାଷ୍ଟ୍ରୀୟ ଯୁବ ପ୍ରକଳ୍ପର ଓଡିଶା ଆବାହକ ମଧୁସୂଦନ ଦାସ ଯୋଗଦାନ କରି ଯୁବ ସଂଗଠନ ସକ୍ରିୟ ହେଲେ ଦେଶର ଉନ୍ନିତ ଘଟିବ ବୋଲି କହିଥିଲେ। ଏନେଇ ଯୁବକଙ୍କୁ ବିଭିନ୍ନ କୌଶଳ ଉପରେ ପରାମର୍ଶ ଦେଇଥିଲେ। କର୍ମଶାଳାରେ ବରୀ ବ୍ଲକର ବିଭିନ୍ନ ଯୁବକ ସଂଘ ଉପସ୍ଥିତ ରହିଥିଲେ। ସାମାଜିକ କର୍ମୀ ସତ୍ୟ ରଞ୍ଜନ କର, ବିକାଶ ବିଶ୍ୱାଳ, ବ୍ଲକ ଉପାଧକ୍ଷ ରମେଶ ଭଞ୍ଜ ପ୍ରମୁଖ ଉପସ୍ଥିତ ରହି ଯୁବ ସଂଗଠନ ସକ୍ରିୟ ଉପରେ ଉପଦେଶ ପ୍ରଦାନ କରିଥିଲେ। ଶରତ ଜେନା କର୍ମଶାଳା ପରିଚାଳନା କରିଥିଲେ।

### ସାମାଜିକ କର୍ମୀଙ୍କ ପରଲୋକ

**ରତ୍ନଗିରି,୧୪।୨(ଡି.ଏନ.ଏ):** ରତ୍ନଗିରି ପଞ୍ଚାୟତ ପଟଣା ଗ୍ରାମର ଖଗେଶ୍ୱର ପାତ୍ର(୯୩) ଙ୍କର ଗୁରୁବାର ବିଳମ୍ବିତ ରାତିରେ ପରଲୋକ ଘଟିଛି। ସେ ତାଙ୍କ ଛାତ୍ର ଜୀବନରେ ଅନେକ ବିଭିନ୍ନ ସାମାଜିକ ଅନୁଷ୍ଠାନ ସହ ଜଡିତ ରହି ଶେଷ ନିଶ୍ୱାସ ପର୍ଯ୍ୟନ୍ତ ବିଭିନ୍ନ ସଂସ୍କାରମୂଳକ କାର୍ଯ୍ୟ ସହିତ ଜଡିତ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରକାଶିତ ହେବାପରେ ବରୀ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମୃତ୍ୟୁରେ ବରୀ ବିଧାୟିକା ସୁନନ୍ଦା ଦାସ, ଅଧକ୍ଷା ସୁବାସିନୀ ଶର୍ମା, ପ୍ରାକ୍ତନ ବ୍ଲକ୍ ଅଧକ୍ଷ ଗଗନ ବିହାରୀ ଜେନା, ରତ୍ନଗିରି ସରପଞ୍ଚ ଅଶୋକ ଜେନା, ଶିକ୍ଷକ ନେତା ଲୋକନାଥ ଦାସ, ପ୍ରାକ୍ତନ ଜିଲାପରିଷଦ ସଭ୍ୟ ବିଷ୍ଣୁଚରଣ ମହାନ୍ତି, ଇଂ ଅମିୟ କୁମାର, ଗୋପାଳ ସାମଲ, ବୈରାଗୀ ପ୍ରଧାନ, ବିଜୟ ସାମଲ ପ୍ରମୁଖ ଗଭୀର ଦୁଃଖ ପ୍ରକାଶ କରିଛନ୍ତି।

### ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

**ରସୁଲପୁର,୧୪।୨(ଡିଏନଏ):** ରସୁଲପୁର ବ୍ଲକ ମିର୍ଜାପୁର ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ବେଣୁଧର ରାଉତଙ୍କର ଶୁକ୍ରବାର ଭୋର ୪ଟାରେ ପରଲୋକ ହୋଇଯାଇଛି। ଛାତ୍ର ଜୀବନରୁ ସମାଜବାଦ ନୀତି ଏବଂ ଆଦର୍ଶରେ ଅନୁପ୍ରାଣୀତ ସ୍ୱର୍ଗତ ରାଉତ ମଲପଡ଼ା ପ୍ରାଥମିକ ବିଦ୍ୟାଳୟରେ ଦୀର୍ଘ ତିନି ଦଶନ୍ଧି ଧରି ଶିକ୍ଷକତା କରି ଅବସର ଗ୍ରହଣ କରିଥିଲେ। ସାମାଜିକ ଉତ୍ସବ ଅନୁଷ୍ଠାନ, ଶିକ୍ଷକ ସଂଗଠନର ନେତୃତ୍ୱ ଓ ଗ୍ରାମାଞ୍ଚଳରେ ନିଷ୍ପାପ ମଣିଷ ଭାବେ ସେ ସବୁରି ପ୍ରିୟ ଏବଂ ସମ୍ମାନସ୍ପଦ ଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୭୪ ବର୍ଷ ବୟସ ହୋଇଥିଲା। ଖବରପାଇ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, ଜିଲା ପରିଷଦ ସଭାପତି ନରେଶ ଚନ୍ଦ୍ର ମହାନ୍ତି, ଶିକ୍ଷାବିତ୍ ବେଣୁଧର ଦୋବାଇ, ରସୁଲପୁର ପଞ୍ଚାୟତ ସମିତି ଅଧକ୍ଷା ସାରତୀ ଜେନା, ବିଜେଡିର ବରିଷ୍ଠ ସଖ୍ୟାଲଘୁ ସେଲ ନେତା ମୋହିଉଦ୍ଦିନ ମହମ୍ମଦ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କୈଳାସ ଚନ୍ଦ୍ର ନାୟକଙ୍କ ସମେତ ବହୁ ଗଣମାନ୍ୟ ବ୍ୟକ୍ତି ବିଶେଷ ତାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଶେଷରେ ତାଙ୍କର ମରଶରୀରକୁ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ସଂସ୍କାର କରାଯାଇଥିଲା। ବଡ଼ପୁଅ ଉଦୟନାଥ ରାଉତ ମୁଖାଗ୍ନି ଦେଇଥିଲେ।

## ନିଯୁକ୍ତି କର୍ମଶାଳାରେ ୩୫୦ ଯୁବତୀଯୁବକଙ୍କ ନାମ ପଞ୍ଜୀକୃତ

ବରୀ,୧୪।୨(ସ୍ୱ.ପ୍ର)

ବରୀ ବ୍ଲକ ପରିସରରେ ଶୁକ୍ରବାର ବେକାରୀ ନିଯୁକ୍ତି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ତାଲିମ ପରେ ନିଶ୍ଚିତ ଚାକିରି ମିଳିବ ବୋଲି ଏହି ଶିବିରରେ କୁହାଯାଇଛି। ଦିନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନାରେ ୩୫୦ ଜଣ ଯୁବତୀ ଯୁବକ ଉପସ୍ଥିତ ରହି ନାମ ପଞ୍ଜୀକୃତ କରିଥିବା ଜଣାପଡିଛି। ଏହାକୁ ଆନୁଷ୍ଠାନିକଭାବେ ବରୀ ବ୍ଲକ ଅଧକ୍ଷା ସୁବାସିନୀ ନାଥଶର୍ମା ଉଦ୍‌ଘାଟନ କରିଥିଲାବେଳେ ଏହି ଶିବିରକୁ ବରୀ ବ୍ଲକ ସଂଯୋଜକ ମାନସ ଦାସ ପରିଚାଳନା କରିଥିଲେ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ୧୮ରୁ ୩୫ ବର୍ଷ ବୟସର ଯୁବତୀଯୁବକଙ୍କୁ ବିଭିନ୍ନ ଟ୍ରେଡ ସମ୍ବନ୍ଧୀୟ ତାଲିମ ଦିଆଯିବାର ବ୍ୟବସ୍ଥା ରହିଛି। ଏହି ତାଲିମ ରାଜ୍ୟ ଓ ରାଜ୍ୟ ବାହାରେ ଦିଆଯିବ ବୋଲି କର୍ମଶାଳାରେ କୁହାଯାଇଛି। ରହିବା, ଖାଇବା, ପୋଷାକ, ତାଲିମ, ନିଯୁକ୍ତି ସମ୍ପୂର୍ଣ୍ଣ ମାଗଣାରେ ମିଳିବ ବୋଲି ବ୍ଲକ ସଂଯୋଜକ ଦାସ କହିଛନ୍ତି। ଏନେଇ ବ୍ଲକ ପରିସରରେ ଯୁବତୀଯୁବକଙ୍କ ଭିଡ ଜମିଥିବା ଦେଖିବାକୁ ମିଳିଥିଲା।

## ମୁହଁ ଖୋଲିଲେ ସରପଞ୍ଚ, ଉନ୍ନୟନ କମିଟି ସଭ୍ୟ

ବିଞ୍ଝାରପୁର,୧୪।୨(ଡି.ଏନ.ଏ)

ବିଞ୍ଝାରପୁର ବ୍ଲକ ଅରେଇସ୍ଥିତ ପ୍ରସିଦ୍ଧ ବରୁଣେଶ୍ୱର କ୍ଷେତ୍ରରେ ଗତ ୩୧ ତାରିଖ ସନ୍ଧ୍ୟାରେ ହୁଣ୍ଡି ଖୋଲା ଘଟଣାକୁ ନେଇ ସୋସିଆଲ ମିଡିଆରେ ଚାଲିଥିବା ଚର୍ଚ୍ଚା ପରେ ସରପଞ୍ଚ ଓ ଉନ୍ନୟନ କମିଟି ମୁହଁ ଖୋଲିଛନ୍ତି। ଗତ ୩୧ ତାରିଖରେ ସରପଞ୍ଚ ଦେବାନନ୍ଦ ମଲ୍ଲିକଙ୍କ ଜଣାତରେ ମନ୍ଦିର ପୂଜକ ଓ ବରୁଣେଶ୍ୱର ଉନ୍ନୟନ କମିଟି ସଭ୍ୟଙ୍କ ଉପସ୍ଥିତିରେ ହୁଣ୍ଡି ବାକ୍ସ ଖୋଲାଯାଇ ୧୭,୨୪୦ ଟଙ୍କା ସଂଗ୍ରହ ହୋଇଥିବାବେଳେ ଏହାର ପରଦିନ ଜଣେ ବ୍ୟକ୍ତି ହୁଣ୍ଡି ବାକ୍ସରୁ ଉନ୍ନୟନ କମିଟି ଅର୍ଥ ଲୁଟ କରିଥିବା ସାମାଜିକ ଗଣମାଧ୍ୟରେ ପ୍ରକାଶ କରିଥିଲେ। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଓ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଚର୍ଚ୍ଚା ଯୋର ଧରିଥିବାବେଳେ ଶୁକ୍ରବାର ସରପଞ୍ଚ ମଲ୍ଲିକ ଓ ଉନ୍ନୟନ କମିଟି ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଡକାଯାଇ ଅଭିଯୋଗକୁ ଖଣ୍ଡନ କରାଯିବା ସହିତ ସ୍ୱଷ୍ଟୀକରଣ ପ୍ରଦାନ କରିଛନ୍ତି। ସରପଞ୍ଚ ମଲ୍ଲିକ କହିଛନ୍ତି ଯେ, ଉନ୍ନୟନ କମିଟି ଏହି ହୁଣ୍ଡି ବସାଇଥିବାବେଳେ ପ୍ରତିବର୍ଷ ହୁଣ୍ଡିରୁ ଆଦାୟ ଅର୍ଥ ମନ୍ଦିର ବିକାଶରେ ଖର୍ଚ୍ଚ କରିଥାଏ। ମାତ୍ର କେତେଜଣ ସ୍ୱାର୍ଥନ୍ୟସ୍ତ ବ୍ୟକ୍ତି ହୁଣ୍ଡିରୁ ଅର୍ଥ ଲୁଟ କରାଯାଇଥିବା ଗୁଜବ ପ୍ରଚାର କରି ବରୁଣେଶ୍ୱର କ୍ଷେତ୍ରକୁ ବଦନାମ କରିବାକୁ ଲାଗିଛନ୍ତି ବୋଲି ପ୍ରକାଶ କରିଥିଲେ। ଖବରଦାତା ସମ୍ମିଳନୀରେ ମନ୍ଦିର ବରିଷ୍ଠ ପୂଜକ ନୃସିଂହ ପଣ୍ଡା, ଉନ୍ନୟନ କମିଟି ସଭାପତି ହେମେନ୍ଦ୍ର ସାମଲ, ସମ୍ପାଦକ ପ୍ରଫୁଲ୍ଲ ନାୟକ, ସୁରେନ୍ଦ୍ର ପଣ୍ଡା, ରବୀନ୍ଦ୍ର ପଣ୍ଡା, ଜନ୍ମେଜୟ ପଣ୍ଡା, ଶ୍ରୀକାନ୍ତ ପଣ୍ଡା, ବଳରାମ ପଣ୍ଡା, ରଘୁନାଥ ପଣ୍ଡା, ବିକ୍ରମ ପଣ୍ଡା, ପଞ୍ଚାନନ ପଣ୍ଡା, ଦେବେନ୍ଦ୍ର ପଣ୍ଡା, ନାରାୟଣ ପଣ୍ଡା, କୃଷ୍ଣଚନ୍ଦ୍ର ଯେନା, ଚିକଣା ସରପଞ୍ଚ ଧ୍ରୁବ ଚରଣ ସେଠୀ, ଘଣ୍ଟିଆଳି ସରପଞ୍ଚ ମିଲି ଯେନା, ଅରେଇ ସମିତିସଭ୍ୟ ସମିର ଯେନା, ଗୋବିନ୍ଦ ଯେନା ପ୍ରମୁଖ ଯୋଗଦେଇ ହୁଣ୍ଡି ବାକ୍ସ ଲୁଟ ଘଟଣା ଗୁଜବ ବୋଲି ପ୍ରକାଶ କରିବା ସହିତ ଶ୍ରଦ୍ଧାଳୁଙ୍କ ଦାନ ସ୍ୱରୂପ ମିଳିଥିବା ୧୭,୨୪୦ ଟଙ୍କାକୁ ଉନ୍ନୟନ କମିଟି ଜରିଆରେ ମନ୍ଦିର ରଙ୍ଗ ଓ ସାଜସଜ୍ଜା ଏବଂ ମନ୍ଦିର ରକ୍ଷଣାବେକ୍ଷଣ ବାବଦରେ ଖର୍ଚ୍ଚ କରାଯାଇଥିବା ପ୍ରକାଶ କରିଥିଲେ। ସୂଚନା ଥାଉକି, ଜଣେ ବ୍ୟକ୍ତି ଅଭିଯୋଗ କରିଥିଲେ ଯେ, ମନ୍ଦିରରେ କେହି ନ ଥିବାବେଳେ ହୁଣ୍ଡି ଭାଙ୍ଗି ଉନ୍ନୟନ କମିଟି ଅର୍ଥ ଲୁଟ କରିଛି। ତେବେ ବରୁଣେଶ୍ୱର ପୀଠରେ ନିତ୍ୟ ବ୍ୟବହାର୍ଯ୍ୟ ଓ ଦୈନିକ ସନ୍ତେଇ, ରକ୍ଷାଣାବେକ୍ଷଣ ପାଇଁ ଖର୍ଚ୍ଚ କରାଯାଉଥିବା ଅର୍ଥ କେଉଁଠୁ ଆସୁଛି ବୋଲି ସରପଞ୍ଚ ଓ ଉନ୍ନୟନ କମିଟି ପାଲଟା ପ୍ରଶ୍ନ କରିଛନ୍ତି। ତେବେ ପବିତ୍ର ଶୈବପୀଠ ବରୁଣେଶ୍ୱର କ୍ଷେତ୍ରରେ ଦେଖାଦେଇଥିବା ଏଭଳି ବିବାଦ ଶ୍ରଦ୍ଧାଳୁଙ୍କ ଧର୍ମୀୟ ଭାବନାକୁ କୁଠାରଘାତ କରୁଛି ବୋଲି ଚର୍ଚ୍ଚା ହେଉଛି।

### ବରୁଣେଶ୍ୱର ହୁଣ୍ଡି ଖୋଲିବା ଘଟଣା




ଖବରଦାତା ସମ୍ମିଳନୀରେ ଯୋଗ ଦେଇଥିବା ସରପଞ୍ଚ ଓ କମିଟିର ସଭ୍ୟମାନେ।

## ଆଦିବାସୀ ଯୁବତୀଙ୍କ ମୃତଦେହ ଉଦ୍ଧାର ଘଟଣା: ଆଉ ୨ ଗିରଫ

ଡୁବୁରୀ,୧୪।୨(ଡିଏନଏ)

ସୁକିନ୍ଦା ଥାନା ପଣସପାଳ ଗାଁର ଜଣେ ଆଦିବାସୀ ଯୁବତୀଙ୍କୁ ବଳାତ୍କାର ଓ ହତ୍ୟା ଘଟଣାରେ କଳିଙ୍ଗନଗର ପୋଲିସ ଆଉ ଦୁଇଜଣଙ୍କୁ ଶୁକ୍ରବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ନାବାଳକ ଥିବାବେଳେ ଅନ୍ୟଜଣେ ରବି ସିଦ୍ଧୁ(୨୪) ବୋଲି ଜଣାପଡ଼ିଛି। ଉଭୟଙ୍କ ଘର ଡୁବୁରୀ ହାତୀମୁଣ୍ଡା ଗାଁରେ ହୋଇଥିବାବେଳେ ନାବାଳକଙ୍କୁ ପୋଲିସ ଆନ୍ଧ୍ରପ୍ରଦେଶର ଗୁନ୍ତୁର ଜିଲାରୁ ଠାବ କରି ନିଜ ହେପାଜତକୁ ନେଇଥିବାବେଳେ ରବିଙ୍କୁ ଟମକା ଥାନା ଅଞ୍ଚଳରୁ ଗିରଫ କରାଯାଇଥିବା କଳିଙ୍ଗନଗର ଆଇଆଇସି ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ ସୂଚନା ଦେଇଛନ୍ତି। ଏହି ଘଟଣାରେ ପୂର୍ବରୁ ହାତିମୁଣ୍ଡା ଗାଁର ରମେଶ ବାଲମୁଚଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି। ସୂଚନାଯୋଗ୍ୟ ଯେ, ଗତ ମକର ମେଳାକୁ ଉକ୍ତ ଯୁବତୀ ବୁଲିବାକୁ ଯାଇଥିବାବେଳେ ପରଦିନ ତାଙ୍କ ମୃତଦେହ ନିକଟସ୍ଥ ଏକ ଜଙ୍ଗଲରୁ ଉଦ୍ଧାର କରାଯାଇଥିଲା। ତାଙ୍କୁ ହତ୍ୟା କରାଯାଇ ଗଛରେ ଝୁଲାଇ ଦିଆଯାଇଥିବା ନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୮/୨୦) ରୁଜୁ କରି ତଦନ୍ତ ଚଳାଇଥିଲା।

## ମହତାବନଗର ଦେବେଶ୍ୱର ମନ୍ଦିର ପ୍ରତିଷ୍ଠା ଉତ୍ସବ

ଯାଜପୁର ଅଫିସ,୧୪।୨

ଯାଜପୁରରୋଡ ମହତାବନଗରସ୍ଥିତ ଶ୍ରୀଶ୍ରୀ ଦେବେଶ୍ୱର ମନ୍ଦିରର ୧୩ତମ ପ୍ରତିଷ୍ଠା ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରାତଃ କଳସ ସ୍ଥାପନ କରାଯାଇ ଦେବଦେବ ମହାଦେବଙ୍କ ରୁଦ୍ରାଭିଷେକ କରାଯାଇଥିଲା। ପଣ୍ଡିତ କେଶବଚନ୍ଦ୍ର ପଣ୍ଡା ଓ ନବଘନ ପାଢୀ ପୂଜାକାର୍ଯ୍ୟ ସମ୍ପାଦନ କରିଥିବାବେଳେ ସତ୍ୟଜିତ ଶତପଥି ସପତ୍ନୀକ କାର୍ଯ୍ୟ ଦାୟିତ୍ୱ ତୁଲାଇଥିଲେ । ସନ୍ଧ୍ୟାରେ ଶଙ୍ଖଚିଲା ଗ୍ରାମର ଜଗନ୍ନାଥ ମେଲୋଡି ଗ୍ରୁପ ପକ୍ଷରୁ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ଏହିକାର୍ଯ୍ୟକ୍ରମରେ ମନ୍ଦିର କମିଟିସଭାପତି ପ୍ରସନ୍ନ କୁମାର ସାହୁ, ସମ୍ପାଦକ ଜମୁନାଥ ସାମଲ, କୋଷାଧକ୍ଷ ଚୈତନ୍ୟ ବାରିକ, ମୁରଲିଧର ସାମଲ, ଚିନ୍ମୟ ଜେନା, ମାୟାଧର ଜେନା, ଭାଗୀରଥି ଆଚାର୍ଯ୍ୟ, ଗୌରାଙ୍ଗ ସାହୁ, ଲଳିତା ପତି, ହେମନ୍ତ ଦାସ, ପ୍ରମୋଦ କୁମାର ପଣ୍ଡା, ଉର୍ମିଳା ନାୟକ ଓ କଲୋନୀର ଯୁବକମାନେ ପରିଚାଳନାରେ ସହଯୋଗ କରିଥିଲେ।



ମନ୍ଦିର ପ୍ରତିଷ୍ଠା ଉତ୍ସବ ଅବସରରେ ଅନୁଷ୍ଠିତ ଭଜନ ସମାରୋହ।

## ୩ ମରଣାନ୍ତକ ଆକ୍ରମଣକାରୀଙ୍କୁ ୨ବର୍ଷ ଜେଲ

ଯାଜପୁର ଟାଉନ,୧୪।୨(ଡ଼ିଏନଏ)

### ୧୦ହଜାର ଲେଖାଏଁ ଜରିମାନା

ଯାଜପୁର ସହକାରୀ ସେସନ୍‌ଜଜ୍ (ଫାଷ୍ଟଟ୍ରାକ) ପ୍ରଦ୍ୟୋମୟୀ ସୁଜାତା ୩ଜଣ ମାରଣାତ୍ମକ ଆକ୍ରଣକାରୀଙ୍କୁ ୨ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧୦ ହଜାର ଟଙ୍କା ଲେଖାଏ ଜରିମାନା କରି ଶୁକ୍ରବାର ଏକ ରାୟ ପ୍ରକାଶ କରିଛନ୍ତି। ବିବରଣୀରୁ ପ୍ରକାଶ, ୨୦୧୦ ଅଗଷ୍ଟ ୨୪ରେ ଯାଜପୁର ସଦର ଥାନା ଅଡଙ୍ଗ ପୁରୁଷୋତ୍ତମପୁର ଗ୍ରାମର ଜମିବାଡି ଗଣ୍ଡଗୋଳକୁ କେନ୍ଦ୍ରକରି ସାହାଜାନ୍ ଖାଁଙ୍କ ପାଚେରି ଡେଇଁ ତାଙ୍କୁ, ତାଙ୍କ ସ୍ତ୍ରୀ ଓ ପୁଅଙ୍କୁ ସେହି ଗ୍ରାମର ବାବୁଜାନ ଖାଁ, ଜୈନବ ବିବି ଓ ସରୱର ଜମା ଖାଁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଯେଉଁଥିରେ ସେମାନଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ହୋଇଥିଲା। ଏହି ଘଟଣାକୁ କେନ୍ଦ୍ର କରି ସାହାଜାନ ଖାଁ ଯାଜପୁରସଦର ଥାନାରେ ଲିଖିତ ଏତଲା ଦେଇଥିଲେ। ଥାନାଧିକାରୀ ଏକ ମାମଲା (ନଂ.୬୭/୨୦୧୦) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଶୁକ୍ରବାର ଚୂଡାନ୍ତ ଶୁଣାଣି କରି ୭ଜଣ ସାକ୍ଷୀଙ୍କ ସାକ୍ଷ୍ୟକୁ ଭିତ୍ତିକରି ୩ଜଣ ଦୋଷୀଙ୍କୁ ୨ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧୦ହଜାର ଟଙ୍କା ଲେଖାଏଁ ଜରିମାନା କରି ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ଶୈଳେନ୍ଦ୍ର ସାମଲ ମାମଲା ପରିଚାଳନା କରିଥିଲେ।

## ଶହୀଦଙ୍କ ପାଇଁ ମହମବତୀ ଶୋଭାଯାତ୍ରା

ଯାଜପୁର ଟାଉନ,୧୪।୨(ଡ଼ିଏନଏ)

ପୁଲୱାମା ଆକ୍ରମଣ ଘଟଣା ବର୍ଷେ ପୁରିଯାଇଥିବାବେଳେ ସେଥିରେ ଶହୀଦ ହୋଇଥିବା ସୈନିକଙ୍କ ପାଇଁ ଏକ କ୍ୟାଣ୍ଡେଲ୍ ଶୋଭାଯାତ୍ରା କରାଯାଇଥିଲା। ବିଭିନ୍ନ ସଂଗଠନ ପକ୍ଷରୁ ଯାଜପୁର ଜଗନ୍ନାଥ ମନ୍ଦିର ପରିସରରୁ ବାହାରି ଏକ କ୍ୟାଣ୍ଡେଲ୍ ଶୋଭାଯାତ୍ରା କରି ସହର ପରିକ୍ରମା କରିଥିଲେ। ପରେ ଗାନ୍ଧୀଛକଠାରେ ପହଞ୍ଚି ଗାନ୍ଧୀମୂର୍ତ୍ତିରେ ମାଲ୍ୟାର୍ପଣ କରି ଶହୀଦଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିଥିଲେ।

## ଶହୀଦଙ୍କ ଉଦ୍ଦେଶ୍ୟରେ ସମୂହ ଦୀପଦାନ

ରତ୍ନଗିରି,୧୪।୨(ଡିଏନଏ)

ବରୀ ବ୍ଲକ ଅଧୀନ ବାଲିବିଲିଠାରେ ଶହୀଦଙ୍କ ସ୍ମୃତିରେ ଦୀପଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦେବୀଲାଲଙ୍କ ନେତୃତ୍ୱରେ ସ୍ଥାନୀୟ ଗାନ୍ଧୀଛକଠାରୁ ଶହୀଦଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ଏକ ଶୋଭାଯାତ୍ରା ବାହାରିଥିଲା। ପ୍ରକାଶ ଥାଉକି, ପୁଲୱାମାଠାରେ ନିୟୋଜିତ ୪୦ ଯବାନ ଶହୀଦ ହୋଇଥିଲେ। ସେହି ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଏଭଳି ନିଆରା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ବାଲିବିଲି, ଅଲିପୁର, ଭବାନିପୁର, କୋରଡା ପିମ୍ପଲ, ଡିହସାହି ସମେତ ବିଭିନ୍ନ ଅଞ୍ଚଳର ଯୁବଗୋଷ୍ଠୀ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ପ୍ରଧାନଶିକ୍ଷକ ସୁରେଶ ଚନ୍ଦ୍ର ସାମଲ, କ୍ରୀଡା ଶିକ୍ଷକ ବୈକୁଣ୍ଠ ସାମଲ, ସାମନ୍ତସିଂହାର ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଅଶୋକ ମଲ୍ଲିକ, ପୂର୍ବତନ ସରପଞ୍ଚ ସୁଧାଂଶୁ ସାମଲ, ଅନୁରାଗ ସାମଲ, ସଦିଚ୍ଛା ସାମଲ, ପ୍ରତାପ ଦାସ, ହିମାଂଶୁ ଦାଶ, ମହେନ୍ଦ୍ର କୁମାର ସ୍ୱାଇଁ, ପ୍ରଶାନ୍ତ ଦ୍ୱିବେଦୀ, ସ୍ନେହାଂଶୁ ମହାନ୍ତି, ସତ୍ୟଭାମା କବିଙ୍କ ସମେତ ସାଇ ଶାନ୍ତି ଚାରିଟେବୁଲ ଟ୍ରଷ୍ଟର କର୍ମଚାରୀମାନେ ଯୋଗ ଦେଇଥିଲେ।

## ଆବାସ ଯୋଜନା କାର୍ଯ୍ୟ ତଦାରଖ କରିବେ କିନ୍ନର

ଯାଜପୁର ଅଫିସ,୧୪।୨

### ଗଠନ ହେଲା ପରିବର୍ତ୍ତନ ବାହିନୀ

ଅସମ୍ପୂର୍ଣ୍ଣ ଆବାସ ସମ୍ପୂର୍ଣ୍ଣ କରିବାକୁ ଯାଜପୁର ଜିଲା ପ୍ରଶାସନ ଏକ ଅଭିନବ ପଦକ୍ଷେପ ଗ୍ରହଣ କରିଛନ୍ତି। ଜିଲାପାଳ ରଞ୍ଜନ କୁମାର ଦାସ କିନ୍ନର ସଂଘର ସଭାପତି କାଜଲ ଓ ଅନ୍ୟାନ୍ୟ ସଦସ୍ୟ ମାନଙ୍କ ସହ ଆଲୋଚନା କରି ଏକ ପରିବର୍ତ୍ତନ ବାହିନୀ ଗଠନ କରିଛନ୍ତି। ଜିଲାରେ କାର୍ଯ୍ୟକାରୀ ହେଉଥିବା ଆବାସ ଯୋଜନାକୁ ତ୍ୱରାନ୍ୱିତ କରିବାକୁ କିନ୍ନରମାନଙ୍କୁ ସାମିଲ କରାଯାଇଛି। ଏହା ଏକ ଐତିହାସିକ ନିଷ୍ପତ୍ତି ବୋଲି କୁହାଯାଇଛି। ଜିଲାପାଳ ଦାସ କହିଛନ୍ତି କିନ୍ନରମାନେ ଭାରି ସ୍ୱାଭିମାନୀ ଓ କଷ୍ଟ ସହିଷ୍ଣୁ। ସେମାନେ ନିଷ୍ଠାପର ଭାବେ ମଧ୍ୟ କାମ କରିବାର ଅନେକ ନଜିର ରହିଛି। ବିଭିନ୍ନ ଆବାସ ଯୋଜନାରେ କାର୍ଯ୍ୟାଦେଶ ପାଇ ମଧ୍ୟ ଯେଉଁ ବ୍ୟକ୍ତିମାନେ ଘର ବା ପାଇଖାନା କରୁ ନାହାଁନ୍ତି ସେମାନଙ୍କ ଘରକୁ ଯାଇ କିନ୍ନରମାନେ ବୁଝାଇବେ। ସେମାନେ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଘରଟି ପୂର୍ଣ୍ଣାଙ୍ଗ କରିବେ ବୋଲି ଚୁକ୍ତିପତ୍ର ଗୃହକର୍ତ୍ତା ବା କର୍ତ୍ତ୍ରୀଙ୍କଠାରୁ ଆଣିବେ। ନିର୍ଦ୍ଧାରିତ ସମୟ ମଧ୍ୟରେ ପୁନଶ୍ଚ କିନ୍ନରମାନେ ସେହି ଘରକୁ ପରିଦର୍ଶନ କରି ଅଗ୍ରଗତି ଦେଖିବେ। କାମ ହୋଇ ନ ଥିଲେ କିନ୍ନର ମାନେ ସମ୍ପୃକ୍ତ ହିତାଧିକାରୀଙ୍କୁ ବିଭିନ୍ନ ସାମାଜିକ ଲଜ୍ୟା ମାଧମରେ ଗୃହ ନିର୍ମାଣ ତୁରନ୍ତ ପୂର୍ଣ୍ଣାଙ୍ଗ ପାଇଁ ବାଧ୍ୟ କରିବେ ବୋଲି ଜିଲାପାଳ ଦାସ ସୂଚନା ଦେଇଛନ୍ତି। ସେହିପରି କିନ୍ନରମାନଙ୍କ ସହଯୋଗ ପାଇ ଏହି ଅଭିନବ ବ୍ୟବସ୍ଥା ବେଶ୍ ସଫଳ ହେବ ବୋଲି ଜିଲାପାଳ ଆଶା ବ୍ୟକ୍ତ କରିଥିଲେ। ଏହି ଯୋଜନା ସହ ଅନ୍ୟାନ୍ୟ ଯୋଜନା କାର୍ଯ୍ୟକାରୀ କରିବା କ୍ଷେତ୍ରରେ ମଧ୍ୟ ପରିବର୍ତ୍ତନ ବାହିନୀ ଅନୁରୂପ ଭାବେ ଲାଗୁ କରାଯାଇପାରେ ବୋଲି ଜିଲାପାଳ ଦାସ ସୂଚନା ଦେଇଥିଲେ। ଶୁକ୍ରବାର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ ଗୃହରେ ପରିବର୍ତ୍ତନ ବାହିନୀ ନାମରେ ଗଠିତ ଏହି କିନ୍ନର ମାନଙ୍କୁ ଜିଲାପାଳ ପରିଚୟ ପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ କିନ୍ନରମାନଙ୍କୁ ସାମାଜିକ ମୁଖ୍ୟ ସ୍ରୋତରେ ସାମିଲ କରାଯାଉଥିବାରୁ ପ୍ରଶାସନକୁ ଧନ୍ୟବାଦ ଜଣାଇବା ସହ ସେମାନଙ୍କୁ ପ୍ରଦାନ କରାଯାଇଥିବା ଦାୟିତ୍ୱକୁ ନିଷ୍ଠାର ସହ ପାଳନ କରି ସଫଳତା ହାସଲ କରିବେ ବୋଲି କିନ୍ନର ସଂଘର ସଭାପତି କାଜଲ କହିଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ଏ.ପି.ଡି. ସୋହନା ବେଗମ୍, ମଧୁମିତା ପୃଷ୍ଟି, ପଞ୍ଚାୟତ ଅଧିକାରୀ ଅଶୋକ କୁମାର ସେଠୀ, ଜଳ ପରିମଳ ବିଭାଗର ନିର୍ବାହୀ ଯନ୍ତ୍ରୀ ଅମୀୟ ପରିଜା ପ୍ରମୁଖ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୫ ଫେବୃୟାରୀ ,୨୦୨୦



ଯେତେବେଳେ ଜଣେ ଭୁଲ୍ କରି ବସେ ଲୋକେ ତାକୁ ଥଟ୍ଟା କରନ୍ତି, କିନ୍ତୁ ଯେତେବେଳେ ସେ ନିଜ ଭୁଲ୍ ବୁଝି କ୍ଷମା ମାଗେ, ସେତେବେଳେ ସେଇ ଲୋକ ତାକୁ ଆଦର କରନ୍ତି।
-ମାର୍ଟିନ୍ ଲୁଥର



# ଜନବସତିରେ ଜଳୁଛି ବେଆଇନ ଇଟାଭାଟି

ରସୁଲପୁର,୧୪।୨(ଡିଏନଏ)

ଯାଜପୁର ଜିଲା ରସୁଲପୁର ତହସିଲ ଅଧିନରେ ଗଢ଼ି ଉଠିଲାଣି ମାଳମାଳ ବେଆଇନ ଇଟାଭାଟି। ମାତ୍ର ପ୍ରଶାସନ ଏହି ବେଆଇନ ଇଟାଭାଟି ଉପରେ ଲଗାମ ଲଗାଇବାରେ ବିଫଳ ହୋଇଛି। ଫଳରେ ଜନବସତିରେ ବେଆଇନ ଇଟାଭାଟି ଜଳୁଥିବା ଲକ୍ଷ୍ୟ କରାଯାଉଛି। ଏ ଦିଗରେ ପ୍ରଶାସନର ନୀରବତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଖରାଦିନ ପାଦ ଥାପିବାକୁ ବସିଥିବାବେଳେ କିଛିଦିନ ହେଲା ଗରମ ଅନୁଭୂତ ହେଉଛି। ଏଭଳି କ୍ଷେତ୍ରରେ ଇଟାଭାଟିରୁ ବାହାରୁଥିବା ଉତ୍ତାପ ବାୟୁମଣ୍ଡଳକୁ ଉତ୍ତପ୍ତ କରିଦେଉଛି। ଫଳରେ ଇଟାଭାଟି ଅଞ୍ଚଳରେ ବସବାସ କରୁଥିବା ଜନସାଧାରଣ ଏବେଠାରୁ ଝାଞ୍ଜି ପବନ ଅନୁଭବ କେଲଣି। ଏବେଠାରୁ ପ୍ରଶାସନ ସଜାଗ ନ ହେଲେ ଆଗକୁ ସ୍ଥିତି ଅସମ୍ଭାଳ ହେବ ବୋଲି ଆକଳନ କରାଗଲାଣି। ମାତ୍ର ଏ ଦିଗରେ ତହସିଲ ପ୍ରଶାସନ ଅଜ୍ଞ ଥିବା ଭଳି ମନେହେଉଛି। ଏହି ତହସିଲ ଅନ୍ତର୍ଗତ ୫ଟି ରାଜସ୍ୱ ସର୍କଲ ରହିଛି। ଏହି ସବୁ ସର୍କଲ ଅଧୀନରେ ୨୮ଟି ପଞ୍ଚାୟତ ରହିଛି। ଏ ସବୁ ପଞ୍ଚାୟତର ମଧ୍ୟରୁ ରାଜେନ୍ଦ୍ରପୁର, ନଠୁଆବର, ଗନ୍ଧଣ, ଭୋଟକା, ନରସିଂହପୁର, ବଡକଇଁଚି, ବାହଦଲାପୁର,ରାହାମ୍ଭା, ଅତଲାପୁର, ସାମନ୍ତରାପୁର, ରସୁଲପୁର ପ୍ରଭୃତି ପଞ୍ଚାୟତର ଏକାଧିକ ସ୍ଥାନରେ ବେଆଇନ ଇଟାଭାଟି ଜଳୁଛି। ଇଟାଭାଟିଗୁଡିକ ଜନବସତିର ମଧ୍ୟସ୍ଥଳରେ ରହିଥିବା ଦେଖାଯାଉଛି। ଇଟା ବ୍ୟବସାୟୀଙ୍କ ଲାଭଖୋର ମନୋଭାବ ଯୋଗୁ ଜନସାଧାରଣଙ୍କୁ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ଜୀବନ ବତାଇବାକୁ ପଡୁଛି। ଇଟାଭାଟିରୁ ନିର୍ଗତ ଧୂଳିଧୂଆଁରେ ଜନସାଧାରଣ ନାନା ରୋଗରେ ଶିକାର ହେଉଛନ୍ତି। ଏ ଦିଗରେ ତହସିଲ ପ୍ରଶାସନ ନୀରବତା ଅବଲମ୍ବନ କରୁଥିବା ଲକ୍ଷ୍ୟ କରାଯାଉଛି। ପ୍ରଶାସନର ଟାଳଟୁଳ ନୀତି ଯୋଗୁ ସାଧାରଣ ଲୋକଙ୍କୁ ଇଟାଭାଟି ଧୂଳି, ଧୂଆଁ, ଉତ୍ତାପ ପ୍ରଭାବରେ ଅସ୍ୱାସ୍ଥ୍ୟକର ପରିବେଶ ଭିତରେ ଦୈନନ୍ଦିନ ଜୀବନ ବଞ୍ଚିବାକୁ ପଡୁଛି। ଅପରପକ୍ଷରେ ନିଜ ଦୋଷ ଲୁଚାଇବା ଆଳରେ ତହସିଲ ପକ୍ଷରୁ କେତେବେଳେ କେମିତି ଜରିମାନା ଆଦାୟ କରି ଅଧିକାରୀମାନେ ଚୁପ୍ ବସିଯାଇଛନ୍ତି। ଏହାକୁ ସୁଯୋଗ ବୋଲି ମନେକରି ମାଫିଆମାନେ ଲକ୍ଷଲକ୍ଷ ଟଙ୍କାର ଇଟା ବ୍ୟବସାୟ କରି ମାଲାମାଲ ହେଉଛନ୍ତି। ଫଳରେ ସରକାରୀ ରାଜସ୍ୱ ଆଦାୟ ବାଧାପ୍ରାପ୍ତ ହେଉଛି। ଏ ଦିଗରେ ଅଭିଯୋଗ ଆସିଲେ ବି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ ବୋଲି ଅଭିଯୋଗ ହେଉଛି। ଏ ସମ୍ପର୍କରେ ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳଙ୍କୁ ପଚାରିବାରୁ, ଏହି ତହସିଲ ଅଧୀନରେ ଆଇନସମ୍ମତ ଇଟାଭାଟି ଆଦୌ ନାହିଁ। ଏନେଇ କାହାରିକୁ ଅନୁମତି ପ୍ରଦାନ କରାଯାଇ ନାହିଁ। ତହସିଲ ଅଧୀନସ୍ଥ ପ୍ରାୟତଃ ୧୦ରୁ ଊର୍ଦ୍ଧ୍ୱ ଇଟାଭାଟିରୁ ୧.୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜରିମାନା ଆଦାୟ କରାଯାଇଛି। ତେବେ ଖରାଦିନେ ସବୁ ବେଆଇନ ଇଟାଭାଟି ବନ୍ଦ କରିବା ଉପରେ ଧ୍ୟାନ ଦିଆଯିବ ବୋଲି ପ୍ରକାଶ କରିଛନ୍ତି।



**ରସୁଲପୁର ବ୍ଲକ**
- ଏବେଠାରୁ ଉତ୍ତପ୍ତ ହେଲାଣି ଅଞ୍ଚଳ
- ସୃଷ୍ଟି କରୁଛି ଅସ୍ୱାସ୍ଥ୍ୟକର ପରିବେଶ
- ପ୍ରଶାସନର ନୀରବତାକୁ ନେଇ ପ୍ରଶ୍ନବାଚୀ

## ସଂକ୍ଷେପରେ

### ବ୍ୟାସ ସରୋବର ମେଳା
### ତୋ ବିନା ମନ ବୁଝେନା ଆଲବମ ଉନ୍ମୋଚିତ



କଳିଙ୍ଗନଗର,୧୪।୨(ଡି.ଏନ.ଏ.): ପ୍ରସିଦ୍ଧ ବ୍ୟାସସରୋବର ମେଳା ଅବସରରେ 'ତୋ ବିନା ମନ ବୁଝେନା' ଆଧୁନିକ ଆଲବମ ଉନ୍ମୋଚିତ ହୋଇଛି। ଦୀନେଶ ମଲ୍ଲିକଙ୍କ ସଂଗୀତ ନିର୍ଦ୍ଦେଶନାରେ ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ ଗୀତିକାର ଅଛନ୍ତି। ଏଥିରେ ଅସୀମା ପଣ୍ଡା, ତାରିକ ଅଜିଜ, ଅରୁପମା ନାୟକ, କୁମାର ଦିଲୀପ, ତପୁ ମିଶ୍ର ଓ ଆଶୁତୋଷ ମହାନ୍ତି କଣ୍ଠଦାନ କରିଛନ୍ତି। ଯାଜପୁରୋଡର ନବାଗତ ଲୋକେଶ ରାଉତ, ରତ୍ନୁ, ସୌମ୍ୟା, ସ୍ୱାତୀ, ବର୍ଷା, ବୃନ୍ଦାବନ ଅଭିନୟ କରିଛନ୍ତି। ଏହି ଅବସରରେ ଜିଲାପାଳ ଦାସଙ୍କ ସମେତ ଉପଜିଲାପାଳ ନାରାୟଣଚନ୍ଦ୍ର ଧଳ, କଳିଙ୍ଗନଗର ଅତିରିକ୍ତ ଏସପି ରାଜକିଶୋର ଦୋରା, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ବିବେକାନନ୍ଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ବାପାଙ୍କ ମୃତ୍ୟୁର ୬ଦିନ ପରେ ଖବରଦାତାଙ୍କ ମା'ଙ୍କ ପରଲୋକ

ଚଣ୍ଡିଖୋଲ,୧୪।୨(ଡିଏନଏ)

ଉତ୍କଳ ସାମ୍ବାଦିକ ସଂଘ ସାଧାରଣ ସମ୍ପାଦକ ତଥା ଚଣ୍ଡିଖୋଲ ଅଞ୍ଚଳର ବରିଷ୍ଠ ଖବରଦାତା ବେଣୁଧର ପଣ୍ଡାଙ୍କ ବାପା ବାବାଜୀ ଚରଣ ପଣ୍ଡାଙ୍କ ମୃତ୍ୟୁର ୬ଦିନ ପରେ ଶୁକ୍ରବାର ମା' ରତ୍ନମଣି ପଣ୍ଡା (୮୬)ଙ୍କର ପରଲୋକ ହୋଇଯାଇଛି। ସୂଚନା ଥାଉକି, ଗତ ରବିବାର ତାଙ୍କ ବାପା ବାବାଜୀ ଚରଣ ପଣ୍ଡାଙ୍କର ବିୟୋଗ ଘଟିଥିଲା। ଉଭୟ ପିତାମାତା ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ମୃତ୍ୟୁ ବେଳକୁ ନିକଟରେ ୫ ପୁଅ ଓ ପୁତ୍ରବଧୂମାନେ ଉପସ୍ଥିତ ଥିଲେ। ମୃତ୍ୟୁ ଖବର ପାଇ ଖବରଦାତା ପ୍ରଦୀପ୍ତ କୁମାର ପୃଷ୍ଟି, ମନମୋହନ ରାଉତ, ବସନ୍ତ ପଲେଇ, ଭାରତ ଭୂଷଣ ପଣ୍ଡା, ସୁଶାନ୍ତ ନାୟକ ପ୍ରମୁଖ ପହଞ୍ଚି ଶେଷ ଦର୍ଶନ କରିବା ସହିତ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

# ରାମ୍‌କୋ କପ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ



ରାମକୋ କପ୍ କ୍ରିକେଟ ଟୁର୍ନାମେଣ୍ଟକୁ ଅତିଥି ଉଦଘାଟନ କରୁଛନ୍ତି।

ଧର୍ମଶାଳା,୧୪।୨(ଡିଏନ୍ଏ)

**ଥାନୁଆଳ, ବାଟିଜଙ୍ଗା ବିଜୟୀ**

ଧର୍ମଶାଳା ବ୍ଲକ ହରିଦାସପୁର-ଥାନୁଆଳ ପଞ୍ଚାୟତସ୍ଥିତ ରାମକୋ ସିମେଣ୍ଟ କମ୍ପାନୀ ପକ୍ଷରୁ ବାଟିଜଙ୍ଗା ଖେଳ ପଡିଆରେ ଶୁକ୍ରବାର ରମକୋ କପ କ୍ରିକେଟ ଟୁର୍ନାମେଣ୍ଟ ଉଦଘାଟିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ୬ଟି ଟିମ ଅଂଶଗ୍ରହଣ କରିବେ। ମୁଖ୍ୟଅତିଥିଭାବେ ରାମକୋ ସିମେଣ୍ଟ ଓଡିଶା ଗ୍ରାଇଡିଙ୍ଗ ୟୁନିଟ୍ ହରିଦାସପୁର ଶାଖାର ମୁଖ୍ୟ ପରିଚାଳକ ଅଜିତ କୁମାର ପାଲ ଉଦଘାଟନ କରିଥିଲେ। ଅନୁଷ୍ଠିତ ୨ଟି ଖେଳରେ ଥାନୁଆଳ ଓ ବାଟିଜଙ୍ଗା ବିଜୟୀ ହୋଇଛନ୍ତି। ଥାନୁଆଳ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୫ ୱିକେଟ ହରାଇ ୧୯୫ ରନ ସଂଗ୍ରହ କରିଥିଲା। ଜବାବରେ ଆରୁହା ଦଳ ବ୍ୟାଟିଂ କରି ୧୦.୩ ଓଭରରେ ସମସ୍ତ ୱିକେଟ ହରାଇ ୧୪୯ ରନ କରି ପରାସ୍ତ ହୋଇଥିଲା। ୨ୟ ମ୍ୟାଚରେ ଆରଜେଏମ୍ ପ୍ରଥମେ ବ୍ୟାଟିଂ କରି ୧୧.୪ ଓଭରରେ ସମସ୍ତ ୱିକେଟ ହରାଇ ୮୧ ରନ କରିଥିଲ। ଜବାବରେ ବାଟିଜଙ୍ଗା ଟିମ ୬.୩ ଓଭରରେ ୫ ୱିକେଟ ହରାଇ ୮୨ ରନ କରି ବିଜୟ ଲାଭ କରିଥିଲା। ଖେଳକୁ ଅମରେଶ ପରିଡା ଓ ରଞ୍ଜନ ପାଲ ପରିଚାଳନା କରିଥିଲେ। ସସ୍ମିତ ଦଳାଇ ଓ ଅଞ୍ଜନ ଦାସ ସ୍କୋରରେ ସହାୟତା କରିଥିଲେ। ଶନିବାର ନାନପୁର ସହିତ ଥାନୁଆଳ ଓ ଆରଜେଏମ ସହିତ ହରିଦାସପୁର ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି ରାମକୋ ଏଜିଏମ୍ ସୁଧାଂଶୁ ରଞ୍ଜନ ମିଶ୍ର ସୂଚନା ଦେଇଛନ୍ତି। ଉଦଘାଟନୀ ମ୍ୟାଚରେ କମ୍ପାନୀ ପକ୍ଷରୁ ପ୍ରଭାତ କୁମାର ସାହୁ, ପ୍ରଦୀପ କୁମାର ସିଂ, ସର୍ବେଶ୍ୱର ମହାପାତ୍ର ଓ ସମିତି ସଭ୍ୟ ପ୍ରସନ୍ନ କୁମାର ରାଉତ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

# ନାଟକ 'ଅମର ଜୀବନ' ମଞ୍ଚସ୍ଥ

ଧର୍ମଶାଳା,୧୪।୨(ଡିଏନ୍ଏ)

ଧର୍ମଶାଳା ବ୍ଲକ କୋଟପୁର ଜାଗୁଳାଇ ପୀଠରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସୁକନ୍ୟା କଳାକାରଙ୍କ ଦ୍ୱାରା ଯାଜପୁର ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀଙ୍କ ରଚିତ ନାଟକ 'ଅମର ଜୀବନ' ଗୁରୁବାର ରାତିରେ ମଞ୍ଚସ୍ଥ ହୋଇ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ମଣିଷ ଜୀବନ ମୂଲ୍ୟବାନ। ମୃତ୍ୟୁପରେ ମୂଲ୍ୟବାନ ଜୀବନଟି ପରିବାର ଓ ସମାଜ ପାଇଁ ଅଲୋଡା ହୋଇଯାଏ। ମାତ୍ର ମୃତଦେହର ଅଙ୍ଗ ପ୍ରତ୍ୟଙ୍ଗ ଅନ୍ୟର ସେବାରେ ଲାଗିପାରିବ ଓ ବହୁ ମେଧାବୀ ଡାକ୍ତରୀ ପଢୁଆ ଛାତ୍ରଙ୍କ ଗବେଷଣାରେ ଲାଗିବ ଯାହା ବର୍ତ୍ତମାନ ଓଡ଼ିଶା ଅଙ୍ଗଦାନ ଅଭିଯାନର ମୁଖ୍ୟ ଡ.ପ୍ରଭାସ କୁମାର ଆଚାର୍ଯ୍ୟ ବାର୍ତ୍ତାରେ ଉଲ୍ଲେଖ କରିଛନ୍ତି। ଏହି ବାସ୍ତବଧର୍ମୀ ନାଟକଟିକୁ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସଙ୍ଗୀତ ନିର୍ଦ୍ଦେଶକ ଦିନେଶ ମଲ୍ଲିକ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବାବେଳେ ନବଘନ ସାହୁ ନାଟକର ନିର୍ଦ୍ଦେଶନା ଦେଇଛନ୍ତି। ବିଭିନ୍ନ ଭୂମିକାରେ ଦିନେଶ ବାରିକ, ରାକେଶ, ପୁନମ, ଜଗଜିତ, ସଞ୍ଜୟ, ଦୀପକ, କାଳିଆ, ବିକାଶ, ପ୍ରକାଶ ଓ ବାବୁ ଅଭିନୟ ମାଧ୍ୟମରେ ସଚେତନତାର ବାର୍ତ୍ତା ବାଣ୍ଟିଥିଲେ।

# ଅନ୍ତର୍ଜାତୀୟ କିକ୍ ବକ୍ସିଂ ପାଇଁ ପ୍ରୀତିରଞ୍ଜନ ମନୋନୀତ

କଳିଙ୍ଗନଗର,୧୪।୨(ଡିଏନଏ)



**ସହାୟତା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ**

ଅନ୍ତର୍ଜାତୀୟ କିକ୍ ବକ୍ସିଂ ମ୍ୟାଚରେ ଜଣେ ଓଡ଼ିଆ ଯୁବକ ଭାଗ ନେବାକୁ ମନୋନୀତ ହୋଇଛନ୍ତି। ଜିଲାର ଗୌରବ ବଢ଼ାଇଥିବା ଏହି ଯୁବକଜଣକ ହେଉଛନ୍ତି ଯାଜପୁରରୋଡ ଖୋସାଲପୁରର ପ୍ରମୋଦ ପାତ୍ରଙ୍କ ପୁଅ ପ୍ରୀତିରଞ୍ଜନ। ସେ ଆସନ୍ତା ମାର୍ଚ୍ଚରେ ଥାଇଲାଣ୍ଡରେ ହେବାକୁ ଥିବା ଆନ୍ତର୍ଜାତୀୟ କିକ୍ ବକ୍ସିଂରେ ଖେଳିବା ପାଇଁ ଭାରତରୁ ମନୋନୀତ ହୋଇଛି। ଭାରତରୁ ସେ କିକ୍‌ବକ୍ସିଂରେ ଚାମ୍ପିୟନ ହେବା ପରେ ଏଭଳି ସଫଳତା ହାସଲ କରିଛନ୍ତି। ପ୍ରୀତିରଞ୍ଜନଙ୍କ ବାପା ଜଣେ ଶ୍ରମିକ ହୋଇଥିବାରୁ ନିଜ ଖର୍ଚ୍ଚରେ ଖେଳିବାକୁ ଯିବା ପାଇଁ ତାଙ୍କ ପକ୍ଷେ ଆଦୌ ସମ୍ଭବପର ନୁହେଁ। ତେଣୁ ସହାୟତା ପାଇଁ ଶୁକ୍ରବାର ସେ ମୁଖ୍ୟମନ୍ତ୍ରୀ ଏବଂ ଯାଜପୁର ଜିଲାପାଳଙ୍କୁ ପତ୍ର ମାଧ୍ୟମରେ ନିବେଦନ କରିଛନ୍ତି। କିନ୍ତୁ ସରକାରଙ୍କଠାରୁ ପ୍ରୋତ୍ସାହନ ରାଶି ନ ମିଳିଲେ ଅନ୍ତର୍ଜାତୀୟସ୍ତରରେ ଖେଳିବାରୁ ବଞ୍ଚିତ ହେବେ ବୋଲି କହିଛନ୍ତି। କିକ୍ ବକ୍ସିଂରେ ଅନୁଗୋଳରୁ ସେ ବ୍ରୋଞ୍ଜ ଏବଂ ସିଲଭର ମେଡାଲ ପାଇବା ପରେ ପଶ୍ଚିମବଙ୍ଗର ସିଲିଗୁରୀରେ ଖେଳିଥିଲେ। ସେଠାରେ କିକ୍ ବକ୍ସିଂରେ ସ୍ୱର୍ଣ୍ଣପଦକ ପାଇ ଅନ୍ତର୍ଜାତୀୟସ୍ତରରେ ଖେଳିବାକୁ ମନୋନୀତ ହୋଇଛନ୍ତି। ଏବେ ସେ ଅନ୍ତର୍ଜାତୀୟସ୍ତରରେ ଓଡ଼ିଶାର ଟେକ ରଖିବାକୁ ଚାହୁଁଥିବାବେଳେ ଅର୍ଥାଭାବ ତାଙ୍କ ପାଇଁ ବାଧକ ସାଜିଛି। ମୁଖ୍ୟମନ୍ତ୍ରୀ ତାଙ୍କୁ ସହାୟତାର ହାତ ବଢ଼ାଇବାକୁ ସାଧାରଣରେ ନିବେଦନ କରାଯାଇଛି।

# ଦିବ୍ୟାଙ୍ଗ ସାମର୍ଥ୍ୟ ଶିବିରରେ ୨୮୬ ଜଣ ଚିହ୍ନଟ

ଚଣ୍ଡିଖୋଲ,୧୪।୨(ଡିଏନଏ): ଯାଜପୁର ଜିଲା ସାମାଜିକ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ବଡ଼ଚଣା ବ୍ଲକ ଧାନମଣ୍ଡଳ ନୋଡାଲ ବିଦ୍ୟାଳୟ ପରିସରରେ ଶୁକ୍ରବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବଡ଼ଚଣା ବିଡିଓ ଅଜିତ ନାରାୟଣ ଗିରିଙ୍କ ଅଧକ୍ଷତାରେ ଉଦଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ପଞ୍ଚାୟତ ସମିତି ଅଧକ୍ଷ ଭାଗ୍ୟଧର ମଲିକ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମନୋଜ କୁମାର ରଥ, ଗ୍ରାମ ପଞ୍ଚାୟତ ଅଧିକାରୀ ଅମୀୟ ରଞ୍ଜନ ଓ ବ୍ଲକ ସମାଜ ମଙ୍ଗଳ ଅଧିକାରୀ ସୁକାନ୍ତ ମାଧବ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଏହି ଶିବିରରେ ମୋଟ ୨୮୬ ଜଣ ଭିନ୍ନକ୍ଷମ ଯୋଗ ଦେଇଥିଲେ। ଏଥିରେ ଅସ୍ଥି ଶଲ୍ୟ ବିଭାଗରେ ୧୩୭ଜଣ, ନାଶା, କର୍ଣ୍ଣ ଓ ଗଳା ୫୯ଜଣ, ଭେଷଜ ୩ଜଣ, ସ୍ନାୟୁଗତ ଓ ମାନସିକ ବିକୃତରେ ୫୫ଜଣ, ଚକ୍ଷୁ, ରକ୍ତହୀନତା, ବାକ୍‌ଶକ୍ତିହୀନତା ୩୨ଜଣ ଭିନ୍ନକ୍ଷମ ଯୋଗଦେଇ ନିଜର ପରୀକ୍ଷା କରାଇଥିଲେ। ୫ଟି ବିଭାଗର ୫ଜଣ ଡାକ୍ତର ଶିବିରରେ ଯୋଗଦେଇ ସମସ୍ତ ଦିବ୍ୟାଙ୍ଗଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ସେମାନଙ୍କୁ କିପରି ସାର୍ଟିଫିକେଟ ପ୍ରଦାନ କରାଯିବ ସେନେଇ ପ୍ରମାଣପତ୍ର ପ୍ରଦାନ କରିଥିଲେ।



# ବେଆଇନ ଭାବେ ଚାଲୁଥିବା ୧୬ କ୍ରଶରକୁ ନୋଟିସ

ଧର୍ମଶାଳା,୧୪।୨(ଡିଏନ୍ଏ)

ଧର୍ମଶାଳା ତହସିଲ ପକ୍ଷରୁ ବାଜବାଟୀ, ଅଁଳାଝାଟିଆ, ଝାରଶୋଳ, ଉରୁମେଇ ମୌଜାରେ ବେଆଇନଭାବେ ବସାଯାଇ ଚାଲୁଥିବା ୧୬ଟି କ୍ରଶରକୁ ତହସିଲ ପକ୍ଷରୁ ଶୁକ୍ରବାର କାରଣଦର୍ଶାଅ ନୋଟିସ ଜାରି କରାଯାଇଛି। ଧର୍ମଶାଳା ଅତିରିକ୍ତ ତହସିଲଦାର ଦେବୀପ୍ରସାଦ ମହାନ୍ତି, କଳିଙ୍ଗନଗର ରିଜିଓନାଲ ଅଫିସର ପ୍ରମୋଦ କୁମାର ବେହେରା, ଆରଆଇ ସୁଶାନ୍ତ କୁମାର ସ୍ୱାଇଁ, ମନୋଜ କୁମାର ସାମଲ, ବିରଞ୍ଚି ବେହେରା, ଏଆରଆଇ ଚନ୍ଦନ ସାହୁ, ଜଗବନ୍ଧୁ ଜେନା, ଜେନାପୁର ପୋଲିସ ଏକ ପ୍ଲାଟୁନ ପୋଲିସ ଫୋର୍ସ ସହ ୧୬ଟି କ୍ରଶରରେ ପହଞ୍ଚି କାରଣଦର୍ଶାଅ ସହ ବନ୍ଦ କରିବା ପାଇଁ ନୋଟିସ ଜାରି କରିଛନ୍ତି। ମଙ୍ଗଳବାର ୨୭ଟି, ବୁଧବାର ୨୨ଟି, ଗୁରୁବାର ୨୦ଟି ଓ ଶୁକ୍ରବାର ୧୬ଟି ମୋଟ ୮୫ଟି ବେଆଇନଭାବେ ଚାଲିଥିବା କ୍ରଶରକୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି।

# ଧର୍ମଶାଳା ଭାଜପା କାର୍ଯ୍ୟକର୍ତ୍ତାଙ୍କୁ ଦାୟିତ୍ୱ ବଣ୍ଟନ

ଧର୍ମଶାଳା,୧୪।୨(ଡିଏନ୍ଏ)

ଧର୍ମଶାଳା ଭାଜପା କାର୍ଯ୍ୟାଳୟ ପରିସରରେ ଚୈତନ୍ୟ ସାମଲଙ୍କ ସଭାପତିତ୍ୱରେ ଶୁକ୍ରବାର କାର୍ଯ୍ୟକର୍ତ୍ତା ଦାୟିତ୍ୱ ବଣ୍ଟନ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ତଥା ଧର୍ମଶାଳା ଭାଜପା ନେତା ରମେଶ ଚନ୍ଦ୍ର ପରିଡା ଯୋଗଦେଇ ଦଳୀୟ ସଂଗଠନ ସମ୍ପର୍କରେ ଆଲୋଚନା କରିବା ସହ ନୂତନ କର୍ମକର୍ତ୍ତାଙ୍କୁ ଦାୟିତ୍ୱ ବଣ୍ଟନ କରିଥିଲେ। କବାଟବନ୍ଧ ମଣ୍ଡଳ ସଭାପତିଭାବେ ବିଜୟ କୁମାର ନାୟକ, ପ୍ରଭାରୀ ଭାବେ ଆଶିଷ ବଳ, ସହପ୍ରଭାରୀଭାବେ ଈଶ୍ୱର ପ୍ରଧାନ, ଜେନାପୁର ମଣ୍ଡଳ ପ୍ରଭାରୀ ଚୈତନ୍ୟ ସାମଲ, ସହପ୍ରଭାରୀ ଦେବୀ ପ୍ରସନ୍ନ ଦାସଙ୍କୁ ଦାୟିତ୍ୱ ବଣ୍ଟନ କରିଥିଲେ। ସେହିପରି ଆରୁହା ମଣ୍ଡଳ ସଭାପତି ଅଶୋକ କୁମାର ରାଉତ, ପ୍ରଭାରୀ ନାରାୟଣ ଚନ୍ଦ୍ର ସ୍ୱାଇଁ, ସହପ୍ରଭାରୀ ଶରତ ଚନ୍ଦ୍ର ଓଝା,ଜାରକା ମଣ୍ଡଳ ସଭାପତି ସୀତାକାନ୍ତ ଶତପଥୀ, ପ୍ରଭାରୀ ରମେଶ ଚନ୍ଦ୍ର ବେହେରା, ସହପ୍ରଭାରୀ ଅଶୋକ ଚନ୍ଦ୍ର ସାହୁ, କୋଟପୁର ମଣ୍ଡଳ ସଭାପତି କୁଳମଣି ମଲିକ, ପ୍ରଭାରୀ ମହେନ୍ଦ୍ର କୁମାର ପଣ୍ଡା, ସହପ୍ରଭାରୀ ପ୍ରଫୁଲ କୁମାର ବେହେରା, ବାରବାଟୀ ମଣ୍ଡଳ ସଭାପତି ପଦ୍ମନାଭ ବେହେରା, ପ୍ରଭାରୀ ମୃତ୍ୟୁଞ୍ଜୟ ଜେନା, ସହ ପ୍ରଭାରୀ ମନୋଜ କୁମାର ରାଉଳଙ୍କୁ ଦାୟିତ୍ୱ ଦିଆଯାଇଛି। ଆଗମୀ ୨୮ ତାରିଖରେ ଅମିତ ଶାହଙ୍କ ଓଡିଶା ଗସ୍ତ ପରିପେକ୍ଷୀରେ ଏହାକୁ ସଫଳ କରିବା ପାଇଁ ଆଲୋଚନା କରାଯାଇଥିଲା। ଏହି ଦାୟିତ୍ୱ ବଣ୍ଟନ ବୈଠକରେ ନୃସିଂହ ମିଶ୍ର, ମୋନାଲିସା ଦାସ, ଚୈତନ୍ୟ ନାୟକ, ହେମନ୍ତ ଆଚାର୍ଯ୍ୟ, ଧନେଶ୍ୱର ବାହାଲିଆ, ନୀଳମଣି ଦାସ, ନିରଞ୍ଜନ ଦାସ, ସତ୍ୟାନନ୍ଦ ପାଣି, ଅନନ୍ତ ଚରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଯୋଗଦେବେ ୫୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ

ଯାଜପୁର ଟାଉନ,୧୪।୨(ଡ଼ିଏନଏ)

**ଯାଜପୁରରେ ହେବ ସର୍ବଭାରତୀୟ ସୁନ୍ନି ଇଜ୍‌ତେମା**

ଯାଜପୁରସହର ବାଳାଶ୍ରମ ପଡ଼ିଆରେ ତହଫୁଜ୍-ଏ-ଇମାନ୍ ପକ୍ଷରୁ ସର୍ବଭାରତୀୟ ସୁନ୍ନି ଇଜ୍‌ତେମା ଅନୁଷ୍ଠିତ ହେବ। ଏ ନେଇ ଶୁକ୍ରବାର ବାଳାଶ୍ରମ ପଡ଼ିଆଠାରେ ଏକ ଖବରଦାତା ସମ୍ମିଳନୀ କରାଯାଇ ସବିଶେଷ ତଥ୍ୟ ପ୍ରଦାନ କରାଯିବା ସହ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଅନୁରୋଧ କରାଯାଇଛି। ଆସନ୍ତା ୨୯ ଓ ୧ ତାରିଖ ୨ ଦିନ ଧରି ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ସାରା ଦେଶରୁ ୫୦ହଜାରରୁ ଊର୍ଦ୍ଧ୍ୱ ସୁନ୍ନି ମୁସଲମାନ ସମ୍ପ୍ରଦାୟର ଶ୍ରଦ୍ଧାଳୁମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ୨୯ ତାରିଖ ସକାଳ ୮ଟାରୁ ରାତି ୮ଟା ପର୍ଯ୍ୟନ୍ତ ପବିତ୍ର କୋରାନ୍ ପାଠ, ନାତ୍-ଏ-ପାକ୍, ତକ୍‌ରିର୍, ମହାପୁରୁଷ ହଜ୍‌ରତ୍ ମହମ୍ମଦଙ୍କ ବାଣୀ ସମ୍ପର୍କରେ ଆଧ୍ୟାତ୍ମିକ ପ୍ରବଚନ ପ୍ରଦାନ କରାଯିବ। ସେହିପରି ସମ୍ମିଳନୀର ଅନ୍ତିମ ଦିବସରେ ମଧ୍ୟ ସକାଳ ୮ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଚାଲୁରହିବ। ଏହାପରେ ସମୂହ ପ୍ରାର୍ଥନା, ସଲାତ୍ ଓ ସଲାମ୍ ଓ ଖୁସୁସି ଦୁଆ ପରେ କାର୍ଯ୍ୟକ୍ରମର ପରିସମାପ୍ତ ଘୋଷଣା କରାଯିବ। ଏହି କାର୍ଯକ୍ରମରେ ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହେବ। ଏହି ସମ୍ମିଳନୀକୁ ସଫଳ ରୂପାୟନ ନିମନ୍ତେ ଏକ ଶାନ୍ତି କମିଟି ଗଠନ କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଭବପ୍ରସାଦ ଦାସ, ବଚ୍ଛକୃଷ୍ଣ ମହାପାତ୍ର, ସନ୍ତୋଷ କୁମାର ମଲ୍ଲିକ, ସେକ୍ ଅବଦୁଲ୍ ଜଲିଲ, ସେକ୍ ନିଜାମୁଦ୍ଦିନ୍ , ସେକ୍ ତସ୍‌ଲିମ୍, ମହମ୍ମଦ ଅସ୍‌ଗର ରଜାଉଲ୍ କାଦରି, ଜୟନ୍ତ କୁମାର ଗୋସ୍ୱାମୀ, ସେକ୍ ବସିରୁଦ୍ଦିନ୍ ପ୍ରମୁଖ ଉପସ୍ଥିତ ଥିଲେ।

# ବେଧଡ଼କ ଚାଲିଛି ବେଆଇନ କାଠ ବ୍ୟବସାୟ

ବିଞ୍ଝାରପୁର,୧୪।୨(ଡିଏନଏ)



- ବିଞ୍ଝାରପୁର ବ୍ଲକରେ ବନ୍ଦ ରହିଛି କରତ କଳ
- ରାଜକନିକା, କଣ୍ଡିଆ ଓ ଓଳାଭର ଅଞ୍ଚଳରେ ଥିବା କରତ କଳକୁ ନିର୍ଭର
- ବାଛୋଳ ଅଞ୍ଚଳରେ ୪ରୁ ଊର୍ଦ୍ଧ୍ୱ ସ୍ଥାନରେ ଖୁଲମଖୁଲା ଚୋରା କାଠ ବିକ୍ରି

ବିଞ୍ଝାରପୁର ବ୍ଲକରେ ସମ୍ପୂର୍ଣ୍ଣ କରତ କଳ ବନ୍ଦ ଥିଲାବେଳେ ବ୍ୟାପକ ଚୋରାକାଠ କାରବାର ହେଉଥିବା ଦେଖାଯାଉଛି। ଏହି କାଠ ଚୋରା କାରବାର ସମ୍ପର୍କରେ ଗତ ୫ତାରିଖ ଧରିତ୍ରୀରେ ପ୍ରକାଶିତ ହେବା ପରେ ମଧ୍ୟ ବନବିଭାଗ କାଠ ମାଫିଆଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାରେ ବିଫଳ ହୋଇଥିବା କୁହାଯାଇଛି। ସୂଚନାନୁଯାୟୀ, ପରିବେଶକୁ ସୁରକ୍ଷିତ କରିବା ପାଇଁ ବନ ବିଭାଗ ପକ୍ଷରୁ କରତ କଳ ଉପରେ ପ୍ରତିବନ୍ଧକ ଲଗାଯାଇଥିଲା। ଫଳରେ ବିଞ୍ଝାରପୁର ଅଞ୍ଚଳରେ ଥିବା ସମସ୍ତ କରତ କଳ ଏକ ପ୍ରକାର ବନ୍ଦ ହୋଇଯାଇଥିଲା। ତେବେ ଏଠାକାର କାଠ ମାଫିଆମାନେ ରାଜକନିକା, କଣ୍ଡିଆ ଓ ଓଳାଭର ଅଞ୍ଚଳରେ ଥିବା କରତ କଳ ଉପରେ ନିର୍ଭର କରି ବେଆଇନ ଭାବେ କାଠ ବ୍ୟବସାୟ ଜାରି ରଖିଥିଲେ। ତେବେ ବାଛୋଳ ଅଞ୍ଚଳରେ ୪ରୁ ଊର୍ଦ୍ଧ୍ୱ ସ୍ଥାନରେ ଖୁଲମଖୁଲା ରାସ୍ତାକଡରେ କୁଢ କୁଢ କାଠଗଣ୍ଡି ବିକ୍ରୟ କରାଯାଉଛି। ମିଳିଥିବା ସୂଚନା ମୁତାବକ କାଠ ବ୍ୟବସାୟ ନିମନ୍ତେ କୌଣସି ଲାଇସେନ୍ସ ନଥାଇ କେତେଜଣ କାଠ ମାଫିଆ ଲକ୍ଷଲକ୍ଷ ଟଙ୍କାର କାଠ ବ୍ୟବସାୟ କରୁଛନ୍ତି। ଅଧିକାଂଶ କାଠ ମାଫିଆ ସ୍ଥାନୀୟ ଅଞ୍ଚଳରେ ବ୍ୟାପକ ବୃକ୍ଷ କାଟିବା ଉପରେ ଗୁରୁତ୍ୱ ଦେଉଛନ୍ତି। ନାମକୁ ମାତ୍ର ଅଳ୍ପ କେତେଜଣ କାଠ ମାଫିଆ ବନ ବିଭାଗଠାରୁ କିମ୍ବା ଅନ୍ୟ କୌଣସି ଲାଇସେନ୍ସପ୍ରାପ୍ତ ବ୍ୟବସାୟୀଙ୍କଠାରୁ କାଠ ଆଣି ଏଠାରେ ଗଦା କରି ରଖିଛନ୍ତି। ତେବେ ଅଧିକାଂଶ କାଠ ଏମାନେ ସ୍ଥାନୀୟ ଅଞ୍ଚଳରୁ ସଂଗ୍ରହ କରୁଛନ୍ତି। ଲାଇସେନ୍ସ ନ ଥାଇ ଦୈନିକ ଲକ୍ଷଲକ୍ଷ ଟଙ୍କାର କାଠ ବ୍ୟବସାୟ କରୁଥିବାବେଳେ ବନ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବାଛୋଳ ଅଞ୍ଚଳରେ ୪ଟି ସ୍ଥାନରେ ଖୁଲମଖୁଲା ଲକ୍ଷାଧିକ ଟଙ୍କାର କାଠ ବ୍ୟବସାୟ ହେଉଥିଲାବେଳେ କିପରି ବନବିଭାଗ ଜାଣିପାରୁ ନାହିଁ ତାହା ସାଧାରଣରେ ଚର୍ଚ୍ଚା ହେଉଛି। ପୂର୍ବରୁ ବିଭିନ୍ନ ସ୍ଥାନରେ କରତ କଳ ଥିବାବେଳେ ବନ ବିଭାଗ ପକ୍ଷରୁ ଏହି କରତ କଳକୁ ବନ୍ଦ କରିଦିଆ ଯାଇଥିଲା। କରତକଳ ବନ୍ଦ ହୋଇଯାଇଛି ସତ ହେଲେ ବେଆଇନ କାଠ ଶାଳ, ଗମ୍ଭାରୀ, ପୁଣ୍ଡିଆ, ଶାଗୁଆନ, ଆକାଶୀ, ପଣସ, ଆମ୍ବ ପ୍ରଭୃତି କାଠ ଚୋରା ବ୍ୟବସାୟ ବେଧଡକଭାବେ ଚାଲିଥିବା ସାଧାରଣରେ ଅଭିଯୋଗ ହେଉଛି। ଏହି ବେଆଇନ କାଠ ବ୍ୟବସାୟ ବନ୍ଦ କରାଗଲେ ସ୍ଥାନୀୟ ଅଞ୍ଚଳର ପରିବେଶ ସୁରକ୍ଷିତ ରହିବ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି। ଅପରପକ୍ଷେ ବନ ବିଭାଗର ବିଞ୍ଝାରପୁର ବନପାଳ ପରେଶ ସାହୁ କୁହନ୍ତି ଯେ ତାଙ୍କ ନଜରରେ ଏଭଳି ଘଟଣା ଆସି ନ ଥିବା କହୁଥିବାବେଳେ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବେ ବୋଲି ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଜିଲା ବନାଞ୍ଚଳ ଅଧିକାରୀ ଦେବ ପଟ୍ଟନାୟକଙ୍କୁ ଏ ସମ୍ପର୍କରେ ପଚାରିବାରେ, ଏହି ଘଟଣା ଉପରେ ତଦନ୍ତ କରିବା ସହିତ କାଠ ମାଫିଆଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବନାଧିକାରୀ କହିଛନ୍ତି।



ବଲିଉଡ୍‌ର ମହାନାୟକ ଅମିତାଭ ବଚ୍ଚନ 'ନମସ୍କାର'ର ଠିକ୍ ଅର୍ଥକୁ ନେଇ ଏକ ଟୁଇଟ ଶେୟାର କରିଛନ୍ତି। ଯାହା ଏବେ ଭାଇରାଲ ହେବାରେ ଲାଗିଛି। ବିଗ୍ ବି ଏହି ଟୁଇଟ୍‌ରେ ଲେଖିଛନ୍ତି, ନମସ୍କାର କେବଳ ଆମର ସଭ୍ୟତାର ପ୍ରତୀକ, ପ୍ରଥା ବା ପରମ୍ପରା ନୁହେଁ। ଏହା ହେଉଛି ଆମର ଆଦର୍ଶ ଓ ସଂସ୍କୃତିର ପରିଚୟ। ଏହି ନମସ୍କାରକୁ ଆମେ ସମ୍ମାନ, ଆଦର, ପୂଜା, ଅନୁରୋଧ ଏବଂ ପ୍ରଣାମ ମଧ୍ୟ କହିଥାଉ। ଆଉ ବେଳେବେଳେ ଏହି ନମସ୍କାରକୁ ଆମେ ସଙ୍କୋଚ ଭାବେ ମଧ୍ୟ ବ୍ୟବହାର କରିଥାଉ। ନମସ୍କାରରେ ଶକ୍ତି ରହିବା ସତ୍ତ୍ୱେ ଏଥିରେ କ୍ରୋଧ ଏବଂ ହିଂସା ଜାଗ୍ରତ ହୋଇ ନ ଥାଏ। ଏଥିରେ ପ୍ରେମ, ସ୍ନେହ, ଶ୍ରଦ୍ଧା ଓ ସଂପ୍ରୀତି ମଧ୍ୟ ରହିଥାଏ।



# ବିଶ୍ୱର ସବୁଠାରୁ ବୟସ୍କ ପୁରୁଷ

**ନୂଆଦିଲ୍ଲୀ:** ବୟସ ବଢ଼ିବା ସହ ରୋଗ ଏବଂ ଦୁଃଖ ମଧ୍ୟ ବଢ଼ିଚାଲେ। ତେଣୁ ଗୋଡ଼ ହାତ ଚାଲି ସଂସାରରୁ ବିଦାୟ ନେବାକୁ ସମସ୍ତେ ଚାହାନ୍ତି। ହେଲେ ଜୀବନ ଉପରେ କାହାର ବା ଜୋର୍। ଯାହାର ଯେତିକି ଦିନ ଆୟୁଷ, ସେ ସେତିକି ଦିନ ନିଶ୍ଚୟ



ବଞ୍ଚିବେ। ହେଲେ ଜାପାନରେ ଜଣେ ବୃଦ୍ଧ ୧୧୨ ବର୍ଷ ବୟସରେ ମଧ୍ୟ ଜୀବିତ ଥିବା ଜଣାପଡ଼ିଛି। ଏଥିପାଇଁ ସେ ବିଶ୍ୱର ସବୁଠାରୁ ବୟସ୍କ ପୁରୁଷଭାବେ ସମ୍ମାନଜନକ ଗିନିଜ୍ ବୁକ୍ ରେକର୍ଡରେ ମଧ୍ୟ ସ୍ଥାନ ପାଇଛନ୍ତି। ସେ ହେଉଛନ୍ତି ଜାପାନ୍‌ର ଚିତେତ୍‌ସୁ ୱାତାନାବେ। ୧୯୦୭ରେ ଉତ୍ତର ଜାପାନ୍‌ର ନିଗାଟାଠାରେ ଜନ୍ମଗ୍ରହଣ କରିଥିଲେ। ସେ ଏବେ ଏକ ନର୍ସିଂହୋମ୍‌ରେ ଥିବାବେଳେ ଦୀର୍ଘଜୀବନ ଜିଇବାର ସଫଳତା ପାଇଁ ତାଙ୍କୁ ଗିନିଜ୍ ବୁକ୍ ରେକର୍ଡ ପକ୍ଷରୁ ପ୍ରମାଣପତ୍ର ଦିଆଯାଇଛି। ପ୍ରକାଶ ଯେ, ଚିତେତ୍‌ସୁ କୃଷି ବିଦ୍ୟାଳୟରୁ ସ୍ନାତକ ଡିଗ୍ରୀ ହାସଲ କରିଥିବାବେଳେ ତାଇୱାନ୍ ଚାଲିଯାଇଥିଲେ। ସେଠାରେ ୧୮ ବର୍ଷ ରହିବା ପରେ ବିବାହ କରିଥିଲେ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ସେ ନିଗାଟା ଫେରିଥିଲେ ଏବଂ ସେଠାରେ ସରକାରୀ ଚାକିରି ମଧ୍ୟ କରୁଥିଲେ। ନିଜର ଫାର୍ମରେ ଫଳ ଏବଂ ପନିପରିବା ଚାଷ ସହ ପାରମ୍ପରିକ ଚିତ୍ରକଳାରେ ମଧ୍ୟ ତାଙ୍କର ରୁଚି ରହିଥିଲା। ୨ଟି ବିଶ୍ୱଯୁଦ୍ଧ ଦେଖିଥିବା ବୃଦ୍ଧଙ୍କ ୫ ସନ୍ତାନ, ୧୨ ନାତୁଣୀ ନାତି, ୧୬ ପଣ ନାତୁଣୀ ନାତି ଏବଂ ଜଣେ ପଣ-ପଣନାତି ଥିବା ଜଣାପଡ଼ିଛି। ଏବେ ବୟସାଧିକ୍ୟ ଯୋଗୁ ସେ କଷ୍ଟାର୍ଡ, କ୍ରିମ୍ ପଫ୍ ଆଦି ଖାଇବାକୁ ପସନ୍ଦ କରୁଥିବା ଜଣାପଡ଼ିଛି। ତେବେ ଦୀର୍ଘ ବର୍ଷ ଜିଇବା ପଛର ରହସ୍ୟ ନେଇ ସେ କୁହନ୍ତି, ରାଗ ଛାଡ଼ି ସବୁବେଳେ ହସନ୍ତୁ।

**ଗିନିଜ୍ ବୁକ୍ ରେକର୍ଡରେ ଜାପାନର ଚିତେତ୍‌ସୁ**

# ପ୍ରେମରୁ ମିଳିଲା ଦୃଷ୍ଟିଶକ୍ତି



**ଔରଙ୍ଗାବାଦ୍:** ମହାରାଷ୍ଟ୍ରର ଔରଙ୍ଗାବାଦ୍‌ର ରହୁଥିବା ୩୮ ବର୍ଷୀୟ ଜଣେ ଦିବ୍ୟାଙ୍ଗ ନିକେତ ଦଲାଲ ଦୁବାଇରେ ହୋଇଥିବା ଆଇରନ୍‌ମ୍ୟାନ୍ ରେସ୍‌ରେ ଦ୍ୱିତୀୟ ବିଜେତା ହୋଇଛନ୍ତି। ସେ ପ୍ରଥମ ଭାରତୀୟ ଭାବେ ଏହି ବିଜୟ ହାସଲ କରିଛନ୍ତି। ଫେବୃୟାରୀ ୧୪ରେ ପ୍ରେମୀଯୁଗଳ ପାଳନ କରୁଛନ୍ତି ଭାଲେଣ୍ଟାଇନ୍‌ସ ଡେ' ବା ପ୍ରେମ ଦିବସ। ପ୍ରେମ ଦିବସରେ ସେ କୁହନ୍ତି, ଆଜି ମୁଁ ଯେଉଁ ଜାଗାରେ ପହଞ୍ଚିଛି କେବଳ ମୋ' ସ୍ତ୍ରୀ ପଲ୍ଲବୀଙ୍କ ପାଇଁ। ଏକ ସାକ୍ଷାତକାରରେ ସେ କହିଛନ୍ତି, ପ୍ରେମ ଅନ୍ଧ। ଏହା କେବେ ବି ମିଛ ନୁହେଁ ବୋଲି ମୁଁ କହିବି। ସେ କୁହନ୍ତି, ପିଲାବେଳେ ସାଇକେଲ୍‌ରେ ସ୍ପୋକ୍ ଲଗାଇବା ସମୟରେ ତାଙ୍କ ଆଖି ନଷ୍ଟ ହୋଇଗଲା। ପରେ ଲ୍ୟୁକେମିଆ ଯୋଗୁ ଆଉ ଗୋଟିଏ ଆଖି ମଧ୍ୟ ନଷ୍ଟ ହୋଇଗଲା। ଏହି ସମୟରେ ତାଙ୍କ ଜୀବନରେ ପଲ୍ଲବୀ ଆସିଲେ। ୧୯୯୬ରେ ପଲ୍ଲବୀ ୯ମରେ ପଢୁଥିବା ବେଳେ ସେ ମାଟ୍ରିକ୍ ପଢୁଥିଲେ। ତାଙ୍କର ଆଖି ନ ଥିବା ପଲ୍ଲବୀ ଜାଣି ମଧ୍ୟ ତାଙ୍କୁ ପ୍ରପୋଜ୍ କରିଥିଲେ। ଯାହାକୁ ସେ ଶବ୍ଦରେ ବି ପ୍ରକାଶ କରିପାରିବେନି ବୋଲି କହିଛନ୍ତି। ବିବାହ ମଧ୍ୟ ଏତେ ସହଜ ନ ଥିଲା। ଘର, ପରିବାର ଏବଂ ବନ୍ଧୁବାନ୍ଧବ କେହି ରାଜି ନ ଥିଲେ। ସମସ୍ତେ ପଲ୍ଲବୀଙ୍କୁ ବୁଝାଇଥିଲେ ଜୀବନ ବହୁ କଷ୍ଟକର ହୋଇପଡ଼ିବ। ମୁଁ ବି ଭାବି ନ ଥିଲି ପଲ୍ଲବୀ ମୋ' ହାତ ଧରିବେ। ସେଥିପାଇଁ ପ୍ରସ୍ତୁତ ନ ଥିଲି। କିନ୍ତୁ ସେ ଥିଲେ ନଛୋଡ଼ବନ୍ଧା। ସବୁ ବାଧାବିଘ୍ନ ସତ୍ତ୍ୱେ ୨୦୦୮ରେ ଆମେ ବିବାହ ବନ୍ଧନରେ ବାନ୍ଧି ହୋଇଥିଲୁ। ଏହା ଭିତରେ ଆମର ପୁଅଟିଏ ମଧ୍ୟ ହୋଇସାରିଛି। ପଲ୍ଲବୀ ମୋ' ଆଖି ମୋ' ମୋ ଶକ୍ତି। ତାଙ୍କ ଆଖିରେ ମୁଁ ଦୁନିଆ ଦେଖୁଛି। ପୁଅ ମୋ' ଜୀବନ। ସେମାନଙ୍କ ଯୋଗୁ ମୋତେ ଆଜି ଏହି ଖୁସି ମିଳିଛି। ପ୍ରେମରୁ ଦୃଷ୍ଟିଶକ୍ତି ମିଳିଛି ଓ ଏହାଦ୍ୱାରା ମୁଁ ସଫଳ ହୋଇଛି ବୋଲି ସେ ପ୍ରକାଶ କରିଛନ୍ତି।

# ସାଇ ବାବାଙ୍କ ମନ୍ଦିରକୁ ୮ ଲକ୍ଷ ଟଙ୍କା ଦାନ କଲେ ଭିକାରି

**ବିଜୟୱାଡା:** ୟାଦି ରେଡ୍ଡି ନାମକ ଜଣେ ୭୩ ବର୍ଷିୟ ଭିକାରି ବିଜୟୱାଡାରେ ଥିବା ସାଇ ବାବା ମନ୍ଦିରକୁ ୮ ଲକ୍ଷ ଟଙ୍କା ଦାନକରି ଆସିଛନ୍ତି ଚର୍ଚ୍ଚାକୁ। ମନ୍ଦିର ଦ୍ୱାରରେ ପ୍ରତିଦିନ ବସି ହାତ ପାତୁଥିବା



ୟାଦିଙ୍କ ଏହି ବଦାନ୍ୟତା ଏବେ ସମସ୍ତଙ୍କ ନଜରକୁ ଆସିଛି। ପ୍ରାୟ ୭ ବର୍ଷ ଭିତରେ ସେ ମନ୍ଦିରକୁ ଏହି ୮ ଲକ୍ଷ ଟଙ୍କା ଦାନ କରିଥିବା କୁହାଯାଏ। ପ୍ରଥମେ ପ୍ରଥମେ ୟାଦି ରିକ୍ସା ଚଲାଇ ନିଜର ଜୀବିକା ନିର୍ବାହ କରୁଥିଲେ। ହେଲେ ତାଙ୍କ ଆଣ୍ଠୁରେ ଯନ୍ତ୍ରଣା ହେବାରୁ ସେ ଆଉ ରିକ୍ସା ଚଲାଇ ପାରି ନ ଥିଲେ। ପ୍ରାୟ ୪ ଦଶକ ହେବ ସେ ଭିକ୍ଷା ବୃତ୍ତିକୁ ଆପଣେଇ ନେଇଥିବା କୁହନ୍ତି। ପାଖାପାଖି ୪୦ ବର୍ଷ ବୟସ ପର୍ଯ୍ୟନ୍ତ ସେ ରିକ୍ସା ଚଲାଇଥିବା କୁହନ୍ତି। ଏହାପରେ ଭିକ୍ଷାବୃତ୍ତି କରିବା ସହ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବା ଦେଖି ସଞ୍ଚିତ ଅର୍ଥର ଆବଶ୍ୟକତା ନାହିଁ ଭାବି ମନ୍ଦିରକୁ ଦାନ କରିଥିବା କୁହନ୍ତି। ଆଉ ମନ୍ଦିରକୁ ପ୍ରଥମ ପର୍ଯ୍ୟାୟରେ ୟାଦି ୧ଲକ୍ଷ ଟଙ୍କା ଦାନ କରିଥିଲେ। ଏହାପରେ ତାଙ୍କର ସଞ୍ଚିତ ଅର୍ଥର ପରିମାଣ ବୃଦ୍ଧି ପାଇଥିବା ସେ ପ୍ରକାଶ କରିଛନ୍ତି। ତେଣୁ ଏହାପରେ ସେ ଆଉ ଲୋଭ ନ କରି ଭିକ୍ଷାବୃତ୍ତିରୁ ଯାହାକିଛି ଆୟ କରନ୍ତି ସମସ୍ତ ଅର୍ଥ ସେଇ ଭଗବାନଙ୍କୁ ଅର୍ପଣ କରନ୍ତି ବୋଲି କହିଛନ୍ତି। ମନ୍ଦିର ଟ୍ରଷ୍ଟର ଅଧିକାରୀ କୁହନ୍ତି, ୟାଦି ରେଡ୍ଡୀଙ୍କ ଦାନ ଫଳରେ ମନ୍ଦିରର ବହୁ ଉନ୍ନତିମୂଳକ କାର୍ଯ୍ୟ ହୋଇଛି। ଏମିତିକି, ୟାଦିଙ୍କ ଦାନରେ ମନ୍ଦିର ଏକ ଗୋଶାଳା ମଧ୍ୟ ନିର୍ମାଣ କରିଛି। ସାଇ ବାବାଙ୍କ ମନ୍ଦିରରେ ଦାନ ପାଇଁ କାହାକୁ ବାଧ୍ୟ କରାଯାଇ ନ ଥାଏ। ଯିଏ ଇଚ୍ଛା ଅନୁଯାୟୀ ଦାନ କରନ୍ତି ତାକୁ ମନ୍ଦିର ଗ୍ରହଣ କରେ।

# ଶହୀଦଙ୍କ ଲାଗି ୬୧ ହଜାର କି.ମି. ଯାତ୍ରା

**ନୂଆଦିଲ୍ଲୀ:** ଗତବର୍ଷ ପୁଲୱାମାରେ ଶହୀଦ ହୋଇଥିବା ୪୦ ଯବାନଙ୍କୁ ଶୁକ୍ରବାର ପୁଲୱାମାରେ ଥିବା ସିଆର୍‌ପିଏଫ୍‌ର ଲେଥ୍‌ପୋରା ଶହୀଦ ସ୍ମାରକରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ବେଙ୍ଗାଲୁରୁର ଉମେଶ ଗୋପିନାଥ ଯାଦବ ଏହି ଶ୍ରଦ୍ଧାଞ୍ଜଳି ଉତ୍ସବର ବିଶେଷ ଅତିଥି ଭାବେ ଯୋଗ ଦେଇଛନ୍ତି। ଉମେଶ ପୁଲୱାମାରେ ଶହୀଦ ହୋଇଥିବା ୪୦ ଯବାନଙ୍କ ପରିବାରଙ୍କୁ ଭେଟିବାକୁ ପାଖାପାଖି ୬୧ ହଜାର କିଲୋମିଟର ଯାତ୍ରା କରିଥିଲେ। ଏହାସହ ସେ ସମସ୍ତ ଶହୀଦ ଯବାନଙ୍କ ଘର, ଶ୍ମଶାନ ଓ ସ୍ମାରକସ୍ଥଳରୁ ମାଟି କଳସରେ ଏକାଠି କରି ଶ୍ରୀନଗରରେ ପହଞ୍ଚିଛନ୍ତି। ଏହାକୁ ନେଇ ଉମେଶ କହିଛନ୍ତି, ସେ ଆଜି ଗର୍ବିତ ଯେ ସମସ୍ତ ପୁଲୱାମା ଶହୀଦଙ୍କ ଘରେ ପହଞ୍ଚିପାରି ସେମାନଙ୍କ ପରିବାରର ଆଶୀର୍ବାଦ ନେଇପାରିଛନ୍ତି। ଏଥିଲାଗି ସେ କାହାର ସାହାଯ୍ୟ ସହଯୋଗ ନେଇ ନ ଥିବା ଉମେଶ କହିଛନ୍ତି। କେବଳ ଶହୀଦଙ୍କୁ ସମ୍ମାନ ଜଣାଇବା ଲାଗି ଏହି ଦୀର୍ଘପଥ ଅତିକ୍ରମ କରିଥିବା ସେ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ପୁଲୱାମା ଆତଙ୍କବାଦୀ ଆକ୍ରମଣକୁ ବର୍ଷେ ପୂରିଛି। ଏଥିରେ ଶହୀଦ ହୋଇଥିବା ୪୦ ଯବାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ପୁଲୱାମା ଲୋଥ୍‌ପୋରା ଶିବିର ନିକଟରେ ଏକ ସ୍ମାରକସ୍ଥଳ ଉଦ୍‌ଘାଟନ କରାଯାଇଛି।



**ପରିବାର ସଦସ୍ୟଙ୍କୁ ଭେଟି କଳସରେ ମାଟି ଆଣିଲେ ଉମେଶ**

# ଭାଲେଣ୍ଟାଇନ୍ସ ଡେ'ରେ ସ୍ତ୍ରୀଙ୍କୁ ଭୁଲିଗଲେ ଆମୀର !




ଆମୀର ଖାନ୍

## କରୀନାଙ୍କୁ ଲେଖିଲେ ପ୍ରେମ ଶାୟରୀ

**ମୁମ୍ବାଇ:** ଶୁକ୍ରବାର ଭାଲେଣ୍ଟାଇନ୍ସ ଡେ'କୁ ସମସ୍ତେ ନିଜ ନିଜ ତରିକାରେ ସେଲିବ୍ରେଟ୍ କରିବା ସହ ଏହାକୁ ସ୍ମରଣୀୟ କରିବାକୁ ଚେଷ୍ଟା ମଧ୍ୟ କରିଛନ୍ତି। ଏହି କ୍ରମରେ ବି-ଟାଉନ୍‌ରେ ମଧ୍ୟ ତାରକାମାନେ ଭି-ଡେ'କୁ ସ୍ୱତନ୍ତ ଭାବେ ପାଳିଛନ୍ତି। ତେବେ ଟିକେ ହଟ୍‌କେ ଯାଇ ଆମୀର ଖାନ୍ କିଛି ଏମିତି କରିଛନ୍ତି, ଯାହାକୁ ନେଇ ଏବେ ସବୁଆଡ଼େ ଚର୍ଚ୍ଚା। ଆମୀର ନିଜ ପତ୍ନୀ କିରନ୍ ରାଓଙ୍କୁ ନୁହେଁ ବରଂ ଆଉ ଜଣଙ୍କୁ ମନେପକାଇ ପ୍ରେମ ଦିବସର ଶୁଭେଚ୍ଛା ଜଣାଇଛନ୍ତି। ଖାଲି ଏତିକି ନୁହେଁ, ବି-ଟାଉନ୍‌ର ଜଣେ ଅଭିନେତ୍ରୀଙ୍କ ପାଇଁ ଶାୟରି ମଧ୍ୟ ଲେଖିଛନ୍ତି। ଭାଲେଣ୍ଟାଇନ୍ସ ଡେ'କୁ ସ୍ପେଶାଲ୍ କରିବାକୁ ବଲିଉଡ୍ ସୁପରଷ୍ଟାର୍ ଆମୀର ଖାନ୍ କଲେ କିଛି ନିଆରା ଉଦ୍ୟମ। ସେ ନିଜ ଅଫିସିଆଲ୍ ଇନ୍‌ଷ୍ଟାଗ୍ରାମ୍ ହ୍ୟାଣ୍ଡେଲ୍‌ରେ କିଛି ଏଭଳି ପୋଷ୍ଟ କରିଛନ୍ତି, ଯାହାକୁ ଦେଖି ପତ୍ନୀ କିରନ୍ ହୋଇପାରନ୍ତି ଖପ୍ପା। ହେଲେ ଆମୀରଙ୍କ ଫ୍ୟାନ୍‌ମାନେ କିନ୍ତୁ ଏନେଇ ବହୁତ ଖୁସି ଓ ଉତ୍ସାହିତ। ଆପଣମାନେ କନ୍‌ଫ୍ୟୁଜ୍ ହୋଇଗଲେ ବୋଧେ। ପ୍ରକୃତରେ ଆମୀର ନିଜ ଇନ୍‌ଷ୍ଟାଗ୍ରାମ୍ ପୋଷ୍ଟରେ ବେବୋ ମାନେ କରୀନା କପୁର ଖାନ୍‌ଙ୍କୁ ଭାଲେଣ୍ଟାଇନ୍ସ ଡେ'ରେ ୱିଶ୍ କରିଛନ୍ତି। ତେବେ ଆପଣମାନେ ଭାବୁଥିବେ ଆମୀର କାହିଁକି ବେବୋଙ୍କୁ ଭାଲେଣ୍ଟାଇନ୍ସ ଡେ'ରେ ମନେପକାଇଲେ ? ଆଉ ଅଧିକ କନ୍‌ଫ୍ୟୁଜ୍ ହୁଅନ୍ତୁ ନାହିଁ, ଆମେ ଏହାର କାରଣ ସ୍ପଷ୍ଟ କରିଦେଉଛୁ। ଶୁକ୍ରବାର ଭାଲେଣ୍ଟାଇନ୍ସ ଡେ' ଅବସରରେ ଆମୀର ନିଜ ଫ୍ୟାନ୍‌ମାନଙ୍କୁ ଖୁସି କରିଦେଇଛନ୍ତି। ସେ ନିଜ ଅପ୍‌କମିଂ ଫିଲ୍ମ 'ଲାଲ୍ ସିଂ ଚଡ୍ଢା'ର କରୀନାଙ୍କ ପ୍ରଥମ ଲୁକ୍ ଇନ୍‌ଷ୍ଟାଗ୍ରାମ୍ ହ୍ୟାଣ୍ଡେଲ୍‌ରେ ଶେୟାର କରିଛନ୍ତି। ଏହାସହ ସେ ଏକ ପ୍ରେମଭରା ହିନ୍ଦୀ ଶାୟରି ମଧ୍ୟ ଲେଖିଛନ୍ତି। ସେହିଭଳି କ୍ୟାପ୍‌ଶନରେ କରୀନାଙ୍କୁ ପ୍ରେମ ଦିବସର ଶୁଭେଚ୍ଛା ଜଣାଇବା ସହ ଲେଖିଛନ୍ତି, "କରୀନା, କାସ୍... ପ୍ରତି ଫିଲ୍ମରେ ତୁମ ସହ ମୁଁ ରୋମାନ୍ସ କରିବାର ସୁଯୋଗ ପାଆନ୍ତି, ସ୍ୱାଭାବିକ ରୂପରେ ଏହା ମୋ ପାଇଁ ପ୍ରେମ ହୋଇଥାନ୍ତା।" ଆମୀରଙ୍କ ଏଭଳି ପୋଷ୍ଟ ଏବେ ସୋସିଆଲ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ଫ୍ୟାନ୍‌ମାନେ କରୀନାଙ୍କ ପ୍ରଥମ ଲୁକ୍ ଦେଖିବା ପରେ ଉତ୍ସାହର ସହ ଫିଲ୍ମର ଅଧିକ ଅପ୍‌ଡେଟ୍‌କୁ ଅପେକ୍ଷା କରିଛନ୍ତି। ଅନ୍ୟପଟେ ଫିଲ୍ମ 'ଲାଲ୍ ସିଂ ଚଡ୍ଢା' ହେଉଛି ହଲିଉଡ୍ କ୍ଲାସିକ୍ ଫିଲ୍ମ 'ଫରେଷ୍ଟ ଗମ୍ପ'ର ଅଫିସିଆଲ୍ ରିମେକ୍। ଫିଲ୍ମରେ ନିଜ ଭୂମିକା ପାଇଁ ଆମୀର ଅନେକ ଟ୍ରାନ୍ସଫର୍‌ମେଶନ୍ କରିଥିବା ଜଣାପଡ଼ିଛି। ଏହାସହ ନିଜ ଭୂମିକାକୁ ଯଥାସମ୍ଭବ ଜୀବନ୍ତ ରୂପ ଦେବାକୁ ସେ ଖୁବ୍ ପରିଶ୍ରମ କରିଥିବା ମଧ୍ୟ କୁହାଯାଉଛି। ତେବେ ଅତୁଲ କୁଲ୍‌କର୍ନୀଙ୍କ ଦ୍ୱାରା ଲିଖିତ ଏହି ଫିଲ୍ମର ନିର୍ଦ୍ଦେଶକ ହେଉଛନ୍ତି ଅଦ୍ୱୈତ ଚନ୍ଦନ। ଚଳିତବର୍ଷ ଖ୍ରୀଷ୍ଟମାସ ଅବସରରେ ଫିଲ୍ମଟିକୁ ରିଲିଜ୍ କରିବାକୁ ଯୋଜନା ରହିଛି।

# ଲାଇଭ୍ ବୁଲେଟିନ୍‌ରେ ଭାବବିହ୍ୱଳ ହେଲେ ନ୍ୟୁଜ୍ ଆଙ୍କର

**ନୂଆଦିଲ୍ଲୀ:** ଲାଇଭ୍ ବୁଲେଟିନ୍ ଚାଲିଥିବା ସମୟରେ ଜଣେ ନ୍ୟୁଜ୍ ଆଙ୍କର ଭାବବିହ୍ୱଳ ହୋଇପଡ଼ିଛନ୍ତି। କାରଣ ଜାଣିଲେ ଆପଣ ମଧ୍ୟ ସାବାସ୍ କହିବେ। ଶ୍ରୀଜା ଶ୍ୟାମ୍ ନାମକ ଜଣେ ଆଙ୍କର ବୁଧବାର ଲାଇଭ୍ ବୁଲେଟିନ୍‌ରେ ଥିଲେ। ସେହି ସମୟରେ କେରଳ ସରକାରଙ୍କ ପକ୍ଷରୁ ୨୦୧୯ ପାଇଁ ମିଡିଆ ଆୱାର୍ଡ ଖବର ବ୍ରେକିଂ ଚାଲିଲା। ଏଥିରେ ନିଜ ନାଁ ଦେଖି ଶ୍ରୀଜା ଭାବବିହ୍ୱଳ ହୋଇ ପଡ଼ିଥିଲେ। ଏପରିକି କିଛି ସମୟ ପାଇଁ ସେ ବାକ୍‌ଶୂନ୍ୟ ହୋଇଯାଇଥିଲେ। ତାଙ୍କୁ ବେଷ୍ଟ ନ୍ୟୁଜ୍ ଆଙ୍କର ଭାବେ ଚୟନ କରାଯାଇଛି। ବୁଲେଟିନ୍ ସରିବା ପର୍ଯ୍ୟନ୍ତ ତାଙ୍କ ମୁହଁରେ ହସକୁ ସେ ଚାପି ରଖିଥିଲେ। ପରେ ସେ କହିଛନ୍ତି, ଏହି ସମୟରେ ସେ ଯେତିକି ଆଶ୍ଚର୍ଯ୍ୟ ହୋଇଥିଲେ ତା'ଠୁ ଅଧିକ ଖୁସିଥିଲେ। ସମ୍ମୁଖରେ ଥିବା ନ୍ୟୁଜ୍ ଡେସ୍କର ସମସ୍ତ ସହଯୋଗୀ ତାଙ୍କୁ ଦେଖି ହସୁଥିଲେ। ଏହି ସମୟ ମୋ' ପାଇଁ ଅଭୁଲା ବୋଲି ଶ୍ରୀଜା ଶ୍ୟାମ୍ କହିଛନ୍ତି।



# ଭାବୁକ ହେଲେ ନୱାଜୁଦ୍ଦିନ

**ମୁମ୍ବାଇ:** ବଲିଉଡ୍‌ରେ ନିଜର ଦମଦାର ଅଭିନୟ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ନୱାଜୁଦ୍ଦିନ ସିଦ୍ଦିକି। ହେଲେ ସେ କାହାଠାରୁ ଅଭିନୟ ଶିକ୍ଷା କରିଛନ୍ତି ଏକଥା ହୁଏତ କେହି ଜାଣି ନାହାନ୍ତି। ନିକଟରେ ସେ ସୋସିଆଲ ମିଡିଆରେ ଏକ ଫଟୋ ଶେୟାର କରି ଭାବୁକ ହୋଇ ପଡିଥିବା ଦେଖାଯାଇଛି। ଉକ୍ତ ଫଟୋଟି ଶେୟାର କରି ସିଦ୍ଦିକି ଲେଖିଛନ୍ତି, ମସ୍କୋର ବାସିନ୍ଦା ସାର୍ ଭୋଲେଣ୍ଟାଇନ୍ ଟେପ୍ଲାକୋଭ ହେଉଛନ୍ତି ତାଙ୍କର ଅଭିନୟର ଗୁରୁ। ସେ ତାଙ୍କଠାରୁ ଅଭିନୟ ଶିକ୍ଷା କରିଛନ୍ତି। ୧୯୯୬ରେ ସେ ସାର୍ ଭୋଲେଣ୍ଟାଇନ୍ ଟେପ୍ଲାକୋଭଙ୍କ ପ୍ଲେ ଇଭାନୋଭରେ କାମ କରିଥିଲେ। ଏହିଠାରୁ ହିଁ ତାଙ୍କ କଳାକାର ଜୀବନ ସମ୍ପୂର୍ଣ୍ଣ ବଦଳି ଯାଇଥିଲା। ଯାହା ଫଳରେ ସେ ଆଜି ବଲିଉଡ୍‌ର ଜଣେ ପରିଚିତ କଳାକାର ହୋଇ ପାରିଛନ୍ତି ।



# ସଲମାନଙ୍କ ଲାଗି ୬୦୦ କି.ମି. ସାଇକେଲ ଯାତ୍ରା

**ଗୁଆହାଟୀ:** ଚଳିତବର୍ଷ ଫିଲ୍ମ ଫେୟାର ମୁମ୍ବାଇରେ ନ ହୋଇ ଆସାମର ରାଜଧାନୀ ଗୁଆହାଟୀରେ ଅନୁଷ୍ଠିତ ହେବ। ଫେବୃୟାରୀ ୧୫ ଏବଂ ୧୬ରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମ ପୂର୍ବରୁ ବିଜେତାଙ୍କ ନାମ ଘୋଷଣା ହୋଇସାରିଛି। ଏହି କାର୍ଯ୍ୟକ୍ରମରେ ବଲିଉଡ୍‌ର ଅନ୍ୟ ଷ୍ଟାରମାନଙ୍କ ସହ ସଲ୍‌ମାନ ଖାନ୍ ମଧ୍ୟ ଯୋଗଦେବେ। ଏହି ସୁଯୋଗରେ ସଲ୍‌ମାନଙ୍କ ଜଣେ ପ୍ରଶଂସକ ତାଙ୍କୁ ଭେଟିବା ପାଇଁ ୬୦୦ କିଲୋମିଟର ସାଇକେଲ ଚଲାଇ ଗୁଆହାଟୀରେ ପହଞ୍ଚିଛନ୍ତି। ତିନ୍‌ସୁକିଆ ଜିଲାର ଜୁଗୁନ୍‌ରେ ରହୁଥିବା ଭୂପେନ୍ ଲିକ୍ସନ ୮ ଫେବୃୟାରୀରେ ଏହି ସାଇକେଲ ଯାତ୍ରା ଆରମ୍ଭ କରିଥିଲେ। ସେ ନିଜ ସାଥୀରେ ସଲମାନଙ୍କ ଏକ ବଡ଼ ଫଟୋ ମଧ୍ୟ ଆଣିଛନ୍ତି। ୫୨ ବର୍ଷୀୟ ଭୂପେନ୍ ସଲମାନଙ୍କ ଜଣେ ବଡ଼ ପ୍ରଶଂସକ। ୨୦୧୩ରେ ଭୂପେନ ସାଇକେଲ୍ ହ୍ୟାଣ୍ଡେଲ୍ ନ ଧରି ୪୮ କିଲୋମିଟର ଯାତ୍ରା କରିଥିଲେ। ତାଙ୍କର ଏହି ରେକର୍ଡ 'ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ'ରେ ସ୍ଥାନ ପାଇଛି। ସଲ୍‌ମାନ ସାଇକ୍ଲିଂକୁ ପସନ୍ଦ କରୁଥିବାରୁ ଭୂପେନ୍ ଏପରି ତରିକା ଆପଣାଇଛନ୍ତି। ପ୍ରକାଶଥାଉ କି, ଏବେ ବି ବେଳେବେଳେ ସଲ୍‌ମାନ ମୁମ୍ବାଇ ଗଳିକନ୍ଦିରେ ସାଇକେଲ ଚଲାଉଥିବା ନଜର ଆସିଥାଏ।



## ସଂକ୍ଷେପରେ

### ପୁଲୱାମା ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି



କେନ୍ଦ୍ରାପଡା ଅଫିସ, ୧୪।୨- ଜମ୍ମୁକଶ୍ମୀରର ପୁଲୱାମାଠାରେ ଗତବର୍ଷ ଫେବୃୟାରୀ ୧୪ରେ ଘଟିଥିବା ବଡ ଧରଣର ବିସ୍ଫୋରଣରେ ୪୪ ଭାରତୀୟ ସୈନିକ ଶହୀଦ ହୋଇଥିଲେ। ଏହି ପରିପ୍ରେକ୍ଷୀରେ କେନ୍ଦ୍ରାପଡା ସହରର ବିଭିନ୍ନ ସ୍ଥାନରେ ମହମବତୀ ଜଳାଇ ଶହୀଦ ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଶୁକ୍ରବାର ଅପରାହ୍ନରେ କେନ୍ଦ୍ରାପଡା କର୍ମଜୀବୀ ସାମ୍ବାଦିକ ସମୂହ ପକ୍ଷରୁ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଭାରତମାତାର ମୂରୁଜ ଚିତ୍ର ଅଙ୍କନ କରି ଶତାଧିକ ବୁଦ୍ଧିଜୀବୀ, ବିଭିନ୍ନ ସଂଗଠନ କର୍ମକର୍ତ୍ତା, ସାମାଜିକ କର୍ମୀ, ଛାତ୍ରୀଛାତ୍ର, ଆଇନଜୀବୀ, ବରିଷ୍ଠ ନାଗରିକମାନେ ଜାତୀୟ ସଂଗୀତ ଗାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଭୂତି ଭୂଷଣ ମହାନ୍ତି, ପ୍ରଶାନ୍ତ କୁମାର ନାୟକ, ଅଶୋକ କୁମାର ସାହୁ, ମନ୍ମଥ ରାଉତ, ବୀରେନ୍ଦ୍ର ଦାସ, ମଳୟ ସାହୁ ପ୍ରମୁଖ ପରିଚାଳନା କରିଥିଲେ। ସେହିପରି ୟୁନାଇଟେଡ ସ୍କାଇଲ ଗ୍ରୁପର ସଭ୍ୟମାନେ ଫକିରାବାଦସ୍ଥ ଆଜାଦ ସ୍ପୋର୍ଟସ କ୍ଲବ ନିକଟରୁ ପୁରୁଣା ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଆସି ଶହୀଦଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପୁରୁଣା ବସଷ୍ଟାଣ୍ଡରେ ସହରର ଯୁବ ଗୋଷ୍ଠୀ ଓ ଇଚ୍ଛାପୁରସ୍ଥ ଶ୍ରୀ ବଳଦେବଜୀଉ ମନ୍ଦିର ସମ୍ମୁଖରେ ମହାକାଳପଡା ଯୁଥ ଗ୍ରୁପ ପକ୍ଷରୁ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

### ମାର୍ଶାଘାଇ ବ୍ଲକରେ ୮ଟି ମାଟ୍ରିକ ପରୀକ୍ଷା କେନ୍ଦ୍ର

**ମାର୍ଶାଘାଇ,୧୪।୨(ଡି.ଏନ.ଏ.):** ଆସନ୍ତା ୧୯ ତାରିଖଠାରୁ ମାଧମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ୨୦୨୦ ମାଟ୍ରିକ ପରୀକ୍ଷା ଆରମ୍ଭ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ମଣିନାଗେଶ୍ୱର ହାଇସ୍କୁଲ ଶିଳିପୁର କେନ୍ଦ୍ରରେ ୧୨୯, ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୮୭, ପଞ୍ଚାୟତ ହାଇସ୍କୁଲ ଅଙ୍ଗୁଳାଇରେ ୧୪୯, ମାର୍ଶାଘାଇ ବାଳିକା ଉଚ୍ଚ ବିଦ୍ୟାଳୟରେ ୧୭୬, ଜନଶକ୍ତି ହାଇସ୍କୁଲରେ ୨୫୪, ଜୟରାମ ହାଇସ୍କୁଲ କରିଲୋପାଟଣାରେ ୧୯୮, ଆଖୁଆ ଓଡଙ୍ଗ ହାଇସ୍କୁଲ ୧୯୦,ଅନ୍ତେଇ ହାଇସ୍କୁଲରେ ୨୨୯ ଜଣ ପରୀକ୍ଷା ଦେବେ। ମାର୍ଶାଘାଇ ବ୍ଲକର ଏହି ଆଠ ଗୋଟି ପରୀକ୍ଷା କେନ୍ଦ୍ରରେ ୧୫୧୨ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ ବୋଲି ମାର୍ଶାଘାଇ ବ୍ଲକ ନୋଡାଲ ଅଧିକାରୀ ନାରାୟଣ ପ୍ରସାଦ ମନ୍ତ୍ରୀ ସୂଚନା ଦେଇଛନ୍ତି।

### ଅବସରପ୍ରାପ୍ତ ଇଞ୍ଜିନିୟରଙ୍କ ପରଲୋକ

ମାର୍ଶାଘାଇ, ୧୪।୨ (ଡି.ଏନ.ଏ.) ମାର୍ଶାଘାଇ ବ୍ଲକ କୁହୁଡି ପଞ୍ଚାୟତ ଜରିପଡା ଗ୍ରାମର ଅବସରପ୍ରାପ୍ତ ଇଞ୍ଜିନିୟର ଶରତ କୁମାର ଦାସ(୮୦)ଙ୍କର ଶୁକ୍ରବାର ସକାଳେ ପରଲୋକ ଘଟିଛି। ସ୍ୱର୍ଗତ ଦାସ ଜଣେ ମେଳାପି, ମିଷ୍ଟଭାଷୀ ଓ ପରୋପକାରୀ ବ୍ୟକ୍ତି ଭାବେ ଜଣାଶୁଣା ଥିଲେ। କିଛିଦିନ ହେବ ଶ୍ୱାସ ଜନିତ ରୋଗରେ ପୀଡିତ ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ୫ଜଣ ଝିଅ, ଜ୍ୱାଇଁ , ସାନଭାଇ ଶିଶିରଙ୍କ ସମେତ ଆତ୍ମୀୟ ସ୍ୱଜନ ଉପସ୍ଥିତ ରହିଥିଲେ। ପୁତ୍ର ସମୀର ଦାସ ମୁଖାଗ୍ନି ଦେଇଥିଲେ।

# ଖାଦ୍ୟର ମାନ ପରୀକ୍ଷାଗାର ପାଇଁ ଦାବି

**କେନ୍ଦ୍ରାପଡା ଅଫିସ, ୧୪।୨**

ଓଡିଶାର ଭୁବନେଶ୍ୱରଠାରେ ଖାଦ୍ୟର ମାନ ଯାଞ୍ଚ ପାଇଁ ରାଜ୍ୟ ଜନସ୍ୱାସ୍ଥ୍ୟ ବିଭାଗର ପରୀକ୍ଷାଗାର ରହିଥିବା ବେଳେ ବାଲେଶ୍ୱର, କନ୍ଧମାଳ, ଝାରସୁଗୁଡା ଓ ମୟୁରଭଞ୍ଜରେ ଆଞ୍ଚଳିକ ପରୀକ୍ଷାଗାର ଅଛି। ଏହି ପରୀକ୍ଷାଗାର କେନ୍ଦ୍ରାପଡା ଜିଲାରେ ପ୍ରତିଷ୍ଠା ପାଇଁ କେନ୍ଦ୍ରାପଡା ଜିଲା ଜନସୁରକ୍ଷା ମଞ୍ଚ ପକ୍ଷରୁ ଦାବି ହୋଇଛି। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ ଓ ଖାଦ୍ୟ ଯୋଗାଣ ବିଭାଗର ବିଭିନ୍ନ କାର୍ଯ୍ୟାଳୟ ଅଧିକାରୀଙ୍କୁ ସଭାପତି ଗଣେଶ ଚନ୍ଦ୍ର ସାମଲ ଚିଠି ଲେଖିଛନ୍ତି। ଏଥିସହିତ ମଞ୍ଚ ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ସଭାପତି ସାମଲ କହିଛନ୍ତି ଯେ, ସାରା ଦେଶରେ ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନ ଭୋଜନ ଦେବାର ବ୍ୟବସ୍ଥା ହୋଇଛି। ସେହିପରି ଆହାର ଯୋଜନା ମାଧ୍ୟମରେ ବହୁ ଗରିବ ଲୋକ ଉପକୃତ ହେଉଛନ୍ତି। ଏଥିସହିତ ଖୋଲା ବଜାରରେ ଖାଦ୍ୟ ପଦାର୍ଥ ବିକ୍ରି ଚାଲିଛି। ବହୁ ସମୟରେ ଏହାର ମାନ ଯାଞ୍ଚ କରିବା ଆବଶ୍ୟକ ରହିଛି। ତେବେ ପରୀକ୍ଷାଗାର ନ ଥିବାରୁ ସ୍ଥାନୀୟ ଅଞ୍ଚଳରେ ଉପଭୋକ୍ତାଙ୍କୁ ଦିଆଯାଉଥିବା ଖାଦ୍ୟର ମାନ ଯାଞ୍ଚ ହୋଇ ପାରୁନାହିଁ। କେନ୍ଦ୍ରାପଡା ଜିଲାରେ ଏହି ପରୀକ୍ଷାଗାର ସ୍ଥାପନ ହେଲେ ନିକଟସ୍ଥ ଯାଜପୁର, ଜଗତସିଂହପୁର ଓ କଟକ ଜିଲାର କେତେକ ସ୍ଥାନର ଲୋକେ ଉପକୃତ ହୋଇପାରିବେ। ଏ ସମ୍ପର୍କରେ ଆଇନଜୀବୀ ବିଧୁଭୂଷଣ ମହାପାତ୍ର କହିଛନ୍ତି ଯେ, ଦେଶରେ ପ୍ରିଭେନଶନ ଅଫ ଫୁଡ ଆଡଲଟରେଶନ ଆକ୍ଟ ୧୯୫୪, ଫ୍ରୁଟ ପ୍ରଡକ୍ଟସ ଅର୍ଡର ୧୯୫୫, ମିଟ ପ୍ରଡକ୍ଟସ ଅର୍ଡର ୧୯୭୩, ଏଡିବୁଲ ଅଏଲ ପ୍ରଡକ୍ଟସ ଅର୍ଡର ୧୯୯୮ ଠାରୁ ଆରମ୍ଭ କରି ୨୦୦୬ ମସିହାରେ ଦ ଫୁଡ ସେଫଟି ଏଣ୍ଡ ଷ୍ଟାଣ୍ଡାର୍ଡସ ଆକ୍ଟ ପ୍ରଚଳନ ହୋଇଛି। ଖାଦ୍ୟର ମାନ ସୁରକ୍ଷା ପାଇଁ ଏହି ଆଇନ ଥିଲେ ମଧ କୋର୍ଟକୁ ଏ ନେଇ ଆଶାନୁରୂପକ ମାମଲା ଆସି ପାରୁନାହିଁ। ଏଥିପାଇଁ ଉପଭୋକ୍ତାଙ୍କୁ ସଚେତନତା କରାଯିବା ସହିତ ପ୍ରସ୍ତୁତ କର୍ତ୍ତା, ପ୍ରସ୍ତୁତ ହୋଇଥିବା ଖାଦ୍ୟର ମାନ ଯାଞ୍ଚ ଆବଶ୍ୟକ ଅଛି। ପରୀକ୍ଷାଗାର, ବିଭାଗୀୟ କର୍ମଚାରୀଙ୍କ ଅଭାବ ଏଥିରେ ବାଧକ ସାଜିଛି। ସେହିପରି ବୁଦ୍ଧିଜୀବୀ ମିଲନ କୁମାର ଧଳ କହିଛନ୍ତି ଯେ, ୨୦୧୭ ଅଗଷ୍ଟ ୧୭ରେ ପ୍ରକାଶିତ ସିଏଜି ରିପୋର୍ଟରେ ସ୍ପଷ୍ଟ ଭାବେ ଉଲ୍ଲେଖ ଅଛି ଯେ, ଖାଦ୍ୟର ମାନ ଯାଞ୍ଚରେ ବହୁ ଅବହେଳା ହେଉଛି। ଏପରିକି ପ୍ରାୟ ୯୦ ପ୍ରତିଶତ ଖାଦ୍ୟର ମାନ ପ୍ରତି ଯାଞ୍ଚକାରୀ ଏନେଇ ଧ୍ୟାନ ଦେଇନାହାନ୍ତି। ବୁଦ୍ଧିଜୀବୀ ଧଳ କହିଛନ୍ତି ଯେ, ରାଜ୍ୟ ଓ କେନ୍ଦ୍ର ସରକାର କ୍ଷୁଧାମୁକ୍ତ ରାଜ୍ୟ ଓ ଦେଶ ପାଇଁ ବିଭିନ୍ନ ଅଭିଯାନ କରୁଛନ୍ତି। ତେବେ ଖାଦ୍ୟର ମାନ ଯାଞ୍ଚ ହେଉ ନ ଥିବାରୁ ବହୁ ସ୍ଥାନରେ ଶିଶୁ ଓ ପ୍ରସୂତିଙ୍କୁ ଦିଆଯାଉଥିବା ଛତୁଆ ଆଦି ପୃଷ୍ଟିକର ଖାଦ୍ୟର ପ୍ରସ୍ତୁତ କର୍ତ୍ତା ନିମ୍ନମାନର ସାମଗ୍ରୀ ପ୍ରସ୍ତୁତ କରୁଥିବା ଅଭିଯୋଗ ହେଉଛି। ଫଳରେ ପୃଷ୍ଟିହୀନତା ରୋଗରେ କୋମଳମତି ଶିଶୁ ଓ ମାଆ ପଡୁଥିବା ବେଳେ ବିଭିନ୍ନ ବିଦ୍ୟାଳୟରେ ଦିଆ ଯାଉଥିବା ମଧ୍ୟାହ୍ନ ଭୋଜନ ଖାଇ ଶିକ୍ଷାର୍ଥୀ ଡାକ୍ତରଖାନା ଯାଉଥିବା ଦେଖାଯାଉଛି। ଏ ସମ୍ପର୍କରେ ଉପଜିଲାପାଳ ଜ୍ୟୋତିଶଙ୍କର ମହାପାତ୍ର କହିଛନ୍ତି, ଯେ, ମଧ୍ୟାହ୍ନ ଭୋଜନର ମାନ ନିର୍ଦ୍ଧାରଣ ପାଇଁ ପ୍ରତ୍ୟେକ ବିଦ୍ୟାଳୟରେ ଏକ କମିଟି ଗଠନ କରାଯାଇଛି। ସେହିପରି ବିଭିନ୍ନ ସମୟରେ ଆହାର କେନ୍ଦ୍ର ଖାଦ୍ୟର ମାନ ସମ୍ପର୍କରେ ତଦାରଖ ହେଉଛି। ଜିଲା ଖାଦ୍ୟ ନିରୀକ୍ଷକ ମଧ୍ୟ ବଜାରରେ ଏନେଇ ଚଢାଉ କରୁଛନ୍ତି। ତେବେ ଖାଦ୍ୟର ମାନ ଯାଞ୍ଚ ପାଇଁ ପରୀକ୍ଷାଗାରର ଆବଶ୍ୟକ ଥିବାରୁ ଏହାର ପ୍ରତିଷ୍ଠା ଲାଗି ଉଦ୍ୟମ କରାଯିବ ବୋଲି ସେ ମତ ଦେଇଛନ୍ତି। ଅପରପକ୍ଷରେ ଉପଜିଲାପାଳଙ୍କ ଏହି ମତ ସହ ସହରର ବୁଦ୍ଧିଜୀବୀ ଲକ୍ଷ୍ମୀକାନ୍ତ ନାୟକ, ଆଶିଷ କୁମାର ସେନାପତି, ଚିତ୍ତରଞ୍ଜନ ଦାସ ପ୍ରମୁଖ ଏକମତ ହୋଇ ନାହାନ୍ତି। ସେମାନେ ଦର୍ଶାଇଛନ୍ତି ଯେ, ବିଦ୍ୟାଳୟରେ ଥିବା କମିଟି ସଦସ୍ୟ ଖାଦ୍ୟର ମାନ ଯାଞ୍ଚ ପାଇଁ କୌଣସି ତାଲିମ ନେଇ ନାହାନ୍ତି। ସେହିପରି ଆହାର କେନ୍ଦ୍ର, ଅଙ୍ଗନୱାଡି କେନ୍ଦ୍ର ଆଦିକୁ ଖାଦ୍ୟ ନୀରିକ୍ଷିକାଙ୍କ ଗସ୍ତ କେବେ ହୋଇନାହିଁ। କେନ୍ଦ୍ରାପଡା ଜିଲାରେ ପରୀକ୍ଷାଗାର ଥିଲେ, ଜଣେ ଉପଭୋକ୍ତା ସହଜରେ ଖାଦ୍ୟର ମାନ ସମ୍ପର୍କରେ ଜାଣି ପାରନ୍ତା ବୋଲି ସେମାନେ ମତ ଦେଇଛନ୍ତି।

## ଜିଲାସ୍ତରୀୟ ନିଯୁକ୍ତି ମେଳା
# ଯୋଗଦେଲେ ୨ ହଜାରରୁ ଉର୍ଦ୍ଧ୍ୱ ଆଶାୟୀ ଯୁବବର୍ଗ



ନିଯୁକ୍ତି ମେଳାରେ ଅତିଥିମାନେ।

କେନ୍ଦ୍ରାପଡା ଅଫିସ,୧୪।୨- କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଜିଲାସ୍ତରୀୟ ନିଯୁକ୍ତି ମେଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ୨ ହଜାରରୁ ଉର୍ଦ୍ଧ୍ୱ ଆଶାୟୀ ଯୁବବର୍ଗ ଯୋଗ ଦେଇଥିଲେ। ପୂର୍ବାହ୍ନରେ ଏହି ମେଳାକୁ ମୁଖ୍ୟଅତିଥି ଭାବେ ପିଡି ଦିଲୀପ କୁମାର ପରିଡା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଜିଲା ନିୟୋଜନ ଅଧିକାରୀ ଅଭୟ ଚରଣ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ଜିଲା ଶିଳ୍ପକେନ୍ଦ୍ର ପରିଚାଳକ ସନ୍ତୋଷ କୁମାର ମିଶ୍ର, ପଟ୍ଟାମୁଣ୍ଡାଇ ଏସଆଇପିଟି ଅଧ୍ୟକ୍ଷ ନିହାର ରଞ୍ଜନ ପଟ୍ଟନାୟକ ଯୋଗ ଦେଇଥିଲେ। ଅତିଥିମାନେ ନିଯୁକ୍ତି ଆଶାୟୀ ଯୁବବର୍ଗଙ୍କୁ ଚଞ୍ଚଳତା ପ୍ରକାଶ ନ କରି ତାଲିମ ନେବା ଓ ନିଜର କର୍ମ କୁଶଳତା ପ୍ରଦର୍ଶନ କରିବାକୁ ପରାମର୍ଶ ଦେଇଥିଲେ। ଏହି ମେଳାରେ ଜିଲା ଓ ବାହାର ଜିଲାର ୩୦ରୁ ଉର୍ଦ୍ଧ୍ୱ କର୍ମ ନିୟୋଜନ ସଂସ୍ଥା ଯୋଗ ଦେଇଥିଲେ। ଏହି ସଂସ୍ଥାର କର୍ମକର୍ତ୍ତାମାନେ ଉପଯୁକ୍ତ ପ୍ରାର୍ଥୀ ଚୟନ ସହିତ ଯୁବବର୍ଗଙ୍କୁ ତାଲିମ ନେବା ପାଇଁ ପ୍ରୋତ୍ସାହିତ କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏହି ନିଯୁକ୍ତି ମେଳାକୁ ପ୍ରଶାସନିକ ଅଧିକାରୀମାନେ ପରିଚାଳନା କରିଥିଲେ।

# ଥଇଥାନ ପାଇଁ ଦୁଇ ବିପନ୍ନ ପରିବାର ଜିଲାପାଳଙ୍କୁ ଭେଟିଲେ

**ମାର୍ଶାଘାଇ,୧୪।୨(ଡି.ଏନ.ଏ.)**

ନିର୍ମାଣାଧୀନ ହରିଦାସପୁର-ପାରାଦୀପ ରେଳପଥ ବୁଧବାର ରାତିରେ କେନ୍ଦ୍ରାପଡା ଜିଲା ମାର୍ଶାଘାଇ ଥାନା ଦୁମୁକା ପଞ୍ଚାୟତର ଗୋସେଇଁ ବନ୍ଧ ନିକଟରେ ଧସି ଯାଇଥିଲା। ଏଥିଯୋଗୁ ନିକଟରେ ଥିବା ଦୁଇଟି ପରିବାରର କୋଠାଘର କାନ୍ଥ ଫାଟି ଯାଇଛି। ପୂର୍ବରୁ ଆଠମାସ ତଳେ ସେହି ସ୍ଥାନରେ ରାସ୍ତା ଧସିଥିବାରୁ ଅନ୍ୟ ଜଣେ ବାସିନ୍ଦାଙ୍କର ଘର ନଷ୍ଟ ହୋଇଥିଲା। ବୁଧବାର ରାତି ପ୍ରାୟ ୧୧ଟା ସମୟରେ ରେଳ ବ୍ରିଜ ନିକଟରୁ ପ୍ରାୟ ଦୁଇ ଶହ ମିଟର ପର୍ଯ୍ୟନ୍ତ ରାସ୍ତା ମଝିରୁ ଫାଟି ଦବି ଯାଇଥିବାରୁ ଗୋସେଇଁବନ୍ଧ ଗ୍ରାମର ରବୀନ୍ଦ୍ର ଦାସ ଓ ଅରୁଣ ଦାସଙ୍କର କୋଠା ଘର ବିପଦ ଶଙ୍କୁଳ ଅବସ୍ଥାରେ ରହିଛି। ବାସଗୃହ ହରାଇ ରବୀନ୍ଦ୍ର ଓ ଅରୁଣ ଶୁକ୍ରବାର ଜିଲାପାଳଙ୍କୁ ଭେଟିଥିବା ଜଣାପଡିଛି।



ରେଳପଥ ଧସିଥିବା ସ୍ଥାନ।

**ରେଳପଥ ଧସିବା ଘଟଣା**

ସୂଚନାଯୋଗ୍ୟ ଯେ, ରେଳ ରାସ୍ତା ନିର୍ମାଣ ସମୟରେ ଏହି ଦୁଇ ପରିବାରଙ୍କ ଜମି ରେଳ ରାସ୍ତାରେ ଯାଇଥିଲା। ଅବଶିଷ୍ଟ ଜମିରେ ସେ ପକ୍କାଘର କରି ରହିଥିଲେ। ରେଳରାସ୍ତା ଧସିବାରୁ ଉଭୟଙ୍କ ଘର ବିପଦପୂର୍ଣ୍ଣ ଭାବରେ ରହିଛି। ସେମାନେ ଏବେ ବେଘର ହୋଇ ବାରଦୁଆର ହେଉଛନ୍ତି। ଅପରପକ୍ଷରେ ରେଳ ବିଭାଗର ଠିକାଦାରୀ ନେଇଥିବା କମ୍ପାନୀ ଗୁରୁବାର ଆସି ସେମାନଙ୍କୁ ଭେଟି ଚାଲି ଯାଇଛନ୍ତି। ଆଉ କମ୍ପାନୀ କର୍ମଚାରୀଙ୍କ ଦେଖା ମିଳୁନି। ରବୀନ୍ଦ୍ର ଓ ଅରୁଣଙ୍କ ପରିବାରକୁ ତୁରନ୍ତ ଜିଲା ପ୍ରଶାସନ ଥଇଥାନ କରିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

## ଶ୍ରୀରାମପୁର ଖେଳପଡିଆ ନିର୍ମାଣ ନେଇ ବିଳମ୍ବ

**ପଟ୍ଟାମୁଣ୍ଡାଇ,୧୪।୨(ସ୍ୱ.ପ୍ର.)**

ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ପଟ୍ଟାମୁଣ୍ଡାଇ ବ୍ଲକ ଶ୍ରୀରାମପୁର ପଞ୍ଚାୟତର ଶ୍ରୀରାମପୁରଠାରେ ଖେଳପଡିଆ ନିର୍ମାଣ କରିବାରେ ଅହେତୁକ ବିଳମ୍ବ ଦେଖାଦେଇଛି। ଏଥିନେଇ ଶ୍ରୀରାମପୁରବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ନିକଟରେ ପଟ୍ଟାମୁଣ୍ଡାଇ ବ୍ଲକ ପରିସରରେ ଅନୁଷ୍ଠିତ ସରପଞ୍ଚ, ସମିତି ସଭ୍ୟାସଭ୍ୟମାନଙ୍କ ବୈଠକରେ କେନ୍ଦ୍ରାପଡା ଜିଲାପାଳ ସମର୍ଥ ବର୍ମା ଯୋଗଦେଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଚିଠା ଦେବାକୁ ପ୍ରସ୍ତାବ ରଖିଥିଲେ। ଏହି ଅବସରରେ ଶ୍ରୀରାମପୁର ସରପଞ୍ଚ ବିରଞ୍ଚି ନାରାୟଣ ଦାଶ ଶ୍ରୀରାମପୁର ଠାରେ ଖେଳପଡିଆ ନିର୍ମାଣ ପାଇଁ ପ୍ରସ୍ତାବ ରଖିଥିଲେ। ଏଥିସହିତ ଶ୍ରୀରାମପୁର ପଞ୍ଚାୟତରେ ପାର୍କ, ପାଠାଗାର ନିର୍ମାଣ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ପରବର୍ତ୍ତୀ ସମୟରେ ଖେଳପଡିଆ ପାଇଁ ଏମଜିଏନଆରଇଜିଏସ୍ ପାଣ୍ଠିରେ ଜିଲାପାଳ ବର୍ମା ୮ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ଏହି ଖେଳପଡିଆ ନିର୍ମାଣ ପାଇଁ ସରପଞ୍ଚ ଦାଶ ବ୍ୟୟ ଅଟକଳ ପ୍ରସ୍ତୁତ କରି ପଟ୍ଟାମୁଣ୍ଡାଇ ବିଡିଓଙ୍କୁ ଦେଇଥିଲେ। ହେଲେ ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ଖେଳପଡିଆ ନିର୍ମାଣରେ ଅଯଥା ବିଳମ୍ବ ହେଉଛି। ଶ୍ରୀରାମପୁର ଖେଳପଡିଆ ନିର୍ମାଣ ପାଇଁ ଖାତା ନଂ- ୮୪୭ ଓ ପ୍ଲଟ୍ ନଂ-୧୫୬୪ ବିଶିଷ୍ଟ ଅନାବାଦୀ କିସମର ୩ ଏକର ୫୫ ଡେସିମିଲ ଜମି ମଧ୍ୟରୁ ୧ ଏକର ୪୦ ଡେସିମିଲ୍ ଜମି ଗୋଚର ରହିଛି। ତେବେ ୨ ଏକର ୧୫ ଡେସିମିଲ ଜମିରେ ଖେଳପଡିଆ ନିର୍ମାଣ ହୋଇପାରିବ ବୋଲି ଡାମରପୁର ଆରଆଇ ପଟ୍ଟାମୁଣ୍ଡାଇ ତହସିଲଦାରଙ୍କୁ ରିପୋର୍ଟ ଦେଇଛନ୍ତି। ଗତ ମଙ୍ଗଳବାର ପଟ୍ଟାମୁଣ୍ଡାଇ ବିଡିଓ ପବିତ୍ର ମୋହନ କାନୁନଗୋ ଖେଳପଡିଆ ହେବାକୁ ଥିବା ସ୍ଥାନ ପରିଦର୍ଶନ କରି ଫେରି ଆସିଛନ୍ତି। ଏହି ସ୍ଥାନ ଉପଯୁକ୍ତ ବୋଲି ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରି ସାରିଛନ୍ତି।

# ଗଡ୍‌ମେକରର ୫ ଶିଶୁ କଳାକାରଙ୍କୁ ମିଳିଲା ଆକାଶବାଣୀ କଣ୍ଠଶିଳ୍ପୀ ମାନ୍ୟତା



**ପଟ୍ଟାମୁଣ୍ଡାଇ,୧୪।୨(ସ୍ୱ.ପ୍ର)**

ପଟ୍ଟାମୁଣ୍ଡାଇ ବ୍ଲକ ବଡମୂଳବସନ୍ତ ପଞ୍ଚାୟତ ନସିପୁରସ୍ଥିତ ସାଂସ୍କୃତିକ ସଂଗଠନ(ଗୋପାଳ ଦାଶ ସ୍ମାରକୀ କଳା ମନ୍ଦିର) ଗଡ୍‌ମେକର୍‌ର ୫ଜଣ ଶିଶୁ କଣ୍ଠଶିଳ୍ପୀଙ୍କୁ ଆକାଶବାଣୀ କଣ୍ଠଶିଳୀର ମାନ୍ୟତା ମିଳିଛି। ନିକଟରେ ଆକାଶବାଣୀ କଟକ କେନ୍ଦ୍ର ପକ୍ଷରୁ ଆୟୋଜିତ କଣ୍ଠ ପରୀକ୍ଷାରେ ଭାଗ ନେଇ ସେମାନଙ୍କୁ ଏହି ସଫଳତା ମିଳିଛି। ଏହି କଣ୍ଠଶିଳ୍ପୀମାନେ ହେଲେ ଶୁଭମ୍ ଚଣ୍ଡ, ନିଶାଙ୍କ ବିଶ୍ୱାଳ, ସୌମ୍ୟାଶ୍ରୀ ପଣ୍ଡା, ରୋଶନି ପ୍ରଭା ନାୟକ ଓ ସାଇ ସମୀକ୍ଷା ସାହୁ। ଏମାନଙ୍କୁ ମିଶାଇ ଗତ ୩୩ ବର୍ଷ ମଧ୍ୟରେ ଅନୁଷ୍ଠାନର ୧୦୩ ଜଣ କଳାକାରଙ୍କୁ ଆକାଶବାଣୀ ଓ ଦୂରଦର୍ଶନ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ହେବାର ସୁଯୋଗ ମିଳିଛି। ଅନୁଷ୍ଠାନର ପ୍ରତିଷ୍ଠାତା ସଭାପତି ଗୀତିକବି ସୁଶାନ୍ତ କୁମାର ପାଣିଙ୍କ ମାର୍ଗଦର୍ଶନ ଓ ପ୍ରଶିକ୍ଷଣ ଫଳରେ କଣ୍ଠଶିଳ୍ପୀମାନେ ସଙ୍ଗୀତ ଓ ନୃତ୍ୟ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଛନ୍ତି। ସୂଚନାଯୋଗ୍ୟ ଯେ, ଗଡ୍‌ମେକର୍‌ର କଳାକାରମାନେ ଦେଶର ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ସୁନାମ ଅର୍ଜନ କରିଛନ୍ତି। ଅନୁଷ୍ଠାନର ଚର୍ଚ୍ଚିତ କାର୍ଯ୍ୟକ୍ରମଗୁଡିକ ମଧ୍ୟରେ ଗଣକବି ଗୋପାଳ ଦାଶଙ୍କ ଗୀତି ନାଟ୍ୟ ସୁଆଙ୍ଗୋ, ପାଟୁଆ ନାଚ, ଚମ୍ପୁ, ଓଡିଶୀ ନୃତ୍ୟ, ଗୀତଗୋବିନ୍ଦ ଆଦି ରହିଛି। ଏହାଛଡା ଶିକ୍ଷଣୀୟ କାର୍ଯ୍ୟକ୍ରମ ସହିତ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରି ଉଚ୍ଚ ପ୍ରଶଂସିତ ହୋଇପାରିଥିବା ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

# ପୋଲିସ ନିଷ୍କ୍ରିୟତା ବିରୋଧରେ ଦାବିପତ୍ର

**କେନ୍ଦ୍ରାପଡା ଅଫିସ,୧୪।୨**

ଆଳି ଥାନା ଜୁଆଣିଆ ଗ୍ରାମରେ ସରସ୍ୱତୀ ପୂଜା ଭସାଣିକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଗତ ୨ ତାରିଖରେ ସଂଘର୍ଷ ହୋଇଥିଲା। ଏନେଇ ଥାନାରେ ଗୋଟିଏ ପକ୍ଷର ଅଭିଯୋଗ ପରେ ୨୮/୨୦ନଂରେ ମାମଲା ରୁଜୁ ହୋଇଛି। ତେବେ ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବାରୁ ଏହି ପକ୍ଷର ଅଭିଯୋଗକାରୀମାନେ ଶୁକ୍ରବାର ଜିଲାପାଳଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ଏ ସମ୍ପର୍କରେ ଅଭିଯୋଗକାରୀ ଉମାକାନ୍ତ ମଲ୍ଲିକ କହିଛନ୍ତି ଯେ, ଗ୍ରାମର କେତେକ ଯୁବକ ଭସାଣି ସମୟରେ ଆସି ଗଣ୍ଡଗୋଳ ଆରମ୍ଭ କରିଥିଲେ। ସେମାନେ ଭସାଣି ଉତ୍ସବ ବନ୍ଦ କରିବାକୁ କହି ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ୨ ଜଣ ଗୁରୁତର ଅବସ୍ଥାରେ କଟକ ବଡ ଡାକ୍ତରଖାନାକୁ ଯାଇଥିବା ବେଳେ ୫ ଜଣ ଆଳି ସିଏଚସିରେ ଚିକିତ୍ସିତ ହୋଇଛନ୍ତି। ଏହି ଆକ୍ରମଣ ଘଟଣାରେ ସଂପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ କୌଣସି କାରଣରୁ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଆସନ୍ତା ୩ ଦିନ ମଧ୍ୟରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆନ୍ଦୋଳନ ହେବ ବୋଲି ମଲ୍ଲିକ ପ୍ରକାଶ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଉତ୍ତମ ମଳିକ, ଜୟନ୍ତୀ ମଳିକ, ମଞ୍ଜୁଲତା ମଳିକ, ସଂଯୁକ୍ତା ମଳିକ, ଟୁନା ଜେନା, ବାସନ୍ତି ମଳିକ, ବୈକୁଣ୍ଠ ଜେନା, ଅଟଳ ଜେନାଙ୍କ ସମେତ ୩୦ରୁ ଉର୍ଦ୍ଧ୍ୱ ଜୁଆଣିଆ ଗ୍ରାମବାସୀ ଉପସ୍ଥିତ ହୋଇଥିଲେ।



ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ ପାଇଁ ଆସିଥିବା ଗ୍ରାମବାସୀ।

# ନୂତନ ଡିଇଓଙ୍କୁ ସ୍ୱାଗତ



ନୂତନ ଜିଲା ଶିକ୍ଷାଧିକାରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

**କେନ୍ଦ୍ରାପଡା ଅଫିସ, ୧୪।୨**

କେନ୍ଦ୍ରାପଡା ଜିଲା ଶିକ୍ଷାଧିକାରୀ ଭାବେ ସଞ୍ଜୀବ କୁମାର ସିଂହ ଗୁରୁବାର ଯୋଗ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ କେନ୍ଦ୍ରାପଡା ଜିଲା ମିଳିତ ଶିକ୍ଷକ ଓ କର୍ମଚାରୀ ସଂଘ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଛି। ସଂଘର ଜିଲା ସମ୍ପାଦକ ହେମନ୍ତ ଜେନା, କାର୍ଯ୍ୟକାରୀ ସଭାପତି ବିଜୟ କୁମାର ସାମଲ, ଉପସଭାପତି ପବିତ୍ର କୁମାର ପଟ୍ଟନାୟକ, ବିଧାନ ସାମଲ, ଶିକ୍ଷାବିତ କାଶୀନାଥ ରାଉତରାୟ, ଗୋପାଳ ଚରଣ ପୃଷ୍ଟି, ସେକ ଅନିସୁଦ୍ଦିନ ଖାଁ ପ୍ରମୁଖ ତାଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ଜିଲାର ଶିକ୍ଷା ଭିତ୍ତିଭୂମି ସମ୍ପର୍କରେ ଆଲୋଚନା ହୋଇଥିଲା। ଜିଲା ଶିକ୍ଷା ଅଧିକାରୀ ସିଂହ ଶିକ୍ଷା ବିଭାଗର ଉନ୍ନତି ପାଇଁ ସମସ୍ତଙ୍କ ସହଯୋଗ ଲୋଡିଥିଲେ।

# ୨୫ ବର୍ଷ ପରେ ମିଳିତ ହେଲେ ପୁରାତନ ଛାତ୍ରୀଛାତ୍ର

**ମାର୍ଶାଘାଇ,୧୪।୨(ଡି.ଏନ.ଏ.)**

ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟ ୧୯୯୫ ମସିହା ମାଟ୍ରିକ ବ୍ୟାଚ୍ ଛାତ୍ରୀଛାତ୍ରମାନଙ୍କ ବନ୍ଧୁମିଳନ ଉତ୍ସବ ବୁଧବାର ବାଲିକଷୋଟିସ୍ଥିତ ଲୁଣାନଦୀ ପଠାରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ପ୍ରଶାନ୍ତ ବେହେରା,ସତ୍ୟ ରଞ୍ଜନ ସାମଲ, ଶୀର୍ଷାନନ୍ଦ ସ୍ୱାଇଁ, ଅଶୋକ କୁମାର ରାଉତ, ସତ୍ୟବ୍ରତ ବେହେରା, ଗୋଲେଖ ଚନ୍ଦ୍ର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମାନସ ମିଶ୍ର ସଭାପତିତ୍ୱ କରିଥିଲେ। ୨୫ ବର୍ଷ ପରେ ଛାତ୍ରୀଛାତ୍ରମାନେ ଏକାଠି ହୋଇ ଛାତ୍ର ଜୀବନର ସ୍ମୃତିଚାରଣ କରିଥିଲେ। ଏହି ବ୍ୟାଚ୍‌ର ଛାତ୍ର ବୈଷ୍ଣବ ମଳିକ କବିତା ମାଧ୍ୟମରେ ସ୍ମୃତିକୁ ଉପସ୍ଥାପନ କରିଥିଲେ। ପୁରାତନ ଛାତ୍ରୀ ତଥା ମାର୍ଶାଘାଇ ପଞ୍ଚାୟତ ସମିତିର ପ୍ରାକ୍ତନ ଉପାଧକ୍ଷା ସ୍ନେହଲତା ବେହେରା, ମିନତୀ ମଳିକ, ସ୍ୱର୍ଣ୍ଣପ୍ରଭା ସ୍ୱାଇଁ, ପଦ୍ମାବତୀ ବେଉରା, କଳ୍ପିତା ରଥ, ସୁବାସିନୀ ସାମଲ, ଛାତ୍ର ଅଲେଖ ଦାସ, ନିହାର ସୂତାର, ପ୍ରମୋଦ ଦାସ, ଅମର ନାୟକ, ପତିତପାବନ ମହାନ୍ତି, ଧନେଶ୍ୱର ରାଉତ, ଧିରେନ ରାଉତ, ଅକ୍ଷୟ ସାହୁ, ଗୌତମ ବେହେରା, ବୈକୁଣ୍ଠ ପ୍ରଧାନ, ସଞ୍ଜୀବ ପତି, ଶୁଭଙ୍କର ନାୟକ, ନରେନ୍ଦ୍ର ସ୍ୱାଇଁଙ୍କ ସମେତ ୪୮ଜଣ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ପ୍ରତିବର୍ଷ ଏଭଳି ବନ୍ଧୁମିଳନ ଉତ୍ସବ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଶେଷରେ ବୈଷ୍ଣବ ମଳିକ ଧନ୍ୟବାଦ ଦେଇଥିଲେ।

# ଦୁଇ ବୈଜ୍ଞାନିକଙ୍କ ଗରଦପୁର ବ୍ଲକ ଗସ୍ତ

**ପାଟକୁରା,୧୪।୨(ଡ଼ି.ଏନ୍.ଏ.)**

ଓଡିଶା ଗସ୍ତରେ ଆସିଥିବା ମହୀଶୁରସ୍ଥିତ କେନ୍ଦ୍ର ସରକାରଙ୍କ ବୈଷୟିକ ଖାଦ୍ୟ ଓ ଗବେଷଣା କେନ୍ଦ୍ରର ୨ ଜଣ ବୈଜ୍ଞାନିକ ଡ.ଅରୁଣ ଓ ଡ. ସୁରେଶ ସାକ୍ରା ଶୁକ୍ରବାର ପୂର୍ବାହ୍ନରେ ଗରଦପୁର ବ୍ଲକ ଅଞ୍ଚଳ ଗସ୍ତ କରି ପାଖଡସ୍ଥିତ ବାବା ପଶ୍ଚିମେଶ୍ୱର ସ୍ୱୟଂ ସହାୟିକା ଗୋଷ୍ଠୀର ଛତୁଆ ତିଆରି କେନ୍ଦ୍ର ପରିଦର୍ଶନ କରିଥିଲେ। ବିଶେଷ କରି ରାଜ୍ୟ ସରକାରଙ୍କ ଦ୍ୱାରା ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀ ମାଧ୍ୟମରେ କିଭଳି ଛତୁଆ ପ୍ରସ୍ତୁତ କରାଯାଇ ଅଙ୍ଗନବାଡ଼ି କେନ୍ଦ୍ରରେ ଅଧ୍ୟୟନରତ ଛୋଟ ପିଲା ଓ ଗର୍ଭବତୀ ମହିଳାମାନଙ୍କୁ ବଣ୍ଟନ କରାଯାଉଛି ଓ ତାହାର ମାନ କିଭଳି ରହୁଛି ଦେଖିବା ପାଇଁ ସେମାନେ ଆସିଥିବା ଜଣାଯାଇଛି। ପରିଦର୍ଶନ ସମୟରେ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ ଗହମ, ବୁଟ, ବାଦାମ ଓ ଚିନି ମିଶ୍ରଣରେ ଛତୁଆ ପ୍ରସ୍ତୁତ କରି ବୈଜ୍ଞାନିକ ଟିମ୍‌କୁ ଦେଖାଇଥିଲେ। ଏଥିସହିତ ବାଦାମ ଲଡୁ ପ୍ରସ୍ତୁତ କରି ଦେଖାଇଥିଲେ। ପ୍ରଶାସନ ତରଫରୁ



ଛତୁଆ ତିଆରି କେନ୍ଦ୍ରରେ ବୈଜ୍ଞାନିକମାନେ ଛତୁଆ ପ୍ରସ୍ତୁତି ପ୍ରଣାଳୀ ଅନୁଧ୍ୟାନ କରୁଛନ୍ତି।

**ବାବା ପଶ୍ଚିମେଶ୍ୱର ସ୍ୱୟଂ ସହାୟିକା ଗୋଷ୍ଠୀର ଛତୁଆ କେନ୍ଦ୍ର ପରିଦର୍ଶନ**

ଜିଲା ସମାଜ ମଙ୍ଗଳ ଅଧିକାରିଣୀ ଚିନ୍ମୟୀ ରଥ, ଶିଶୁ ଓ ମହିଳା ବିକାଶ ଅଧିକାରିଣୀ ମିନତୀ ବେହେରା, ମିଶନ ଶକ୍ତିର ବ୍ଲକ ସଂଯୋଜକ ଅଖିଳ ଆଚାର୍ଯ୍ୟ, ଜିଲା ପ୍ରକଳ୍ପ ସଂଯୋଜକ କୈଳାସ ସେନାପତି ପ୍ରମୁଖ ଉପସ୍ଥିତ ରହି ଛତୁଆ ଓ ବାଦାମ ଲଡୁ ପ୍ରସ୍ତୁତିର ବିଭିନ୍ନ ପ୍ରଣାଳୀ ବୈଜ୍ଞାନିକମାନଙ୍କୁ ଦେଖାଇଥିଲେ। ଏହାଛଡା ଏହି ଖାଦ୍ୟଗୁଡିକର ଉପାଦେୟତା ସମ୍ପର୍କରେ ବୁଝାଇଥିଲେ। ବାବା ପଶ୍ଚିମେଶ୍ୱର ସ୍ୱୟଂ ସହାୟିକା ଗୋଷ୍ଠୀ ଡେରାବିଶ ବ୍ଲକର ୨୨୬ ଗୋଟି ଅଙ୍ଗନୱାଡି କେନ୍ଦ୍ରକୁ ଛତୁଆ ଓ ଲଡୁ ଯୋଗାଉଥିବା ବେଳେ ଗରଦପୁର ବ୍ଲକର ୧୭୪ ଅଙ୍ଗନୱାଡି କେନ୍ଦ୍ର ଓ ମାର୍ଶାଘାଇ ବ୍ଲକର ୯୫ ଅଙ୍ଗନୱାଡି କେନ୍ଦ୍ରକୁ ଛତୁଆ ଓ ଲଡୁ ଯୋଗାଇ ଆସୁଛି। ବିଭିନ୍ନ କେନ୍ଦ୍ରରେ ଗର୍ଭବତୀ ଓ ପ୍ରସୂତି ମହିଳାମାନଙ୍କୁ ରାଜ୍ୟ ସରକାରଙ୍କ ଧାର୍ଯ୍ୟ ପରିମାଣ ମାସକୁ ୪ କିଲୋ ୯୦୦ ଛତୁଆ ଓ ୬୧୦ ଗ୍ରାମ୍‌ର ଲଡୁ ମାସକୁ ଦିଆଯାଏ। ସେହିପରି ଅଙ୍ଗନୱାଡି କେନ୍ଦ୍ରରେ ଅଧ୍ୟୟନରତ ପିଲାମାନଙ୍କୁ ୨କିଲୋ ୪୫୦ଗ୍ରାମ୍ ଛତୁଆ ଓ ୧କିଲୋ ୫୦୦ ଗ୍ରାମ ସୁଜିର ହାଲୁଆ ମାସକୁ ଦିଆଯାଉଥିବାର ସମାଜ ମଙ୍ଗଳ ଅଧିକାରିଣୀ ଚିନ୍ମୟୀ ରଥ ସୂଚନା ଦେଇଥିଲେ। ଏହି ବୈଜ୍ଞାନିକ ଟିମ୍ କୁଚିଣ୍ଡା, ଲୋଇସିଙ୍ଗା ବ୍ଲକ ପରିଦର୍ଶନ କରିବା ପରେ ଗରଦପୁର ବ୍ଲକ ପରିଦର୍ଶନ କରିଥିଲେ। ସେମାନେ ଏଠାରେ ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ହେଉଥିବା ଖାଦ୍ୟ ସାମଗ୍ରୀର ମାନ ଭଲ ରହୁଥିବାର ସୂଚନା ଦେଇଥିଲେ।

## ସଂକ୍ଷେପରେ

### କଲେଜର ବିଭିନ୍ନ ସମସ୍ୟାର ସମାଧାନ ଦାବି

ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକଙ୍କ ନିକଟରେ ଅଭିଯୋଗ

**ନାଉଗାଁ, ୧୪।୨ (ସ୍ୱ.ପ୍ର.):** ନାଉଗାଁ ବ୍ଲକସ୍ଥିତ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ବିଭିନ୍ନ ସମସ୍ୟା ନେଇ ଛାତ୍ରୀଛାତ୍ରମାନେ ଭୁବନେଶ୍ୱର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଶୁକ୍ରବାର ଲିଖିତ ଭାବେ ଜଣାଇଛନ୍ତି। ମହାବିଦ୍ୟାଳୟରେ ଶ୍ରେଣୀଗୃହ, ଆବଶ୍ୟକ ପାଠ୍ୟପୁସ୍ତକ, ଖେଳ ପଡିଆ, ସାଇକେଲ ଷ୍ଟାଣ୍ଡ, ବାଳକ ମାନଙ୍କ ସାଧାରଣ ପ୍ରକୋଷ୍ଠ, ଛାତ୍ରଛାତ୍ରୀଙ୍କ ପାଇଁ ପରିଶ୍ରାଗାର ଆଦିର ସମସମ୍ୟା ରହିଛି। ଏ ବିଷୟରେ ବାରମ୍ବାର ଅଧକ୍ଷ ଙ୍କୁ ଜଣାଇଲେ ବି କିଛି ସୁଫଳ ମିଳୁନି। ଅନ୍ୟପଟେ ଅଣଛାତ୍ରମାନେ ମହାବିଦ୍ୟାଳୟ ଭିତରେ ପ୍ରବେଶ କରି ଶୈକ୍ଷିକ ବାତାବରଣକୁ ନଷ୍ଟ କରୁଛନ୍ତି। ପରୀକ୍ଷା ଅଳ୍ପ ଦିନ ଥିବା ବେଳେ ମହାବିଦ୍ୟାଳୟ ପରିସରରେ ବର୍ଷିକ ଉତ୍ସବ ନ କରିବା ପାଇଁ ଛାତ୍ରୀଛାତ୍ରମାନେ ଅଭିଯୋଗ ପତରେ ଦର୍ଶାଇଛନ୍ତି। ଉକ୍ତ ଅଭିଯୋଗ ପତ୍ରର ନକଲ ମହାବିଦ୍ୟାଳୟର ଅଧକ୍ଷଙ୍କ ନିକଟକୁ ପଠାଯାଇଛି। ଏ ନେଇ ଅଧକ୍ଷଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ବି ତାହା ସମ୍ଭବ ହୋଇନାହିଁ। ବିକାଶ କୁମାର ନାୟକ, ସ୍ମୃତିରଞ୍ଜନ ଜେନା, ନିଗମାନନ୍ଦ ସ୍ୱାଇଁ, ଆଶୁତୋଷ ପରିଡ଼ା, ଅମରଦୀପ ରଣା, ସାଗର ଖୁଣ୍ଟିଆ ପ୍ରମୁଖ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି।

### ଗୋଲୋକ ବିହାରୀଙ୍କୁ ‘ନବକାକଳି’ ସମ୍ମାନ

**ତିର୍ତ୍ତୋଲ, ୧୪।୨ (ଡି.ଏନ.ଏ.):** ଝଙ୍କଡ ସାହିତ୍ୟ ସଂସଦର ପ୍ରତିଷ୍ଠାତା ସମ୍ପାଦକ ଗୋଲୋକ ବିହାରୀ ପଲାଇଙ୍କୁ ‘ନବକାକଳି’ ସମ୍ମାନରେ ସମ୍ମାନିତ କରାଯାଇଛି। ଓଡ଼ିଶାର ପ୍ରମୁଖ ସାହିତ୍ୟ ପତ୍ରିକା ‘ନବକାକଳି’ର ରୌପ୍ୟଜୟନ୍ତୀ ଅବସର ତାଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଛି। ଭୁବନେଶ୍ୱରସ୍ଥିତ ଭାରତୀୟ ବିଦ୍ୟାଭବନ ଡ. କେ.ଏନ୍. ମୁନସୀ ପ୍ରେକ୍ଷାଳୟରେ ମୁଖ୍ୟଅତିଥି ଭାବେ ଔପନାସିକ ପ୍ର. ଶାନ୍ତନୁ ଆଚାର୍ଯ୍ୟ, ପ୍ର. ସନ୍ତୋଷ ତ୍ରିପାଠୀ, ଓଡିଶା ରାଜ୍ୟ ଅର୍ଥ ନିଗମ ପରିଚାଳନା ନିର୍ଦେଶକ ପ୍ରସନ୍ନ କୁମାର ଜେନା ଯୋଗଦେଇ ଗୋଲକ ବିହାରୀଙ୍କୁ ଏହି ସମ୍ମାନରେ ସମ୍ମାନିତ କରିଥିଲେ। ସମ୍ପାଦକ ଡ. ସୁରେନ୍ଦ୍ରନାଥ ତ୍ରିପାଠୀଙ୍କ ପୌରହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦେବଗଡ ତହସିଲଦାର ପଲ୍ଲବୀ ନାୟକ ଓ ବାମଣ୍ଡା ସାହିତ୍ୟ ସଂସଦ ପ୍ରଫୁଲ୍ଲ କୁମାର, ମୋନାଲିସା ତ୍ରିପାଠୀ, କବୟିତ୍ରୀ କାଦମ୍ବିନୀ ପରିଜା, ଡ. ବିରଞ୍ଚି ନାରାୟଣ ସାହୁ ପ୍ରମୁଖ ଯୋଗଦେଇଥିଲେ। ଜଣେ ଗୀତି କବି ଓ ସାରସ୍ୱତ ପ୍ରତିଭା ଭାବେ ଗୋଲକ ବିହାରୀଙ୍କୁ ସମ୍ମାନିତ କରାଯାଇଥିବାରୁ ଝଙ୍କଡ଼ ସାହିତ୍ୟ ସଂସଦ ସଭାପତି ନିତ୍ୟାନନ୍ଦ ଜେନା, ମହେନ୍ଦ୍ର ଆଚାର୍ଯ୍ୟ, ସୁରେଶ ଚନ୍ଦ୍ର ମହାନ୍ତି, ଝୁଲରାମ ଦାସ, ରାଜଶ୍ରୀ ସ୍ୱାଇଁ, ଡ. ବିଷ୍ଣୁପ୍ରିୟା ଦାସ, ପ୍ର. ଜ୍ଞାନଜ ସାମନ୍ତରାୟ ଓ ବସନ୍ତ ମଞ୍ଜରୀ ଦାସ ପ୍ରମୁଖ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ରଘୁନାଥପୁର ୭୮ ଜଣ ଭିନ୍ନକ୍ଷମଙ୍କୁ ପରିଚୟ ପତ୍ର ପ୍ରଦାନ

**ରଘୁନାଥପୁର, ୧୪।୨ (ଡି.ଏନ.ଏ.):** ଜଗତ୍‌ସିଂହପୁର ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ରଘୁନାଥପୁର ବ୍ଲକ ଅଞ୍ଚଳର ୭୮ ଜଣ ଭିନ୍ନକ୍ଷମଙ୍କୁ ଶୁକ୍ରବାର ପରିଚୟପତ୍ର ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ (ବିଏସ୍ଏସ୍ଓ) ସନ୍ତୋଷ ପଣ୍ଡାଙ୍କ ତତ୍ତ୍ୱାବଧାନରେ ସଭାର ଆୟୋଜନ କରାଯାଇଥିଲା। ଏଥିରେ ପୂର୍ବତନ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ୱାହବ ଖାନ, ଏସ୍ଏସ୍ଓ ପବିତ୍ର ଦାସ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଅଧିକାରୀ ଡା. ସୁକାନ୍ତ ଦଳାଇ, ଏବିଡିଓ ଅଶୋକ କୁମାର ମହାନ୍ତି, ସିଡିପିଓ ଜ୍ୟୋତ୍ସ୍ନାରାଣୀ ମଲ୍ଲିକ, ଉତ୍ତରକୂଳ ମେଡିକାଲ ଅଫିସର ପ୍ରିୟଙ୍କା ଜେନା ପ୍ରମୁଖ ଉପସ୍ଥିତ ଥିଲେ। ବିଶେଷକରି ଶତକଡା ୪୦ ପ୍ରତିଶତରୁ କମ୍ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ତୁରନ୍ତ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା। ଏହାଛଡା ଏମାନଙ୍କ ମଧ୍ୟରେ ଥିବା ୪ରୁ ଅଧିକ ଭିନ୍ନକ୍ଷମ ବ୍ୟକ୍ତିଙ୍କ ନାମ ରେଜିଷ୍ଟ୍ରେଶନ କରାଯାଇ ପରବର୍ତ୍ତୀ ସମୟରେ ଜିଲା ମୁଖ୍ୟ ଚିକିତ୍ସାଳୟର ସୂଚନା ମୁତାବକ ଉପସ୍ଥିତ ହେବାକୁ କୁହାଯାଇଥିଲା। ଯାହାଦ୍ୱାରା ଜାତୀୟସ୍ତରରେ ଥିବା ୟୁନିକ୍ ଡିଜାବିଲିଟି ଆଇଡେଣ୍ଟି କାର୍ଡ ପାଇବାରେ ସେମାନେ ଯୋଗ୍ୟ ବିବେଚିତ ହୋଇପାରିବେ। ପ୍ରୋଗ୍ରାମ ଆସିଷ୍ଟାଣ୍ଟ ସ୍ମୃତିରେଖା ସ୍ୱାଇଁ ଓ ଷ୍ଟାଫ୍‌ମାନେ ପରିଚାଳନାରେ ସହଯୋଗ କରିଥିଲେ।

# ଘରଡିହ ନ ଥାଇ ମିଳିଛି ଗୃହ ନିର୍ମାଣ କାର୍ଯ୍ୟାଦେଶ

**ଆବାସ ଯୋଜନାରେ ଅନିୟମିତତା**

- ବିଧାୟକଙ୍କୁ ପଞ୍ଚାୟତବାସୀଙ୍କ ଅଭିଯୋଗ
- କାମ ଆରମ୍ଭ ପୂର୍ବରୁ ମିଳୁଛି କିସ୍ତି ବାବଦ ଟଙ୍କା

**ବାଲିକୁଦା, ୧୪।୨ (ସ୍ୱ.ପ୍ର.)**

ବାଲିକୁଦା ବ୍ଲକ ଗରାମ ପଞ୍ଚାୟତରେ ଆବାସ ଯୋଜନା ହିତାଧିକାରୀ ଚୟନରେ ଅନିୟମିତତା ଓ କାର୍ଯ୍ୟାଦେଶ ପାଇଥିବା ବହୁ ହିତାଧିକାରୀ ଘର ନିର୍ମାଣ ନ କରି ସରକାରୀ ଅନୁଦାନ ହଡ଼ପ କରିଛନ୍ତି। କେତେଜଣଙ୍କ ନାଁରେ ଘରଡିହ ପଟ୍ଟା ନ ଥିଲେ ବି ସେମାନଙ୍କ ନାମରେ ଗୃହ ନିର୍ମାଣ କାର୍ଯ୍ୟାଦେଶ ଦିଆଯାଇଛି। ତେବେ ଏଥିଯୋଗୁ ବହୁ ଯୋଗ୍ୟ ହିତାଧିକାରୀ ଆବାସ ଯୋଜନାରେ ଘର ପାଇବାରୁ ବଞ୍ଚିତ ହେଉଛନ୍ତି। ଆସନ୍ତା ୭ ଦିନ ମଧ୍ୟରେ ଏହି ସମସ୍ୟାର ସମାଧାନ କରା ନ ଗଲେ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଯିବା ସହ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯିବ ବୋଲି ପଞ୍ଚାୟତବାସୀ ଚେତାବନୀ ଦେଇଛନ୍ତି। ଏଥିସହ ଏ ନେଇ କେତେଜଣ ସଚେତନ ନାଗରିକ ବାଲିକୁଦା ବିଧାୟକ ତଥା ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସଙ୍କୁ ଭେଟି ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି।

ସେମାନଙ୍କ ଅଭିଯୋଗ ଅନୁସାରେ, ପଞ୍ଚାୟତର ରିତ ଜେନା ଓ ହେମନ୍ତ ଜେନା ଦୁଇ ଭାଇଙ୍କ ନାମରେ ଘରଡିହ ପଟ୍ଟା ନ ଥାଇ ସେମାନଙ୍କୁ ଆବାସ ଯୋଜନାରେ ଘର ଯୋଗାଇ ଦିଆଯାଇଛି। ହେଲେ ଘର ଡିହ ନ ଥିବା ବ୍ୟକ୍ତିଙ୍କ ନାମରେ କିପରି କାର୍ଯ୍ୟାଦେଶ ପ୍ରଦାନ କରାଗଲା ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିପରି ଏସ୍‌କେ ରବଜୁନ ମହମ୍ମଦଙ୍କ ଝିଅ ଫରିଦା ବିବିଙ୍କ ନାମରେ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ମିଳିଛି। ମାତ୍ର ଏହି ନାମରେ କେହି ମହିଳା ନ ଥିବା ଜଣାପଡ଼ିଛି। ସେହିପରି ଫରିଦା ବେଗମ୍ ବୋଲି ଅନ୍ୟ ଜଣେ ମହିଳାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୯୦ହଜାର ଟଙ୍କା ସରକାରଙ୍କ ଆକାଉଣ୍ଟରୁ ଟ୍ରାନ୍ସଫର କରାଯାଇଛି। ହେଲେ ତାଙ୍କର ଦୁଇ ମହଲା ବିଶିଷ୍ଟ କୋଠା ଘର ରହିଥିବା ବେଳେ, କେଉଁ ଆଧାରରେ ତାଙ୍କୁ ଘର ଯୋଗାଇ ଦିଆଯାଇଛି ବୋଲି ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ସେହିପରି ସଲମା ବିବିଙ୍କର ବହୁ ମୂଲ୍ୟର କୋଠା ଘର ରହିଥିଲେ ବି ତାଙ୍କ ନାମରେ ଚଞ୍ଚକତା କରାଯାଇ ଆବାସ ଯୋଜନାରେ ଘର ଯୋଗାଇ ଦିଆଯାଇଛି। ଅନ୍ୟପକ୍ଷରେ ମୁସ୍ତରୀ ବିବି ଆଦୌ ଘର କାମ ଆରମ୍ଭ ନ କରି ଥିଲେ ମଧ୍ୟ ତାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୫୦ ହଜାର ଟଙ୍କା ପଠାଇ ଦିଆଯାଇଥିବା ଜଣାପଡ଼ିଛି। ନିୟମ ଦୃଷ୍ଟିରୁ ହିତାଧିକାରୀମାନେ ନିଅଁ ଖୋଳିବା ପାଇଁ କାର୍ଯ୍ୟାଦେଶ ପାଇବା ସହିତ ପ୍ରଥମ କିସ୍ତିରେ ୨୦ ହଜାର ଟଙ୍କା ଓ ଡିପିସି ପଡି ସାରିବା ପରେ ଦ୍ୱିତୀୟ କିସ୍ତିରେ ୩୦ ହଜାର ଟଙ୍କା ପାଇବା କଥା। ମାତ୍ର ଆଦୌ ଘର କରି ନ ଥିବା ହିତାଧିକାରୀଙ୍କଠାରୁ ମୋଟା ଅଙ୍କର ହାତଗୁଞ୍ଜା ନେଇ କିସ୍ତି ଟଙ୍କା ଯୋଗାଇ ଦିଆଯାଉଛି। ଏପରିସ୍ଥଳେ ବାବୁ ସା, ତମ୍ମନା ବିବି, ଝରିଆ ସା, ଜାଫିର ସା, ଶ୍ୟାମସୁନ୍ଦର ଆଉଁରିଆ, ସୁବାସ ଆଉଁରିଆଙ୍କ ଭଳି ଅନେକ ଯୋଗ୍ୟ ହିତାଧିକାରୀ ଆବାସ ଯୋଜନାରେ ଘର ଖଣ୍ଡେ ପାଇବାରୁ ବଞ୍ଚିତ ହେଉଛନ୍ତି। ଏ ସମ୍ପର୍କରେ ବାଲିକୁଦା ବିଡିଓ କଲ୍ୟାଣ ସୌରଭ ଦାଶଙ୍କୁ ପଚାରିବାରେ, ଅଭିଯୋଗ ପାଇଛି। ଘଟଣାର ତଦନ୍ତ କରାଯାଇ ଦୁର୍ନୀତିଖୋର ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

# ‘ଦେଶପ୍ରେମ ପ୍ରସନ୍ନଙ୍କୁ ଅମର କରିଛି’

**ନାଉଗାଁ, ୧୪।୨ (ସ୍ୱ.ପ୍ର.)**

ଶହୀଦ ପ୍ରସନ୍ନଙ୍କ ପାଇଁ ପାରିଶିଖର ମାଟି ଆଜି ଗର୍ବିତ। ଦେଶ ମାତୃକାର ରକ୍ଷା ପାଇଁ ଆମେ ସମସ୍ତେ ଶହୀଦ ପ୍ରସନ୍ନଙ୍କ ଭଳି ହେବା ଦରକାର। ଦେଶ ପ୍ରେମ ତାଙ୍କୁ ଚିର ଅମର କରିଥିବା ବେଳେ ତାଙ୍କ ନାମ ସ୍ୱର୍ଣ୍ଣିମ ଅକ୍ଷରରେ ଲିପିବଦ୍ଧ ହୋଇ ରହିଛି ବୋଲି ଶହୀଦ ପ୍ରସନ୍ନ ସାହୁଙ୍କ ପ୍ରଥମ ଶ୍ରଦ୍ଧବାର୍ଷିକୀ ଉପଲକ୍ଷେ ଶୁକ୍ରବାର ଆୟୋଜିତ ସ୍ମୃତି ସଭାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଜମ୍ମୁ-କଶ୍ମୀରର ପୁଲୱାମାଠାରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ନାଉଗାଁ ବ୍ଲକର ପ୍ରସନ୍ନ ସାହୁଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶୁକ୍ରବାର ଶିଖର ପଞ୍ଚାୟତ ପାରିଶିଖର ଗ୍ରାମରେ ପାଳିତ ହୋଇଯାଇଛି। ଏହି ଅବସରରେ ଦେବୀ ନଦୀ ପଠାରେ ନିର୍ମିତ ଶହୀଦ ପ୍ରସନ୍ନଙ୍କ ପ୍ରତିମୂର୍ତ୍ତିଙ୍କୁ ଜଗତ୍‌ସିଂହପୁର ଏମ୍‌ପି ଡା. ରାଜଶ୍ରୀ ମଲ୍ଲିକ ଉନ୍ମୋଚନ କରିଥିଲେ। ଏହି ପରିପ୍ରେକ୍ଷୀରେ ଆୟୋଜିତ ସ୍ମୃତିସଭାରେ ଏମ୍‌ପି ଡା. ମଲ୍ଲିକଙ୍କ ସମେତ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର, ପୁରୀ ଜିଲା ପରିଷଦ ଅଧ୍ୟକ୍ଷ ଜ୍ୟୋତିର୍ମୟ ଦଳାଇ, ପାରାଦୀପ ପୋର୍ଟର ପୂର୍ବତନ ଟ୍ରଷ୍ଟି ପ୍ରତାପ ମିଶ୍ର, ସିଆର୍‌ପିଏଫ୍ ଡିଏସ୍‌ପି ରାଜୀବ ରଞ୍ଜନ ପ୍ରତାପ, ସିଆରପିଏଫ୍ ଏସ୍ଆଇ ଆର୍.ଏନ. ସେଠୀ, ଜଗତ୍‌ସିଂହପୁର ଏସ୍‌ଡିପିଓ ପ୍ରିୟରଞ୍ଜନ ଶତପଥୀ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଶହୀଦଙ୍କ ପରିବାରଙ୍କୁ ଭେଟି ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ନାଉଗାଁ ବ୍ଲକର ବିଭିନ୍ନ ସଂଗଠନ ପକ୍ଷରୁ ନାଉଗାଁ ବଜାରଠାରେ ଶହୀଦ ପ୍ରସନ୍ନ ସାହୁଙ୍କ ସ୍ମୃତିରେ ମହମବତି ଶୋଭାଯାତ୍ରା କରାଯାଇଥିଲା।

### ମଶା ଧୂଆଁରୁ ଜଳିଗଲା ୨ ବଖରା

**ବାଲିକୁଦା, ୧୪।୨ (ସ୍ୱ.ପ୍ର.)**

ବାଲିକୁଦା ବ୍ଲକ ଖଲଗାଁ ପଞ୍ଚାୟତ ଶୋଭା ଗାଁରେ ଶୁକ୍ରବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟି ଆଦିତ୍ୟ ବିଶ୍ୱାଳଙ୍କ ୧ ବଖରା ଓ ଗୋଟିଏ ବଖରା ଗୁହାଳ ଜଳିଯାଇଛି। ଗୁହାଳେ ମଶା ଧୂଆଁ ଦିଆଯାଇଥିବା ବେଳେ ସେଥିରୁ ନିଆଁ ଲାଗି ଏହି ଅଘଟଣ ଘଟିଥିବା ଅନୁମାନ କରାଯାଉଛି। ଗାଁ ଲୋକେ ଗୁହାଳେ ଥିବା ଗୋରୁ ଗାଈଙ୍କୁ ଉଦ୍ଧାର କରିବା ସହ ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ ବି ତାହା ସମ୍ଭବ ହୋଇପାରିନ ଥିଲା। ଖବରପାଇ ବାଲିକୁଦା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

# ଆଗାମୀ ଓଡ଼ିଶା ପକ୍ଷରୁ ଆୟୋଜକଙ୍କୁ ସମ୍ବର୍ଦ୍ଧନା



ଆଗାମୀ ଓଡ଼ିଶା ପକ୍ଷରୁ ମାଘି ମେଳା ଆୟୋଜକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ମାଘିମେଳା ଦେଢ଼ଶହ ପୂର୍ତ୍ତି**

**ରଘୁନାଥପୁର, ୧୪।୨ (ଡି.ଏନ.ଏ.)**

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ମାଘିମେଳାର ଦେଢଶହ ବର୍ଷ ପୂର୍ତ୍ତି ହୋଇଯାଇଛି। ଏହି ଅବସରରେ ଓଡ଼ିଆ ଭାଷା ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ଆଗାମୀ ଓଡ଼ିଶା ପକ୍ଷରୁ ପରମ୍ପରାକୁ ଉଜ୍ଜୀବିତ କରି ରଖିଥିବା ଆୟୋଜକ ଗୋଷ୍ଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାକୁ ଏସ୍ଏନ୍ କଲେଜର ଅବସରପ୍ରାପ୍ତ ଅଧକ୍ଷ ଅଜୟ କୁମାର ଦାସ ଉଦ୍‌ଘାଟନ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ସଂସ୍କୃତି ଓ ପରମ୍ପରାକୁ ବଞ୍ଚାଇ ରଖିଥିବା ବ୍ୟକ୍ତି ବିଶେଷଙ୍କଠାରୁ ଯୁବପିଢି କିଛି ଶିକ୍ଷାଲାଭ କରିବା ଜରୁରୀ ବୋଲି କହିଥିଲେ। ସେହିପରି ରଘୁନାଥପୁର ଥାନା ଏସ୍ଆଇ ତରୁଣ କୁମାର ଦଣ୍ଡପାଟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୋଗ୍ୟ ବ୍ୟକ୍ତି ହିଁ ସମ୍ବର୍ଦ୍ଧିତ ହେବାର ପ୍ରକୃତ ଅଧିକାରୀ ବୋଲି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ମାଧ୍ୟମିକ ଶିକ୍ଷା ପରିଷଦର ପୂର୍ବତନ ଉପ ସଚିବ ରବୀନ୍ଦ୍ର କୁମାର ମହାପାତ୍ର ଯୋଗ ଦେଇଥିଲେ। ସେ କହିଥିଲେ, ଯେଉଁ ବୟସ୍କ ବ୍ୟକ୍ତିଙ୍କ ପାଇଁ ଅଦ୍ୟାବଧି ଏହି ମାଘିମେଳା ପରମ୍ପରା ବଞ୍ଚି ରହିଛି ସେମାନେ ଜଣେ ଜଣେ ଅନୁଷ୍ଠାନ। ତାଙ୍କ ପାଖରେ ଥିବା ଅସୀମ ଧୈର୍ଯ୍ୟ ଆମ ପାଇଁ ପ୍ରେରଣା ବୋଲି ପ୍ରକାଶ କରିଥିଲେ। ଆଗାମୀ ଓଡ଼ିଶାର ସଭାପତି ବିଜୟ କୁମାର ସ୍ୱାଇଁ ଆୟୋଜକ ଗୋଷ୍ଠୀଙ୍କ ପାଇଁ ଶୁଭକାମନା ସହ ସଂସ୍କୃତି ଓ ପରମ୍ପରାଠାରୁ ଦୂରେଇ ଯାଇଥିବା ଯୁବକମାନେ ଏଭଳି ମହାନ କାର୍ଯ୍ୟରେ ଯୋଗଦେବାକୁ ଆଶାବ୍ୟକ୍ତ କରିଥିଲେ। ଶିକ୍ଷାବିତ୍ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଶିକ୍ଷାବିତ୍ ପ୍ୟାରୀମୋହନ ପଟ୍ଟନାୟକ, ଶିକ୍ଷକ ରମେଶ ଚନ୍ଦ୍ର ନାୟକ, ଅଧ୍ୟାପକ ଶରତ କୁମାର ରାଉତରାୟ, ସମ୍ପାଦକ ଆଶିଷ ଚକ୍ରବର୍ତ୍ତୀ ପ୍ରମୁଖ ଏ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ମାଘିମେଳା ଆୟୋଜକ ବୟୋଜ୍ୟେଷ୍ଠ ଉତ୍ତମ ଚରଣ ସାହାଣୀ, ବିଜୟ କୁମାର ପରିଡା ମନ୍ମଥ କୁମାର ରଣା, ଅଜୟ ସେଠୀ, ବୈଷ୍ଣବ ସାହାଣୀ, ଦିପୁ ରାଉତ, ଇନ୍ଦ୍ରମଣି ସାହୁ, ପ୍ରହ୍ଲାଦ ସେଠୀ, ଧନେଶ୍ୱର ସେଠୀ, ଗୋବିନ୍ଦ ସେଠୀ, ମିଟୁ ମହାନ୍ତିଙ୍କ ସମେତ ୧୯ ଜଣ ବ୍ୟକ୍ତିଙ୍କୁ ଆଗାମୀ ଓଡ଼ିଶା ପକ୍ଷରୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। କମିଟିର ଅନ୍ୟତମ ସଦସ୍ୟ ବୈରାଗୀ ଚରଣ ସେଠୀଙ୍କ ବିୟୋଗରେ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଶେଷରେ ବିଜନ ମହାପାତ୍ର ଧନ୍ୟବାଦ ଦେଇଥିଲେ।


## CLASSIFIED DISPLAY

**ALL EDITION - B/W (Everyday)**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY

ଗୁରୁ ସାହି ଖାନ୍ — ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ। ୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ। ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ଝିଁପତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ। A To Z Problem Solution। କଳାଯାଦୁର ଅଧିକାରୀ। 9903852257, 9818298397

ଘରେ ବସି ଫୋନ୍‌ରେ ସବୁ ସମସ୍ୟାର ସମାଧାନ। ଯଦି ଅଛି ସମାଧାନ ତେବେ କାହିଁକି ହେଉଛନ୍ତି ବିବ୍ରତ। ଗୁରୁଜୀ ବଙ୍ଗାଳି ତାନ୍ତ୍ରିକ। ଆମ ପାଖରେ ବିଦ୍ୟା ଅଛି ମିଛ ପ୍ରତିଶ୍ରୁତି ନୁହେଁ। ଶକ୍ତି ଚମତ୍କାର ଦେଖନ୍ତୁ 7 ଘଣ୍ଟାରେ ଗ୍ୟାରେଣ୍ଟିଡ୍, ପ୍ରେମ ବିବାହ, ବଶୀକରଣ କରାଇବା/ଭାଙ୍ଗିବା, ଯାଦୁ ଟୋନା, ସଉତୁଣୀ, ଶତ୍ରୁ ସମସ୍ୟା, ବିବାହ ପାଇଁ ଘର ଲୋକଙ୍କୁ ରାଜି କରାଇବା, ସ୍ୱାମୀ ସ୍ତ୍ରୀ ଶାଶୁ ବୋହୂଙ୍କ ମନୋମାଳିନ୍ୟ, କୋର୍ଟ କଚେରି, ଜମିବାଡ଼ି ବିବାଦ, ସନ୍ତାନ ନ ହେବା, ରୋଗରେ ଔଷଧ କାମ ନ କରିବା, କେହି କିଛି ଖୁଆଇ ପିଆଇଦେବା କିମ୍ବା ଉପରି ପ୍ରଭାବ, ବ୍ୟବସାୟ ବନ୍ଧନ ଭଳି ସମସ୍ୟାର ସମାଧାନ ଅଛି ଆମ ନିକଟରେ। ନିରାଶ ମାତା ଭଉଣୀ ନିଶ୍ଚୟ ଫୋନ୍ କରନ୍ତୁ। 9917255848, 9761318693

BUSINESS — ଖାଲିଥିବା ଜମି ଓ ଛାତ ଉପରେ Tower Vision ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 40,000,00- 70,000,00/- ପାଆନ୍ତୁ ଓ ମାସକୁ ଭଡା 35,000 - 650000/- ଟଙ୍କା ପାଆନ୍ତୁ। + Agreement। ଆଜି ହିଁ ସଂମ୍ପର୍କ କରନ୍ତୁ। Phase-4 Gurugram Haryana 122015। 08794551889

FINANCE — NAB ରଣ ଲିମିଟେଡ୍ ଆଣିଛି ସବୁ ସମସ୍ୟାର ସମାଧାନ। 0% ସୁଧ 50% ଛାଡରେ ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ରଣ ଘରେବସି 5 ଘଣ୍ଟାରେ ପାଆନ୍ତୁ। Plot No 428/74, Shahnajaf Rd, Lucknow, Uttar Pradesh 226001। 9410319710, 7579455687

ରଣ ଧମାକା ରଣ ଧମାକା ରଣ ଧମାକା — ଗ୍ଲୋବାଲ ଫାଇନାନ୍ସ ଲିଃ ISO: 9001:2011 Regd. Company। ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ରଣ 3-4 ଦିନରେ। 2% ସୁଧ 40% ରିହାତି। ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି। 7653848464। H.No. 12, Sohana Distt. Mohali

ପଇସା ଆମର ସଫଳତା ଆପଣଙ୍କର (ଲକ୍ଷ ଲକ୍ଷ ଲୋକଙ୍କ ଭରସା) — ଏକ୍ସା ଫାଇନାନ୍ସ। ଇ-ମେଲ୍ ଆଇଡି: axafinance051@gmail.com। କାମ ଆମର, ବିଶ୍ୱାସ ଆପଣଙ୍କର। ଜନଧନ ମୁଦ୍ରା ଯୋଜନା ଦ୍ୱାରା ସବୁ ରଣ। ରଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ। • ପ୍ରପର୍ଟି ରଣ • ବ୍ୟବସାୟ ରଣ • ମାର୍କଶିଟ୍ ରଣ • ଆଧାର କାର୍ଡ ରଣ • ପର୍ସନାଲ ରଣ • ବିପିଏଲ୍ ରଣ। 1% ସୁଧ | 50% ଛାଡ଼। ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି। 9990624548, 7982465910

ଘରେ ବସି ସମସ୍ତ ପ୍ରକାର ରଣ ପାଆନ୍ତୁ — ମୁଦ୍ରା ଯୋଜନା। କେବଳ ଆଧାର କାର୍ଡ ଉପରେ ୧୦ ଲକ୍ଷ ପର୍ଯ୍ୟନ୍ତ ରଣ। ୧% ସୁଧ, ୫୦% ଛାଡ଼। ବିଜିନେସ୍ ରଣ, ସମ୍ପତ୍ତି ରଣ, ମାର୍କଶିଟ୍ ରଣ, ଆଧାର କାର୍ଡ ରଣ, ବ୍ୟକ୍ତିଗତ ରଣ, ବିପିଏଲ୍ ରଣ, ଇତ୍ୟାଦି ସମସ୍ତ ରଣ। ଏଟିଏମ୍ କାର୍ଡ ଓ ପାସ୍‌ବୁକ୍ ଉପରେ ମଧ ରଣ ଉପଲବ୍ଧ। ୨୫ ବର୍ଷ ଧରି ଆପଣଙ୍କ ସେବାରେ, ଲକ୍ଷେ ଲୋକଙ୍କ ଭରସା। ସମସ୍ତ ପ୍ରକାର ରଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ। ବିଶ୍ୱାସ ଆପଣଙ୍କର, ସହଯୋଗ ଆମର। ସମ୍ପର୍କ କରନ୍ତୁ। କର୍ମଚାରୀ/ ମହିଳାମାନଙ୍କ ପାଇଁ ବିଶେଷ ଅଫର। ୦୮୭୬୫୪୧୪୪୮୧, ୦୯୧୨୬୩୪୪୯୮୦

BUSINESS

ଶ୍ରୀରାମ ଟାୱାର ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ଆପଣଙ୍କର ଖାଲି ପଡ଼ିଥିବା ଜମି, ଛାତ, କ୍ଷେତ ପ୍ଲଟ୍‌ରେ Digital Tower ଲଗାନ୍ତୁ। ଅଗ୍ରିମ- 50,00,000/- + ଭଡ଼ା- 50,000/- + 20 ବର୍ଷ କୋର୍ଟ ଏଗ୍ରିମେଣ୍ଟ। TOLL FREE : 1800-102-1344

ପଇସା ଆମର ସଫଳତା ଆପଣଙ୍କର (ଲକ୍ଷ ଲୋକଙ୍କ ଭରସା) — ଶ୍ରୀରାମ ଫାଇନାନ୍ସ। କାମ ଆମର ବିଶ୍ୱାସ ଆପଣଙ୍କର। ଲୋନ। ଲୋନ ପାଆନ୍ତୁ, ଉଜ୍ଜ୍ୱଳ ଭବିଷ୍ୟତ ବନାନ୍ତୁ। • ସମ୍ପତ୍ତି ରଣ • ବ୍ୟବସାୟ ରଣ • ମାର୍କଶିଟ୍ ରଣ • ଆଧାରକାର୍ଡ଼ ରଣ • ବ୍ୟକ୍ତିଗତ ରଣ • ବିପିଏଲ୍ ରଣ। 2% ସୁଧ | 50% ଛାଡ଼। ମହିଳା, ସିପାହି, କୃଷକ, ଛାତ୍ରଛାତ୍ରୀମାନଙ୍କ ପାଇଁ ବିଶେଷ ରିହାତି। 083074-68262

ସରସ ଫାଇନାନ୍ସ — ରଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ। ସମସ୍ତ ଯୋଜନା ଅଧୀନରେ। ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜ୍‌ନେସ୍ ଏବଂ ଘର ରଣ। ସହଜ କିସ୍ତିରେ ସବୁ ପ୍ରକାର ରଣ ଉପଲବ୍ଧ। Online ସୁବିଧା, ଥରେ ମାତ୍ର ବିଶ୍ୱାସ କରି ଦେଖନ୍ତୁ। ସମସ୍ତ ପ୍ରକାର ରଣ ଘରେ ବସି ପାଆନ୍ତୁ। 8595495741, 8595477915। Email: sarasfinance77@gmail.com

FINANCE — CAPITAL ରଣ ସରକାରୀ ସୀକୃତିପ୍ରାପ୍ତ ପ୍ରଧାନମନ୍ତ୍ରୀ ବେରୋଜଗାର ଯୋଜନା ଦ୍ୱାରା ମାର୍କସିଟ, ବ୍ୟକ୍ତିଗତ ଓ ସମ୍ପତି ରଣ ଘରେ ବସି ମାତ୍ର 24 ଘଣ୍ଟାରେ ପାଆନ୍ତୁ। 2% ସୁଧ 45% ଛାଡ। No Guarantor/No Commission। Plot No 428/74, Shahnajaf Rd, Lucknow, Uttar Pradesh 226001। 9499411272

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ — 2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ। ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା। ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ। A to Z ସମସ୍ୟାର ସମାଧାନ ଘରେ ବସି। ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ। ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର। ବାବା ଆମିଲ ସୁଫି। 7503449786, 8800979262। ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ହିନ୍ଦୁସ୍ତାନ ଟାୱାର — ପଞ୍ଜୀକୃତ କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ। 9000000 ଅଗ୍ରିମ + 60000 ଭଡ଼ା + ବାଇକ୍ + 20 ବର୍ଷର କୋର୍ଟ ଏଗ୍ରୀମେଣ୍ଟ। 7838639856, 8929313996

FINANCE

ଡିଜିଟାଲ ଇଣ୍ଡିଆ ସ୍କିମ୍ ଦ୍ୱାରା ନିଜ ଖାଲି ଜମି, ଛାତରେ ଟାୱାର୍ ଲଗାନ୍ତୁ (ଅଗ୍ରିମ-60,00,000) ଭଡ଼ା 45,000। ସରକାରୀ ନିର୍ଦ୍ଦେଶ- କୌଣସି ଟାୱାର୍/ ଫାଇନାନ୍ସ କମ୍ପାନୀ ସହ କଥାବାର୍ତ୍ତା ଚାଲିଥିଲେ ପ୍ରଥମେ କଲ୍ କରି ସୂଚନା ନିଅନ୍ତୁ ଯେ କମ୍ପାନୀ ଠିକ୍ କି ନୁହେଁ ଏବଂ ଅଭିଯୋଗ କରି ଟଙ୍କା ଫେରସ୍ତ ପାଆନ୍ତୁ (ଅଟକି ରହିଥିବା କାମ ସମ୍ପୂର୍ଣ୍ଣ କରାନ୍ତୁ ଏବଂ ଟାୱାର ମଧ ଲଗାନ୍ତୁ)। ମୋ. 9411277198

ଭାରତର ନଂ.1 କମ୍ପାନୀ — 1984ଠାରୁ ଆପଣଙ୍କ ସେବାରେ। ଧନଲକ୍ଷ୍ମୀ ବ୍ୟାଙ୍କ ପ୍ରା. ଲିଃ REG. NO. BG3274CH1122। ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ରଣ ମାତ୍ର 24 ଘଣ୍ଟାରେ। 2% ସୁଧ 40% ରିହାତି। ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି। 9499135756। B-34/7 A Block Vijay Enclave, Bururi, New Delhi

JAGRUTI FINANCE — Jagruti Finance ସମସ୍ତ ପ୍ରକାର Loan ଯୋଗାଇ ଦେଉଛି। ସୁଧ 2%, ବିଶେଷ ରିହାତି ଅଛି। ମାର୍କଶିଟ୍, କୃଷି, ବ୍ୟକ୍ତିଗତ ଗୃହରଣ, ବ୍ୟବସାୟ ଓ ପଶୁପାଳନ। Online ସୁବିଧା ଅଛି। 8280202796, 7750826959, 8763049235। T-62, Yamuna puri, Exit Delhi, Gosainpada, Mahulpalli, Sambalpur-768227

ରଣ ରଣ ରଣ — ଖର୍ଚ୍ଚ ରଣ ମଞ୍ଜୁର ହେବା ପରେ। CAPITAL FINANCE LTD. REG. NO. U6519TN198PLC00855। ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ରଣ ମାତ୍ର 3-4 ଦିନରେ। 2% ସୁଧ 40% ରିହାତି। ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ। 78950-82886, 73765-91521। B-34/7 A Block Vijay Enclave, Bururi, New Delhi

HEALTH CARE

nature natural AYURVEDIC LIFE CARE — ଆୟୁର୍ବେଦିକ ଥେରାପିଷ୍ଟ ତାଲିମ। ନେଚର ନେଚୁରାଲ ଆୟୁର୍ବେଦିକ ଲାଇଫ କେୟାରର ତ୍ରୈମାସିକ ଆୟୁର୍ବେଦିକ ଥେରାପିଷ୍ଟ ତାଲିମ (ଫେବୃୟାରୀ ୨୦୨୦ରୁ ଆରମ୍ଭ ହେଉଅଛି) ଇଚ୍ଛୁକ ପ୍ରାର୍ଥୀ (ଉଭୟ ବାଳକ/ବାଳିକା)ମାନେ ନିମ୍ନଲିଖିତ ଠିକଣାରେ ସକାଳ ୯ଟାରୁ ସନ୍ଧ୍ୟା ୫ଟା ଭିତରେ ଯୋଗାଯୋଗ କରିବାକୁ ଅନୁରୋଧ। ଯୋଗ୍ୟତା- ମାଟ୍ରିକ୍ ପାସ୍/ତଦୂର୍ଦ୍ଧ୍ୱ। ବୟସ- ୧୮-୩୫ ବର୍ଷ ମଧ୍ୟରେ। ମୋବାଇଲ୍ ନମ୍ବର- ୯୨୩୮୨୩୯୭୮୬, ୯୪୩୭୫୬୭୩୨୪


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ପାକିସ୍ତାନକୁ ସମର୍ଥନ ଜାରି ରଖିବ ତୁର୍କୀ

**ଇସ୍‌ଲାମାବାଦ,୧୪।୨(ପି.ଟି.)**

ଭାରତର ପ୍ରତିବାଦ ସତ୍ତ୍ୱେ ତୁର୍କୀ ରାଷ୍ଟ୍ରପତି ରିସେପ୍ ତାୟିପ୍ ଏର୍ଡୋଗାନ୍ ଶୁକ୍ରବାର ପୁଣି ଥରେ କଶ୍ମୀର ପ୍ରସଙ୍ଗ ଉଠାଇଛନ୍ତି। ଏହା ଉଭୟ ଦେଶ ପାଇଁ ଚିନ୍ତାର ବିଷୟ ହୋଇଥିବାରୁ ପାକିସ୍ତାନର ଆଭିମୁଖ୍ୟକୁ ତୁର୍କୀ ସମର୍ଥନ ଜାରି ରଖିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

ପାକିସ୍ତାନ ପାର୍ଲାମେଣ୍ଟର ମିଳିତ

**ପାକ୍ ପାର୍ଲାମେଣ୍ଟରେ ଉଦ୍‌ବୋଧନ**

**ପୁଣି କଶ୍ମୀର ପ୍ରସଙ୍ଗ ଉଠାଇଲେ ଏର୍ଡୋଗାନ୍**



ଅଧିବେଶନରେ ଉଦ୍‌ବୋଧନ ଦେଇ ଏର୍ଡୋଗାନ କହିଛନ୍ତି, ଇସ୍‌ଲାମାବାଦକୁ ଫାଇନାନ୍ସିଆଲ୍ ଆକ୍ସନ ଟାସ୍କଫୋର୍ସ (ଏଫ୍‌ଏଟିଏଫ୍)ର ଧୂସର ତାଲିକାଭୁକ୍ତ କରିଥିବାବେଳେ ଏଥିରୁ ମୁକୁଳାଇବା ପାଇଁ ତୁର୍କୀ ସମର୍ଥନ ଯୋଗାଇଦେବ। ଏଫ୍‌ଏଟିଏଫ୍ ବୈଠକ ଚଳିତ ସପ୍ତାହରେ ପ୍ୟାରିସ୍‌ରେ ହେବାକୁ ଯାଉଛି। କଶ୍ମୀର ପ୍ରସଙ୍ଗର ସମାଧାନ ବିବାଦ କିମ୍ବା ଅତ୍ୟାଚାର ଦ୍ୱାରା ହୋଇପାରିବ ନାହିଁ ଏହା ନ୍ୟାୟ ଓ ନିରପେକ୍ଷତା ମାଧ୍ୟମରେ ହୋଇପାରିବ। ଏକ୍ଷେତ୍ରରେ ଆଙ୍କାରାର ସମର୍ଥନ ସବୁବେଳେ ଇସ୍‌ଲାମାବାଦ ସହିତ ରହିବ ବୋଲି ଏର୍ଡୋଗାନ୍ ଘୋଷଣା କରିଛନ୍ତି। ସେ କହିଥିଲେ, ଆମର କଶ୍ମୀରୀ ଭାଇଭଉଣୀମାନେ ଦୀର୍ଘ ଦଶନ୍ଧି ଧରି ନିର୍ଯାତିତ ହୋଇଆସୁଥିବାବେଳେ ନିକଟରେ ଭାରତ ସରକାର ୩୭୦ ଉଚ୍ଛେଦ ପାଇଁ ଏକପାଖିଆ ନିଷ୍ପତ୍ତି ନେବା ଫଳରେ ସେମାନଙ୍କ ସମସ୍ୟା ଆହୁରି ବଢ଼ିଯାଇଛି। ଏବେ କଶ୍ମୀର କେବଳ ପାକିସ୍ତାନ ପାଇଁ ନୁହେଁ ତୁର୍କୀ ପାଇଁ ମଧ୍ୟ ପ୍ରସଙ୍ଗ ବୋଲି ସେ କହିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନିର୍ଲଜ୍ଜ ଲାଉ**
**ଟେକି ଟାକି ଦେଲେ ପିଢ଼ାକୁ ଯାଉ**
**ପିଢ଼ାରେ ନଟାଉ ଥାଉ ।**

ସାଧାରଣତଃ ଲାଉ ଡଙ୍କକୁ ପିଢ଼ା ବା ଚାଳ ଉପରକୁ ଯେତେ ଟେକାଯାଏ ସେ ସେତେ ସତେଜ ହୋଇ ବଢ଼ିଥାଏ। ପରୋକ୍ଷରେ ଯେଉଁ ଲୋକର ମୁହଁକୁ ଲାଜ ସରମ ନ ଥାଏ ତାକୁ ଟିକେ ଟେକିଟାକି କରି କହିଦେଲେ ସେ ତାକୁ ସତମଣି ଫୁଲି ଉଠୁଥିବାର ଲକ୍ଷ୍ୟ କରାଯାଇଥାଏ। ଅଲାଜୁକ ଶ୍ରେଣୀର ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ନିଜେ ରାନ୍ଧି ନିଜେ ଖାଏ,**
**ସୁଆଦ ସୁଆଦ ବୋଲୁଥାଏ ।**

ନିଜେ ରାନ୍ଧି ନିଜେ ଖାଇ ସୁଆଦିଆ ଲାଗୁଥିବା କହିବାରେ ସେତେ ବାହାଦୁରି ନ ଥାଏ। ସାଧାରଣତଃ ସମସ୍ତେ ନିଜକୁ ଭଲ ବୋଲି ଦେଖେଇ ହୁଅନ୍ତି ବା କହି ହୁଅନ୍ତି। ତେବେ ସିଏ ହିଁ ପ୍ରକୃତରେ ଭଲ ବୋଲି ଗଣା ହୋଇଥାଏ ଯାହାକୁ ସମସ୍ତେ ଭଲ ବୋଲି ପ୍ରଶଂସା କରିଥାନ୍ତି। ନିଜ ମୁହଁରେ ନିଜର ପ୍ରଶଂସା କରିବା ମୂର୍ଖାମୀ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ବିନୟଙ୍କ ପିଟିଶନ ଖାରଜ

**ନୂଆଦିଲ୍ଲୀ,୧୪।୨(ପି.ଟି.)**

ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାରେ ମୃତ୍ୟୁଦଣ୍ଡାଦେଶ ପାଇଥିବା ଅନ୍ୟତମ ଅପରାଧୀ ବିନୟ ଶର୍ମାଙ୍କ ପିଟିଶନ୍‌କୁ ସୁପ୍ରିମକୋର୍ଟ ଶୁକ୍ରବାର ଖାରଜ କରିଦେଇଛନ୍ତି। ତାଙ୍କର କ୍ଷମା ଆବେଦନ ଖାରଜକୁ ସେ ସୁପ୍ରିମକୋର୍ଟରେ ଚାଲେଞ୍ଜ କରିଥିଲେ। ରାଷ୍ଟ୍ରପତି ମନ୍ଦ ଉଦ୍ଦେଶ୍ୟ ରଖି ତାଙ୍କ ଆବେଦନ ଖାରଜ କରିଥିବା ସେ ପିଟିଶନରେ ଦର୍ଶାଇଥିଲେ। ତେବେ କ୍ଷମା ଆବେଦନ ଖାରଜର ଆଇନଗତ ସମୀକ୍ଷା କରିବାର କୌଣସି କାରଣ ନାହିଁ ବୋଲି ଜଷ୍ଟିସ ଆର୍. ବାନୁମତୀ, ଅଶୋକ ଭୂଷଣ ଏବଂ ଏ.ଏସ୍. ବୋପାନ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ବିନୟ ମାନସିକ ଅସୁସ୍ଥ ଥିବା ତାଙ୍କ ଓକିଲ ଦର୍ଶାଇଥିବାବେଳେ ମେଡିକାଲ ରିପୋର୍ଟରୁ ସେ ସମ୍ପୂର୍ଣ୍ଣ ସୁସ୍ଥ ଥିବା ଜଣାପଡିଥିଲା। ରାଷ୍ଟ୍ରପତି ସମସ୍ତ ରିପୋର୍ଟକୁ ଅନୁଧ୍ୟାନ କରି କ୍ଷମା ଆବେଦନ ଖାରଜ କରିଥିଲେ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି।



**ନିର୍ଭୟା ମାମଲା**

- କ୍ଷମା ଆବେଦନ ଖାରଜକୁ ସୁପ୍ରିମକୋର୍ଟରେ ଚାଲେଞ୍ଜ କରିଥିଲେ
- ଶୁଣାଣି ବେଳେ ମୂର୍ଚ୍ଛା ଗଲେ ବିଚାରପତି ଜଷ୍ଟିସ୍ ବାନୁମତୀ

ନିର୍ଭୟା ମାମଲାରେ ଫାଶୀ ପାଇବାକୁ ଥିବା ୪ ଅପରାଧୀ ମୁକେଶ କୁମାର, ପବନ ଗୁପ୍ତା, ବିନୟ ଶର୍ମା ଓ ଅକ୍ଷୟ କୁମାର ବିଭିନ୍ନ ବାହାନା କରି ସମୟ ଗଡ଼ାଇବା ପାଇଁ ବାରମ୍ବାର କୋର୍ଟର ଦ୍ୱାରସ୍ଥ ହେଉଛନ୍ତି। ସେମାନଙ୍କୁ ଫାଶୀ ଦେବା ପାଇଁ ପଟିଆଲା ହାଉସକୋର୍ଟ ଦୁଇଥର ୱାରେଣ୍ଟ ଜାରି କରିବା ସତ୍ତ୍ୱେ ତାହା କାର୍ଯ୍ୟକାରୀ ହୋଇପାରି ନାହିଁ। ପରବର୍ତ୍ତୀ ରାୟ ପର୍ଯ୍ୟନ୍ତ ଦଣ୍ଡାଦେଶ କାର୍ଯ୍ୟକାରୀ କରିବା ଉପରେ ତଳକୋର୍ଟ ଜାନୁୟାରୀ ୩୧ରେ ସ୍ଥଗିତାଦେଶ ଲଗାଇଥିଲେ।

ଅପରାଧୀମାନେ ଜଣକ ପରେ ଜଣେ ରିଭ୍ୟୁ ପିଟିଶନ ଓ କ୍ଷମା ଆବେଦନ କରୁଥିବାରୁ ସମସ୍ତଙ୍କୁ ଏକସଙ୍ଗେ ଫାଶୀ ଦେବାରେ ବିଳମ୍ବ ହେଉଥିବାରୁ ଅଲଗା ଅଲଗା ଫାଶୀ ଦେବା ପାଇଁ ନିର୍ଦ୍ଦେଶ ଦେବାକୁ କେନ୍ଦ୍ର ସରକାର ଆବେଦନ କରିଥିଲେ। ଏହାର ଶୁଣାଣି ବେଳେ ଜଷ୍ଟିସ୍ ବାନୁମତୀ କୋର୍ଟରୁମ୍‌ରେ ମୂର୍ଚ୍ଛା ଯାଇଥିଲେ। ତାଙ୍କୁ ଅନ୍ୟ ବିଚାରପତି ଓ ସୁପ୍ରିମକୋର୍ଟ କର୍ମଚାରୀ ଚାମ୍ବରକୁ ନେଇଯାଇଥିଲେ। ସେ ସଙ୍ଗେ ସଙ୍ଗେ ଚେତା ଫେରିପାଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ହ୍ୱିଲ୍‌ଚେୟାରରେ ନିଆଯାଇଥିଲା।

## ଆର୍‌ଜେଡି ଛାଡ଼ିବେ ଲାଲୁଙ୍କ ସମୁଦି

**ପାଟନା,୧୪।୨:** ଆର୍‌ଜେଡି ସୁପ୍ରିମୋ ଲାଲୁ ଯାଦବଙ୍କ ସମୁଦି ତଥା ଅସନ୍ତୁଷ୍ଟ ବିଧାୟକ ଚନ୍ଦ୍ରିକା ରାୟ ଦଳ ଛାଡ଼ିବେ ବୋଲି ଘୋଷଣା କରିଛନ୍ତି। ସେ ଜେଡିୟୁରେ ଯୋଗଦେବା ନେଇ ସୂଚନା ଦେଇଛନ୍ତି। ଲାଲୁଙ୍କ ବଡ଼ପୁଅ ତେଜପ୍ରତାପଙ୍କୁ ଚନ୍ଦ୍ରିକାଙ୍କ ଝିଅ ଐଶ୍ୱର୍ଯ୍ୟା ବିବାହ କରିଥିଲେ। ବିବାହର ୬ ମାସ ପରେ ସେମାନଙ୍କ ମଧ୍ୟରେ ଛାଡ଼ପତ୍ର ପାଇଁ ଆବେଦନ ହୋଇଥିଲା ଓ ଉଭୟ ଅଲଗା ରହୁଛନ୍ତି।

ଜେଡିୟୁ ନେତା ନୀତୀଶ କୁମାରଙ୍କୁ ଉଚ୍ଚ ପ୍ରଶଂସା କରି ଚନ୍ଦ୍ରିକା କହିଛନ୍ତି, ବିହାର ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱ ଉପରେ ତାଙ୍କର ପୂରା ଭରସା ରହିଛି। ନୀତୀଶ ରାଜ୍ୟକୁ ବିକାଶ କ୍ଷେତ୍ରରେ ଆଗେଇ ନେଇଥିବା ଚନ୍ଦ୍ରିକା କହିଛନ୍ତି।


## କଟକଣା ହଟିବା ଗୁରୁତ୍ୱପୂର୍ଣ୍ଣ

**ନୂଆଦିଲ୍ଲୀ,୧୪।୨**

**ଜମ୍ମୁ-କଶ୍ମୀର ଗସ୍ତ ପରେ ଇୟୁ କୂଟନୀତିଜ୍ଞଙ୍କ ମତ**

ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ଓ ଏହାକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରାଯିବା ପରେ ସେଠାରେ ସ୍ୱାଭାବିକ ସ୍ଥିତି ଫେରାଇ ଆଣିବା ଲାଗି କେନ୍ଦ୍ର ସରକାର ସକାରାତ୍ମକ ପଦକ୍ଷେପ ଗ୍ରହଣ କରିଛନ୍ତି। ତେବେ ସେଠାରେ ଲାଗୁ ହୋଇଥିବା କଟକଣା ଧୀରେ ଧୀରେ ଉଠାଇନିଆଯିବା ଗୁରୁତ୍ୱପୂର୍ଣ୍ଣ ବୋଲି ଉକ୍ତ କେନ୍ଦ୍ରଶାସିତ ଅଞ୍ଚଳ ଗସ୍ତ କରିବା ପରେ ୟୁରୋପୀୟ ସଂଘ (ଇୟୁ) କୂଟନୀତିଜ୍ଞମାନେ ମତ ଦେଇଛନ୍ତି। ମୋଟ ୨୫ ଦେଶର କୂଟନୀତିଜ୍ଞ ଶ୍ରୀନଗର ଓ ଜମ୍ମୁକୁ ଦୁଇଦିନିଆ ଗସ୍ତରେ ଆସି ୩୭୦ ଉଚ୍ଛେଦ ପରେ ଗତ ୬ ମାସର ସ୍ଥିତି ଅନୁଧ୍ୟାନ କରିଥିଲେ। ଇୟୁ କୂଟନୀତିଜ୍ଞମାନଙ୍କ ସହ ଜର୍ମାନୀ, କାନାଡା, ଫ୍ରାନ୍ସ, ଇଟାଲୀ, ପୋଲାଣ୍ଡ, ନ୍ୟୁଜିଲାଣ୍ଡ, ମେକ୍ସିକୋ, ଆଫଗାନିସ୍ତାନ, ଅଷ୍ଟ୍ରିଆ ଏବଂ ଉଜ୍‌ବେକିସ୍ତାନ ପ୍ରତିନିଧି ଥିଲେ। ଏବେ ମଧ୍ୟ ଉପତ୍ୟକାରେ ଇଣ୍ଟରନେଟ ଏବଂ ମୋବାଇଲ ଟେଲିଫୋନ ସେବା କ୍ଷେତ୍ରରେ କଟକଣା ଜାରି ରହିଛି। କେତେଜଣ ରାଜନେତା ଅଟକ ରହିଥିବା ଇୟୁ ପ୍ରତିନିଧି କହିଛନ୍ତି। ସରକାରଙ୍କ ପକ୍ଷରୁ ଏହି ବିଦେଶୀ କୂଟନୀତିଜ୍ଞମାନଙ୍କ ଗସ୍ତର ଆୟୋଜନ କରାଯାଇଥିବାବେଳେ ବିରୋଧୀ ଦଳଗୁଡ଼ିକ ଏହାର ସମାଲୋଚନା କରିଥିଲେ।


## କେଜ୍‌ରିୱାଲଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ନିଯୁକ୍ତି ଦେଲେ ରାଷ୍ଟ୍ରପତି



**ନୂଆଦିଲ୍ଲୀ,୧୪।୨:** ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶୁକ୍ରବାର ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଆବାହକ ଅରବିନ୍ଦ କେଜ୍‌ରିୱାଲଙ୍କୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଭାବେ ନିଯୁକ୍ତି ପ୍ରଦାନ କରିଛନ୍ତି। ଏଥିସହିତ ଅନ୍ୟ ୬ ଜଣ ମନ୍ତ୍ରୀଙ୍କୁ ମଧ୍ୟ ନିଯୁକ୍ତି ମିଳିଥିବା ଗେଜେଟ ବିଜ୍ଞପ୍ତିରେ ପ୍ରକାଶ ପାଇଛି। ରବିବାର କେଜ୍‌ରିୱାଲ ତୃତୀୟ ଥର ଲାଗି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ। ଗେଜେଟ ଅନୁଯାୟୀ ତାଙ୍କ ସହ ମନିଷ ସିସୋଡିଆ, ସତ୍ୟେନ୍ଦ୍ର ଜୈନ, ଗୋପାଳ ରାୟ, କୈଳାସ ଗେହଲଟ, ଇମ୍ରାନ୍ ହୁସେନ୍ ଏବଂ ରାଜେନ୍ଦ୍ର ଗୌତମ ମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ।

# ଜମ୍ମୁ-କଶ୍ମୀର ପ୍ରଶାସନକୁ ନୋଟିସ

**ଓମାରଙ୍କ ଅଟକକୁ ଚାଲେଞ୍ଜ କରିଥିଲେ ଭଉଣୀ ସାରା**



**ନୂଆଦିଲ୍ଲୀ,୧୪।୨(ପି.ଟି.)**

ନ୍ୟାଶନାଲ କନ୍‌ଫରେନ୍ସ ନେତା ତଥା ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଓମାର ଅବ୍‌ଦୁଲ୍ଲାଙ୍କୁ ସାଧାରଣ ନିରାପତ୍ତା ଆଇନ (ପିଏସ୍‌ଏ)ରେ ଅଟକ ରଖାଯାଇଥିବାରୁ ତାଙ୍କ ଭଉଣୀ ସାରା ଅବ୍‌ଦୁଲ୍ଲା ପାଇଲଟ ଏହାକୁ ସୁପ୍ରିମକୋର୍ଟରେ ଚାଲେଞ୍ଜ କରିଥିଲେ। ଜଷ୍ଟିସ ଅରୁଣ ମିଶ୍ର ଓ ଇନ୍ଦିରା ବାନାର୍ଜୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଶୁକ୍ରବାର ପିଟିଶନର ଶୁଣାଣି କରି ଜମ୍ମୁ-କଶ୍ମୀର ପ୍ରଶାସନକୁ ଜବାବ ରଖିବା ଲାଗି ନୋଟିସ ଜାରି କରିଛନ୍ତି। ମାର୍ଚ୍ଚ ୨ରେ ପିଟିଶନର ପରବର୍ତ୍ତୀ ଶୁଣାଣି ହେବ। ସାରାଙ୍କ ତରଫରୁ ବରିଷ୍ଠ ଆଇନଜୀବୀ କପିଲ ଶିବଲ କୋର୍ଟରେ ହାଜର ହୋଇଥିଲେ। ପିଏସ୍‌ଏରେ ତାଙ୍କ ଭାଇଙ୍କୁ ଅଟକ ରଖାଯିବା ସମ୍ପୂର୍ଣ୍ଣ ବେଆଇନ ବୋଲି ସାରା ସର୍ବୋଚ୍ଚ ଅଦାଲତଙ୍କୁ ଜଣାଇଥିଲେ। ଓମାରଙ୍କ ପରିବାର ତରଫରୁ ଜମ୍ମୁ-କଶ୍ମୀର ହାଇକୋର୍ଟରେ କୌଣସି ପିଟିଶନ ଥିଲା କି ବୋଲି ଖଣ୍ଡପୀଠ ପ୍ରଶ୍ନ କରିବାରୁ ସେପରି କୌଣସି ଆବେଦନ ହୋଇ ନ ଥିବା ଶିବଲ ଜଣାଇଥିଲେ। ଏହା ପରେ ମାର୍ଚ୍ଚ ୨ ସୁଦ୍ଧା ଜବାବ ଦାଖଲ କରିବାକୁ ଖଣ୍ଡପୀଠ ଜମ୍ମୁ-କଶ୍ମୀର ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ।

# ଚାଇନାରେ କରୋନା ମୃତ୍ୟୁସଂଖ୍ୟା ୧୫୦୦

**ବେଜିଂ/ଟୋକିଓ/ ନୂଆଦିଲ୍ଲୀ,୧୪।୨(ପି.ଟି.)**


ଚାଇନାରେ ଆଉ ୧୨୧ଜଣଙ୍କ ମୃତ୍ୟୁ ହେବା ପରେ କରୋନା ଭୂତାଣୁ ସଂକ୍ରମଣଜନିତ ମୃତ୍ୟୁସଂଖ୍ୟା ୧୫୦୦ ଛୁଇଁଛି। ଏଥିସହିତ ଆକ୍ରାନ୍ତଙ୍କ ସଂଖ୍ୟା ୬୫,୦୦୦ରେ ପହଞ୍ଚିଥିବା ଚାଇନା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ସଂକ୍ରମଣର କେନ୍ଦ୍ରସ୍ଥଳ ହୁବେଇ ପ୍ରଦେଶରେ ଗୁରୁବାର ୧୧୬ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୪୮୨୩ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି। ହିଲୋଙ୍ଗଜିଆଙ୍ଗ ପ୍ରଦେଶରେ ୨ଜଣ, ଅନ୍‌ହୁଇ, ହେନାନ ଏବଂ ଚୋଙ୍ଗକିଙ୍ଗ୍ ପ୍ରଦେଶରେ ଜଣେ ଲେଖାଏ ଗୁରୁବାର କରୋନା ସଂକ୍ରମଣରେ ପ୍ରାଣ ହରାଇଥିବା ଚାଇନାର ଜାତୀୟ ସ୍ୱାସ୍ଥ୍ୟ କମିଶନଙ୍କ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଜାପାନ ଉପକୂଳରେ ଅଟକି ରହିଥିବା ଜାହାଜରେ ଆଉ ଜଣେ ଭାରତୀୟଙ୍କଠାରେ କରୋନା ଭୂତାଣୁ ଚିହ୍ନଟ ହୋଇଛି। ଫଳରେ ଉକ୍ତ ଜାହାଜରେ କରୋନା ସଂକ୍ରମିତ ଭାରତୀୟଙ୍କ ସଂଖ୍ୟା ୩ରେ ପହଞ୍ଚିଛି। ୩୭୧୧ ଜଣ ଯାତ୍ରୀ ଓ କର୍ମଚାରୀ ଥିବା ଡାଇମଣ୍ଡ ପ୍ରିନ୍ସେସ୍ ଜାହାଜରେ ଶୁକ୍ରବାର ସୁଦ୍ଧା ୨୧୮ ଜଣ କରୋନା ଆକ୍ରାନ୍ତ ଥିବା ଜଣାପଡିଛି। ସଂକ୍ରମଣ ଭୟରେ ଜାହାଜକୁ ସମୁଦ୍ର ମଧ୍ୟରେ ଅଲଗା ରଖାଯାଇଥିବାବେଳେ ସଂକ୍ରମିତ ବ୍ୟକ୍ତିଙ୍କୁ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ପ୍ରଥମ ପର୍ଯ୍ୟାୟରେ ଅଳ୍ପ କେତେଜଣଙ୍କୁ ଜାହାଜରୁ ବାହାରକୁ ଯିବା ଲାଗି ଅନୁମତି ଦିଆଯାଇଛି। ଉକ୍ତ ଜାହାଜରେ ମୋଟ ୧୩୮ ଜଣ ଭାରତୀୟ ଥିଲେ।

**ଜାପାନ ଜାହାଜରେ ତୃତୀୟ ଭାରତୀୟ ସଂକ୍ରମିତ**

ଭାରତରେ କରୋନା ଭୂତାଣୁଜନିତ ସ୍ଥିତି ନିୟନ୍ତ୍ରଣାଧୀନ ରହିଥିବା କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ପ୍ରୀତି ସୂଦନ କହିଛନ୍ତି। ଶୁକ୍ରବାର କରୋନା ନିରାକରଣ ଓ ପରିଚାଳନା ପ୍ରସ୍ତୁତି ସମ୍ପର୍କିତ ସମୀକ୍ଷା ବୈଠକ ପରେ ସେ ଏହି ସୂଚନା ଦେଇଛନ୍ତି। ଏହି ଭିଡିଓ କନ୍‌ଫରେନ୍ସ ବୈଠକରେ ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ସ୍ୱାସ୍ଥ୍ୟ ସଚିବଙ୍କ ସମେତ ଜାହାଜ ଚଳାଚଳ, ବହିର୍ବ୍ୟାପାର, ବେସାମରିକ ଜାହାଜ ଚଳାଚଳ ଓ ପର୍ଯ୍ୟଟନ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ ସାମିଲ ହୋଇଥିଲେ।

## ୨୦୧୭ରେ ଓଡ଼ିଶାକୁ ହସ୍ତଶିଳ୍ପ କ୍ଷେତ୍ରରେ ସର୍ବାଧିକ ପୁରସ୍କାର

**ଭୁବନେଶ୍ୱର, ୧୪।୨(ବ୍ୟୁରୋ):** ୨୦୧୭ ମସିହା ପାଇଁ ଓଡ଼ିଶାର ୫ ହସ୍ତଶିଳ୍ପୀ ରାଷ୍ଟ୍ରୀୟ ପୁରସ୍କାର ଓ ୩ ଜଣ ରାଷ୍ଟ୍ରୀୟ ମେରିଟ୍ ସାର୍ଟିଫିକେଟ୍ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଗୋଟିଏ ବର୍ଷରେ ଓଡ଼ିଶାରୁ ୮ ଶିଳ୍ପୀ ଜାତୀୟସ୍ତରୀୟ ପୁରସ୍କାର ପାଇଁ ମନୋନୀତ ହେବା ବିଗତ ୨୫ ବର୍ଷ ମଧ୍ୟରେ ସର୍ବାଧିକ ବୋଲି ରାଜ୍ୟ ହସ୍ତତନ୍ତ ବୟନ ଓ ହସ୍ତଶିଳ୍ପ ବିଭାଗ ମନ୍ତ୍ରୀ ପଦ୍ମିନୀ ଦିଆନ କହିଛନ୍ତି। ଶୁକ୍ରବାର ଜନତା ମଇଦାନରେ ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ କାର୍ଯ୍ୟକ୍ରମରେ ମନ୍ତ୍ରୀ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ଶିଳ୍ପୀମାନଙ୍କ ସହ ଆଲୋଚନା କରିବା ସହ ସେମାନଙ୍କୁ ସମ୍ମାନିତ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ କହିଛନ୍ତି, ୧୯୬୭ରୁ ୨୦୧୭ ପର୍ଯ୍ୟନ୍ତ ଆମ ରାଜ୍ୟର ହସ୍ତଶିଳ୍ପୀମାନେ ସମୁଦାୟ ୧୬୫ଟି ଜାତୀୟ ହସ୍ତଶିଳ୍ପ ପୁରସ୍କାର ଓ ଜାତୀୟ ମେରିଟ୍ ସାର୍ଟିଫିକେଟ୍ ପାଇଛନ୍ତି। ଏହାଛଡ଼ା ଓଡ଼ିଶାରୁ ୧୧ ଶିଳ୍ପଗୁରୁ, ୩ ପଦ୍ମଶ୍ରୀ ଓ ଜଣେ ପଦ୍ମ ବିଭୂଷଣ ପାଇବାର କୃତିତ୍ୱ ହାସଲ କରିଛନ୍ତି ବୋଲି ମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ସୂଚନାଯୋଗ୍ୟ, ଆସନ୍ତା ୧୬ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀରେ ୧୦୪ ଷ୍ଟଲ୍ ନିର୍ମାଣ କରାଯାଇଛି। ଓଡ଼ିଶା ସରକାରଙ୍କ ଦ୍ୱାରା ଅନୁମୋଦିତ ୫୦ ହସ୍ତଶିଳ୍ପ ମଧ୍ୟରୁ ପ୍ରାୟ ୨୮ ହସ୍ତଶିଳ୍ପକୁ ନେଇ ୨୩ ଜିଲାର କାରିଗରମାନେ ପ୍ରଦର୍ଶନୀରେ ଭାଗ ନେଇଛନ୍ତି। ଉତ୍ସବରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ସ୍ୱତନ୍ତ୍ର ସଚିବ ଶ୍ରୀକାନ୍ତ ପ୍ରୁଷ୍ଟି, ହସ୍ତଶିଳ୍ପ ଓ କୁଟୀର ଶିଳ୍ପ ନିର୍ଦ୍ଦେଶକ, ବି. କେ. ଦାଶ, ବିଭାଗୀୟ ଅତିରିକ୍ତ ସଚିବ ବୃନ୍ଦାବନ ବେହେରା, ବିଭାଗୀୟ ଯୁଗ୍ମ ସଚିବ ଅଞ୍ଜନା ପଣ୍ଡା ଉପସ୍ଥିତ ଥିଲେ।



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

ରାଜ୍ୟ-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପ୍ରାୟ ସମସ୍ତ ଜିଲାରେ ପାଗ ଶୁଖିଲା ରହିବ। ସ୍ଥାନୀୟ ଅଞ୍ଚଳ-ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ପାଗ ମୁଖ୍ୟତଃ ଶୁଖିଲା ରହିବା ସହ ଥଣ୍ଡା ଅନୁଭୂତ ହେବ। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୪ ଡିଗ୍ରୀ ଏବଂ ସର୍ବନିମ୍ନ ୧୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୧.୫ | ୧୩.୦ |
| ଚାନ୍ଦବାଲି | ୩୨.୦ | ୧୫.୦ |
| କଟକ | ୩୨.୮ | ୧୪.୫ |
| ପାରାଦୀପ | ୩୨.୨ | ୧୮.୮ |
| ଭୁବନେଶ୍ୱର | ୩୪.୨ | ୧୪.୫ |
| ଗୋପାଳପୁର | ୨୯.୬ | ୧୭.୩ |
| ପୁରୀ | ୨୯.୮ | ୧୮.୬ |
| ଅନୁଗୋଳ | ୩୨.୧ | ୧୦.୬ |
| ବାରିପଦା | ୩୩.୦ | ୧୩.୬ |
| ଝାରସୁଗୁଡ଼ା | ୩୨.୬ | ୧୩.୦ |
| କେନ୍ଦୁଝର | ୩୦.୫ | ୧୪.୬ |
| ସମ୍ବଲପୁର | ୩୧.୩ | ୧୩.୪ |
| ସୁନ୍ଦରଗଡ଼ | ୩୦.୦ | ୧୪.୦ |
| ହୀରାକୁଦ | ୩୧.୦ | ୧୪.୧ |
| ତାଳଚେର | -- | ୧୪.୪ |
| ଭବାନୀପାଟଣା | ୩୩.୬ | ୧୨.୫ |
| ବଲାଙ୍ଗୀର | ୩୩.୫ | ୧୫.୦ |
| କୋରାପୁଟ | ୩୦.୬ | ୧୨.୦ |
| ଫୁଲବାଣୀ | ୩୧.୦ | ୧୦.୩ |
| ଟିଟିଲାଗଡ଼ | ୩୪.୨ | ୧୧.୧ |
| ମାଲକାନଗିରି | ୩୫.୦ | ୧୪.୮ |
| ସୋନପୁର | ୩୨.୨ | ୯.୬ |
| ଦାରିଙ୍ଗିବାଡ଼ି | ୨୭.୦ | ୧୩.୫ |

ଡିଗ୍ରୀ ସେଲ୍‌ସିୟସ୍

ପ୍ରଥମ ପୃଷ୍ଠାରୁ...

## 'ଦୃଢ଼ ଇଚ୍ଛାଶକ୍ତିରେ ଚାଲିଛି ...

ହେଉଛି 'ମୋ ସରକାର' କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ୫-ଟି (ଟେକ୍ନୋଲୋଜି, ଟ୍ରାନ୍ସପରେନ୍ସି, ଟିମ୍ ୱାର୍କ, ଟାଇମ ଓ ଟ୍ରାନ୍ସଫର୍ମେଶନ) ପ୍ରଶାସନର ମୂଳମନ୍ତ୍ର ପାଲଟିଛି। ୫-ଟି ଏବଂ ମୋ ସରକାର ଭଳି ଅଭିନବ କାର୍ଯ୍ୟକ୍ରମ ସରକାରଙ୍କ ଦୃଢ ଇଚ୍ଛାଶକ୍ତି ସହ କାର୍ଯ୍ୟକାରୀ ହେଉଛି। ନୂତନ ଓଡ଼ିଶା ଗଠନ କରିବା ଦିଗରେ ପରିବର୍ତ୍ତନ ଉପରେ ଧ୍ୟାନଦେଇ ଏବଂ ଲୋକଙ୍କ ସେବା ପ୍ରତି ଉତ୍ସର୍ଗୀକୃତ ମନୋଭାବ ନେଇ ସରକାର କାର୍ଯ୍ୟ କରି ଚାଲିଛନ୍ତି। କେବଳ ସେତିକି ନୁହେଁ, ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ଆଧାରିତ ଅନ୍ତ୍ୟୋଦୟ ନୀତିକୁ ପ୍ରାଥମିକତା ଦେଇ ବିଭିନ୍ନ ଜନକଲ୍ୟାଣ ଯୋଜନା ପ୍ରଣୟନ ଓ ଏହାକୁ କାର୍ଯ୍ୟକାରୀ କରିବା ଦିଗରେ ସରକାର ପ୍ରତିଶ୍ରୁତିବଦ୍ଧ। ଶୁକ୍ରବାର ବିଧାନସଭା ବଜେଟ ଅଧିବେଶନର ଆରମ୍ଭ ଦିବସରେ ଅଭିଭାଷଣ ରଖି ରାଜ୍ୟପାଳ ଗଣେଶୀ ଲାଲ ସରକାରଙ୍କ ଏମିତି ଗୁଣଗାନ କରିବା ସହ ରାଜ୍ୟ ବିକାଶର ରଙ୍ଗିନ ଚିତ୍ର ଆଙ୍କିଛନ୍ତି।

ରାଜ୍ୟପାଳ ନିଜ ଅଭିଭାଷଣରେ କହିଥିଲେ ଯେ, ୨୦୦୦ରୁ ଓଡ଼ିଶାକୁ ବିକାଶର ଏକ ନୂତନ ଶିଖରରେ ପହଞ୍ଚାଇବାକୁ ସରକାର କଠିନ ପରିଶ୍ରମ କରୁଛନ୍ତି। ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ପରମ୍ପରା, ଇତିହାସ ଏବଂ ଐତିହ୍ୟ କ୍ଷେତ୍ରର ସଂରକ୍ଷଣ ଏକାନ୍ତ ଅପରିହାର୍ଯ୍ୟ। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶାର ପ୍ରାଣ କେନ୍ଦ୍ର ପୁରୀ ଶ୍ରୀମନ୍ଦିର ଏବଂ ଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱରେ ଥିବା ଭିତ୍ତିଭୂମିର ବ୍ୟାପକ ପରିବର୍ତ୍ତନ ପାଇଁ ଐତିହାସିକ ପଦକ୍ଷେପ ନିଆଯାଇଛି।

କୃଷକମାନଙ୍କର ଆୟକୁ ବହୁଗୁଣିତ କରିବା ଲକ୍ଷ୍ୟରେ ଜାତୀୟ ଏଜେଣ୍ଡା କାର୍ଯ୍ୟକାରୀ କରାଯାଇଛି। କୃଷି କ୍ଷେତ୍ରର ସମସ୍ତ ସେବାଗୁଡିକୁ ୫-ଟି ଓ ମୋ ସରକାର ଅଧୀନରେ ଅନ୍ତର୍ଭୁକ୍ତ କରାଯାଇଛି। ଏହି କାର୍ଯ୍ୟକୁ ଆଗେଇ ନେବା ପାଇଁ ପ୍ରତ୍ୟେକ ଜିଲାରେ ମୋ ସରକାର ଡେସ୍କ ସ୍ଥାପନ କରାଯାଇଛି। କୃଷି ଉଦ୍ୟୋଗକୁ ପ୍ରୋତ୍ସାହନ ଦେବାକୁ 'ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା' କାର୍ଯ୍ୟକାରୀ କରାଯାଇଛି। ସମସ୍ତ କୃଷି କାର୍ଯ୍ୟଜନିତ ଆବଶ୍ୟକତା ପାଇଁ ପ୍ରାଥମିକ ସମବାୟ ସମିତିଗୁଡିକୁ ଏକକ ସମାଧାନ କେନ୍ଦ୍ର ଭାବେ ପରିବର୍ତ୍ତନ କରାଯାଇଛି। ୨୦୨୦-୨୧ରେ ସରକାର ୧.୮୪ ଲକ୍ଷ ହେକ୍ଟର ଜମିକୁ ଜଳସେଚନ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଥିବା ରାଜ୍ୟପାଳ ଉଲ୍ଲେଖ କରିଛନ୍ତି। ସେହିପରି ୧୨ ହଜାର ଅଚଳ ଉଠାଜଳସେଚନକୁ କାର୍ଯ୍ୟକ୍ଷମ କରାଯିବା ସହ ୨୦୦କ୍ଷୁଦ୍ର ଜଳସେଚନ ଭଣ୍ଡାର ଉନ୍ନତୀକରଣ କାର୍ଯ୍ୟ ହାତକୁ ନିଆଯିବାକୁ ଲକ୍ଷ୍ୟ ରଖାଯାଇଛି। ୨୦୨୪ ସୁଦ୍ଧା ଗ୍ରାମାଞ୍ଚଳର ପ୍ରତ୍ୟେକ ପରିବାରକୁ ଦୈନିକ ସର୍ବନିମ୍ନ ୭୦ ଲିଟର ଟ୍ୟାପ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯିବ। ୪୮ ଲକ୍ଷ ୩୮ ହଜାର ୫୪୮ ଜଣଙ୍କୁ ସାମାଜିକ ସୁରକ୍ଷା ଭତ୍ତା ଯୋଗାଇ ଦିଆଯାଇଛି। ହସ୍ତଶିଳ୍ପକୁ ପ୍ରୋତ୍ସାହନ ଦେବା ପାଇଁ ଓଡ଼ିଶା ହସ୍ତଶିଳ୍ପ ନୀତି-୨୦୧୯ ପ୍ରଚଳନ କରାଯାଇଛି। ପିଲାମାନଙ୍କୁ ରୋଜଗାରକ୍ଷମ କରିବା ପାଇଁ ସରକାର ନବମ ଶ୍ରେଣୀରୁ ଧନ୍ଦାମୂଳକ ଶିକ୍ଷା ପ୍ରଚଳନ କରାଯାଇଛି।

ରାଜ୍ୟର ଆର୍ଥିକ ସ୍ଥିତି ଭଲ ଅବସ୍ଥାକୁ ଆସିଛି। ଏ ସମ୍ପର୍କରେ ସୂଚନା ଦେଇ ରାଜ୍ୟପାଳ କହିଛନ୍ତି ଯେ, ସରକାର ଋଣଗ୍ରସ୍ତ ଅବସ୍ଥାରୁ ମୁକୁଳି ପାରିଛନ୍ତି। ୨୦୦୨-୦୩ରେ ମୋଟ ଘରୋଇ ଋଣ ଅନୁପାତ ୫୦.୭ ପ୍ରତିଶତ ଥିବା ବେଳେ ୨୦୧୮-୧୯ରେ ଏହା ୧୬.୮ ପ୍ରତିଶତକୁ ଖସି ଆସିଛି। ରାଜସ୍ୱ ପ୍ରାପ୍ତି ଓ ଦେୟ ସୁଧ ଅନୁପାତ ୨୦୦୧-୦୨ରେ ୪୦.୨ ପ୍ରତିଶତ ଥିବା ବେଳେ ୨୦୧୮-୧୯ରେ ଏହା ୫.୮ ପ୍ରତିଶତକୁ ହ୍ରାସ ପାଇଛି। ବଜେଟ ପୁସ୍ତକକୁ ବନ୍ଦ କରି ଡିଜିଟାଲ ପ୍ରକ୍ରିୟାରେ କରାଯାଇଥିବାରୁ ୫୭ ଲକ୍ଷ ପୃଷ୍ଠାର କାଗଜ ମୁଦ୍ରଣ ରୋକାଯାଇପାରିଛି। ଏହାଦ୍ୱାରା ବର୍ଷକୁ ପ୍ରାୟ ୭ ହଜାର ବୃହତ ବୃକ୍ଷ ବଞ୍ଚିଯାଇପାରିବ। ଆଗାମୀ ଦିନରେ ସବୁଜ ଅଭିଯାନର ଅଂଶ ଭାବେ ବିନା କାଗଜରେ ବଜେଟ ପ୍ରସ୍ତୁତ କରାଯିବ। ଭିତ୍ତିଭୂମି ସୁଦୃଢ଼ କରିବାକୁ ସରକାର ଚଳିତ ଆର୍ଥିକ ବର୍ଷରେ ଗ୍ରାମାଞ୍ଚଳରେ ୯୨୩୦ କିମି ରାସ୍ତା ଏବଂ ୨୭୫ ସେତୁ ନିର୍ମାଣ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଜାଗା ମିଶନରେ ବସ୍ତିବାସିନ୍ଦାଙ୍କୁ ଘରଡିହ ପଟ୍ଟା ଦେଇ ସରକାର ଜାତୀୟସ୍ତରରେ ସମ୍ମାନିତ ହୋଇଛନ୍ତି। ୨୪ ଘଣ୍ଟିଆ ବିଦ୍ୟୁତ୍ ଯୋଗାଣଠାରୁ ଆରମ୍ଭ କରି ଶିଳ୍ପ ଓ ପୁଞ୍ଜିନିବେଶକୁ ଆକୃଷ୍ଟ କରିବା ସକାଶେ ସରକାର ଇଜ୍ ଅଫ୍ ଡୁଇଙ୍ଗ ବିଜ୍‌ନେସ୍ ଆରମ୍ଭ କରିଛନ୍ତି। ଏଥିସହିତ ଆସନ୍ତା ନଭେମ୍ବର ୩୦ରୁ ଡିସେମ୍ବର ୨ ମଧ୍ୟରେ ମେକ୍ ଇନ ଓଡ଼ିଶା କନ୍‌କ୍ଲେଭର ୩ୟ ସଂସ୍କରଣ ଅନୁଷ୍ଠିତ ହେବ। ପର୍ଯ୍ୟଟନର ବିକାଶ ପାଇଁ ସରକାର ଶାମୁକା ବେଳାଭୂମି ପ୍ରକଳ୍ପ କରିଛନ୍ତି। ୨୦୨୦ରୁ ଏହା କାର୍ଯ୍ୟକାରୀ ହେବ। କ୍ରୀଡାର ବିକାଶ ସମ୍ପର୍କରେ ସୂଚନା ଦେଇ ରାଜ୍ୟପାଳ କହିଛନ୍ତି ଯେ, ଭୁବନେଶ୍ୱରରେଠାରେ ଚଳିତବର୍ଷ ୧୭ ବର୍ଷରୁ କମ୍ ମହିଳା ବିଶ୍ୱକପ୍ ଆୟୋଜନ କରାଯିବ। ଏଥିସହିତ ୨୦୨୩ରେ ପୁରୁଷ ହକି ବିଶ୍ୱକପ୍ ଭୁବନେଶ୍ୱର ଏବଂ ରାଉରକେଲାଠାରେ ଆୟୋଜନ କରାଯିବ।

# ବିଦ୍ୟୁତଜନିତ ଜୀବନହାନି ହ୍ରାସ କରିବା ଉପରେ ଗୁରୁତ୍ୱ


ଶକ୍ତି ବିଭାଗର ଗୁରୁତ୍ୱପୂର୍ଣ୍ଣ ବୈଠକରେ ବିଭାଗୀୟ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର , ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ଓ ଅନ୍ୟମାନେ।

ଭୁବନେଶ୍ୱର,୧୪।୨(ବ୍ୟୁରୋ)

ସମ୍ବେଦନଶୀଳ ବିଦ୍ୟୁତ୍ ସରବରାହ ସ୍ଥାନଗୁଡ଼ିକୁ ଚିହ୍ନଟ କରି ଭବିଷ୍ୟତରେ କୌଣସି ଦୁର୍ଘଟଣାକୁ ଏଡ଼ାଇବା ପାଇଁ ତୁରନ୍ତ ପଦକ୍ଷେପ ନେବା ପାଇଁ ଶକ୍ତିମନ୍ତ୍ରୀ କ୍ୟାପ୍ଟେନ୍ ଦିବ୍ୟ ଶଙ୍କର ମିଶ୍ର ସମସ୍ତ ଜିଲାପାଳ, ଆରକ୍ଷୀ ଅଧୀକ୍ଷକ ଏବଂ ସମ୍ପୃକ୍ତ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଲୋକସେବା ଭବନରେ ଆୟୋଜିତ ଏକ ଭିଡିଓ କନ୍ଫରେନ୍ସିଂରେ ମନ୍ତ୍ରୀ କ୍ୟାପ୍ଟେନ୍ ମିଶ୍ର ସମସ୍ତ ଜିଲାର ଜିଲାପାଳ, ଆରକ୍ଷୀ ଅଧୀକ୍ଷକ, ବିଦ୍ୟୁତ୍ ବିଭାଗ ଓ ସମ୍ପୃକ୍ତ ବିଭାଗର ସମସ୍ତ ଅଧିକାରୀଙ୍କ ସହିତ ଆଲୋଚନା କରିଛନ୍ତି। ଲୋକପ୍ରତିନିଧିମାନଙ୍କ ସହିତ ଯୋଗସୂତ୍ର ରକ୍ଷା କରି ରାଜ୍ୟର ପ୍ରତ୍ୟେକ କୋଣ-ଅନୁକୋଣରେ ସମ୍ବେଦନଶୀଳ ବିଦ୍ୟୁତ୍ ସରବରାହକୁ ଠିକ୍ ରୂପେ ଏବଂ ନିୟମ ଅନୁଯାୟୀ ରହିଛି ନା ନାହିଁ ତା'ର ଏକ ରିପୋର୍ଟ ଦେବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଭବିଷ୍ୟତରେ ଏପରି ଦୁର୍ଘଟଣା ଯେପରି ନ ଘଟେ ସେଥିପ୍ରତି ବିଭାଗ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯିବ ବୋଲି କୁହାଯାଇଛି। ଏଥି ପାଇଁ ଅର୍ଥର କୌଣସି ଅଭାବ ନ ଥିବା ବୈଠକରୁ ଜଣାପଡିଛି। ରାସ୍ତାର ୨୦ ଫୁଟ୍ ଉଚ୍ଚରେ ୧୧କେଭି ତାର ରହିବା ଆବଶ୍ୟକ। ରାସ୍ତା ପାର୍ଶ୍ୱରେ ବିଦ୍ୟୁତ୍ ତାର ୧୯ ଫୁଟ ଏବଂ ଅନ୍ୟ ସ୍ଥାନରେ ୧୫ ଫୁଟ ଉଚ୍ଚରେ ରହିବା ଉଚିତ। ଏହି ନିୟମ ଯେଉଁଠାରେ ଅନୁପାଳନ ହୋଇନାହିଁ ଅଥବା କମ୍ ଉଚ୍ଚତାରେ ତାରଗୁଡ଼ିକ ରହିଛି, ସେସବୁ ସରକାରଙ୍କ ଦୃଷ୍ଟିକୁ ଆଣି ତୁରନ୍ତ ଏ ଦିଗରେ ପଦକ୍ଷେପ ନେବା ପାଇଁ ପରାମର୍ଶ ଦିଆଯାଇଛି। ଏ ଦିଗରେ ବ୍ୟତିକ୍ରମ ଦେଖାଗଲେ ସମ୍ପୃକ୍ତ ଅଧିକାରୀ, କର୍ମଚାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ଆଲୋଚନାରେ ଅଂଶଗ୍ରହଣ କରି ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀ କହିଥିଲେ ଯେ, ନିକଟରେ ଘଟିଯାଇଥିବା ଦୁର୍ଘଟଣା ବିଷୟରେ ସମସ୍ତେ ଗୁରୁତ୍ୱ ଦେଇଛନ୍ତି।

## ଖୁବ୍‌ଶୀଘ୍ର ଚିହ୍ନଟ ହେବ ସମ୍ବେଦନଶୀଳ

ଓଡ଼ିଶାରେ ମଣିଷ ଜୀବନ ସହିତ ପଶୁ ସମ୍ପଦର ମଧ୍ୟ ବିଦ୍ୟୁତ ଦୁର୍ଘଟଣା ଘଟି ଅନେକ ଜୀବନହାନି ଘଟୁଛି। ଏଣୁ ଏଥି ପ୍ରତି ସରକାର ଗୁରୁତ୍ୱ ଦେଇଛନ୍ତି। ଏ ଦିଗରେ ରହିଥିବା ସମସ୍ତ ପ୍ରତିବନ୍ଧକ ଦୂର କରାଯିବ। ଏହି କାର୍ଯ୍ୟଟିକୁ ସମସ୍ତଙ୍କ ସହଯୋଗ କ୍ରମେ ସୀମିତ ସମୟରେ ଶେଷ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ସମସ୍ତ ଜିଲାପାଳ ନିଜ ସ୍ତରରେ ଏହାକୁ ଗୁରୁତ୍ୱ ସହକାରେ ବିଚାର କରି ନିଜ ଅଞ୍ଚଳରେ ବରିଷ୍ଠ ଅଧିକାରୀମାନଙ୍କୁ ନିୟୋଜିତ ସହ ସପ୍ତାହକ ମଧ୍ୟରେ ତଦନ୍ତ କରି ତା'ର ସ୍ଥିତି ସମ୍ପର୍କିତ ତଥ୍ୟ ବିଦ୍ୟୁତ ବିଭାଗକୁ ଦେବାକୁ ତାଗିଦ୍ କରାଯାଇଛି। ସେହିଭଳି କ'ଣ କଲେ ଏଭଳି ଗମ୍ଭୀର ସମସ୍ୟାର ସମାଧାନ ହୋଇପାରିବ ଏବଂ ଏଭଳି ଘଟଣାର ପୁନରାବୃତ୍ତି ହେବ ନାହିଁ, ସେଥି ପ୍ରତି ଦୃଷ୍ଟି ଦେବାକୁ ସମସ୍ତ ଜିଲାପାଳଙ୍କୁ ଅବଗତ କରାଇଥିଲେ। ଶକ୍ତି ବିଭାଗର ଶାସନ ସଚିବ ବିଷ୍ଣୁପଦ ସେଠୀ ବିଦ୍ୟୁତ୍ ତାର କିଭଳି ଭାବେ ରହିବା ଉଚିତ ତା'ର ନୀତି ନିୟମ ଖାମଖିଆଲିକୁ କୌଣସି ମତେ ବରଦାସ୍ତ କରାଯିବ ନାହିଁ ବୋଲି କହିଥିଲେ। ସେସୁର ମୁଖ୍ୟ ନିର୍ବାହୀ ଅଧିକାରୀ ଡ. ସୌରଭ ଗର୍ଗ ଓପିଟିସିଏଲ୍‌ର ସହକାରୀ ଯନ୍ତ୍ରୀ, ଅଧୀକ୍ଷଣ ଯନ୍ତ୍ରୀମାନଙ୍କୁ ମଧ୍ୟ ଏହି କାର୍ଯ୍ୟରେ ନିୟୋଜିତ କରାଯିବ ବୋଲି କହିଥିଲେ। ସେସୁର ମୁଖ୍ୟ କାର୍ଯ୍ୟନିର୍ବାହୀ ଅରୁଣ ବୋଥ୍ରା ଜଣାଇଥିଲେ 'ଫନୀ' ବାତ୍ୟା ପ୍ରଭାବିତ ଅଞ୍ଚଳରେ ରହିଥିବା କାର୍ଯ୍ୟ ତୁରନ୍ତ ଶେଷ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ କହିଥିଲେ। ୧୧ କେଭି ଏବଂ ଏଲ୍‌ଟି ଲାଇନ୍‌ଗୁଡ଼ିକୁ ସୁଦୃଢ଼ କରିବା, ହାତୀ ଚଳପ୍ରଚଳ (କରିଡର) ଅଞ୍ଚଳଗୁଡ଼ିକରେ ରହିଥିବା ଉଚ୍ଚକ୍ଷମତାସମ୍ପନ୍ନ ବିଦ୍ୟୁତ ଲାଇନ୍‌ର ଉନ୍ନତୀକରଣ ଓ ସଂସ୍ଥାପନ କରିବା, ଶିଶୁମାନଙ୍କ ସୁରକ୍ଷା ଦୃଷ୍ଟିକୋଣରୁ ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ର ପରିସରରେ ରହିଥିବା ଟ୍ରାନ୍ସମିଶନ ଲାଇନ୍ ଏବଂ ଟ୍ରାନ୍ସଫର୍ମରଗୁଡ଼ିକ ସ୍ଥାନାନ୍ତର କରିବା ନେଇ ଆଲୋଚନା ହୋଇଛି। ବୈଠକ ପୂର୍ବରୁ ମେଣ୍ଟରାଜପୁର ଡଙ୍ଗଲପାଡ଼ୁ ଗ୍ରାମ୍ୟ ରାସ୍ତାରେ ଘଟିଥିବା ଦୁର୍ଘଟଣାରେ ମୃତକଙ୍କ ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲ । । ଶନିବାର ଶକ୍ତିମନ୍ତ୍ରୀ କ୍ୟାପ୍ଟେନ୍ ମିଶ୍ର କଟକ ସ୍ଥିତ ଏସ୍‌ସିବି ମେଡିକାଲ୍‌ରେ ଚିକିତ୍ସିତ ହେଉଥିବା ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିମାନଙ୍କ ଚିକିତ୍ସା ସମ୍ପର୍କରେ ବୁଝିବା ପାଇଁ କଟକ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ବୈଠକରେ ସ୍ୱରାଷ୍ଟ୍ର ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ ଚୋପ୍ରା ଏବଂ ସମ୍ପୃକ୍ତ ବିଭାଗୀୟ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ।

# ଅଟକିଲା ଢେଙ୍କାନାଳ

- ୧୨ଘଣ୍ଟିଆ ବନ୍ଦକୁ ଅଭୂତପୂର୍ବ ସମର୍ଥନ
- ଚକ ଅଖ ସବୁ ବନ୍ଦ, ଜୀବନଯାତ୍ରା ବ୍ୟାହତ
- ସ୍ୱାଭାବିକ ଭାବେ ଗଡ଼ିଲା ଟ୍ରେନ୍

ଢେଙ୍କାନାଳ ଅଫିସ, ୧୪।୨

ଚକ ଅଖ ସବୁ ବନ୍ଦ। ରାସ୍ତାଘାଟ ଶୂନଶାନ। ଗଡ଼ିଲାନି ଗାଡ଼ି। ଅଟକିଗଲା ଜୀବନଯାତ୍ରା। ବାଜିଚୌକସ୍ଥିତ ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସିଟି ହସ୍ପିଟାଲ ମାନ୍ୟତା ଏବଂ ନୂତନ ଜିଲା ମୁଖ୍ୟ ଚିକିତ୍ସାଳୟକୁ ମେଡିକାଲ କଲେଜ କରିବା ଦାବିରେ ଶୁକ୍ରବାର ୧୨ଘଣ୍ଟିଆ ଢେଙ୍କାନାଳ ବନ୍ଦ ଡାକରାକୁ ମିଳିଛି ଅଭୂତପୂର୍ବ ସମର୍ଥନ। ଦଳମତ ନିର୍ବିଶେଷରେ ବନ୍ଦ ପାଳନରେ ଏକାଜୁଟ ହୋଇଥିଲେ ସହରବାସୀ। ଟ୍ରେନ୍ ଚଳାଚଳକୁ ବାଦ୍‌ଦେଲେ ବାକି ସବୁକିଛି ହୋଇଯାଇଥିଲା ଠପ୍।

୭ମହଲା ବିଶିଷ୍ଟ ନୂତନ ଜିଲା ଚିକିତ୍ସାଳୟ କାର୍ଯ୍ୟକ୍ଷମ ହେବା ପରେ ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଛି ବାଜିଚୌକସ୍ଥିତ ପୁରୁଣା ହସ୍ପିଟାଲ। ଏହାକୁ ସିଟି ହସ୍ପିଟାଲର ମାନ୍ୟତା ଦେଇ ଆନୁଷଙ୍ଗିକ ସୁବିଧା କରାଗଲେ ସହରବାସୀ ହାତପାହାନ୍ତାରେ ସ୍ୱାସ୍ଥ୍ୟସେବା ପାଇପାରିବେ। ସେହିପରି ରାଜ୍ୟର କେନ୍ଦ୍ରସ୍ଥଳରେ ଅବସ୍ଥିତ ତଥା ଶିଳ୍ପସମୃଦ୍ଧ ଏହି ଜିଲାରେ ମେଡିକାଲ କଲେଜ ଖୋଲିବା ସ୍ୱପ୍ନ ପୂରଣ ଦିଗରେ ସରକାର ଧ୍ୟାନ ଦେଉ ନ ଥିବା ଅଭିଯୋଗ ହେଉଛି। ତେଣୁ ନୂତନ ଜିଲା ମୁଖ୍ୟ ଚିକିତ୍ସାଳୟକୁ ମେଡିକାଲ କଲେଜର ମାନ୍ୟତା ଦେବାକୁ ଢେଙ୍କାନାଳବାସୀ ଦୀର୍ଘଦିନ ହେଲା ଏହି ଦାବି କରି ଆସୁଛନ୍ତି। ଏହାର ପ୍ରତିବାଦରେ ଶୁକ୍ରବାର ନାଗରିକ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସକାଳ ୬ଟାରୁ ସନ୍ଧ୍ୟା ୬ଟା ଯାଏ ୧୨ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଥିଲା।

ବନ୍ଦ ସଫଳ କରିବାକୁ ଏକଜୁଟ୍ ହୋଇଥିଲେ ଜିଲା ଓକିଲ ସଂଘ, ସଚେତନ ନାଗରିକ ଫୋରମ୍, ଚାମ୍ବର ଅଫ କମର୍ସ, ଜଗତ ଉଦ୍ଧାର ମଞ୍ଚ, ଜିଲା ସାମ୍ବାଦିକ ସଂଘ, ପ୍ରେସ କ୍ଲବ ସମେତ ବିଭିନ୍ନ ସାମାଜିକ ଓ ରାଜନୈତିକ ଅନୁଷ୍ଠାନ। ଫଳରେ ଏହାକୁ ଭରପୂର ସମର୍ଥନ ମିଳିଥିଲା। ସକାଳ ୬ଟାରୁ କମିଟି ସଦସ୍ୟ ୫୫ନଂ. ଜାତୀୟ ରାଜପଥର କଲେଜ ବାଇପାସ୍, କୋରିଆଁ ବାଇପାସ ଓ କଣ୍ଟାନାଳୀ ଛକରେ ରାସ୍ତା ଅବରୋଧ କରିଥିଲେ। ଆନ୍ଦୋଳନକାରୀମାନେ ପିକେଟିଂ କରି ଯାନବାହନ ଚଳାଚଳ, ବ୍ୟବସାୟିକ ପ୍ରତିଷ୍ଠାନ, ଔଷଧ ଦୋକାନ, ବ୍ୟାଙ୍କ, ପୋଷ୍ଟ ଅଫିସ, ସରକାରୀ ବେସରକାରୀ କାର୍ଯ୍ୟାଳୟ, ସିଭିଲ କୋର୍ଟ, ଜିଲା କାର୍ଯ୍ୟାଳୟ ବନ୍ଦ କରିଥିଲେ। ଏହାପରେ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ଏସ୍‌ପି ଅନୁପମା ଜେମ୍ସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୫ ପ୍ଲାଟୁନ ଫୋର୍ସ, ୨୫ ପୋଲିସ ଅଧିକାରୀ, ୫୦ ହୋମଗାର୍ଡ ନିୟୋଜିତ ହୋଇଥିଲେ।


ବନ୍ଦ ଯୋଗୁ ରାସ୍ତା ଶୂନ୍‌ଶାନ୍।


# ରେଳପଥ ଆଧୁନିକୀକରଣ ଯୋଗୁ ବାଧାପ୍ରାପ୍ତ ହେବ ଟ୍ରେନ୍ ଚଳାଚଳ

ଭୁବନେଶ୍ୱର,୧୪।୨(ବ୍ୟୁରୋ)

ଉତ୍ତର, କେନ୍ଦ୍ରୀୟ ଓ ଦକ୍ଷିଣ ପଶ୍ଚିମ ରେଳପଥ ପରିସୀମା ମଧ୍ୟରେ ସଂରକ୍ଷଣ ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ପାଇଁ ପୂର୍ବତଟ ରେଳପଥ ଏବଂ ଏହାର ପରିସୀମାରୁ ଛାଡ଼ିବାକୁ ଥିବା କେତେକ ଟ୍ରେନ ବାତିଲ, ଆଂଶିକ ବାତିଲ ଓ ମାର୍ଗ ପରିବର୍ତ୍ତନ କରି ଚଳାଚଳ କରିବ। ଉତ୍ତର ରେଳପଥର ହଜରତ ନିଜାମୁଦ୍ଦିନ-ପାଲୱାଲ ଷ୍ଟେଶନ ମଧ୍ୟରେ, କେନ୍ଦ୍ରୀୟ ରେଳପଥର ସୋଲାପୁର ରେଳମଣ୍ଡଳରେ ଏବଂ ଦକ୍ଷିଣ ପଶ୍ଚିମ ରେଳପଥର ବେଙ୍ଗାଲୁରୁ ରେଳମଣ୍ଡଳରେ ରେଳ ଭିତ୍ତିଭୂମି କାର୍ଯ୍ୟକ୍ଷମ କରିବା ପାଇଁ ଏହି ପରିବର୍ତ୍ତନ କରାଯିବ ବୋଲି ରେଳ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ବିଶାଖାପାଟଣା -ନିଜାମୁଦ୍ଦିନ-ବିଶାଖାପାଟଣା ସମତା ଏକ୍ସପ୍ରେସ ଭାୟା ରାୟଗଡା-ଟିଟିଲାଗଡ଼-ରାଇପୁର ବିଶାଖାପାଟଣାଠାରୁ ଫେବୃୟାରୀ ୨୭ ଏବଂ ନିଜାମୁଦ୍ଦିନଠାରୁ ୨୯ ତାରିଖ ଦିନ ଉଭୟ ଦିଗରୁ ବାତିଲ ରହିବ।

ସେହିଭଳି ବିଶାଖାପାଟଣା-ମୁମ୍ବାଇ ଏଲଟିଟି-ବିଶାଖାପାଟଣା ଏକ୍ସପ୍ରେସ ବିଶାଖାପାଟଣାଠାରୁ ଫେବୃୟାରୀ ୧୮ରୁ ୨୫ ଏବଂ ଏଲଟିଟିଠାରୁ ଫେବୃୟାରୀ ୧୯ରୁ ୨୬ ତାରିଖ ମଧ୍ୟରେ ଉଭୟ ଦିଗରୁ ପୁଣେ ଓ ଏଲ୍‌ଟିଟି ମଧ୍ୟରେ ବାତିଲ ରହିବ। ଏହା ସିକନ୍ଦରାବାଦ-ଲାଟୁର ରୋଡ଼-କୁର୍ଦ୍ଦୁଭାଡ଼ି-ଦୋଣ୍ଡ ଷ୍ଟେଶନ ମାର୍ଗରେ ଚଳାଚଳ କରିବ। ଭୁବନେଶ୍ୱରଠାରୁ ୧୬ତାରିଖରେ ଛାଡ଼ିବାକୁ ଥିବା ଏବଂ ବାଙ୍ଗାଲୋରଠାରୁ ୧୭ ତାରିଖରେ ଛାଡିବାକୁ ଥିବା ଭୁବନେଶ୍ୱର-ବେଙ୍ଗାଲୁରୁ ପ୍ରଶାନ୍ତି ଏକ୍ସପ୍ରେସ ଉଭୟ ଦିଗରୁ ଭୁବନେଶ୍ୱର ଓ ସତ୍ୟସାଇ ପ୍ରଶାନ୍ତି ନିଳୟମ ମଧ୍ୟରେ ଚଳାଚଳ କରିବ। ଏଥିସହ ସତ୍ୟସାଇ ପ୍ରଶାନ୍ତି ନିଳୟମ ଓ ବେଙ୍ଗାଲୁରୁ ମଧ୍ୟରେ ବାତିଲ କରାଯିବ। ହରିଦ୍ୱାର-ପୁରୀ -ହରିଦ୍ୱାର କଳିଙ୍ଗ ଉତ୍କଳ ଏକ୍ସପ୍ରେସ ହରିଦ୍ୱାରଠାରୁ ଫେବୃୟାରୀ ୨୬, ୨୮, ୨୯ ଓ ମାର୍ଚ୍ଚ ୧ ଏବଂ ପୁରୀଠାରୁ ଫେବୃୟାରୀ ୨୬ ଓ ୨୮ ତାରିଖରେ ପରିବର୍ତ୍ତିତ ମାର୍ଗ ମିରଟ ସିଟି-ଖୁରଜା-ଆଗ୍ରା କ୍ୟାଣ୍ଟ ମାର୍ଗରେ ଚଳାଚଳ କରିବ। ଭୁବନେଶ୍ୱର-ମୁମ୍ବାଇ-ଭୁବନେଶ୍ୱର କୋଣାର୍କ ଏକ୍ସପ୍ରେସ ଫେବୃୟାରୀ ୧୮ ରୁ ୨୫ ତାରିଖ ମଧ୍ୟରେ ଉଭୟ ପାର୍ଶ୍ୱରୁ ପରିବର୍ତ୍ତିତ ମାର୍ଗ ସିକନ୍ଦରାବାଦ-ବିକାରାବାଦ-ଲାଟୁରରୋଡ଼-କୁର୍ଦ୍ଦୁଭାଡ଼ି-ଦୋଣ୍ଡ ମାର୍ଗ ଦେଇ ଚଳାଚଳ କରିବ। ସେହିଭଳି ପୁଣେ-ଭୁବନେଶ୍ୱର-ପୁଣେ ଏକ୍ସପ୍ରେସ ଭୁବନେଶ୍ୱରଠାରୁ ଫେବୃୟାରୀ ୧୮ ଓ ୨୫ ଏବଂ ପୁନେଠାରୁ ୨୦ତାରିଖ ଦିନ ଉଭୟ ପାର୍ଶ୍ୱରୁ ପରିବର୍ତ୍ତିତ ମାର୍ଗ ସିକନ୍ଦରାବାଦ-ବିକାରାବାଦ-ଲାଟୁର ରୋଡ଼ ଓ କୁର୍ଦ୍ଦୁଭାଡ଼ି ମାର୍ଗ ଦେଇ ଚଳାଚଳ କରିବ।

## ଜିଲା ଚିଠି
## ସମ୍ବଲପୁର



# ପୁରୁଣାକୁ ଅଣଦେଖା

ଚଳିତ ରେଳ ବଜେଟରେ ସମ୍ବଲପୁର ଜିଲାକୁ ମିଳିଥିବା ଅନୁଦାନ ଆଶାନୁରୂପକ ନୁହେଁ। ଦାବି ଓ ଆବଶ୍ୟକତାଠାରୁ କମ୍ ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି। ସମ୍ବଲପୁର ରେଳମଣ୍ଡଳ ଅଧୀନରେ ଅନେକ ପ୍ରକଳ୍ପ ଘୋଷଣା କରାଯାଇଛି। ହେଲେ ପୁରୁଣା ପ୍ରକଳ୍ପ ଉପରେ ଗୁରୁତ୍ୱ ଦିଆଯାଇ ନାହିଁ। କେବଳ ଦୋହରୀକରଣ ଉପରେ ଗୁରୁତ୍ୱ ଦିଆଯାଇଛି। ସମ୍ବଲପୁର ରେଳ ମଣ୍ଡଳ ଓ ପଶ୍ଚିମ ଓଡିଶା କ୍ଷେତ୍ରରେ ପୂର୍ବରୁ ଘୋଷିତ ଅନେକ ପ୍ରକଳ୍ପ ପାଇଁ ଅନୁଦାନ ଦିଆଯାଇନାହିଁ। ଗତବର୍ଷ ବଜେଟରେ ଘୋଷଣା ହୋଇଥିବା ରାୟପୁର-ଝାରସୁଗୁଡା ଭାୟା କନକତୁରା ନୂତନ ରେଳ ଲାଇନ ନେଇ କୌଣସି ଅନୁଦାନ ଘୋଷଣା ହୋଇ ନାହିଁ। ୩୧୦ କି.ମି. ବିଶିଷ୍ଟ ନୂତନ ରେଳପଥ ଗତବର୍ଷ ବଜେଟରେ କେବଳ ଘୋଷଣା ହୋଇଥିଲେ ହେଁ ଅର୍ଥ ବ୍ୟବସ୍ଥା ହୋଇପାରିଲାନାହିଁ। ସେହିପରି ଗତବର୍ଷ ମାନେଶ୍ୱରଠାରେ ଏକ ୱାଗନ ମରାମତି କାରଖାନା ତିଆରି ପାଇଁ ଘୋଷଣା ହୋଇଥିଲା। ହେଲେ କାମ ଆରମ୍ଭ ହୋଇ ପାରିଲାନାହିଁ। ଦୀର୍ଘଦିନର ଦାବି ଥିବା ସମ୍ବଲପୁର-ଗୋପାଳପୁର ଭାୟା ଫୁଲବାଣୀ ନୂତନ ରେଳପଥକୁ ମଞ୍ଜୁରୀ ମିଳିଛି। ସେହିପରି ବହୁ ଚର୍ଚ୍ଚିତ ଖୋର୍ଦ୍ଧା-ବଲାଙ୍ଗୀର ପ୍ରକଳ୍ପ ପାଇଁ ଏବର୍ଷର ବଜେଟରେ ସର୍ବାଧିକ ୫୨୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ମାନେଶ୍ୱର ଷ୍ଟେଶନ ନିକଟରେ ଏକ ୱାଗନ୍ ମରାମତି କେନ୍ଦ୍ର ପାଇଁ ଚଳିତ ବର୍ଷ ପୁଣି ଥରେ ମଞ୍ଜୁରୀ ମିଳିଛି। ୨ଟି ପୁରୁଣା ରେଳପଥର ଦୋହରୀକରଣ ପାଇଁ ମୋଟା ଅଙ୍କର ଅର୍ଥବ୍ୟବସ୍ଥା କରାଯାଇଛି। ହେଲେ ଏଥିରେ ପଶ୍ଚିମ ଓଡିଶାର କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ସାମିଲ କରାଯାଇଛି। ସମ୍ବଲପୁର-ଗୋପାଳପୁର ନୂତନ ରେଳପଥର ୨୪୧ କିମି ପାଇଁ ୧୯୫୭ କୋଟି ଟଙ୍କାର ଅର୍ଥ ବ୍ୟବସ୍ଥା କରାଯାଇଛି। ସେହିପରି ବହୁ ପ୍ରତୀକ୍ଷିତ ଖୋର୍ଦ୍ଧା-ବଲାଙ୍ଗୀର ରେଳପଥକୁ ଗତବର୍ଷ ୩୫୦ କୋଟି ଟଙ୍କା ମିଳିଥିବା ବେଳେ ଚଳିତ ବଜେଟରେ ସର୍ବାଧିକ ୫୧୦ କୋଟି ବ୍ୟୟ ବରାଦ କରାଯାଇଛି। ସମ୍ବଲପୁର-ତାଳଚେର ୧୭୪.୧୧ କି.ମି. ରେଳପଥର ଦୋହରୀକରଣ ପାଇଁ ୨୯୨ କୋଟି, ସମ୍ବଲପୁର-ଟିଟିଲାଗଡ ୧୮୨.୧୧ କି.ମି. ରେଳପଥର ଦୋହରୀକରଣ ପାଇଁ ୩୮୨ କୋଟି, ବୃନ୍ଦାବନ-ଝାରସୁଗୁଡା ଫ୍ଲାଏଓଭର ପାଇଁ ୧୦ କୋଟି, ରାୟପୁର-ଟିଟିଲାଗଡ ୨୦୩ କି.ମି. ରେଳପଥ ପାଇଁ ୧୪୬ କୋଟି, ଝାରସୁଗୁଡା-ବିଳାସପୁର ଚତୁର୍ଥ ଲାଇନର ୨୦୬ କି.ମି. ରେଳପଥ ପାଇଁ ୨୮୦ କୋଟି, ରାଉରକେଲା-ଝାରସୁଗୁଡା ତୃତୀୟ ଲାଇନ ପାଇଁ ୧୭୦ କୋଟି, ବନ୍ଧାମୁଣ୍ଡା-ରାଉରକେଲା ଚତୁର୍ଥ ଲାଇନ ପାଇଁ ୨୩ କୋଟି ଏବଂ ଛତିଶଗଡ ଚାମ୍ପାରୁ ଝାରସୁଗୁଡାକୁ ତୃତୀୟ ଲାଇନ ପାଇଁ ୨୦ କୋଟି ଟଙ୍କାର ବ୍ୟବରାଦ କରାଯାଇଛି। କଳାହାଣ୍ଡି ଜିଲାରେ ଇଲେକ୍ଟ୍ରିକ ଇଞ୍ଜିନ ଓଭରହଲିଂ ୱାର୍କସପ୍ ପାଇଁ ୧ କୋଟି ଟଙ୍କା ବ୍ୟବସ୍ଥା ହୋଇଛି। ବ୍ରଜରାଜନଗର ଏବଂ ବେଲପାହାଡରେ ଥିବା ଖୋଲା ମୁହଁ କୋଇଲା ଖଣିର ସାଇଡିଂକୁ ଯୋଡିବା ପାଇଁ ବ୍ୟୟ ବରାଦ ରହିଛି। ଏପରି ସ୍ଥିତିକୁ ନେଇ ସାଧାରଣ ଅସନ୍ତୋଷ ଲାଗି ରହିଛି।

- ଶୁଭାଶିଷ ପାଢୀ

# ଦୁବାଇରୁ ଫେରିଲା ଓଡ଼ିଆ ଶ୍ରମିକଙ୍କ ମୃତଦେହ

## ଓଡ଼ିଶା: ମୋ ପରିବାର ସଙ୍ଗଠନର ସହାୟତା

ଭୁବନେଶ୍ୱର,୧୪।୨(ବ୍ୟୁରୋ)

ଦୁବାଇସ୍ଥିତ ହୋଟେଲ ରାମାଡ ପ୍ଲାଜାରେ ହୋଇଥିବା ଏକ ଦୁର୍ଘଟଣାରେ ଓଡ଼ିଆ ଯୁବକ ତପନ ଭୋଳଙ୍କ ଗତ ୬ ତାରିଖରେ ମୃତ୍ୟୁ ହୋଇଥିଲା। ସେ କେନ୍ଦ୍ରାପଡା ଜିଲା ପୋଖରୀଆପଡା ଗାଁର ବାସିନ୍ଦା। ଓଡ଼ିଶା: ମୋ ପରିବାର ସଙ୍ଗଠନ ସହାୟତା ଫଳରେ ଭୋଳଙ୍କ ମରଶରୀର ଜନ୍ମମାଟିକୁ ଫେରିପାରିଛି। ସ୍ୱର୍ଗତ ତପନଙ୍କ ସାନ ଭାଇ ସମୀର ଭୋଳ ମୋ ପରିବାର ସଙ୍ଗଠନ ହେଲ୍ପ ଲାଇନ୍ ଜରିଆରେ ସହାୟତା ଆଶା କରିଥିବା ଜଣାପଡିଛି। ସମୀରଙ୍କଠାରୁ ତପନଙ୍କ ମୃତ୍ୟୁ ବାବଦ ଖବର ପାଇବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶବ ଫେରାଇବା ପାଇଁ ପ୍ରକ୍ରିୟା ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ମୁଖ୍ୟମନ୍ତ୍ରୀଙ୍କ ଏହି ନିର୍ଦ୍ଦେଶକ୍ରମେ ସଙ୍ଗଠନର ଆବାହକ ଅରୂପ ପଟ୍ଟନାୟକ କେନ୍ଦ୍ରାପଡା ଜିଲାର ରାଜନଗର ବିଧାୟକ ଧ୍ରୁବ ସାହୁଙ୍କୁ ଯୋଗାଯୋଗ କରିଥିଲେ। ଏହା ପରେ ମୋ ପରିବାର ଆଇନ ପରାମର୍ଶଦାତା ଅବନୀ ସାହୁ ନୂଆଦିଲ୍ଲୀସ୍ଥିତ ଓଡ଼ିଶା ଆବାସିକ କମିଶନରଙ୍କ ପାଖରେ ଉପସ୍ଥାପନ କରିଥିଲେ। ଏଥିସହ ବିଜେଡି ରାଜ୍ୟ ସଭା ଏମ୍‌ପି ସସ୍ମିତ ପାତ୍ର ବୈଦେଶିକ ମନ୍ତ୍ରଣାଳୟ ସହ ଯୋଗାଯୋଗ କରି ଶବ ଫେରାଇ ଆଣିବା ପାଇଁ ଚେଷ୍ଟା କରିଥିଲେ। ଉପରୋକ୍ତ ସମସ୍ତ ଚେଷ୍ଟା ପରେ ତପନଙ୍କ ମୃତଦେହ ଶୁକ୍ରବାର ଏକ ବିମାନ ଯୋଗେ ଦୁବାଇରୁ ନୂଆଦିଲ୍ଲୀ ଏବଂ ନୂଆଦିଲ୍ଲୀରୁ ଭୁବନେଶ୍ୱରରେ ଆସି ପହଞ୍ଚିଥିଲା। ବିମାନବନ୍ଦରରେ ମୋ ପରିବାର ସଙ୍ଗଠନ ପକ୍ଷରୁ ଭାରତୀ ସିଂ, ସମୀର ପ୍ରଧାନ ଉପସ୍ଥିତ ରହିବା ସହ ତପନଙ୍କ ଜନ୍ମମାଟିକୁ ମୃତଦେହକୁ ପଠାଇବାର ସମସ୍ତ ବ୍ୟବସ୍ଥା କରିଥିଲେ। ଏଥିସହିତ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ପ୍ରଦାନ କରାଯାଇଥିବା ସହାୟତା ରାଶି ମଧ୍ୟ ପରିବାରବର୍ଗଙ୍କୁ ପ୍ରଦାନ କରାଯାଇଥିଲା। ସମସ୍ତ ସହଯୋଗ ପାଇଁ ମୃତ ତପନଙ୍କ ପରିବାର ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ।

DHARITRI CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

ଏକ ନୂଆ ଷ୍ଟାର୍ଟଅପ୍ ବିଜିନେସ୍,BBSR ପାଇଁ କର୍ମଠ ଏବଂ ଅଭିଜ୍ଞତା ଥିବା ଷ୍ଟାଫ୍ ଆବଶ୍ୟକ।
DTP OPERATOR ● SALES EXECUTIVE
SCREEN PRINTER ● OFFICE PEON
● CAR DRIVER
ଇଚ୍ଛୁକ ଥିବା କେବଳ ଅଭିଜ୍ଞ ପ୍ରାର୍ଥୀ/ପ୍ରାର୍ଥୀନୀ ୭ଦିନ ମଧ୍ୟରେ ଯୋଗାଯୋଗ କରନ୍ତୁ :
Mob : 8249416516
E-mail : mcpl.recruitment2020@gmail.com

Urgent Recruitment for
TRAIN GURU EDUCARE PVT. LTD.
N1-39, IRC Village, Nayapalli, Bhubaneswar
1. Tele Caller / Counsellor : Graduate in any discipline, 6 months to 1 year Experience
2. Placement Officer : Graduate in any discipline, having own two wheeler, good communication in English, Hindi & Oriya.
3. Business Executive : Graduate in any discipline, having own two wheeler, No target
4. Office / Canopy Boy : Minimum 8th pass,
(Salary : No bar for the Right Candidate)
Email : traingurubbsr@gmail.com, www.trainguru.in
Ph : 0674-2551444, 9040030327

Required for Site Supervisor, Site Accountant, Driver for Car & Hywa and Civil Engineer. Experience more than 3 year in Road, Building & Railway construction work.
Contact No. 9078814314
9937552828

REQUIREMENT
Urgent Requirement for a Multinational Air Compressor Products in Bhubaneswar and Jharsuguda HQ. Attractive Salary Package- Walk-in-Interview Date: 16 & 23 February.
Address : United Group, #5673, Rameswarpatna, Bhubaneswar
Mob.- +91-9861533536

ଆବଶ୍ୟକ
ଭୁବନେଶ୍ୱରରେ ଘରୋଇ ଗାଡ଼ି ଚଳାଇବା ପାଇଁ ଡ୍ରାଇଭର ଆବଶ୍ୟକ।
ଡ୍ରାଇଭର - ୨ ଜଣ
ମୋବାଇଲ-9692676868

HINDUSTAN URVARAK & RASAYAN LIMITED
(A JV of NTPC, CIL, IOCL, FCIL & HFCL)
HINDUSTAN URVARAK & RASAYAN LIMITED-HURL
is setting up state-of-art fertilizer plants at Gorakhpur (UP), Barauni (Bihar) and Sindri (Jharkhand) with capital investment of Rs. 21,000 Cr. and is poised to be the largest Urea producer in the country by May 2021.
CAREER OPPORTUNITIES IN HURL
HURL invites applications for appointment to various posts of
SR. VICE PRESIDENT | VICE PRESIDENT | CHIEF MANAGERS | MANAGERS | ASSISTANT MANAGERS | ENGINEERS/OFFICERS
In Various Disciplines viz. Process, Ammonia, Urea, Off Sites & Utilities, Urea Product Handling, Instrumentation, Electrical, Mechanical, Safety, IT, Environment & Quality Control, Human Resources, Marketing.
Recruitment of Fresh Engineering Graduates
in Chemical, Mechanical, Electrical, Instrumentation & Electronics disciplines will be through Graduate Aptitude Test in Engineering (GATE) Score – 2019
Interested Candidates may visit HURL website www.hurl.net.in for details regarding application process, eligibility criteria, experience required, CTC etc. against the vacancies.
हिन्दुस्तान का अपना यूरिया
SCOPE Minar, Core 4 & 3, 9th Floor, Laxmi Nagar District Center, Delhi-92
Website: www.hurl.net.in

Railway Job
● Petty Repair (ITI) Rs.14000/-
● Supervisor (+2,+3) : Rs.14000/-
● Bad Roll (10th) : Rs.12000/-
● House keeping (Under Matric) Rs.8000/- to Rs.10000/-
Posting- BBSR, Puri, Rayagada
7327065424, 8895725158

WANTED
Cement & Steel distributor required engineer & graduate for local marketing, experience candidates will get advantage come for interview on Sunday 9 A.M at: Sanjay Kumar Bijaya Kumar, Puri bye Pass, near Shiridi Sai temple, BBSR.
Mobile : 7381020898

OFFICIALLY JOB
ଯୋଗ୍ୟତା : ଦଶମ ପାସ୍/ଫେଲ,
ବୟସ : (18-40)yrs.
Monthly salary upto Rs. 25,000/-
Contact : Immediately
Mob : 8763257042

REQUIREMENT
GAS CYLINDER DELIVERY MAN AND AUTO DRIVER
Contact : VARSHA ENTERPRISES
BHARAT GAS DISTRIBUTOR
A/38, Jharapada, Back Side of Jail, Bhubaneswar
9338553115 / 9583700009

JAIPRAKASH HOSPITAL
AND RESEARCH CENTRE PVT. LTD.
DANDIAPALLI, ROURKELA-769004
CONTACT NO : 0661-2461100
WALK-IN INTERVIEW
Jaiprakash Hospital & Research Centre Pvt. Ltd., a 307 bedded Multi-speciality Hospital requires dedicated, experienced, result oriented personnel for its hospital at Dandiapalli, Rourkela for the following post.

| SL. NO. | NAME OF THE POST | QUALIFICATION | DATE & TIME |
|---|---|---|---|
| 1. | RECEPTIONIST CUM BILLING | ANY GRADUATE WITH GOOD COMPUTER KNOWLEDGE | 22.02.2020 10:00 A.M TO 4:00 P.M |
| 2. | NURSING | GNM & B.Sc.(NURSING) WITH ATLEAST 2 YRS. OF EXPERIENCE | 24.02.2020 10:00 A.M TO 4:00 P.M |

Candidates may walk-in for interview with required documents at : S2 - A/42-43, Khushi Realcon, Near Mahindra Showroom, Mancheswar, Bhubaneswar.
Salary is negotiable. Accommodation and food facilities are available for staff.

WANTED
LADY OFFICE ASSISTANT
Room, Breakfast
ଖାଇବା Free
Salary 5000/-
7809525452

A reputed business organization need an management professional urgently !
The candidate should be based in Bhubaneswar. He should be loyal, efficient and should exercise integrity and be non-partisan in the work place. HRD professionals with 2 years experience can also apply.
Kindly Contact : 9342540892 (Pooja)

ସାଉଥ୍ ଆଫ୍ରିକାରେ ଇନ୍‌ଫ୍ରାଷ୍ଟ୍ରକ୍ଚର କନ୍‌ଷ୍ଟ୍ରକ୍‌ସନ୍, ହେଲପର୍, ଡ୍ରାଇଭର, ମେସନ, କାର୍ପେଣ୍ଟର, ଇଲେକ୍ଟ୍ରିସିଆନ, ଅପରେଟର ଏବଂ ସମସ୍ତ ପ୍ରକାର କାରିଗର ଆବଶ୍ୟକ।
ଦରମା- 40,000/-, ମଡର୍ଣ୍ଣ ଇଞ୍ଜିନିଅରିଂ (ଇଣ୍ଡିଆନ୍ ମ୍ୟାନେଜ୍‌ମେଣ୍ଟ କମ୍ପାନୀ)
କମଲ ପ୍ଲେସ୍‌ମେଣ୍ଟ
415, ରଙ୍ଗିଲା ପାର୍କ, ଦିନ୍‌ଦୋଲି, ସୁରତ୍, ଗୁଜୁରାଟ
9157012447, 9157312448

Dealer (3 Wheelers) REQUIRES
PIAGGIO
Service Manager (Jharsuguda)
Spare Parts- Manager (Jharsuguda)
Mechanic (Sambalpur & Jharsuguda)
WALK IN
For Interview on 21st & 22nd February 2020 at
DEEP JYOTI MOTORS
N.H.6, Gopalpali Chowk, Remed, Sambalpur
Mob: 8763073900
Mail: deepjyotimotors@rediffmail.com

ଆବଶ୍ୟକ
Receptionist, Office Asst., Supervisor, Computer Operator, Accountant, Telecaller & other Office Staffs ଆବଶ୍ୟକ।
ବୟସ: (18-35) Yrs. Salary (Rs.7500 to Rs.25000)
Contact : 9938676412

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

| Dollar | Sensex | Nifty | Gold | Silver |
|---|---|---|---|---|
| 71.37 (6) | ↓ 202.05 41,257.74 | ↓ 61.20 12,113.50 | ↑ ₹75 41,481.00 | ↑ ₹147 47,036.00 |

“ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଲାଗି ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ସରକାର ବଜେଟ ବାଦ ଅନ୍ୟ କାର୍ଯ୍ୟକ୍ରମ ମଧ ଜାରି ରଖିଛନ୍ତି।

–ନିର୍ମଳା ସୀତାରାମନ, କେନ୍ଦ୍ର ଅର୍ଥମନ୍ତ୍ରୀ



“ଟ୍ରାଇବାଲ ପ୍ରଡକ୍ଟର ବିକ୍ରିବଟା ବଢାଇବା ଲାଗି ସରକାର କାର୍ଯ୍ୟରତ। ଏ କ୍ଷେତ୍ରରେ ଅଂଶୀଦାର ମାନେ ସେମାନଙ୍କ ମତାମତ ସରକାରଙ୍କୁ ଦେଇ ପାରିବେ।

– ପୀୟୂଷ ଗୋୟଲ, ବାଣିଜ୍ୟ ମନ୍ତ୍ରୀ



# ଏଜିଆର୍ ମାମଲାରେ ସୁପ୍ରିମକୋର୍ଟଙ୍କ କ୍ଷୋଭ





■ ୧୭ ମାର୍ଚ୍ଚ ମଧ୍ୟରେ ଦେୟ ପ୍ରଦାନ କରିବାକୁ ଟେଲିକମ୍ କମ୍ପାନୀଙ୍କୁ ନିର୍ଦ୍ଦେଶ

ନୂଆଦିଲ୍ଲୀ,୧୪–୨

ଆଡଜଷ୍ଟେଡ ଗ୍ରସ ରେଭେନ୍ୟୁ (ଏଜିଆର) ଦେୟ ବାବଦ ୧.୪୭ ଲକ୍ଷ କୋଟି ମାମଲାରେ ସୁପ୍ରିମକୋର୍ଟ ଶନିବାର ସରକାରଙ୍କ ଟେଲିକମ ବିଭାଗ ଏବଂ ଟେଲିକମ୍ କମ୍ପାନୀଙ୍କ ମତିଗତି ଉପରେ କ୍ଷୋଭ ପ୍ରକାଶ କରିଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଟେଲିକମ କମ୍ପାନୀଗୁଡିକ ବକେୟା ଏଜିଆର ଦେୟ ପ୍ରଦାନ କରିନାହାନ୍ତି। ଏଭଳି ଭୁଲ ଲାଗି କାହିଁକି କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ ବୋଲି ଟେଲିକମ କମ୍ପାନୀଙ୍କୁ ସର୍ବୋଚ୍ଚ ନ୍ୟାୟାଳୟ ପ୍ରଶ୍ନ କରିଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି ଯେ, କ'ଣ ଏ ଦେଶରେ କୌଣସି ଆଇନ କାନୁନ ବଞ୍ଚିରହିନାହିଁ? ଏହି ଦେଶରେ ରହିବା ଅପେକ୍ଷା ଦେଶ ଛାଡି ଚାଲିଯିବା ଭଲ ହେବ। ୨୩ ଜାନୁୟାରୀ ମଧ୍ୟରେ ବକେୟା ରାଶି ପ୍ରଦାନ କରିବା ଲାଗି ୨୪ ଅକ୍ଟୋବରରେ ସର୍ବୋଚ୍ଚ ନ୍ୟାୟାଳୟ କମ୍ପାନୀଙ୍କୁ ଆଦେଶ ଦେଇଥିଲେ। ନିଷ୍ପତ୍ତି ଉପରେ ପୁଣି ଥରେ ଆବେଦନ କରିବା ଲାଗି କମ୍ପାନୀଗୁଡିକ ପକ୍ଷରୁ ଆବେଦନ କରାଯାଇଥିଲା। ଏହାକୁ ସୁପ୍ରିମକୋର୍ଟ ଖାରଜ କରି ଦେଇଥିଲେ। ଏହା ପରେ ଟେଲିକମ କମ୍ପାନୀଗୁଡିକ ପକ୍ଷରୁ ଅଧିକ ସମୟ ମଗାଯିବା ସହ ନୂଆ ସୂଚୀ ନିର୍ଦ୍ଧାରଣ କରିବା ଲାଗି ଆବେଦନ ହୋଇଥିଲା। ଶୁକ୍ରବାର ହୋଇଥିବା ଶୁଣାଣିରେ ସୁପ୍ରିମକୋର୍ଟ ସବୁ ଆବେଦନକୁ ଖାରଜ କରି ଦେଇଥିବା ଜଣାପଡିଛି।

ସ୍ପେକ୍ଟ୍ରମ ଏବଂ ଲାଇସେନ୍ସ ଫିସ ଏଜିଆର୍ ବାବଦ ୧.୪୭ ଲକ୍ଷ କୋଟି ବକେୟା ରଖିଥିବା ଟେଲିକମ କମ୍ପାନୀଙ୍କ ମଧ୍ୟରୁ କେବଳ ରିଲାଏନ୍ସ ଜିଓ ୧୯୫ କୋଟି ଟଙ୍କାର ରାଶି ପ୍ରଦାନ କରିଛି। ଏହା ଉପରେ ଜଷ୍ଟିସ ଅରୁଣ ମିଶ୍ରଙ୍କ ଖଣ୍ଡପୀଠ ଟେଲିକମ କମ୍ପାନୀଗୁଡିକର ପରିଚାଳନା ନିର୍ଦ୍ଦେଶକଙ୍କୁ ୧୭ ମାର୍ଚ୍ଚରେ ହାଜର ହେବା ଲାଗି ନିର୍ଦ୍ଦେଶ ଦେଇଛନ୍ତି।

ଏଜିଆର୍ ମାମଲାରେ ସୁପ୍ରିମକୋର୍ଟ ନାରାଜ ହେବାର ଏକ ପ୍ରମୁଖ କାରଣ ହେଉଛି। ଟେଲିକମ୍ ମନ୍ତ୍ରଣାଳୟର ଜଣେ ଅଧିକାରୀ କିଛିଦିନ ତଳେ ସାମ୍ବିଧାନିକ ପଦରେ ଥିବା ଅନ୍ୟ ଅଧିକାରୀଙ୍କୁ ଏକ ଚିଠି ଲେଖିଥିଲେ। ସୁପ୍ରିମକୋର୍ଟଙ୍କ ପରବର୍ତ୍ତୀ ନିର୍ଦ୍ଦେଶ ନ ଆସିବା ଯାଏ ଟେଲିକମ୍ କମ୍ପାନୀଗୁଡିକ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବା ଲାଗି ଏଥିରେ କୁହାଯାଇଥିଲା। ଏଜିଆର୍ ବକେୟା ନ ପ୍ରଦାନ କରିଥିଲେ ମଧ୍ୟ ଟେଲିକମ କମ୍ପାନୀଙ୍କ ଉପରେ କଠୋର ନ ହେବାକୁ କୁହାଯାଇଥିଲା।

## ଟେଲିକମ ବିଭାଗ ନିର୍ଦ୍ଦେଶକୁ ଫେରାଇ ନେଲା

ଟେଲିକମ ବିଭାଗର ଏହି ଚିଠିକୁ ନେଇ ସୁପ୍ରିମକୋର୍ଟ ଉଦ୍‌ବେଗ ପ୍ରକାଶ କରିବାରୁ ନିର୍ଦ୍ଦେଶକୁ ବିଭାଗ ପ୍ରତ୍ୟାହାର କରି ନେଇଛି। ଏଥିଲାଗି ସୁପ୍ରିମକୋର୍ଟ ଗୋଟିଏ ଘଣ୍ଟା ସମୟ ଦେଇଥିଲେ। ସେହିଭଳି ତୁରନ୍ତ ବକୟା ଦେୟ ପ୍ରଦାନ କରିବାକୁ କମ୍ପାନୀ ଗୁଡିକୁ ବିଭାଗ ପକ୍ଷରୁ କୁହାଯାଇଛି। ସୁପ୍ରିମକୋର୍ଟ ପୂର୍ବରୁ ଏହି ମାମଲାରେ ଗୋଟିଏ ନିର୍ଦ୍ଦେଶ ଦେବା ପରେ ଜଣେ ଡେସ୍କ ଅଫିସର କିଭଳି ଏଭଳି ଏକ ଆଦେଶ ଜାରି କରି ପାରିବେ ବୋଲି ପ୍ରଶ୍ନ କରାଯାଇଛି। କୌଣସି ପରିସ୍ଥିତି ଖରାପ ହୋଇଥିବା ଆପକୁ ଜଣା ନାହିଁ ବୋଲି ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି। କ'ଣ ଦେଶରେ କିଛି ଆଇନ ବଞ୍ଚି କି ରହିନାହିଁ ବୋଲି ସର୍ବୋଚ୍ଚ ନ୍ୟାୟାଳୟ ପ୍ରଶ୍ନ କରିଛନ୍ତି। ଯଦି କୌଣସି ଅଧିକାରୀ ଦେଶର ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ଅବମାନନା କରି ଏଭଳି କରିପାରୁଛନ୍ତି ତେବେ ସୁପ୍ରିମକୋର୍ଟ ରହିବାର ଆବଶ୍ୟକତା କ'ଣ ରହିଛି। ଏହାକୁ ବନ୍ଦ କରିଦେବା ଆବଶ୍ୟକ ବୋଲି ନ୍ୟାୟାଳୟ ଉଦ୍‌ବେଗରେ କହିଛନ୍ତି। ଏହି ଆଦେଶକୁ ଗୋଟିଏ ଘଣ୍ଟା ମଧ୍ୟରେ ପ୍ରତ୍ୟାହାର ନ କଲେ ସମ୍ପୃକ୍ତ ଅଧିକାରୀଙ୍କୁ ଜେଲ ପଠାଇ ଦିଆଯିବ ବୋଲି ନ୍ୟାୟାଳୟ ଚେତାବନୀ ଦେଇଥିଲେ। କମ୍ପାନୀଗୁଡିକ ଗୋଟିଏ ଟଙ୍କା ମଧ୍ୟ ପଇଠ କରି ନାହାନ୍ତି। ଏପଟେ ଅଧିକାରୀ କୋର୍ଟଙ୍କ ଆଦେଶ ଉପରେ ରହିତାଦେଶ ଲଗାଉଛନ୍ତିବୋଲିସର୍ବୋଚ୍ଚନ୍ୟାୟାଳୟକହିଛନ୍ତି।

## ଏଜିଆର୍ ବିବାଦ ପଛର କାରଣ

ଏଜିଆରକୁ ନେଇ ସରକାର ଏବଂ ଟେଲିକମ୍ କମ୍ପାନୀଙ୍କ ମଧ୍ୟରେ ଗତ ୧୪ ବର୍ଷ ହେବ ବିବାଦ ଲାଗି ରହିଥିଲା। ସୁପ୍ରିମକୋର୍ଟଙ୍କ ଚୂଡାନ୍ତ ନିଷ୍ପତ୍ତି ପୂର୍ବରୁ ଟେଲିକମ ଟ୍ରିବ୍ୟୁନାଲ ଦେଶର ଟେଲିକମ କମ୍ପାନୀଙ୍କ ସପକ୍ଷରେ ନିଷ୍ପତ୍ତି ଶୁଣାଇ ଥିଲେ। ଟ୍ରିବ୍ୟୁନାଲ କହିଥିଲେ ଯେ, ଭଡା, ସ୍ଥାୟୀ ସମ୍ପତ୍ତି ବିକ୍ରିରୁ ହେଉଥିବା ଲାଭ, ଅଣକୋର ସମ୍ପତ୍ତିରୁ ମିଳୁଥିବା ଲାଭାଂଶ ଏବଂ ସୁଧ ରାଶିକୁ ବାଦଦେଇ ଅନ୍ୟ ସମସ୍ତ ରାଜସ୍ୱ ଏଜିଆର୍‌ରେ ସାମିଲ ହେବ। ଭଡା, ସ୍ଥାୟୀ ସମ୍ପତ୍ତି ବିକ୍ରି ଲବ୍ଧ ଅର୍ଥରୁ ଲାଭ ଏବଂ କବାଡି ସାମଗ୍ରୀ ବିକ୍ରିରୁ ମିଳୁଥିବା ଅର୍ଥକୁ ମଧ୍ୟ ଏଜିଆରରେ ସରକାର ସାମିଲ କରିଛନ୍ତି। ଏହାକୁ ନେଇ ବିବାଦ ଉପୁଜିଛି।

## ଟେଲିକମ ଶିଳ୍ପ ଉପରେ ସଙ୍କଟ

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ଟେଲିକମ ଶିଳ୍ପର ଅବସ୍ଥା ଆହୁରି ଖରାପ ହେବ ବୋଲି ବଜାର ବିଶେଷଜ୍ଞ ମାନେ ଆଶଙ୍କା କରିଛନ୍ତି। ଏହି ସମୟରେ ଭୋଡାଫୋନ–ଆଇଡିଆ ଶେୟାର ୨୩.୨୧% ଖସିଥିବାଜଣା ପଡିଛି।

# ସାମଲ ଅଟୋ ଇଣ୍ଡିଆକୁ ସର୍ବୋତ୍ତମ ଡିଲରଶିପ୍ ସମ୍ମାନ

ଭୁବନେଶ୍ୱର,୧୪–୨



ଟାଟା ମୋଟର୍ସର ହେଭି କମରସିଆଲ ଭେଇକିଲ ଡିଲର ସାମଲ ଅଟୋ ଇଣ୍ଡିଆକୁ ଅଟୋମୋଟିଭ ସେଗ୍‌ମେଣ୍ଟରେ ଚଳିତ ବର୍ଷ ଲାଗି ଗ୍ଲୋବାଲ ରିଟେଲ ଏକ୍ସଲେନ୍ସ ପୁରସ୍କାର ପ୍ରଦାନ ଉତ୍ସବରେ ସର୍ବୋତ୍ତମ ଡିଲରଶିପ୍ ଭାବେ ସମ୍ମାନିତ କରାଯାଇଛି। ମୁମ୍ବାଇଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଡିଲରଶିପର ପରିଚାଳନା ନିର୍ଦ୍ଦେଶକ ଗଙ୍ଗାଧର ସାମଲ ଏହି ପୁରସ୍କାର ଗ୍ରହଣ କରିଥିଲେ। ସାମଲଙ୍କ ନେତୃତ୍ୱରେ ଗତ ୧୦ ବର୍ଷ ଧରି ଏହି ଡିଲରଶିପ୍‌ର କନଷ୍ଟ୍ରକ୍ଟ ଡିଭିଜନ ଶୀର୍ଷ ସ୍ଥାନ ବଜାୟ ରଖିବାର ଗୌରବ ହାସଲ କରି ଆସୁଛି। ସାମଲ ବର୍ତ୍ତମାନ ଜେସିବି, ମୋରିସ ଗ୍ୟାରେଜ, ଜାଗୁଆର ଲ୍ୟାଣ୍ଡରୋଭର ଭଳି ଡିଲରଶିପର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଅଛନ୍ତି। ଏହି ପୁରସ୍କାର ଓଡିଶା ଅଟୋମୋବାଇଲ ବିଜନେସ ଲାଗି ଗର୍ବ ଆଣି ଦେଇଥିବା ଶୋ'ରୁମ ପକ୍ଷରୁ ସୂଚନା ରହିଛି। କାର୍ଯ୍ୟକ୍ରମ ଅବସରରେ ସାମଲ ଅଟୋ ଇଣ୍ଡିଆ ପ୍ରାଇଭେଟ ଲିମିଟେଡର ସିଇଓ ରାଜେଶ ମହାନ୍ତି ଉପସ୍ଥିତ ଥିଲେ। ଏସିଆ–ଆଫ୍ରିକା ଜିସିସି ରିଟେଲ ଓ ସପିଙ୍ଗ ସେଣ୍ଟର କଂଗ୍ରେସ ଅବସରରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା।

# ପାଇକାରୀ ମୁଦ୍ରାସ୍ଫୀତି ୩.୧%କୁ ବୃଦ୍ଧି

ନୂଆଦିଲ୍ଲୀ,୧୪–୨

ଜାନୁୟାରୀରେ ପାଇକାରୀ ମୂଲ୍ୟଭିତ୍ତିକ ମୁଦ୍ରାସ୍ଫୀତି ୩.୧% ସ୍ତରକୁ ବୃଦ୍ଧି ଘଟିଛି। ଏହା ଡିସେମ୍ବରରେ ୨.୫୯ ସ୍ତରରେ ରହିଥିଲା। ଖାଦ୍ୟ ସାମଗ୍ରୀ ମୂଲ୍ୟରେ ବୃଦ୍ଧି ଯୋଗୁ ଏଭଳି ସ୍ଥିତି ଉପୁଜିଥିବା କୁହାଯାଇଛି। ବିଶେଷ କରି ପିଆଜ ଏବଂ ଆଳୁ ଦର ଏହି ସମୟରେ ଅହେତୁକ ମୂଲ୍ୟ ବୃଦ୍ଧି ଘଟିଥିବା ଜଣାପଡିଛି। ଗତ ବର୍ଷ ଜାନୁୟାରୀରେ ଖୁଚୁରା ମୁଦ୍ରାସ୍ଫୀତି ୨.୭୬% ରହିଥିଲା। ଜାନୁୟାରୀରେ ଖାଦ୍ୟ ସାମଗ୍ରୀ ବର୍ଗରେ ମୁଦ୍ରାସ୍ଫୀତି ବଢି ୧୧.୫୧% ସ୍ତର ଛୁଇଁଥିବା ବେଳେ ଡିସେମ୍ବରରେ ଏହା ୨.୪୧% ସ୍ତରରେ ରହିଥିଲା। ସେହିଭଳି ଅଣ ଖାଦ୍ୟ ସାମଗ୍ରୀ ବର୍ଗରେ ପାଇକାରୀ ମୁଦ୍ରାସ୍ଫୀତି ପ୍ରାୟ ୩ ଗୁଣ ବୃଦ୍ଧି ଘଟି ୭.୮% ରହିଛି। ଏହା ଡିସେମ୍ବରରେ ୨.୩୨% ରହିଥିବା ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ରହିଛି। ଏହି ସମୟରେ ଖାଦ୍ୟ ସାମଗ୍ରୀ, ପନିପରିବା ସାମଗ୍ରୀ ଦର ପ୍ରାୟ ୫୨.୭୧% ବଢିଛି।


## ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସୁନ୍ଦରଗଡ଼

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ନିମ୍ନରେ ଦିଆଯାଇଥିବା ଶିଶୁଟି ବର୍ତ୍ତମାନ ଶିଶୁ ଯତ୍ନକାରୀ ଅନୁଷ୍ଠାନ, ସହଯୋଗ ସୁନ୍ଦରଗଡ଼ରେ ସୁରକ୍ଷିତ ଭାବରେ ରହୁଛି। ଏହି ଶିଶୁଟିର ଯଦି କେହି ପିତା, ମାତା ତଥା ଅଭିଭାବକ କିମ୍ବା ଆଇନ ସିଦ୍ଧ ଦାବିଦାର ଥାନ୍ତି, ତେବେ ଏହି ବିଜ୍ଞାପନ ପ୍ରକାଶ ପାଇବାର ୩୦ ଦିନ ମଧ୍ୟରେ ନିମ୍ନରେ ଦିଆଯାଇଥିବା ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ। ଯଦି ଉପରୋକ୍ତ ସମୟ ସୀମା ମଧ୍ୟରେ କେହି ଦାବିଦାର ଦାବି ଉପସ୍ଥାପନ ନ କରନ୍ତି, ତେବେ ଉକ୍ତ ଶିଶୁଟିକୁ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ ୨୦୧୫ର ଧାରା–୩୮ (ଉପଧାରା–୧) ଅନୁଯାୟୀ ପୋଷ୍ୟ ଯୋଗ୍ୟ ନିମନ୍ତେ ଆଇନତଃ ଦାୟମୁକ୍ତ କରାଯିବ।

ମୋ.ନଂ.-୯୯୩୮୧୭୦୪୫୦/ଅଫିସ୍-୦୬୬୨୨-୨୭୩୩୪୩

ଅଧ୍ୟକ୍ଷ, ଶିଶୁ ମଙ୍ଗଳ କମିଟି, ସୁନ୍ଦରଗଡ଼

ମୋ.ନଂ.-୯୪୩୭୦୮୫୪୩୪/ ଅଫିସ୍-୦୬୬୨୨-୨୭୨୨୬୩

| କ୍ର.ନଂ. | ଶିଶୁର ନାମ | ଜନ୍ମ ତାରିଖ | ଲିଙ୍ଗ | ଉଦ୍ଧାର କରାଯାଇଥିବା ସ୍ଥାନ ଓ ତାରିଖ | ଶିଶୁର ଫଟୋ |
|---|---|---|---|---|---|
| ୧ | ଆଶିଷ ଦାସ | ୦୬।୦୫।୨୦୦୭ | ପୁଅ | ବୀରମିତ୍ରପୁର ପୋଲିସ ଦ୍ୱାରା ଉଦ୍ଧାର ତା.୦୩।୧୧।୨୦୧୯ |  |

ସ୍ୱା./- ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସୁନ୍ଦରଗଡ଼

No.O-1061 e-mail : rwd_gajapati@yahoo.co.in

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION, GAJAPATI
PARLAKHEMUNDI
NATIONAL COMPETITIVE BIDDING THROUGH e-Procurement
Identification No. Online Tender 14/GJP/2019-20

1. Name of the work : Building
2. Total No. Work : 4 (Four) Nos. of Building Works
3. Estimated Cost : Rs.1.33 lakhs to 0.67 lakhs
4. Class of Contractor : D' & 'C' Class Contractor
5. Period of Completion : Furnished in Annexure
6. Availability of Tender Online for bidding : 24.02.2020 at 10.00 A.M to 06.03.2020 upto 5.30 P.M
7. Date and Time of Opening of Tender : 07.03.2020 at 11.30 A.M
8. Place of Opening : As per Annexure

Further details can be seen from the Website www.tenderorissa.gov.in

EXECUTIVE ENGINEER
R.W. DIVN., GAJAPATI
OIPR-25158/11/0015/1920

No.O-1018 e-mail : rwd_gajapati@yahoo.co.in

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION, GAJAPATI
PARLAKHEMUNDI
NATIONAL COMPETITIVE BIDDING THROUGH e-Procurement
Identification No. Online Tender 13/GJP/2019-20

1. Name of the work : Road
2. Total No. Work : 7 (Seven) Nos. of Road Works
3. Estimated Cost : Rs.11.50 lakhs to 2.65 lakhs
4. Class of Contractor : D' & 'C' Class Contractor
5. Period of Completion : Furnished in Annexure
6. Availability of Tender Online for bidding : 19.02.2020 at 10.00 A.M to 29.02.2020 upto 5.30 P.M
7. Date and Time of Opening of Tender : 02.03.2020 at 11.30 A.M
8. Place of Opening : As per Annexure

Further details can be seen from the Website www.tenderorissa.gov.in

EXECUTIVE ENGINEER
R.W. DIVN., GAJAPATI
OIPR-25158/11/0014/1920

See Career Appointment on every Wednesday & Saturday

Classified Display on Every Tuesday and Friday

OFFICE OF THE SUPERINTENDING ENGINEER
BALANGIR (R&B) CIRCLE, BALANGIR
Email-sepwbalangir@gmail.com
Phone No.-(06652) 231866
CANCELLATION OF WORKS
In Bid Identification No.SE (R&B) BGR/04/2019-20

No.392 Dt.11.02.2020

No.B-713 :- Tender for the work:-1) "Construction of Gramya Nyalaya Building at Dunguripali in the District of Subarnapur for the year 2019-20". 2) "Construction of JMFC Court Building at Tarva in the District of Subarnapur for the year 2019-20". are here by cancelled in respect as intimated by the Chief Engineer (Building) Odisha, Bhubaneswar in the meeting held on date: 29.01.2020.

Sd./- Superintending Engineer,
Balangir (R&B) Circle, Balangir
OIPR-34131/11/0010/1920

NORTH ORISSA UNIVERSITY
SRIRAM CHANDRA VIHAR, TAKATPUR,
BARIPADA, MAYURBHANJ, PIN - 757003

No.NOU/(Estt-WBP-01/2016)/2020/555/ Date: 11/02/2020

Walk-in-Interview

Applications are invited from Retired Professors / Associate Professors, below the age of 65 years for engagement as Training Nodal Officer (TNO) as per the following terms and conditions to manage all training programmes to be conducted under World Bank Funded OHEPEE (Odisha Higher Education Programme for Excellence and Equity). The applicants are required to attend a walk-in-interview in person on 3rd March 2020 (Tuesday) at 11:30 A.M in the Vice - Chancellor's Secretarial Office, Administrative Block, North Orissa University, Takatpur, Baripada. They are required to produce all original certificates along with a set of self attested true copies in respect of age, qualifications, experience and a detailed CV.

The University reserves the right to conduct or cancel the interview without giving any reasons thereof.

TERMS AND CONDITIONS

1. The engagement is purely temporary in nature initially for a period of one year and is co-terminus with the period of funding whichever is earlier.
2. The TNO shall receive consolidated amount of Rs.40,000/- (Rupees forty thousand) only per month as honorarium.

By the Order of Vice - Chancellor
Sd./- Prof. P.K. SATAPATHY
Registrar, North Orissa University

OFFICE OF THE COLLECTOR & DISTRICT MAGISTRATE, SUNDARGARH

(ST & SC DEV. SECTION)

Notification No.489 / SSD Dt.12.02.2020

No.V-84 :- Applications are invited from deserving candidates from native of Sundargarh District for engagement of 02 Nos. of Tribal Language Teachers (Kisan) functioning under the ST & SC Dev. Deptt. Schools of Sundargarh District. The engagement is purely temporary and contractual nature with monthly consolidated remuneration. The application should reach to the office of the District Welfare Officer, Sundargarh on or before Dt.12.03.2020 at 5.00 PM by Regd. Post / Speed Post only. The applications received beyond the date will not be considered. The Collector, Sundargarh reserves the right for cancellation / modification of this advertisement and increase or decrease of posts without assigning any reason thereof.

The detail advertisement and the selection criteria may be obtained from office Notice Board of District Welfare Office, Sundargarh and District Website www.sundergarh@nic.in. The candidates may download the advertisement and application format accordingly.

Sd./-
12.02.2020
Collector, Sundargarh
OIPR-26035/11/0007/1920

OFFICE OF THE MEDICAL OFFICER I/C, CHC, LOISINGHA, Dist.- BALANGIR

Advt. No.34 / CHC Loisingha Date: 14.02.2020

No.745-E :- Sealed tenders in prescribed format are invited from the registered Travel Agencies / Tour Operators / Individuals / Private Organizations for providing vehicles on monthly hiring basis for official use of Block Programme Management Unit, O/o the Medical Officer I/C, CHC Loisingha, Balangir. Sealed tender docments should reach to the undersigned on or before 29.02.2020 till 05.00 P.M. by Registered Post / Speed Post / courier only. The tender documents received after the scheduled date & time and received without relevant documents will summarily be rejected. The details of tender documents are available in the office of the undersigned. The undersigned reserves the reject to cancel any or all tender without assigning any reason thereof.

Sd./-
Medical Officer I/C
CHC, Loisingha, Balangir
OIPR-10146/11/0001/1920

OFFICE OF THE EXECUTIVE ENGINEER, LIFT IRRIGATION DIVISION, BARGARH
E-mail: eeolicbgh@gmail.com

Tender Call Notice for Hiring of Vehicle

No.CAD-971 :- Sealed tenders are invited from interested reputed Travel Agencies / Tour Operators / Private Individuals for providing 04 (Four) nos, Non A/C Diesel driven vehicle (Bolero / TUV) which shall not ordinarily be more than 3 years old from the initial registration and shall confirm to the terms and conditions for official use of various office under the Executive Engineer, LI. Division, Bargarh on monthly rent basis. The tender schedule containing General Bid Information & Terms and Conditions for Hiring of Vehicles etc, will be available with Office of the Executive Engineer, L.I. Division, Bargarh on payment of Rs.500/- in shape Demand Draft (DD) drawn in favour of Executive Engineer. LI. Division, Bargarh from 24.02.2020 to 26.02.2020 during office hours. The tenders completed in all respect should be submitted to the Office of the Executive Engineer, LI. Division, Bargarh-768028 on 27.02.2020 by 03.00 P.M. and shall be opened on the same day at 04.00 PM.

1 01 No. Vehicle for L.I. (Mech) Sub-Division, Bargarh
2. 01 No. Vehicle for L.I. Sub-Division, Padampur
3. 01 No. Vehicle for L.I. Sub-Division, Sohela
4. 01 No. Vehicle for L.I. (Mech.) wing-II / L.I. Sub-Division, Bargarh

Sd./- Executive Engineer
L.I. Division, Bargarh
OIPR-32277/11/0008/1920

OFFICE OF THE ENGINEER-IN-CHIEF (CIVIL), ODISHA
NIRMAN SOUDHA, UNIT-V, BHUBANESWAR
E-mail ID: cebuildings_orissa@yahoo.co.in cebuildings@rediffmail.com
Tel. -(0674)-2391523 Fax:- (0674)-2395245

No. B-715

File No. B-IV-H-(ALMC)-8/19 Ltr. No- 6856 Bhubaneswar, the 14th Feb 2020

GOVERNMENT OF ODISHA
INVITATIONS FOR BIDS (IFB)
NATIONAL COMPETITIVE BIDDING
Bid Identification No. CE (B) – 28 / 2019-20

1. The Chief Engineer (Buildings) on behalf of Governor of Odisha invites bids from reputed Indian firms registered with the State Government and bidders of equivalent Grade / Class registered with Central Government / MES / Railways for the building works detailed in the table below on turnkey basis ( i.e. Architectural planning with design & execution).

TABLE

| Package No | Name of the building | Bid security (₹.) | Cost of bid document (Including GST) | Period of Completion |
|---|---|---|---|---|
| 1 | 2 | 3 | 4 | 5 |
| 1. | Construction of 100 seated New Govt. Medical College & Teaching Hospital at Jajpur and Teaching Hospital for the new Govt. Medical college at Puri on Turnkey Basis in the state of Odisha. | ₹4,96,76,500/- | ₹.10,000/- | 24 (Twenty-four) Months |

2. The Bidders have to participate in ONLINE bidding only. Further details can be seen from the website:https://tendersodisha.gov.in. Any addendum/ corrigendum / cancellation of tender can also be seen in the said website.
3. The Bid documents shall be available for downloading in the website: https://tendersorissa.gov.in from dt.25.02.2020.
4. A pre-bid meeting shall be held on dt.06.03.2020 at 11:00 AMat the Conference Hall of Office of the E.I.C. (Civil), Odisha, Nirman Soudh, Unit-V, Bhubaneswar.
5. Online Submission of Bids shall be on or before dt.18.03.2020 up to 5:30 PM and hardcopy shall be received on or before dt.25.03.2020 up to 5:30 PM by this office. The bidder must possess compatible Digital Signature Certificate (DSC) of Class-II or Class- III.
6. Bids received online on due date and time, shall be opened on dt.26.03.2020 at 11:30 AM in the Office of the E.I.C. (Civil), Odisha, NirmanSoudh, Unit-V, Bhubaneswar.
7. Other details can be seen in the bidding documents.
8. The authority reserves the right to cancel any or all bids without assigning any reason.

Sd/- Chief Engineer (Buildings), Odisha
OIPR-34117/11/0067/1920

SHRI JAGANNATH SANSKRIT VISHVAVIDYALAYA, SHRI VIHAR, PURI

No. Exam.538/ 2020, S.J.S.V., PURI **Notification** Date: 14.02.2020

PROGRAMME FOR ANNUAL SHASTRI-II (REG/BACK/IMPROVEMENT) EXAMINATION,2020

| Date | Day | Time | Subject | Paper |
|---|---|---|---|---|
| 23.03.2020 | Monday | 10.00 A.M.-1.00 P.M. | M.I.L (O/Sans/Hindi/Alt. Eng) | Compulsory |
| 24.03.2020 | Tuesday | 10.00 A.M.-1.00 P.M. | English | Compulsory |
| 25.03.2020 | Wednesday | 10.00 A.M.-1.00 P.M. | Samanya Sahitya | Compulsory |
| 26.03.2020 | Thursday | 10.00 A.M.-1.00 P.M. | S.P.P.V. / P.P.B.V. | Compulsory |
| 27.03.2020 | Friday | 10.00 A.M.-1.00 P.M. | Shastriya Optional | 3rd (Pass) / 4th (Hons) |
| 28.03.2020 | Saturday | 10.00 A.M.-1.00 P.M. | Shastriya Optional | 4th (Pass) / 5th (Hons) |
| 30.03.2020 | Monday | 10.00 A.M.-1.00 P.M. | Shastriya Optional | 6th (Hons) |

N.B.

1. Any discrepancy in the programme detected afterwards may be brought to the notice of the Controller of Examinations.
2. Details of Centres as well as Colleges tagged to them will be displayed in the University website: www.sjsv.nic.in w.e.f.16.03.2020 and college authorities are requested to go through it meticulously and act accordingly. No further correspondence in this regard will be made either with examination centres or colleges tagged to them.
3. Examination of Upashastri - Ist year Annual Examination, 2020 may be conducted at the college level from 24.02.2020 onwards.

By order of the Vice-Chancellor
Sd./-
Controller of Examinations

## ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ, ସମ୍ବଲପୁର

ସାଳିହା ବଗିଚା, ଲାୟନ୍‌ସ ଲେନ୍-୭୬୮୦୦୧
ଫୋନ ନମ୍ବର-୨୫୪୯୦୯୮
ଇମେଲ- secretarysdasbp@gmail.com

ସଂଖ୍ୟା ନଂ.226/ସ.ଉ.କ./ ତା.14.02.2020

**ବିଜ୍ଞପ୍ତି**

ଏତଦ୍ୱାରା ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷଙ୍କ ପରିସୀମା ମଧ୍ୟରେ ବେଆଇନ ଓ ଅନୁମୋଦିତ ନକ୍ସା ଉଲ୍ଲଂଘନରେ ନିର୍ମିତ ନିର୍ମାଣ କାର୍ଯ୍ୟଗୁଡିକର ନିୟମିତୀକରଣ ନିମନ୍ତେ ଓଡ଼ିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ଗେଜେଟ ସଂଖ୍ୟା.13955/HUD/Dt.06.08.2019 ଦ୍ୱାରା ଏକ ସ୍କିମ୍ ପ୍ରଣୟନ କରାଯାଇଅଛି। ଯେଉଁ ବ୍ୟକ୍ତିମାନେ ଏହି ସ୍କିମ୍ ପ୍ରଣୟନ ହେବା ପୂର୍ବରୁ ବେଆଇନ ନିର୍ମାଣ କରିଛନ୍ତି, ସେମାନେ ଏହି ସୁଯୋଗର ଉପଯୋଗ କରନ୍ତୁ। ଆବେଦନ ଦରଖାସ୍ତ ଗ୍ରହଣ କରିବାର ଶେଷ ତାରିଖ 05.02.2020 ପର୍ଯ୍ୟନ୍ତ ଥିଲା ଓ ବର୍ତ୍ତମାନ ସରକାରଙ୍କ ତରଫରୁ ଆବେଦନ ପତ୍ର ସ୍ୱୀକାର କରିବା ପାଇଁ ଅନ୍ତିମ ତାରିଖ 20.02.2020 ପର୍ଯ୍ୟନ୍ତ ବୃଦ୍ଧି କରାଯାଇଅଛି।

ଉକ୍ତ ସମ୍ବନ୍ଧୀୟ ସବିଶେଷ ତଥ୍ୟ ଓ ଆବେଦନ କରିବା ଫର୍ମଗୁଡିକ ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷଙ୍କ ୱେବ୍‌ସାଇଟ୍ www.sdasambalpur.com ରେ ଏବଂ ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ।

ସ୍ୱା./- ସଚିବ



“ଟିମ୍ ମ୍ୟାନେଜମେଣ୍ଟ ଯଦି ଚାହିଁବ ତେବେ ମୁଁ ଦଳର ଓପନିଂ କରିବାକୁ ପ୍ରସ୍ତୁତ ଅଛି ।

–ହନୁମା ବିହାରୀ, ଭାରତୀୟ ବ୍ୟାଟ୍ସମ୍ୟାନ



“ଏଫ୍ଆଇଏଚ୍ ଶ୍ରେଷ୍ଠ ଯୁବ ଖେଳାଳି ପୁରସ୍କାର ଅଲିମ୍ପିକ୍ସରେ ଭଲ ପ୍ରଦର୍ଶନ ଲାଗି ମୋ ପାଇଁ ପ୍ରେରଣା ସଦୃଶ ।

–ଲାଲ୍ରେମସିଆମି, ଭାରତୀୟ ହକି ଖେଳାଳି

## ସଂକ୍ଷେପରେ

### ବଦଳିଲା ଆରସିବି ଲୋଗୋ



ବାଙ୍ଗାଲୋର,୧୪।୨- ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ଫ୍ରାଞ୍ଚାଇଜ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଶୁକ୍ରବାର ତା'ର ନୂଆ ଲୋଗୋ ଉନ୍ମୋଚନ କରିଛି। ଆଇପିଏଲର ୧୩ତମ ସଂସ୍କରଣ ପୂର୍ବରୁ ଆରସିବି ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିଦେଇଛି। ଫ୍ରାଞ୍ଚାଇଜ ସୋସିଆଲ ମିଡିଆରୁ ପ୍ରୋଫାଇଲ ଇମେଜ ସମେତ କିଛି ପୁରୁଣା ପୋଷ୍ଟ ଡିଲିଟ୍ କରିବାର କିଛି ଦିନ ପରେ ଏହି ଘୋଷଣା କରାଯାଇଛି। ସୋସିଆଲ ମିଡିଆର ବିଭିନ୍ନ ପୋଷ୍ଟ ହଟାଯିବା ଉପରେ ଦଳର ଅଧିନାୟକ ବିରାଟ କୋହଲି, ବରିଷ୍ଠ ବ୍ୟାଟ୍ସମ୍ୟାନ ଏ.ବି. ଡିଭିଲିୟର୍ସ ଓ ସ୍ପିନର ଯୁଜବେନ୍ଦ୍ର ଚହଲ ଆଶ୍ଚର୍ଯ୍ୟ ପ୍ରକାଶ କରିଥିଲେ। ଟୁଇଟରରେ ଏକ ଭିଡିଓ ଶେୟାର କରାଯାଇଛି, ଯେଉଁଥିରେ ଆରସିବିର ନୂଆ ଲୋଗୋ ଦେଖିବାକୁ ମିଳୁଛି। ଏହାର କ୍ୟାପଶନରେ ଲେଖା ରହିଛି, ବହୁ ପ୍ରତିକ୍ଷା ପରେ ନୂଆ ଆରସିବି ଓ ନୂଆ ଲୋଗୋ ଆସିଛି। ଏହି ଅବସରରେ ଫ୍ରାଞ୍ଚାଇଜ ଚେୟାରମ୍ୟାନ ସଞ୍ଜୀବ ଗୋଏଙ୍କା କହିଛନ୍ତି, ନିରବଚ୍ଛିନ୍ନ ଭାବେ ମନୋରଞ୍ଜନ ଓ ଆରସିବି ପଛରେ ଥିବା ପ୍ରଶଂସକଙ୍କ ଭରସାକୁ ଆମ ଲୋଗୋ ଦର୍ଶାଉଛି। ଦଳୀୟ ଆବଶ୍ୟକତା ପାଇଁ ପରିଚୟରେ ପରିବର୍ତ୍ତନ କରୁଛୁ। ନୂଆ ସିଜନ ପୂର୍ବରୁ ଆରସିବି ତା'ର ନାମ ଓ ଜର୍ସିରେ ପରିବର୍ତ୍ତନ କରିପାରେ ବୋଲି କିଛି ରିପୋର୍ଟ ପ୍ରକାଶ ପାଇଥିଲା। ତେବେ ଏ ସମ୍ପର୍କରେ କୌଣସି ସ୍ପଷ୍ଟ ସୂଚନା ମିଳି ନ ଥିଲା।

**ରଣଜୀ ଟ୍ରଫି: ଓଡ଼ିଶା ବନାମ ଝାଡ଼ଖଣ୍ଡ**

# ଇନିଂସ ଅଗ୍ରଣୀ ପାଇଁ ସଂଘର୍ଷ

କଟକ ଅଫିସ,୧୪।୨

ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା–ଝାଡ଼ଖଣ୍ଡ ରଣଜୀ ଟ୍ରଫି କ୍ରିକେଟ ମ୍ୟାଚ୍‌ରେ ଇନିଂସ ଅଗ୍ରଣୀ ପାଇଁ ସଂଘର୍ଷ ଜାରି ରହିଛି। ଓଡ଼ିଶାର ପ୍ରଥମ ଇନିଂସ ୪୩୬ରନ ଜବାବରେ ଶୁକ୍ରବାର ଖେଳ ଶେଷ ସୁଦ୍ଧା ଝାଡ଼ଖଣ୍ଡ ୯ ଉଇକେଟ ହରାଇ ୩୫୫ ରନ କରିଛି। ଝାଡ଼ଖଣ୍ଡ ୮୧ରନ ପଛରେ ଥିବା ବେଳେ ଓଡ଼ିଶା ଇନିଂସ ଅଗ୍ରଣୀଠାରୁ ମାତ୍ର ଗୋଟିଏ ଉଇକେଟ ଦୂରରେ ଅଛି। ଶନିବାର ତଥା ଅନ୍ତିମ ଦିବସରେ ମ୍ୟାଚରୁ ଫଳାଫଳ ବାହାରିବା କଷ୍ଟସାଧ। ତେଣୁ ମ୍ୟାଚ ଡ୍ର ଅଭିମୁଖେ ଗତି କରୁଛି ବୋଲି କୁହାଯାଇପାରିବ। ତେଣୁ କ୍ୱାର୍ଟର ଫାଇନାଲରେ ସ୍ଥାନ ସୁରକ୍ଷିତ ପାଇଁ ବିଜୟ ଲକ୍ଷ୍ୟରେ ଥିବା ଓଡ଼ିଶାକୁ କେବଳ ଡ୍ରରେ ସନ୍ତୁଷ୍ଟ ରହିବାକୁ ପଡ଼ିବ। ତେବେ ମୂଲ୍ୟବାନ ପ୍ରଥମ ଇନିଂସ ଅଗ୍ରଣୀ ପାଇଁ ଓଡ଼ିଶା ନିକଟରେ ଭଲ ସୁଯୋଗ ରହିଛି।

ଓଡ଼ିଶା ୪୩୬ ରନରେ ଅଲଆଉଟ ହେବା ପରେ ଝାଡ଼ଖଣ୍ଡ ପ୍ରଥମ ଇନିଂସ ବ୍ୟାଟିଂ ଆରମ୍ଭ କରି ଗୁରୁବାର ଖେଳ ଶେଷ ସୁଦ୍ଧା ୨ ଉଇକେଟ ହରାଇ ୭୧ରନ କରିଥିଲା। କୁମାର ସୂରଜ ୪୨ ଓ ଉତ୍କର୍ଷ ସିଂ ୧୦ରନରେ ଅପରାଜିତ ଥିଲେ। ଶୁକ୍ରବାର ଖେଳ ଆରମ୍ଭର ୫ମ ଓଭରରେ ଉତ୍କର୍ଷ ୧୫ରନ କରିଥିବା ବେଳେ ରନଆଉଟ ହୋଇଥିଲେ। ଅଧିନାୟକ ସୌରଭ ତିୱାରୀ ଓ କୁମାର ସୂରଜଙ୍କ ମଧ୍ୟରେ ୭୯ରନର ଭାଗୀଦାରି ସୃଷ୍ଟି ହୋଇଥିଲା। ଇତିମଧ୍ୟରେ ୭୮ ବଲରୁ ଅର୍ଦ୍ଧଶତକ ଓ ୧୩୦ ବଲରୁ ସୂରଜ ଶତକ ହାସଲ କରିଥିଲେ। ଅଧିନାୟକ ସୌରଭ ଧିମାଗତିରେ ରନ ସଂଗ୍ରହ କରୁଥିବା ଦେଖିବାକୁ ମିଳିଥିଲା। ୧୩୭ ବଲରୁ ୧୦୭ ରନ କରିଥିବା ବେଳେ ସୂରଜଙ୍କୁ ଗୋବିନ୍ଦ ପୋଦ୍ଦାର କ୍ଲିନବୋଲ୍ଡ କରି ଦଳକୁ ଗୁରୁତ୍ୱପୂର୍ଣ୍ଣ ବ୍ରେକଥ୍ରୁ ଦେଇଥିଲେ। ପରେ ୮୪ ବଲରୁ ୨୧ରନ କରିଥିବା ସୌରଭ ଦେବବ୍ରତ ପ୍ରଧାନଙ୍କ ବଲରେ ଏଲବିଡବ୍ଲ୍ୟୁ ହୋଇଥିଲେ। ୧୩ରନ ବ୍ୟବଧାନରେ ଏହି ଦୁଇ ବ୍ୟାଟ୍ସମ୍ୟାନ ପ୍ୟାଭିଲିୟନ ଫେରିଥିଲେ। ୧୮୩ ରନରେ ଦଳ ୫ଟି ଉଇକେଟ ହରାଇଥିଲା। ବ୍ୟାଟିଂ କ୍ରମ ୬ନଂରେ କ୍ରିଜକୁ ଆସିଥିବା ବାମହାତୀ ବ୍ୟାଟ୍ସମ୍ୟାନ ବିରାଟ ସିଂଙ୍କ ବ୍ୟାଟ୍‌ରୁ ବଡ଼ ଶଟ୍ ଦେଖିବାକୁ ମିଳିଥିଲା। ଇତିମଧ୍ୟରେ ଉଇକେଟ କିପର ଇଶାନ କିଶାନ ୧୩, ସାହିଲ ରାଜ ୩୦ ଓ ଆଶିଷ କୁମାର ୪ରନରେ ଆଉଟ ହୋଇଥିଲେ। ୧୦ ଚୌକା ଓ ୩ ଛକା ବଳରେ ୮୩ରନ କରି ବିରାଟ ୯ମ ବ୍ୟାଟ୍ସମ୍ୟାନ ଭାବେ ପ୍ୟାଭିଲିୟନ ଫେରିଛନ୍ତି। ଅନ୍ତିମ ଉଇକେଟ ଯୋଡ଼ିରେ ରାହୁଲ ଶୁକ୍ଲା ଓ ଅଜୟ ଯାଦବ ୪୯ରନର ଅପରାଜିତ ଭାଗୀଦାରି ସୃଷ୍ଟି କରିଛନ୍ତି। ଏହି ଦୁଇ ନିମ୍ନକ୍ରମର ବ୍ୟାଟ୍ସମ୍ୟାନ ଶୁକ୍ରବାର ଖେଳର ଅନ୍ତିମ ସେସନ୍‌ରେ ଓଡ଼ିଶା ବୋଲରଙ୍କୁ ନିରାଶ କରିଥିଲେ। ଉଭୟ ସତର୍କତାର ସହ ୧୪ ଓଭର ବ୍ୟାଟିଂ କରିଛନ୍ତି। ରାହୁଲ ୨୫ ଓ ଅଜୟ ୨୧ ରନରେ ଅପରାଜିତ ଅଛନ୍ତି। ଓଡ଼ିଶା ପକ୍ଷରୁ ସୂର୍ଯ୍ୟକାନ୍ତ ପ୍ରଧାନ ୩ଟି, ବସନ୍ତ ମହାନ୍ତି ଓ ଦେବବ୍ରତ ପ୍ରଧାନ ୨ଟି ଲେଖାଏ ଏବଂ ଗୋବିନ୍ଦ ପୋଦ୍ଦାର ଗୋଟିଏ ଉଇକେଟ ଅକ୍ତିଆର କରିଛନ୍ତି।



ଓଡ଼ିଶା ଓ ଝାଡ଼ଖଣ୍ଡ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

### କ୍ୱାର୍ଟର ଦୌଡ଼ରେ...

ଚଳିତ ସିଜନରେ ଓଡ଼ିଶା କ୍ୱାର୍ଟର ଫାଇନାଲର ନିକଟତର ହୋଇଛି। ୨ବର୍ଷର ବ୍ୟବଧାନ ପରେ ପୁଣିଥରେ ଓଡ଼ିଶା କ୍ୱାର୍ଟରରେ ପ୍ରବେଶ କରିବାର ସୁଯୋଗ ରହିଛି। ତେବେ ଏଲିଟ୍ ଗ୍ରୁପ–ସିରୁ ୩ଟି ଦଳ କ୍ୱାର୍ଟର ଫାଇନାଲ ପାଇଁ ପ୍ରମୁଖ ଆଶାୟୀ ରହିଛନ୍ତି। ଏହି ୩ ଦଳ ହେଲେ ଜମ୍ମୁ–କଶ୍ମୀର, ଓଡ଼ିଶା ଓ ସର୍ଭିସେସ୍। ୨ ଦଳକୁ ମିଳିବ କ୍ୱାର୍ଟର ଫାଇନାଲ ଟିକେଟ୍। ୩ଟି ଯାକ ଦଳ ଲିଗ ପର୍ଯ୍ୟାୟର ଅନ୍ତିମ ମ୍ୟାଚ୍ ଖେଳୁଥିବା ବେଳେ ଅଧିକ ପଏଣ୍ଟ ପାଇବାକୁ ନେଇ ଉଦ୍ୟମ କରୁଥିବା ଦେଖିବାକୁ ମିଳୁଛି। କୌଣସି ବି ଦଳ ନିର୍ଣ୍ଣାୟକ ମ୍ୟାଚ୍‌ରେ ଦମ୍‌ଦାର ପ୍ରଦର୍ଶନ କରିପାରିନାହାନ୍ତି। ୮ଟି ମ୍ୟାଚ୍‌ରୁ ୩୫ ପଏଣ୍ଟ ହାସଲ କରି ଓଡ଼ିଶା ଏଲିଟ ଗ୍ରୁପ–ସିର ଦ୍ୱିତୀୟ ସ୍ଥାନରେ ରହିଛି। ସମାନ ସଂଖ୍ୟକ ମ୍ୟାଚ୍‌ରୁ ୩୯ ପଏଣ୍ଟ ହାସଲ କରି ଜମ୍ମୁ–କଶ୍ମୀର ଶୀର୍ଷରେ ଥିବା ବେଳେ ୩୩ ପଏଣ୍ଟ ପାଇ ସର୍ଭିସେସ୍ ୩ୟ ସ୍ଥାନରେ ରହିଛି। ଓଡ଼ିଶା–ଝାଡ଼ଖଣ୍ଡ ମ୍ୟାଚ୍ ଡ୍ର ହେବ ବୋଲି ଆଶା କରାଯାଉଛି। ଆଉ ଗୋଟିଏ ଦିନର ଖେଳ ବାକିଥିବା ବେଳେ କୌଣସି ଦଳ ବିଜୟୀ ହେବାର ଚିତ୍ର ସ୍ପଷ୍ଟ ହେଉନି। ସେହିପରି ଜମ୍ମୁଠାରେ ଚାଲିଥିବା ଜମ୍ମୁ–କଶ୍ମୀର ଓ ହରିୟାଣା ମ୍ୟାଚ୍ ରେ ଉଭୟ ଦଳ ପାଇଁ ରହିଛି ବିଜୟ ସୁଯୋଗ। ହାତରେ ୫ ଉଇକେଟ ଥିବାବେଳେ ହରିୟାଣା ଚତୁର୍ଥ ଦିବସରେ ବିଜୟ ନିମନ୍ତେ ୧୨୧ରନ ଆବଶ୍ୟକ କରୁଛି। ଜମ୍ମୁ–କଶ୍ମୀର ମଧ୍ୟ ବିଜୟ ପଏଣ୍ଟ ହାସଲ କରି ଏକତରଫା ଭାବେ କ୍ୱାର୍ଟରରେ ସ୍ଥାନ ସୁରକ୍ଷିତ କରିବ ବୋଲି କହିବା ସମ୍ଭବ ନୁହେଁ। କ୍ୱାର୍ଟରର ଅନ୍ୟ ଏକ ଆଶାୟୀ ସର୍ଭିସେସ୍ ଦଳ ରାୟପୁରଠାରେ ଘରୋଇ ଛତିଶଗଡ଼ ବିପକ୍ଷରେ ମ୍ୟାଚ୍ ଖେଳୁଛି। ଛତିଶଗଡ଼ ଦ୍ୱିତୀୟ ଇନିଂସରେ ୧ ଉଇକେଟ ବିନିମୟରେ ୩୨୫ ରନ କରିବା ସହ ୧୦୬ ରନର ଅଗ୍ରଣୀ ହାସଲ କରିଛି। ଏଣୁ ଉକ୍ତ ମ୍ୟାଚ୍‌ର ଫଳାଫଳ ମଧ୍ୟ ନିର୍ଣ୍ଣୟ ହେବା କଷ୍ଟକର ହୋଇପଡ଼ିଛି।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୪୩୬/ଅଲଆଉଟ (ଦେବାଶିଷ ସାମନ୍ତରାୟ–୧୫୬, ବିପ୍ଳବ ସାମନ୍ତରାୟ–୭୪, ଅନୁରାଗ ଷଡ଼ଙ୍ଗୀ–୬୫, ଗୋବିନ୍ଦ ପୋଦ୍ଦାର–୩୧, ଦେବବ୍ରତ ପ୍ରଧାନ–୨୬, ଆଶୁଷ କୁମାର–୬/୭୯, ଅଜୟ ଯାଦବ–୧/୯୨, ରାହୁଲ ଶୁକ୍ଲା–୧/୧୦୧, ସାହିଲ ରାଜ–୧/୪୭, ଉତ୍କର୍ଷ ସିଂ–୧/୧୦୯)। ଝାଡ଼ଖଣ୍ଡ ପ୍ରଥମ ଇନିଂସ: ୩୫୫/୯ (କୁମାର ସୂରଜ–୧୦୭, ବିରାଟ ସିଂ–୮୩, ସାହିଲ ରାଜ–୩୦, ରାହୁଲ ଶୁକ୍ଲା–୨୫*, ଅଜୟ ଯାଦବ–୨୧*, ସୂର୍ଯ୍ୟକାନ୍ତ ପ୍ରଧାନ–୩/୮୬, ବସନ୍ତ ମହାନ୍ତି–୨/୫୨, ଦେବବ୍ରତ ପ୍ରଧାନ–୨/୮୫, ଗୋବିନ୍ଦ ପୋଦ୍ଦାର–୧/୮୦)।

**ବ୍ରାଜିଲ ପାରା ବ୍ୟାଡ୍‌ମିଣ୍ଟନ**

### ଫାଇନାଲରେ ପ୍ରମୋଦ

ଭୁବନେଶ୍ୱର, ୧୪।୨(କ୍ରୀଡ଼ା ପ୍ରତିନିଧି)

ବ୍ରାଜିଲର ସାଓ ପାଓଲୋଠାରେ ଚାଲିଥିବା ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପର ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଶାର ପ୍ରମୋଦ ଭଗତ। ଶୁକ୍ରବାର ଅନୁଷ୍ଠିତ ସେମିଫାଇନାଲରେ ସେ ଜାପାନର ଦାଇସୁକେ ଫୁଜିହାରାଙ୍କୁ ୨୧–୧୫, ୨୧–୧୮ ପଏଣ୍ଟରେ ହରାଇ ଦେଇଛନ୍ତି। ଫାଇନାଲରେ ସେ ନିଜ ଡବଲ୍ସ ପାର୍ଟନର ମନୋଜ ସରକାରଙ୍କୁ ଭେଟିବେ। ଡବଲ୍ସରେ ମନୋଜଙ୍କୁ ସାଥିକରି ଖେଳୁଥିବା ପ୍ରମୋଦ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ମନୋଜ–ପ୍ରମୋଦ ଯୋଡ଼ି କ୍ୱାର୍ଟର ଫାଇନାଲରେ ଭାରତର ନିତେଶ କୁମାର ଓ ତରୁଣ ଯୋଡ଼ିଙ୍କୁ ୨୧–୧୭, ୨୧–୧୫ ପଏଣ୍ଟରେ ପରାସ୍ତ କରିଛନ୍ତି। ଡବଲ୍ସ ସେମିଫାଇନାଲରେ ସେମାନେ ଫ୍ରାନ୍ସର ଗାଇଲି ଗୁଲାଉମି ଓ ମାଥ୍ୟୁ ଥୋମାସଙ୍କୁ ଭେଟିବେ।

### ଖେଲୋ ଇଣ୍ଡିଆରେ ଓଡ଼ିଆ ଅଫିସିଆଲ୍

କଟକ ଅଫିସ,୧୪।୨

ଆସନ୍ତା ୨୨ରୁ ଆରମ୍ଭ ହେବାକୁ ଥିବା ଖେଲୋ ଇଣ୍ଡିଆ ୟୁନଭର୍ସିଟି ଗେମ୍ସର ବାସ୍କେଟବଲ ଇଭେଣ୍ଟରେ ଓଡ଼ିଆ ମ୍ୟାଚ୍ ଅଫିସିଆଲ ପରିଚାଳନା ଦାୟିତ୍ୱରେ ଅଛନ୍ତି। ଓଡ଼ିଶା ବାସ୍କେଟବଲ ଆସୋସିଏଶନର ସମ୍ପାଦକ ଜ୍ଞାନରଞ୍ଜନ ପରିଡ଼ାଙ୍କୁ ପ୍ରତିଯୋଗିତା ମ୍ୟାନେଜର ଭାବେ ନିଯୁକ୍ତ କରିଛି ବାସ୍କେଟବଲ ଫେଡେରେଶନ ଅଫ ଇଣ୍ଡିଆ। ଏହାଛଡ଼ା ରାଜନାରାୟଣ ପାତ୍ର, ସଂଗ୍ରାମ ନାୟକ, ଶିଶିର ରଞ୍ଜନ ପଟ୍ଟନାୟକ, ମହମ୍ମଦ ସହିଦ, ସୁକାନ୍ତ ଧାରଙ୍କୁ ଟେକ୍ନିକାଲ ଅଫିସିଆଲ ଦାୟିତ୍ୱ ପ୍ରଦାନ କରାଯାଇଛି।

# ହନୁମାଙ୍କ ଶତକ ସତ୍ତ୍ୱେ ଭାରତ ୨୬୩



ହନୁମା ବିହାରୀ

ହାମିଲଟନ,୧୪।୨(ପି.ଟି.)

ନ୍ୟୁଜିଲାଣ୍ଡର ଦ୍ରୁତ ଓ ବାଉନ୍ସ ପିଚ୍‌ରେ ଭାରତୀୟ ଟପ୍ ଅର୍ଡର ବ୍ୟାଟ୍ସମ୍ୟାନମାନେ ବିଫଳ ହୋଇଛନ୍ତି। ସ୍ଥାନୀୟ ସେଡନ ପାର୍କ ଗ୍ରାଉଣ୍ଡରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ନ୍ୟୁଜିଲାଣ୍ଡ ଏକାଦଶ ବିପକ୍ଷ ୩ ଦିନିକିଆ ଅଭ୍ୟାସ ମ୍ୟାଚ୍‌ରେ ଭାରତ ବଡ଼ ସ୍କୋର ହାସଲ କରିବାରେ ବିଫଳ ହୋଇଛି। ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ହନୁମା ବିହାରୀ ଓ ଚେତେଶ୍ୱର ପୂଜାରାଙ୍କୁ ବାଦ୍ ଦେଲେ ଅନ୍ୟ ସମସ୍ତ ବ୍ୟାଟ୍ସମ୍ୟାନ ବିଫଳ ହୋଇଛନ୍ତି। ୮ ଜଣ ବ୍ୟାଟ୍ସମ୍ୟାନ ଦୁଇଅଙ୍କ ଛୁଇଁବାରେ ବିଫଳ ହୋଇଛନ୍ତି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିବା ଭାରତ ପ୍ରଥମ ଦିବସ ଖେଳ ଶେଷସୁଦ୍ଧା ୭୮.୫ ଓଭରରେ ୨୬୩ ରନ କରି ଅଲଆଉଟ ହୋଇଛି। ବିହାରୀ ୧୮୨ଟି ବଲର ସମ୍ମୁଖୀନ ହୋଇ ୧୦ ଚୌକା ଓ ୩ ଛକା ସହ ୧୦୧ ରନର ଶତକୀୟ ପାଳି ଖେଳି ରିଟାୟାର୍ଡ ହର୍ଟ ହୋଇଥିଲେ। ସେହିପରି ପୂଜାରା ୯୩ ରନର ପାଳି ଖେଳି ଜ୍ୟାକ ଗିବସନଙ୍କ ବଲ୍‌ରେ ଉଇକେଟକିପର ଡେନ୍ କ୍ଲେଭରଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ ଓ ଶତକ ହାସଲରୁ ବଞ୍ଚିତ ହୋଇଥିଲେ। ତୃତୀୟ ବ୍ୟାଟ୍ସମ୍ୟାନ ଭାବେ ଦୁଇ ଅଙ୍କ ଛୁଇଁଥିବା ଅଜିଙ୍କ୍ୟ ରାହାନେ ୧୮ ରନ କରି ଜିମ୍ମି ନିଶାମଙ୍କ ବଲ୍‌ରେ ଟମ୍ ବ୍ରୁସ୍‌ଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଭାରତ ୫ ରନରେ ୩ଟି ଉଇକେଟ ହରାଇଥିଲା। ପୃଥ୍ୱୀ ଓ ଗିଲ୍ ଅତିରିକ୍ତ ବାଉନ୍ସ ହେଉଥିବା ବଲ୍‌କୁ ସାମ୍ନା କରିବାରେ ବିଫଳ ହୋଇଥିଲେ। ସେହିପରି ମୟଙ୍କ ସିମ୍ ମୁଭମେଣ୍ଟକୁ ହ୍ୟାଣ୍ଡଲ କରିବାରେ ବିଫଳ ହୋଇଥିଲେ। ଶୁବମନ ୪ ନମ୍ବରରେ ବ୍ୟାଟିଂ କରିବାର ସୁଯୋଗ ପାଇଥିଲେ।

ଦ୍ରୁତ ଓ ବାଉନ୍ସ ହେଉଥିବା ପିଚ୍‌ରେ ପୃଥ୍ୱୀ ଶ, ମୟଙ୍କ ଅଗ୍ରୱାଲ ଓ ଶୁବମନ ଗିଲ ବିଫଳ ହୋଇଥିଲେ। ୩ଟି ବଲ୍ ଖେଳିବା ପରେ ପୃଥ୍ୱୀ ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଥିବା ବେଳେ ମୟଙ୍କ ୧ ରନ କରି ପ୍ୟାଭିଲିୟନ ଫେରିଥିଲେ। ସେହିପରି ଶୁବମନ ମଧ୍ୟ ବିନା ସ୍କୋରରେ ଆଉଟ ହୋଇଥିଲେ। ଏହି ୩ଜଣ ବ୍ୟାଟ୍ସମ୍ୟାନ ଦ୍ରୁତ ବୋଲର ସ୍କଟ କୁଗେଲେଜିନଙ୍କ ଦ୍ୱାରା ଆଉଟ ହୋଇଥିଲେ। ଟପ୍ ଅର୍ଡରର ବିପର୍ଯ୍ୟୟ ପରେ ପଞ୍ଚମ ଉଇକେଟରେ ପୂଜାରା ଓ ବିହାରୀ ୧୯୫ ରନ ସଂଗ୍ରହ କରି ସ୍ଥିତି ସମ୍ଭାଳିଥିଲେ। ନ୍ୟୁଜିଲାଣ୍ଡ ସ୍ପିନର ଇଶ୍ ସୋଧି ମଧ୍ୟ ପ୍ରଭାବୀ ସାବ୍ୟସ୍ତ ହୋଇଥିଲେ ଓ ସେ ୩ଟି ଉଇକେଟ ଅକ୍ତିଆର କରିଥିଲେ। ସେ ରିଷଭ ପନ୍ତ (୭), ରବିଚନ୍ଦ୍ରନ ଅଶ୍ୱିନ (୦) ଓ ରବୀନ୍ଦ୍ର ଜାଡେଜା (୮)ଙ୍କୁ ଆଉଟ କରି ଭାରତୀୟ ଇନିଂସର ବିପର୍ଯ୍ୟୟ ଘଟାଇଥିଲେ। ଟି୨୦ ଓ ଦିନିକିଆ ସିରିଜରେ ବ୍ୟାଟିଂ କରିବାର ସୁଯୋଗ ପାଇ ନ ଥିବା ପନ୍ତ ମାତ୍ର ୧୦ଟି ବଲ୍ ଖେଳିଥିଲେ ଓ ସୋଧିଙ୍କ ବଲ୍‌ରେ ଏକ୍ସଟ୍ରା କଭରରେ କୁଗେଲେଜିନଙ୍କ କ୍ୟାଚ୍ ଦେଇ ଉଇକେଟ ଫୋପାଡିଥିଲେ। ଉଇକେଟକିପର ଋଦ୍ଧିମାନ ଶାହା ମଧ୍ୟ ଖାତା ଖୋଲି ନ ପାରି ଗିବ୍‌ସନଙ୍କ ଦ୍ୱାରା ଆଉଟ ହୋଇଥିଲେ। ଉମେଶ ଯାଦବ ୯ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡ ତରଫରୁ କୁଗେଲେଜିନ ଓ ସୋଧି ୩ଟି ଲେଖାଏ, ଗିବସନ ୨ ଓ ନିଶାମ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର:** ଭାରତ ପ୍ରଥମ ଇନିଂସ– ୭୮.୫ ଓଭରରେ ୨୬୩ ଅଲଆଉଟ (ବିହାରୀ– ୧୦୧, ପୂଜାରା– ୯୩, ରାହାନେ– ୧୮, କୁଗେଲେଜିନ– ୩/୪୦, ସୋଧୀ– ୩/୭୨, ଗିବ୍‌ସନ–୨/୨୬, ନିଶାମ– ୧/୨୯)।

# ବିଜୟ ସହ ଓଡ଼ିଶା ଆଶା ଉଜ୍ଜୀବିତ

**ଇଣ୍ଡିଆନ ସୁପର ଲିଗ୍**

**ନର୍ଥ ଇଷ୍ଟକୁ ୨-୧ରେ ହରାଇଲା**

ଭୁବନେଶ୍ୱର,୧୪।୨(ସ୍ପୋର୍ଟ୍ସ ବ୍ୟୁରୋ)

ଚଳିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)ରେ ଶୁକ୍ରବାର ଅନୁଷ୍ଠିତ ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ଓଡ଼ିଶା ଏଫ୍‌ସି ଭ୍ରମଣକାରୀ ନର୍ଥ ଇଷ୍ଟ ୟୁନାଇଟେଡକୁ ପରାସ୍ତ କରିଛି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଓଡ଼ିଶା ୨–୧ ଗୋଲରେ ବିଜୟୀ ହେବା ସହ ତା'ର ପ୍ଲେ– ଅଫ୍ ଆଶା ଉଜ୍ଜୀବିତ ରଖିଛି।

ମ୍ୟାଚ୍‌ର ୨୪ତମ ମିନିଟ୍‌ରେ ନର୍ଥ ଇଷ୍ଟର ମାର୍ଟିନ ଚେଭ୍ସ ପ୍ରଥମ ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ତେବେ ଦ୍ୱିତୀୟାର୍ଦ୍ଧରେ ଓଡ଼ିଶା ଜବରଦସ୍ତ ପ୍ରତ୍ୟାବର୍ତ୍ତନ କରି ଦୁଇଟି ଗୋଲ ଦେଇଥିଲା। ଓଡ଼ିଶା ତରଫରୁ ୪୬ତମ ମିନିଟ୍‌ରେ ମାନୁଏଲ ଓନୁ ଓ ୭୨ତମ ମିନିଟ୍‌ରେ ମାର୍ଟିନ ପେରେଜ ଗୁଏଡ୍ସ ଗୋଲ ଦେଇ ଦଳକୁ ଜିତାଇଥିଲେ। ଓଡ଼ିଶା ଏପର୍ଯ୍ୟନ୍ତ ୧୭ଟି ମ୍ୟାଚ୍ ଖେଳି ୭ ବିଜୟ, ୩ ଡ୍ର ଓ ୭ ପରାଜୟ ସହ ମୋଟ୍ ୨୪ ପଏଣ୍ଟ ପାଇଁ ତାଲିକାର ପଞ୍ଚମ ସ୍ଥାନକୁ ଉଠିଛି। ଏହି ବିଜୟ ଓଡ଼ିଶା ପାଇଁ ଆଉ ଏକ ସୁଯୋଗ ସୃଷ୍ଟି କରିଛି। ଅନ୍ୟପଟେ ନର୍ଥ ଇଷ୍ଟର ଦୁର୍ବଳ ପ୍ରଦର୍ଶନ ଜାରି ରହିଛି। ନର୍ଥ ଇଷ୍ଟ ଏପର୍ଯ୍ୟନ୍ତ ୧୬ଟି ମ୍ୟାଚ୍ ଖେଳି ୨ ବିଜୟ, ୭ ଡ୍ର ଓ ୭ ପରାଜୟ ସହ ୧୩ ପଏଣ୍ଟ ପାଇଁ ତାଲିକାର ନବମ ସ୍ଥାନରେ ରହିଛି।

ଆରମ୍ଭରୁ ଓଡ଼ିଶା ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲା। ସାରା ମ୍ୟାଚ୍‌ରେ ଓଡ଼ିଶା ଗୋଲ କିପର ଅର୍ଶଦୀପ ସିଂ ଚମତ୍କାର ପ୍ରଦର୍ଶନ କରି ପ୍ରତିପକ୍ଷ ଦଳର ଏକାଧିକ ଆକ୍ରମଣକୁ ପଣ୍ଡ କରିଥିଲେ। ସ୍ଥାନୀୟ ଖେଳାଳି ଶୁଭମ ଷଡଙ୍ଗୀ ୨୮ତମ ମିନିଟ୍‌ରେ ମିଳିଥିବା ଗୋଟିଏ ସୁଯୋଗ ହାତଛଡ଼ା କରିଥିଲେ। ପ୍ରଥମାର୍ଦ୍ଧର ଠିକ୍ ପରେ ପରେ ସ୍ପେନ୍ ଫରୱାର୍ଡ ମାନୁଏଲ ଗୋଲ ଦେଇ ମ୍ୟାଚ୍‌କୁ ୧–୧ ସମାନସ୍ତରକୁ ଆଣିଥିଲେ। ନର୍ଥ ଇଷ୍ଟ ବାରମ୍ବାର ଆକ୍ରମଣ କରିବାକୁ ପ୍ରୟାସ କରିଥିଲେ ମଧ୍ୟ ଗୋଲ ଦେବାରେ ସଫଳ ହୋଇ ନ ଥିଲା। ୮୩ତମ ମିନିଟ୍‌ରେ ଭ୍ରମଣକାରୀ ଦଳ ସୁଯୋଗ ପାଇଥିଲା। ତେବେ ଗୋଲ ଦେଇପାରି ନ ଥିଲା। ଏହି ବିଜୟ ସହ ଘରୋଇ ଦଳ ୩ ପଏଣ୍ଟ ହାସଲ କରିଥିଲା। ଓଡ଼ିଶା ତା'ର ଅନ୍ତିମ ଲିଗ୍ ମ୍ୟାଚ୍ ୨୩ ତାରିଖରେ ରବିବାର ଏଠାରେ ଶକ୍ତିଶାଳୀ କେରଳ ବ୍ଲାଷ୍ଟର୍ସକୁ ଭେଟିବ। ପ୍ଲେ–ଅଫ୍‌ରେ ସ୍ଥାନ ହାସଲ କରିବାକୁ ହେଲେ ଏହି ମ୍ୟାଚ୍‌ରେ ଓଡ଼ିଶା ବିଜୟୀ ହେବା ଅପରିହାର୍ଯ୍ୟ ହୋଇପଡିଛି। ମାନୁଏଲ ପ୍ଲେୟାର ଅଫ୍ ଦି ମ୍ୟାଚ୍ ଓ ୱିନିଙ୍ଗ ପାସ୍ ଅଫ୍ ଦି ମ୍ୟାଚ୍ ଆୱାର୍ଡ ପୁରସ୍କାର ହାସଲ କରିଛନ୍ତି।



ଓଡ଼ିଶା ଏଫ୍‌ସି–ନର୍ଥ ଇଷ୍ଟ ୟୁନାଇଟେଡ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ। (ଫଟୋ: ବିକାଶ ନାୟକ)

**୬, ୫୦୦ ଦର୍ଶକ ମ୍ୟାଚ୍ ଦେଖିଲେ**

ଘରୋଇ ଦର୍ଶକ ଓଡ଼ିଶା ଏଫ୍‌ସିକୁ ମ୍ୟାଚ୍‌ରେ ଉତ୍ସାହିତ କରିଥିବା ଦେଖାଯାଇଥିଲା। ପାଖାପାଖି ୬,୫୦୦ ଦର୍ଶକ ଗ୍ୟାଲେରିରେ ଉପସ୍ଥିତ ରହି ଓଡ଼ିଶା ଦଳକୁ ଚିୟର କରିଥିଲେ। ଷ୍ଟାଣ୍ଡରେ କେତେଜଣ ମହିଳା କ୍ରୀଡ଼ାବିତ୍‌ଙ୍କ ସମେତ ଓଲିଉଡ ଅଭିନେତା ସବ୍ୟସାଚୀ ମିଶ୍ର ଉପସ୍ଥିତ ରହି ମ୍ୟାଚ୍‌ର ମଜା ନେଇଥିଲେ। ମହିଳା ଆଥଲେଟ ଜଉନା ମୁର୍ମୁ, ପୂର୍ଣ୍ଣିମା ହେମ୍ବ୍ରମ, ପୂର୍ବତନ ମହିଳା ଫୁଟ୍‌ବଲର ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ଗୀତାଞ୍ଜଳୀ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।



କଳିଙ୍ଗ ଷ୍ଟାଡ଼ିୟମରେ ଶୁକ୍ରବାର ଆଇଏସ୍ଏଲ୍ ମ୍ୟାଚ୍ ଉପଭୋଗ ଅବସରରେ (ବାମରୁ) ଗୀତାଞ୍ଜଳି ସାମନ୍ତରାୟ, ପୂର୍ଣ୍ଣିମା ହେମ୍ବ୍ରମ୍, ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ସବ୍ୟସାଚୀ ମିଶ୍ର ଓ ଜଉନା ମୁର୍ମୁ।

# ପଦ୍ମିନୀଙ୍କୁ ସ୍ୱର୍ଣ୍ଣ: ସ୍ୱୟମ୍ଭ, ବୈଭବଙ୍କୁ ବ୍ରୋଞ୍ଜ



ସ୍ୱର୍ଣ୍ଣ ପଦକ ଗ୍ରହଣ ଅବସରରେ ପଦ୍ମିନୀ ରାଉତ।

**ଭୁବନେଶ୍ୱର, ୧୪।୨(କ୍ରୀଡ଼ା ପ୍ରତିନିଧି)**

ଅହମ୍ମଦାବାଦରେ ଅନୁଷ୍ଠିତ ୪୦ତମ ଜାତୀୟ ଟିମ୍ ଚେସ୍ ଚାମ୍ପିୟନଶିପ୍‌ରେ ବିଭିନ୍ନ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଓଡ଼ିଶା ଖେଳାଳିମାନେ ଚମତ୍କାରିତା ପ୍ରଦର୍ଶନ କରିଛନ୍ତି। ଅନ୍ତର୍ଜାତୀୟ ମାଷ୍ଟର ପଦ୍ମିନୀ ରାଉତ ସ୍ୱର୍ଣ୍ଣ ପଦକ ପାଇଥିବାବେଳେ ଗ୍ରାଣ୍ଡମାଷ୍ଟର (ଜିଏମ) ସ୍ୱୟମ୍ଭ ମିଶ୍ର ଏବଂ ବୈଭବ ମିଶ୍ର ବ୍ୟକ୍ତିଗତ ପ୍ରଭାବୀ ପ୍ରଦର୍ଶନ ପାଇଁ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ତାଙ୍କ ଟିମ୍ ଏୟାର ଇଣ୍ଡିଆ ୧୦ମ ସ୍ଥାନରେ ରହି ପ୍ରତିଯୋଗିତା ଶେଷ କରିଥିଲେ ହେଁ ସ୍ୱୟମ୍ଭ ୯ ରାଉଣ୍ଡରୁ ୬.୫ ପଏଣ୍ଟ ପାଇ ୩ୟ ବୋର୍ଡରେ ବ୍ୟକ୍ତିଗତ ବ୍ରୋଞ୍ଜ ପାଇଛନ୍ତି। ଏୟାର ଇଣ୍ଡିଆ ପକ୍ଷରୁ ସ୍ୱୟମ୍ଭଙ୍କ ବ୍ୟତୀତ ଓଡ଼ିଶାର ଅନ୍ୟତମ ପ୍ରତିଷ୍ଠିତ ଖେଳାଳି ଅନ୍ତର୍ଜାତୀୟ ମାଷ୍ଟର (ଆଇଏମ) ସ୍ୱୟଂଶ୍ରୁ ସତ୍ୟପ୍ରଜ୍ଞ, ଜିଏମ ନାରାୟଣ ଶ୍ରୀନାଥ, ଜିଏମ ତେଜାସ ବାକ୍ରେ ଓ ଆଇଏମ ଚନ୍ଦ୍ରଶେଖର ଗୋଖଲେ ପ୍ରତିନିଧିତ୍ୱ କରୁଥିଲେ। ବ୍ୟକ୍ତିଗତ ପ୍ରଦର୍ଶନକୁ ନେଇ ସ୍ୱୟମ୍ଭ ସନ୍ତୋଷ ପ୍ରକାଶ କରିଛନ୍ତି।

**ବୈଭବ ପ୍ରଭାବୀ**

ପ୍ରତିଯୋଗିତାରେ ଭାଗ ନେଇଥିବା ଓଡ଼ିଶା 'ଏ' ୮ମ ସ୍ଥାନରେ ରହି ପ୍ରତିଯୋଗିତା ଶେଷ କରିଛି। ଓଡ଼ିଶା 'ଏ' ପକ୍ଷରୁ ଆଇଏମ ସିଦ୍ଧାନ୍ତ ମହାପାତ୍ର, ଉତ୍କଳ ରଞ୍ଜନ ସାହୁ, ରାଜେଶ ନାୟକ, ଆଶୀର୍ବାଦ ସ୍ୱାଇଁ ଓ ବୈଭବ ମିଶ୍ର ପ୍ରତିନିଧିତ୍ୱ କରୁଥିଲେ। ଉତ୍କଳ ଦଳର ନେତୃତ୍ୱ ନେଉଥିଲେ। ବୈଭବ ୪ର୍ଥ ବୋର୍ଡରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ପ୍ରତିଯୋଗିତାରେ ଭାଗ ନେଇଥିବା ଓଡ଼ିଶା 'ବି' ୧୪ତମ ସ୍ଥାନରେ ସନ୍ତୁଷ୍ଟ ରହିଛି। ଏହି ଦଳରେ ଅଂଶୁମାନ ସାମଲ, ନିଲ୍‌ସୁ ପଟ୍ଟନାୟକ, ସୁଶୋଭିତ ଦାସ, ଆଶୁତୋଷ ମହାନ୍ତି ଖେଳୁଥିଲେ। ସୁଶୋଭିତ ଦାସ ଦଳର ନେତୃତ୍ୱ ନେଇଥିଲେ।

**ପଦ୍ମିନୀଙ୍କ ଟିମ୍ ଚାମ୍ପିୟନ**

ପ୍ରତିଯୋଗିତାର ମହିଳା ବିଭାଗରେ ଆଇଏମ୍ ପଦ୍ମିନୀ ରାଉତଙ୍କ ପେଟ୍ରୋଲିୟମ ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡ ଚାମ୍ପିୟନ ହୋଇଛି। ଏହି ଦଳରେ ପଦ୍ମିନୀଙ୍କ ସହିତ ମହିଳା ଗ୍ରାଣ୍ଡମାଷ୍ଟର ମାରି ଆନ ଗୋମ୍ସ, ସୌମ୍ୟା ସ୍ୱାମୀନାଥନ, ମହିଳା ଅନ୍ତର୍ଜାତୀୟ ମାଷ୍ଟର ରକ୍ଷିତା ଦେବୀ ଓ ଆଇଏମ ନିଶା ମୋହତା ଖେଳୁଥିଲେ। ପେଟ୍ରୋଲିୟମ ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡ ୭ ମ୍ୟାଚରୁ ୭ ବିଜୟ ହାସଲ କରିଥିଲା।

ଓଡ଼ିଶାର ପ୍ରଥମ ମହିଳା ଗ୍ରାଣ୍ଡମାଷ୍ଟର (ଡବ୍ଲୁଜିଏମ)କିରଣ ମନୀଷା ମହାନ୍ତି ଏହି ପ୍ରତିଯୋଗିତାରେ ତାଙ୍କ ନିଯୁକ୍ତି ସଂସ୍ଥା ଏଲଆଇସି ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ଏଥିରେ ଏଲଆଇସି ୯ମ ସ୍ଥାନ ଅଧିକାର କରିଥିଲା। କିରଣଙ୍କ ବ୍ୟତୀତ ଡବ୍ଲୁଜିଏମ ସ୍ୱାତୀ ଘାଟେ, ଅନଘା ୟାର୍ଡି, ମହିଳା ଫିଡେ ମାଷ୍ଟର ବିନ୍ଦୁ ସରିତା କେ. ଓ ମନୀଷା ତ୍ରିବେଦୀ ଏହି ଦଳ ପକ୍ଷରୁ ଖେଳୁଥିଲେ।



ବୈଭବ ମିଶ୍ର



ଅତିଥିଙ୍କ ସହ ବ୍ରୋଞ୍ଜ ପଦକ ବିଜେତା ସ୍ୱୟମ୍ଭ ମିଶ୍ର।

**ଜାତୀୟ ଟିମ୍ ଚେସ୍ ଚାମ୍ପିୟନଶିପ୍**

**ଓଡ଼ିଶାକୁ ୧୪ତମ ସ୍ଥାନ**

ମହିଳା ବିଭାଗରେ ଲୋପାମୁଦ୍ରା ରାଉତରାୟ, ନବନୀତା ପଟ୍ଟନାୟକ, ସ୍ମାରକୀ ମହାନ୍ତି ଓ କ୍ୟାଣ୍ଡିଡେଟ ମାଷ୍ଟର ଅପରାଜିତା ଗୋଚ୍ଛିକାର ଓଡ଼ିଶା ଦଳ ପକ୍ଷରୁ ପ୍ରତିନିଧିତ୍ୱ କରୁଥିଲେ। ତେବେ ୭ ରାଉଣ୍ଡରୁ ୬ ପଏଣ୍ଟ ପାଇ ଓଡ଼ିଶା ଦଳ ୧୪ତମ ସ୍ଥାନରେ ରହିଥିଲା।

## ଘଣ୍ଟା ପିନ୍ଧିବା ମହଙ୍ଗା ପଡ଼ିଲା



ସ୍ୱାତୀ ଘାଟେ ଓ ତାନିଆ ସଚଦେବ।

ଘଣ୍ଟା ପିନ୍ଧି ଖେଳିବା ମହିଳା ଗ୍ରାଣ୍ଡମାଷ୍ଟର ସ୍ୱାତୀ ଘାଟେଙ୍କ ପାଇଁ ମହଙ୍ଗା ପଡ଼ିଛି। ଆର୍ବିଟରଙ୍କ ବାରଣ ସତ୍ତ୍ୱେ ଅନ୍ତର୍ଜାତୀୟ ମାଷ୍ଟର ତାନିଆ ସଚଦେବଙ୍କ ବିପକ୍ଷ ମ୍ୟାଚରେ ସ୍ୱାତୀ ଘଣ୍ଟା ପିନ୍ଧିଥିବାରୁ ଶୁକ୍ରବାର ୧୦ ମୁଭ୍ ପରେ ତାଙ୍କୁ ପରାଜିତ ଘୋଷଣା କରାଯାଇଥିଲା। ମୁଖ୍ୟ ଆର୍ବିଟର ଆର. ଅନନ୍ତରମଣଙ୍କ କହିବା ଅନୁସାରେ, "ଜଣେ ଆର୍ବିଟର ସ୍ୱାତୀ ଘଣ୍ଟା ପିନ୍ଧିଥିବା ସମ୍ପର୍କରେ ମୋତେ ସୂଚନା ଦେଇଥିଲେ। ପରେ ମୁଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲି। ସ୍ୱାତୀଙ୍କ ପ୍ରତିପକ୍ଷ ତାନିଆ କିନ୍ତୁ ଏପରିଭାବେ ମ୍ୟାଚ ଜିତିବାକୁ ଚାହୁଁ ନ ଥିଲେ। ଗେମ୍ ଜାରି ରଖିବା ପାଇଁ ଯଦି କିଛି ଉପାୟ ଅଛି ତେବେ ତାହା ଅବଲମ୍ବନ କରିବାକୁ ସେ କହିଥିଲେ। ମାତ୍ର ସମସ୍ତଙ୍କ ପାଇଁ ନିୟମ ସମାନ। ଆମେ ପୂର୍ବରୁ ବି. ଅଧିବନଙ୍କୁ ଏହି କାରଣ ପାଇଁ ରାଉଣ୍ଡ-୩ରେ ପରାଜିତ ଘୋଷଣା କରିଥିଲୁ। ତେଣୁ ଏଠାରେ ନିୟମ ବଦଳାଇବା ସମ୍ଭବନା ନ ଥିଲା"।

ପ୍ରଥମ ଜନ୍ମଦିନ ଶୁଭେଚ୍ଛା



ନିତ୍ୟା ମହାପାତ୍ର
ବନମାଳୀ ବସେରା, ପଟିଆ
ମା' ଦୁର୍ଗାଙ୍କ ପାଖରେ ଏତିକି କାମନା ତୋତେ ଦୀର୍ଘାୟୁ କରନ୍ତୁ ଓ ସର୍ବଦା ଭଲରେ ରଖନ୍ତୁ।
ଶୁଭେଚ୍ଛା ସହ : ଦାଦା, ଦେଠେଇ
ଧ-୬୮୦୬୩

ପ୍ରଥମ ଜନ୍ମଦିନ ଶୁଭେଚ୍ଛା



ଆୟାଂଶ ଆଦିବ ମହାନ୍ତି (ଆଦି)
ଆଳତୁମା କାମାକ୍ଷାନଗର, ଢେଙ୍କାନାଳ
ଶ୍ରୀଜଗନ୍ନାଥଙ୍କ ପାଖରେ ଏତିକି କାମନା ତୋତେ ସର୍ବଦା ଭଲରେ ରଖନ୍ତୁ।
:-ଶୁଭେଚ୍ଛା ସହ:-
ବାପା: ସମୀର ମହାନ୍ତି, ବୋଉ: ରଶ୍ମିରାଣୀ ସାମଲ, ଆଈ, ଅଜା, ମାମୁ, ଜେଜେମା, ଜେଜେବାପା ।
ଧ-୧୬୭୨୧

୮ମ ଜନ୍ମଦିନ ଉପଲକ୍ଷେ




ଆୟୁଷ କୁମାର ସ୍ୱାଇଁ
ପାରାଦୀପ୍ କୋଠି ଶାସନ
ତୋ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛି ତୋ ଚଲାପଥ କୁସୁମିତ ହେଉ ।
ଶୁଭେଚ୍ଛା ସହ:
ବାପା, ମାଆ, ଜେଜେ, ଜେଜେମା, ଅଜା, ଆଈ, ବଡବାପା, ବଡବୋଉ, ମାମୁ, ମାଇଁ, ପିଉସା, ପିଉସୀ, ମଉସା, ମାଉସୀ ଏବଂ ଭାଇ, ଭଉଣୀ
ଧ-୬୮୪୯୦

## ଆଇସିସି ଟି୨୦ ମହିଳା ର୍‍ୟାଙ୍କିଙ୍ଗ୍: ୪ର୍ଥକୁ ଉଠିଲେ ମନ୍ଧାନା

**ଦୁବାଇ, ୧୪।୨(ପି.ଟି.)**

ଭାରତୀୟ ଷ୍ଟାର ଓପନର ସ୍ମୃତି ମନ୍ଧାନା ଆଇସିସି ମହିଳା ଟି୨୦ ଅନ୍ତର୍ଜାତୀୟ ବ୍ୟାଟ୍ସଓମ୍ୟାନଙ୍କ ର୍‍ୟାଙ୍କିଙ୍ଗ୍‌ରେ ଚତୁର୍ଥ ସ୍ଥାନକୁ ଉଠିଛନ୍ତି। ଅନ୍ୟତମ ବ୍ୟାଟ୍ସଓମ୍ୟାନ ଜେମିମା ରୋଡ୍ରିଗୁଏଜ ସପ୍ତମ ସ୍ଥାନକୁ ଖସିଛନ୍ତି। ଅଧିନାୟିକା ହରମନପ୍ରୀତ କୌର ୯ମ ସ୍ଥାନ ବଜାୟ ରଖିଛନ୍ତି। ନ୍ୟୁଜିଲାଣ୍ଡର ସୁଜି ବାଟେ ପୂର୍ବଭଳି ଶୀର୍ଷ ସ୍ଥାନରେ ରହିଛନ୍ତି। ମହିଳା ତ୍ରିରାଷ୍ଟ୍ରୀୟ ସିରିଜରେ ଦୁଇଟି ଲେଖାଏ ଅର୍ଦ୍ଧଶତକ ହାସଲ କରିଥିବା ଅଷ୍ଟ୍ରେଲିଆନ ଓପନ ବେଥ୍ ମୁନି ଓ ମନ୍ଧାନାଙ୍କ ର୍‍ୟାଙ୍କିଙ୍ଗ୍‌ରେ ଉନ୍ନତି ଆସିଛି। କିନ୍ତୁ ଅଷ୍ଟ୍ରେଲିଆନ ଦଳ ଅଧିନାୟିକା ମେଗ୍ ଲାନିଂ ୩ ସ୍ଥାନ ତଳକୁ ଖସିବା ପରେ ମଧ୍ୟ ୫ମ ସ୍ଥାନରେ ରହିଛନ୍ତି। ବୋଲରଙ୍କ ମଧ୍ୟରେ ପୁନମ ଯାଦବ ୬ଟି ସ୍ଥାନ ତଳକୁ ଖସି ଟପ୍ ୧୦ରୁ ବାଦ୍ ପଡ଼ିଛନ୍ତି। ସେ ଏବେ ୧୨ତମ ସ୍ଥାନରେ ଅଛନ୍ତି। ଟପ୍ ୧୦ରେ ଆହୁରି ପରିବର୍ତ୍ତନ ହୋଇଛି। ବାଟେଙ୍କ ସାଥୀ ଖେଳାଳି ସୋଫି ଡେଭିନ ୪ ସୋପାନ ଉପରକୁ ଉଠି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଏଲିସେ ପେରି ୪ ସ୍ଥାନ ଡେଇଁ ୭ମ ସ୍ଥାନରେ ପହଞ୍ଚିଛନ୍ତି।

8th Marriage Anniversary



Sridhar & Sonu (Guduli)
At- Bentapur Diwanpatana, Dist- Khurda
May ShriJagannath Mahaprabhu shower his blessings upon both of you.
Wishing you a happy married life.
With compliments from:
Family & Relatives
D-69209

## ସେମିଫାଇନାଲରେ ବୋପାନ୍ନା-ଶାପୋଭାଲୋଭ

**ରୋଟରଡାମ, ୧୪।୨(ପି.ଟି.)**

ଏଠାରେ ଚାଲିଥିବା ଏବିଏନ୍ ଆମ୍‌ରୋ ୱାର୍ଲ୍ଡ ଟେନିସ୍ ଟୁର୍ନାମେଣ୍ଟରେ ଭାରତୀୟ ଅଭିଜ୍ଞ ଖେଳାଳି ରୋହନ ବୋପାନ୍ନା ଓ ତାଙ୍କ କାନାଡ଼ା ପାର୍ଟନର ଡେନିସ ଶାପୋଭାଲୋଭ ଡବଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ପୁରୁଷ ଡବଲ୍ସ ଇଭେଣ୍ଟରେ ଗୁରୁବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଅଣସିଡ ଏହି ଯୋଡି ଚତୁର୍ଥ ସିଡ୍ ରୋମାନିଆ- ଡଚ୍ ଯୋଡି ଜିନ୍- ଜୁଲିନେ ରୋଜର ଓ ହୋରିଆ ଟେକାଉଙ୍କୁ ୬-୨, ୩-୬, ୧୦-୭ ସେଟ୍‌ରେ ପରାସ୍ତ କରି ସେମିକୁ ଉଠିଛନ୍ତି। ସେମିରେ ବୋପାନ୍ନା-ଶାପୋଭାଲୋଭ କ୍ୱାର୍ଟର ହେନରୀ ବିଜେତା କୋଣ୍ଟିନେନ-ଜାନ ଲିନାର୍ଡ ଷ୍ଟ୍ରଫ୍ କିମ୍ବା ଜେମି ମୁରେ- ନିଲ ସ୍କୁପ୍ସକିଙ୍କୁ ଭେଟିବେ।

## ପାକିସ୍ତାନ ଟୁର୍‌ରେ ଯିବନି ଦକ୍ଷିଣ ଆଫ୍ରିକା

**ଜୋହାନ୍ସବର୍ଗ, ୧୪।୨ (ପି.ଟି.)**

ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ଯୋଗୁ ବର୍ତ୍ତମାନ ପାକିସ୍ତାନ ଟୁର୍‌ରେ ଯିବା ସମ୍ଭବପର ନୁହେଁ ବୋଲି ଦକ୍ଷିଣ ଆଫ୍ରିକା ସ୍ପଷ୍ଟ କରିଛି। ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଓ କ୍ରିକେଟ ଦକ୍ଷିଣ ଆଫ୍ରିକା (ସିଏସ୍‌ଏ) ମଧ୍ୟରେ ଆଲୋଚନା ହୋଇ ଏଥିପାଇଁ ପରେ ଦିନ ଧାର୍ଯ୍ୟ ହେବ ବୋଲି ଏକ ରିପୋର୍ଟରେ ପ୍ରକାଶ ପାଇଛି। ଦକ୍ଷିଣ ଆଫ୍ରିକା ମାର୍ଚ୍ଚ ୧୨ରୁ ୧୮ ପର୍ଯ୍ୟନ୍ତ ଭାରତରେ ତିନୋଟି ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚ ଖେଳିବ। ଏହାପରେ ଦଳ ପାକିସ୍ତାନ ଟୁର୍‌ରେ ଯାଇ ରାୱଲପିଣ୍ଡିରେ ୩ଟି ଅନ୍ତର୍ଜାତୀୟ ଟି୨୦ ମ୍ୟାଚ ଖେଳିବାର ଯୋଜନା ରହିଥିଲା। ମାତ୍ର ବର୍ତ୍ତମାନ ପରିସ୍ଥିତିରେ ତାହା ସମ୍ଭବପର ନୁହେଁ ବୋଲି ସିଏସ୍‌ଏ ପ୍ରକାଶ କରିଛି। ଇଂଲଣ୍ଡ ବିପକ୍ଷରେ ୪ ଟେଷ୍ଟ ଏବଂ ୩ ଦିନିକିଆ ଖେଳିସାରିବା ପରେ ଦକ୍ଷିଣ ଆଫ୍ରିକା ବର୍ତ୍ତମାନ ଟି୨୦ ସିରିଜ ଖେଳୁଛି। ଇଂଲଣ୍ଡ ବିପକ୍ଷ ଟି୨୦ ସିରିଜ ଶେଷ ହେବା ପରେ ଅଷ୍ଟ୍ରେଲିଆ ବିପକ୍ଷରେ ଘରୋଇ ସିରିଜ ଖେଳିବ ଦକ୍ଷିଣ ଆଫ୍ରିକା। ଏଥିରେ ଦଳ ତିନୋଟି ଦିନିକିଆ ଏବଂ ସମାନ ସଂଖ୍ୟକ ଟି୨୦ ଖେଳିବ। ଏହି ଦ୍ୱିପାକ୍ଷିକ ସିରିଜ ମାର୍ଚ୍ଚ ୭ରେ ଶେଷ ହେବ। ଏହାର ଏକ ସପ୍ତାହ ନ ପୂରୁଣୁ ଦକ୍ଷିଣ ଆଫ୍ରିକା ଧର୍ମଶାଳାରେ ଭାରତ ବିପକ୍ଷ ଦ୍ୱିପାକ୍ଷିକ ସିରିଜର ଓପନିଂ ମ୍ୟାଚ ଖେଳିବ।

## ପୁରୁଷ ଦଳ ସେମିଫାଇନାଲରେ

**ଏସିଆ ବ୍ୟାଡ୍‌ମିଣ୍ଟନ ଟିମ୍ ଚାମ୍ପିୟନଶିପ୍**

**ମାନିଲା (ଫିଲିପାଇନ୍ସ), ୧୪।୨ (ପି.ଟି.)**

ଏସିଆ ବ୍ୟାଡ୍‌ମିଣ୍ଟନ ଟିମ୍ ଚାମ୍ପିୟନଶିପ୍‌ରେ ଭାରତୀୟ ପୁରୁଷ ଦଳ ସେମିଫାଇନାଲରେ ପ୍ରବେଶ କରିବା ସହ ପଦକ ପକ୍କା କରିଛି। ଶୁକ୍ରବାର ଏକ ରୋମାଞ୍ଚକ କ୍ୱାର୍ଟରଫାଇନାଲରେ ଦଳ ୩-୨ରେ ଥାଇଲାଣ୍ଡକୁ ପରାସ୍ତ କରିଛି। ପ୍ରଥମ ଦୁଇଟି ସିଙ୍ଗଲ୍ସରେ କିଡାମ୍ବି ଶ୍ରୀକାନ୍ତ ଏବଂ ବି. ସାଇ ପ୍ରଣୀଥ୍ ସେମାନଙ୍କ ମ୍ୟାଚ ହାରିଯାଇଥିଲେ। କିନ୍ତୁ ପରବର୍ତ୍ତୀ ତିନୋଟି ମ୍ୟାଚ ଅର୍ଥାତ ଗୋଟିଏ ସିଙ୍ଗଲ୍ସ ଏବଂ ଦୁଇଟି ଡବଲ୍ସ ମ୍ୟାଚରେ ବିଜୟ ଲାଭ କରିଥିଲା। ସେମିଫାଇନାଲରେ ଭାରତ ଦୁଇଥର ଚାମ୍ପିୟନ ଇଣ୍ଡୋନେସିଆକୁ ଭେଟିବ। ଭାରତୀୟ ପୁରୁଷ ଦଳ ପୂର୍ବରୁ ହାଇଦ୍ରାବାଦରେ ଅନୁଷ୍ଠିତ ପ୍ରତିଯୋଗିତାର ୨୦୧୬ ସଂସ୍କରଣ ସେମିଫାଇନାଲରେ ଇଣ୍ଡୋନେସିଆଠାରୁ ୧-୩ରେ ପରାସ୍ତ ହୋଇ ବ୍ରୋଞ୍ଜ ପଦକ ପାଇଥିଲା। ଶୁକ୍ରବାର ଥାଇଲାଣ୍ଡ ବିପକ୍ଷ କ୍ୱାର୍ଟରଫାଇନାଲରେ ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ପଦକ ବିଜେତା ବି. ସାଇ ପ୍ରଣୀଥ୍ ଲଚ୍ଚୁଆ ପ୍ରଦର୍ଶନ କରି ବିଶ୍ୱର ୧୨ ନମ୍ବର ଖେଳାଳି କାଣ୍ଟାଫୋନ୍ ୱାଙ୍ଗ୍‌ଚାରୋନଙ୍କଠାରୁ ୧୪-୨୧, ୨୧-୧୪, ୧୨-୨୧ରେ ହାରିଯାଇଥିଲେ। ଦ୍ୱିତୀୟ ସିଙ୍ଗଲ୍ସରେ ବିଶ୍ୱର ନମ୍ବର ୱାନ ଶ୍ରୀକାନ୍ତ ୩ଥର ଜୁନିୟର ବିଶ୍ୱ ଚାମ୍ପିୟନ କୁନ୍‌ଲାଭଟ୍ ଭିଟିଡ୍‌ସରନଙ୍କ ବିପକ୍ଷ ତାଙ୍କ ମ୍ୟାଚ ୨୦-୨୨, ୧୪-୨୧ରେ ପରାଜିତ ହୋଇଥିଲେ। ଫଳରେ ଭାରତ ୦-୨ରେ ପଛୁଆ ହୋଇଥିଲା। କିନ୍ତୁ ପ୍ରଥମ ଡବଲ୍ସରେ ଏମ୍.ଆର୍. ଅର୍ଜୁନ ଏବଂ ଧ୍ରୁବ କାପିଲା ପ୍ରତିପକ୍ଷ କିଟିନପଙ୍ଗ କେଡ୍ରେନ୍ ଏବଂ ଟାନୁପାଟ୍ ଭିରିୟାଙ୍ଗକୁରାଙ୍କୁ ୨୧-୧୮, ୨୨-୨୦ରେ ପରାସ୍ତ କରିଥିଲେ। ପରେ ଯୁବ ଖେଳାଳି ଲକ୍ଷ୍ୟ ସେନ୍ ବିଶ୍ୱର ୪୫ ନମ୍ବର ମାନ୍ୟତାପ୍ରାପ୍ତ ସୁପାନ୍ୟୁ ଆଭିଙ୍ଗସାନନଙ୍କ ବିପକ୍ଷ ମ୍ୟାଚ ୨୧-୧୯, ୨୧-୧୮ରେ ବିଜୟ ଲାଭ କରିବା ଦ୍ୱାରା ଭାରତ ମୁକାବିଲାକୁ ୨-୨ ସ୍ତରକୁ ଆଣିପାରିଥିଲା। ଦ୍ୱିତୀୟ ଡବଲ୍ସରେ ଚିରାଗ ଶେଟ୍ଟି ଓ ଶ୍ରୀକାନ୍ତ ଯୋଡ଼ି ୨୧-୧୫, ୧୬-୨୧, ୨୧-୧୫ରେ ମାନିପଙ୍ଗ ଜଙ୍ଗ୍‌ଜିତ୍ ଏବଂ ନିପିଥୋନ୍ ପୁଆଙ୍ଗ୍‌ପୁଆପେଟ୍‌ରେ ହରାଇ ଭାରତକୁ ବିଜୟୀ କରାଇଥିଲେ।

**ଇଣ୍ଡିଆନ ଓମେନ୍ସ ଲିଗ୍ ଫୁଟ୍‌ବଲ**

## ଗୋକୁଲମ କେରଳ ଚାମ୍ପିୟନ



ଇଣ୍ଡିଆନ୍ ଓମେନ୍ସ ଲିଗ୍ ଫୁଟବଲ ଚାମ୍ପିୟନ ଗୋକୁଲମ୍ କେରଳ ଦଳର ଖେଳାଳିମାନେ ଟ୍ରଫି ସହ।

**ବେଙ୍ଗାଲୁରୁ, ୧୪।୨ (ପି.ଟି.)**

କାଙ୍ଗଚୁପ୍ ରୋଡ୍ ୟଙ୍ଗ ଫିଜିକାଲ ଆଣ୍ଡ ସ୍ପୋର୍ଟ୍ସ ଆସୋସିଏଶନ (କ୍ରିଫ୍‌ସା) ଏଫ୍‌ସିକୁ ୩-୨ ଗୋଲରେ ପରାସ୍ତ କରି ଗୋକୁଲମ କେରଳ ହିରୋ ଇଣ୍ଡିଆନ ମହିଳା ଲିଗ୍ (ଆଇଡବ୍ଲୁଏଲ୍) ଫୁଟ୍‌ବଲ ଟୁର୍ନାମେଣ୍ଟ ଚାମ୍ପିୟନ ହୋଇଛି। ମ୍ୟାଚ ପ୍ରାରମ୍ଭରେ ପ୍ରମେଶ୍ୱରୀ ଦେବୀ ଏବଂ କମଳା ଦେବୀ ଗୋଲ ସ୍କୋର କରି ଗୋକୁଲମ କେରଳ ଦଳକୁ ୨-୦ରେ ଅଗ୍ରଣୀ କରାଇଥିଲେ। ମାତ୍ର ପ୍ରଥମାର୍ଦ୍ଧ ଖେଳ ଶେଷ ପୂର୍ବରୁ କ୍ରିଫ୍‌ସା ଦଳର ଡାଙ୍ଗମେଇ ଗ୍ରେସ୍ ଗୋଟିଏ ଗୋଲ ପରିଶୋଧ କରିଦେଇଥିଲେ। ଦ୍ୱିତୀୟାର୍ଦ୍ଧରେ ରତ୍ନବାଳା ଦେବୀ ଗୋଲ ଦେଇ ମ୍ୟାଚକୁ ୨-୨ ବରାବର ସ୍ଥିତିକୁ ନେଇଆସିଥିଲେ। ତେବେ ଶେଷ ମୁହୂର୍ତ୍ତରେ ସବିତ୍ରା ଭଣ୍ଡାରୀଙ୍କ ଗୋଲ ଯୋଗୁ ଗୋକୁଲମ ଦଳ ମ୍ୟାଚ ଜିତି ନେଇଥିଲା।

## ଭାରତରେ ବୋଲ୍ଟଙ୍କଠାରୁ ଦ୍ରୁତତମ ଧାବକ ଶ୍ରୀନିବାସ

**ବାଙ୍ଗାଲୋର, ୧୪।୨**

ବିଶ୍ୱର ସବୁଠୁ ଦ୍ରୁତତମ ଧାବକ ଉସେନ ବୋଲ୍ଟଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ବୋଧହୁଏ ପ୍ରତିଦ୍ୱନ୍ଦ୍ୱୀ ମିଳିଯାଇଛି। କର୍ନାଟକର ଦାକ୍ଷିଣା କନ୍ନଡ଼ ଜିଲା ଅନ୍ତର୍ଗତ ମୁଦାବିଦ୍ରି ଗ୍ରାମରେ ଅନୁଷ୍ଠିତ ପାରମ୍ପରିକ କମ୍ବାଲ ଜକି ଦୌଡ଼ରେ ଶ୍ରୀନିବାସ ରାତାରାତି ସେନ୍‌ସେଶନ ପାଲଟିଯାଇଛନ୍ତି। ସେ ପାରମ୍ପରିକ ଷଣ୍ଢଦୌଡ଼ରେ ୧୪୨.୫୦ ମିଟର ଦୂରତାକୁ ୧୩.୬୨ ସେକେଣ୍ଡରେ ଅତିକ୍ରମ କରିଛନ୍ତି। ୨୮ ବର୍ଷୀୟ ଶ୍ରୀନିବାସ ଗୌଡ଼ାଙ୍କ ଏହି ଟାଇମିଂ ପାରମ୍ପରିକ ଦୌଡ଼ରେ ଇତିହାସ ରଚିବା ପାଇଁ ଯଥେଷ୍ଟ ଥିଲା। ସେ ୩୦ ବର୍ଷ ପୁରୁଣା ରେକର୍ଡ ଭଙ୍ଗ କରିଛନ୍ତି। ଏହି ରେସ୍ ପରେ ୧୦୦ ମି. ଦୌଡ଼ରେ ବିଶ୍ୱ ରେକର୍ଡଧାରୀ ବୋଲ୍ଟଙ୍କ ସହ ତାଙ୍କୁ ତୁଳନା କରାଯାଉଛି। ବୋଲ୍ଟ ୯.୫୮ ସେକେଣ୍ଡରେ ୧୦୦ ମି. ରେସ୍ ଶେଷ କରିଥିଲେ। ୧୪୨.୫୦ ମି. ରେସ୍‌ରେ ଗୌଡ଼ା ୧୩.୬୨ ସେ. ଟାଇମିଂ ହାସଲ କରିଥିଲେ। ଏଣୁ ଏହାକୁ ଗାଣିତକ ହିସାବରେ ୧୦୦ ମି. ଦୌଡ଼କୁ ଶେଷ କରିବା ପାଇଁ ଗୌଡ଼ାଙ୍କୁ ୯.୫୫ ସେ. ଲାଗିବ। ଏହା ବୋଲ୍ଟଙ୍କ ରେକର୍ଡଠାରୁ ୦.୦୩ ସେ. ଦ୍ରୁତତମ। ତେବେ କେବଳ ରେକର୍ଡକୁ ତୁଳନାକରି ଫଳାଫଳ ବାହାର କରାଯାଇପାରିବ ନାହିଁ। ଗୌଡ଼ା ଦୁଇ ଷଣ୍ଢଙ୍କ ସହ ଦୌଡୁଥିଲେ। ଷଣ୍ଢର ଗତି ମଧ୍ୟ ତାଙ୍କୁ ସାହାଯ୍ୟ କରିଥିଲା। କିନ୍ତୁ ଦୌଡ଼କୁ କାଦୁଅ ରାସ୍ତାରେ ଆୟୋଜନ କରାଯାଏ, ଯେଉଁଥିରେ ଦୌଡ଼ିବା କଷ୍ଟକର। ଏହି ପ୍ରଦର୍ଶନ ଯୋଗୁ ସେ ରାତାରାତି ସେନ୍‌ସେଶନ ପାଲଟିଯାଇଛନ୍ତି। ତାଙ୍କ ଦୌଡ଼ିବା ବେଳର ଭିଡିଓ ଟୁଇଟର, ଫେସ୍‌ବୁକ୍ ଭଳି ସୋସିଆଲ ମିଡିଆରେ ଭାଇରାଲ ହୋଇଯାଇଛି। କିଛି ୟୁଜର୍ସ ଶ୍ରୀନିବାସଙ୍କୁ ସରକାର ଟ୍ରେନିଂ ଦେବା ଦରକାର ଥିବା ମଧ୍ୟ କହିଛନ୍ତି।



କମ୍ବାଲ ଜକି ଦୌଡ଼ ଅବସରରେ ଶ୍ରୀନିବାସ ଗୌଡ଼ା।

## ଫ୍ରେଞ୍ଚ ଓପନ ଛଡ଼ା ୨୦୨୦ରେ କ୍ଲେ କୋର୍ଟରେ ଖେଳିବେ ନାହିଁ ଫେଡରର

**ବାସେଲ, ୧୪।୨**

ସୁଇଜରଲାଣ୍ଡର କିମ୍ବଦନ୍ତୀ ରୋଜର ଫେଡରର ଚଳିତ ବର୍ଷ କ୍ଲେ କୋର୍ଟରେ କେବଳ ଥରେ ରୋଲାଣ୍ଡ ଗାରୋସରେ ଖେଳିବେ। ୨୦ ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ୨୦୧୭ ଓ ୨୦୧୮ ସିଜନରେ କ୍ଲେ କୋର୍ଟରେ ଖେଳି ନ ଥିଲେ। ଏପରି କି ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଫ୍ରେଞ୍ଚ ଓପନରେ ପ୍ରତିନିଧିତ୍ୱ କରି ନ ଥିଲେ। ଗତବର୍ଷ କ୍ଲେକୋର୍ଟରେ ମାତ୍ର ଦୁଇଟି ଟୁର୍ନାମେଣ୍ଟରେ ଖେଳିଥିଲେ। ଚଳିତ ସିଜନରେ ଫ୍ରେଞ୍ଚ ଓପନ ଛଡ଼ା ମାଡ୍ରିଡ୍ ଓ ରୋମ ମାଷ୍ଟର୍ସରେ ଖେଳିବା ନେଇ ସମ୍ଭାବନା ଥିଲା। କିନ୍ତୁ ଫେଡରର ଏଥିରେ ଅଂଶଗ୍ରହଣ କରିବେ ନାହିଁ ବୋଲି ଏଜେଣ୍ଟ ଟୋନି ଗଡସିକ ସ୍ପଷ୍ଟ କରିଛନ୍ତି। ତାଙ୍କ କାର୍ଯ୍ୟସୂଚୀ ଅନୁଯାୟୀ, ସେ କେବଳ ରୋଲାଣ୍ଡ ଗାରୋସରେ ଖେଳିବେ। ୩୮ ବର୍ଷୀୟ ଟେନିସ ଖେଳାଳି ଗତ କିଛି ବର୍ଷ ହେଲା ନିର୍ଦ୍ଦିଷ୍ଟ ଟୁର୍ନାମେଣ୍ଟରେ ହିଁ ଖେଳୁଛନ୍ତି।

ମନେ ପଡ଼ନ୍ତି

ପଞ୍ଚମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ଭଗବାନ ଦାସ
ସର୍ବୋଦୟ ନଗର, ପୁରୀ-୨
ତିରୋଧାନ: ଫାଲ୍‌ଗୁନ କୃଷ୍ଣ ସପ୍ତମୀ, ତା. ୧୧।୦୨।୨୦୧୫
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି।
ଶୋକସନ୍ତପ୍ତ:
ପୁତ୍ର: ଜଗନ୍ନାଥ, ହରିହର, ବିଷ୍ଣୁ, ପୁତ୍ରବଧୂ: ଗୌରୀ, ମମତା, ଗୀତା, ନାତୁଣୀ: ଶୁଭଶ୍ରୀ, ଶେକଳ, କାଜଲ, ଗାୟତ୍ରୀ, ନାତି: ଶୁଭଙ୍କର, ବିଶ୍ୱଜିତ ଓ ଅନ୍ୟାନ୍ୟ ପରିବାରବର୍ଗ ।
ଧ-୧୬୭୧୨

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ବିଦ୍ୟାଧର ନାୟକ
ପୋଖରିଆ, ଧୂଷୁରୀ, ଭଦ୍ରକ
ଆବିର୍ଭାବ: ୦୯।୧୧।୧୯୩୨
ତିରୋଧାନ: ୦୫।୦୨।୨୦୨୦
ଆପଣ ଆମକୁ ଶୋକସାଗରରେ ଭସାଇ ଦେଇ କୁଆଡ଼େଗଲେ। ଆପଣଙ୍କ ଅଭୁଲା ସ୍ମୃତି ଆମର ଶେଷନିଃଶ୍ୱାସ ପର୍ଯ୍ୟନ୍ତ ଅମର ହୋଇ ରହିବ।
ଶ୍ରଦ୍ଧାଞ୍ଜଳି ସହ:
ପତ୍ନୀ, ଭାଇ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଓ ବନ୍ଧୁ ପରିଜନବର୍ଗ ।
ଧ-୧୬୭୨୪

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ବ୍ରହ୍ମାନନ୍ଦ ପରିଡା
ଷଣ୍ଢପୁର, କୁଜଙ୍ଗ
ଆବିର୍ଭାବ: ୧୦।୦୬।୧୯୨୫
ତିରୋଧାନ: ୦୫।୦୨।୨୦୨୦
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ଭଲପାଇବା ଆମ ପାଇଁ ଚିରଦିନ ଆଦର୍ଶ ହେଉ। ଆଜି ଏକାଦଶାହରେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ପୁତ୍ର: ସର୍ଦ୍ଦାର, ପ୍ରଫୁଲ୍ଲ, ନିର୍ମଳ, ସନ୍ତୋଷ, ପୁତ୍ରବଧୂ: ରଶ୍ମି, ବେବି, ଲିଲିଆ, ମୋନାଲିସା, ଝିଅ-ଜ୍ୱାଇଁ: ଟୁକୁନି, ଜୁଲି, ଅମିୟ, ବନ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ ।
ଧ-୧୬୭୨୩

# ସିସିଟିଭି ନଜରରେ ରହିବ ଜଗତ୍‌ସିଂହପୁର ସହର

■୮ଟି ସ୍ଥାନରେ ଲାଗିବ ୩୫ଟି ସିସିଟିଭି କ୍ୟାମେରା
■୧୩.୫୬ ଲକ୍ଷ ଟଙ୍କା ବ୍ୟୟ ଅଟକଳ
■କ୍ୟାମେରାର ମାନକୁ ନେଇ ପ୍ରଶ୍ନ

**ଜଗତ୍‌ସିଂହପୁର ଅଫିସ, ୧୪।୨**

ଜଗତ୍‌ସିଂହପୁର ସହରରେ ଦିନ ଦି ପ୍ରହରରେ ଲୁଟ୍ କିଛି ନୂଆ କଥା ନୁହେଁ। ଏଭଳି ଘଟଣା ଥରେ କି ଦୁଇଥର ନୁହେଁ, ଏକାଧିକ ବାର ଘଟିଥିଲେ ସୁଦ୍ଧା ପ୍ରତିକାର ନାହିଁ। କାରଣ ଅପରାଧୀମାନେ ଜାଣନ୍ତି ଯେ, ସହରରେ ସିସିଟିଭି କ୍ୟାମେରା ନ ଥିବାରୁ ସେମାନଙ୍କୁ ଚିହ୍ନଟ କରିବା ପୋଲିସ ପକ୍ଷରେ କଷ୍ଟକର। ବାସ୍ତବରେ ଅପରାଧୀଙ୍କୁ ଧରିବାରେ ପୋଲିସ ନାକେଦମ୍ ହେଉଥିବାରୁ ସହରରେ ସିସିଟିଭି କ୍ୟାମେରା ଲଗାଯିବା ଜରୁରୀ ଅନୁଭବ କରି ଜଗତ୍‌ସିଂହପୁର ଥାନା ଆଇଆଇସି ଜଗତ୍‌ସିଂହପୁର ପୌର ପରିଷଦ ନିର୍ବାହୀ ଅଧିକାରୀଙ୍କୁ ଏ ନେଇ ୪ ମାସ ପୂର୍ବରୁ ଚିଠି କରିଛନ୍ତି। ଏଥିରେ ଉଲ୍ଲେଖ ଅଛି ସହରରେ ଲୋକଙ୍କ ଧନ, ଜୀବନ ସୁରକ୍ଷା ପାଇଁ ସିସିଟିଭି କ୍ୟାମେରା ଲଗାଯିବା ଜରୁରୀ। ଏହାହେଲେ ଅପରାଧୀଙ୍କୁ ଧରିବା ସହଜ ହୋଇପାରିବ। ପୋଲିସର ଏହି ଯୁକ୍ତିକୁ ଜଗତ୍‌ସିଂହପୁର ପୌର ପ୍ରଶାସକ ତଥା ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଗ୍ରହଣ କରିନେଇଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ସହରର ୮ଟି ସ୍ଥାନରେ ୩୫ଟି ସିସିଟିଭି କ୍ୟାମେରା ଲଗାଯିବା ପାଇଁ ନିଷ୍ପତ୍ତି ହୋଇଛି। ଏ ବାବଦରେ ୧୩.୫୬ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ତେବେ ଏହା ଭିତରେ ଅର୍ଥାତ୍ ଗତ ୩ରୁ ଆସନ୍ତା ୨୦ ତାରିଖ ସୁଦ୍ଧା ଟେଣ୍ଡର ପକାଇବାକୁ ବିଜ୍ଞାପନ ପ୍ରକାଶ ପାଇଥିବା ଜଗତ୍‌ସିଂହପୁର ପୌର ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। ବଡ କଥା ହେଲା କେଉଁ ବ୍ରାଣ୍ଡର କ୍ୟାମେରା ଲାଗିବ ତା’ ଉପରେ ସ୍ପଷ୍ଟ କରାଯାଇ ନ ଥିବାରୁ ବାସ୍ତବ ଲକ୍ଷ୍ୟ ପୂରଣ ହେବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଜଣେ ପୋଲିସ ଅଧିକାରୀ ନାମ ଗୋପନ ରଖି କହିଛନ୍ତି, କ୍ୟାମେରାର ଗୁଣବତ୍ତା ଉପରେ ଛବିର ମାନ ନିର୍ଭର କରେ। ଶସ୍ତା କ୍ୟାମେରା ଲାଗିଲେ ଏଥିରେ ଉତ୍ତୋଳିତ ଫଟୋ ବା ଭିଡିଓର ମାନ ଠିକ୍ ରହିବ ନାହିଁ, ଯାହାକି ଅଭିଯୁକ୍ତଙ୍କୁ ଚିହ୍ନଟ କରିବାରେ ପୋଲିସ ଅଡୁଆରେ ପଡିପାରେ।

୨୭।୯।୧୯ରେ ଜଗତ୍‌ସିଂହପୁର ପୌର ପରିଷଦ ନିର୍ବାହୀ ଅଧିକାରୀଙ୍କୁ ଜଗତ୍‌ସିଂହପୁର ଆଇଆଇସି ରଜନୀକାନ୍ତ ମିଶ୍ର ଚିଠି କରି ସହରରେ ସୁରକ୍ଷା ଦୃଷ୍ଟିରୁ ସିସିଟିଭି କ୍ୟାମେରା ବ୍ୟବସ୍ଥା କରିବା ପାଇଁ ଅନୁରୋଧ କରିଥିଲେ। ସେ ଦର୍ଶାଇଥିଲେ, ସହରର ମୁଖ୍ୟ ରାସ୍ତା ଏପରି କି ଗୁରୁତ୍ୱପୂର୍ଣ୍ଣ ଛକ ସ୍ଥାନରେ ଅପରାଧୀମାନେ ସହଜରେ ଚଳପ୍ରଚଳ ହୋଇପାରୁଛନ୍ତି। ସେମାନେ କିଛି ଅପରାଧ ଘଟାଇ ଖସିଗଲେ ସେମାନଙ୍କୁ ଚିହ୍ନଟ କରିବା କଷ୍ଟକର ହୋଇପଡୁଛି। ଏପରି କି ପାର୍ବଣ ଋତୁରେ ପ୍ରବଳ ଜନସମାଗମ ଦେଖି ଅପରାଧୀମାନେ ଅପରାଧ ଭିଆଇବାକୁ ପଛାଉ ନାହାନ୍ତି। ତେଣୁ ସହରରେ ସିସିଟିଭି କ୍ୟାମେରା ଲଗାଯିବା ଜରୁରୀ ହୋଇପଡିଛି। ପ୍ରାଥମିକ ପର୍ଯ୍ୟାୟରେ ଗାନ୍ଧୀ ଛକରୁ ସିପି ଓ ପୋଲିସ ଷ୍ଟେଶନ୍ ଛକରୁ ପୁରୋହିତପୁର ଛକ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାରେ ସିସିଟିଭି କ୍ୟାମେରା ଲଗାଯିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ଏହି ରାସ୍ତାର ଗାନ୍ଧୀ ଛକ, କଲେଜ ଛକ, କୋର୍ଟ ଛକ, ପୋଷ୍ଟ ଅଫିସ ଛକ, ପୋଲିସ ଷ୍ଟେଶନ୍ ଛକ, ସିପିସ୍ଥିତ ଏକ ଗେଷ୍ଟହାଉସ ନିକଟ ଛକ, ପୁରୋହିତପୁର ଛକ ଓ ହାଟପୋଲ ନିକଟରେ ସିସିଟିଭି କ୍ୟାମେରା ଲଗାଯିବା ଜରୁରୀ ବୋଲି ଆଇଆଇସି ଦର୍ଶାଇଥିଲେ। ଆଇଆଇସିଙ୍କ ଯୁକ୍ତିର ଗୁରୁତ୍ୱ ଦୃଷ୍ଟିରୁ ପରିଷଦ ନିର୍ବାହୀ ଅଧିକାରୀ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲାପାଳଙ୍କ ଅନୁମତିକ୍ରମେ ବୈଷୟିକ ବିବରଣୀ ଓ ଆନୁମାନିକ ବଜେଟ ପ୍ରସ୍ତୁତ କରିଥିଲା ଏନ୍‌ଆଇସି (ନ୍ୟାଶନାଲ ଇନ୍‌ଫର୍ମେଟିକ୍ ସେଣ୍ଟର) ଜଗତ୍‌ସିଂହପୁର ଶାଖା। ସହରର ଉପରୋକ୍ତ ୮ଟି ସ୍ଥାନରେ ମୋଟ ୩୫ଟି ସିସିଟିଭି କ୍ୟାମେରା ଲାଗିବ। କିନ୍ତୁ ଏହି କ୍ୟାମେରାଗୁଡିକ ଉପରେ ଯେପରି ବର୍ଷାଦିନେ କିଛି ପ୍ରଭାବ ପଡିବନି ସେଥିପ୍ରତି ଧ୍ୟାନ ଦିଆଯିବ। ୫୫ ଇଞ୍ଚ ଏଲ୍‌ଇଡି, ୧ଟି ଇନ୍‌ଭର୍ଟର, ୮ଟି ୟୁପିଏସ୍ କିଣାଯିବ। ଏ ସବୁ ଜଗତ୍‌ସିଂହପୁର ଥାନାକୁ ହସ୍ତାନ୍ତର କରାଯିବ। ଥାନାରେ ଏକ ସ୍ୱତନ୍ତ୍ର କୋଠରିରେ ର୍‍ୟାକ୍ କରାଯାଇ ସେଠାରେ ମେଶିନ୍‌ଗୁଡିକ ରଖାଯିବ। ମୋଟାମୋଟି ଭାବେ କହିବାକୁ ଗଲେ କଣ୍ଟ୍ରୋଲ ରୁମ୍ ଜଗତ୍‌ସିଂହପୁର ଥାନାରେ ହେବ ଏବଂ ଆଇଆଇସି ଏହାକୁ ନିୟନ୍ତ୍ରଣ କରିବେ। ନିୟମିତ ବ୍ୟବଧାନରେ ସମସ୍ତ କ୍ୟାମେରାରେ ଉତ୍ତୋଳିତ ଫଟୋ ଓ ଭିଡିଓ ଯାଞ୍ଚ ହେବ। ଆବଶ୍ୟକସ୍ଥଳେ ଯେ କୌଣସି ସମୟରେ ପୋଲିସ ସିସିଟିଭି ଫୁଟେଜ୍ ସଂଗ୍ରହ କରି ତଦନ୍ତ କରିପାରେ। କିନ୍ତୁ ସମସ୍ତ ତଥ୍ୟ ଗୋପନୀୟ ରହିବ। ବିଶେଷକରି ଅପରାଧ ନିୟନ୍ତ୍ରଣ କ୍ଷେତ୍ରରେ ଏହା ବେସ୍ ସହାୟକ ହେବ। ସୂଚନାଯୋଗ୍ୟ ଯେ, କଟକ-ଭୁବନେଶ୍ୱର କମିଶନରେଟ୍ ଅଞ୍ଚଳ ସମେତ ରାଜ୍ୟର ଏକାଧିକ ଜିଲା ମୁଖ୍ୟାଳୟରେ ସିସିଟିଭି କ୍ୟାମେରା ଲଗାଯାଇଛି । ଜଗତ୍‌ସିଂହପୁର ସହରରେ ଏହା ଖୁବଶୀଘ୍ର କାର୍ଯ୍ୟକାରୀ ହେବାକୁ ଯାଉଥିବାରୁ ସାଧାରଣରେ ସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ଜଗତ୍‌ସିଂହପୁର ଆଇଆଇସି କହିଛନ୍ତି, ଦ୍ୱିତୀୟ ପର୍ଯ୍ୟାୟରେ ସହରର ଅନ୍ୟ ସ୍ଥାନଗୁଡିକ ଚିହ୍ନଟ କରାଯାଇ ତାଲିକା ଦିଆଯିବ। ତା’ ଉପରେ ପରିଷଦ ଧ୍ୟାନ ଦେଇ ସିସିଟିଭି କ୍ୟାମେରା ଲଗାଇବା ବ୍ୟବସ୍ଥା କରିବ ବୋଲି ଆଶା କରାଯାଉଛି।

## ସଂକ୍ଷେପରେ

### ଶର୍ଟ ସର୍କିଟରୁ ଲଣ୍ଡ୍ରି ଦୋକାନ ଜଳିଗଲା

**ନାଉଗାଁ, ୧୪।୨ (ସ୍ୱ.ପ୍ର.):** ନାଉଗାଁ ବ୍ଲକ ଅଧୀନ ଜାମୁଗାଁ ପଞ୍ଚାୟତ କଣିପଡ଼ାଠାରେ ଏକ ଲଣ୍ଡ୍ରି ଦୋକାନରେ ଶୁକ୍ରବାର ଅଗ୍ନିକାଣ୍ଡ ଘଟି ୩ଟି ବେଡ୍, ଆଇରନ୍, ୱାସିଂମେଶିନ ସମେତ ନଗଦ ୧୦ ହଜାର ଟଙ୍କା ପୋଡି ଯାଇଛି। ବିଦ୍ୟୁତ ଶର୍ଟ ସର୍କିଟରୁ ଦୋକାନରେ ନିଆଁ ଲାଗି ଯାଇଥିବା ଜଣାପଡ଼ିଛି। ପ୍ରକାଶ ଯେ, ବାଲିକୁଦା ବ୍ଲକ ସଦେଇପୁର ଗ୍ରାମର କ୍ଷୀରୋଦ ସେଠୀ କଣିପଡାଠାରେ କରିଥିବା ଲଣ୍ଡ୍ରି ଦୋକାନ ପାଖ ଦେଇ ଯାଇଥିବ ଏଲ୍‌ଟି ଲାଇନରୁ ହଠାତ୍ ନିଆଁ ଝରିବା ଯୋଗୁ ଦୋକାନ ଘରେ ନିଆଁ ଲାଗି ଯାଇଥିଲା। କ୍ଷୀରୋଦ ଦୋକାନ ଭିତରେ ରହିଥିବା ବେଳେ ସେ ସାମାନ୍ୟ ଆହତ ହୋଇଛନ୍ତି। ଖବରପାଇ ଦମକଳ ଗାଡି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଦୋକାନ ପାଖ ଦେଇ ଯାଇଥିବା ଏଲ ଟି ଲାଇନ ବିପଦସଙ୍କୁଳ ଅବସ୍ଥାରେ ରହିଥିବା ବେଳେ ଏ ନେଇ ବାରମ୍ବାର ଏନ୍‌ଜେଏନ୍ କାର୍ଯ୍ୟାଳୟରେ ଜଣାଇଲେ ବି କିଛି ପଦକ୍ଷେପ ନିଆଯାଉନି ବୋଲି ସ୍ଥାନୀୟ ଲୋକ ଅଭିଯୋଗ କରିଚନ୍ତି। ଏ ବିଷୟରେ ଏନ୍‌ଜେଏନ୍ ଏସଡିଓ ଅମିୟ ମଲିକଙ୍କୁ ପଚାରିବାରେ, ଏ ବିଷୟରେ ସେ ଜାଣି ନଥିବା ବେଳେ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବେ ବୋଲି କହିଛନ୍ତି।

### ଜାତୀୟ ଉତ୍ପାଦକ ସପ୍ତାହ ପାଳିତ

**ପାରାଦୀପ, ୧୪।୨ (ସ୍ୱ.ପ୍ର.):** ସ୍ଥାନୀୟ ଇଫ୍‌କୋ କାରଖାନା ପରିସରରେ ଗୁରୁବାର ଜାତୀୟ ଉତ୍ପାଦକ ସପ୍ତାହ ସମ୍ପର୍କିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କମ୍ପାନୀର ବରିଷ୍ଠ ଅଧିକାରୀମାନେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ପିପିଏଲ୍ କାରଖାନା ମୁଖ୍ୟ ରଣଜିତ୍ ସିଂ ଚୁଗ୍ ଅତିଥି ଭାବେ ଯୋଗଦେଇ କାରଖାନାରେ କାର୍ଯ୍ୟରତ ଅଧିକାରୀମାନେ ନିଷ୍ଠା ଓ ଦକ୍ଷତା ଅନୁସାରେ କିପରି ଉତ୍ପାଦନ ପ୍ରଣାଳୀକୁ ବୃଦ୍ଧି କରିପାରିବେ ସେ ସମ୍ପର୍କରେ କହିଥିଲେ। ଇଫ୍‌କୋ ୟୁନିଟ୍ ମୁଖ୍ୟ କେ.ଜେ.ପଟେଲ କହିଥିଲେ, ସମସ୍ତ କର୍ମଚାରୀ ଏକତାର ସୂତ୍ରରେ କାମ କଲେ ଆପଣାଛାଏଁ ଅସାଧ କାମଗୁଡିକ ସହଜ ହୋଇଯିବ ଏବଂ କମ୍ପାନୀର ଉତ୍ପାଦନ ଗତି ସ୍ୱତଃ ବଢ଼ିଚାଲିଛି। ସେଥିପାଇଁ ସେ କର୍ମଚାରୀଙ୍କୁ ଆହ୍ୱାନ ଦେଇଥିଲେ। ଏହି ସପ୍ତାହ ୧୨ରୁ ଆରମ୍ଭ ହୋଇଥିବା ବେଳେ ଏହା ୧୮ ତାରିଖରେ ଶେଷ ହେବ।

### ଅଙ୍ଗନୱାଡି, ଆଶାକର୍ମୀଙ୍କୁ ତାଲିମ

**ବିରିଡି, ୧୪।୨ (ଡି.ଏନ୍.ଏ):** ବିରିଡ଼ି ବ୍ଲକ ଆଇସିଡିଏସ୍ ପକ୍ଷରୁ ବ୍ଲକର ମୋଟ ୧୭୦ ଜଣ ଅଙ୍ଗନୱାଡି ୱାର୍କର ଓ ୭୨ ଜଣ ଆଶାକର୍ମୀଙ୍କ ସେକ୍ଟରସ୍ତରୀୟ କ୍ରମବର୍ଦ୍ଧିଷ୍ଣୁ ଶିକ୍ଷାଭିତ୍ତିକ ଦୃଷ୍ଟିକୋଣ ସମ୍ବନ୍ଧୀୟ ତାଲିମ ଶିବିର ଗୁରୁବାର ଆରମ୍ଭ ହୋଇ ଶୁକ୍ରବାର ଶେଷ ହୋଇଛି। ଶିଶୁ ମୃତ୍ୟୁହାର, ମାତୃ ମୃତ୍ୟୁହାର, ଶିଶୁ ଓ ମା’ମାନଙ୍କ ପୋଷଣ ଦୂରକରିବା ଲକ୍ଷରେ ଏହି ତାଲିମ ପ୍ରଦାନ କରାଯାଇଥିଲା। ବିଶେଷକରି ତାଲିମ ଶିବିରରେ ଆଇସିଡିଏସ ସୁପରଭାଇଜରମାନେ ୧୦ଟି କେନ୍ଦ୍ରରେ ପହଞ୍ଚି ଏହି ତାଲିମ ପ୍ରଦାନ କରିଥିଲେ। ସମସ୍ତ ଅଙ୍ଗନୱାଡି ଓ ଆଶାକର୍ମୀମାନେ ଉପସ୍ଥିତ ରହି ତାଲିମ ନେଇଥିଲେ। ସିଡିପିଓ ଗୌରୀ ଦେଇଙ୍କ ସମେତ ସୁପରଭାଇଜର ପ୍ରତିମା ସ୍ୱାଇଁ, ରମଣୀ ଲାକ୍ରା, ସୁକାନ୍ତିବାଳା ପୃଷ୍ଟି ପ୍ରମୁଖ ତାଲିମ ପ୍ରଦାନ କରିଥିଲେ।

# ଅସ୍ଥାୟୀ ଡମ୍ପିଂୟାର୍ଡ ହଟାଇବା ଦାବିରେ ଆନ୍ଦୋଳନ

**ଜଗତ୍‌ସିଂହପୁର ଅଫିସ, ୧୪।୨**



ଆନ୍ଦୋଳନରତ ଛାତ୍ରୀଛାତ୍ରୀ ଓ ସ୍ଥାନୀୟ ଅଧିବାସୀ।

ସ୍ଥାନୀୟ କଲେଜ ଛକ ନିକଟ ଅସ୍ଥାୟୀ ଡମ୍ପିଂୟାର୍ଡ ଯୋଗୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ବିଶେଷକରି ଅଳିଆ ଗଦାରେ ନିଆଁ ଲଗାଇ ଦିଆଯାଉଥିବାରୁ ଏହି ଧୂଆଁ ସମଗ୍ର ଅଞ୍ଚଳକୁ ପ୍ରଦୂଷିତ କରିଦେଉଛି। ଲୋକେ ଘର ଭିତରେ କବାଟ ବନ୍ଦ କରି ରହିଲେ ମଧ୍ୟ ସୁଦ୍ଧ ବାୟୁ ପାଇପାରୁନାହାନ୍ତି। ତେଣୁ ଲୋକଙ୍କ ଭିତରେ ପୁଞ୍ଜିଭୂତ ଅସନ୍ତୋଷ ଶୁକ୍ରବାର ପ୍ରତିଫଳନ ହୋଇଥିଲା। ସକାଳେ ଶତାଧିକ ଜନତା ଓ ଛାତ୍ରୀଛାତ୍ର ଅସ୍ଥାୟୀ ଡମ୍ପିଂୟାର୍ଡକୁ ଯିବା କେନାଲ ରାସ୍ତାର ପୋଲ ନିକଟରେ ଆନ୍ଦୋଳନ କରିଥିଲେ। ସେମାନେ ଏହି ରାସ୍ତାରେ ବାଉଁଶ ବାନ୍ଧି ତଳେ ପାଲ ପାରି ବସିବା ସହ କୌଣସି ଅଳିଆ ଗାଡିକୁ ଏହି ରାସ୍ତାରେ ଛଡାଯିବ ନାହିଁ ବୋଲି ଅଡି ବସିଥିଲେ। ଲୋକଙ୍କ ଯୁକ୍ତି ଥିଲା, ସେଠାରେ ସହରର ଅଳିଆ ଯେଉଁଭଳି ଭାବରେ ଗଦା ହେଉଛି, ତାହା ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ଅଳିଆ ଗଦା ପାର୍ଶ୍ୱରେ ସ୍ୱାମୀ ବିବେକାନନ୍ଦ ସ୍ମାରକୀ (ଏସ୍‌ଭିଏମ୍) ସ୍ୱୟଂଶାସିତ ମହାବିଦ୍ୟାଳୟ ଅବସ୍ଥିତ। ଏହି ମହାବିଦ୍ୟାଳୟ ପରିସରରେ ହଷ୍ଟେଲ ରହିଛି। ଶତାଧିକ ଅନ୍ତେବାସୀ ହଷ୍ଟେଲରେ ରହୁଛନ୍ତି। ଅଳିଆ ଗଦାର ଅନ୍ୟ ପାର୍ଶ୍ୱରେ କଲେଜ ଛକ। ଏହି ଛକରେ ପାଷ୍ଟ ଫୁଡ୍‌ଠାରୁ ଅରମ୍ଭ କରି ବିଭିନ୍ନ ପ୍ରକାର ଦୋକାନ, ବଜାର ରହିଛି । କଲେଜ ଛକ ନିକଟରେ ଲାଲା ସାହି, ଗୋପାଳସାଗର, ବଡ ବଜାର ଆଦି ଗ୍ରାମ ରହିଛି। ଅଳିଆ ଗଦାରେ ନିଆଁ ଲାଗିଲେ ଏହିସବୁ ଅଞ୍ଚଳର ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବୋଲି ଅନ୍ଦୋଳନକାରୀମାନେ ଅଭିଯୋଗ କରିଥିଲେ।

ପ୍ରଭାତ ସିଂହ, ନିରଞ୍ଜନ ମହାପାତ୍ର, ସେକ୍ ମୁନ୍‌କା, ପ୍ରଦୀପ ସିଂହ, ଅରୁଣ ଲାଲା, ଭଞ୍ଜ ରଥ, ଅନୁପାନନ୍ଦ ଖଣ୍ଡୁଆଳ, ଲାଲା ବିକ୍ରମ ରାୟ, ଉପେନ୍ଦ୍ର ସାସମଲ, ନିଲୁ ମହାନ୍ତି, କମଳାକାନ୍ତ ମହାପାତ୍ର, ନିତ୍ୟାନନ୍ଦ ମହାପାତ୍ର, ସୌଭାଗ୍ୟ ମହାନ୍ତି, ଅରୁଣ ଆଚାର୍ଯ୍ୟ, ପ୍ରଦୀପ ମିତ୍ର, ତପନ ମଲ୍ଲିକ, ନିରଞ୍ଜନ ଜେନା, ଲାଲା ସଂଗ୍ରାମ କେଶରୀ ରାୟ ପ୍ରମୁଖ ଆନ୍ଦୋଳନରେ ସାମିଲ ଥିଲେ। ଏ ସମ୍ପର୍କରେ ଜଗତ୍‌ସିଂହପୁର ପୌର ପରିଷଦ ନିର୍ବାହୀ ଅଧିକାରୀ ବିମଳ ପ୍ରସାଦ ଲେଙ୍କା କହିଛନ୍ତି, କଲେଜ ଛକ କେନାଲ ପାର୍ଶ୍ୱ ମଶାଣି ନିକଟରେ ଏକ ପାର୍କ ନିର୍ମାଣ ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି। ଯେଉଁଠି ଅଳିଆ ପଡୁଛି ତା’ ତଳ ଅଂଶରେ ଟ୍ରିଟମେଣ୍ଟ ପ୍ଲାଣ୍ଟ ହେବ। ତେଣୁ ଅଳିଆ ଆଉ ଗଦା ହୋଇ ରହିବ ନାହିଁ। ଲୁହା, ଜରି, ପ୍ଲାଷ୍ଟିକ୍ ଆଦିକୁ ସେଠାରେ ପୃଥକ ଭାବେ ରଖାଯିବା ବ୍ୟବସ୍ଥା କରାଯାଇ ବିକ୍ରି ହୋଇଯାଉଛି। ତେଣୁ ଲୋକେ ବିବ୍ରତ ହେବା ଉଚିତ ନୁହେଁ ବୋଲି ଲେଙ୍କା କହିଛନ୍ତି।

# ତହସିଲ ସମ୍ମୁଖରେ ଧାରଣାକାରୀଙ୍କ ବିକ୍ଷୋଭ

**ଚିଙ୍ଗୁଡି ପ୍ରକ୍ରିୟାକରଣ ପ୍ରକଳ୍ପକୁ ବିରୋଧ ପ୍ରସଙ୍ଗ**

**ଏରସମା, ୧୪।୨ (ସ୍ୱ.ପ୍ର.)**

ଏରସମା ଥାନା ଅଧୀନ ଜିରାଇଲୋ ପଞ୍ଚାୟତସ୍ଥିତ ଶରବା ଗ୍ରାମ ନିକଟରେ ପ୍ରସ୍ତାବିତ ଚିଙ୍ଗୁଡି ପ୍ରକ୍ରିୟାକରଣ ପ୍ରକଳ୍ପକୁ ବିରୋଧ କରି ଗତ ଜାନୁୟାରୀ ୨୧ରୁ ଦିଆଯାଇଥିବା ଗଣଧାରଣା ଶୁକ୍ରବାର ୨୫ ଦିନରେ ପହଞ୍ଚିଛି। ଧାରଣା ଦିଆ ଯିବାର ୨୨ ଦିନ ପରେ ପ୍ରଶାସନ ଧାରଣାସ୍ଥଳକୁ ଆସି ଜନଶୁଣାଣି କରିବା ଓ ଖୋଲାଖୋଲି ଜନମତକୁ ଅବମାନନା କରିବା ଦ୍ୱାରା ଆନ୍ଦୋଳନ ତୀବ୍ରରୂପ ଧାରଣ କରିଛି। ଏହାର ପ୍ରତିବାଦରେ ଜିରାଇଲୋ ପଞ୍ଚାୟତସ୍ଥିତ ୯ ମୌଜାର ଶତାଧିକ ମହିଳାପୁରୁଷ ଶୁକ୍ରବାର ଏରସମା ତହସିଲ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଭିଟାମାଟି ସୁରକ୍ଷା ସମିତିର ସଭାପତି ଅଭିଜିତ ସାହୁଙ୍କ ନେତୃତ୍ୱରେ ଆନ୍ଦୋଳନକାରୀମାନେ ଗଣଧାରଣାସ୍ଥଳରୁ ପଦଯାତ୍ରାରେ ‘ଅମ ଗାଁ ଅମେ ଛାଡିବୁ ନାହିଁ’ ନାରାଦେଇ ତହସିଲ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଆୟୋଜିତ ପ୍ରତିବାଦ ସଭାରେ ପୋସ୍କୋ ପ୍ରତିରୋଧ ସଂଗ୍ରାମ ସମିତିର ସଭାପତି ଅଭୟ ସାହୁ କହିଥିଲେ,ପ୍ରକଳ୍ପ ପାଇଁ ପ୍ରସ୍ତାବିତ ସ୍ଥାନ ଶରବା ଗ୍ରାମଠାରୁ ୨୦ ମିଟର, କିମିଲୋ ଗ୍ରାମ ଓ ଜିରାଇଲୋ ନ ମୌଜୀ ହାଇସ୍କୁଲଠାରୁ ୧୦୦ମିଟର ଦୂର ହୋଇଥିବାରୁ ପ୍ରକଳ୍ପର କୁପ୍ରଭାବ ପରିବେଶକୁ ସିଧାସଳଖ ପ୍ରଭାବିତ କରିବ। ଜିଲା ପ୍ରଶାସନ ସ୍ଥାନୀୟ ଲୋକମାନଙ୍କ ଜୀବନ ଜୀବିକାକୁ ସହୃଦୟତାର ସହ ବିଚାରକୁ ନେଇ ପ୍ରକଳ୍ପ ସ୍ଥାନାନ୍ତର କରନ୍ତୁ। ନଚେତ୍ ଆଗାମୀ ଦିନଠାରୁ କେବଳ ମହିଳା ଓ ଶିଶୁ ଆନ୍ଦୋଳନକୁ ଓହ୍ଲାଇବାକୁ ପ୍ରସ୍ତୁତ ହେଲେଣି ବୋଲି ଚେତାବନୀ ଦେଇଥିଲେ। ଏଥିରେ ସିପିଆଇର ବରିଷ୍ଠ ନେତା ଶଶିଭୂଷଣ ସ୍ୱାଇଁ, ଉତ୍କଳ ମହିଳା ସମିତିର ରାଜ୍ୟ ସମ୍ପାଦିକା ଜିନ୍ମୟୀ ସାହାଣୀ, ନାରୀନେତ୍ରୀ ମଞ୍ଜୁଲତା ହାତୀ, ରବୀନ୍ଦ୍ର ମାଝି, ସୁରେନ୍ଦ୍ର ସ୍ୱାଇଁ, ବିଶ୍ୱନାଥ ବେହେରା, ରବୀନ୍ଦ୍ର ପାଇଟାଳ ପ୍ରମୁଖ ଉପସ୍ଥିତ ଥିଲେ। ଜିଲାପାଳଙ୍କ ଉଦ୍ଦେଶ୍ୟରେ ସହସିଲଦାର ଚିତ୍ତରଞ୍ଜନ ମହାନ୍ତଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।






# ତଳପାଟକକୁ ହରାଇ ଗଡିରାଉତ ପାଟଣା ଚାମ୍ପିୟନ

**ମଦନ ମୋହନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ**

**ବାଲିଆ, ୧୪।୨**


ଚାମ୍ପିୟନ ଟ୍ରଫି ସହ ବିଜେତା ଦଳର ଖେଳାଳି ଓ ଅନ୍ୟମାନେ।

ପୁଲୱାମା ଶହୀଦଙ୍କ ଶ୍ରାଦ୍ଧ ଦିବସ ଉପଲକ୍ଷେ ବିରିଡ଼ି ବ୍ଲକ ଅଧୀନ ୨୨ମୌଜା ଶଂଖାରିସାହିସ୍ଥିତ ମଦନ ମୋହନ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ପ୍ରଥମେ ଲିଗ୍ ମ୍ୟାଚ ପରେ ସେମିଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ସେମିଫାଇନାଲରେ ତଳପାଟକର ଆଜାଦହିନ୍ଦ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୧୨ ରନ୍ ସଂଗ୍ରହ କରିଥିଲା। ଜବାବରେ ଗଡିରାଉତ ପାଟଣା ଟିମ୍ ମାତ୍ର ୧୪ ଓଭର ଖେଳି ଆବଶ୍ୟକ ରନ୍ ସଂଗ୍ରହ କରିନେବା ସହ ବିଜୟୀ ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ଡା. ପୂର୍ଣ୍ଣାନନ୍ଦ ଓଝା ମୁଖ୍ୟଅତିଥି, ବରିଷ୍ଠ ନାଗରିକ ଶ୍ୟାମସୁନ୍ଦର ପାଇକରାୟ ଓ କେଦାରନାଥ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। ମଦନ ମୋହନ କ୍ରିକେଟ କ୍ଲବର ସଭାପତି ଦିପ୍ତିରଞ୍ଜନ ସାହୁ, ସମ୍ପାଦକ ସୁନିଲ ସାମନ୍ତରାୟ, ମ୍ୟାନେଜର ରାଜକିଶୋର ଭୂୟାଁ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିଥିଲେ। ଜ୍ୟୋତିରଞ୍ଜନ ପାଇକରାୟ, ସତ୍ୟବ୍ରତ ଭୂୟାଁ, ସଞ୍ଜିବ ସେଠୀ, ସୁଧାଂଶୁ ଓଝା, ଅରବିନ୍ଦ ଭୂୟାଁ, ଦେବାସିଶ ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିଲେ। ସାଗର ସାମନ୍ତରାୟ ଓ ଦାମୋଦର ଜେନା ଅମ୍ପାୟାର ଦାୟିତ୍ୱ ତୁଲାଇଥିଲେ।

# ଜେସିସିର ସଭ୍ୟ ପଦ ପାଇଁ ଆହ୍ୱାନ, ୪-ଟିର ଜିପସମ୍ ପରିବହନ

**ଟ୍ରକ୍ ମାଲିକ ସଂଘ ବିବାଦରେ ନୂଆମୋଡ଼**

**ପାରାଦୀପ, ୧୪।୨ (ସ୍ୱ.ପ୍ର.)**

ଗତ ବର୍ଷେ ହେଲା ପାରାଦୀପରେ ଟ୍ରକ ମାଲିକ ସଂଘର ପରିବହନ, ନୂଆ ସଂଘ, ପୁରୁଣା ସଂଘର ସଦସ୍ୟତାକୁ ନେଇ ବିବାଦ ମୁଣ୍ଡ ଟେକିଛି। ଉକ୍ତ ଘଟଣା ହାଇକୋର୍ଟରେ ପହଞ୍ଚିବା ଓ ନୂଆ ସଂଘ ପରିବହନ କରିବା ପରେ ଏବେ ପୁଣି ନୂଆମୋଡ଼ ନେଇଛି। ଅର୍ଥାତ୍ ଯେଉଁ ଜେସିସି (ଜଏଣ୍ଟ କୋ ଅର୍ଡିନେଶନ କମିଟି) ଗତ ୫ ବର୍ଷ ହେଲା ନୂଆ ମାଲିକଙ୍କୁ ସଦସ୍ୟ ଭାବେ ଗ୍ରହଣ କରୁ ନ ଥିଲା ଗତ ୧୨ରୁ ପୁଣି ନୂଆ ସଭ୍ୟ ପାଇଁ ଆହ୍ୱାନ ଦେଇଛି। ଅର୍ଥାତ୍ ଏବେ କେନ୍ଦ୍ରାପଡ଼ା-ଜଗତ୍‌ସିଂହପୁର ଜିଲାର ଯେ କୌଣସି ଟ୍ରକ ମାଲିକ ଜେସିସିରେ ସଦସ୍ୟତା ପାଇଁ ଆବେଦନ କଲେ ତାଙ୍କୁ ଗ୍ରହଣ କରାଯିବ ବୋଲି ଜେସିସି ସଭାପତି ସୁମନ୍ତ କୁମାର ବିଶ୍ୱାଳ ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି। ଅପରପକ୍ଷେ ନୂଆ ୪ଟି (ଟ୍ରକ, ଟିପ୍ପଲର, ଟ୍ରେଲର, ଟ୍ୟାଙ୍କଲର) ସଂଘ ଗୁରୁବାରଠାରୁ ପୁଣି ଜିପସମ୍ ପରିବହନ ଆରମ୍ଭ କରିଛି। ଏପରି ଦୁଇ ପରସ୍ପର ବିରୋଧୀ ସଂଘର ସଦସ୍ୟତା ଅଭିଯାନକୁ ନେଇ ନୂଆ ଟ୍ରକ୍ ମାଲିକମାନେ ଦ୍ୱନ୍ଦ୍ୱରେ ପଡ଼ିଥିବା ଜଣାପଡିଛି।

ସୂଚନାଥାଉ କି, ପାରାଦୀପରେ ପୂର୍ବରୁ ୩ଟି ଟ୍ରକ ମାଲିକ ସଂଘ ଶିଳ୍ପ ସଂସ୍ଥାର ପଣ୍ୟ ପରିବହନ କରୁଥିଲେ। ସେହି ୩ ସଂଘ ହେଲା ପାରାଦୀପ ଟ୍ରକ ମାଲିକ ସଂଘ, ଜଗନ୍ନାଥ ଟ୍ରକ ମାଲିକ ସଂଘ ଓ ଜଗତ୍‌ସିଂହପୁର ଜିଲା ଟ୍ରକ ମାଲିକ ସଂଘ। ଏହି ୩ ସଂଘକୁ ନେଇ ଜେସିସି କରାଯାଇଛି। ଏହି ୩ଟି ଯାକ ସଂଘ ସଦସ୍ୟମାନେ ସେମାନଙ୍କ ଗାଡ଼ି ସଂଖ୍ୟା ବଢ଼ାଇ ଚାଲିଥିବା ବେଳେ କୌଣସି ନୂଆ ଟ୍ରକ ମାଲିକଙ୍କୁ ସଦସ୍ୟ ଭାବେ ଗ୍ରହଣ କରୁ ନ ଥିଲେ। ଏପରି ଏକଚ୍ଛତ୍ରବାଦ ନୀତି ବିରୋଧରେ ଗତ ବର୍ଷେ ହେଲା ୪-ଟି ସଂଘ ସୃଷ୍ଟି ହେବା ସହ ଆଇନଗତ ଲଢ଼େଇ କରିଥିଲା ଏବଂ ଶେଷରେ ପଣ୍ୟ ପରିବହନ କରିବାର ସୁଯୋଗ ପାଇଥିଲା। ପ୍ରଥମେ ପିପିଏଲ୍ କମ୍ପାନୀର ଜିପସମ୍‌କୁ ନିର୍ଗୁଣ୍ଡି ପର୍ଯ୍ୟନ୍ତ ପରିବହନ ପାଇଁ ସ୍ୱୀକୃତି ପାଇଥିଲା। ଏହା ପ୍ରତିବାଦରେ ଜେସିସି ପିପିଏଲ୍ ଆଗରେ ଧାରଣା ଦେବା ସହ ପ୍ରଶାସନିକ ଆଲୋଚନାରେ ବସିଥିଲେ। ସେଠାରେ ଉପଯୁକ୍ତ ତଥ୍ୟ ହାସଲ କରି ନ ପାରି ଧାରଣାରୁ ଓହରି ଯାଇଥିଲା। ଏବେ ନୂଆ ୪-ଟି ସଂଘକୁ ଚକ୍‌ମା ଦେବା ପାଇଁ ଜେସିସି ନୂତନ ସଦସ୍ୟତା ପାଇଁ ଆହ୍ୱାନ କରିଛି, ଯାହାକୁ ନେଇ ପାରାଦୀପରେ ଚର୍ଚ୍ଚା ଜାରି ରହିଛି।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### କୋର୍ଟ ପରିସରରୁ ଚୋରି ଘଟଣା, ଧରାପଡ଼ିଲେନି ଅଭିଯୁକ୍ତ

**ବ୍ରହ୍ମପୁର ଅଫିସ,୧୪।୨:** ବ୍ରହ୍ମପୁର ସହରରେ ଏବେ ଚୋରି ବଢ଼ିବାରେ ଲାଗିଛି। ଗତ ୩୧ ତାରିଖରେ ଜିଲା କୋର୍ଟ ପରିସରରେ ଥିବା ଜଣେ ଆଇନଜୀବୀଙ୍କ କ୍ୟାବିନ ତାଲା ଭାଙ୍ଗି ଚୋରି ହୋଇଥିଲା। ଏ ନେଇ ଆଇନଜୀବୀ ପ୍ରମୋଦ ପଣ୍ଡା ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ। ତେବେ ଘଟଣାର ୨ ସପ୍ତାହ ପରେ ବି ଚୋର ଗ୍ୟାଙ୍ଗକୁ ପୋଲିସ ଠାବ କରିପାରିନି। ବ୍ରହ୍ମପୁରରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ପ୍ରତି ମାସ ଭଳି ଜାନୁୟାରୀ ମାସର ଶେଷ ୪ ଦିନ ଆଇନଜୀବୀମାନେ ଧାରଣା ଦେଇଥିଲେ। ଗତ ୧ ତାରିଖରେ ସେମାନେ କୋର୍ଟ କାର୍ଯ୍ୟରେ ଯୋଗ ଦେଇଥିଲେ। ଆଇନଜୀବୀ ପ୍ରମୋଦ ତାଙ୍କ କ୍ୟାବିନକୁ ଆସିଥିବା ବେଳେ କେହି ଦୁର୍ବୃତ୍ତ ତାଲା ଭାଙ୍ଗି କେତେକ ଫାଇଲ, ଏକ ବ୍ୟାଙ୍କ ଚେକ ବହି ଓ ଫୋନ ନେଇଯାଇଥିବା ଦେଖିଥିଲେ। ପରେ ଏ ନେଇ ସେ ଥାନାରେ ଅଭିଯୋଗ କରିଥିଲେ। ଏଭଳି ଚୋରି ଘଟଣାକୁ ସଂଘ ତରଫରୁ ନିନ୍ଦା କରାଯାଇଥିଲା। କୋର୍ଟ ପରିସରରେ ରାତ୍ରି କାଳୀନ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ଗଞ୍ଜାମ ଓକିଲ ସଂଘର ସମ୍ପାଦକ କୈଳାସ ପାଣିଗ୍ରାହୀ ଦାବି କରିଥିଲେ।

### ବୃତ୍ତିଭିତ୍ତିକ ପ୍ରଶିକ୍ଷଣ ଶିବିର

**ବ୍ରହ୍ମପୁର ଅଫିସ,୧୪।୨:** ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ବୃତ୍ତିଭିତ୍ତିକ କେନ୍ଦ୍ର ଆନୁକୂଲ୍ୟରେ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଓ ବିଶ୍ୱବ୍ୟାଙ୍କ ସହାୟତାରେ ମହାମାୟୀ ମହିଳା ମହାବିଦ୍ୟାଳୟ ପରିସରରେ ୩ ଦିନିଆ ବୃତ୍ତିଭିତ୍ତିକ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଯାଇଛି। ପରାମର୍ଶ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ମହାମାୟୀ ମହିଳା କଲେଜ ସମେତ ଟିକିଟି କଲେଜର ଶତାଧିକ ଯୁକ୍ତ ୩ ଶେଷ ବର୍ଷ ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ। ପ୍ରଶିକ୍ଷାର୍ଥୀମାନେ ଉଦ୍ୟୋଗପତି, ପ୍ରଶାସକ ଓ ପରାମର୍ଶଦାତାଙ୍କ ପରାମର୍ଶ ନେଉଛନ୍ତି। ମହାମାୟୀ ମହିଳା ମହାବିଦ୍ୟାଳୟର ଅଧକ୍ଷ ଡ଼. କୃଷ୍ଣପ୍ରସାଦ ମହାପାତ୍ର, ଡ଼. ରମେଶ ଚନ୍ଦ୍ର ପ୍ରଧାନ, ଡ଼. ସୁବ୍ରତ କୁମାର ପଣ୍ଡା ପ୍ରମୁଖ ଶିବିରରେ ସହଯୋଗ କରିଥିଲେ।

### ସ୍ମୃତିଚାରଣ ସଭା

**ବ୍ରହ୍ମପୁର ଅଫିସ,୧୪।୨:** ଅଣଗେଜେଟେଡ କର୍ମଚାରୀ ସମନ୍ୱୟ ସମିତି ଗଞ୍ଜାମ ଜିଲା ଶାଖାର ପୂର୍ବତନ ସଭାପତି ନରସିଂହ ପ୍ରଧାନଙ୍କ ବିୟୋଗରେ ଶୁକ୍ରବାର ବ୍ରହ୍ମପୁର ଏନଜିଓ ହଲରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ କର୍ମଚାରୀନେତା ବୃନ୍ଦାବନ ସାବତ ଏଥିରେ ଅଧକ୍ଷତା କରିଥିବା ବେଳେ ଏନଜିଓ ସମନ୍ୱୟ ସମିତିର ପୂର୍ବତନ ରାଜ୍ୟ ସଭାପତି ଜଗନ ମୋହନ ସାହୁ ଯୋଗ ଦେଇଥିଲେ। ପ୍ରସନ୍ନ କୁମାର ତ୍ରିପାଠୀ, ସମୀର କୁମାର ଆଚାର୍ଯ୍ୟ, କିରଣ ପାଢ଼ୀ, ରଜନୀକାନ୍ତ ମଣ୍ଡଳ, ରାଜେନ୍ଦ୍ର ପଣ୍ଡା, ପ୍ରଦୀପ ସାହୁ, ପର୍ଶୁରାମ ଜେନା, ଶ୍ୟାମ ସୁନ୍ଦର ଖାଡ଼ଙ୍ଗା, ଚତୁର୍ଭୁଜ ଜେନା, ମଙ୍ଗୁଲୁ ଚରଣ ହୋତା, ଦାଶରଥୀ ଦୋରା ପ୍ରମୁଖ ସ୍ୱର୍ଗତ ପ୍ରଧାନଙ୍କ ଅମର ଆତ୍ମାର ସଦଗତି କାମନା କରିଥିଲେ।




ନୟାଗଡ଼ ମାଙ୍କପାଲିଠାରେ ପୁଲୱାମା ଶହୀଦଙ୍କ ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ଶୋଭାଯାତ୍ରା।



ବଡପଣ୍ଡୁସରଠାରେ ପିଲାମାନେ କ୍ୟାଣ୍ଡେଲ ଜାଳି ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।




ଓଡ଼ଗାଁଠାରେ କ୍ୟାଣ୍ଡେଲ ଶୋଭାଯାତ୍ରା।




କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ପରିସରରେ ପୁଲୱାମା ଶହୀଦଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା।

# ବିଭିନ୍ନ ସ୍ଥାନରେ ପୁଲୱାମା ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି, କ୍ୟାଣ୍ଡେଲ ଶୋଭାଯାତ୍ରା

**ନୟାଗଡ ଅଫିସ,୧୪।୨**

ପୁଲୱାମା ଆକ୍ରମଣକୁ ବର୍ଷେ ପୂରିଛି। ଏଥିରେ ଶହୀଦ ହୋଇଥିବା ୪୦ ବୀର ଯବାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ନୟାଗଡ ନଗର ଏବିଭିପି ପକ୍ଷରୁ ତ୍ରିନାଥ ଛକଠାରେ ଏକ ଶୋକସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଶହୀଦଙ୍କ ଫଟୋରେ ଫୁଲମାଳ ଦିଆଯାଇ ଦୀପ ପ୍ରଜ୍ୱଳନ କରାଯାଇଥିଲା । ଏଥିରେ ନଗର ସମ୍ପାଦକ ଦିଲୀପ ନାୟକ, ସହ ସଂଯୋଜକ ପରମେଶ୍ୱର ସାହୁ, ସଚ୍ଚିକାନ୍ତ ପଟ୍ଟନାୟକ, ସାଗର ବେହେରା, ବିଶ୍ୱ ରଞ୍ଜନ ବେହେରା ପ୍ରମୁଖ ଯୋଗ ଦେଇ ସ୍ମୃତିଚାରଣ କରିଥିଲେ ।

ସେହିପରି ପୁଲ୍‌ୱାମା ଆକ୍ରମଣରେ ଶହୀଦ ଯବାନଙ୍କୁ ନୟାଗଡ ବ୍ଲକର ବଡପଣ୍ଡୁସରରେ ଶୁକ୍ରବାର କ୍ୟାଣ୍ଡେଲ ଶୋଭାଯାତ୍ରା ମାଧ୍ୟମରେ ଶ୍ରଦ୍ଧାଞ୍ଜଳି ଦିଆଯାଇଛି । ଡୁଗୁଲୁ ପାଢୀଙ୍କ ନେତୃତ୍ୱରେ ୫୦ଜଣ ଛୋଟ ପିଲା ସ୍ଥାନୀୟ ଉଗ୍ରେଶ୍ୱର ମନ୍ଦିର ନିକଟରୁ କ୍ୟାଣ୍ଡେଲ ଶୋଭାଯାତ୍ରା କରି ଗ୍ରାମ୍ୟ ପରିକ୍ରମା କରିଥିଲେ । ଏଥିସହ ଭାରତ ମାତାକି ଜୟ ଧ୍ୱନି ଦେଇଥିଲେ । ଗାଁ ପାଇଁ ଘଣ୍ଟାଟିଏ ଅନୁଷ୍ଠାନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ହର ପ୍ରସାଦ ମହାପାତ୍ର, ଚନ୍ଦ୍ରକାନ୍ତ ପାଢ଼ୀ, ରସାନନ୍ଦ ପୃଷ୍ଟି, ସନ୍ତୋଷ ପାଢ଼ୀ ଯୋଗଦେଇ ପୁଲ୍‌ୱାମା ଆକ୍ରମଣ ସମ୍ପର୍କରେ ଆଲୋକପାତ କରିଥିଲେ। ଇଟାମାଟିର ବୀଣାପାଣି ଆଦର୍ଶ ଟ୍ୟୁଟୋରିଆଲ ପକ୍ଷରୁ ବଂଶୀଧର ମହାବିଦ୍ୟାଳୟ ଠାରୁ ଇଟାମାଟି ଥାନା ପର୍ଯ୍ୟନ୍ତ କ୍ୟାଣ୍ଡେଲ ଶୋଭାଯାତ୍ରା ମାଧ୍ୟମରେ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଛି । ସେହିପରି ଚଣ୍ଡିବସ୍ତ ପଞ୍ଚାୟତ ମାଙ୍କପଲ୍ଲୀରେ ଅନୁରୂପ ଭାବେ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି ।

**ଓଡ଼ଗାଁ, (ସ୍ୱ.ପ୍ର.)**

ପୁଲୱାମା ଆକ୍ରମଣର ଏକ ବର୍ଷ ପୂର୍ତ୍ତି ଅବସରରେ ନୟାଗଡ ଜିଲା ଓଡ଼ଗାଁରେ ଶହୀଦ୍ ଯୱାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଛି। ସିଭିଲ ଡିଫେନ୍ସ ଏକାଡେମୀ ଆନୁକୂଲ୍ୟରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳୀ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ଶତାଧିକ ଯୁବକ ଅଂଶ ଗ୍ରହଣ କରିଥିଲେ। ଯୁବକମାନେ ଓଡ଼ଗାଁରେ ବିଜେ ଶ୍ରୀରଘୁନାଥଜୀଉଙ୍କ ପୀଠରୁ ଦୀପ ପ୍ରଜ୍ୱଳନ କରିବା ପରେ ମହମବତୀ ସଂଯୋଗ କରିଥିଲେ । ମନ୍ଦିର ପରିସରସ୍ଥିତ ଝୁଲଣ ମଣ୍ଡପରୁ ଶୋଭାଯାତ୍ରାରେ ବାହାରିବା ସହିତ ସହର ପରିକ୍ରମା କରି ବ୍ଲକ ଛକରେ ଥିବା ଶହୀଦ ସ୍ମୃତି ପୀଠରେ ପହଞ୍ଚିଥିଲେ। ଶୋଭାଯାତ୍ରାରେ ଭାରତ ମାତା କି ଜୟ, ଜୟ ଜୱାନ, ଜୟ ହିନ୍ଦୁସ୍ଥାନ ଧ୍ୱନୀ ସହିତ ଲୋକମାନଙ୍କ ମଧ୍ୟରେ ଜାତୀୟତାର ବାର୍ତ୍ତା ପ୍ରଚାର କରିଥିଲେ । ମନ୍ଦିର ପରିସରରୁ ମାତ୍ର ୨୦ ରୁ ୨୫ ଜଣ ଯୁବକ ଆରମ୍ଭ କରିଥିବା ଶୋଭାଯାତ୍ରା ଶହୀଦ ସ୍ମୃତିପୀଠରେ ପହଞ୍ଚିଲା ବେଳକୁ ଶତାଧିକ ଯୁବକ ଏଥିରେ ସାମିଲ ହୋଇଥିଲେ । ଶହୀଦ ସ୍ମୃତି ପୀଠରେ ଆୟୋଜିତ ଶ୍ରଦ୍ଧାଞ୍ଜଳୀ ସଭାରେ ରଘୁନାଥ ଆଥଲେଟିକ ଆସୋସିଏଶନ ସମ୍ପାଦକ ଦିବାକର ନାୟକ ସାମୁହିକ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିବା ସହିତ ଉଦ୍‌ବୋଧନ ଦେଇଥିଲେ। ପ୍ରତି ଘରୁ ଜଣେ ଲେଖାଏଁ ଭାରତ ମାତାର ସେବା ନିମନ୍ତେ ଫୌଜରେ ସାମିଲ ହେବାକୁ ସେ ଆହ୍ୱାନ ଦେଇଥିଲେ । ଶୋଭାଯାତ୍ରାରେ ରୁଦ୍ର ମାଧବ ସାହୁ, ଉମାକାନ୍ତ ମହାପାତ୍ର, ସଞ୍ଜିବ ସାହୁ, ଦିବାଂଶୁ ପରିଡା, ରଞ୍ଜନ ବାଡତିଆ, ବିନାୟକ ଭୋଳ ଓ ନରୋତ୍ତମ ସାହୁଙ୍କ ସମେତ ବହୁ ଯୁବକ, ଖବରଦାତା, ବୁଦ୍ଧିଜୀବୀ ସାମିଲ ହୋଇଥିଲେ ।

**ଖଣ୍ଡପଡା,(ସ୍ୱ.ପ୍ର.)**

ପୁଲୱାମାରେ ଆତଙ୍କବାଦୀଙ୍କ ଆକ୍ରମଣରେ ୪୦ରୁ ଉର୍ଦ୍ଧ୍ୱ ଯବାନ ଶହୀଦ ହୋଇଥିଲେ। ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ସାରା ଦେଶରେ ଏହି ଦିନଟିକୁ ପୁଲୱାମା ଶହୀଦ ଦିବସ ଭାବେ ପାଳନ କରାଯାଉଛି । ଏହି ପରିପ୍ରେକ୍ଷୀରେ ଖଣ୍ଡପଡା ବ୍ଲକ ଅନ୍ତର୍ଗତ କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ଜାତୀୟ ସେବା ସଂସ୍ଥା ପକ୍ଷରୁ ଅନୁଷ୍ଠାନର ସଭାଗୃହରେ ଶୁକ୍ରବାର ପୁଲୱାମା ଶହୀଦ ଦିବସ ପାଳନ କରାଯାଇଛି । ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ମହାବିଦ୍ୟାଳୟର ଉପାଧ୍ୟକ୍ଷ ଈଶ୍ୱର ଚନ୍ଦ୍ର ଦାଶ ପୌରହିତ୍ୟ କରିଥିବା ବେଳେ ଅର୍ଥନୀତି ବିଭାଗ ମୁଖ୍ୟ ପ୍ରାଧ୍ୟାପକ ଡ. ପବିତ୍ର କୁମାର ସୁବୁଦ୍ଧି ମୁଖ୍ୟବକ୍ତା ଭାବେ ଯୋଗଦେଇ ପୁଲୱାମାରେ ଶହୀଦ ହୋଇଥିବା ବୀର ଯବାନଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ । ଶହୀଦମାନଙ୍କ ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ପ୍ରଜ୍ୱଳନ କରାଯାଇ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ଏଥିସହ ଶହୀଦମାନଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏନଏସଏସ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପିକା ସରଳା ବେହେରା, ଅଧ୍ୟାପକ ମାନଗୋବିନ୍ଦ ରାଉତ ଓ ଅଧ୍ୟାପକ ହୃଷିକେଶ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ଏସ୍‌ସିବିରୁ ଘରୋଇ ହସ୍ପିଟାଲକୁ ଆସିଲେ ବିଜେଡି ନେତ୍ରୀ ମୀନାକ୍ଷୀ

**ବ୍ରହ୍ମପୁର ଅଫିସ,୧୪।୨**

ବ୍ରହ୍ମପୁର ଏସ୍‌ପିଙ୍କ ଅଫିସ ପରିସରରେ ଗତ ୧୨ ତାରିଖରେ ଦେହରେ କିରୋସିନ ଢାଳି ଆତ୍ମାହୂତି ଉଦ୍ୟମ କରି ଗୁରୁତର ହୋଇଥିବା ବିଜେଡି ନେତ୍ରୀ ମୀନାକ୍ଷୀ ମିଶ୍ର ବ୍ରହ୍ମପୁର ବଡ଼ ମେଡିକାଲରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର ହୋଇଥିଲେ। ତେବେ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ନ ଆସିବାରୁ ଶୁକ୍ରବାର ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲକୁ ଅଣାଯାଇଛି। ସେଠାରେ ସେ ଆଇସିୟୁରେ ଭର୍ତ୍ତି ହୋଇଛନ୍ତି। ସନ୍ଧ୍ୟା ସୁଦ୍ଧା ମୀନାକ୍ଷୀଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି ବୋଲି ଡାକ୍ତର କହିଥିବା ତାଙ୍କୁ ଭେଟିବା ପାଇଁ ବ୍ରହ୍ମପୁରରୁ ଯାଇଥିବା ମହିଳା ବିଜେଡି ନେତ୍ରୀ ମମତା ବିଷୋୟୀ କହିଛନ୍ତି।

**ଆତ୍ମାହୂତି ଉଦ୍ୟମ ଘଟଣା**

ପୁଅକୁ ମିଥ୍ୟା ମାମଲାରେ ଫସାଇ ଦିଆଯାଇଥିବା ପ୍ରତିବାଦରେ ମିନାକ୍ଷୀ ଆତ୍ମାହୂତି ଉଦ୍ୟମ କରିଥିଲେ। ମା'ଙ୍କ ଚିକିତ୍ସା ସମ୍ପର୍କରେ ବୁଝାଶୁଝା କରିବା ପାଇଁ ଜେଲରେ ଥିବା ମିନାକ୍ଷୀଙ୍କ ପୁଅ କୃତୀବାସ ମିଶ୍ର ଓରଫ ରାଜାଙ୍କୁ କୋର୍ଟ ଗୁରୁବାର ଅନ୍ତରୀଣ ଜାମିନ ଦେଇଥିଲେ। ରାଜା ଓ ତାଙ୍କ ଭଉଣୀ ଏବେ ତାଙ୍କ ମା'ଙ୍କ ନିକଟରେ ରହିଥିବା ମମତା ବିଷୋୟୀ କହିଛନ୍ତି।

## ସେବାନିବୃତ୍ତ କର୍ମଚାରୀ, ଶିକ୍ଷକ ବିକାଶ ମଞ୍ଚର ଆନ୍ଦୋଳନ ଚେତାବନୀ

**ବ୍ରହ୍ମପୁର ଅଫିସ,୧୪।୨**

ରାଜ୍ୟର ୩ ଲକ୍ଷରୁ ଅଧିକ ଅବସରପ୍ରାପ୍ତ କର୍ମଚାରୀଙ୍କ ନ୍ୟାଯ୍ୟ ଦାବି ପୂରଣରେ ସରକାରୀ ଅବହେଳା କରାଯାଉଛି। ଏଥିଲାଗି ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହା ପ୍ରତିବାଦରେ ଓଡ଼ିଶା ସେବା ନିବୃତ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚ ପୁଣି ବିଧାନସଭା ଆଗରେ ବିକ୍ଷୋଭ ସହ ଆନ୍ଦୋଳନ କରିବ ବୋଲି ନିଷ୍ପତ୍ତି ନେଇଛି। ମଞ୍ଚର ଗଞ୍ଜାମ ଜିଲା ଶାଖା ସଭାପତି ରଜନୀକାନ୍ତ ମଣ୍ଡଳ ବ୍ରହ୍ମପୁରରେ ଏହି ସୂଚନା ଦେଇଛନ୍ତି।

କେନ୍ଦ୍ର ଭଳି ରାଜ୍ୟ ସରକାର ଚିକିତ୍ସା ଭତ୍ତା ମାସିକ ହଜାରେ ଟଙ୍କା ଦେବା, ସର୍ବନିମ୍ନ ପେନସନ ମାସିକ ୯ ହଜାର ଟଙ୍କା ଧାର୍ଯ୍ୟ ସହ ତୁରନ୍ତ କାର୍ଯ୍ୟକାରୀ କରାଯିବା ନେଇ ବହୁବାର ଆନ୍ଦୋଳନ କରାଯାଇଛି। ଦାବି ପୂରଣ ପାଇଁ ଅଧିକାରୀମାନେ ମଞ୍ଚ କର୍ମକର୍ତ୍ତାଙ୍କ ସହ ଆଲୋଚନା କରି ପ୍ରତିଶ୍ରୁତି ଦେଉଥିଲେ ମଧ୍ୟ କାର୍ଯ୍ୟକାରୀ କରୁ ନ ଥିବା ଅଭିଯୋଗ କରାଯାଇଛି। ସମ୍ପ୍ରତି ଅନୁଷ୍ଠିତ ମଞ୍ଚର ପ୍ରାଦେଶିକ ସମ୍ମିଳନୀରେ ସରକାରୀ ଅବହେଳାକୁ ନିନ୍ଦା କରାଯାଇ ପୁନର୍ବାର ଆନ୍ଦୋଳନ ପାଇଁ ସର୍ବସମ୍ମତି ନିଷ୍ପତ୍ତି ନିଆଯାଇଥିବା ଜିଲା ସଭାପତି କହିଛନ୍ତି।

ମଞ୍ଚ ରାଜ୍ୟ ସମ୍ପାଦକ ଶ୍ୟାମସୁନ୍ଦର ଖାଡ଼ଙ୍ଗା, ଜିଲା ସମ୍ପାଦକ ରାଜେନ୍ଦ୍ର କୁମାର ପଣ୍ଡା, କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ସାହୁ, ଉପଦେଷ୍ଟା ପୀତବାସ ମହାପାତ୍ର, ସୁବାସ ଚନ୍ଦ୍ର ମିଶ୍ର, ରାସ ବିହାରୀ ଦାସ, ଉପେନ୍ଦ୍ର ନାୟକ ପ୍ରମୁଖ ସରକାରଙ୍କ ଆଭିମୁଖ୍ୟକୁ ତୀବ୍ର ସମାଲୋଚନା କରିଛନ୍ତି।

# ଇତିହାସ ବିଭାଗର ଅନ୍ତର୍ଜାତୀୟସ୍ତରୀୟ ସମ୍ମିଳନୀ




ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

**ବ୍ରହ୍ମପୁର ଅଫିସ,୧୪।୨**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଇତିହାସ ବିଭାଗର ୨ ଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ନୂତନ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ସମ୍ମିଳନୀରେ ଭାରପ୍ରାପ୍ତ କୁଳପତି ତଥା ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଅରୁନ୍ଧତୀ ରଥ ଅଧ୍ୟକ୍ଷତା କରିଥିଲେ। ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀ ମୁଖ୍ୟଅତିଥି, ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ମନ୍ମଥ ପାଢୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ହାଇଦ୍ରାବାଦର ଇତିହାସ ବିଭାଗ ପ୍ରଫେସର ତଥା ମହିଳା ଅଧ୍ୟୟନ ଗବେଷଣା କେନ୍ଦ୍ରର ନିର୍ଦ୍ଦେଶିକା ପ୍ରଫେସର ରେଖା ପାଣ୍ଡେ ଓ ୟୁଏସଏର ପ୍ରଫେସର ଜେରାଲ ଡାଇନ୍ ଫୋର୍ବସ୍ ବକ୍ତା ଭାବେ ଯୋଗଦେଇଥିଲେ। ଏହି ଅବସରରେ ଭାରତୀୟ ଇତିହାସର ପୁର୍ନଗଠନ : ସମାଜ ଓ ଧର୍ମ ଉପରିସ୍ଥ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ପ୍ରଫେସର ତ୍ରିପାଠୀ ଇତିହାସ ପୁନର୍ଗଠନର ବିଭିନ୍ନ ପ୍ରକ୍ରିୟା ଉପରେ ଆଲୋକପାତ କରିଥିଲେ। ଅତିଥିମାନଙ୍କ ଦ୍ୱାରା ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଶଙ୍କର୍ଷଣ ମଲ୍ଲିକ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ବିଭାଗୀୟ ଅଧ୍ୟକ୍ଷ ତଥା ଆବାହକ ଡ. ସଦାନନ୍ଦ ନାୟକ ସମ୍ମିଳନୀର ଆଭିମୁଖ୍ୟ ଉପରେ ସୂଚନା ଦେଇଥିଲେ। ସହ ଆବାହକ ଡ. ରମାକାନ୍ତ ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ମିଳନୀରେ ଦେଶ ଓ ଦେଶ ବାହାରର ଅଧ୍ୟାପିକା, ଅଧ୍ୟାପକ, ଗବେଷିକା ଗବେଷକ, ବୁଦ୍ଧିଜୀବୀ ଓ ଛାତ୍ରୀଛାତ୍ର ଯୋଗ ଦେଇଛନ୍ତି।

# ଫନୀ ସହାୟତା, ଆବାସ ତାଲିକାରେ ଅନିୟମିତତା

- ହିତାଧିକାରୀଙ୍କୁ ନ୍ୟାୟ ନ ମିଳିଲେ ରାସ୍ତାକୁ ଓହ୍ଲାଇବ ଭାଜପା
- ୧୮ରୁ ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ଧାରଣା

**ପୁରୀ ଅଫିସ, ୧୪।୨**

ପୁରୀ ଜିଲାରେ ଫନୀ ସହାୟତା ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ତାଲିକାରେ ବ୍ୟାପକ ଅନିୟମିତତା ହୋଇଛି। ଅନେକ ଯୋଗ୍ୟ ବ୍ୟକ୍ତିଙ୍କ ନାଁ ତାଲିକାରେ ନାହିଁ। ପ୍ରକୃତ ହିତାଧିକାରୀଙ୍କୁ ଯଦି ନ୍ୟାୟ ନ ମିଳେ ତେବେ ଭାଜପା ରାସ୍ତାକୁ ଓହ୍ଲାଇବ। ଆସନ୍ତା ୧୮ ତାରିଖଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ ସମ୍ମୁଖରେ ଧାରଣା ଦିଆଯିବ ବୋଲି ରାଜ୍ୟ ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରଭାତି ପରିଡ଼ା କହିଛନ୍ତି। ଶୁକ୍ରବାର ଜିଲା ଭାଜପା କାର୍ଯ୍ୟାଳୟ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପରିଡ଼ା କହିଥିଲେ, କେନ୍ଦ୍ର ସରକାର ଓଡ଼ିଶାର ଗରିବ ଲୋକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କାଘର ଯୋଗାଇଦେବା ପାଇଁ ପର୍ଯ୍ୟାପ୍ତ ଅର୍ଥ ଦେଉଛନ୍ତି। କିନ୍ତୁ ଦଳୀୟ ଭିତ୍ତିରେ ହିତାଧିକାରୀ ଚୟନ କରାଯାଉଛି। ବିଶେଷକରି ପୁରୀ ଜିଲାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ତାଲିକାରେ ବ୍ୟାପକ ଅନିୟମିତତା ହୋଇଛି। ସେହିପରି ଅନେକ ଫନୀ କ୍ଷତିଗ୍ରସ୍ତ ଆଜି ବି ପଲିଥିନ ତଳେ ରହୁଥିବାବେଳେ ପ୍ରଶାସନ ପକ୍ଷରୁ ଘର ନ ଯୋଗାଇ ସେମାନଙ୍କ ସହ ଲୁଚକାଳି ଖେଳ ଖେଳିବା ଅତ୍ୟନ୍ତ ନିନ୍ଦନୀୟ ବୋଲି ସେ କହିଛନ୍ତି।




ଖବରଦାତା ସମ୍ମିଳନୀରେ ଭାଜପା ନେତ୍ରୀ ପ୍ରଭାତି ପରିଡ଼ା ଏବଂ ଅନ୍ୟମାନେ।

ଯୋଗ୍ୟ ହିତାଧିକାରୀଙ୍କୁ ଘର ଯୋଗାଇବା ତ ଦୂରର କଥା, କେନ୍ଦ୍ରରୁ ଆସୁଥିବା ଟଙ୍କାକୁ ରାଜ୍ୟ ଶାସକ ଦଳ ନେତା ଆତ୍ମସାତ୍ କରୁଛନ୍ତି। ଅନ୍ୟପଟେ ସାଧାରଣ ଗରିବ ଲୋକଟିକୁ ଘର ମିଳୁନାହିଁ । ଯଦି ଠିକ୍ ଭାବେ ଚିହ୍ନଟ କରି ଯୋଗ୍ୟ ହିତାଧିକାରୀଙ୍କୁ ଘର ଯୋଗାଇ ଦିଆଯାଆନ୍ତା ତେବେ ବାରମ୍ବାର ଭୁଲ୍ ହୁଅନ୍ତା ନାହିଁ। ଯୋଗ୍ୟ ହିତାଧିକାରୀ ବାରମ୍ବାର ବ୍ଲକକୁ ଦୌଡୁଥିଲେ ମଧ୍ୟ ସେମାନଙ୍କୁ ସୁଫଳ ମିଳୁନାହିଁ । ଯୋଗ୍ୟ ହିତାଧିକାରୀ ଚିହ୍ନଟ ପାଇଁ ପ୍ରଶାସନର ତିନିଜଣିଆ କମିଟିର ତଦନ୍ତ କେବଳ ଧର୍ମକୁ ଆଖିଠାର। ତାଲିକାରୁ ବଞ୍ଚିତ ହିତାଧିକାରୀମାନେ ତାଙ୍କ ଅଭିଯୋଗ ଫେବୃୟାରୀ ୧୦ରୁ ୧୬ ତାରିଖ ମଧ୍ୟରେ ଦାଖଲ କରିବା ପାଇଁ କୁହାଯାଇଛି । ପ୍ରଶାସନ ଏହାକୁ ପଞ୍ଚାୟତ କାନ୍ଥରେ ୧୩ ଓ ୧୪ ତାରିଖରେ ମାରିଥିଲେ। ଦୁଇଦିନ ମଧ୍ୟରେ ଅଭିଯୋଗ କରିବା ସମ୍ଭବପର ନୁହେଁ। ଏଣୁ ଏହି ସମୟସୀମାକୁ ଆହୁରି ୧୫ ଦିନ ବୃଦ୍ଧି କରିବା ଲାଗି ଭାଜପା ଦାବି କରୁଛି । ସେହିପରି ଜିଲାକୁ କେତେ ଆବାସ ଯୋଜନା ଆସିଛି ତାହାର ତାଲିକା ମଧ୍ୟ ସ୍ପଷ୍ଟ କରାଯାଉ ନାହିଁ। ନିମାପଡ଼ା ପାଇଁ ୧୭୦୦ ଜଣଙ୍କ ତାଲିକା ବାହାରିଛି। କିନ୍ତୁ ସେଥିମଧ୍ୟରୁ ଯୋଗ୍ୟ ବ୍ୟକ୍ତି ୨୦୦ ହେବେ ନାହିଁ ବୋଲି ପ୍ରଭାତି ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଯେଉଁ ତହସିଲଦାର, ଜିଆର୍‌ଏସ୍ ଏବଂ ଭିଏଲ୍‌ଡବ୍ଲ୍ୟୁ ଅଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରି ଭୁଲ୍ ତାଲିକା ପ୍ରକାଶ କରୁଛନ୍ତି ସେମାନଙ୍କ ବିରୋଧରେ ଜିଲାପାଳ ଆଇନଗତ ପଦକ୍ଷେପ କାହିଁକି ଗ୍ରହଣ କରୁନାହାନ୍ତି ? ଏକ ନିର୍ଦ୍ଦିଷ୍ଟ ଦଳୀୟ ଲୋକଙ୍କୁ ସବୁବେଳେ ତାଲିକାରେ କାହିଁକି ରଖାଯାଉଛି ଏବଂ ପ୍ରଶାସନ କାହିଁକି ଭୁଲ୍ ତଥ୍ୟ ଦେଇ ଲୋକଙ୍କୁ ହଇରାଣ କରୁଛି ? କାହା ନିର୍ଦ୍ଦେଶରେ ଏବଂ କାହିଁକି ତାଲିକାରେ ଯୋଗ୍ୟ ହିତାଧିକାରୀଙ୍କୁ ରଖାଯାଉ ନାହିଁ ବୋଲି ପ୍ରଭାତି ପ୍ରଶ୍ନ କରିଛନ୍ତି। ଫନୀକୁ ଇତିମଧ୍ୟରେ ୯ ମାସ ପୂରିଗଲାଣି, ହେଲେ ପ୍ରଶାସନିକ ଅପାରଗତା କାରଣରୁ ଏପର୍ଯ୍ୟନ୍ତ ଅନେକ କ୍ଷତିଗ୍ରସ୍ତଙ୍କୁ ସହାୟତା ରାଶି ମିଳିନାହିଁ। ଅନେକଙ୍କ ଆକାଉଣ୍ଟକୁ ମଧ୍ୟ ଅଚଳ କରିଦିଆଯାଇଛି। ସେହିପରି କୃଷି ଓ ଉଦ୍ୟାନ ବିଭାଗର ମୁଗ, ନଡ଼ିଆ ଗଛ ପ୍ରକୃତ ହିତାଧିକାରୀ ଚୟନରେ ଚଞ୍ଚକତା କରାଯିବାକୁ ଭାଜପା ନିନ୍ଦା କରୁଛି। ଯଦି ଯୋଗ୍ୟ ବ୍ୟକ୍ତିଙ୍କୁ ନ୍ୟାୟ ନ ମିଳେ ତେବେ ଆସନ୍ତା ୧୮ ତାରିଖରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଭାଜପା ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦିଆଯିବ ବୋଲି ପ୍ରଭାତି କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଜିଲା ଭାଜପା ସଭାପତି ଆଶ୍ରିତ ପଟ୍ଟନାୟକ, ପୂର୍ବତନ ଜିଲା ସଭାପତି ପ୍ରଭଞ୍ଜନ ମହାପାତ୍ର ଏବଂ ଓମ୍‌ପ୍ରକାଶ ମିଶ୍ର ଉପସ୍ଥିତ ଥିଲେ।

# ଧାନକିଣାରେ କୋଟିଏ ଟଙ୍କାର ଅନିୟମିତତା

**ନୟାଗଡ ଅଫିସ,୧୪।୨**

- ଜମି ମାଲିକ ଠକେଇର ଶିକାର
- ଭିଜିଲାନ୍ସ ତଦନ୍ତ ଦାବି
- ଖମାରସାହି ପ୍ରାଥମିକ କୃଷି ସମବାୟ ସମିତି

ନୟାଗଡ ବ୍ଲକ ଖମାରସାହି ପ୍ରାଥମିକ କୃଷି ସମବାୟ ସମିତି ଅଧୀନରେ ଥିବା ଭାଟସାହି ପଞ୍ଚାୟତର ପଙ୍କାଳସାହି, ଭାଟସାହି, ବରଦ୍ୱାର ମୌଜାର ଚାଷ ଜମି ମାଲିକଙ୍କ ଅଗୋଚରରେ ୧୦୦ ଏକର ଜମିରୁ ୧୮ ଲକ୍ଷ ଟଙ୍କାର ଧାନକିଣାରେ ଦୁର୍ନୀତି ହୋଇଛି । ଜମି ମାଲିକଙ୍କ ସମ୍ପର୍କୀୟ ଦେଖାଇ ଚଞ୍ଚକତା କରି ଏହି ଦୁର୍ନୀତି କରାଯାଇଛି । ଏହି ଅନିୟମିତତା ୧୦ଜଣଙ୍କ ନାଁରେ ହୋଇଛି । ତେବେ ବହୁ ଚାଷୀଙ୍କର ମତାମତ ନେବା ପରେ କୋଟିଏ ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କାର ସ୍କାମ ହୋଇଥିବା ଜଣାପଡିଛି। ଏଭଳିସ୍ଥଳେ ଅନିୟମିତତାରେ ସମ୍ପୃକ୍ତ ଥିବା ଲୋକଙ୍କ ନାମ ଓ ଠିକଣା ମଧ ଜମି ମାଲିକ ପ୍ରମାଣ ସ୍ୱରୂପ ଦେଇଛନ୍ତି । ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଜମି ମାଲିକମାନେ ଗୁରୁବାର ଓ ଶୁକ୍ରବାର ଜିଲାପାଳଙ୍କୁ ଭେଟି ଫେରାଦ ହୋଇଛନ୍ତି । ଅନ୍ୟପକ୍ଷେ ଏହାର ଭିଜିଲାନ୍ସ ତଦନ୍ତ କରିବାକୁ ଜମି ମାଲିକମାନେ ଅନୁରୂପ ଭାବେ ଭିଜିଲାନ୍ସ ବିଭାଗର ସହଯୋଗ ଲୋଡିଛନ୍ତି ।


ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ଅଭିଯୋଗକାରୀ ଜମିମାଲିକମାନେ।

### ଗୁପର ଖୋଲିଲା ନୂଆ ମଣ୍ଡି

ଖମାରସାହି ପ୍ରାଥମିକ କୃଷି ସମବାୟ ସମିତିରେ ଧାନକିଣାରେ ଦୁର୍ନୀତି ହେଉଥିବା ଗତ କିଛିବର୍ଷ ହେଲା ଅଭିଯୋଗ ହୋଇଆସୁଛି । ହେଲେ ଦୁର୍ନୀତି କେଉଁ ମାଧ୍ୟମରେ ହେଉଛି ତାହା ଜଣାପଡୁ ନ ଥିଲା । ପୂର୍ବରୁ ଖମାରସାହିରେ ଧାନମଣ୍ଡି ହେଉଥିଲା। ଚଳିତ ବର୍ଷ ଭାଟସାହିରେ ନୂଆକରି ଧାନ ମଣ୍ଡି ହେଲା । ନୂଆ ଧାନମଣ୍ଡି ପରେ କାଗଜପତ୍ର ସବୁ ଅଲଗା ହେଲା । ଭାଟସାହି ଧାନମଣ୍ଡିରୁ ଦୁର୍ନୀତି ପଦାକୁ ଆସିଲା । ଫୁଡ୍ ଓଡିଶା ପୋର୍ଟାଲ ୱେବସାଇଟ୍‌ରୁ ତଥ୍ୟ ମିଳିଛି । ଅନ୍ୟପକ୍ଷେ ବ୍ୟବସାୟୀଙ୍କର କିଛି ଧାନ ଗାଁରେ ଜବତ କରି ରଖିଛୁ ବୋଲି ଭାଟସାହିର ଜମି ମାଲିକ ସୁରଥ ସାହୁ କହିଛନ୍ତି।

### କାଗଜପତ୍ରରେ ଧାନ ବିକ୍ରି

ଏଠାରେ ଖୋଲିଥିବା ୨ଟି ମଣ୍ଡିରେ ଚାଷୀଙ୍କୁ ଧାନବିକ୍ରି କରିବାର ସୁବିଧା କମ । ବେପାରୀ ଏଠାରେ ସର୍ବେସର୍ବା । ଧାନ କାଗଜାତରେ ବିକ୍ରି ହେଉଛି । ସମିତି ସମ୍ପାଦକ, ମିଲର ଓ ଦଲାଲଙ୍କ ମେଳି ଯୋଗୁ ଏହା ସମ୍ଭବ ହୋଇଥିବା ଅଭିଯୋଗ ରହିଛି । ଏପରି ଅନିୟମିତତା ପ୍ରାୟ ୫ବର୍ଷ ଧରି ଚାଲୁ ରହିଛି । ପୁରୁଣା ଓ ନୂଆ ମଣ୍ଡିର ଧାନ ଦୁର୍ନୀତିକୁ ଅନୁଧାନ କଲେ ପ୍ରାୟ ୧ କୋଟି ଟଙ୍କାର ଧାନକିଣାରେ ଦୁର୍ନୀତି ହୋଇଛି ବୋଲି କଂଗ୍ରେସର ଜିଲା ସଭାପତି ରଣଜିତ ଦାଶ ପ୍ରକାଶ କରିଛନ୍ତି ।

### କାଜୁ ଜଙ୍ଗଲ କେନାଲ ହୋଇଗଲା

ଭାଟସାହିର କୁଳମଣି ବେହେରାଙ୍କ ଅଭିଯୋଗ ଅନୁସାରେ ପଙ୍କାଳସାହିରେ ରହିଛି ୩୦ ଘରିଆ କାଜୁ ଜଙ୍ଗଲ, ଯାହାକି ପ୍ରାୟ ୩୦ ଏକର । ଏଠାରେ କେବଳ କାଜୁ ଗଛ ଓ ସ୍ଥାନେ ସ୍ଥାନେ ପଡିଆ ପଡିଛି । ତେବେ ଏହି କାଜୁ ଜଙ୍ଗଲକୁ କେନାଲ ଦେଖାଯାଇଛି । କେନାଲ ପାଖରେ ଭଲ ଜମି ଦର୍ଶାଇ ଧାନ ବିକ୍ରି ହୋଇଛି । ସେହିପରି ପଙ୍କାଳସାହିରେ ୧୩ ଘରିଆ ପଡିଆ ରହିଛି । ଏଠାରେ ସ୍ଥାନେ ସ୍ଥାନେ ଶାରଦ ଜମି ରହିଛି, ଯାହାକି ଭଲ ଫସଲ ହୁଏ । ତେବେ ହାତୀ ଉପଦ୍ରବ ଯୋଗୁ ଏଠାରେ ଧାନ ଫସଲ ଓ ଅନ୍ୟାନ୍ୟ ଫସଲ ବନ୍ଦ ହୋଇଯାଇଛି । ଏଠାକାର ଅଞ୍ଚଳରେ କ୍ୱଚିତ ଲୋକ ଧାନ କରନ୍ତି । ତେବେ ସେମାନେ ଧାନ ମଣ୍ଡିରେ ବିକନ୍ତି ନାହିଁ । କାରଣ ଆବଶ୍ୟକୀୟ କାଗଜାତ ଦାଖଲ କରିବାରେ ଅସୁବିଧା ହେତୁ ସମିତି ଧାନ କିଣେ ନାହିଁ । ଏହି ଜମିଗୁଡିକ ଦେଖାଇ ଜଣେ ଧାନ ବ୍ୟବସାୟୀ ବର୍ଷ ବର୍ଷ ଧରି ଧାନ ବିକ୍ରି କରି ଆସୁଛନ୍ତି । ଜମି ମାଲିକ କିନ୍ତୁ ଅଜଣା ରହିଛି । କାରଣ ସେଥିରେ କୁଳମଣିଙ୍କ ୭ ଏକର ଜମି ରହିଛି ବୋଲି ସେ କହିଛନ୍ତି।

### ଧାନ ବିକ୍ରି କରିପାରୁ ନାହୁଁ

ଭାଟସାହିର ରାମଚନ୍ଦ୍ର ସାମନ୍ତରାୟ ଅଭିଯୋଗ କରିଛନ୍ତି, ଧାନ ବିକ୍ରି କରିବାକୁ ୧୨ ଏକର ୬୦ଡେସିମିଲର କାଗଜାତ ସମିତିରେ ଦାଖଲ କରିଥିଲି । ହେଲେ ମୋତେ ୯ ଏକର ଜମିର ଧାନ ୧୦୦ କୁଇଣ୍ଟାଲ ବିକ୍ରି କରିବାର ସୁବିଧା ମିଳିଛି । ଅନ୍ୟପକ୍ଷେ ମୋ କାଗଜାତକୁ ଆୟୁଧ କରି ଚଞ୍ଚକତା କରାଯାଇ ବଳକା ୩ ଏକର ୬୦ଡିସିମିଲି ଜମିକୁ ରବି ସାହୁଙ୍କ ନାଁରେ କରି ୧୦୦ କୁଇଣ୍ଟାଲ ଧାନବିକ୍ରି କରାଯାଇଛି । ଫଳରେ ଅବଶିଷ୍ଟ ଜମିର ଧାନ ମୋ ଘରେ ଥୁଆ ହୋଇ ରହିଛି । ମୋ ପରି ଅନେକ ଜମି ମାଲିକ ଠକେଇର ଶିକାର ହୋଇଛନ୍ତି । ଏହି ଜାଲିଆତିର ତଦନ୍ତ କରାଯାଉ । ମୋ ପରି ଠକେଇର ଶିକାର ହୋଇଥିବା ଜମି ମାଲିକଙ୍କୁ ଧାନ ବିକ୍ରିର ସୁଯୋଗ ମିଳୁ ବୋଲି ସେ କହିଥିଲେ।

### ସମ୍ପାଦକଙ୍କୁ ନିଲମ୍ବନ କରାଯାଉ

ଭାଟସାହିର ନିଧିଶ୍ୟାମ ବେହେରା କୁହନ୍ତି, ଧାନକିଣାରେ କୋଟିଏ ଟଙ୍କାର ଅନିୟମିତତା ହୋଇଛି । ପୁଣି ଏହା ୫ବର୍ଷର ଅନିୟମିତତା । ଆମେ ଜିଲାପାଳଙ୍କୁ ଅନିୟମିତତାର ପ୍ରମାଣପତ୍ର ଦେଇ ସାରିଛୁ । ଅଧିକ ତଦନ୍ତ କଲେ ପୁଣି ଆହୁରି ହେରଫେର ହୋଇଥିବା ବାହାରିବ । ସମ୍ପାଦକଙ୍କ କାରନାମା ପୂରା ଧରା ପଡି ଯାଇଛି । ତ୍ରୁଟି ହେଲେ ଜଣେ କି ଦୁଇଜଣଙ୍କର ହେବ । ତେବେ କାଜୁ ଜଙ୍ଗଲ, ପଡିଆ କିପରି ଧାନ ଜମି ହୋଇଯିବ । ପୁଣି ଜମି ମାଲିକ ଜମି ବିକ୍ରି କରି ନ ଥିବାବେଳେ ଜମି ବିକ୍ରିର ଯେଉଁ ଘୋଟାଲା ତା'ର ତଦନ୍ତ ହେବା ଆବଶ୍ୟକ । ଏହା ପଛରେ ଅନ୍ୟ ଯେଉଁମାନେ ଅଛନ୍ତି ସେମାନଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯାଉ ।

### ଖିଅ, ବୋହୂ ନାଁରେ ଜାଲିଆତି

ଭାଟସାହିର ନିତ୍ୟାନନ୍ଦ ପ୍ରଧାନ କୁହନ୍ତି, ବିଭିନ୍ନ ଜମି ମାଲିକଙ୍କ ଅସଲ ଝିଅ, ବୋହୂ ନ ଥାଇ ନକଲି କାଗଜାତ ପ୍ରସ୍ତୁତ କରି ଧାନ ବିକ୍ରି ହୋଇଛି । ସେହିଭଳି ନୂଆ ଜମି କିଣା ଯାଇ ଅନୁରୂପ ଭାବେ ଧାନ ବିକ୍ରି ହୋଇଛି । ଏହି ସ୍କାମରେ ଅନେକେ ଅଛନ୍ତି । ତେବେ ସମିତି ସମ୍ପାଦକ, ଧାନ ବ୍ୟବସାୟୀ ମୁଖ୍ୟ କାର୍ପେଟଦାର ବୋଲି ଜଣାପଡିଛି । କୋଟି କୋଟି ଟଙ୍କାର ଏହି ସ୍କାମକୁ ଅଣଦେଖା କଲେ ଅନେକ ଜମି ମାଲିକ ଫସିଯିବେ ।

### ଚାଷୀ ଦଲାଲ ସାଜୁଛନ୍ତି

ସମିତି ସମ୍ପାଦକ ପ୍ରଫୁଲ୍ଲ ବିଶ୍ୱାଳ କୁହନ୍ତି, ଧାନ ବିକ୍ରି ଘୋଟାଲାର ଅଭିଯୋଗରେ ସତ୍ୟତା ନାହିଁ । ଆମ ଅଫିସର କମ୍ପ୍ୟୁଟର ପିଲାଙ୍କର ତ୍ରୁଟି ଯୋଗୁ କିଛି କାଗଜପତ୍ର ଏପଟସେପଟ ହୋଇଯାଇଛି । ଅନ୍ୟପକ୍ଷେ କିଛି ଚାଷୀଙ୍କର ଧାନ ଆଦାୟ କମ ରହିଛି । କିନ୍ତୁ ଅନ୍ୟ ଚାଷୀଠାରୁ ଧାନ ଆଣି ମଣ୍ଡିରେ ଦେଉଛନ୍ତି । ନିଜେ ଜାଲିଆତି କରି ଅନ୍ୟ ନାଁରେ ମିଥ୍ୟାରେ ଅଭିଯୋଗ କରୁଛନ୍ତି ।

### ତଦନ୍ତ କରି ନିଆଯିବ କାର୍ଯ୍ୟାନୁଷ୍ଠାନ

ଜିଲାପାଳ ପୋମା ଟୁଡୁ କୁହନ୍ତି, ଧାନ ବିକ୍ରି ଘୋଟଲାର ମୁଁ ଅଭିଯୋଗ ପାଇଛି । ଏହାର ତଦନ୍ତ କରାଯିବ । ତଦନ୍ତ ରିପୋର୍ଟ ହସ୍ତଗତ ପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ । ଏଆରସିଏସ ଭାସ୍କର ପାଣିଗ୍ରାହୀ କୁହନ୍ତି, ଯିଏ ଦୋଷୀ ସେ ନିଶ୍ଚିତ ଦଣ୍ଡ ପାଇବ । ଜିଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ସିଏସଓ ତଦନ୍ତ ଆରମ୍ଭ କରିସାରିଲେଣି । ନୟାଗଡ ସିଏସଓ ଦେବବ୍ରତ ମହାପାତ୍ର କୁହନ୍ତି, ଜିଲାପାଳଙ୍କ ନିର୍ଦ୍ଦେଶରେ ଏକ ଟିମ କରାଯାଉଛି । ସମ୍ପୃକ୍ତ ଟିମ୍ ତଦନ୍ତ କରିବ ।

## ସଂକ୍ଷେପରେ

### ହଡ଼ା ନଦୀ ଖାଲ ପାଣିରେ ବୁଡ଼ି ବୃଦ୍ଧ ମୃତ

**ବୋଲଗଡ,୧୪।୨(ଡି.ଏନ.ଏ.):** ବୋଲଗଡ ଥାନା ବାଙ୍କୋଇ ଫାଣ୍ଡି ଅଞ୍ଚଳର ବିଲଖିଉରୁଣୀର ଜଣେ ବୃଦ୍ଧଙ୍କର ଗ୍ରାମ ନିକଟ ଦେଇ ଯାଇଥିବା ହଡାନଦୀରେ ଥିବା ଏକ ଖାଲରେ ରହିଥିବା ପାଣିରେ ବୁଡି ଶୁକ୍ରବାର ମୃତ୍ୟୁ ଘଟିଛି। ମୃତବ୍ୟକ୍ତି ଜଣକ ହେଉଛନ୍ତି ମଧୁ ଭୂୟାଁ (୬୫)। ଖବରପାଇ ବୋଲଗଡ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏ ସଂକ୍ରାନ୍ତରେ ଥାନାରେ ନଂ. ୨/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଥାନା ଆଇଆଇସି ସେଖ ଅକବର ଅଲ୍ଲୀଙ୍କଠାରୁ ମିଳିଥିବା ସୂଚନା ଅନୁସାରେ, ନଦୀ ପାଣିରେ ଶୌଚ ହେବାକୁ ବୃଦ୍ଧ ଜଣକ ଅପରାହ୍ନରେ ଯାଇଥିଲେ। ତେବେ ଏହି ଖାଲଟି ଗହୀରିଆ ରହିଛି। ସେଠାରେ କୌଣସି କାରଣରୁ ଗୋଡ ଖସି ଯାଇ ସେ ପାଣିରେ ବୁଡି ଯାଇଥିବା ଅନୁସନ୍ଧାନରୁ ଜଣାପଡିଛି। ଅନ୍ୟପକ୍ଷରେ ମଧୁ ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଓ ସମ୍ପର୍କୀୟମାନେ ଖୋଜାଖୋଜି କରିଥିଲେ। ସେ ଖାଲରେ ବୁଡି ଯାଇଥିବା ସନ୍ଦେହ କରି ଖୋଜା ଯାଇଥିଲା। ଖବର ପାଇ ବୋଲଗଡ ଦମକଳ ବାହିନୀ କର୍ମଚାରୀ ପହଞ୍ଚି ପାଣିରେ ଖୋଜାଖୋଜି ପରେ ତାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା।

### ଫେରାର ଅଭିଯୁକ୍ତ ଗିରଫ

**ଦାରିଙ୍ଗବାଡି,୧୪।୨(ଡି.ଏନ୍.ଏ.):** ଦାରିଙ୍ଗବାଡି ପୋଲିସ ୨୦୦୩ରୁ ଏକ ଚୋରି ମାମଲାରେ ଫେରାରଥିବା ଅଭିଯୁକ୍ତକୁ ଗିରଫ କରିଛି। ସେ ହେଲେ ସୋନପୁର ପଞ୍ଚାୟତ ଗାହାକିଆର ମଶା ପ୍ରଧାନ ବୋଲି ପୋଲିସ କହିଛି। ସେହିଭଳି ଖଗେଶ୍ୱର ପ୍ରଧାନ ମଧ ଏକ ଚୋରି ମାମଲାରେ ଗତ ୨୦୧୭ରୁ ଫେରାର ଥିଲେ ତାଙ୍କୁ ମଧ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

# ମାତୃପିତୃ ପୂଜନ ଉତ୍ସବ ପାଳିତ


ଛାତ୍ରୀଛାତ୍ରମାନେ ମାତୃପିତୃ ପୂଜନ କରୁଛନ୍ତି ।

**ଗଣିଆ,୧୪।୨(ଡି.ଏନ.ଏ.)**

ଗଣିଆସ୍ଥିତ ସରସ୍ୱତୀ ଶିଶୁମନ୍ଦିର ପରିସରରେ ଶୁକ୍ରବାର ମାତୃପିତୃ ପୂଜନ ଉତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ ଶିଶୁମନ୍ଦିରର କୁନି କୁନି ପିଲାମାନେ ଫୁଲଚନ୍ଦନ, ଧୂପଦୀପ ଦେଇ ମାତାପିତାଙ୍କୁ ପୂଜାର୍ଚ୍ଚନା ଓ ବନ୍ଦାପନା କରିଥିଲେ । ଉତ୍ତମ ଶିକ୍ଷାଲାଭ କରିବା ସହ ପିଲାମାନେ କିଭଳି ସଦାଚାର, ନମ୍ର, ଭଦ୍ର ସ୍ୱଭାବ ସହ ଉତ୍ତମ ଚରିତ୍ର ଗଠନ କରିପାରିବେ ତାହା ଏହି ଉତ୍ସବ ପାଳନର ମୂଳଲକ୍ଷ୍ୟ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛାତ୍ରାଭିଭାବକ ମାନସ ରଞ୍ଜନ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେବା ସହ ପ୍ରଧାନ ଆଚାର୍ଯ୍ୟ ନିରଞ୍ଜନ ମହାପାତ୍ର ଓ ଆଚାର୍ଯ୍ୟ ପ୍ରତିନିଧି ପ୍ରତାପ କୁମାର ବେହେରା, ଶିଶୁମନ୍ଦିରର ସମସ୍ତ ଗୁରୁଜୀ, ଗୁରୁମା ଓ ପରିଚାଳନା କମିଟିର ସଭ୍ୟାସଭ୍ୟଙ୍କ ସମେତ ଶତାଧିକ ଛାତ୍ରାଭିଭାବକ ଯୋଗଦେଇଥିଲେ ।

# ମାସେ ନ ପୂରୁଣୁ ବିଡିଓଙ୍କ ବଦଳି

**ନୂଆଗାଁ ୧୪।୨ (ଡି.ଏନ.ଏ.)**

ନୟାଗଡ ଜିଲା ନୂଆଗାଁ ବ୍ଲକର ବିଡିଓଙ୍କ ବଦଳି ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି । ମାସେ ନ ପୂରୁଣୁ ନୂତନ ଭାବେ ଯୋଗ ଦେଇଥିବା ବିଡିଓଙ୍କର ପୁନର୍ବାର ବଦଳି ହୋଇଛି ।

ପ୍ରକାଶ ଯେ,ଗତ ଜାନୁଆରୀ ୧୪ ତାରିଖରେ ଦଶପଲା ତହସିଲଦାର ପ୍ରମୋଦ କୁମାର ଦଳବେହେରାଙ୍କୁ ବଦଳି କରି ନୂଆଗାଁ ବିଡିଓ ଭାବେ ଦାୟିତ୍ୱ ନେବା ପାଇଁ ସରକାରୀ ନିର୍ଦ୍ଦେଶ ହୋଇଥିଲା । ସେ ୧୭ ତାରିଖରେ ବିନା ଆଦେଶନାମାରେ ବିଡିଓ ଭାବେ ଦାୟିତ୍ୱ ନେବା ପାଇଁ ଆସିଥିଲେ । ଅର୍ଡର ନ ଦେଖାଇଲେ ଦାୟିତ୍ୱ ହସ୍ତାନ୍ତର କରିବେ ନାହିଁ ବୋଲି ନୂଆଗାଁ ବିଡିଓ ଶିରିୟାଲ ଶୁଭ୍ର ପଟେଲ ମନା କରି ଦେବାରେ ତହସିଲଦାର ନିରାଶ ହୋଇ ଫେରିଥିଲେ । ପରେ ୨୧ ତାରିଖରେ ଅର୍ଡର ଆଣି ଆସିବାରେ ଦଳବେହେରା ନୂଆଗାଁ ବିଡିଓ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ଦାୟିତ୍ୱ ଗ୍ରହଣ କରିବାର ଏକ ମାସ ନ ପୁରୁଣୁ ପୁନର୍ବାର ନୂଆଗାଁ ବ୍ଲକରୁ ଗଜପତି ଜିଲା ଡେପୁଟି କଲେକ୍ଟର ଭାବେ ବଦଳି କରାଯାଇଥିବା ବିଡିଓ ପ୍ରକାଶ କରିଛନ୍ତି। ପୂର୍ବରୁ ଗଜପତି ଜିଲାର ଡେପୁଟି କଲେକ୍ଟର ଭାବେ ବଦଳି ହୋଇଥିଲେ ମଧ୍ୟ ସରକାରୀ ନିର୍ଦ୍ଦେଶକୁ ମାନି ନ ଥିବା ବେଳେ ପୁନର୍ବାର ଉକ୍ତ ସ୍ଥାନକୁ ବଦଳି କରାଯାଇଛି । ରାଜନୈତିକ ଆକ୍ରୋଶ ରଖି ମୋତେ ଏପରି କରାଯାଉଛି ଏବଂ ଏଥର ମୁଁ ଗଜପତି ଡେପୁଟି କଲେକ୍ଟର ଭାବେ ଯିବି ବୋଲି ନୂଆଗାଁ ବିଡିଓ ପ୍ରମୋଦ କୁମାର ଦଳବେହେରା କହିଛନ୍ତି।

# ଆଜି ଶେଷହେବ କଣ୍ଟିଲୋ ମାଘମେଳା

**ଖଣ୍ଡପଡା,୧୪।୨(ସ୍ୱ.ପ୍ର.)**

କଣ୍ଟିଲୋ ନୀଳମାଧବ ଜୀଉଙ୍କ ମୁଖ୍ୟ ପର୍ବ ଭାବରେ ପରିଚିତ ଭୈମୀ ଏକାଦଶୀ ମେଳା ବା ମାଘମେଳା ଗତ ୫ ତାରିଖରୁ ଆରମ୍ଭ ହୋଇଥିବା ବେଳେ ଶନିବାର ଆନୁଷ୍ଠାନିକ ଭାବେ ଶେଷ ହେବ। ମାତ୍ର ବିଗତ ଦିନମାନଙ୍କରେ ବର୍ଷା ଓ ପ୍ରତିକୂଳ ପାଗ ମାଘମେଳାକୁ ବିଗାଡି ଦେଇଥିବା ବେଳେ ମେଳାକୁ ଆସିଥିବା ଶତାଧିକ ବ୍ୟବସାୟ ପ୍ରତିଷ୍ଠାନର ବ୍ୟବସାୟ ମାନ୍ଦା ପଡିଥିବାରୁ ସେମାନଙ୍କ ମଧ୍ୟରେ ନୈରାଶ୍ୟ ଭାବ ସୃଷ୍ଟି ହୋଇଥିଲା । ମାତ୍ର ମେଳାରେ ଶୁକ୍ରବାର ବହୁସଂଖ୍ୟାରେ ଲୋକଙ୍କ ଭିଡ ଲାଗିରହିଥିବା ପରିଲକ୍ଷିତ ହୋଇଛି । ଶନିବାର ଆନୁଷ୍ଠାନିକ ଭାବେ ଶେଷ ହେଉଥିଲେ ମଧ୍ୟ ଆଉ ୪/୫ ଦିନ ଧରି ଚାଲିବ ବୋଲି ଜଣାଯାଇଛି। ଏପରି ଭିଡ ଲାଗିବା ଆଶା କରାଯାଉଥିବାରୁ ମେଳାରେ ବ୍ୟବସାୟ ପ୍ରତିଷ୍ଠାନଗୁଡିକ ମଧ୍ୟରେ ସନ୍ତୋଷ ପ୍ରକାଶ ପାଇଛି । ମେଳାରେ ସୁଇଟକର୍ଣ୍ଣ ଦୋକାନରେ ମିଠା ମକା ଖାଇବା ପାଇଁ ପ୍ରବଳ ଭିଡ ହେଉଥିବା ଦୋକାନୀ ପ୍ରକାଶ କରିଥିଲେ । ଧାଡ଼ିକି ଧାଡ଼ି ଦୋକାନ, ପିଲାଙ୍କ ଦୋଳି ଓ ଅପେରା ପାର୍ଟି ମେଳାକୁ ଅଧିକ ଆକର୍ଷଣୀୟ କରିପାରିଛି । ଜନଗହଳିକୁ ଦୃଷ୍ଟିରେ ରଖି ସ୍ଥାନୀୟ ପୋଲିସ ପ୍ରଶାସନ ତଥା ଫାଣ୍ଡି ଅଧିକାରୀ ଜୟ ପ୍ରକାଶ ପରିଡାଙ୍କ ନେତୃତ୍ୱରେ ମେଳା ମଧକୁ କୌଣସି ଯାନବାହନ ପ୍ରବେଶ କରାଇ ନ ଦେବା ସହ ଜନସାଧାରଣ ଶୃଙ୍ଖଳିତ ମେଳା ଉପଭୋଗ ଦିଗରେ ପଦକ୍ଷେପ ଗ୍ରହଣ କରାଯାଇଛି।

# ସାତକୋଶିଆ ଗଣ୍ଡରେ ଛଡ଼ାଗଲା ୨ ଘଡ଼ିଆଳ କୁମ୍ଭୀର


ସାତକୋଶିଆ ଗଣ୍ଡରେ ଛଡ଼ାଯିବାକୁ ଥିବା କୁମ୍ଭୀର ।

**ନୟାଗଡ ଅଫିସ/ଗଣିଆ, ୧୪।୨(ଡି.ଏନ.ଏ.)**

ନନ୍ଦନକାନନରୁ ଆସିଥିବା ଦୁଇ ଘଡିଆଳ କୁମ୍ଭୀରକୁ ଶୁକ୍ରବାର ସାତକୋଶିଆ ଗଣ୍ଡର ସୁନାଖଣିଆ ପାହାଡ ପାଦ ଦେଶରେ ଛଡାଯାଇଛି। କୁମ୍ଭୀର ଛଡାଯିବା ସମୟରେ ସାତକୋଶିଆ ଗଣ୍ଡରେ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡର ଡିଏଫଓ ହର୍ଷବର୍ଦ୍ଧନ ଉଦ୍‌ଗାତା, ଛାମୁଣ୍ଡିଆ ରେଞ୍ଜ ଅଫିସର ଅଶୋକ କୁମାର ଦାସ, ଫରେଷ୍ଟର ଗୋଲଖ ବିହାରୀ ବେହେରା, ବୌଦ୍ଧ ଜିଲାର କୁଶଙ୍ଗ ଓ ଅନୁଗୋଳ ଜିଲା ଟିକରପଡାର ବନକର୍ମଚାରୀ ଉପସ୍ଥିତ ଥିଲେ । ବନ୍ୟପ୍ରାଣୀ ବିଶେଷଜ୍ଞ ଡା. ରାଜେଶ ମହାପାତ୍ର, ପ୍ରାଣୀ ଚିକିତ୍ସକ ଡାକ୍ତର ଗୁପ୍ତା, ଅବସରପ୍ରାପ୍ତ ପ୍ରଫେସର ସୁଦର୍ଶନ ମହାରଣା ମଧ ଉପସ୍ଥିତ ଥିଲେ ।

ପ୍ରକାଶଥାଉ କି, ପୂର୍ବରୁ ସାତକୋଶିଆ ଗଣ୍ଡରେ ଗୋମୁହାଁ ଓ ମଗର ପ୍ରଜାତିର କୁମ୍ଭୀର ଦେଖାଯାଉଛନ୍ତି। ତେବେ ଘଡିଆଳ କୁମ୍ଭୀର ସଂଖ୍ୟା ବୃଦ୍ଧି ପାଇବା ଲାଗି ଗତ କିଛିବର୍ଷ ତଳେ ୫ଟି କୁମ୍ଭୀର ଛଡା ଯାଇଥିଲା ।

# ୭ଦଫା ଦାବି ନେଇ ଉପଜିଲାପାଳଙ୍କୁ ଭେଟିଲେ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା

**ନୟାଗଡ ଅଫିସ,୧୪।୨**

ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କର ୭ ଦଫା ଦାବି ପୂରଣ ନେଇ ଅଙ୍ଗନୱାଡି କର୍ମୀ ଓ ସହାୟିକାମାନେ ଅଲ୍ ଓଡିଶା ଅଙ୍ଗନୱାଡି କର୍ମୀ ଓ ସହାୟିକା ସାମ୍ମୁଖ୍ୟ ଜିଲା କମିଟି ନେତୃତ୍ୱରେ ଶୁକ୍ରବାର ଉପଜିଲାପାଳଙ୍କୁ ଭେଟିଥିଲେ । ଅଙ୍ଗନୱାଡି କର୍ମୀମାନଙ୍କୁ ବାର୍ଷିକ ଟିଏ ଡିଏ ୧୨ ବଦଳରେ ୨୪ଟି ଦେବା, ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କୁ ଖାଦ୍ୟ ସୁରକ୍ଷାରେ ସାମିଲ କରି ରାଶନ କାର୍ଡ ଦିଆଯିବା, ଅତିରିକ୍ତ କାର୍ଯ୍ୟ ଦେବା ପୂର୍ବରୁ ସେମାନଙ୍କୁ ସମୟ ଦେଇ କାର୍ଯ୍ୟ ନିର୍ଘଣ୍ଟ କରାଯିବା, କାର୍ଯ୍ୟରତ ଉପରିସ୍ଥ ଅଧିକାରୀଙ୍କୁ ୩ବର୍ଷରେ ପରିବର୍ତ୍ତନ କରାଯିବା, ପ୍ରତି ମାସରେ ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କ ପାରିଶ୍ରମିକ ଦିଆଯିବା ପ୍ରଭୃତି ଦାବି କରିଥିଲେ।


ଉପଜିଲାପାଳଙ୍କ ନିକଟରେ ଅଭିଯୋଗ କରୁଛନ୍ତି ଅଙ୍ଗନୱାଡ଼ି କର୍ମୀମାନେ।

# ନୟାଗଡ଼ ମାଓବାଦୀ ଆକ୍ରମଣକୁ ୧୨ ବର୍ଷ

**ନୟାଗଡ ଅଫିସ,୧୪।୨**

ନୟାଗଡ ଜିଲାରେ ମାଓବାଦୀଙ୍କ ଆକ୍ରମଣ ଶନିବାର ୧୫ ତାରିଖକୁ ୧୨ ବର୍ଷ ପୂରିବ । ଭୁବନେଶ୍ୱରର କାନ୍ଧ କୁହାଯାଉଥିବା ନୟାଗଡ଼ ଜିଲାରେ ୨୦୦୮ ଫେବୃୟାରୀ ୧୫ରେ ସଶସ୍ତ୍ର ମାଓବାଦୀ ଆକ୍ରମଣ କରି ତାଣ୍ଡବ ରଚିଥିଲେ । ଏଥିରେ ୧୫ ପୋଲିସଙ୍କ ସହ ଜଣେ ସାଧାରଣ ବ୍ୟକ୍ତିର ଜୀବନ ଚାଲିଯାଇଥିଲା। ମାଓବାଦୀଙ୍କ ଏହି ଆକ୍ରମଣ ସରକାର ଓ ପ୍ରଶାସନକୁ ଦୋହଲାଇ ଦେଇଥିଲା ।

### ଅଭୁଲା ରହିଛି ଦୁଃଖଦ ସ୍ମୃତି

ନୟାଗଡର ରିଜର୍ଭ ଅଫିସ, ପିଟିଏସ୍, ନୟାଗଡ଼ ଥାନା, ମହିପୁର ଫାଣ୍ଡି, ନୂଆଗାଁ ଥାନା ଉପରେ ମାଓବାଦୀ ଆକ୍ରମଣ କରିଥିଲେ । ସେହିଭଳି ଦଶପଲ୍ଲା ଥାନା ପୋଡ଼ି, ନଡ଼ିଆ ଟ୍ରକ୍ ଅପହରଣ ଓ ଆଇଆଇସିଙ୍କ ଘର ପୋଡ଼ି ଦେଇଥିଲେ । ମାଓବାଦୀମାନେ ରିଜର୍ଭ ଅଫିସ ଓ ପୋଲିସ ଟ୍ରେନିଂ ସ୍କୁଲ ଆର୍ମୋରୀରୁ ୫୦ ହଜାରରୁ ଉର୍ଦ୍ଧ୍ୱ ଜୀବନ୍ତ ଗୁଳି, ୩ ହଜାରରୁ ଉର୍ଦ୍ଧ୍ୱ ଗ୍ରେନେଡ୍, ୩୬ ଜୀବନ୍ତ ବୋମା, ଏକେ ୪୭ ଶକ୍ତିଶାଳୀ ବନ୍ଧୁକ ଅବାଧରେ ଲୁଟି ନେଇଥିଲେ। ଗୋଟିଏ ଘରୋଇ ବସ୍ ଓ ଏକ ମିନିଟ୍ରକ୍‌ରେ ଏସବୁ ବୋଝେଇ କରି ନେଇଥିଲେ। ଏଗୁଡିକ ନେବା ପାଇଁ ସେମାନେ ନୟାଗଡ ଆକ୍ରମଣ କରିଥିଲେ ବୋଲି କୁହାଯାଉଛି । ତେବେ ମାଓବାଦୀ ଆକ୍ରମଣର ସେହି ଦୁଃଖଦ ସ୍ମୃତି ଏବେ ବି ନୟାଗଡବାସୀଙ୍କ ମନରେ ଅଭୁଲା ହୋଇରହିଛି ।

### ପ୍ରମାଣ ଅଭାବରୁ ଖସି ଯାଉଛନ୍ତି

ନୟାଗଡ ମାଓବାଦୀ ଆକମ୍ରଣରେ ସମ୍ପୃକ୍ତି ଅଭିଯୋଗରେ ବିଭିନ୍ନ ସମୟରେ ମାଓବାଦୀ ନେତା ସବ୍ୟସାଚୀ ପଣ୍ଡାଙ୍କ ସମେତ ବହୁ ମାଓବାଦୀ ଗିରଫ ହୋଇଛନ୍ତି । କେତେକଙ୍କୁ ରିମାଣ୍ଡରେ ଅଣାଯାଇଥିଲା। ତେବେ ପ୍ରମାଣ ଅଭାବରୁ ପୁନୁ ଓରାମ, କମଳାକାନ୍ତ, ସୁଜାତା, କିଶୋର, ଆଶୁତୋଷ ଓ ରଣଜିତ୍ ପ୍ରମୁଖ ୧୦ରୁ ଉର୍ଦ୍ଧ୍ୱ ଖଲାସ ହୋଇ ସାରିଲେଣି । ମାଓବାଦୀ ନେତା ସବ୍ୟସାଚୀ ପଣ୍ଡା ଜେଲରେ ଅଛନ୍ତି । ଆକ୍ରମଣର ୨ଦିନ ପରେ ପ୍ରଥମେ ଦଶପଲ୍ଲା ଅଞ୍ଚଳରୁ ଶୁଭଙ୍କର ପ୍ରଧାନ ଗିରଫ ହୋଇଥିଲେ । ପରେ ରଣଜିତ୍ ସାଣା, ରବି ଦୁଲାଇ, ଆଶୁତୋଷ ସୋରେନ, କମଳାକାନ୍ତ ସେଠୀ, ସୁଜାତା ଟୁକୁରୁକା, କିଶୋର ଜେନା, ପି.ରାମାରାଓ, ଡୁନା କେଶବ ରାଓ ଓରଫ ଆଜାଦ୍, ପୁନୁ ଓରାମ, ମଞ୍ଜୁଲତା ମୁଦୁଲି, ପ୍ରତାପ କିମ୍ବିକା ଓ ମାଓବାଦୀ ନେତା ସବ୍ୟସାଚୀ ପଣ୍ଡା ପ୍ରମୁଖ ଗିରଫ ହୋଇଥିଲେ। ଏନେଇ ମାଓବାଦୀଙ୍କ ମକଦ୍ଦମା ଲଢୁଥିବା ଆଇନଜୀବୀ ଅମିୟ ପଟ୍ଟନାୟକ କୁହନ୍ତି, କ୍ରାଇମବ୍ରାଞ୍ଚ ଠିକ୍ ପ୍ରମାଣ ଯୋଗାଡ କରି ପାରୁ ନାହିଁ । ସେହିଭଳି ଠିକ୍ ମାର୍ଗରେ ତଦନ୍ତ କରୁ ନ ଥିବା ଅନୁଭବ କରାଯାଉଛି । ଯାହାଦ୍ୱାରା ପ୍ରମାଣ ଅଭାବରୁ ଅନେକ ଅଭିଯୁକ୍ତ ଖଲାସ ହୋଇ ଯାଉଛନ୍ତି ।



ରିଜର୍ଭ ଅଫିସ୍‌ରେ ଥିବା ଶହୀଦଙ୍କ ଫଟୋ।

### ଗୁଜବ ପ୍ରଚାରରେ ସୀମିତ

ନୟାଗଡ ଜିଲାରେ ମାଓବାଦୀ ସକ୍ରିୟ ବୋଲି ବିଭିନ୍ନ ସମୟରେ ପ୍ରଚାର ଚାଲିଛି । ତେବେ ସେପରି କିଛି ଅଘଟଣ ଘଟିବାର ନଜୀର ନାହିଁ । କିଛି ଗଣମାଧ୍ୟମରେ ଏହା ପୃଷ୍ଠା ମଣ୍ଡନ କରୁଥିଲେ ମଧ ଖବରର ସତ୍ୟତା ଉପରେ ପାଠକ ପ୍ରଶ୍ନବାଚୀ ଲଗାଇ ଗୁଜବ ବୋଲି କହୁଛନ୍ତି । ଏଥିରେ କେତେ ସତ୍ୟତା ରହିଛି ତାହା ତଦନ୍ତସାପେକ୍ଷ । କିଛି ଲୋକଙ୍କ ସୂଚନା ଅନୁସାରେ ସବ୍ୟସାଚୀଙ୍କ ଗିରଫ ପରେ ମାଓବାଦୀ ଆଉ ସକ୍ରିୟ ନାହାନ୍ତି । ସେହିଭଳି ମାଓବାଦୀଙ୍କ ଆକ୍ରମଣ ପରେ ନୟାଗଡରେ ଅନେକ ପରିବର୍ତ୍ତନ ହୋଇଛି । ଏସ୍‌ପି ଦିଲୀପ ସାହାଣି କୁହନ୍ତି, ମାଓବାଦୀଙ୍କ ଆକ୍ରମଣର ୧୨ ବର୍ଷ ପୂର୍ତ୍ତି ହେଉଛି । ଏହିଦିନ ଯେପରି କିଛି ଅସୁବିଧା ନ ହୁଏ ସେଥିପ୍ରତି ନଜର ରଖାଯାଇଛି। ହାଇୱେ ପାଟ୍ରୋଲିଂ କରାଯିବ । ବର୍ଡର ପୋଲିସ ଥାନା ଓ ଫାଣ୍ଡି ଅଞ୍ଚଳରେ ଚେକିଂ କଡାକଡି କରାଯିବ । ନାଇଟି ବ୍ଲକିଂ କରାଯିବ । ପିଟିଏସ୍‌ରେ ଶନିବାର ଶହୀଦ ଦିବସ ପାଳନ କରାଯାଇ ଶହୀଦ୍‌ଙ୍କ ସ୍ମୃତିଚାରଣ କରାଯିବ ।